# ଉତ୍କଳ ପ୍ରସଙ୍ଗ



No. 10
...e No. C. R. N. P. 5--Licensed to post without Pre-Payment
...ଶକାବ୍ଦ ୪୩ ଖଣ୍ଡ ୧୦ମ ସଂଖ୍ୟା ମଇ ୧୯୮୭










Printed at Orissa Government Press, Cuttack-10



ସ୍ନାନ ବେଦୀରେ ତିନି ଠାକୁର

ନାଗା ନୃତ୍ୟ ଓ ବେଶ



# ଉତ୍କଳ ପ୍ରସଙ୍ଗ

ଜ୍ୟେଷ୍ଠ ୧୯୦୮ ଶକାବ୍ଦ ୪୩ ଭାଗ ୧୧ଶ ସଂଖ୍ୟା ଜୁନ୍ ୧୯୮୬

● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଫଣୀ ଭୂଷଣ ଦାସ

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

●

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● ପ୍ରଚ୍ଛଦପଟ
ଶ୍ରୀ ଆଶୁତୋଷ ସିହ୍ନା

● ଶୀର୍ଷକ ଅଳଂକରଣ
ଶ୍ରୀ ବଳଦେବ ମହାରଥୀ

ପ୍ରକାଶକ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୨୦.୦୦

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ


ପ୍ରତି ଖଣ୍ଡ : ୨ ୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିସବୁ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀପତ୍ର


| | | |
|---|---|---|
| ଶ୍ରୀଜଗନ୍ନାଥ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ଜୟ ଜୟ ଜଗନ୍ନାଥ (ସଂସ୍କୃତ କବିତା) .. | ଶ୍ରୀ ହରେକୃଷ୍ଣ ଶତପଥୀ .. | ୪ |
| ଜୟ ଜଗଦୀଶ ହରେ | ଶ୍ରୀ ରାଧା ମୋହନ ଗଡ଼ନାୟକ .. | ୫ |
| ମହାପ୍ରଭୁଙ୍କ ଡ଼ୋରି .. | ସ୍ୱାମୀ ଚିଦାନନ୍ଦ .. | ୭ |
| ମା ବଦ କୈତବ ବାଦନ୍ .. | ଶ୍ରୀ ଚନ୍ଦ୍ରଶେଖର ରଥ .. | ୯ |
| ଅର୍ଦ୍ଧାସନୀ ବା ମାଉସୀମା .. | ଶ୍ରୀ ସଦାଶିବ ରଥ ଶର୍ମା .. | ୧୧ |
| ରହସ୍ୟାବୃତ ଶ୍ରୀଜଗନ୍ନାଥ .. | ଶ୍ରୀ ରଜତ କୁମାର କର .. | ୧୪ |
| ଶ୍ରୀଜଗନ୍ନାଥ ସଂସ୍କୃତି ମହାନ୍ ଜାତୀୟ ସଂସ୍କୃତି .. | ଡଃ ଅମୂଲ୍ୟ ମହାପାତ୍ର .. | ୧୭ |
| ସମାଜ ଓ ସଦାଚାର .. | ଅଧ୍ୟାପକ ଶତ୍ରୁଘ୍ନ ନାଥ .. | ୧୯ |
| ଶ୍ରୀଜଗନ୍ନାଥ ଜଗତେ ଜଣେ .. | ଶ୍ରୀ ଲକ୍ଷ୍ମୀଧର ନାୟକ .. | ୨୨ |
| ପଞ୍ଚତୀର୍ଥ .. | ଶ୍ରୀ ଚୈତନ୍ୟ ଚରଣ ଦାସ .. | ୨୩ |
| ଦୟିତାପତି .. | ଶ୍ରୀ ପୀତାମ୍ବର ପ୍ରଧାନୀ .. | ୨୭ |
| ବେଢ଼ି ମହାବୀର .. | ଶ୍ରୀ ଅନାଦି ସାହୁ .. | ୩୦ |
| ସାତ ବର୍ଷର କାହାଣୀ .. | ଶ୍ରୀ ଲଲାଟେନ୍ଦୁ ପରିଜା .. | ୩୩ |
| ସଫଳ କାହାଣୀ .. | .. | ୪୧ |
| ଶହେ ବର୍ଷ ପୂର୍ବେ ପୁରୀର ରଥଯାତ୍ରା .. | ଡ଼ଃ ଜଗନ୍ନାଥ ପଟ୍ଟନାୟକ .. | ୪୯ |
| ପରଂବ୍ରହ୍ମ ଜଗନ୍ନାଥ .. | ଡ଼ଃ ଦୋଳଗୋବିନ୍ଦ ଶାସ୍ତ୍ରୀ .. | ୫୩ |
| ମାଉସୀମା ଚରିତର ଅପ୍ରକାଶିତ ପ୍ରସଙ୍ଗ .. | ଶ୍ରୀ ବିଚିତ୍ରାନନ୍ଦ ପାଇକରାୟ .. | ୫୫ |
| ରାମକୃଷ୍ଣଦେବଙ୍କର ରଥୋତ୍ସବ ଦର୍ଶନ .. | ଶ୍ରୀ ଦେବେନ୍ଦ୍ରନାଥ ମହାପାତ୍ର .. | ୬୬ |
| ଜନକପ୍ରିୟ ଗୌର ଚନ୍ଦ୍ରମା .. | ଶ୍ରୀ ରଘୁନାଥ ପାତ୍ର .. | ୭୦ |
| ଆଦି ବନବାସୀ ଦେବତା ଏବଂ ଗାୟତ୍ରୀ .. | ଶ୍ରୀ ଭବାନୀ ଶଙ୍କର ପଣ୍ଡା .. | ୭୯ |
| ଡାଳିଆଏ ଜଗନ୍ନାଥ .. | ଶ୍ରୀ ସନ୍ତୋଷ ତ୍ରିପାଠି .. | ୮୭ |
| ରୋଗ ନିରାକରଣରେ ପ୍ରାର୍ଥନା .. | ଶ୍ରୀ ଲକ୍ଷ୍ମୀନାରାୟଣ ରାଉତରାୟ .. | ୯୨ |
| ଭାରତୀୟ ସଂସ୍କୃତିର ପ୍ରାଣପୁରୁଷ ଜଗନ୍ନାଥ .. | ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ .. | ୯୭ |
| କଳିଯୁଗର ସାର ହରିନାମ ସଂକୀର୍ତ୍ତନ .. | କୁମାରୀ ସସ୍ମିତା ରାଜଗୁରୁ .. | ୯୯ |
| ଚିର ତୃ ଦିଅ ନୀଳଗିରିବାସୀଙ୍କି .. | ଶ୍ରୀ ମୁରାରୀ ଜେନା .. | ୧୦୧ |
| ମାୟା ମଣ୍ଡଳର ପ୍ରତୀକ ଶ୍ରୀଜଗନ୍ନାଥ .. | ଶ୍ରୀ ସୋମନାଥ ଖୁଣ୍ଟିଆ .. | ୧୦୪ |
| ରାଘବ ଦାସ ମଠ ଓ ଶ୍ରୀଜଗନ୍ନାଥ .. | ଜୟନ୍ତୀ ମିଶ୍ର .. | ୧୧୧ |
| ପ୍ରକୃତି ପ୍ରସଙ୍ଗ .. | .. | ୧୧୩ |
| ସଙ୍କଟ କାଳରେ ସାଗର .. | ଡ଼ଃ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ | ୧୧୯ |




ଧର୍ମସ୍ୟ ମୂଳଂ ଦର୍ଶନସ୍ୟ ତତ୍ତ୍ୱମ୍
ସୂକ୍ଷ୍ମାତିସୂକ୍ଷ୍ମଂ ଚ ଯଥେଚ୍ଛ ରୂପିଣମ୍ ।
ଯେନ ବଦ୍ଧଂ ଭାରତବର୍ଷ ମେତତ୍
ପ୍ରେମ୍ଣା ବନ୍ଦେ ତଂ ନୀଳକନ୍ଦରେଶ୍ୱରମ୍ ॥

ଜାନକୀ ବଲ୍ଲଭ ପଟ୍ଟନାୟକ

ଯିଏ ସମସ୍ତ ଧର୍ମର ମୂଳ ଏବଂ ସମସ୍ତ ଦର୍ଶନର ତତ୍ତ୍ୱ, ଯିଏ ସୂକ୍ଷ୍ମାତିସୂକ୍ଷ୍ମ ଏବଂ ନିଜ ଇଚ୍ଛାରେ ବିଭିନ୍ନ ରୂପ ଧାରଣ କରନ୍ତି; ଯିଏ ସମଗ୍ର ଭାରତବର୍ଷକୁ ଅତ୍ୟନ୍ତ ସ୍ନେହରେ ବାନ୍ଧି ରଖିଛନ୍ତି; ସେହି ନୀଳକନ୍ଦର ଅଧୀଶ୍ୱର ଭଗବାନ୍ ଜଗନ୍ନାଥଙ୍କୁ ମୁଁ ଭକ୍ତିରେ ପ୍ରଣାମ କରୁଛି ।

# ନୂଆ ଜଗନ୍ନାଥ ସଡ଼କ




ଶ୍ରୀକ୍ଷେତ୍ରରୁ ବାହାରି ଏଇ ସଡ଼କଟି ଶୈବକ୍ଷେତ୍ର ସରଣକୂଳ ଲଡୁବାବା ଓ ଓଡ଼ଗାଁ ରଘୁନାଥ ମନ୍ଦିର ସହ ସଂଯୋଗ କରୁଅଛି । ବୀରନରସିଂହପୁର, ନିରାକାରପୁର ଏବଂ ରାମେଶ୍ୱର, ଜଙ୍କିଆ, ସିକୋ, ରଣପୁର, ଦର୍ପନାରାୟଣପୁର ଦେଇ ସରଣକୂଳ ଯାଏ ଯାଉଥିବା ଏହି ସଡ଼କଟିର ଦୈର୍ଘ୍ୟ ୯୭ କି.ମି. ହେବ । ଏହି ରାସ୍ତା ନିର୍ମାଣ ଫଳରେ ଦକ୍ଷିଣ ଓଡ଼ିଶା, ଯଥା–ଗଞ୍ଜାମ, ଫୁଲବାଣୀ, କୋରପୁଟଠାରୁ ପୁରୀ ୩୦ କି.ମି. କମିଯିବ । ପଶ୍ଚିମ ଓଡ଼ିଶା ବେଲାଙ୍ଗିର, କଳାହାଣ୍ଡି ଓ ସମ୍ବଲପୁରଠାରୁ ପୁରୀର ଦୂରତ୍ୱ ମଧ୍ୟ ଏହି ରାସ୍ତା ନିର୍ମାଣ ଦ୍ୱାରା କମିଯିବ । କଣାସ, ଟାଙ୍ଗୀ ଓ ସଦର ପଞ୍ଚାୟତ ସମିତିର ପ୍ରାୟ ୨୦୦ଟି ଗ୍ରାମର ପ୍ରାୟ ଦେଢ଼ ଲକ୍ଷ ଲୋକ ଏହି ରାସ୍ତା ନିର୍ମାଣ ଫଳରେ ସବୁଦିନିଆ ରାସ୍ତା ପାଇ ଉପକୃତ ହେବେ । ଏହି ରାସ୍ତାରେ ୪ଟି ବଡ ନଦୀ ଲୁଣା, ଦୟା, ମକରା ଓ ମନ୍ଦାକିନୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆ ଯାଇଅଛି । ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟ ଅଟକଳ କରା ଯାଇଅଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।

# ମୋ ଦୃଷ୍ଟିରେ ....

ଓଡ଼ିଶା ଜନଜୀବନର ସବୁଠାରୁ ପ୍ରଧାନ ପର୍ବ ରଥଯାତ୍ରା ଉପଲକ୍ଷେ 'ଉତ୍କଳ ପ୍ରସଙ୍ଗ' ତାର ଏଇ ବିଶେଷାଙ୍କ ଜରିଆରେ ସମସ୍ତ ପାଠକ ପାଠିକାଙ୍କୁ ସବିନୟ ସାଦର ସମ୍ଭାଷଣ ଜଣାଉଛି ।

ସାତବର୍ଷ ତଳେ ଏଇ ଜୁନ୍ ମାସରେ ଓଡ଼ିଶା ରାଜନୀତି କ୍ଷେତ୍ରରେ ଏକ ଅଭିନବ ରଥଯାତ୍ରା ଆରମ୍ଭ ହୋଇଥିଲା । ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସ (ଇ) ଦଳ ରାଜ୍ୟ ଶାସନ ଭାର ଗ୍ରହଣ କରିଥିଲେ । ଦୀର୍ଘ ସାତବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବରେ ଓଡ଼ିଶା ଶାସନଭାର ବହନ କରିବାରେ ଶ୍ରୀ ପଟ୍ଟନାୟକ ପ୍ରଥମ ଓ ଏକମାତ୍ର । ଏହି ସାତବର୍ଷ ଭିତରେ ଏକ ସାଧାରଣ ନିର୍ବାଚନ ହୋଇଯାଇଛି ଏବଂ ସରକାରଙ୍କ ବିକାଶୋନ୍ମୁଖୀ ଜନପ୍ରିୟତା ପ୍ରମାଣିତ ହୋଇଛି । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପଥରେ ଏହି ଗୌରବୋଜ୍ଜ୍ୱଳ ସାତବର୍ଷ ଏକ କ୍ରାନ୍ତିକାରୀ ଅଧ୍ୟାୟ । ତାର ସ୍ମରଣ ଏ ବିଶେଷାଙ୍କର ଅନ୍ୟ ଏକ ଆନନ୍ଦମୟ ଆକର୍ଷଣ । କାଳ ବକ୍ଷରେ ସାତୋଟି ବର୍ଷ ନଗଣ୍ୟ ହେଲେ ମଧ୍ୟ ଏ ସାତ ବର୍ଷ ଓଡ଼ିଶାକୁ ସମୃଦ୍ଧ ଓ ଉନ୍ନତିମନ୍ତ କରିବା ଦିଗରେ ଏକ ନୂତନ ପଦକ୍ଷେପ । କୃଷିଭିତ୍ତିକ ଅର୍ଥନୀତିକୁ ଶିଳ୍ପ ଭିତ୍ତିକ କରି ଗଢି ତୋଳିବା ନିମନ୍ତେ ଶ୍ରୀ ଜାନକୀ ବଲ୍ଲଭ ପଟନାୟକଙ୍କ ସରକାର ଯେଉଁ ଅଦମ୍ୟ ଓ ଅବର୍ଣ୍ଣନୀୟ ଉତ୍ସାହ ସହିତ କାର୍ଯ୍ୟ କରି ଚାଲିଛନ୍ତି ତାର ପଟାନ୍ତର ନାହିଁ । ଏ ସବୁ ପଛରେ ଜଗନ୍ନାଥଙ୍କର ଆଶୀର୍ବାଦ ନିଶ୍ଚୟ ରହିଛି ଓ ଭବିଷ୍ୟତରେ ମଧ୍ୟ ରହିଥିବ ।

ରଥଯାତ୍ରା ସଂପୂର୍ଣ୍ଣ ଭାବରେ ଜଗନ୍ନାଥଙ୍କର । ଜଗନ୍ନାଥ ମଧ୍ୟ ସଂପୂର୍ଣ୍ଣ ଭାବରେ ଆମର । ସେ ଆମ ଘରର ମୁରବୀ ତେଣୁ ଘରେ ଯାହା ମାଙ୍ଗଳିକ କର୍ମ ହୁଏ ଓଡ଼ିଆମାନେ ପ୍ରଥମେ ଜଗନ୍ନାଥଙ୍କୁ ଗୁଆ ଚଢାଇ ନିମନ୍ତ୍ରଣ କରନ୍ତି; ତାଙ୍କର ଆଶିଷ କାମନା କରନ୍ତି । ଜଗନ୍ନାଥ ରାଜରାଜେଶ୍ୱର ହୋଇ ମଧ୍ୟ ଦରିଦ୍ର କୃଷକ ପରି ପ୍ରତିଦିନ କଂସାଏ ପଖାଳ ଖାଇବାକୁ ଭୁଲନ୍ତି ନାହିଁ । କରିଆଗାମୁଛା ଖଣ୍ଡେ ପିନ୍ଧି ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ନିତିଦିନିଆ ଜୀବନ ଯାପନ କରିବା ବେଳେ ସାମ୍ୟବାଦର ପ୍ରକୃଷ୍ଟ ଉଦାହରଣ ହୋଇ ସେ ରତ୍ନ ସିଂହାସନରେ ବସି ଖାଁଠିଏ ପଭଟି ଭୋଗ ଲାଗି ହୁଅନ୍ତି, ତିନି ଧୂପ ଓ ପାଞ୍ଚ ଅବକାଶରେ ଛପନ ପ୍ରକାର ଭୋଗ ଖାଇ ଥାଆନ୍ତି । ତାଙ୍କର

ସାମ୍ୟବାଦ ସେତିକିରେ ସରିଯାଇ ନାହିଁ । ଏଇ ରଥଯାତ୍ରା ଦିନ ସେବକମାନଙ୍କ ଟଣାଓଟରା ସହି, ଅଶ୍ରୁରେ ବଳଭଦ୍ରି ଜାଣି ସେ ଓହ୍ଲାଇ ପଡ଼ନ୍ତି ଧୂଳି ଧୂସରିତ ବଡ଼ ଦାଣ୍ଡକୁ– ଜାତି ବର୍ଣ୍ଣ ନିର୍ବିଶେଷରେ ଆବ୍ରାହ୍ମଣଚଣ୍ଡାଳର କର ସ୍ପର୍ଶ ଲାଭ କରିବାକୁ, ଦଣ୍ଡାଡ଼ୋଳାରେ ନିଜର ଶାସିତ ବ୍ୟକ୍ତିଙ୍କର ଅତି ନିକଟତର ହୋଇ ଦୁଃଖ ଦେଖିବାକୁ; ସାଙ୍ଗରେ ନେଇ ଯାଆନ୍ତି ବଡ଼ଭାଇ ବଳଭଦ୍ରଙ୍କୁ ଓ ଭଉଣୀ ସୁଭଦ୍ରାଙ୍କୁ ଜନସମାଜର ଅନ୍ତର ମଧ୍ୟକୁ ଉଭୟ ପାର୍ଥିବ ଓ ତାତ୍ତ୍ୱିକ ଭାବରେ । ସେହି ଜଗନ୍ନାଥଙ୍କର ଆଜି ଏହି ଶୁଭ ବିଜୟ ଓଡ଼ିଶା ନିମନ୍ତେ, ଭାରତ ନିମନ୍ତେ ତଥା ସମଗ୍ର ମାନବ ଜାତି ନିମନ୍ତେ କଲ୍ୟାଣମୟ ହେଉ ।

ଏହି ସଂଖ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଶ୍ରୀଜଗନ୍ନାଥଙ୍କୁ ଭାରତୀୟ ସଂସ୍କୃତିର ପ୍ରତୀକ ରୂପେ ବର୍ଣ୍ଣନା କରି ପ୍ରବନ୍ଧ ଲେଖିଛନ୍ତି ଏବଂ ଆମେ ଆମର ପାଠକମାନଙ୍କର ଦୃଷ୍ଟି ସେଥିପ୍ରତି ଆକର୍ଷଣ କରୁଛୁ ।

ଓଡ଼ିଶାର ମୁଖ୍ୟ ସଚିବ ଓ ଉନ୍ନୟନ କମିଶନର ଶ୍ରୀ ଲଲାଟେନ୍ଦୁ ପରିଡ଼ା ଏହି ସଂଖ୍ୟାରେ 'ସାତ ବର୍ଷର କାହାଣୀ' ଶୀର୍ଷକ ଏକ ସୁଚିନ୍ତିତ ସମୀକ୍ଷା ଲେଖି ବିଗତ ସାତ ବର୍ଷରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ହୋଇଥିବା ସରକାରଙ୍କର ସଫଳତାର ସଫଳ ବିବରଣୀ ଦେଇଛନ୍ତି । ସମାଜର ଅଭିବୃଦ୍ଧି ଓ ପରିବର୍ତ୍ତନ ନିମନ୍ତେ ଓଡ଼ିଶା ସରକାର କେଉଁଭଳି ଅକଥନୀୟ ବାଧାବିଘ୍ନ ବିରୁଦ୍ଧରେ ଅବିରତ ସଂଗ୍ରାମ ଚଳାଇ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅବିରତ ଉଦ୍ୟମ କରୁଛନ୍ତି ତାର ଏହି ତଥ୍ୟଭିତ୍ତିକ ବିଶ୍ଳେଷଣ ପ୍ରତି ଆମେ ଆମର ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ଆମର ପରମ ସୌଭାଗ୍ୟ ଯେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ସ୍ୱ-ଅନୁଭୂତି ଭିତ୍ତିରେ "ମହାପ୍ରଭୁଙ୍କ ଡୋରି" ଆମେ ପ୍ରକାଶ କରୁଛୁ । ଭକ୍ତଙ୍କ ପ୍ରାଣକୁ ସ୍ପର୍ଶ କରୁଥିବା ଏହି ଲେଖାଟିର ଭାବିକ ଚିନ୍ତାଧାରା ପ୍ରତି ଆମେ ପାଠକଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁଛୁ ।

ଆଉ ଥରେ, ଏହି ଶୁଭ ଅବସରରେ, "ଉତ୍କଳ ପ୍ରସଙ୍ଗ" ର ଅସଂଖ୍ୟ ପାଠକ ପାଠିକାଙ୍କ ନିମନ୍ତେ ଅଶେଷ କଲ୍ୟାଣମୟ କରୁଣାନିଧି କୃପାବାରିଧିଙ୍କ ଅଜସ୍ର ଆଶୀର୍ବାଦ କାମନା କରୁଛି ।

ଭାରତେ ଚୋତ୍କଳେ ଦେଶେ
ଭୂସ୍ୱର୍ଗ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ
ଭକ୍ତାନାମଭୟ ପ୍ରଦଃ ।

"ରୁଦ୍ର ଯାମଳ"













# ରଥ ନିର୍ମାଣ







# ଭାରତୀୟ ସଂସ୍କୃତିର ପ୍ରତୀକ ଶ୍ରୀଜଗନ୍ନାଥ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ହଜାର ହଜାର ବର୍ଷଧରି ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଯେଉଁ ଧର୍ମ ଗଢି ଉଠିଛି, ପୃଥିବୀରେ ତାର ପଟାନ୍ତର ନାହିଁ । ଉଦାରତାରେ ତାହା ସମସ୍ତ ଧର୍ମକୁ ଆପଣାର କରି, 'ବସୁଧୈବ କୁଟୁମ୍ବକମ' ନୀତିର ଯଥାର୍ଥତା ପ୍ରତିପାଦନ କରିଛି । ଆଦିମକାଳରୁ ଏ ଭାରତବର୍ଷରେ ଯେତେ ଧର୍ମ, ଯେତେ ସଭ୍ୟତା ଶିର ଉତ୍ତୋଳନ କରିଛି, ସବୁ ଜଗନ୍ନାଥଙ୍କ ଦେହରେ ଲୀନ ହୋଇଯାଇଛି । ଶବରର ଦେବତାହୋଇ ଜଗନ୍ନାଥ ଆର୍ଯ୍ୟ ସଂସ୍କୃତି କହିଲେ ଯାହା ବୁଝାଏ, ବୌଦ୍ଧ, ଜୈନ, ଶୈବ, ଶାକ୍ତ ବୈଷ୍ଣବ—ଏପରିକି ଶିଖ ଓ ମୁସଲମାନ ସମସ୍ତଙ୍କର ଦେବତା ରୂପେ ପୂଜିତ ହୋଇଛନ୍ତି ।

## କିମ୍ବଦନ୍ତୀର ଜଗନ୍ନାଥ

ଶବର ରାଜା ବିଶ୍ୱାବସୁଙ୍କର ଉପାସ୍ୟ ଦେବତା ଜଗନ୍ନାଥ, ମାତ୍ର ସେଠାରୁ ତାଙ୍କର ଆରମ୍ଭ ନୁହେଁ । ଏ ବିଶ୍ୱାବସୁ ଥିଲେ ଦ୍ୱାପର ଯୁଗର ଜାରା ଶବର—ସେ ଜାରା ଶବର ପୁଣି ତ୍ରେତାଯୁଗରେ ଅଙ୍ଗଦ, ବାନରରାଜ ବାଳୀଙ୍କର ପୁତ୍ର, ଶ୍ରୀ ରାମଙ୍କର ଭକ୍ତ ଓ ଲଙ୍କାଯୁଦ୍ଧରେ ରାମଚନ୍ଦ୍ରଙ୍କର ଜଣେ ବିଶିଷ୍ଟ ସେନାପତି । ଲଙ୍କାର ଯୁଦ୍ଧ ସରିଗଲା । ପାରିତୋଷିକ ସ୍ୱରୂପ ଶ୍ରୀ ରାମଚନ୍ଦ୍ର ତାଙ୍କର ସେନାପତି ଓ ଅନୁଚରମାନଙ୍କୁ ବରମାଗିବା ପାଇଁ କହିଲେ । ଅଙ୍ଗଦ ମାଗିଲେ, 'ଯଦି ପ୍ରଭୁ ମୋତେ ବର ଦେବା ପାଇଁ କହିଲେ, ତା' ହେଲେ ମୋତେ ଏହି ବର ଦିଅ ଯେ, ମୁଁ ପିତୃହତ୍ୟାର ପ୍ରତିଶୋଧ ନେବି; ଅଥଚ ଆପଣଙ୍କର ଭକ୍ତହୋଇ ରହିଥିବି' । ସେହି ଅଙ୍ଗଦ ଜାରା ଶବର ହୋଇ ଦ୍ୱାରକାର ସମୁଦ୍ର କୂଳରେ ବିଧିର ଅଭିପ୍ରେତକୁ ଯେପରି ଅପେକ୍ଷା କରି ରହିଥିଲେ । ଯଦୁବଂଶର ଧ୍ୱଂସପରେ ଶିଆଳିଲତାର କୋଳରେ ଶ୍ରୀକୃଷ୍ଣ ଶୋଇଛନ୍ତି—ରକ୍ତାଭ ପଦଯୁଗଳ ମୃଗର କାନପରି ଦେଖାଯାଉଛି—ତା'ପରେ ଶବରର ଅବ୍ୟର୍ଥ ଶରରେ ବିଷ୍ଣୁଙ୍କର ଏହି ଶ୍ରେଷ୍ଠ ଅବତାର ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ।

ତାଙ୍କର ଶରୀର ଦଗ୍ଧ ହେଉନାହିଁ । ଶରୀରର ଶେଷ ଦାନ୍ତକୁ ଗଛ ଡାଳରେ ଝୁଲାଇଦେଇ ସମୁଦ୍ରରେ ଦୈବବାଣୀ ଅନୁସାରେ ଭସାଇ ଦିଆଯାଉଛି, ସେ ଯାଇ ଲାଗୁଛି ବହୁକାଳ ପରେ ପୂର୍ବ ବାରିଧିର ଉପକୂଳରେ ଓ ତାକୁନେଇ ବିଶ୍ୱାବସୁ ନୀଳମାଧବ ରୂପରେ ପୂଜା କରୁଛନ୍ତି । ଶବର ଦେବତାଙ୍କୁ ଚୋରି କରିବା ପାଇଁ ଆର୍ଯ୍ୟମାନଙ୍କ ପକ୍ଷରୁ ଚେଷ୍ଟା ହେଉଛି—ଏ ଚେଷ୍ଟାର ପ୍ରତୀକ ହେଲେ ଇନ୍ଦ୍ରଦ୍ୟୁମ୍ନ-ଏ ଇନ୍ଦ୍ରଦ୍ୟୁମ୍ନ ରାଜା କିଏ ? ତାଙ୍କ ନାମ ଇତିହାସରେ ମିଳେ ନାହିଁ—ଜନଶ୍ରୁତି, ସ୍କନ୍ଦ ପୁରାଣ କହନ୍ତି ସେ ମାଳବର ରାଜା; ପ୍ରତ୍ନତତ୍ତ୍ୱବିତ୍‌ମାନେ ବିହାରର ମୁଙ୍ଗେର ପାଖରେ ଏକ ପୁରୁଣା ଗଡ଼ର ପୁନରୁଦ୍ଧାର କରିଛନ୍ତି । ତା'ର ନାମ ଇନ୍ଦ୍ରଦ୍ୟୁମ୍ନ ଗଡ଼; ସେଠାରେ ଇନ୍ଦ୍ରଦ୍ୟୁମ୍ନ ରାଜା ରାଜପଣ କରୁଥିଲେ ବୋଲି କୁହାଯାଏ—କିନ୍ତୁ ସେ ଯେ

ଦୁଅନ୍ତୁ ନା ଆସିଲି, ସେ ନୀଳମାଧବଙ୍କୁ ଖୋଜାଇଲେ ଓ ଭକ୍ତ ବିଦ୍ୟାପତିଙ୍କୁ ପଠାଇଲେ । ବିଦ୍ୟାପତି ବିଶ୍ୱାବସୁଙ୍କୁ ପାଇଲେ ମଧ୍ୟ ନୀଳମାଧବଙ୍କୁ ପାଇଲେ ନାହିଁ । ବିଶ୍ୱାବସୁଙ୍କ କନ୍ୟାର ପ୍ରଣୟ ପାଶରେ ଆବଦ୍ଧ ହୋଇ ଶେଷକୁ ସେ ତାଙ୍କର ସନ୍ଧାନ ପାଇଲେ ।

ଇନ୍ଦ୍ରଦ୍ୟୁମ୍ନ ଶବର ପଲ୍ଲୀକୁ ସସୈନ୍ୟ ଆକ୍ରମଣ କଲେ । ବିଶ୍ୱାବସୁ ପରାସ୍ତ ହେଲେ । ମାତ୍ର ଭଗବାନ ଅନ୍ତର୍ହିତ ହୋଇଗଲେ । ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ନ ଦେଖି ଶୋକ ଚିହ୍ନ ହୋଇ ଏକୋଇଶ ଦିନ କାଳ ଅଧିଆ ପଡ଼ିଲେ । ତା' ପରେ ତାଙ୍କୁ ସ୍ୱପ୍ନାଦେଶ ହେଲ—ଯାଅ, ପୁରୀ-ସମୁଦ୍ରର ବଙ୍କରେ ଯେଉଁ ଦାରୁ ଆସି ଲାଗିଛି, ତାକୁ ଆଣି ମୂର୍ତ୍ତି ଖୋଦନ କର ଏବଂ ପ୍ରତିଷ୍ଠା କରି ପୂଜା କର ।

ମାତ୍ର ଏତିକିରେ ଇନ୍ଦ୍ରଦ୍ୟୁମ୍ନଙ୍କର ପରୀକ୍ଷା ସରି ନାହିଁ । ସେତେ ଲୋକ ଟାଣିଲେ ଦାରୁ ଦେହକୁ ଉଠିଲା ନାହିଁ; ପୁଣି ସ୍ୱପ୍ନ ହେଲ ଭକ୍ତ ବିଶ୍ୱାବସୁ ହାତ ନ ଲଗାଇଲେ ଦାରୁ ଉଠିବ ନାହିଁ । ଜଗନ୍ନାଥ ହେଉଛନ୍ତି ଶବରଙ୍କର ଦେବତା, ସେତେବେଳେ ଆଉ ଏବେ ମଧ୍ୟ ଯେଉଁ ଦଇତାମାନେ ତାଙ୍କର ସେବକ ସେମାନେ ପୁଣି ସେହି ଶବରମାନଙ୍କର ବଂଶଧର । ସ୍ନାନ ପୂର୍ଣ୍ଣିମାରୁ ରଥଯାତ୍ରା ପର୍ଯ୍ୟନ୍ତ ଦିଅଁ ଦଇତାମାନଙ୍କର । ସେଥିରେ ଆଉ କାହାରି ଅଧିକାର ନାହିଁ । ଶବରଙ୍କର ଦେବତାଙ୍କୁ ଆର୍ଯ୍ୟମାନେ ଆଦରି ନେଲେ । ତଥାପି ତାଙ୍କର ସେବା ପୂଜାରେ ତାଙ୍କର ଅଧିକାର ରହିଲା । ଦେବତା ହେଲେ ପତିତ ପାବନ । ଶବର ବିଶ୍ୱାବସୁଙ୍କଠାରୁ ଆରମ୍ଭକରି ଦାସିଆ ବାଉରି ପର୍ଯ୍ୟନ୍ତ ।

## ଇତିହାସର ଜଗନ୍ନାଥ

କିଂବଦନ୍ତୀରେ ଯାହା, ଇତିହାସରେ ମଧ୍ୟ ସେଇଆ । ଶବର-ଦେବତାଙ୍କ ଉପରେ ପଡ଼ିଲା ବୌଦ୍ଧମାନଙ୍କର ପ୍ରଭାବ । ଅଶୋକଙ୍କ ପରେ ଓଡ଼ିଶାରେ ବୌଦ୍ଧଧର୍ମ ପ୍ରତିଷ୍ଠିତ ହେଲା । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପୁଣି କିଏ ? ଏ ରାମ ଲକ୍ଷ୍ମଣ ସୀତା ନୁହନ୍ତି । କାରଣ ସୁଭଦ୍ରା ଭଉଣୀ, ବଳଭଦ୍ର ବଡ଼ଭାଇ । ଏ ତ୍ରିମୂର୍ତ୍ତିଙ୍କର ବୌଦ୍ଧ ଧର୍ମର ତ୍ରିରତ୍ନ ସହିତ ବହୁ ସାମଞ୍ଜସ୍ୟ ଅଛି । ବୁଦ୍ଧ, ଧର୍ମ, ସଂଘ । ଜଗନ୍ନାଥ ହେଉଛନ୍ତି ବୁଦ୍ଧ । 'ନମୋ ତସ୍ମୈଇ ଭଗବତେ ବାସୁଦେବାୟ' । ବୁଦ୍ଧଙ୍କୁ କୁହାଯାଏ, 'ନମୋ ସ୍ତସେ ଭଗବତେ ଅର୍ହତେ ବୁଦ୍ଧ ସମ୍ବୁଦ୍ଧାୟ' । ବଳଭଦ୍ର ହେଉଛନ୍ତି ସଂଘର ପ୍ରତୀକ । ସଂଘକୁ ଚଳାଇବାକୁ ହେଲେ ଜଣେ ବଡ଼ଭାଇ ଦରକାର କି ନା ? ସୁଭଦ୍ରା ହେଉଛନ୍ତି ଧର୍ମର ପ୍ରତୀକ । ସୌଭଦ୍ର ହେଉଛି ବୌଦ୍ଧମାନଙ୍କ ତନ୍ତ୍ରରେ ଧର୍ମ । ତାଙ୍କୁ ନାରୀ ରୂପେ କଳ୍ପନା କରାଯାଇଛି ।—କିନ୍ତୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଏ ତିନିହେଁ ନୁହନ୍ତି—'ଚତୁର୍ଦ୍ଧା' ମୂରତି—ପୁଣି ସୁଦର୍ଶନ ଚକ୍ର ଅଛନ୍ତି । ସେ କାହାର ପ୍ରତୀକ—ଚକ୍ର ହେଉଛନ୍ତି ସବୁ ଧର୍ମର ପ୍ରତୀକ । ବୌଦ୍ଧଧର୍ମରେ ଚକ୍ର ହେଉଛି ସମ୍ପ୍ରଦାୟ ଧର୍ମ ଚକ୍ରର ଅଙ୍ଗ । ବୁଦ୍ଧଦେବ ସାରନାଥରେ ପାଞ୍ଚଜଣ ସନ୍ନ୍ୟାସୀଙ୍କୁ ସେତେବେଳେ ଧର୍ମ ପ୍ରଚାର କଲେ, ତାର ନାମ ହେଲା ଧର୍ମଚକ୍ର ପ୍ରବର୍ତ୍ତନ ସୂତ୍ର । ହିନ୍ଦୁ ଧର୍ମରେ ଚକ୍ର ହେଉଛି ସେଇଆ ତେଣୁ ସେ ମଧ୍ୟ ବିଷ୍ଣୁଙ୍କର ଅସ୍ତ୍ର । ଚକ୍ରର ଆକାର କ'ଣ ? "ଅଖଣ୍ଡ ମଣ୍ଡଳାକାରଂ" । ମଣ୍ଡଳର ଆକାର ପରି ଏହା ଅଖଣ୍ଡ । ଅର୍ଥାତ୍ ଏହାର ଆରମ୍ଭନାହିଁ କି ଶେଷ ନାହିଁ । ତେଣୁ ଏହା ହେଉଛି ଧର୍ମ ସନାତନ । ଧର୍ମର ଆରମ୍ଭ କେବେ, ଶେଷ କେବେ, ତାହା କେହି କହି ପାରିବନାହିଁ । ପୁଣି ବୌଦ୍ଧମାନଙ୍କର ପ୍ରଭାବ ରଥଯାତ୍ରା ଉପରେ ପଡ଼ିଛି । ବୁଦ୍ଧଦେବଙ୍କର ମୂର୍ତ୍ତିକୁ, ତାଙ୍କର ଦନ୍ତକୁ ରଥରେ ବସାଇ ନଗର ପ୍ରଦକ୍ଷିଣ କରିବାର ପ୍ରଥା ଚୀନ ପରିବ୍ରାଜକ ଫାଇଏନ୍‌ଙ୍କ ସମୟରୁ ଅଛି । ଯେଉଁମାନେ କହନ୍ତି ବେଦରେ ରଥ ଶବ୍ଦ 'ଇନ୍ଦ୍ର ରଥ' ଅଛି । ଗୀତାରେ ଅଛି—'ଆତ୍ମାନଂ ରଥୀନଂ ବିଦ୍ଧି,' ଆତ୍ମାକୁ ରଥୀ ଶରୀରକୁ ରଥ ବୋଲି ଭାବ; ତାହା ସହିତ ଦେବତାଙ୍କ ରଥ-ଯାତ୍ରାର ସଂପର୍କ ନାହିଁ । ସେତେବେଳେ ତ ରଥ ଏକ ଯାନ ଥିଲା । ରାଜାମାନେ ରଥରେ ବସି ଯାଉଥିଲେ, ଯୋଦ୍ଧାମାନେ ଯାଉଥିଲେ, କିନ୍ତୁ ଦେବତାଙ୍କ ରଥ-ଯାତ୍ରା କଥା ଆମେ ବୌଦ୍ଧ ଧର୍ମର ଇତିହାସରେ ପଢ଼ୁ ।

## ବୌଦ୍ଧ ଅବତାର

କେବଳ ସେତିକି ନୁହେଁ ବୌଦ୍ଧ ଅବତାର ବୋଲି ଜଗନ୍ନାଥଙ୍କୁ ଗ୍ରହଣ କରାଯାଉଛି—ଜଗନ୍ନାଥଙ୍କୁ ଛାଡ଼ିଦେଲେ ହିନ୍ଦୁମାନଙ୍କର କୌଣସି ଦେବତା ନାହାନ୍ତି, ଯେ କି ବୌଦ୍ଧାବତାର ରୂପେ ପୂଜା ପାଉଛନ୍ତି । ଆଜକୁ ହଜାରେ ଏଗାରଶ ବର୍ଷରୁ ଜଗନ୍ନାଥ ବୌଦ୍ଧ ଅବତାର ବୋଲି ଶାସ୍ତ୍ରରୁ ପ୍ରମାଣ ମିଳେ—ନବମ ଶତାବ୍ଦୀରେ ବଙ୍ଗଳାର ଦେବପାଳ ରାଜାଙ୍କ ସମୟରେ ରମାଇ ପଣ୍ଡିତଙ୍କ ଲେଖାରେ ଅଛି—

"ନବମ ମୂର୍ତ୍ତିରେ ହରି ଜଗନ୍ନାଥ ନାମ ଧରି
ନୀଳଧିର ତୀରେ କୈଲ୍ଲ ବାସ ।"

ଆମର ଜଣେ ଶ୍ରେଷ୍ଠ ପ୍ରାଚୀନ କବି ସାରଳା ଦାସ ମହାଭାରତ ସଭା ପର୍ବରେ କହିଲେ—

"ସଂସାର ଜନଙ୍କୁ ସେହି ତାରିବା ନିମନ୍ତେ
ବଉଦ୍ଧ ରୂପରେ ବିଜେ ଅଛି ଜଗନ୍ନାଥେ ।"

ଅର୍ଥାତ୍ ଶବରଙ୍କର ଦିଅଁ ଇତିହାସରେ ବୌଦ୍ଧଙ୍କର ଦିଅଁ ହେଲେ । ତାଙ୍କୁ ହିନ୍ଦୁମାନେ ପୁଣି ନିଜର କରିନେଲେ । ନବମ ଶତାବ୍ଦୀରେ ଆଉରି ଜଣେ ବିଖ୍ୟାତ ଅବତାର ରୂପୀ ମହାନ ଧର୍ମ ପ୍ରଚାରକ ମହାତ୍ମା ଶଙ୍କରାଚାର୍ଯ୍ୟ 'ଜଗନ୍ନାଥ ସ୍ୱାମୀ' ସ୍ତୋତ୍ରରେ ତାଙ୍କୁ ଆପଣାର କରି ନେଲେ ।

ଶଙ୍କରାଚାର୍ଯ୍ୟ ପୁରୀ ଧାମକୁ ହିନ୍ଦୁମାନଙ୍କର ପ୍ରଧାନ ଚାରି ଧାମ ମଧ୍ୟରେ ଅନ୍ୟତମ ବୋଲି ସ୍ଥିର କଲେ ଏବଂ ଏଠାରେ ଗୋବର୍ଦ୍ଧନ ମଠର ସ୍ଥାପନା କଲେ ।

ଶଙ୍କରାଚାର୍ଯ୍ୟଙ୍କ ପରେ ଆସିଲେ ଅନ୍ୟ ଜଣେ ପ୍ରଧାନାଚାର୍ଯ୍ୟ ରାମାନୁଜ । ସେ ଦ୍ୱାଦଶ ଶତାବ୍ଦୀରେ ଚୋଡଗଙ୍ଗଦେବଙ୍କ ରାଜତ୍ୱ କାଳରେ ପୁରୀ ଧାମକୁ ଆସିଥିଲେ ଓ ନିଜର ଧର୍ମମତ ଦ୍ୱାରା ରାଜାଙ୍କୁ ପ୍ରଭାବିତ କରିଥିଲେ । ସ୍ମାର୍ତ୍ତ ବା ସ୍ମୃତି ଶାସ୍ତ୍ର ଅନୁଯାୟୀ ବୈଷ୍ଣବ ମତରେ ଶ୍ରୀ ଜଗନ୍ନାଥଙ୍କର ପୂଜା ବିଧି ବିଧାନ ପାଇଁ ସେ ଉଦ୍ୟମ କରିଥିଲେ ଏବଂ ଆଂଶିକ ସଫଳ ହୋଇଥିଲେ । ବୈଷ୍ଣବ ଧର୍ମ ଓଡ଼ିଶାରେ ପ୍ରତିଷ୍ଠିତ ହେଲା । ଲକ୍ଷ୍ମୀଙ୍କ ମନ୍ଦିର ସେହି ସମୟରେ ନିର୍ମାଣ କରାଯାଇଥିଲା । ତାହା ପୂର୍ବରୁ ଦେଉଳରେ ଲକ୍ଷ୍ମୀଙ୍କର ପୂଜା ନଥିଲା । ଏମାର ମଠ ଏହି ସମୟରେ ପ୍ରତିଷ୍ଠିତ ହେଲା ।

ରାମାନୁଜଙ୍କ ପରେ ମାଧ୍ୱାଚାର୍ଯ୍ୟ ପୁରୀ ଆସିଥିଲେ ଓ ପରେ ତାଙ୍କ ପନ୍ଥୀ ବହୁ ବୈଷ୍ଣବ ଆସି ପୁରୀ ଓ ଓଡ଼ିଶାରେ ତାଙ୍କ ମତବାଦର ପ୍ରଚାର କରିଥିଲେ । ଏହିପରି ଭାବରେ ଶଙ୍କରଙ୍କର ଅଦ୍ୱୈତ, ରାମାନୁଜଙ୍କର ବିଶିଷ୍ଟାଦ୍ୱୈତ ଓ ମାଧ୍ୱଙ୍କର ଦ୍ୱୈତ ମତର ମିଳନ ଏହି ଗୋବର୍ଦ୍ଧନ ପୀଠରେ ହୋଇଥିଲା ।

ଏହାର ପରବର୍ତ୍ତୀ ପ୍ରଧାନ ପ୍ରଚାରକ ହେଉଛନ୍ତି ଶ୍ରୀ ଚୈତନ୍ୟ, ଯେ ହେଉଛନ୍ତି ରାଧାକୃଷ୍ଣ ମଧୁର ଭକ୍ତିର ପ୍ରବର୍ତ୍ତକ । ପୁରୀ ବଡଦାଣ୍ଡରେ ଶ୍ରୀ ଚୈତନ୍ୟ ଓ ତାଙ୍କର ଶିଷ୍ୟମାନେ ଗଡ଼ିଛନ୍ତି—ବଡଦାଣ୍ଡର ଧୂଳି ରଥଯାତ୍ରା ସମୟରେ ଦେହରେ ଲଗାଇଛନ୍ତି । ଚୈତନ୍ୟଙ୍କ ପ୍ରଭାବରେ ରାଜା ପ୍ରତାପରୁଦ୍ର ରାଜକାର୍ଯ୍ୟ ଛାଡି ଖୋଳ କରତାଳ ଧରିଛନ୍ତି । ମଧୁର ଭକ୍ତିର ବନ୍ୟା ଓଡ଼ିଶାକୁ ପ୍ଲାବିତ କରିଛି ।

ତା' ପରେ ଶିଖ ଧର୍ମ ପ୍ରଚାରକ ଓ ପ୍ରବର୍ତ୍ତକ ଶ୍ରୀ ନାନକ ପୁଣି ଏଠାକୁ ଆସିଛନ୍ତି । ବାଉଳିଆବୋଦାସ ଗୁରୁଦ୍ୱାର ନାନକଙ୍କର ସ୍ମୃତିକୁ ବିଜଡିତ କରିଛି । ଶିଖମାନେ ଜଗନ୍ନାଥଙ୍କୁ ତାଙ୍କର ଦେବତା ବୋଲି ଗ୍ରହଣ କରନ୍ତି । ଶେଷ ଶିଖ ରାଜା ରଣଜିତ ସିଂହ କୋହିନୂର ହୀରା ଜଗନ୍ନାଥଙ୍କୁ ଦେଇଥିବା କଥା ହଣ୍ଟର ତାଙ୍କର ଓଡ଼ିଶା ଇତିହାସରେ ଲେଖିଛନ୍ତି । ମାତ୍ର ଏ କୋହିନୂର ହୀରା ଯାହା ଥିଲି ଜଗନ୍ନାଥଙ୍କର ଭଣ୍ଡାର ମଣ୍ଡନ କରିଥାନ୍ତା, ସେ ଭାଗ୍ୟବଶତଃ ଇଂଲଣ୍ଡ ରାଣୀଙ୍କର ମୁକୁଟରେ ସ୍ଥାନ ପାଇଛି ।

ମାତ୍ର ଏତିକିରେ ଏ ଧର୍ମ ସମନ୍ୱୟ ଶେଷ ହେଲା ନାହିଁ । ମୁସଲମାନଙ୍କ ମଧ୍ୟରୁ କବୀର ଓ ସାଲବେଗ ଏବଂ ଯବନ ହରିଦାସ ଶ୍ରୀ ଜଗନ୍ନାଥଙ୍କର କୀର୍ତ୍ତି ଗାଥା ଗାନ କରି ଯାଇଛନ୍ତି । ସାଲବେଗଙ୍କର ଭଜନ–

"ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ" ଓଡ଼ିଶାର ଘରେ ଘରେ ପ୍ରସିଦ୍ଧ । ସାଲବେଗ, ହରିଦାସ, କବୀର ମୁସଲମାନ ହେଲେ ମଧ୍ୟ ସେମାନେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ବୋଲି ମନେ କରୁଥିଲେ । ଓଡ଼ିଶାର ଜଣେ ଗଜପତି ରାଜା ରାମଚନ୍ଦ୍ର ଦେବ ମୁସଲମାନ ହୋଇଥିଲେ । ତାଙ୍କ ପାଇଁ ପତିତ ପାବନ ମୂର୍ତ୍ତି ସିଂହଦ୍ୱାର ପାଖରେ ଦେଉଳ ଆଗରେ ରଖା ଯାଇଥିଲା । ଏହିପରି ଯୁଗେ ଯୁଗେ ଜଗନ୍ନାଥ ଶବର ବୌଦ୍ଧ, ବୈଷ୍ଣବ ଶୈବ, ଗାଣପତ୍ୟ, ଶାକ୍ତ, ଶିଖ, ମୁସଲମାନ ସମସ୍ତଙ୍କର ଦେବତାରୂପେ ପୂଜିତ ହୋଇଛନ୍ତି । ଜଗନ୍ନାଥଙ୍କ ଠାରେ ସବୁ ଧର୍ମର ସମନ୍ୱୟ ଘଟିଛି ।

କାଞ୍ଚି ଅଭିଯାନର ଏକ ସ୍ମାରକୀ



# ଜୟ ଜୟ ଜଗନ୍ନାଥ

ଅଧ୍ୟାପକ ହରେକୃଷ୍ଣ ଶତପଥୀ

ଜୟ ଜୟ ଜଗନ୍ନାଥ ! ଜଗଦ୍‌ଗୁରୁପୂଜ୍ୟ !
ଜୟ ଜୟ ସୁରାସୁରାର୍ଚ୍ଚିତପାଦକଞ୍ଜ !
ଜୟ ଜୟ ସୃଷ୍ଟି ସ୍ଥିତି ପ୍ରଳୟ କାରଣ !
ଜୟ ଜୟ ମହାଦୁଃଖ ବିପତ୍ତି ବାରଣ ! ।। ୧ ।।

ପାର୍ଶ୍ୱେ ତବ ହଳଧରୋ ଭ୍ରାତା ବଳଭଦ୍ରଃ
ସୁଭଦ୍ରୟା ସମନ୍ୱିତୋ ଭୁବନେଷୁ ଭଦ୍ରଃ ।
ସ୍ୱୟଂମେବ ବିରାଜତେ ବିଶ୍ୱବିଧାୟକ !
ହେ ପଦ୍ମଲୋଚନ ! ବିଭୋ କମଳା ନାୟକ ! ।। ୨ ।।

ନନ୍ଦିଘୋଷରଥସ୍ଥବ ସ୍ତବପାଠପୂତଃ
ମହାପୁଣ୍ୟେ "ବଡ଼ ଦାଣ୍ଡେ" ଚଳନ୍ ସୁସଜ୍ଜିତଃ ।
ଆକର୍ଷତି ବିଶ୍ୱବାସୀ ବହୁଭକ୍ତବୃନ୍ଦାନ୍
ବିହ୍ୱରତି ନିର୍ବିକାରଂ ସଦାସୁଧାନନ୍ଦାନ୍ ।। ୩ ।।

ମହୋଦଧେର୍ବେଳାଭୂମୌ ହେ ବିଶ୍ୱବିଳାସ !
ବିରାଜତେ ତବରମ୍ୟଃ ନିଳାଦ୍ରିନିବାସଃ ।
ସମସ୍ତ ଶାନ୍ତି-ସମୃଦ୍ଧି-ପ୍ରଗତିନିଦାନଂ
ତ୍ୱଦୀୟଦର୍ଶନ ମାତ୍ରଂ ହେ ସୃଷ୍ଟି ବିଧାନ ! ।।୪ ।।

ତବନାମ କୀର୍ତ୍ତନେନ ହେ ଅନାଥ ନାଥ !
ତବ ରୂପ ଦର୍ଶନେନ ବିଭୋ ! ଜଗନ୍ନାଥ !
ତବକୃପାକଣିକୟା ହେ ଦୟା ସାଗର !
ତବ ପଦଂ ପ୍ରବହତୁ ମମ ପ୍ରାଣଧାରଃ ।। ୫ ।।

ରେଭେନ୍ସା କଲେଜ,
କଟକ-୩

# ଜୟ ଜଗଦୀଶ ହରେ

● ଶ୍ରୀରାଧାମୋହନ ଗଡ଼ନାୟକ

"ବଡ଼ ଦେଉଳର   ହେ ଦାରୁ ଦେବତା,
ଜାଣ ଆମ ଅଭିମାନ,
ତୁମରି ଚରଣେ   ସମର୍ପି ଦେଉଛୁ
ଦେଇଥିଲ ଯେଉଁ ଦାନ ।
ଦଗ୍ଧ ଜୀବନେ   ଆଶ୍ୱାସନାର
ପରଶ ପାଇବା ଲାଗି
ତୁମରି ଚରଣେ   ସନ୍ତାନଟିଏ
ବିକଳରେ ଥିଲୁ ମାଗି ।
ପୁତ୍ର ପାଇଲେ   କହିଥିଲୁ ପ୍ରଭୁ
ସେ ଆମ କୁଳର ଗତି
କନ୍ୟା ପାଇଲେ   ତୁମରି ଦେଉଳେ
କରିଦେବୁ ତୁମ ନଟୀ ।
ଫେରି ପାଇବାକୁ   ଚତୁର ଦେବତା
କନ୍ୟାଟିଏ ଯେ ଦେଲ,
ତୁମର ସେ ଦାନ   ସମର୍ପି ଦେଉଛୁ,
ତୁମେ ଜାଣ ତୁମ ଖେଳ ।"
ବଡ଼ ଦେଉଳରେ   ଶଙ୍ଖ ଆଳତି
ଘଣ୍ଟ ମାଦଳ - ଧ୍ୱନି
କେତେ ଡାକ, କେତେ   ଗୀତ ବନ୍ଦନା
ଉଠୁଥିଲା ଅନୁରଣି ।
ଅମ୍ବୁନିଧିର   ଗର୍ଜନ ଭଳି
ଶୁଭୁ ଥିଲା କୋଳାହଳ
ତାହାରି ଭିତରେ   ହଜି ଯାଉଥିଲା
ଦିଓଟି ପ୍ରାଣର ସ୍ୱର ।
ଦେବ ଶର୍ମାର   ଅଭିମାନ ଭୁଲେ
ପ୍ରିୟାର କାତର ଅଳି
ଜଗନ୍ନାଥର   ହୃଦ-ତନ୍ତ୍ରୀରେ
ସହଜେ ଉଠିଲା ଥରି ।

ନିଶାରାତେ ପ୍ରଭୁ   ସପନେ ବୋଇଲେ—
"ସ୍ନେହର ପାତ୍ର ମୋର,
ଫେରି ପାଇବାକୁ   ଦେଇଥିଲି ମୁଁ କି ?
ଭାବୁଛ ବିଷମ ଘୋର !
ତୁମକୁ ଅନାଇ   ଦେଇଥିଲି ଯାହା
ଜଗତର ବାଞ୍ଛିତା,
ଦୁହିତା ତୁମର   ସଂସାରେ ହେବ
ଦୁଇକୁଳକୁ ତ ହିତା ।
ଜାଣି ଜାଣି ମୁଁ ତ   କନ୍ୟା ଦେଇଛି,
ପୁତ୍ର କରି ନି ଦାନ,
ସେଇ କଥା ଏବେ   ବୁଝି ପାରୁ ନାହିଁ
ଆତୁର ତୁମର ପ୍ରାଣ ।
ସେଇ କନ୍ୟାକୁ   ଫେରାଇ ଦେଉଛ,
ମୁଁ ତାକୁ ଘେନିବି ନାହିଁ,
ସେଇ କନ୍ୟାକୁ   ମୁଁ ପରା ଦେଇଛି
ଜଣେ ମୋ ଭକତ ପାଇଁ ।"
"ପ୍ରଭୁ ହେ ତୁମର   କିଏ ସେ ଭକତ,
କେତିକି ପ୍ରିୟ ସେ ତବ,
ଯାହାର ହାତରେ   କନ୍ୟାକୁ ଦେଲେ
ହେବ ଆମ ଗଉରବ ।"
"ପ୍ରାଚୀ-ନଈ କୂଳେ   କେନ୍ଦୁବିଲ୍ୱ
ଶାସନରେ ତାର ଘର,
ଜୟଦେବ ନାମ   ଭକ୍ତ କବି ସେ
କାନ୍ତ ପ୍ରତିଭାଧର ।
ପିତର ତାହାର   ଭୋଜ ଦେବ ଏବେ
ସରଗୁ ପୁରରେ ନାହିଁ,
ମାତା ବାମା ଦେବୀ   ଚାଲି ଗଲାଣି ତ
ସେଇପରି ସେଇଠାଇଁ ।

ଗାଆଁ ଛାଡ଼ି ଦେଇ ସେଇ ଜୟଦେବ
ପଡ଼ି ଅଛି ଏଇ ଧାମେ
କିଶୋର ହୋଇ ସେ କାଳ କାଟୁ ଅଛି
ମାତି ରହି ଶ୍ରୀମୋହ ନାମେ ।
ଏଇ ନଗରୀରେ ପତର କୁଟୀରେ
ଏକାକୀ ସେ ଅଛି ରହି
ଗୀତ ପଦାବଳୀ ରଚନା କରୁଛି
ସୁର୍ ଦେଉଅଛି ତହିଁ ।

କନ୍ୟାକୁ ଘେନି ଉତ୍ତର ନ କରି
ଚାଲି ଯାଅ ତାଁର ପାଶେ,
ତାହାରି ହାତରେ ଟେକିଦେଇ ଯାଙ୍କୁ
ଫେରିଯାଅ ନିଜ ବାସେ ।
ଜଗତେ ତୁମକୁ ଗଉରବ ଦେବେ
ଜାମାତା ଦୁହିତା ବେନି,
ତୁମେତ୍କୁହେଯାକ ଧନ୍ୟ ହେବ ରେ
ଜାମାତା ଦୁହିତା ଘେନି ।"
"ସକାଳୁ ସକାଳୁ ସେଇଠିକି ଯିବୁ,
ଶ୍ରୀମୁଖ-ଆଜ୍ଞା ଧରି,
ଶ୍ରେୟ ପଥେ ଯାହା ଆସିବ ଆମର
ଅକାତରେ ନେବୁ ବରି ।
ମାତର ଆମର ମର୍ମ ଭିତରେ
ଦ୍ୱିଧା ଉପୁଜଇ ଆଜି,
ଟେକି ଦେବୁ ଯିନା କଅଣ କରିବୁ
ସେ ଯଦି ନୋହିବେ ରାଜି ।"
"ତାଙ୍କୁ ମୁଁ କହିବି ସେ ତ ସବୁ ଜାଣେ
ଜାଣି ତୁମେ ଜାଣୁ ନାହିଁ,
ସହଜ ସରଳ ବିଶ୍ୱାସ ଧରି
ଆଉ ଯେ କଅଣ ଛାଡ଼ ?"
ତହିଁ ଆର ଦିନ ପ୍ରଭାତରୁ ଦ୍ୱିଜ
ପତ୍ନୀ ଦୁହିତା ସାଥେ
ଉଲ୍ଲସିତ ମନେ, ଉଲ୍ଲାସ ପଦେ
ଚାଲିଲେ ବନ୍ଧୁର ପଥେ ।
ସଂଧାନ ନେଇ ଜୟର କୁଟୀର
ବାହାରେ ରହିଲେ ଯାଇ
ପଦରେ ସମୟ ହେଲାଣି ତଥାପି
ଜୟ ସେ ଯାଉଛି କାହିଁ ?
ଜଳଧିର ଜଳେ ସ୍ନାହାନ ସାରି ସେ
ଫେରିଲେ ଆପଣା ଘରେ,
ମୁଗ୍ଧ ମନରେ ଗୁଣି ହେଉଥିଲେ–
"ଜୟ ଜଗଦୀଶ ହରେ ।"
ଦେଖିଲେ ତିନୋଟି ନୂତନ ଅତିଥି
ଆପଣା କୁଟୀର ଆଗେ,
ପରିଚିତ ଜନ ପରାଏ ତିନ୍ତୁ
ମାଗିଲେ ନିଜ ଭାଗେ ।

ହସ ହସ ହୋଇ ପ୍ରଣତି ବାଢ଼ିଲେ
ଦ୍ୱିଜ ଦଂପତି-ପାଦେ,
'କଲ୍ୟାଣ ହେଉ' ଦ୍ୱିଜ ଦଂପତି
ଆଶିଷିଲେ ଆହ୍ଲାଦେ ।
ଅନ୍ତର ତଳେ କଅଣ ବିସ୍ମରି
କନ୍ୟା ପୁଲକ ଭରେ
ପ୍ରୀତି ମମତାର ପ୍ରଣତି ଢାଳିଲା
ଜୟଦେବ–ପାଦତଳେ ।
"କାହିଁପାଇଁ ଆମେ ଆସିଛୁ ସୌମ୍ୟ,
ଆଜି ଏ ତୁମର ଧାମେ,
ଜାଣି ପାରୁଛ କି ବୁଝି ପାରୁଛ କି
ସ୍ନେହର ପାତ୍ର ତୁମେ ?"
"ଜାଣି ପାରୁଅଛି ଶ୍ଲାଘ୍ୟ ଅତିଥି
ବୁଝି ପାରୁଅଛି ତେବେ,
ଜୀବନ ପଥର ସପନ ମୋହର
ସଫଳ ହୋଇଲା ଏବେ ।
କେତେ ଦିନ ତଳେ ସପନରେ ପ୍ରଭୁ
କହି ଦେଇଥିଲେ ଯାହା
ଆଜି ଦେଖୁଅଛି ବାସ୍ତବତାର
ରୂପ ଘେନି ଅଛି ତାହା ।
ପିତା ମାତା ସୁତା ଆସିଅଛ ଏଥେ,
ଆଣି ଅଛ ସମାଧାନ
ବିଜନ ମୋହର , ଜୀବନର ପଥେ
ପ୍ରଭୁର ଅତୁଳ ଦାନ ।"
ଅମୃତ ଯୋଗ ଆସିଗଲା ବୋଲି
ବିପ୍ର ସେତିକି ବେଳେ
ଜୟଦେବ ଆଉ ପଦ୍ମାବତୀର
ହସ୍ତ ମିଳାଇ ଦେଲେ ।
ଯୁଗଳ ତନୁର ଶିରାରେ ଶିରାରେ
ଖେଳି ଗଲା ସ୍ପନ୍ଦନ,
ସ୍ପନ୍ଦନ ଖାଲି ନୁହଇ ତ ତାହା
ହୃଦୟର ନନ୍ଦନ ।
ନୀରବେ ମଉନେ ରହିଗଲେ ତିନି
ଦିଓଟି ନିମେଷ ଲାଗି
ପୁଣି କଅଣ ଦୀପ୍ତ ପରଶେ
ସହସା ଉଠିଲା ଜାଗି ।
ଜୟ ଦେବ "ଜୟ ଜଗଦୀଶ ହରେ"
ଉଲ୍ଲାସ ଭରେ ଗାଇ
ଅଭ୍ୟାଗତ ସେ ଅତିଥିର ମୁଖେ
ଆତୁରେ ରହିଲେ ଚାହିଁ ।
ଗୁରିହେଁ ଯା ମିଳି ଯୁକ୍ତ ପାଣିରେ
ମୁକ୍ତ ମିଳିତ ସ୍ୱରେ
ତୃପ୍ତ ପ୍ରାଣର ନାଦୀ ତୋଳିଲେ–
"ଜୟ ଜଗଦୀଶ ହରେ" ।

ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ।



# ମହାପ୍ରଭୁଙ୍କ ଡୋରୀ

ସ୍ୱାମୀ ଶ୍ରଦ୍ଧାନନ୍ଦ

ଜଗନ୍ନାଥ ଭଗବାନ୍ କେବଳ ଉତ୍କଳର ବଡ଼ ଠାକୁର ନୁହନ୍ତି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ହର୍ତ୍ତା, କର୍ତ୍ତା ବିଧାତା । ମର୍ତ୍ତ୍ୟବୈକୁଣ୍ଠ ଶ୍ରୀକ୍ଷେତ୍ରରେ ବସି ସେ ମାନବ ସମାଜର ଲୀଳା-ଖେଳା ଦେଖୁଛନ୍ତି । ସେ ରାଜରାଜେଶ୍ୱର । ଚଉଦ ଭୁବନର ଈଶ୍ୱର । ପ୍ରତି ଦିନ ତାଙ୍କ ପାଖରେ ଖଠିଏ ପଉଟି ଭୋଗ ଲାଗି ହୁଏ । ତିନି ଧୂପ, ପାଞ୍ଚ ଅବକାଶ ଲାଗି ରହିଥାଏ । ଅତି କମ୍‌ରେ ଛପନ ପ୍ରକାର ଭୋଗ ଖାଇ ସେ ଶ୍ରୀମନ୍ଦିର ଗମ୍ଭୀରାରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ରତ୍ନ ସିଂହାସନରେ ବସି ରହିଛନ୍ତି ।

ଚକାଡୋଳାଙ୍କର ପଲକ ପଡୁନାହିଁ । ଅଧରରେ ମନ୍ଦ ହାସ । ବାହୁ ପ୍ରସାରୀ ସେ ଭକ୍ତକୁ ନିଜ କୋଳକୁ ଟାଣି ନେଉଛନ୍ତି । ତାଙ୍କ ଭୋଗ ମହାପ୍ରସାଦ । ମା ବିମଳାଙ୍କ ପାଖରେ ଲାଗି ହେବା ପରେ ତାହା ଆନନ୍ଦ ବଜାରକୁ ଆସେ । ଆନନ୍ଦ ବଜାର ସମଗ୍ର ବିଶ୍ୱରେ ଏକ ଗ୍ରାଣ୍ଡ ହୋଟେଲ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯେତେ ଭକ୍ତ ଆସନ୍ତି, ପ୍ରାୟ ସମସ୍ତେ ଆନନ୍ଦ ବଜାରରୁ ଶ୍ରୀମହାପ୍ରସାଦ ପାଇ ନିଜକୁ ଧନ୍ୟ ମନେ କରନ୍ତି । ଉତ୍କଳ-ବାସୀମାନେ ଗୋଟିଏ କଥା ବିଶ୍ୱାସ କରନ୍ତି । ମହାପ୍ରଭୁଙ୍କ ଡୋରି ନ ଲାଗିଲେ କେହି ତାଙ୍କ ପାଖକୁ ଆସନ୍ତି ନାହିଁ । ଏହି ବିଶ୍ୱାସ ଏବେ ମୋ ପାଇଁ ସତ୍ୟରେ ପରିଣତ ହୋଇଛି । ଜଗବନ୍ଧୁ ମୋତେ ନିମନ୍ତ୍ରଣ କଲେ । ମୁଁ ଆସି ତାଙ୍କ ରଥଯାତ୍ରାରେ ଯୋଗ ଦେଲି । ବଡ଼ପଣ୍ଡା ବହୁତ ସମାଦର କରି ପ୍ରସାଦ ସେବନ କରାଇଲେ । ପେଟପୂରା ଭୋଜନ ପରେ ମୁଁ ସେବକ-ମାନଙ୍କ ଗହଣରେ ରଥ ଉପରକୁ ଗଲି । ମହାପ୍ରଭୁଙ୍କ ଆଦିସେବକ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଛେରା ପହଁରା ଦେଖିବାର ସୌଭାଗ୍ୟ ମିଳିଲା ।

ରଥେତୁ ବାମନଂ ଦୃଷ୍ଟ୍ୱା..............................


ତିନି ରଥ ଉପରକୁ ଚଢ଼ି ତିନି ଭାଇ ଭଉଣୀଙ୍କୁ ପୂଜା ଅର୍ଚ୍ଚନା କରି ଯେଉଁ ଆନନ୍ଦ ମିଳିଯାଏ ତାହା ଅବର୍ଣ୍ଣନୀୟ । ଇଚ୍ଛା ହେଉଥାଏ ଭକ୍ତମାନଙ୍କ ମେଳରେ ରଥଦଉଡ଼ି ଧରି ଟାଣିବାକୁ । ମାତ୍ର ଭାରପ୍ରାପ୍ତ ପୋଲିସ ଅଫିସର ବିନୀତ ଭାବରେ ମୋତେ କହିଲେ, "ସ୍ୱାମୀଜୀ, ଆପଣଙ୍କ ବୟସ ଦୃଷ୍ଟିରୁ ଏ ଗହଳି ଠେଲାପେଲାରେ ରଥ ଦଉଡ଼ି ଟାଣିବା ଉଚିତ ହେବ ନାହିଁ । ମୋ ମନ କଥା ମନରେ ରହିଲା । ଗଜପତି ମହାରାଜାଙ୍କ ଗହଣରେ ମୁଁ ବାବାଜୀ ଚୈତନ୍ୟ ଚରଣ ଦାସ, ବ୍ରହ୍ମଚାରୀ ରାମସ୍ୱରୂପ ପ୍ରମୁଖ ଶ୍ରୀନଅରକୁ ଫେରିଲୁ । ରାଜପ୍ରାସାଦର ବାଲ୍‌କୋନିରୁ ରଥ ଦର୍ଶନ କଲୁ । ବଳଭଦ୍ର ଠାକୁରଙ୍କ ରଥ ଆସିଲା । ସେଇଠି ଅଟକିଯାଏ । ମା ସୁଭଦ୍ରାଙ୍କ ରଥ ଆସିଲା । ସେଇଠି କିଛି ସମୟ ଅଟକି ରହିଲା । ଅନ୍ୟମାନଙ୍କ ସହ ମୁଁ ମନ ପୂରାଇ ପ୍ରଭୁଙ୍କ ଦର୍ଶନ କଲି । ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱମ୍ଭରନାଥ ପାଣ୍ଡେ ମଧ୍ୟ ଆମମାନଙ୍କ ସହିତ ବସିଥାନ୍ତି । ଜଗନ୍ନାଥ ମହାପ୍ରଭୁଙ୍କ ରଥ ଆସି ରାଜନଅର ସମ୍ମୁଖରେ ବହୁ ସମୟ ଧରି ଅଟକି ରହିଲା । ପ୍ରଭୁଙ୍କୁ ସବୁ ଦିଗରୁ ମନ-ପୂରାଇ ଭାଇ ଦର୍ଶନ କରିବାର ସୌଭାଗ୍ୟ ମିଳିଯାଏ । ତାହା ଅଖିଳ ବ୍ରହ୍ମାଣ୍ଡପତିଙ୍କ କରୁଣା ବିନା ସମ୍ଭବ ହୋଇ ନ ଥାନ୍ତା । ଭକ୍ତ ପାଇଁ ସେ ରତ୍ନ ସିଂହାସନ ଛାଡ଼ି ବଡ ଦାଣ୍ଡର ସରଧାବାଲିକୁ ଓହ୍ଲାଇ ଆସିଛନ୍ତି । ଭକ୍ତ ପାଇଁ ଅଟକି ଯିବା ତାଙ୍କ ପକ୍ଷରେ କମା ବିଚିତ୍ର ନୁହେଁ । ଉତ୍କଳର ଭକ୍ତମାନେ କହନ୍ତି ତାଙ୍କ ରଥ ଭକ୍ତ ସାଲବେଗ ଏବଂ ଭକ୍ତ ବଳରାମ ଦାସ ପାଇଁ ପୂର୍ବେ ଅଟକି ରହିଥିଲା । ଭଗବାନ ଆମମାନଙ୍କୁ ଏହି ଶିକ୍ଷା ଦେଉଛନ୍ତି ବଡ଼ ଦାଣ୍ଡକୁ ଆସି ସେ ସମସ୍ତଙ୍କର; ସମସ୍ତେ ତାଙ୍କର । ତାଙ୍କ ପାଖରେ ବଡ଼ ସାନ; ଉଚ୍ଚ ନୀଚ, ଛୁଆଁ ଅଛୁଆଁ, ଧନୀ ଦରିଦ୍ର, ଜାତି ଅଜାତି, ଦେଶୀ ବିଦେଶୀର ସ୍ଥାନ ନାହିଁ । ସେ ଚରାଚର ବିଶ୍ୱବ୍ରହ୍ମାଣ୍ଡର ପିତା । ସେ

ପହଣ୍ଡି ବିଜେ ବେଳେ ସମସ୍ତଙ୍କ ସହିତ ଚାଲନ୍ତି । ତାଙ୍କ ରଥ ଦଉଡ଼ି ଟାଣିବା ପାଇଁ ସମସ୍ତଙ୍କର ସମାନ ଅଧିକାର ରହିଛି ।

ହେ ମୋର ପ୍ରିୟ ମୁମୁକ୍ଷୁଗଣ ! ଜଗନ୍ନାଥ ଭଗବାନ କେବଳ ବଡ଼ ଦେଉଳର ରତ୍ନସିଂହାସନରେ ବସିନାହାନ୍ତି, ପ୍ରତ୍ୟେକ ଭକ୍ତର ଶରୀର ହେଉଛି ଏକ ଚଳନ୍ତି ବଡ଼ ଦେଉଳ : ନନ୍ଦିଘୋଷ ରଥ । ତାହାରି ଭିତରେ ହୃଦୟ-ରତ୍ନ ସିଂହାସନରେ ସେ ଆତ୍ମା ରୂପରେ ବିରାଜମାନ । ତାଙ୍କ ରଥ ଦଉଡ଼ି ଧରି ଟାଣି ପାରିଲେ ଜୀବନ ସାର୍ଥକ ହେବ । ମାନବ ଶରୀରର ମର୍ଯ୍ୟାଦା ଆହୁରି ଜାଜ୍ୱଲ୍ୟମାନ ହୋଇ ଉଠିବ ।

ଆଉ ଗୋଟିଏ କଥା । ଭଗବାନ ଯାହା ଶ୍ରୀମଦ୍‌ଭଗବଦ୍ ଗୀତାରେ ଅର୍ଜ୍ଜୁନଙ୍କୁ କହିଛନ୍ତି, ତାହା ଏଠାରେ ପ୍ରତ୍ୟକ୍ଷଭାବେ କାର୍ଯ୍ୟରେ ଦେଖାଇ ଦେଉଛନ୍ତି । ଦୁଃଖୀ ଜନତାର ସେବା, ଆର୍ତ୍ତଙ୍କୁ ଅଭୟ ପ୍ରଦାନ, ସମସ୍ତଙ୍କ ଗୁହାରି ଶ୍ରବଣ । ଆମେ ଆମର ପଡ଼ୋଶୀ ପ୍ରତି ସହାନୁଭୂତିଶୀଳ ହେବାକୁ ପଡ଼ିବ । ଦୁଃଖୀ ମୁହଁରେ ହସ ଫୁଟାଇ ପାରିଲେ ଭଗବାନ ଆମ ଉପରେ ସନ୍ତୁଷ୍ଟ ହେବେ ।

ହଁ, ମୋ କଥା ଅଧାରେ ରହିଗଲା । ମୁଁ ସେଦିନ ରଥରେ ପ୍ରଭୁଙ୍କୁ ଦର୍ଶନ କରି ବସାକୁ ଫେରିଗଲି । ତା ପରଦିନ କଟକ ଆସିବା କଥା । ଦିନ ୧୧ ଟା ବେଳକୁ ମୋ ପାଖରେ ଖବର ପହଞ୍ଚିଲା—ଗୁଣ୍ଡିଚା ଘରକୁ ଠାକୁରମାନେ ବିଜେ ହେବେ । ରଥରୁ ସେମାନେ ପହଣ୍ଡି କରି ଯିବେ । ଦର୍ଶନ ପାଇଁ ମୋତେ ପୁଣି ନିମନ୍ତ୍ରଣ ! ଏ ସୁଯୋଗ ଛାଡ଼େ କିଏ ? ମୁଁ ସବୁ କାମ ଛାଡ଼ି ଦଉଡ଼ିଲି । ଖଣ୍ଡେ ଦୂରରୁ ଏସ୍. ପି. ସାହେବ ଓ କଲେକ୍ଟର ସାହେବ ମୋତେ 'ପାଛୋଟି ନେଲେ । କହିଲେ, ସ୍ୱାମୀଜୀ ଆପଣ ରଥ ଦଉଡ଼ି ଟାଣିବାକୁ ଆଗ୍ରହୀ ଥିଲେ । ବର୍ତ୍ତମାନ ତିନିରଥ ଯାକ ଗୁଣ୍ଡିଚା ମନ୍ଦିର ପାଖକୁ ଟଣାଯିବ । ତା'ପରେ ପହଣ୍ଡି ହେବ । କମ୍ ଲୋକ ଅଛନ୍ତି । ପୋଲିସ କର୍ଡନ ଭିତରେ ଆପଣ ଦଉଡ଼ି ଟାଣି ପାରନ୍ତି । ଏ କଥା ଶୁଣି ମୋ ମନ ଆନନ୍ଦରେ ନାଚି ଉଠିଲା । ପ୍ରଭୁ ଯେ ମୋ ମନବାଞ୍ଛା ସିଦ୍ଧିପାଇଁ ଶରଧାବାଲିରେ ଗତକାଲିଠାରୁ ଅପେକ୍ଷା କରିଛନ୍ତି ଏକଥା ଭାବି, ମୋ ଆଖିରେ ଲୁହ ଆସିଗଲା । ମୁଁ କହିଲି, "ଏସ୍. ପି. ସାହେବ ! ମୋ କଥା ଆପଣ ଭୁଲି ଯାଆନ୍ତୁ । ମୁଁ ସ୍ୱାମୀ ଚିଦାନନ୍ଦ ନୁହେଁ, ଜଣେ ସାଧାରଣ ଭକ୍ତ । ଏହି ଭକ୍ତଗଣଙ୍କ ମେଳରେ ପ୍ରଭୁଙ୍କ ରଥ ଦଉଡ଼ି ଧରି ଟାଣିବି । ତେବେ ମୋ ମନ ସନ୍ତୋଷ ଲାଭ କରିବ । କର୍ଡନ ଭିତରେ ରହିବାକୁ ମୁଁ ପସନ୍ଦ କରେନାହିଁ । ନିଖିଳ ବିଶ୍ୱର ନିୟନ୍ତା, ନିଜର ସବୁ କିଛିକୁ ପଛକୁ ପକାଇ ଦେଇ ମୋ ପାଇଁ ରାତିସାରା ଏଠାରେ ଅପେକ୍ଷା କରି ରହିଛନ୍ତି । ଆଜି ମୋ ମନସ୍କାମନା ପୂର୍ଣ୍ଣ କରିଛନ୍ତି ।"



ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।

# [illegible]

ଶ୍ରୀ ଚନ୍ଦ୍ରଶେଖର ରଥ

ତୁମକୁ ଭରସା କରିବା ଯାହା, ଆକାଶକୁ ଲମ୍ଫ ଦେବା ତାହା । ଆକାଶ ଅଛି, ଅଛି ପରି ଦିଶୁଥାଏ, କେବେହେଲେ ଅନନ୍ତକାଳ ଅବଧି ଅନନ୍ତ ବ୍ରହ୍ମାଣ୍ଡର କେହି ତାକୁ ଟିପ ମାରି ଛୁଇଁ ନାହିଁ କି କହି ନାହିଁ: "ହେଇ ଦେଖ, ନଗ୍ନ କନେ, ମୁଁ ତାକୁ ପାଉଛି"! କିନ୍ତୁ ଯେତେ ଭ୍ରମିଲେ ମଧ୍ୟ ସେ ତା' ଉପରେ, ତଳେ ଚତୁର୍ଦ୍ଦିଗରେ ପ୍ରସରି ରହିଛି । ତାକୁ ଛଳୁଛି ଚିରକାଳ ତାର ମାୟା-ଯଡିତ ଅଛି-ନାହିଁ ଭାବରେ ! —ତୁମେ କ'ଣ ସେଇଆ ?

ତୁମେ କ'ଣ ପାଷାଣର ଗର୍ଭ ? ତୁମ ଦ୍ୱାର ଦେଶରେ ଠିଆ ହୋଇ ପରମ ବିଶ୍ୱାସରେ ଅସୁମାରି ଦୁଃଖ ଜଣାଇଲା ପରେ ସେହି ସ୍ୱର ହିଁ ପ୍ରତିଧ୍ୱନିତ ହୋଇ ଫେରି ଆସିଛି ! ବିଡ଼ମ୍ବିତ ଆର୍ତ୍ତ-ଜନମାନେ ଭାବି ନେଉଛନ୍ତି ଯେ ଗିରିଗର୍ଭରୁ ଦେବତା ଉତ୍ତର ଦେଉଛି ମନ୍ଦ୍ର ନାଦରେ । ଏମିତି ଛଳିବା କ'ଣ ତୁମ ଧର୍ମ ?

ଗୁଡ଼ିଏ ଆଶ୍ରିତ ଗୋପୀଜନ ପାଖରେ ହିଁ ସେମାନଙ୍କୁ ଛଳିବାକୁ ତୁମକୁ ସୁଯୋଗ ମିଳିଯାଏ । ଅବିଶ୍ୱାସୀ, ଅନାଶ୍ରିତ ଲୋକେ ତୁମକୁ ପଛ କରି ଚାଲିଥାନ୍ତି । ତୁମେ ତାଙ୍କ ପଛେ ପଛେ ଚାଲିଥାଅ । ପାଦର ନୂପୁର ଧ୍ୱନି ପ୍ରଚାର କରୁଥାଏ ତୁମେ ଅଛ ବୋଲି । ସେମାନଙ୍କ ବାଟ ସାରା ଫୁଲ ଫୁଟୁଥାଏ । ତୁମେ ହିଁ ସେମିତି ଫୁଟାଉଥାଅ । ତାଙ୍କ ମନ ଜିଣିବା ପାଇଁ ପ୍ରଲୁବ୍ଧ କରୁଥାଅ । ସେଥିପାଇଁ କେତେବେଳେ ନାଉରୀ ତ' କେତେବେଳେ କାତରା ହେବାରେ ତୁମର ଆପତ୍ତି ନାହିଁ । କିନ୍ତୁ ଥରେ ତୁମ ଜାଲରେ ପଡ଼ିଗଲେ ଆଉ ନିସ୍ତାର ନାହିଁ । ଦେଣିକି ସବୁ ଆଡ଼ ଜରିଦେଇ ତୁମକୁ ଦୁଇବାହୁ ଟେକି ଡାକିଲେ ସୁଦ୍ଧା ଶୁଣ ନାହିଁ । ପଛ କରି ଦେଇ ଚାଲି ଯାଅ । ଲଣ୍ଡି ଦେଇ ଯାଅ । ତା' ଜୀବନ ସାରା ତେଣିକି ଅଶ୍ରୁମୟ : ତା'ପାଇଁ ସାରା ରାସ୍ତା କେବଳ କଣ୍ଟା-ବଣ !

ଦୀନ-ବାନ୍ଧବ ବୋଲି ଡିଣ୍ଡିମ ବାଜୁଛି । ଅଥଚ ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ହୋଇ ବିମୁଖ । ସେଥିରେ ପୁଣି ଅଦ୍ଭୁତ ଯୁକ୍ତି । ତାକୁ ଜୁଆଡ଼େ ସେ ଦୁଃଖୀ ବୋଲି ଯଥେଷ୍ଟ ପ୍ରମାଣ ଦେବାକୁ ପଡ଼ିବ, ନ ହେଲେ ତୁମ ବାନ୍ଧବ-ପଣିଆର ପ୍ରମାଣ ମିଳି ପାରିବ ନାହିଁ —ଆରେ, ସେ ପରା ଟାଙ୍ଗରା ଭୂଇଁରେ ଜନ୍ମ ପଡ଼ିଥିବା ଜନ୍ତୁଟିଏ । ସେ ପରା ତୁମ ବିଧାନରେ ଚିରକାଳ ଦୁଃଖୀ । ସେ ତ ଠିଆ ହେଲେ ଦୁଃଖର ପାହାଡ଼ । ସେ କ'ଣ ଆଉ ପ୍ରମାଣ ଦେଇ ପାରିବ ? ରାଜ ସଭାରେ ଦୁଇ ବାହୁ ଟେକି ସଂପୂର୍ଣ୍ଣ ପରାସ୍ତ ନହେବା ପର୍ଯ୍ୟନ୍ତ ଅପମାନିତା ରାଜବଧୂର ଦୁଃଖ ପାଇଁ ଯଥେଷ୍ଟ ପ୍ରମାଣ ତୁମକୁ ମିଳେ ନାହିଁ ? ତମ ପାଖରେ ସେ ଆଶ୍ରିତା ହୋଇ ସାରିଛି ବୋଲି ପ୍ରମାଣ ମିଳେ ନାହିଁ । ଏମିତିତ ସେ ଜଣା ଶୁଣା ନିଜ ଦୁଃଖର ପ୍ରମାଣ ତୁମ ପାଇଁ କେତେବେଳେ ଯଥେଷ୍ଟ ନହୋଇ ପାରେ । ପ୍ରମାଣ ଦେଉଦେଉ ଲକ୍ଷ କୋଟି ଦୁଃଖୀ ରାସ୍ତା ଧାରରେ ଅନାହାର ମରି ଯାଉଛନ୍ତି ବନ୍ଧୁ, ତୁମ ବାନ୍ଧବ ପଣ ଭୋଗିବାକୁ ଆଉ ବେଳ କାହିଁ ?

ଗାଳି ଖାଇଲେ ପାଟି ନେଫେଡ଼ି ଡ଼ବଡ଼ବ ଆଖିରେ ତୁମେ ଚାହିଁ ରହ । ଆମେ ସେତିକି ଦେଖିନେଲେ ତରଳି ଯାଉ ! ଆହୁରି ଅଭିଯୋଗ ହେଲେ କାଠଖଡ଼ା ଭିତରୁ ସବୁବେଳେ ସେଇ ଗୁରି ପାଞ୍ଚଟି କାହିଁ ବଖାଣିବାକୁ ତୁମକୁ ତିଳାର୍ଦ୍ଧେ ସଂକୋଚ ଲାଗେ ନାହିଁ । କାହିଁ କେବେ ଗୋଟିଏ ମୃଗୁଣୀ ପାଇଁ ବଜ୍ର-ବିଦ୍ୟୁତ ବର୍ଷା କରି ଦେଇଥିଲ । ତା'ପରେ କୋଟି କୋଟି ଗର୍ଭିଣୀ ମୃଗୁଣୀ ବ୍ୟାଧାହତ ହେବାର ବାର୍ତ୍ତା ତୁମ ପାଖରେ ପହଞ୍ଚି ପାରି ନାହିଁ । କେତେ ଦରିଦ୍ର ହାତୀକୁ ଅଦୃଶ୍ୟ ଗ୍ରାହମାନେ ଗଣ୍ଡ ଭିତରକୁ ଭିଡ଼ି ନେଉଛନ୍ତି ତୁମେ ଖବର ରଖ ନାହିଁ । ଗୁରିଯୁଗରେ ମାତ୍ର ଗୁରୋଟିକୁ ତ୍ରାଣ କରିଦେଇ ଅକଳନୀୟ ଦୁଃଖୀଜନଙ୍କର ଚିରକାଳ ବାନ୍ଧବ ବୋଲାଇବା ବିଚିତ୍ର ନୁହେଁ କି ? ତଥାପି ସେଇ ଗୋଟିଏ ସୂତ୍ରରେ ଆମେ ଅନନ୍ୟୋପାୟ ଆର୍ତ୍ତ-

ଜନମାନେ ଝୁରି ରହିବେ; ତୁମର କୋଟି କୋଟି କୈତବ ଆଚରଣ ପରେ ଆମ ଭାଗ୍ୟକୁ ତୁମେ ପୁଣି କାଳେ କାହିଁ ଛାପନ କରିବାକୁ ଇଚ୍ଛା କରିବ ଏବଂ ଆମକୁ ବାଛି ନେବ—ଏଇ ଆଶାରେ ଝୁରିରହିବୁ ।

ତୁମକୁ ଥରେ ଛୁହିଁ ଦେଇ ମୁଗ୍ଧ ହେଇ ପରେ ଆମକୁ ମୃତ୍ୟୁ କହିଲେ ମଧ୍ୟ ଅମର ଆପତ୍ତି ନାହିଁ । ତେଣିକି ତୁମର ସୃଷ୍ଟ ବିଶ୍ୱର ସବୁ ଆମକୁ ନିରର୍ଥକ ଲାଗିବା ସ୍ୱାଭାବିକ । ତୁମେ ତୁଆଡ଼େ ସ୍ୱତଃ ପ୍ରମାଣ; ତୁମ ପାଇଁ ପ୍ରମାଣର ଆବଶ୍ୟକତା ନାହିଁ । ତୁମକୁ ପ୍ରମାଣ ମଧ୍ୟ କରି ହେବ ନାହିଁ । ତୁମେ ସେଥିପାଇଁ ଅପ୍ରମେୟ । ତୁମେ ସୁଖ ଦୁଃଖ ନିରପେକ୍ଷ ସାକ୍ଷୀ ପୁରୁଷ । ତୁମର କ'ଣ ଯାଏ ଆସେ କିଏ ଦୁଃଖ ପାଇଲେ ବା ସୁଖ ପାଇଲେ । ସେଥିପାଇଁ ତୁଆଡ଼େ କର୍ମ-ବିଧାନ କୋଉଠି ଖଞ୍ଜି ରଖି ଦେଇଛ ଯନ୍ତ୍ର ପରି । ସେଇଠି ନିର୍ଦ୍ଦୟ ଭାବରେ ତୁଆଡ଼େ ଅଙ୍କ କଷା ଚାଲିଛି । ଅନନ୍ତ ଯାତନା ଭୋଗି ଚାଲିଛି ଜୀବ ବିଚରା; ତାର ଅଜ୍ଞାନ, ଅକର୍ମ ଏବଂ ଅସହାୟତାରେ !

ଏହା ଯଦି ସତ୍ୟ, ତା ହେଲେ ତୁମକୁ ଏତେ ଆପଣାର ଭାବି, ଏମିତି ଦୃଢ଼ ମାନ ମଣ୍ଡିତ କରି ଏମିତି ଜୁଞ୍ଜେଇ ଧରିବାର ଅର୍ଥ କିଛି ନାହିଁ । ଆକାଶକୁ ଜୁଞ୍ଜେଇଲେ ବାହୁପୀଡ଼ନ ହିଁ ସାର । ତୁମେତ କେବେହେଲେ କିଛି କହୁ ନାହିଁ ; କହିଲ ପରି ଲାଗେ । ତୁମେ ହୁଏତ ସେମିତି କହୁଛ, "କିରେ, ତୁ କ'ଣ ତୋ ଜୀବନରେ ପ୍ରମାଣ ପାଇ ନାହିଁ ? ଥରେ ପ୍ରମାଣିତ ହେବା କ'ଣ ଯଥେଷ୍ଟ ନୁହେଁ ? ତୁ ଚାହିଁବା କ୍ଷଣି ତୋର ଆଜ୍ଞାବହ ହୋଇ ମୁଁ ବାରମ୍ବାର ପ୍ରକଟ ହେବାକୁ କ'ଣ ବାଧ୍ୟ ? "—ନା, ତୁମକୁ ବାଧ୍ୟ କରିବାକୁ କାହାର ବା ସାମର୍ଥ୍ୟ ? ଭୁଲିଦେଇ, ଆମ୍ଭକୁ ଉଚ୍ଚାଟିତ କରି ଦେଇ ତୁମେ ଅନ୍ତର୍ହିତ ହୋଇଯାଅ । ସେତିକିରେ ତୁମର ପ୍ରମାଣ ମିଳିଗଲା ବୋଲି କ'ଣ ସନ୍ତୁଷ୍ଟ ରହିବିବାକୁ ହେବ ?

ଯେ ସତ୍ୟ, ସେ ଚିର ଭାସ୍ୱର ନିର୍ଧୂମ ହୁତାଶନ ପରି ଜାଜ୍ୱଲ୍ୟ ରହିବାରେ କ୍ଷତି କ'ଣ ? ଆମର ଆପତ୍ତି, ତୁମେ କା ପ୍ରଚ୍ଛନ୍ନ ଅପ୍ରକଟ ହୋଇଯାଅ ବୋଲି ।

'ସାମନ୍ତ ମୋ ଚତୁର୍ବର୍ଗ ଅଧିକାରୀ' ଭାବି ଯେ ତୁମ ପ ଆସିଛି, ତାକୁ ତୁମେ ଦାନା କନା ମନା କରିଦେବ, ସେ ତୁମରି ଦାଣ୍ଡରେ କେତେ ଦୁଃଖ ପାଇ ଭିକ୍ଷା ମାଗୁଥି ତୁମେ କ'ଣ ଜାଣି ପାରୁ ନାହିଁ ଯେ କାଳ-ବୈଶାଖୀରେ ସମଗ୍ର ବନଭୂମି ତାପିତ । ସବୁ ବନସ୍ପତିର ସବୁ ପ ଭାର ଭାର ତୃଷା । ନୀରବ ଧରିତ୍ରୀ ତୃଷାରେ ସୋରା ଫାଟି ଯାଉଛି । ତାକୁ ତୁମେ ଦେଖି ନଦେଖିଲା ପରି ନି ତ୍ୟାଗ କରିପାର, ଆପତ୍ତି ନାହିଁ । କିନ୍ତୁ ଦୟାକରି କହ କେଉଁ ଚାତକ ଚଞ୍ଚୁରେ ବିନ୍ଦୁଏ ଜଳକଣା ସିଞ୍ଚି ଦେଇ ତୁମର ବନ୍ଧୁପଣ ନିର୍ବାହ କରି ଦେଉଛ । ତାର ଅସହାୟ ତୁମ ପାଖରେ ଆଶ୍ରିତ ହେବାର ପରମ ଦୁଃଖୀପଣକୁ ଉପ କର ନାହିଁ । ଛଳବାକ୍ୟରେ ତାକୁ ଭଣ୍ଡିବାର ବେଳ ଏ ନୁ

ଆଷାଢ଼ର କଜ୍ଜ୍ୱଳକାନ୍ତ ନବ-ବାରିବାହ ପରି ତା' ଆକା ଉଦୟ ହୁଅ, ଦୀନ ବାନ୍ଧବ ! ମନ୍ଦ୍ର-ନାଦରେ ତା'ର ପ୍ରାର୍ଥ ଉତ୍ତର ଦିଅ । ତାର ଦିଗ୍‌ବଳୟକୁ ଆଚ୍ଛନ୍ନ କରି, ତା'ର ଧରି ସଂପୂର୍ଣ୍ଣ ଆବୃତ କରିଅଜସ୍ର ଧାରାପାତରେ, ପ୍ରତ୍ୟେକ ଧୂଳିକ ତୃଷା ନିବାରଣ କର । କୌଣସି ଗୋଟିଏ ତୃଣର ଗୋ ପତ୍ରର ଗୋଟିଏ ଶିରାରେ ବିନ୍ଦୁଏ ତୃଷା ଥିବା ପ ତୁମେ ବର୍ଷିଯାଅ, ଏଭଳି ବିପୁଳ ପ୍ରମାଣରେ ଯେଉଁଠି ପ୍ରଚୁ ରହିଛି, ଯେଉଁଠି ତୁମକୁ ଚାହିଁ ଚାହିଁ ପ୍ରାଣ କଣ୍ଠାଗତ, ସେ କେବେ ବଚନର ନିଷ୍ଠୁରତା ଆଉ କର ନାହିଁ ପ୍ରଭୁ; ଅ ନିର୍ଧନର ପାତକ ଲାଗିଯିବ ! କୀରତି ଚନ୍ଦ୍ରରେ କଳଙ୍କ ଲାଗିଯି ଗରିବ ବାଚ, ଶୁଣିମା ନେଉ ମଣିବା, ନିରେଖ ଜନଚୁ ହେଉ ।



ଶ୍ରୀ ସଦାଶିବ ରଥଶର୍ମା

# ଅର୍ଦ୍ଧାସନୀ ମା' ମାଉସୀମା

ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କର ବର୍ତ୍ତମାନ ମନ୍ଦିର ଥିବା ସ୍ଥାନ ଯାହା ନୀଳାଦ୍ରି ନାମରେ ପ୍ରସିଦ୍ଧ ଯେଉଁ ପ୍ରାସାଦ ମଧ୍ୟରେ ଅନ୍ତର୍ବେଦୀ ବା ପୁରାଣ ପ୍ରସିଦ୍ଧ ପିଣ୍ଡି ଅଛି; ତାହା ସର୍ବପ୍ରାଚୀନ । ଏଠାରେ ବିଦ୍ୟମାନ ଦାରୁମୂର୍ତ୍ତି ଚତୁଷ୍ଟୟ ଶ୍ରୀ ଗୁଣ୍ଡିଚା ଯାତ୍ରା ନିମନ୍ତେ ରଥରେ ଆଡ଼ପ ମଣ୍ଡପକୁ ଯାଆନ୍ତି ବା ଯାତ୍ରା କରିଥାନ୍ତି । ରଥଯାତ୍ରାର ସର୍ବୋତ୍ତମ ସ୍ଥଳର ନାମ ଗୁଣ୍ଡିଚା ଘର, ଆଡ଼ପ ମଣ୍ଡପ, ଯଜ୍ଞମଣ୍ଡପ, ଜନକପୁରୀ, ଓ ତ୍ରାକନାମ ମାଉସୀମା ମନ୍ଦିର । ଏଥିମଧ୍ୟରୁ ମାଉସୀମା ମନ୍ଦିର ନାମଟି ପୁରୀ ଛାଡ଼ିଦେଲେ ସର୍ବତ୍ର ଗୁଣ୍ଡିଚା ମଣ୍ଡପର ଡାକ ନାମରେ ପରିଚିତ ଓ ବ୍ୟବହୃତ । ଏହି ବିଷୟରେ ଜାଣିବାର କଥା ଯେ ପୁରୀ ରଥପଥର ବାମ ଦିଗରେ ଏକ କ୍ଷୁଦ୍ର ପ୍ରାଚୀନ ମନ୍ଦିର ଅଛି । ତାହାର ନାମ, ମାଉସୀମା ମନ୍ଦିର । ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ମନ୍ଦିର ର ନାମ ମାଉସୀମା ମନ୍ଦିର ନୁହେ ବିଶେଷତଃ ପୁରୀରେ ।

ଏଠାରେ ପ୍ରଶ୍ନ ହେଉଛି ଏକେତ ପ୍ରଭୁ ଜଗନ୍ନାଥ ଅପୌରୁଷେୟ ତତ୍ତ୍ୱର ପ୍ରତୀକ, ଜଗନ୍ନାଥ ବିଗ୍ରହ ରହସ୍ୟର ମୂଳ ବିଗ୍ରହ ଯାହାଙ୍କର ନାମ ଚନ୍ଦ୍ରନୀଳମୂର୍ତ୍ତି । ସେ ଅପ୍ରାକୃତ ଓ ସ୍ୱାଭାବିକ ବିଗ୍ରହ । ଶାଳଗ୍ରାମ, ନର୍ମଦେଶ୍ୱର ମୂର୍ତ୍ତି ଭଳି । ଜଗନ୍ନାଥ କାହାର ପୁତ୍ର ନୁହନ୍ତି କି ଭାଇ ନୁହନ୍ତି, ଯାତାୟତ ପ୍ରସଙ୍ଗରେ ସେ ପୃଥକ୍ । ଅର୍ଥାତ୍ ଅଯୋନିସମ୍ଭୂତ । ଅଯୋନିସମ୍ଭୂତ ପୁରୁଷୋତ୍ତମ ବହୁପରେ କୃଷ୍ଣବାସୁଦେବ ପୂଜନ ପଦ୍ଧତିରେ ପୂଜିତ ହେଲେ; ପ୍ରଥମେ ସେ ପ୍ରଣବ ନୃସିଂହାଦି ମନ୍ତ୍ରରେ ପୂଜାହେଉଥିଲେ । ତାଙ୍କର ମାତା ନାହିଁ, ତେବେ ମାଉସୀ ଖଣ୍ଡ କିପରି ଆସିଲା ? ତେବେ କଣ ଏହା ଏକ ଲୋକଗାଥାର ପ୍ରତୀକ ଅଛି ବା ଏ ଅହେତୁକ ନାମ ଲୋକଜ୍ଞାନ ଆସିଯାଇଅଛି ! ଏଥିପାଇଁ ମାଉସୀମାଙ୍କର ରହସ୍ୟଟି ଅଜ୍ଞିତ ଅନୁଚିନ୍ତା । ଏହା ବିଦିତ ଯେ, ଶ୍ରୀଜଗନ୍ନାଥମନ୍ଦିରରେ ମା ଯୋଗମାୟା, ବିଷ୍ଣୁମାୟା ଦୁର୍ଗତିନାଶିନୀ, ଭଦ୍ରଗରଣୀ ବା ନାରାୟଣ ଆଦିଶେଷଙ୍କ ମଧ୍ୟରେ ବିରାଜିତା । ସେ ଶ୍ରୀକ୍ଷେତ୍ରର ଦେବୀ ଉପାସନାର ପରମାଦେବୀ । ସେ ସର୍ବଦେବୀତତ୍ତ୍ୱର ମୂଳାଧାର ସେ ପ୍ରକୃତି ରୂପିଣୀ ଅଟନ୍ତି ।

ସ୍କନ୍ଦ ପୁରାଣୋକ୍ତ ଉତ୍କଳଖଣ୍ଡରେ–

ତାହାଙ୍କୁ ଲକ୍ଷ୍ମୀ ଜଗଦମ୍ବିକା ରୂପରେ ଗ୍ରହଣ କରାଯାଇଛି ।

ଲକ୍ଷ୍ମୀଂ ଲକ୍ଷ୍ମୀଶ ହୃଦୟପଙ୍କଜସ୍ଥାଂ ପୃଥକସ୍ଥିତାମ୍
ବରାଭୟଧାରିଣୀ ଦେବୀଂ ନିତ୍ୟାନପାୟ୍ୟ ଭୂଷଣାମ୍ ॥

ଦୃପକଳକ୍ଷଗତିକାଂ ସଦେବଲ୍ଷଣାଶିନୀମ୍ ୫ । ୬୩ ଉତ୍କଳଖଣ୍ଡେ ପୁନଃ ବ୍ରହ୍ମପୁରାଣୋକ୍ତ ଉତ୍କଳଖଣ୍ଡର ୫୨ ଅଧ୍ୟାୟରେ କୁହାଯାଉଛି ।

ତଯୋର୍ମଧ୍ୟେ ସ୍ଥିତାଂ ଲକ୍ଷ୍ମୀଂ ସୁଭଦ୍ରାଖ୍ୟ ରୂପିଣୀମ୍
ସୀତାଂ କୁଙ୍କୁମାରୁଣ ଦେହା ସୀତାଂ ସାକ୍ଷାତ୍ ଲକ୍ଷ୍ମୀ ମିବାପରମ ॥

ତେଣୁ ଏଥିରୁ ଜଣାଯାଉଛି ସୁଭଦ୍ରା ସାକ୍ଷାତ ଲୋକମାତା 'ମା' ଅଟନ୍ତି । ସର୍ବଲୋକ ଜନନୀରୂପେ ସେ ସଂସ୍କୃତ ଶାସ୍ତ୍ରମାନଙ୍କରେ ସୁବିଦିତା । ଗୋଟିଏ ପ୍ରସଙ୍ଗରୁ ଜଣାଯାଏ ଯେ ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀ କୁଣ୍ଡରୁ କାରଣୋଦକ ନିର୍ଗତ ହୋଇ ମହାପ୍ରଳୟ ଘଟାଇବା ପରେ ପୁଣି ସେହି କୁଣ୍ଡରେ ଲୀନ ହୋଇ ଯାଇଥାଏ ।

ଅତ୍ର ପ୍ରତିବିମ୍ବିତ ନାରି ପ୍ରଳୟେ ଯତ୍ ପ୍ରବର୍ତ୍ତତେ
ଅତୈବ ଲୀୟତେ ପଶ୍ଚାତ ତସ୍ମାତ୍ ରୌହିଣ ସଂଜ୍ଞିତମ୍ ୪।୫୪

ଏହି ଜଳପ୍ରଳୟ ପ୍ରତ୍ୟାବର୍ତ୍ତନ କାଳରେ ଘଟିଥାଏ । ଥରେ ପ୍ରଳୟ ପରେ ସେ ଜଳ କୁଣ୍ଡ ମଧ୍ୟରେ ଲୀନ ହେଉନାହିଁ ତହୁଁ ମା ଲକ୍ଷ୍ମୀ ବିଷ୍ଣୁମାୟା ଯୋଗମାୟାଙ୍କଠାରେ ଏମନ୍ତ ଘଟଣା

ରୂପରେ, ଯୋଗମାୟା ସ୍ୱ-ଗାତ୍ରରୁ ଏକ ଶକ୍ତି ବାହାରି ପ୍ରଳୟୋଦକକୁ ଶୋଷଣ ନିମନ୍ତେ ଆଦେଶ ଦେଲେ । ସୃଷ୍ଟି ନେଇ ଅଗସ୍ତି ସମୁଦ୍ର ଜଳକୁ ଚନ୍ଦ୍ର ଜଳାପରି ପ୍ରଳୟୋଦକ ଶୋଷଣ କରିଦେବାରୁ କ୍ଷେତ୍ର ରକ୍ଷା ହେଲା । ଶବରଙ୍କ ଶୀଙ୍କ ନିବାସ ସ୍ଥଳି ଶବର ଦ୍ୱୀପ ରକ୍ଷା ପାଇଲା । ଶବରମାନେ ସେହିଦିନଠାରୁ ପଶ୍ଚିମ ଦିଗରୁ ବସତି ଉଠାଇ ଉତ୍ତର ଦିଗରେ ବାସକଲେ ଓ ଉକ୍ତ ଅର୍ଦ୍ଧଶୋଷଣିଙ୍କୁ ଇଷ୍ଟଦେବୀ ରୂପରେ ପୂଜାକଲେ । ସେ କ୍ଷେତ୍ରର ଆରାଧିତା ଶକ୍ତି ମଧ୍ୟରେ ଅନ୍ୟତମ । ଉତ୍କଳୀୟ ମର୍ମ ପୁରାଣ ବା ମହାପୁରାଣ M. S. S. ର ରୋହିଣିକୁଣ୍ଡ ପ୍ରଶସ୍ତିରେ କୁହାଯାଇଛି :

ଯୋଗମାୟାଙ୍ଗ ସମ୍ଭୂତାଂ ପ୍ରଳୟୋଦକ ଶୋଷିଣୀ
ଅର୍ଦ୍ଧାଶନୀ ମହାଦେବୀ କ୍ଷେତ୍ର ରକ୍ଷା ବିଧାୟିନୀ ॥

ସେହି ଦେବୀ ବଡ଼ ଦାଣ୍ଡରେ ଦଇତାପତି ସାହିର ପାର୍ଶ୍ୱ ଦେଶରେ ଅବସ୍ଥିତା । ନାମ ତାଙ୍କର ଅର୍ଦ୍ଧାଶନୀ ବା ମାଉସୀମା । ଦଇତା ବା ଶବରାର୍ଚ୍ଚକମାନେ ତାହାଙ୍କୁ ପୂଜନ କରନ୍ତି । ଉକ୍ତିରେ ବ୍ରାହ୍ମଣମାନେ ନିତ୍ୟାର୍ଚ୍ଚନା କରୁଅଛନ୍ତି । ସେହିଠାରେ ବାହୁଡ଼ା ଦଶମୀ ଦିନ ପୁରୋଡ଼ାଶ ବା ପୋଡ଼ପିଠା ଭୋଗଲାଗେ ।

ସ୍କନ୍ଦ ପୁରାଣୋକ୍ତ ପୁରୁଷୋତ୍ତମ କ୍ଷେତ୍ରମାହାତ୍ମ୍ୟ ଶଙ୍ଖ-କ୍ଷେତ୍ରର ବର୍ଣ୍ଣନା ପ୍ରସଙ୍ଗରେ ୪ର୍ଥ ଅଧ୍ୟାୟରେ ତାଙ୍କର ନାମ ଉଲ୍ଲେଖ କରିଅଛନ୍ତି ।


ଅର୍ଦ୍ଧାଶନୀ ତଥା ଲଙ୍କା କୁବେର ବିଶି ସଂହିତାଂ ୪।୩୮

ସେହି କ୍ଷେତ୍ରଶକ୍ତିଙ୍କର ଧ୍ୟାନରୁ ଜଣାପଡ଼େ ସେ ଦ୍ୱିଭୁଜା ମାଳା ଓ ଅଭୟ ମୁଦ୍ରା ବିଭୂଷିତା । ବିଷ୍ଣୁଙ୍କର ପ୍ରିୟ ଦେବୀ ଓ ପ୍ରଳୟବାରି ଶୋଷଣକାରିଣୀ ।

ଦ୍ୱିଭୁଜା ସୌମ୍ୟବଦନାଂ ଅଭୟ ଅକ୍ଷ ଧାରିଣୀ ।
ବିଷ୍ଣୁପ୍ରିୟାଙ୍ଗ ସମ୍ଭୂତା ପ୍ରଳୟବାରି ଶୋଷିକାସ୍ତ
ନାନା ବସନ ଭୂଷିତାଂ ଅର୍ଚ୍ଚାତ୍ରାଣ ପରାୟଣୀ-
ଅର୍ଦ୍ଧାଶନୀ ନମସ୍ତେତୁ, ଭକ୍ତାନାଂ ଅଭୟପ୍ରଦାମ ॥

ଲୋକନାଥ ଦାଶ ପୂଜକଙ୍କଠାରୁ ସଂଗୃହୀତ ତଥ୍ୟ ଅନୁଯାୟୀ ପୂର୍ବ ଦିଗରେ ବା ଉତ୍ତର ପୂର୍ବ ପାର୍ଶ୍ୱରେ ଶବରମାନେ ଆପଣା ପଲ୍ଲୀବସ୍ତି ବସତି ସ୍ଥାପନ କଲାବେଳେ ଏହି ମୂର୍ତ୍ତି ସ୍ଥାପନକରି ସୁଭଦ୍ରାଙ୍କ ଅଙ୍ଗସମ୍ଭୂତା ବୋଲି ପ୍ରମାଣ କରିବାକୁ ବା ରହସ୍ୟକୁ ସୁରକ୍ଷିବାକୁ ଉକ୍ତ ମୂର୍ତ୍ତିର, ଉଦ୍ଧାରପରୁ ଲେପ ସଂସ୍କାର କର୍ମ ଅନୁସାରେ ସୁଭଦ୍ରାଙ୍କ ମୁଖାରବିନ୍ଦ ପରି କରିଅଛନ୍ତି । ଏହି ଲେପ ମୂର୍ତ୍ତିର ଦୁଇ ଗୋଟି କାରଣ ସ୍ପଷ୍ଟ ଜଣାପଡ଼େ । ପ୍ରଥମତଃ ଏ ଯୋଗମାୟାଙ୍କ ଭଗିନୀ । ତେଣୁ ସୁଭଦ୍ରାଙ୍କ ପରି ହେବା ବିଧେୟ ଦ୍ୱିତୀୟତଃ ଶୈବ ନିର୍ମିତ ମୂର୍ତ୍ତିକୁ ଶାକ୍ତ ସଭ୍ୟତା ମଧ୍ୟରେ ସୀମିତ ରଖିବା ପାଇଁ ତାକୁ ଲେପଦ୍ୱାରା ଢାଙ୍କି ଦେଇଛନ୍ତି ପୁରାଣରୁ ବୋଲି ପ୍ରମାଣ କରିବାକୁ । ସମ୍ଭବତଃ ଲୋକମାତା ଯୋଗମାୟା ସୁଭଦ୍ରା ଭଗିନୀ ରୂପରେ ଅର୍ଦ୍ଧାଶନୀଙ୍କୁ ମାତୃଭଗ୍ନୀ ମାଉସୀମା କହିଛ ଓ ସେହିନାମ ହିଁ ପ୍ରସିଦ୍ଧ ହୋଇଛି । ଏହି ଲେଖ ମନ୍ଦିର ଦ୍ୱା ଦେଶରେ ପୂର୍ବେ କୁଟିଳ ଲିପିର ଏକ ଲିପିଥିଲା, ସେଥିରେ ଯାହାଲେଖା ଥିଲା ତାହାକୁ ବର୍ଣ୍ଣଲିପିରେ ଲେଖାଇ ଜନୈ ବଂଶୀୟ ଭକ୍ତ ୰ ଲୋକନାଥ ଦାଶ ସେବକ ମାର୍ଫତଦ୍ୱାର ସହାୟତାରେ ଜଗମୋହନରେ ସ୍ଥାପନ କରିଥିଲେ । କାର ଦର୍ଶଯାତ୍ରୀ ଗଣ ମାଉସୀମାଙ୍କୁ ନିର୍ଦ୍ଧିତ ଦର୍ଶନକରିଥାନ୍ତି ତେଣୁ ସେହି ଲିପି ବର୍ଣ୍ଣଲିପିରେ ସ୍ଥାପନ କରାଯାଇଛି । ପ୍ରାଚୀ ଲିପି ମନ୍ଦିର ମଧ୍ୟରେ ସମ୍ଭବତଃ ଲୁଚି ଯାଇଛି । ସେଥିରେ ଅଛି :

ଅର୍ଦ୍ଧାଶନୀ ବିଦିତାଂ ସୁରଶଙ୍କରେନ
ଖ୍ୟାତା ଯା ପ୍ରଳୟବାରି ବିଶେଷଣେନ
ନୀଳାଦ୍ରି ନାଥ କମନୀୟ ପଦାରବିନ୍ଦେ
ମାତଃ ପ୍ରସୀଦ ବୟଂ ତ୍ୱା ସମ ଚିତ୍ତ ଭୃଙ୍ଗମ ॥



ଅର୍ଦ୍ଧାଶନୀ ବା ମାଉସୀ ମାଙ୍କ ସ୍ୱରୂପ

ଏଠାରେ ସେ ଦେବୀ ପ୍ରଳୟୋଦକ ପାନିନୀରୂ ଯୋଗମାୟା ସୁଭଦ୍ରାଙ୍କ ଅଙ୍ଗସମ୍ଭୂତା । ତେଣୁ ତାଙ୍କୁ ସୁ ଦେବୀଙ୍କ ରୂପ ଦିଆଯାଇ । ସେ ମା ସୁଭଦ୍ରାଙ୍କ ଅଙ୍ଗସମ୍ଭୂ ରୂପରେ ତାଙ୍କର ଭଗିନୀ ବା ମାଉସୀମା ହେଲେ । ପ

ସେବକଙ୍କର ବା ଭକ୍ତଙ୍କର । ମାତ୍ର ତାଙ୍କୁ ଜଗନ୍ନାଥଙ୍କ ମାଉସୀ କୁହାଯାଏ କିପରି ? ବୈଦିକ ତତ୍ତ୍ୱରୁ ସେ ଅନ୍ୟ ଅର୍ଥ ପ୍ରଦାୟିକା ଅଟନ୍ତି । ତାଙ୍କର ନାମକୁ ଅର୍ଦ୍ଧ+ଶୋଷିଣୀ =ଅର୍ଦ୍ଧଶୋଷଣୀ ଅର୍ଦ୍ଧାଶନୀ କୁହାଯାଇପାରେ । ତୈତରେୟ ଉପନିଷଦ ବା ସଂହିତା ରେ ୧, ୧, ୩, ୧୨ ମନ୍ତ୍ରରେ ଅଛି

ତସ୍ୟ ତାନ୍ତସ୍ୟ ହୃଦୟମାଛିନ୍ଦମ୍,

ଜ୍ଞାନ, ଅଜ୍ଞାନ ପ୍ରସଙ୍ଗରେ ଜ୍ଞାନଶକ୍ତି ପରାଶକ୍ତିଙ୍କ କାର୍ଯ୍ୟକାରିତାକୁ ନେଇ ଉପରୋକ୍ତ ଶବ୍ଦର ଅର୍ଥ ହେଲା ଯିଏ ହୃଦୟର ଅଜ୍ଞାନତାକୁ ଭେଦ ବା ଶୋଷଣ କରନ୍ତି ସେ ସେ (ଅର୍ଦ୍ଧଶୋଷଣୀ) ଶକ୍ତି ଅଟନ୍ତି । କାଳିଦାସ କବି କୁମାରସମ୍ଭବ କାବ୍ୟ ସମ୍ଭାରରେ କହନ୍ତି : ଅଶନୀ ଶବ୍ଦ ଶୋଷଣ କ୍ରିୟାର ରୂପାନ୍ତର ଅଟେ । ଯଥା–

"ଅଶନେରମୃତସ୍ୟ ଚୋଭୟ ବିଶିନ୍ ଶାମ୍ବୁଧାରାଶ୍ଚ ଯୋନୟଃ"

ତେଣୁ ଶୋଷଣ କ୍ରିୟାକୁ କେନ୍ଦ୍ର କରି ଉକ୍ତ ଦେବୀଙ୍କର ନାମକରଣ ହୋଇଛି । ସେ ଦେବୀ ଅଖିଳ ଜନ ସମାଜର ମାତୃ ଭଗ୍ନୀ ହୋଇଥିବାରୁ ସୁଭଦ୍ରା ରୂପିଣୀଙ୍କର ଏ ଭଳି ରୂପଯୁକ୍ତା ଅର୍ଦ୍ଧାଶନୀ ମାଉସୀମା କଥିତ ହେବାରେ କିଛି ଅବାନ୍ତରତା ନାହିଁ । ସେ ବାସ୍ତବରେ ଜନମାନଙ୍କର ମାଉସୀମା ମାତ୍ର ଜଗନ୍ନାଥଙ୍କର ମା ନାହାନ୍ତି ମାଉସୀମା ଆସିବେ କୁଆଡୁ ? ସେତ ଜଗତର ସୃଜନଶୀଳ ପ୍ରଭୁ । ତାଙ୍କରି ଇଚ୍ଛିତରେ ସୃଷ୍ଟିର ନିରବତା ବା ତମସା ଭାବକୁ ଭେଦ କରି ତାଙ୍କରି ନାଭିକମଳରୁ ଏକ ପଦ୍ମ ଜାତ ହେଲ ; ସେହି ପଦ୍ମରୁ ଜାତହେଲେ ପ୍ରଜାପତି ବା ପ୍ରଥମ ପବିତ୍ର ଜୀବରୂପ । ପ୍ରଭୁ ବ୍ରହ୍ମ ଏକ ଥିଲେ ସୃଷ୍ଟିକ୍ରିୟା ପୂର୍ବରୁ । ଏବେ ସ୍ରଷ୍ଟା ରୂପରେ ମାୟାରୂପକ ପଦ୍ମ ଓ ଜୀବଚୈତନ୍ୟ ରୂପକ ପ୍ରଜାପତିଙ୍କୁ ସୃଷ୍ଟିକଲେ । ତେଣୁ ମୂଳରେ ପରବ୍ରହ୍ମ ବିଷ୍ଣୁମାୟା ସନାତନୀ ଓ ପ୍ରଜାପତି ଜୀବ ଜନକ ଏହି ତିନି ଜଣଙ୍କର ଉଦ୍ଭବ ହେଲ । ସେ ୧ ଥିଲେ, ୩ ହେଲେ । ବିଶ୍ୱପ୍ରକୃତିରୁ ପ୍ରଭୁଙ୍କର ସଗୁଣତାର ସୃଷ୍ଟି, ନିର୍ଗୁଣ ବ୍ରହ୍ମଙ୍କର ମାୟିକ ବିକାଶରୁ ମାୟାଙ୍କର ଉଦ୍ଭବ ଲୀଳା । ସେଥିରେ ଜୀବ ମାୟାମୟ ଜଗତରେ କ୍ରୀଡ଼ା କରୁଛି । ଏହି ଦୃଷ୍ଟିରୁ ମାଆ ବିଶ୍ୱପ୍ରକୃତି ବା ସାଂଖ୍ୟଜନନୀର ସହଜାତା ପୁରୁଷୋତ୍ତମଙ୍କର ତତ୍ତ୍ୱ ମାତୃକାଙ୍କର ଭଗିନୀ "ମାଉସୀମା" ହୋଇପାରନ୍ତି । ପରନ୍ତୁ, ଏହିତତ୍ତ୍ୱ ପ୍ରତିମା ତତ୍ତ୍ୱଠାରୁ ବହୁ ଦୂରରେ । ଏହି ଅର୍ଦ୍ଧାଶନୀ ଶବର ସେବକମାନଙ୍କ କୁଳଦେବୀଭାବରେ ଗୃହୀତ, ଓ ଏହି ନିବାସ ଭୂମିର ଅନ୍ୟ ଦିଗରେ ଶବର ସେବକ ବା ଦଇତାପାଳକଙ୍କର ଯକ୍ଷେଶ୍ୱରୀ ମୂର୍ତ୍ତି ମଧ୍ୟ ସେହି ନିବାସ ଭୂମିର ଅନ୍ୟଦିଗରେ ବିରାଜିତ । ଏହି ଅର୍ଦ୍ଧଶୋଷଣୀ ବିଷୟରେ ଅନ୍ୟ ଏକ କାରଣ ନିହିତ ଥିବା କର୍ମକାଣ୍ଡିମାନଙ୍କର ଅଭିମତ । ୰ଦାମୋଦର ପୂଜାପଣ୍ଡା ପ୍ରମୁଖଙ୍କ ମତ ଯେ ଅର୍ଦ୍ଧାଶନୀ ଶ୍ରୀ ଆଡ଼ପ ମଣ୍ଡପର ଯୂପଶକ୍ତି ଅଟନ୍ତି । ଏହା ନିଶ୍ଚିତ ଯେ କୌଣସି ବିଶିଷ୍ଟ ଯାଗ ଓ ବାସ୍ତୁଯାଗରେ ଯୂପ ପୂର୍ବୋତ୍ତର ବା ଐଶାନ୍ୟକୋଣରେ ପ୍ରୋଥିତ ହୋଇ ତାଙ୍କୁ ଅଭିଷେକ କରାଯାଇ ଥାଏ ବର୍ଦ୍ଧନୀ ଜଳରେ । ବର୍ଦ୍ଧନୀ କଳସର ଅବଶେଷ ଜଳ ଯୂଗଦେବତାଙ୍କୁ ସମର୍ପିତ ହେବା ଦୃଷ୍ଟିରୁ ଅର୍ଦ୍ଧାଶନୀ ଆଡ଼ପ ମଣ୍ଡପର ଯୂପଶକ୍ତି ଓ ଯଜ୍ଞାଙ୍ଗ ରୂପରେ ଯଜ୍ଞର ଅନ୍ତିମ ଦିବସ ବା ବାହୁଡ଼ା ଦଶମୀ ଦିନ ତାଙ୍କୁ ପୁରୋଡ଼ାଶ ନୈବେଦ୍ୟ ପ୍ରଦତ୍ତହୁଏ । ମୋଟ ଉପରେ ଉକ୍ତ ଅର୍ଦ୍ଧାଶନୀ ପ୍ରତିମା ଜଗତରେ ସର୍ବତନ୍ତ୍ର ସ୍ୱତନ୍ତ୍ର ଓ ବିଶେଷତ୍ୱପୂର୍ଣ୍ଣ । ଶବରସାମନ୍ତମାନେ ଇନ୍ଦ୍ରନୀଳମଣି ମୂର୍ତ୍ତିକୁ ଲୁଚାଇ ରଖିଲପରି ଅର୍ଦ୍ଧାଶନୀଙ୍କ ଅର୍ଦ୍ଧାଙ୍ଗକୁ ସୁଭଦ୍ରାଙ୍କ ମୁଖମଣ୍ଡଳରୂପରେ ଲୁଚାଇ ରଖିଛନ୍ତି ଓ ଏହାକୁ ଗୁହ୍ୟ ଦେବୀରୂପରେ ପୂଜନ କରନ୍ତି ।

ଗବେଷକ,
ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ.





ଶ୍ରୀ ରଜତ କୁମାର ...

ଜଗନ୍ନାଥଙ୍କ ବିଷୟରେ ଅନେକ ଚର୍ଚ୍ଚା ହେଉଛି । ଅନେକେ ଯାଙ୍କ ଆଡ଼କୁ ଚାହିଁରହିଛନ୍ତି ? ଯାଙ୍କ ନାମରେ କେତେ ଗୀତ ! କେତେ ଭାଷଣ ! ତଥାପି ଏ ଧାରା ଦେଉଛନ୍ତି । ସବୁ ଗବେଷଣା, ଚର୍ଚ୍ଚାର ଊର୍ଦ୍ଧ୍ୱରେ ରହିସରେ ଚିର ରହସ୍ୟାବୃତ । ଏ ରହସ୍ୟ ଭେଦିବା ଦୁଷ୍କର । ପ୍ରତିଥର ଚର୍ଚ୍ଚାରେ ସେ ନୂତନ ଭାବେ ପ୍ରତିଭାତ । ଏହି ତାଙ୍କର ବୈଶିଷ୍ଟ୍ୟ ।

ଜଗନ୍ନାଥ ଏକ ବ୍ୟାପକ ଶବ୍ଦ । ଜଗନ୍ନାଥ କେବଳ କଳାକାୟା, କଳାଶ୍ରୀ ମୁଖ ନୁହନ୍ତି । ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରା ଜଗନ୍ନାଥ, ସୁଦର୍ଶନ ମଧ୍ୟ ଜଗନ୍ନାଥ । ବ୍ରହ୍ମ ଅର୍ଥରେ ବ୍ୟବହୃତ ଜଗନ୍ନାଥ ବିଭିନ୍ନ ଭାବରେ ପୂଜିତ । ବଳଭଦ୍ର ଭାବରେ ସେ ଶଙ୍ଖ ଗଦାଧର ବିଷ୍ଣୁ ଓ ଶର୍ଦ୍ଧାଦର୍ଶ ଚତୁର୍ଭୁଜ । ସେ ପୁଣି ରୁଦ୍ର ସ୍ୱରୂପ । ଶିବଙ୍କ ବିଧାସରେ ପୂଜା ବିଲ୍ୱ ବେଲପତ୍ର ପରିବର୍ତ୍ତେ ତୁଳସୀ ତାଙ୍କପାଦରେ ମଣ୍ଡଣି ହୁଏ । ସୁଭଦ୍ରା ଦୁର୍ଗା । କିନ୍ତୁ ବେଲପତ୍ର ଲାଗି । ସେଠି ମଧ୍ୟ ତୁଳସୀ । ସେ ମଧ୍ୟ ବିଷ୍ଣୁ ରୂପା ।

ଜଗନ୍ନାଥ ତ ବିଷ୍ଣୁଭାବେ ପୂଜିତ । ଏକ ସଙ୍ଗେ ତିନି ପଣା ତିନି ଠାକୁରଙ୍କ ଆରତି କରନ୍ତି । ଏକ ବ୍ରହ୍ମ ତିନି ରୂପ । ଏକର୍ ବହୁଧା ରଶ୍ମିତାକୁ ସର୍ବଦା ଦେଖା କରାଯାଉଛି । ମାତୃରୂପା ବ୍ରହ୍ମ ସୁଭଦ୍ରା ରୂପରେ ଭିନ୍ନେ । ରୁଦ୍ର ରୂପୀ ଧବଳ ସକ୍ରିୟ ଭୀମ ଭୟଙ୍କର ବିଷ୍ଣୁ ଅଲଷ ବଦନ ପ୍ରଶାନ୍ତ ମୂର୍ତ୍ତି ବଳଭଦ୍ର । ଜଗନ୍ନାଥତ ଶବଦ ମହାମେରୁ । ସନାତନ ଦ୍ରଷ୍ଟା ଅତି ସହଜ ପୁଣି ଅତୀବ ଜଟିଳ । ଯୋଗୀ ଭକ୍ତି ପ୍ରେମୀ ପାଇଁ ସହଜ ଲଭ୍ୟ; ଯୋଗୀର ଧ୍ୟାନ ଗମ୍ୟ ପୁଣି ଅପ୍ରକଟ ଓ ତମସାର ପାଙ୍ଗ ମହାନ ପୁରୁଷ---

ସୁଦର୍ଶନ କଣ ବିଷ୍ଣୁ ଅସ୍ତ୍ର ବିଶେଷ ? କିଏ ସେ ଜଗନ୍ନାଥ । ବ୍ରହ୍ମଙ୍କର ସେ ଜ୍ୟୋତିର୍ମୟ ରୂପ । ସେ ନିରାକାର ବ୍ରହ୍ମ । ଅନ୍ୟ ତିନି ମୂର୍ତ୍ତି ବ୍ରହ୍ମର ସାକାରତ୍ୱ ର ପ୍ରତୀକ । ଜଗନ୍ନାଥ ସାକାର ନିରାକାରର ମଧ୍ୟବର୍ତ୍ତୀ । ସୁଭଦ୍ରା ତତ୍‌ପରବର୍ତ୍ତୀ ଅବସ୍ଥା ... ବଳଭଦ୍ର ଆକାରରେ ଦୀବର ନିକଟବର୍ତ୍ତୀ ।

ସୁଦର୍ଶନଙ୍କ ପାଇଁ ସ୍ୱତନ୍ତ୍ର ପୂଜାର ବ୍ୟବସ୍ଥା ନାହିଁ । ... ବିଶେଷ ପର୍ବମାନଙ୍କରେ ତାଙ୍କ ପାଇଁ ସ୍ୱତନ୍ତ୍ର ପୂଜା ବ୍ୟବ... ସନ୍ଧ୍ୟା ପୂର୍ଣ୍ଣମୀ ଦିନ ମଦନମୋହନ ଆସି ସିଂହାସନରେ ବସ... ସବୁ ପର୍ବମାନଙ୍କରେ ଜଗନ୍ନାଥଙ୍କ ପ୍ରତିନିଧି ମଦନମୋହ... ସେ ବିଷ୍ଣୁ ମୂର୍ତ୍ତି । କୃଷ୍ଣ ଜନ୍ମାଷ୍ଟମୀ, ଚନ୍ଦନ, କୃଷ୍ଣ ବିବାହ ... ଉତ୍ସବରେ ମଦନମୋହନ ହିଁ ଜଗନ୍ନାଥ । ଦୋଳ ବେଦୀକୁ ... ମୋହନ ଯାଆନ୍ତି ନାହିଁ । ସେଠି ଦୋଳଗୋବିନ୍ଦ ଜଗନ... ପ୍ରତିନିଧି । ସନ୍ଧ୍ୟା ପୂର୍ଣ୍ଣମୀ ଦିନ ବଳଭଦ୍ର ଜନ୍ମଦିନ । ... ଅଣାମାନ ପାଇଁ ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନ ... ମଣ୍ଡପକୁ ବିଜେ କରନ୍ତି । କିନ୍ତୁ ସୁଦର୍ଶନ ମଧ୍ୟ ବିଜେ କରୁ... ଦଇତାମାନେ ଆସି ସିଂହାସନରୁ ସୁଦର୍ଶନଙ୍କୁ ଆଣି ଜଗମୋହ... ଥିବା ଚଉଦୋଳରେ ବସାନ୍ତି । ସୁଭଦ୍ରା ମେଢ଼ାପ ... ପାଟ ପଡନ୍ତି ଲାଗି ହୁଅନ୍ତି । ପ୍ରଭୁ ସୁଦର୍ଶନ । ... ଯୋଗାଉଥିବା ଚୂଡ ବା ମୁକୁଟ ପ୍ରଦର୍ଶନ ଲାଗି ହୁଅନ୍ତି । ତ... ବସି ସୁଦର୍ଶନ ସ୍ନାନ ମଣ୍ଡପରେ ବିଜେ ହୁଅନ୍ତି । ସୁଦର୍ଶ... ଅଣି (ଓଢ଼ିଣୀ ବା କମର ପଟି) ଓ ପୁନା ହରଡ଼ମାନ ପି... ଦିମାଳରେ ବସି ମାର୍କଣ୍ଡ ଯାଆନ୍ତି । ସେଠି ମଣ୍ଡପରେ ... ହୁଅନ୍ତି । ତାଙ୍କ ସମ୍ମୁଖରେ ବଡ଼ଗାନ୍ଧଙ୍କ ମାଟିପିଟୁଳା ... ପାଣ ଶେଷରେ ବିସର୍ଜନ ହୁଅନ୍ତି । ଏହାପରେ ସୁଦର୍ଶନ ଫେ... ସୁଦର୍ଶନ ସିଂହାସନରେ ବିଜେକଲା ପରେ ସିଂହାସନ ଧୂଆପ... ଭିଜି ଠାକୁର ଓ ସୁଦର୍ଶନଙ୍କ ମହାସ୍ନାନ ହୁଏ ।

ସନ୍ଧ୍ୟା ଧୂପରେ ପୁଷ୍ପାଞ୍ଜଳି ପୂଜାପଣ୍ଡା ସୋଳ୍ହର୍ଣ୍ଣ ଉପଚ... ତିନିଠାକୁର ଓ ସୁଦର୍ଶନଙ୍କୁ ପୂଜା କରନ୍ତି । ... ସିଂହାସନରେ ଜଗନ୍ତି ଓ ଉଦେ ତଳେ ସୁଦର୍ଶନଙ୍କ ... ବସନ୍ତି । ଭୋଗ ସରିବା ପରେ ସୁଦର୍ଶନଙ୍କ ବନ୍ଦାପନା ହୁ...

ରାଧାଷ୍ଟମୀ ଦିନ ମଧ୍ୟ ଆଜ୍ଞାମାଳ ପାଇ ସୁଦର୍ଶନ ଚଳମୋହନ ଯାଇ ଚଉଦୋଳରେ ବସି ଝୁଲଣ ମଣ୍ଡପକୁ ଯାଆନ୍ତି । ସେଠି ସୁନା ହରଡ଼ମାଳ, କମରପଟି ଓ ମୁକୁଟ ପିନ୍ଧି ବେଢ଼ା ବୁଲି, ଜଗେଶ୍ୱରଙ୍କ ପାଖକୁ ଯାଇ ଫେରନ୍ତି ।

କୁମାରପୂର୍ଣ୍ଣମୀ ଦିନ ମଧ୍ୟ ସୁଦର୍ଶନ ବେଢ଼ା ପରିକ୍ରମା କରି ଫେରିବେ । ସିଂହାସନରେ ମହାସ୍ନାନ ହେବ । ସୁଦର୍ଶନଙ୍କ ପାଖରେ ଭୋଗପରେ ସ୍ୱତନ୍ତ୍ର ବନ୍ଦାପନା ହୁଏ ।

ସେ ଅସ୍ତ୍ର ନୁହନ୍ତି । ନିଜେ ସେ ଜଗନ୍ନାଥ । ପ୍ରତିନିଧି ମଦନମୋହନଙ୍କୁ ନ ପଠାଇ ସେ ନିଜେ କାମ ତୁଲାନ୍ତି । କ'ଣ ଏ ରହସ୍ୟ ? ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା କେବଳ ବାହାରନ୍ତି ସ୍ନାନ ଓ ରଥରେ ସୁଦର୍ଶନଙ୍କ ଯନ୍ତ୍ର ବହୁବାର । ସେ ସଚଳ, ପୁଣି ଅଚଳ ।

ସିଂହାସନରେ ଜଗନ୍ନାଥ ଏକାକୀ ନାହାନ୍ତି । ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କ ସାଙ୍ଗକୁ ଲକ୍ଷ୍ମୀ ଓ ଭୂଦେବୀ ବା ସରସ୍ୱତୀ । ପ୍ରମାଣ ମିଳିଛି ରତ୍ନ ସିଂହାସନରେ ଭୈରବ ମୂର୍ତ୍ତି ପୂଜା ପାଉଥିଲେ । ଶାକ୍ତମାନଙ୍କ ମତରେ ଜଗନ୍ନାଥ ଭୈରବ । ତେଣୁ ଭୈରବ (ଭୀମ ଭୟଙ୍କର ଶିବ ମୂର୍ତ୍ତି) ମଧ୍ୟ ସିଂହାସନରେ ବିଜେ ହୋଇଥିଲେ ।

ବୈଷ୍ଣବମାନଙ୍କ ପ୍ରାଧାନ୍ୟ ବୃଦ୍ଧି ହେବା ପରେ ସେ ମୂର୍ତ୍ତି ଭାଙ୍ଗି ଦିଆଯାଇଥିଲା । ପରେ ମରହଟ୍ଟା ଓ ଇଂରେଜଙ୍କ ପରେ ଆପତ୍ତି କରି ମଧ୍ୟ ଭୈରବ ମୂର୍ତ୍ତି ଆଉ ରତ୍ନ ସିଂହାସନକୁ ଫେରି ପାରିଲେ ନାହିଁ ।

ମନେହୁଏ ଜଗନ୍ନାଥ ଏକାହିଁ ଥିଲେ । ସେତେବେଳେ ସେ ଜଗନ୍ନାଥ ନ ଥିଲେ । ସେ ଥିଲେ ପୁରୁଷୋତ୍ତମ । କ୍ଷେତ୍ରର ନାମ ମଧ୍ୟ ଥିଲା ପୁରୁଷୋତ୍ତମ । ଲୋକ ମୁଖରେ ହେଲା ପୁରୁଷୋତ୍ତମ । ପରେ ସେ ବିଭିନ୍ନ ମୂର୍ତ୍ତି ଧାରଣ କଲେ । କୃଷ୍ଣଭାବରେ ପରିଚିତ ହେବାକୁ ଦରକାର ପଡ଼ିଲା ସେ ଜନ୍ମ ହେବେ, ଦୋଳିରେ ଝୁଲିବେ, ରୁକ୍ମିଣୀ ବିଭା କରିବେ । ତେଣୁ ମଦନମୋହନ ତାଙ୍କର ପ୍ରତିନିଧି ହେଲେ ।

କେତେକ ଗବେଷକଙ୍କ ମତରେ ତ୍ରିମୂର୍ତ୍ତି ବହୁବାଦ ଆସିଲେଣି । ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ବହୁ ପ୍ରମାଣ ଏଥିପାଇଁ ମିଳୁଛି । ପଥରରେ ଶ୍ରୀକୃଷ୍ଣ, ବଳରାମ ଓ ଏକାନଂଶା ମୂର୍ତ୍ତି ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରୁ ଖୋଦିତ ହୋଇ ସାରିଲେଣି । ଏଥିରେ କୃଷ୍ଣ ଚତର୍ଭୁଜ ଓ ବଳରାମ ଦ୍ୱିଭୁଜ । ଖ୍ରୀଷ୍ଟଙ୍କ ଜନ୍ମ ପୂର୍ବରୁ ତ୍ରିମୂର୍ତ୍ତି ପୂଜାର ମଧ୍ୟ ସୂଚନା ମିଳିଛି ।

ଭୁଜହୀନା ସୁଭଦ୍ରା ଓ ଅସମ୍ପୂର୍ଣ୍ଣ ଭୁଜ ସମ୍ପନ୍ନ ଜଗନ୍ନାଥ, ବଳଭଦ୍ର ଏହାଠାରୁ ଅଧିକ ପୁରାତନ ହୋଇଥିବେ । ସାରଳା ଦାସ ଓ ପରେ ବଳରାମ ଦାଶ ନିଜ ଲେଖାରେ ପ୍ରମାଣ କଲେ ଯେ, ଶ୍ରୀକୃଷ୍ଣଙ୍କ ଅଂଶ ବିଶେଷ ଦାରୁ ରୂପେ ନୀଳକନ୍ଦରରେ ବିଜେ ହେଲେ । ବଳରାମ ଦାସ ଭାବ କଲ୍ଲୋଳରେ କହିଲେ ।

ପାଣ୍ଡବେ ତୋର ବନ୍ଧୁ ସୋଦର,
ତୋତେ ବୁଡ଼ାଇ ମାଇଲେ ହୁଦର ॥
କାଥ ତୁ ସେ ଜଳେ ବୁଡ଼ି ନ ମଲୁ,
ନୀଳ କନ୍ଦରରେ ଦାରୁ ହୋଇଲୁ ॥

କଥିତ ଅଛି ଜଗନ୍ନାଥ ଏକାକୀ ଥିଲେ । ତାଙ୍କୁ ସୋନପୁରଠାରେ ପାତାଳି କରାଯାଇଥିଲା । ଯଯାତିଙ୍କ ସମୟରେ ପୁନଃ ପ୍ରତିଷ୍ଠା ଓ ପୁନଃ ନିର୍ମାଣ ହେଲା । ଶଙ୍କରାଚାର୍ଯ୍ୟଙ୍କ ପ୍ରଭାବରେ ତ୍ରିମୂର୍ତ୍ତି ଭାବେ ଶୋଭା ପାଇଲେ । ମହା ମହେଶ୍ୱର ବଳଦେବଙ୍କୁ ଓ ମହା ମହେଶ୍ୱରୀ ସୁଭଦ୍ରାଙ୍କ ପାଇଁ ଶାଳଗ୍ରାମ ଯୋଗାଇ ଦେଲେ ନେପାଳର ରାଜା । ଜଗନ୍ନାଥ ମନ୍ଦିରରେ ସେଥିପାଇଁ ତାଙ୍କର ସ୍ୱତନ୍ତ୍ର ପୂଜା ଅଧିକାର ରହିଛି ।

ଗଙ୍ଗବଂଶର ରାଜାମାନଙ୍କ ଶିଳାଲିପିରେ ଜଗନ୍ନାଥ ଶବ୍ଦ ନାହିଁ । ଚୋଡ଼ଗଙ୍ଗ, ଅନଙ୍ଗଭୀମ ପ୍ରଭୃତିଙ୍କ ଅମଳରେ ପ୍ରାପ୍ତ ହୋଇଥିବା ଶିଳାଲିପିରେ ପୁରୁଷୋତ୍ତମ ଶବ୍ଦ ବ୍ୟବହୃତ । ଯେଉଁଠି ଜଗନ୍ନାଥ ଶବ୍ଦ ବ୍ୟବହୃତ ହୋଇଛି, ସେଠି ଆଦି ବୁଦ୍ଧଙ୍କ କଥା କୁହାଯାଇଛି । ଏହା ଏକାଦଶ ଶତାବ୍ଦୀର କଥା । କିନ୍ତୁ ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ରଦେବଙ୍କ ବେଳକୁ ବୌଦ୍ଧ ଧର୍ମର ଆଦିବୁଦ୍ଧ ଜଗନ୍ନାଥ ପୁରୁଷୋତ୍ତମଙ୍କ ସ୍ଥାନ ଅଧିକାର କରି ସାରିଲେଣି । ଜଗନ୍ନାଥ ନାମ ଜନପ୍ରିୟ ହୋଇ ସର୍ବାଦୃତ ହେଲା । ପୁରୁଷୋତ୍ତମ ନାମ କେବେ କିମିତି ବ୍ୟବହୃତ ହୋଇଛି ।

ତୃତୀୟ ଅନଙ୍ଗ ଭୀମ ଦେବ ନିଜକୁ ପୁରୁଷୋତ୍ତମ ପୁତ୍ର, ଶିବ ପୁତ୍ର ଓ ଦୁର୍ଗା ପୁତ୍ର ବୋଲି ଘୋଷଣା କରିଥିଲେ । ଏଥିରେ ସେ ସମସ୍ତଙ୍କୁ ଶାକ୍ତ, ଶୈବ ଓ ବୈଷ୍ଣବ ମତର ସମନ୍ୱୟ ନିମନ୍ତେ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହେବା ସୂଚିତ ହୁଏ ।

ପୁରୀ ମନ୍ଦିର ବେଢ଼ାରେ ଥିବା ପାତାଳେଶ୍ୱର ମନ୍ଦିରର ଅନଙ୍ଗ ଭୀମ ତୃତୀୟଙ୍କ ଶିଳାଲିପିରେ ଦୁର୍ଗା, ଶିବ ଓ ପୁରୁଷୋତ୍ତମଙ୍କ ମିଳିତ ବିଗ୍ରହକୁ ପୁରୁଷୋତ୍ତମ ଭାବେ ସୂଚନା ଦିଆଯାଇଛି । ପରେ ଏ ତ୍ରିମୂର୍ତ୍ତି ଏକତ୍ର ଜଗନ୍ନାଥ ଭାବେ ପରିଚିତ ହେଲେ । ଜଗନ୍ନାଥଙ୍କ ପ୍ରଭାବରେ ଶିବଙ୍କ ଶିବତ୍ୱ ଓ ସୁଭଦ୍ରାଙ୍କ ଦୁର୍ଗା ଭାବ ହଜି ସମସ୍ତେ ବିଷ୍ଣୁ ସ୍ୱରୂପ ହୋଇଗଲେ ।

ଜଗନ୍ନାଥ କେବଳ ବଳଭଦ୍ରଙ୍କ ଶିବତ୍ୱ ନେଲେ ନାହିଁ । ଲିଙ୍ଗରାଜଙ୍କ ଶିବତ୍ୱ ହରି ସେ ହରିହର ହେଲେ ।

ପ୍ରସିଦ୍ଧ ଅଶୋକାଷ୍ଟମୀ ରଥରେ ଶିବ ପାର୍ବତୀଙ୍କ ପରିବର୍ତ୍ତେ ଦୋଳଗୋବିନ୍ଦ ବିଷ୍ଣୁ, ଲିଙ୍ଗରାଜ ଓ ଦୁର୍ଗା ରଥାରୂଢ଼ା ହେଲେ ।

ଚତୁର୍ଭୁଜା ମହିଷ ମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ରୁକୁଣୀ । ସେ ରଥରେ ଯାଆନ୍ତି । ରଥର ନାମ ଦେବଦଳନ । ପୁରୀରେ ସୁଭଦ୍ରାଙ୍କ ରଥର ନାମ ଦେବଦଳନ । ରୁକୁଣୀଙ୍କ ଦୁଇ ପାଖରେ ଜଗନ୍ନାଥ ବଳଭଦ୍ର ଭଳି ଦୋଳଗୋବିନ୍ଦ ଓ ଲିଙ୍ଗରାଜ ଅଦ୍ଭୁତ ସମନ୍ୱୟ ! ଶିବଙ୍କ ରଥରେ ଦୁର୍ଗା ଓ ବିଷ୍ଣୁ । ଏକ ବ୍ରହ୍ମ ; ତିନି ଧାରା । ଏପରି ସମନ୍ୱୟ କୁତ୍ରାପି ନାହିଁ !

ରୁକୁଣା ଶବ୍ଦ ରୁକ୍ମାସିକା ବା କନକ ଦୁର୍ଗାରୁ ଆସିବା ଅନୁମାନ ।

ଭୁବନେଶ୍ୱର ସମ୍ବନ୍ଧୀୟ ପ୍ରାଚୀନ ଗ୍ରନ୍ଥ ସ୍ୱର୍ଣ୍ଣାଦି ମହୋଦୟ ଓ ଏକାମ୍ର ଚନ୍ଦ୍ରିକାରେ ଅଶୋକାଷ୍ଟମୀରେ ଯେଉଁ ରଥର ବର୍ଣ୍ଣନା ରହିଛି ସେଥିରେ ତ୍ରିମୂର୍ତ୍ତିଙ୍କ କଥାର ଉଲ୍ଲେଖ ନାହିଁ ।

ଏକାମ୍ର ଚନ୍ଦ୍ରିକାନୁଯାୟୀ–
"ଶଙ୍କରଂ ପାର୍ବତୀଂ ଚୈବ କୁମାରଂ "
ବିନ୍ଦି ଲୋକପତ ।

ରଥରେ ଶଙ୍କର, ପାର୍ବତୀ କାର୍ତ୍ତିକେୟ ପୂଜା ପାଉବେ । ସ୍ୱର୍ଣ୍ଣାଦି ମହୋଦୟରେ "ଯାସ୍ୟେ ଗିରିଜୟା ସାର୍ଦ୍ଧଂ" ଶିବ ଗିରିଜାଙ୍କ ସଙ୍ଗତରେ ରଥରେ ଯାଆନ୍ତି ।

ଶିବ ପାର୍ବତୀଙ୍କ ସ୍ଥାନରେ ରୁକୁଣୀ ରଥରେ ସ୍ଥାନ ବିଷ୍ଣୁ, ଶିବ ଓ ଦୁର୍ଗା । ସମନ୍ୱୟ ଧର୍ମୀ ଜଗନ୍ନାଥ ବଳିୟା ବିପୁଳ ଭୁଜ ବିସ୍ତାର କରି ସେ ସମସ୍ତଙ୍କୁ ମିଳାଇ ପାରି ଅଘଟଣକୁ ଘଟଣ କରିଛନ୍ତି । ଏକକୁ ବହୁ ଓ ବହୁକୁ ରୂପାନ୍ତରିତ କରିଛନ୍ତି । ସେ କାଞ୍ଚନ । କାଚ ତାଙ୍କ ମର୍କତ ଭଳି ଝଟକିଛି ।

ଅପ୍ରତିହତ ସେ । କେହି ତାଙ୍କୁ ରୋଧି ପାରି ତାଙ୍କ ଭାବର ଗାଙ୍ଗେୟ ପ୍ରବାହରେ ଓଡ଼ିଶାର ସବୁ ଭେ ମିଶି ଯାଉଛି ।

କିଏ ସେ ? ଚିହ୍ନିବା ସମ୍ଭବ ହେଉ ନାହିଁ ହେଉ ନାହିଁ । ରହସ୍ୟ ବରଫାବୃତ ଗଭୀର ମହୋଦଧି ସେ ।

ଶିକ୍ଷା ନିର୍ଦ୍ଦେଶକ (ପ୍ରାଇମେରୀ) ଭୁବନେଶ୍ୱର.

## ସାକ୍ଷୀ ଗୋପୀଙ୍କର କଥାବାର୍ତ୍ତା—ତିନି ମୂର୍ତ୍ତିଙ୍କୁ ଦେଖାଇଣ

କେ ନିଜ ପ୍ରାଣ ପ୍ରିୟାକୁ ସଙ୍ଗେ ଯେବେ ଦର୍ଶନ କରନ୍ତେ ରଙ୍ଗେ
କର ନିବେଦି ରଭସ ଅଙ୍ଗେ ବୋଲଇ କାନ୍ତ ହେ ।

କେ ବଳଭଦ୍ର କେ ଜଗନ୍ନାଥ କେବା ସୁଭଦ୍ରା କହହେ ନାଥ
କାହାର କର୍ଣ୍ଣ ଭଙ୍ଗ କେ କର୍ଣ୍ଣ ଚିତ୍ର ବହନ୍ତି ହେ ।
ଏହା ଶୁଣି ନାୟକ ବୋଲଇ ସଖିରେ
ଏହି ସକଳେ ସ୍ୱର୍ଣ୍ଣ ଘର୍ଣ୍ଣ ସୁମୁଖିରେ

ଅତି ବିପୁଳ ପ୍ରଳମ୍ବ ହାଥ ଦେବରାଜ ଏ ଶ୍ରୀ ଜଗନ୍ନାଥ
ଫୁଟିଲା ପଦ୍ମ ପ୍ରାୟ ବିଧାର ଯାହାର ଆକ୍ଷିରେ ।।

ବଡ଼ ରସିକ ନାଗର ବର ନାଗରୀ ନାରୀ ଧଇର୍ଯ୍ୟ ହର
ଶ୍ରୀ ନନ୍ଦିଘୋଷ ରଥ ରଥୀ ଏ ରଥାଗ୍ର ଧର ଗୋ ।

ଏହାକୁ ଏବେ ଦର୍ଶନ କର ହୋଉ ଅଶେଷ ଦୁରିତ ଦୂର
ଶୁଣି ସୁନ୍ଦରୀ ଶିରେ ପୁଣିତେ ଯୋଡ଼ିଲ କର ସେ ।
ପୁଣି କେଉ ଦେଖାଅ ଧିର ପାଣିକି ସେ
ମହା ସୁନ୍ଦର ମଣ୍ଡ ସିଂହଠାଣିକି ସେ

ଶରଦ ପର୍ବ ଶର୍ବରୀ ପତି ସର୍ବ ଗଞ୍ଜାଇ ଶ୍ରୀମୁଖ କାନ୍ତି
ବଳଭଦ୍ର ଏ ରେବତୀ-ପ୍ରାଣ ମଣିର ମଣି ଗୋ ।।

# ଶ୍ରୀଜଗନ୍ନାଥ ମହାନ୍ ସଂସ୍କୃତି

• ଅଧ୍ୟାପକ ଡକ୍ଟର ଅମୂଲ୍ୟ ମହାପାତ୍ର

ଶ୍ରୀଜଗନ୍ନାଥ ଦର୍ଶନତତ୍ତ୍ୱ ଅତି କଷ୍ଟସାଧ୍ୟ ଓ ଗଭୀର ରହସ୍ୟାତ୍ମକ ହୋଇଥିଲେ ମଧ୍ୟ ଏହା ମାନବ ଜାତି ପାଇଁ ଏକ ଉତ୍କୃଷ୍ଟ ସରଳ ମାର୍ଗ । ଏହି ମାର୍ଗ ସମସ୍ତ ଜ୍ଞାନୀ ଓ ଅଜ୍ଞାନୀ, ଭକ୍ତ ଓ ଅଭକ୍ତ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ସେହିମାର୍ଗ ଏକାଧାରରେ ଜ୍ଞାନ, ଭକ୍ତି ଓ କର୍ମର ସମନ୍ୱୟ । ଯେ ଯେପରି ଭାବରେ ତାହାଙ୍କୁ ଆରାଧନା କରିଛି– ସେ ଠିକ୍ ସେହିପରି ଭାବରେ ତାହାଙ୍କୁ ପାଇଛି । ଗୀତାରେ ମଧ୍ୟ ଉଲ୍ଲେଖ ଅଛି– "ଯାଦୃଶୀ ଭାବନା ଯସ୍ୟ 'ସିଦ୍ଧି'ର୍ଭବତି ତାଦୃଶୀ" ।

ଶ୍ରୀଜଗନ୍ନାଥଙ୍କର ଧର୍ମ ଓ ଦର୍ଶନ ବିଶେଷ କରି ମାନବ ଧର୍ମ ଓ ସଂସ୍କୃତିର ଆଧାର ଓ ଭିତ୍ତିଭୂମି । ସଂସ୍କୃତି ହେଉଛି ଏକ ଅବିଭକ୍ତ ପରମ୍ପରା ଯେଉଁଠି ମାନବୀୟ ବିକାଶ ଧାରାରେ ଏକ ନିର୍ଦ୍ଧାରିତ ଗତି, ନୀତି ଓ ଚଳଣିକୁ କେନ୍ଦ୍ରକରି ତାହା ଗଢି ଉଠିଥାଏ । ବିଶେଷତଃ ଭାରତର ହିନ୍ଦୁ ସଂସ୍କୃତିର ସମନ୍ୱୟ ସାଧନାରେ ଶ୍ରୀଜଗନ୍ନାଥଙ୍କର ଦାନ ଯଥାର୍ଥରେ ଅତୁଳନୀୟ । ସେ ହିନ୍ଦୁ ସମାଜର କେବଳ ପରମାରାଧ୍ୟ "ଜଗନ୍ନାଥ ନୁହନ୍ତି– ସେ ଓଡ଼ିଆ ଜାତିର ଇଷ୍ଟଦେବ । ତାଙ୍କର ନାମ 'ଜଗନ୍ନାଥ' ବା ଜଗତରନାଥ, ସମସ୍ତଙ୍କଠାରୁ ଶ୍ରେଷ୍ଠ ବା ବଡ଼ । ସେ ହେଉଛନ୍ତି ଆମର ବଡ ଠାକୁର ବା ବଡ଼ଦିଅଁ । ସେ ଯେଉଁ ଦେଉଳରେ ରହନ୍ତି, ତାହାର ନାମ 'ବଡ଼ଦେଉଳ' । ଦାଣ୍ଡର ନାମ 'ବଡ଼ଦାଣ୍ଡ' । ପ୍ରସାଦର ନାମ 'ମହାପ୍ରସାଦ' । ନିକଟସ୍ଥ ସମୁଦ୍ରର ନାମ 'ମହୋଦଧି' । ସେ ଯେଉଁ କ୍ଷେତ୍ରରେ ରହନ୍ତି ତାହାର ନାମ 'ଶ୍ରୀକ୍ଷେତ୍ର' ବା ସର୍ବପ୍ରଧାନ ବା ସର୍ବୋତ୍ତମ କ୍ଷେତ୍ର । ଏହାକୁ ମଧ୍ୟ ପୁରୁଷୋତ୍ତମ ଧାମ କୁହାଯାଏ । ଭାରତବର୍ଷର ହିନ୍ଦୁମାନଙ୍କର ପ୍ରଧାନ ଚାରି ଧର୍ମ କ୍ଷେତ୍ର ମଧ୍ୟରୁ ଶ୍ରୀ କ୍ଷେତ୍ର ଅନ୍ୟତମ । ଯାହା କ୍ଷେତ୍ର ମହାତ୍ମ୍ୟର ଭକ୍ତମାନଙ୍କ ମତରେ ସର୍ବ ପ୍ରଧାନ ବିଷ୍ଣୁ କ୍ଷେତ୍ର । ଅତଏବ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ ହିନ୍ଦୁ ସଂସ୍କୃତି ଗଢି ଉଠିଛି ତାହାକୁ ମହାନ୍ ସଂସ୍କୃତି କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀଜଗନ୍ନାଥଙ୍କର ସଂସ୍କୃତିକୁ ମହାନ୍ ସଂସ୍କୃତି କହିବାର ଯଥାର୍ଥ୍ୟ ମଧ୍ୟ ରହିଛି । ଯେହେତୁ ତାଙ୍କଠାରୁ ଆମେ ଏକାଧାରରେ ସାମ୍ୟ, ମୈତ୍ରୀ ଓ ଜାତିର ଅଦ୍ଭୁତ ଚେତନାସଂଗ୍ରହକରି ଥାଉଁ । ସମସ୍ତ ଧର୍ମ ଯଥା– ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ଆର୍ଯ୍ୟ, ଅନାର୍ଯ୍ୟ, ବୌଦ୍ଧ ଓ ଜୈନ ପ୍ରଭୃତି ଧର୍ମ ମାର୍ଗର ଏକମାତ୍ର ମିଳନପୀଠ ହେଉଛି ଶ୍ରୀଜଗନ୍ନାଥ । ଏହାକୁ ଗୀତାର ସର୍ବଧର୍ମର ସମନ୍ୱୟ ଦୃଷ୍ଟିରେ କୁହାଯାଇ ପାରେ–

"ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।"

ଶ୍ରୀଜଗନ୍ନାଥଙ୍କର ଚକାଡୋଳା ନୟନରେ ସମସ୍ତେ ସମାନ । କି ବ୍ରାହ୍ମଣ ଅବା ଚଣ୍ଡାଳ ସମସ୍ତେ ତାଙ୍କର ସନ୍ତାନ । କେହି ପର ନୁହେଁ, ସମସ୍ତେ ଆପଣାର । ସାଲବେଗର ସ୍ଥାନ, ଦାସିଆ ବାଉରୀର ଅଧିକାର ଓ ଶ୍ରୀଜଗନ୍ନାଥ ଦାସ କିମ୍ବା ସାରଳାଦାସଙ୍କର ଦୃଷ୍ଟିରେ ଏକ ଓ ଅଭିନ୍ନ । ସେ ହେଉଛନ୍ତି ଅନେକରେ ଏକ ଓ ଏକରେ ଅନେକ । "ଅବିଭକ୍ତ ବିଭକ୍ତେଷୁ" ଓ "ନାନାତ୍ୱ ମଧ୍ୟରେ ଏକତ୍ୱ" । ବୈଦିକ ଚିନ୍ତାଧାରା ଅନୁସାରେ ସେ 'ସର୍ବଂ ଖଳୁ ଇଦଂ ବ୍ରହ୍ମ' । କିଏ କହେ ଜଗାକାଳିଆ ତ ଆଉ କିଏ ଡାକରେ ଡାକେ "ନୀଳାଚଳ ନାଥ ହରି" ପୁଣି କିଏ ସମ୍ବୋଧନ କରେ 'ବଡ଼ଦିଅଁ'– ଏହିପରି ଭିନ୍ନଭିନ୍ନ ଭକ୍ତମାନେ ତାଙ୍କୁ ଭିନ୍ନ ନାମରେ ଡାକନ୍ତି । ପ୍ରକୃତରେ ସେ ହେଉଛନ୍ତି କୃଷ୍ଣ, ରାମ, ଶିବ, ବୁଦ୍ଧ । ଏକାଧାରରେ ସେ ମଧ୍ୟ ସଗୁଣ, ନିର୍ଗୁଣ ଓ ଆକାର ନିରାକାର । ତେଣୁ 'ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି' ।

ଏତଦ୍‌ବ୍ୟତୀତ ପୃଥିବୀର ଅଧିବାସୀ ମାନଙ୍କର ସମସ୍ତ ବର୍ଣ୍ଣର ସମାହାରରେ ଏହି ଜଗନ୍ନାଥ ମୂର୍ତ୍ତିର ପରିକଳ୍ପନା କରାଯାଇଛି । ସେହି ବିଚିତ୍ର ମୂର୍ତ୍ତିତ୍ରୟ ଧଳା (ବଳଭଦ୍ର), କଳା (ଜଗନ୍ନାଥ) ଓ ହଳଦିଆ (ସୁଭଦ୍ରା) ଏକାଧାରରେ ଶ୍ୱେତାଙ୍ଗ, କୃଷ୍ଣାଙ୍ଗ ଓ ମଙ୍ଗୋଲିଆ ଅଧିବାସୀମାନଙ୍କର ପ୍ରତିନିଧିତ୍ୱ କରେ । ଶ୍ରୀଜଗନ୍ନାଥଙ୍କର ମହାବାହୁ ପ୍ରତ୍ୟେକ ଜାତିର ଭକ୍ତମାନଙ୍କୁ ଆପଣାର କରିଥାଏ । ସେ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଅତି ଆଦରର ଠାକୁର ହୋଇଥାନ୍ତି । ତାଙ୍କ ପାଖରେ ଯେପରି କିଛି ବାଛ ବିଚାର ନାହିଁ, ସେହିପରି ମଧ୍ୟ ଜଗନ୍ନାଥ ଧାମରେ ଜାତିଭେଦ ନାହିଁ । ପ୍ରତ୍ୟେକ ଜାତିର ମନୁଷ୍ୟ ତାଙ୍କୁ ରଥରେ ଦର୍ଶନ କରି ଆଲିଙ୍ଗନ କରିଥାଏ । ତାଙ୍କର ମହାପ୍ରସାଦରେ ସମସ୍ତଙ୍କର ସମାନ ଅଧିକାର । ସମସ୍ତେ ଏକତ୍ର ବସି ତାହା ଭୋଜନ କରି ଥାଆନ୍ତି । ତାଙ୍କର ରଥ ଯାତ୍ରାକୁ ଘୋଷ ଯାତ୍ରା ବା ପତିତପାବନ ଯାତ୍ରା ବୋଲି କୁହାଯାଏ । ଏହି ରଥଯାତ୍ରା ଦିନ ଜାତି ଧର୍ମ ନିର୍ବିଶେଷରେ ଅଗଣିତ ଭକ୍ତମାନେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଦର୍ଶନ ଲାଭ କରିବାର

ସୌଭାଗ୍ୟ ଲାଭ କରିଥାନ୍ତି । ରଥ ଯାତ୍ରା ସମୟରେ ବାମନରୂପ ପତିତପାବନଙ୍କୁ ଦର୍ଶନ କଲେ ସ୍ବର୍ଗ ପ୍ରାପ୍ତି ହୁଏ ।

''ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭ୍ୟତେ ।''

-ସ୍କନ୍ଦପୁରାଣ

ଏ ପ୍ରସଙ୍ଗରେ ଓଡ଼ିଆ ପ୍ରାଚୀନ କବିମାନେ ଯଥାର୍ଥରେ ଲେଖିଛନ୍ତି –

''ବ୍ରହ୍ମାଣ୍ଡେ କେ ଅଛ ଏମନ୍ତ ବୁଲବାନ୍ତୁ ପ୍ରସାରି
ଦିଆରେ ଦିଆନ୍ତୁ ଲଗାଇ ପ୍ରବୋଧନ ପ୍ରସ୍ତରି
ପତିତ ଜନଙ୍କୁ ତାରି ପାପତାପ ନାଶିବେ
ପତିତପାବନ ନାମକୁ ସ୍ବଭାବରେ ବହିବେ ।
ନନ୍ଦିଘୋଷ ଘୋଷଯାତ୍ରାକୁ ସତ୍ତ୍ୱ ବନାଇ ମନ
ଭକତ ଜନଙ୍କ ଉଦ୍ଧାର ଭାବେ ଆରତତ୍ରାଣ ''। (ରଥବିଜେ)

ମହାପ୍ରଭୁଙ୍କର ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଉତ୍କଳର ଗଜପତି ମହାରାଜା ରାଜକୀୟ ପୋଷାକ ପରିଚ୍ଛେଦ ପରିଧାନ ନ କରି ରଥଗୁଡ଼ିକର ସମ୍ମୁଖରେ ଛେରା ପହଁରା (ପାଣି ପକାଇ ଓଳାଇବା କାର୍ଯ୍ୟ) କରିଥାନ୍ତି । ଏଠାରେ ଅନୁଧ୍ୟାନ କଲେ ଶ୍ରୀଜଗନ୍ନାଥଙ୍କର ତତ୍ତ୍ୱର ସାମ୍ୟଭାବ କେତେ ମହାନ୍ ତାହା ଅନୁମାନ କରିହୁଏ । ଏଠାରେ ଏକ ସମନ୍ବୟ ଭାବ ଓ ବିଶ୍ବମୈତ୍ରୀର ଚିନ୍ତା ଦୃଷ୍ଟି ଗୋଚର ହୁଏ । ଅନ୍ୟ ବିଗ୍ରହରେ ସେବ୍ୟ ଓ ସେବକର ଅପୂର୍ବ ସମନ୍ବୟ ହେଉଛି ଏହି ଛେରା ପହଁରା । ସେହି ରଥଯାତ୍ରାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି, ମାନବର ଧର୍ମ ଓ ସଂସ୍କୃତିର ସ୍ବରୂପ ଓ ଏଥିପ୍ରତି ଏକ ପ୍ରଗାଢ଼ ଅନୁରାଗ । ରଥ ହେଉଛି ଗତି ବା ସମୟର ପ୍ରତୀକ । ରଥ ଯେପରି ଦିଗକୁ ଧରି ଆଗେଇ ଚାଲେ, ସେହିପରି ମାନବ ତାହାର ଆତ୍ମା ରୂପକ ଦିଗକୁ ଧରି ସମୟର ସ୍ରୋତରେ ''ଚରୈବେତି'' ''ଚରୈବେତି'' ଅର୍ଥାତ୍ ଅଗ୍ରସର ହୁଏ । ଶ୍ରୀଜଗନ୍ନାଥ ମହାପ୍ରଭୁ ମଧ୍ୟ ତାଙ୍କର ରତ୍ନସିଂହାସନରୁ ଓହ୍ଲାଇ ଆସି ଓ ଛପନ ପଉଟି ଭୋଗ ତଥା ନାନା ଆଡ଼ମ୍ବର ପଦ୍ଧତି ପରିହାର କରି ଛୋଟ ବଡ଼ ଜାତି ଅଜାତି, ହିନ୍ଦୁ, ଖ୍ରୀଷ୍ଟାନ୍ ଓ ମୁସଲମାନ ସମସ୍ତଙ୍କୁ ତାଙ୍କର କରୁଣାର ବାହୁ ବନ୍ଧନରେ ଆବଦ୍ଧ କରି ଥାଆନ୍ତି । ସେ ନିଜେ ଆଷାଢ଼ ମାସରେ ବର୍ଷା ଓ ପାଣିରେ ଭିଜିଭିଜି ଓ ପହଣ୍ଡି ବିଜେର କଷ୍ଟକୁ ଖାତର ନ କରି 'ସର୍ବଜନ ସୁଖାୟ, ସର୍ବଜନ ହିତାୟ' ନିମନ୍ତେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ନନ୍ଦିଘୋଷ ରଥରେ ବିଜେ କରିଥାନ୍ତି । ଏତିକିବେଳେ ଶ୍ରୀଜଗନ୍ନାଥଙ୍କୁ ସକଳ ଦେବଦେବୀ ବନ୍ଦନା କରିଥାନ୍ତି । ମହାପ୍ରଭୁ ବିଶ୍ବଚରାଚର ସମସ୍ତ ପ୍ରାଣୀ ଓ ସ୍ଥାବର ଜଙ୍ଗମର ମଙ୍ଗଳ ବିଧାନ କରିଥାନ୍ତି ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାମ୍ୟ ମୈତ୍ରୀ ହିଁ ଜଗନ୍ନାଥ ସଂସ୍କୃତି । କବି ଲୋକନାଥ ବିଦ୍ୟାଧର ସ୍ବରଚିତ ଗ୍ରନ୍ଥ 'ନୀଳାଦ୍ରି ମହୋଦୟ'ରେ ଦୋଳୋତ୍ସବର ବର୍ଣ୍ଣନା କରି କହିଛନ୍ତି କି ସ୍ପୃଶ୍ୟ ଅସ୍ପୃଶ୍ୟ, ଉଚ୍ଚ ନୀଚ, ଧନୀ ଦରିଦ୍ର, ଭେଦ ଭାବ ନରଖି ଠାକୁରଙ୍କୁ ସମସ୍ତେ ଏକତ୍ର ଦର୍ଶନ କରନ୍ତି ଓ ମହାପ୍ରସାଦ ଏକତ୍ର ଭୋଜନ କରନ୍ତି । ଜଗନ୍ନାଥ ଧର୍ମ ଓ ତତ୍ତ୍ୱର ସମନ୍ବୟବାଦ ପ୍ରକାଶ କରି କବି କହିଛନ୍ତି–

''ଅସ୍ପୃଶ୍ୟର ବ୍ରାହ୍ମଣ ପରିଯନ୍ତେ
ମାନବ ଆଦି ଜୀବହିଁ ଯେତେ
ସମସ୍ତଙ୍କ ପାଇଁ ଏକ ସମାନ
ଚତୁର୍ବର୍ଗ ସେ କରନ୍ତି ପ୍ରଦାନ ସେ ।
ଶିଶୁଠାରୁ ସାବୃଦ୍ଧ ହୋଇଣ
ପାପମୁକ୍ତ ହୁଅନ୍ତି ସଭିଏଁ
ଚଣ୍ଡାଳଠୁ ବ୍ରାହ୍ମଣ–ଭେଦ ନାହିଁ ସେ ''। –ନୀଳାଦ୍ରିମହୋଦୟ

ଉତ୍କଳମଣି ଗୋପବନ୍ଧୁ ନୀଳାଚଳ କ୍ଷେତ୍ର ଯେ ଏକ ସାମ୍ୟ
ପୀଠ ତାହା ସୂଚାଇବାକୁ ଯାଇ କହିଛନ୍ତି–

ଜଗତେ ସଜ୍ଜିତ ଭାରତ କମଳ
ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।''
ନାହିଁ ଜାତିଭେଦ ନାହିଁ ଧର୍ମଭେଦ
ସାମ୍ୟ ମୈତ୍ରୀ ବାଣୀ ଗାଏ ଯା'ର ବେଦ ।।'

ସଂସ୍କୃତିର ଅନ୍ୟ ଏକ ଦିଗ ହେଲା । ଜଗନ୍ନାଥଙ୍କର ଦୈନିକ
ପର୍ବପର୍ବାଣି । ସେଥିମଧ୍ୟରୁ ମୁଖ୍ୟତଃ, କବାଟଫିଟା, ପାହାଡ଼ି
ଗୋପାଳ ବଲ୍ଲଭ, ସକାଳଧୂପ, ସାହାଣମେଲା, ଦ୍ବିପ୍ରହର ଧୂ
ଆରତି, ଚେରାଫିଟା ଅବକାଶ, ସନ୍ଧ୍ୟା ଆରତି, ସନ୍ଧ୍ୟାଧୂପ, ବ
ଓ ପହୁଡ଼ ପ୍ରଭୃତି ପ୍ରତିଦିନ ହୋଇଥାଏ । ଉପରୋକ୍ତ କାର୍ଯ୍ୟାନୁ
ସମୟରେ ଓ ନୀତି ଅନୁସାରେ କରାଯାଇଥାଏ । ଏଥିରୁ ଅନୁ
ଯେ ଶ୍ରୀଜଗନ୍ନାଥଙ୍କର ସମସ୍ତ ନୀତି କିପରି ମାନବ ଜୀବନ ପରି
ଭାବରେ ପାଳିତ ହୋଇଥାଏ ।

ସେହିପରି ଶ୍ରୀଜଗନ୍ନାଥଙ୍କ ଠାରେ ବାରମାସରେ ତେର ଯା
ମାତ୍ର ଛୋଟ ବଡ଼ ହୋଇ ପ୍ରାୟ ୪୦ଟି ଯାତ୍ରା ପ୍ରଭୁଙ୍କର ହୋ
ସେଗୁଡ଼ିକରୁ ମୁଖ୍ୟ ୧୨ଟି ଯାତ୍ରାର ନାମ ଏପରି ଦେଖାଯାଏ
ଅକ୍ଷୟତୃତୀୟା, (୨) ସ୍ନାନଯାତ୍ରା, (୩) ଶ୍ରୀଗୁଣ୍ଡିଚା, (୪) କର୍କଟ
(୫) ଶୟନ ଯାତ୍ରା, (୬) ପାର୍ଶ୍ୱପରିବର୍ତ୍ତନ, (୭) ଦେବୋ
(୮) ପ୍ରାବରଣ ଷଷ୍ଠୀ, (୯) ପୁଷ୍ୟାଭିଷେକ, (୧୦)
ସଂକ୍ରାନ୍ତି, (୧୧) ଦୋଳଯାତ୍ରା, (୧୨) ଦମନକ ଚତୁର୍ଦ୍ଦଶୀ ।

ଜଗନ୍ନାଥଙ୍କର ପର୍ବପର୍ବାଣୀ ଭାରତର ଲୋକଧର୍ମ ଓ ସଂସ୍କୃ
ବିଶିଷ୍ଟ ବିଭାବ । ହିନ୍ଦୁର ସାମାଜିକ ଜୀବନ ଓ ଧର୍ମଧାରା ସ
ଗୁଡ଼ିକ ଓତଃପ୍ରୋତ ଭାବରେ ଜଡ଼ିତ । ଦାର୍ଶନିକ ଦୃଷ୍ଟିକୋଣରୁ
ସଂସ୍କୃତି ପ୍ରାଚୀନତମ ଧର୍ମଧାରଣାର ପ୍ରତୀକ । ତାଙ୍କର ପର୍ବପର୍ବାଣ
ଆରାଧନା ମଧ୍ୟରେ ଶାକ୍ତ, ତାନ୍ତ୍ରିକ ଓ ବୈଷ୍ଣବ ଧର୍ମଧାରାର ପ୍ର
ନୀତିମାନ ପ୍ରଚଳିତ । ବିଭିନ୍ନ ଯୁଗରେ ଶ୍ରୀଜଗନ୍ନାଥଙ୍କୁ ଶବର
ରାଜା ଇନ୍ଦ୍ରଦ୍ୟୁମ୍ନ, ଶଙ୍କରାଚାର୍ଯ୍ୟ, ରାମାନୁଜ, ନାନକ, ଚୈତନ୍ୟ ପ୍ର
ଧାର୍ମିକ ପଣ୍ଡିତ ତାହାଙ୍କୁ ଆରାଧନା କରି ଯାଇଅଛନ୍ତି । ଶ୍ରୀ
କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ସମ୍ପ୍ରଦାୟ ଅଥବା ଧର୍ମମତର ଦେବ
ସେ ହେଉଛନ୍ତି ମାନବ ସଂସ୍କୃତିର ଏକ ଉତ୍ସ । ସମସ୍ତ ଭାରତୀୟ
ଚିନ୍ତା ଓ ବିଶ୍ବାସକୁ ଏକତ୍ର କରିବା ହିଁ ଜଗନ୍ନାଥ ସଂସ୍କୃତିର ଲକ୍ଷ୍ୟ ।

ଏହି ଜଗନ୍ନାଥ ସଂସ୍କୃତିରେ ସର୍ବଧର୍ମ ସମନ୍ବୟ, ସାମ୍ୟ ମୈତ୍
ସନାତନ ଧର୍ମ ଓ ନୀତି ପ୍ରଭୃତି ମାନବୀୟ ମୂଲ୍ୟବୋଧ ପରିଲକ୍ଷି
ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତା, ବ୍ୟାପକତା ଓ ଉଦାର
କୌଣସି ଦେଶ, ଜାତି ଓ ଧର୍ମରେ ନାହିଁ । ଏହି ସଂସ୍କୃତି ଜନ
ପାଇଁ ଉଦ୍ଦିଷ୍ଟ, ତେଣୁ ପ୍ରତ୍ୟେକ କର୍ମର ପ୍ରାରମ୍ଭ ପୂର୍ବରୁ କୁହାଯା

ସର୍ବମଙ୍ଗଳ ଜଗନ୍ନାଥ ଭରସା ।

ସର୍ବୋପରି ଶ୍ରୀଜଗନ୍ନାଥ ହେଉଛନ୍ତି ମାନବର ଜୀବନ, ଧର୍
ଆଦର୍ଶ ତଥା ବିଶ୍ବପ୍ରୀତି ଓ ବିଶ୍ବଭାବନାର ପ୍ରତୀକ ତଥା ପ୍ର
ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ହିଁ ଏ ଜାତିର ମହାନ୍ ଜାତୀୟ ସଂସ୍କୃତି

---

ଅଧ୍ୟାପକ, ଦର୍ଶନ ବିଭାଗ
ଡି.ଏ.ଭି. ମହାବିଦ୍ୟାଳୟ
କୋରାପୁଟ–୭୬୪୦୨୦

# ସମାଜ ଓ ସଦାଚାର

● ଅଧ୍ୟାପକ ଶତ୍ରୁଘ୍ନ ନାଥ

"ଯହିଁ ଅନାଇଲେ ତହିଁ ପୂରିଛନ୍ତି କଳି ପୁରୁଷର ଥାଟ" । ପ୍ରାୟ ଶହେ ବର୍ଷ ତଳର ଏହି ଲେଖା ଆଜି ସୁଦ୍ଧା ସତ୍ୟ ପରି ମନେ ହୁଏ । ଗୁରୁ ମହିମା ସ୍ୱାମୀଙ୍କୁ ଜଣାଇ ଭକ୍ତ ଭୀମଭୋଇ ସ୍ତୁତି କରିଛନ୍ତି, ସତ୍ୟ, ଶାନ୍ତି, ଦୟା ଓ କ୍ଷମାର ପ୍ରତିଷ୍ଠା ପାଇଁ । ବ୍ୟକ୍ତି ତଥା ସମାଜରେ ସତ୍ୟ ଓ ସଦ୍‌ଭାବନାର ବିକାଶ ପାଇଁ । ରାଗ, ହିଂସା, ବାଦ, ଛଳ, କୁଟ, କପଟ, କ୍ରୋଧ ଆଦି ଆସୁରୀ ଲକ୍ଷଣଗୁଡ଼ିକ କଳିପୁରୁଷର ଥାଟ । ଏମାନେ ସର୍ବତ୍ର ପୁରି ରହିଛନ୍ତି । ଝିମିଟି ଖେଳରୁ ମହାଭାରତର ଇତିହାସ ସୁଦୂର ଅତୀତର ବିଷୟ । କିନ୍ତୁ ଏହା ଆଜି ଆମ ଦୈନନ୍ଦିନ ଜୀବନର ପ୍ରତି ମୁହୂର୍ତ୍ତର ଘଟଣା । ଅନ୍ୟାୟ ଓ ଅତ୍ୟାଚାର ଚେର ମାଡ଼ିଗଲାପରି ଲାଗୁଛି । ଧନ ଉଜୁଡ଼ି ଯାଉଛି । ଅଧିକ ଚିନ୍ତାର ବିଷୟ ହେଉଛି ଜୀବନ ହାନି । ବିଶ୍ୱ ସୃଷ୍ଟିରେ ଜୀବନର ସଂସ୍କାର ମନୁଷ୍ୟ କୃତୀ ନୁହେଁ । ଏହା ମନୁଷ୍ୟାତୀତ ଓ ଏଥିରେ ସୀମାହୀନ ସମ୍ଭାବନା ରହିଛି । ପୁଷ୍ପର ସୁବାସ ପରି ଜୀବନର ସମ୍ଭାବନା ଏକ ନୈସର୍ଗିକ ଧର୍ମ । ଜୀବନର ଆଖି ପିଛୁଳାକେ ଘଟି ଯାଉଛି ଓ ସମଗ୍ର ମାନବ ସମାଜର ସଂପୂର୍ଣ୍ଣ ବିନାଶ ପାଇଁ ଆୟୋଜନ ଅବିରତ ଚାଲିଛି । ପ୍ରତିଟି ଜୀବନ ଦୀପ ଲିଭିବା ଫଳରେ ପ୍ରତିଭାଲୋକ କ୍ଷୀଣ ହୋଇଯାଏ । ଅନ୍ଧକାର ମାଡ଼ି ଆସେ । ଅପମୃତ୍ୟୁର ଅମାପ ସଂଖ୍ୟା ଦେଶ ଓ ସମାଜର କଳଙ୍କ । ଏସବୁ ଆଣି ଦିଏ କଦାଚାର ଓ କଳୁଷିତତା । ଭୀମଭୋଇ ପୁଣି ବ୍ୟଥା ପ୍ରକାଶ କରିଛନ୍ତି । "ଦେଖୁ ଏ ଅନ୍ୟାୟ କମ୍ପୁ ଅଛି ଦେହ, ବାୟୁର ଆଘାତେ ତୃଣ ପରି ।" କଳିର କୋଳିମଞ୍ଜି କଣ୍ଟକିତ ଗୁଳ୍ମ କିମ୍ବା ଗଛରେ ପରିଣତ ନ ହୋଇ ଏକ ମହାଦ୍ରୁମ ରୂପେ ଦଣ୍ଡାୟମାନ । ବଟବୃକ୍ଷର ଓହଳ ଓହଳି ଯାଇ ସହସ୍ର ସ୍ୱତନ୍ତ୍ର ବଟବୃକ୍ଷ ପରି ଅନ୍ୟାୟ, ଅନୀତି ଓ ଆତଙ୍କ ସାରା ବିଶ୍ୱରେ ପ୍ରସରି ଯିବାରେ ଲାଗିଛି । ସର୍ବତ୍ର ସମସ୍ତେ ଆତଙ୍କିତ ଓ ଭୟାକୁଳ । 'ସତ୍ୟମେବ ଜୟତେ', 'ନାନୃତଂ', ଆମର ଘୋଷଣା । ଆମ ଜାତୀୟ ସଙ୍କେତ । ଏହି ସଙ୍କେତ ଆମ ଜୀବନଧାରା ହେବା ଉଚିତ । ସେଥିରେ ଆମ ସ୍ନାନ, ଭୋଜନ, ଶୟନ ପ୍ରଭୃତି ଜୀବନ ଓ ଜୀବିକା ପରିଚାଳିତ ହେବା ଦରକାର । ଏତେବେଳେ ପୁଣି ମନେ ପଡେ:

"ସତ ଯେ କହିବ,
ମାଡ ସେ ଖାଇବ,
ମିଥ୍ୟାର ହୋଇବ ଜୟ,
ସାଧୁ ବନ୍ଧା ହେବେ,
ଚୋର ଖସି ଯିବେ,
ଦେଖ ଏ କଳିର ନ୍ୟାୟ ।"

କେତେକାଳ ଏହା ଚାଲିବ ? ମାନବକୁଳ କଅଣ ବୁଡ଼ିଯିବ ? ଗୁଣୀ କଅଣ କେବଳ ବାଳୁଙ୍ଗା ଚରିବେ ? ସତ୍ୟର ସନାତନ ଧାରା କଅଣ ଏ ଯୁଗରେ ଓଲଟ ପାଲଟ ହେବ ? ଭାଗବତକାରଙ୍କ ବାଣୀ ଅନୁସାରେ ଆମେ କଅଣ ଆପଣା ହାତରେ ଆମ ଜିହ୍ୱା ଛେଦିବା ଓ ଆମର କେହି ପ୍ରତିବାଦୀ ରହିବେ ନାହିଁ ? ଯଦୁବଂଶ ନାଶ ପରି ଆମେ କଅଣ ବିନାଶ ସାଧନ କରିବା ? ଏ ସବୁ ପ୍ରଶ୍ନର ଏକ ଦୃଢ଼ ନାସ୍ତିକ ସୂଚକ ଉତ୍ତର । ବିଂଶ ଶତାବ୍ଦୀରେ ସର୍ବନାଶର ମାରାତ୍ମକ ସାଧନ ହେବା ପରିବର୍ତ୍ତେ ସର୍ବୋଦୟର ଆକର୍ଷଣ ଓ ଆହ୍ୱାନ ବଢ଼ି ବଢ଼ି ଚାଲିଛି । ଜ୍ଞାନ ବିଜ୍ଞାନର ଅଭୂତପୂର୍ବ କର୍ମ ବର୍ଦ୍ଧିଷ୍ଣୁ ପ୍ରଗତି ଏହି ଦୁଇ ଦିଗରେ ଆମ ମନ ଓ ବୁଦ୍ଧିକୁ ଦଉଡ଼ି ଲଗାଇ ଟାଣୁଛି । କେଉଁ ଦିଗରେ ଆମେ ଧାଇଁବା ଆମ ବିଚାର ଉପରେ ନିର୍ଭର କରେ । ବିନାଶ ନା ବିଜୟ । ସର୍ବନାଶ ନା ସର୍ବୋଦୟ । ଏଠି ଦୁଇ ନାଆରେ ପାଦ ରଖିଲେ କେଉଁ ଆଡ଼କୁ ହୋଇ ପାରିବା ନାହିଁ । କନ୍ଦେଇ ପାଇଁ ଜିଦ୍ ଧରିଥିବା ପିଲା ମାଙ୍କର ମନ ଭୁଲାଣିଆ କଥାରେ ଭୁଲିଯାଏ । ଆମେ କଅଣ ସେତକ ବିଚାର କରି ପାରିବା ନାହିଁ ? ସ୍ୱାଧୀନ ଦେଶ ଭାବରେ ଆମର ପ୍ରାୟ ପଚିଶ ବର୍ଷର ଅଭିଜ୍ଞତା ହେଲାଣି । ଧର୍ମ, ସାହିତ୍ୟ, ଶିକ୍ଷା, ଦର୍ଶନ ଓ ସଂସ୍କୃତି କ୍ଷେତ୍ରରେ ଆମର ସର୍ବ ପ୍ରାଚୀନ ପରମ୍ପରା ଓ ଐତିହ୍ୟ ରହିଛି । ଆମ ସ୍ୱାଧୀନତା ସଂଗ୍ରାମର ସ୍ୱତନ୍ତ୍ର କୌଶଳ ଓ ବିଚାରଧାରା ଆଜି ବିଶ୍ୱବକ୍ଷରେ ଆଦୃତ । ପୂର୍ବ ସୂରିମାନଙ୍କ ତ୍ୟାଗ, ସଂଯମ, କର୍ତ୍ତବ୍ୟ ପରାୟଣତା ଓ ଉତ୍ସର୍ଗ ସ୍ମରଣାତୀତ ଯୁଗରୁ ଚିର ପ୍ରବହମାନ ହୋଇ ଏଯାବତ୍ ମନ୍ଦାକିନୀର ଧାରା ପରି ସ୍ୱଚ୍ଛ ଓ ସାବଲୀଳ ହୋଇ ରହିଛି । ତେଣୁ ଏ ସବୁ ଧାରାକୁ ଅଖଣ୍ଡ ନ କରି ଶରାୟିତ କଲେ ଆମେ କଦାପି ଧ୍ୱଂସମୁଖୀ ହେବା ନାହିଁ । ବରଂ ଗଠନଶୀଳ ଭୂମିକା ଗ୍ରହଣ କରିବା । ଆମେ ସେଥିରେ ଉଦ୍‌ବୁଦ୍ଧ ହୋଇ "ବସୁଧୈବକୁଟୁମ୍ବକମ୍" ଏ ଯୁଗରେ ବାସ୍ତବ କରି ପାରିବା । "ସର୍ବଜନହିତେରତାଃ" ହେବ ଆମ ପାଇଁ ସ୍ୱଧର୍ମ । ଇନ୍ଦ୍ରିୟ ସଂଯମ ଏ ଦିଗରେ ଆମକୁ କୌଶଳ ରୂପେ ଗ୍ରହଣ କରିବାକୁ ହେବ । "ଜାତୀୟ ମମତା" ସହିତ "ବିଶ୍ୱଜନ ପ୍ରୀତିର ସମନ୍ୱୟ ଆମେ କରିପାରିବା ।

...ମାଜରେ ସଦାଚାର । ସଦାଚାର ସୁଶୋଭିତ ସମାଜ ।
ଏହାଦ୍ୱାରା ହିଁ ଯେ ସର୍ବତ୍ର ଯୁଗେ ଯୁଗେ ସଦାଚାରୀ ବ୍ୟକ୍ତି ଅଛନ୍ତି । ସେମାନେ ସ୍ୱ ସ୍ୱ ସ୍ତରରେ ଏକନିଷ୍ଠ ରହନ୍ତି । ସେଥିପାଇଁ ଅଶେଷ କ୍ଳେଶ ଆନନ୍ଦରେ ବରଣ କରିଛନ୍ତି।ସ୍ୱକୀୟ ସାଧନା ଅନୁସାରେ ସମ୍ପର୍କିତ ବ୍ୟକ୍ତି, ଜନପଦ, ସମାଜ, ଦେଶ ଓ ବିଶ୍ୱକୁ ସେହି ସମୟରେ ବା ଚିରକାଳ ପାଇଁ ପ୍ରଭାବିତ କରିଛନ୍ତି । ଅନେକ ସଦାଚାରୀ ମଧ୍ୟ ଅରଣ୍ୟ କୁସୁମ ପରି ଲୋକ ଲୋଚନକୁ ଆସି ପାରି ନାହାନ୍ତି । କାଳର ବକ୍ଷରେ ସେମାନଙ୍କ ପଦଚିହ୍ନ ତ ଅସ୍ପଷ୍ଟ ହୋଇ ବିଭିନ୍ନ ମାତ୍ରାରେ ରହିଯାଇଛି । କିନ୍ତୁ ସଦାଚାରୀ ସମାଜ କାହିଁ ? ବିଶେଷ କରି ଆଜିକାଲି ବ୍ୟକ୍ତି ଓ ସମାଜ ମଧ୍ୟରେ ପରସ୍ପର ସହାୟକ ନିଗୂଢ଼ ସମ୍ପର୍କ ରହିଛି ଓ ଏହାର ଆବଶ୍ୟକତା ଏକାନ୍ତ ଅନୁଭୂତ ହେଉଥିବା ସ୍ଥଳେ ସଦାଚାରୀ ବ୍ୟକ୍ତି ଯେତେ ପ୍ରୟୋଜନୀୟ ସମାଜରେ ସଦାଚାର ସେତେ ବା ତତୋଧିକ ଆବଶ୍ୟକ । ବ୍ୟକ୍ତି ଓ ସମାଜ ପରସ୍ପର ମଧ୍ୟରେ ସହଯୋଗ ଓ ସମ୍ପର୍କ ରହିଥିବା ଦୃଷ୍ଟିରୁ ଉଭୟ ଏକକାଳୀନ ସଦାଚାରୀ ହେବା ଫଳରେ ଗତି ସୁନିର୍ଦ୍ଦିଷ୍ଟ ହେବ ଓ ଉଭୟ ସ୍ୱକୀୟ ଅନନ୍ୟ ସାଧାରଣ ପ୍ରତିଭାରେ ବିକାଶ ଲାଭ କରି ପାରିବେ । ନିଜ ନିଜ ମଧ୍ୟରେ ତଥା ଉଭୟ ମଧ୍ୟରେ ବ୍ୟକ୍ତି ଓ ସମାଜ ଦ୍ୱନ୍ଦ୍ୱ, ଅପବାଦ, ଅପଚେଷ୍ଟା ଓ ଅପଚୟରୁ ରକ୍ଷା ପାଇ ଯାଇ ପାରିବେ । ଦୁଃଖର କଥା, ଆମେ ବ୍ୟକ୍ତି ପାଇଁ ସଦାଚାରର ବିଧାନ ଯେତେ କଲୁ, ସମାଜ ପାଇଁ ସଦାଚାରର ବିଧାନ ଓ ବ୍ୟବସ୍ଥା ସେତେ କରୁ ନାହିଁ । କିନ୍ତୁ ସଦାଚାର ଆଚରଣର ଚିହ୍ନ ହୋଇଥିବାରୁ ବ୍ୟକ୍ତିର ଜୀବନରେ ସଦାଚାର ଯେମନ୍ତେ ଆବଶ୍ୟକ ସମାଜିକ ଜୀବନରେ ସେତେ ବା ତତୋଧିକ ଆବଶ୍ୟକ । ତେଣୁ ସମାଜ ଓ ସଦାଚାର ପୃଥକ୍ ବିଗ୍ରହ ନ ହୋଇ ସମାଜରେ ସଦାଚାର ଏକାନ୍ତ ବିଚାରଣୀୟ ।

ସମାଜ ଦୃଷ୍ଟିରେ ଆଦି କାଳରେ ଅଖଣ୍ଡ ବ୍ୟକ୍ତିତ୍ୱ ସମବେତ ସମାଜର ସହଜାତ ଧର୍ମ ଥିଲା । ଆଜି ମଧ୍ୟ ଏହା ସୁପ୍ତ ହେଲେହେଁ କେତେକକ୍ଷେତ୍ରରେ ଏହା ଆଦର୍ଶ ଓ ଜୀବନର ଧାରା ହୋଇ ରହିଛି । ଯେଉଁଦିନ ମନୁଷ୍ୟ ତା'ର ଆଙ୍ଗିକ ଓ ଆତ୍ମିକ ଦିଗ ମଧ୍ୟରେ ଭିନ୍ନତା ଅନୁଭବ କରିଛି ସେ ଦିନଠାରୁ ବ୍ୟକ୍ତିତ୍ୱ ଖଣ୍ଡିତ ଓ ବିଭକ୍ତ ହୋଇଯାଇଛି । ପାର୍ଥିବ ସଭ୍ୟତାର ଅଭିବୃଦ୍ଧି ଫଳରେ ସେ ବହିରାବରଣ ପ୍ରତି ଅଧିକ ଧ୍ୟାନ ଦେଇଛି । ଅନ୍ତରର ଅନାବିଳତା ସେ ହରାଇ ବସିଛି । ଦର୍ପଣ ଧୂଳିକଣା ପରିଲିପ୍ତ ହେବାରୁ ଏହାର ସ୍ୱାଭାବିକ ସ୍ୱଚ୍ଛତା ନଷ୍ଟ ହୋଇଗଲା ପରି ଅନ୍ତରର ଆହ୍ୱାନ ଓ ରଙ୍ଗ ପ୍ରତି ସେ ଦୃଷ୍ଟି ହରାଇ ବସିଛି । ଜନବହୁଳ ସମାଜରେ ବ୍ୟକ୍ତି ତା'ର ସ୍ୱକୃତି ଓ ସ୍ୱାତନ୍ତ୍ର୍ୟ ହରାଇ ଦିଏ । ସେ ଯନ୍ତ୍ରଚାଳିତ ମନୁଷ୍ୟ ହୋଇଯାଏ । କେବଳ ନାମ, ରୂପ, ପଦ, ପଦବୀ ଆଦି ଦ୍ୱାରା ପରିଚିତ ହୁଏ । ଜାତି, ବୃତ୍ତି, ଧନ, ସମ୍ପତ୍ତି ଆଦି ତା'ର ମହତ୍ତ୍ୱର ପରିଚାୟକ ହୁଏ । ଅଗଣିତ ଲୋକଙ୍କ ମଧ୍ୟରେ ତା'ର ଗଣନା ସଂଖ୍ୟାରେ ବା ଏସବୁର ପରିମାଣରୁ କରାଯିବ । ଏହା ଫଳରେ ସେ ବ୍ୟକ୍ତିକେନ୍ଦ୍ରିକ ଓ ସ୍ୱାର୍ଥ ପରାୟଣ ହୋଇ ପଡ଼େ । କବେ କବେ କୌଶଳେ ସେ ସହଜରେ ଓ ସ୍ୱଳ୍ପ ସମୟରେ ଶକ୍ତି ପ୍ରାଧାନ୍ୟ ଉପଭୋଗ କରିବାକୁ ବ୍ୟାକୁଳ ହୁଏ । ତ୍ୟାଗ, ନିଷ୍ଠା ଓ ଚରିତ୍ର ବଦଳରେ ଭୋଗ, ବିଳାସ ଓ ଉଚ୍ଛୃଙ୍ଖଳତା ତା'ର ଧ୍ୟେୟ ହୋଇଯାଏ । ଏପରି ସ୍ଥିତିରୁ ଅହଂକାର ମନରେ ଜମିଯାଏ । ସେ ଆଉ ପରିବେଶ ଦେଇ ନପାରି ଆତ୍ମ ବିଜ୍ଞାପନ ପାଇଁ ଅଧୀର ହୁଏ । ସେ ଏକ ବିରୋଧାଭାସ ଦ୍ୱାରା ତାର ଅଖଣ୍ଡ ବ୍ୟକ୍ତିତ୍ୱ ପରସ୍ପର ବିରୋଧୀ ଦ୍ୱିଖଣ୍ଡିତ ହୋଇଯାଏ । ସେ ଯାହା କୁହେଁ ଦେଖାଇ ଦେବାର ଉପରେ କରେ । ଅର୍ଥାତ୍ ତା'ର ଅନ୍ତରାତ୍ମା ଏକପ୍ରକାର ହୋଇଥିବା ସ୍ଥଳେ ତା'ର ବଚନ, ଦୃଷ୍ଟି, ଚିନ୍ତନ ଓ ବହିରାବରଣ ସମ୍ପୂର୍ଣ୍ଣ ଓଲଟା ହୋଇଯାଏ ।

ଏହି ପ୍ରସଙ୍ଗରେ ପୂଜ୍ୟପାଦ ପଣ୍ଡିତ ଗୋପବନ୍ଧୁଙ୍କ ସ୍ୱୀକାରୋକ୍ତି ସ୍ମରଣୀୟ । "ମିଥ୍ୟାଚାର ନହୋଇ ସଦାଚାର ହେବା, ନିଜେ ଯାହା ବୋଲି ଦେଖିବାକୁ ଏହି ଦିନ୍ତୁ ପ୍ରତ୍ୟାଶ ... ଏଥିରେ ଯେଉଁ ପ... ସାଧୁ ଆତ୍ମମର୍ଯ୍ୟାଦା ଅଛି, ତାହା ଭଲ କରି ବଢ଼ିବା ଓ ସେହି ଅ... କାର୍ଯ୍ୟ କରିବା" କିନ୍ତୁ ଉପରର ଛଳନା ସହିତ ଅନ୍ୟମାନଙ୍କୁ ଭ... ଦେବାର ପ୍ରବଳ ତାଡ଼ନା ତାଙ୍କ ମନ ମଧ୍ୟରେ କାର୍ଯ୍ୟ କରେ । ସ... ସଦାଚାର ବିଷୟରେ ଚିନ୍ତା କଲେ ଏହି ସଙ୍କଟର ସମ୍ମୁଖୀନ ... ପଡ଼େ । ନିଜକୁ, ନିଜ ପରିବାରକୁ ଓ ଶିକ୍ଷାଦୀକ୍ଷା ଏଥିରେ ଜଡ଼ିତ... ସର୍ବଦା ଅନ୍ୟ ପାଇଁ ଅନ୍ୟ ପରିବେଶ, ଅନ୍ୟର ଶିକ୍ଷାଦୀକ୍ଷା ... ଗୁରୁତ୍ୱ ଦେଇ ଦିଆଯାଏ । ସେ ଦୃଷ୍ଟିରୁ ଦେଖିବାକୁ ଗଲେ ... ସଦାଚାର ଶିକ୍ଷାଳୟର ସମସ୍ୟା ହୋଇଯାଇଛି । ବସ୍ତୁତଃ ଶିକ୍ଷାଳ... ଦିଗରେ ମୁଖ୍ୟ ଦାୟିତ୍ୱ ରହିଛି, ସତ୍ୟ, କିନ୍ତୁ ଯେଉଁ ବ୍ୟକ୍ତି... ସଂଗଠନ ଓ ସମାଜ ଏହାକୁ ଶିକ୍ଷାଳୟ ଉପରେ ଲଦି ... ସେମାନେ ସର୍ବଦୌ ନିଜକୁ ଏଥି ସହିତ ସାମିଲ କରୁନାହାନ୍ତି କା... ନିଜେସଦାଚାରୀ ନହୋଇ ପାପାଚରଣର ସଙ୍କଟ କାଳରେ ନିଜ ... ଦୃଷ୍ଟାନ୍ତଗୁଡ଼ିକୁ ଆଉ କିଛି ଦିନ ଅଛପା ରଖି ଫାଇଦା ଉଠେଇବା ଅ... ସେମାନେ ଶିକ୍ଷାଳୟକୁ, ଶିକ୍ଷକଙ୍କୁ ଓ ଶିକ୍ଷାର୍ଥୀଙ୍କୁ ସଦାଚାରୀ ହେବ... ପ୍ରବଳ କ୍ଷତ ସୃଷ୍ଟି କରୁ ନାହାନ୍ତିକି ? ଏହାର ଚଳଣି ଏତେ ... ହେଲାଣି ଯେ କୌଣସି ବ୍ୟକ୍ତି ବା ସଂଗଠନ ସଦାଚାରର ... କହୁଥିବାବେଳେ ସେ ଯେ ନିଶ୍ଚିତ ଭାବରେ ମିଥ୍ୟାଚାରୀ ହୋଇଥି... ଏହା ହେବା ସ୍ୱାଭାବିକ, ଆମେ ଅତି ସହଜରେ ମାନିନେଉଛୁ । ... ଆମ ପ୍ରଚାରର ଅଭିଯାନ ଏକ ନିଷ୍ଫଳ ପ୍ରୟାସ ହୋଇଯାଇ... ପାପାଚରଣ ହିଁ ସମାଜର ଅନୁମୋଦିତ ପନ୍ଥା ରୂପେ ସୁଦୃଢ଼ ରହିଛି ।

ସମାଜରେ ଦିନେ ଥିଲା ଓ ଏବେ ବି ନିଶ୍ଚିତ ଭାବରେ ପ୍ରଚ୍ଛନ୍ନ... ଥିଲେ ହେଁ ଏଥିପ୍ରତି ଆମମାନଙ୍କର ବ୍ୟାକୁଳତା ରହିଛି । ଆଧୁନିକ ... ଯେତେବେଳେ ମନମତାଣିଆ, ଉଦ୍ଭଟ ଓ ଅଶ୍ଳୀଳ ହେଉ ପଛକେ ତ... ଲୋକ ପ୍ରିୟତା ଅର୍ଜନ କରିପାରିନାହିଁ । ଭଜନ ପ୍ରତି ହୃଦୟର ଅ... ରହିଛି । କର୍ପୂର ଉଡ଼ିଯାଇଛି କିନ୍ତୁ ସେ ଛିଣ୍ଡା କନାଟି ପ୍ରତି ଆମର ... ରହିଛି । ଆମ୍ଭର ତାଙ୍କ ଆମେ ଶୁଣନ୍ତେ କି ? ଏଣୁ କିପରି ... ଶୁଣିବା ? ଏ ଜିଜ୍ଞାସା ପ୍ରତି ଆମର ମୋହ ରହିଛି । ଦେଶ ଦେଶା... ପରିବ୍ରାଜକ ଅନୁସନ୍ଧାନ ଆଶାରେ ଆମ ପୁରପଲ୍ଲୀକୁ ଆଶ୍ରୟ କରି... ଏବେ ବି ପଲ୍ଲୀଜନନୀ କଣ୍ଠରୁ ତା'ର ଶିଶୁ ପ୍ରତି ଉଦ୍‌ବୋଧନ ... ଶୁଣାଯାଏ : ଦୁଃଖିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ... ଅସାର । ସକଳ ଗୁଣର ମୁକୁଟମଣି ହେଉଛି ଚରିତ୍ର । ଏଥିପାଇଁ ... ଶିକ୍ଷା, ଦୀକ୍ଷା ଲାଳନ ଓ ପାଳନ, ଏହା ସୃଷ୍ଟି କରିପାରେ ବିଶ୍ୱମାନବିକ... ସମାଜର ସାଂପ୍ରତିକ ସ୍ଥିତିରେ ଏହି ଧ୍ୟେୟ ଧ୍ରୁବତାରା ସଦୃଶ ... ଜାଜ୍ୱଲ୍ୟମାନ ହୋଇ ରହୁନାହିଁ । ସେଥିପାଇଁ ସାଧନାର ବ୍ରତ ଅଟନ ... ରହୁନାହିଁ । କ୍ଷମତାର ଖେଳ ପା କାଳରେ ପାଞ୍ଚି ସମସ୍ତେ ଧାବନ୍ତ । ... ଲିପ୍ସା, ସ୍ୱାର୍ଥସେବା ଓ ଭୋଗ ପିପାସା ଆମକୁ କବଳିତ କରି ପକାଇ... କ୍ଷମତାର କୁଣ୍ଡରେ ଅବଗାହନ ଆମର ସର୍ବସ୍ୱ ହୋଇଛି । ଏହା ନ... ବୋଲି ଜାଣିଥିଲେ ହେଁ ଏହାର ପ୍ରଲୋଭନ ଆମକୁ ଗ୍ରାସ କରି ପକାଉ... ସତ୍ୟ, ଅହିଂସା, ତ୍ୟାଗ ଓ ସହିଷ୍ଣୁତା ଆମ ରକ୍ତ ଗର୍ଭ ସଂସ୍କୃତି ପା... ଅମୂଲ୍ୟ ମୂଲ୍ୟବୋଧ । ଏଥିପାଇଁ ନିର୍ମଳ ଚିତ୍ତ ଓ ଆତ୍ମ ଶୁଦ୍ଧି ଏ... ଆବଶ୍ୟକ । ଆମ ସାଧାରଣ ଜୀବନ ଓ ବ୍ୟକ୍ତିଗତ ଜୀବନ ମଧ୍ୟ... ସମନ୍ୱୟ ଓ ସମତନା ରହିବା ଉଚିତ । ବୁଦ୍ଧ, ମହାବୀର, ଗାନ୍ଧୀ ... ପ୍ରମୁଖ ମହାପୁରୁଷମାନେ ଜୀବନର ସର୍ବବିଧ ସାଧନାରେ ...

ଅସ୍ତ୍ରାଧିକାର ଦେଉଛନ୍ତି । ଅନ୍ତଃକରଣରେ ଚିନ୍ତନର ମୁଖର ବଚନ ଏକ କରିଛନ୍ତି ଏହାହିଁ କାୟମନବାକ୍ୟରେ ସଂହତି । ଏହାହିଁ ଏକୀକରଣ । ଏହା ଫଳରେ ସମାଜର ସଦାଗ୍ରାର ଓ ସମାଜରେ ସଦାଗ୍ରାର ସମ୍ଭବ ହେବ । ଅନ୍ୟଥା ଏହା ପ୍ରସ୍ତର ହୋଇଯିବ । ଏହାର ପ୍ରତିଷ୍ଠା ପାଇଁ ଗଣ ଓ ଗଣମାଧ୍ୟମକୁ ବ୍ୟବହାର କରାଯିବ । କାରଣ ଏସବୁର ଧ୍ୟେୟ ହେଉଛି ବ୍ୟକ୍ତି ତଥା ସମାଜର ଯୁଗପତ୍ ପରିବର୍ତ୍ତନ । ଅତୀତ ସହିତ ଅଧୁନାର ସୁସମ୍ପର୍କ ସ୍ଥାପନ କରି ଭବିଷ୍ୟତର ରୂପରେଖକୁ ସୁଦୃଢ଼ କରାଇବା । ଏତକ ନକରି ପାରିଲେ ଆମେ ବଚନ ବୀର ହୋଇ ରହିବା ଓ ଆମେ ଯେ ଅନ୍ତଃସାର ଶୂନ୍ୟ ଏହା ସହଜରେ ଲୋକ ଲୋଚନକୁ ଆସିଯିବ ।

ତେଣୁ କଳଙ୍କ ଓ କଲୁଷରେ ଆମେ ଘାରି ଓ ଘୋରି ହୋଇ ନଯାଇ ଆମେ ଆତ୍ମନିଷ୍ଠ ସଦାଗ୍ରାରୀ ହେବା । ଚିତ୍ତ ଶୁଦ୍ଧିର ବ୍ରତରେ ବ୍ରତୀ ହେବା । ପ୍ରତିଟି ମୁହୂର୍ତ୍ତରେ ଧ୍ୟାନ ଓ ମନ ରଖିବା ... "ମିତ୍ରସ୍ୟ ଚକ୍ଷୁସା ସର୍ବାଣି ଭୂତାନି ସମୀକ୍ଷନ୍ତେ"ରେ । ଆମେ କରିବା ଚକ୍ଷୁରେ ଦେଖିବା । ସମସ୍ତଙ୍କ ସହିତ ମିଳିମିଶି ସର୍ବାଙ୍ଗୀଣ ପ୍ରାଣକୁ ... ସାଧନ କରିବା :

> ସମାନୀ ବ ଆକୂତୀ, ସମାନା ହୃଦୟାନି ବଃ ।
> ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ॥


ଆମମାନଙ୍କ ଧ୍ୟେୟ ସମାନ ହେଉ । ହୃଦୟ ସମାନ ହେଉ । ମନ ସମାନ ହେଉ । ଏହି ସବୁ ଫଳରେ ଆମେମାନେ ସମାନ ସୁଯୋଗ ଓ ଉପଭୋଗ ପାତ୍ର ହେବା ।

ପ୍ଲଟ ନମ୍ବର–୬୮୯, ଶହୀଦନଗର
ଭୁବନେଶ୍ୱର ।



## ବଳଭଦ୍ରଙ୍କ ରଥ ତାଳଧ୍ୱଜ

ତାଳବନରେ ଦେବତାମାନେ ଦେଖିଥିବା ତାଳଧ୍ୱଜ ରଥର ଆରୋହୀ ଶ୍ରୀ ବଳଭଦ୍ର । ଉଚ୍ଚତା ୩୨ହାତ ୧୦ ଆଙ୍ଗୁଳି । ୭୬୩ କାଷ୍ଠରେ ନିର୍ମିତ ଏହି ରଥରେ ଚଉଦଟି ଚକ ରହିଛି । ରଥ ରକ୍ଷକ––ବାସୁଦେବ । ଆୟୁଧ––ହଳ ଓ ମୂଷଳ । ଉଦ୍ରପୀଠ––ଅଷ୍ଟଦଳ ପଦ୍ମ । ରଥ ଆବରଣ––ଗଭନୀଳ । ରଥମୂର୍ତ୍ତି ଦେବତା––ନାଗ । ରଥ ପାର୍ଶ୍ୱ ଦେବତା––ଗଣନାଥ, ଗଦାଧାରୀ ହରିହର, ତ୍ରୈମୁଖ, ବାସୁଦେବ, ନାଟାମ୍ବର, ଅଘୋର, ତ୍ରିପୁରାରିଶିବ । ସାରଥୀର ନାମ––ମାତଳୀ । ରଥ ରକ୍ଷକ––ଉସର । ରଥ ଅଶ୍ୱ––ତୀବ୍ର, ଘୋର, ଦୀର୍ଘ ଶ୍ରମ ଓ ସ୍ୱର୍ଣ୍ଣନାଭ । ରଥରଜ୍ଜୁ––ବାସୁକୀ । ରଥମୂର୍ତ୍ତି––କେତୁଭଦ୍ର । ଚର ଦେବତା––ବ୍ରହ୍ମା, ଶିବ । ରଥ ଭୈରବ––କ୍ଷେତ୍ରପାଳ । ରଥ ଗନ୍ଧର୍ବ––ହୁ ହୁ । ରଥ ଗ୍ରହଣ––ମହାଶିବ, ଉଲେମୀ, ଗର୍ଭାଧୀଶ୍ୱରୀ । ଶକ୍ତି––ଦୁର୍ଗା, ଦୁର୍ଗଣ୍ଡା, ପ୍ରଭ, ସୁପ୍ରଭ, ଧାତ୍ରୀ, ବିଧାତ୍ରୀ, ନନ୍ଦା, ସୁନନ୍ଦା । ଋଷି ପର୍ଯ୍ୟାୟେ––ଅଙ୍ଗିର, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଳ, ଆତ୍ରେୟ, କାଶ୍ୟପ । ରଥ ଭୂମିର ନାମ––ଭୁବନ, ବିମ, ପୃଥିବୀ, ତଳାପ୍ରଧ, ତ୍ରିବାତ । ଦ୍ୱାରପାଳ––ନନ୍ଦ, ସୁନନ୍ଦୀ । କେତର ନାମ ଉନ୍ନାନି ।






# ଶ୍ରୀଜଗନ୍ନାଥ ଜଗତେ ଜଣେ

● ଶ୍ରୀ ଲକ୍ଷ୍ମୀଧର ନା

ସାରା ବର୍ଷରେ ଗୋଟିଏ ଦିନ ଏ
ବାହାରେ ଆସିବେ ଜଗନ୍ନାଥ,
ଜଗତବାସୀଙ୍କୁ ଭେଟିବେ, ଦେଖିବେ:
ଧରଣୀ କିପରି ଆଲୋକସ୍ନାତ !
ଘୋଷଯାତ୍ରାର ଜନସମାବେଶେ
ରଥାରୂଢ଼ ହେବେ ରାଜକୀୟ ବେଶେ
ବାଉଁଶି ପାହାଚେ ପହଣ୍ଡି ବିଜେ
ଘଣ୍ଟ ମାଦଳ ଶଙ୍ଖନାଦ,
ଦେଉଳ ଭିତରୁ ଦାଣ୍ଡ ଧୂଳିକୁ
ଆସିବେ ଠାକୁର ଜଗନ୍ନାଥ ।
ପ୍ରାଚୀନ କୋଶଳ ଶବର ଜାତିର
କାଠ ମୂର୍ତ୍ତିର କୁଳ ଦେବତା,
ବିଶ୍ୱକର୍ମା ହାତ ଗଢ଼ଣରେ
ଦାରୁ ପ୍ରତିମାର କମନୀୟତା
କଳିଯୁଗେ ନବକୃଷ୍ଣାବତାର,
ଏଇ ଯେ ଆଦିମ ସତ୍ୟ ପ୍ରସ୍ତର...
ସେ ତାଣର ସ୍ମୃତି ମର୍ମବିଧୁର
ଆଜି ଦିନଟିର ପ୍ରଥମ କଥା,
ନାନକ, କବିର, ଶ୍ରୀଚୈତନ୍ୟ
ବ୍ୟାଖ୍ୟାରେ କେତେ ବିଚିତ୍ରତା ।
ଦିନେ ଏଇଠାରେ ଓଡ଼ିଶା ମାଟିରେ
ଆଦିମ ମଣିଷ ସଭ୍ୟତାର
ଆଲୋକ ପ୍ଲାବନ ଖୋଲି ଦେଇଥିଲା
ମୂର୍ତ୍ତି ପଥର ରୁଦ୍ଧ ଦ୍ୱାର !
ଭାରତ, ସୁମେରୁ, ବାବିଲନ ଆଦି
ଦ୍ରାବିଡ଼ ଜାତିର ଭାବ ସଂଚିତ...
ସଙ୍କେତମୟ ହୋଇ ଉଠିଥିଲା
ଅତି ଭକତ ଅର୍ଘ୍ୟ ଧୂପେ,
ଶ୍ରୀଜଗନ୍ନାଥ, ବୃନ୍ଦାବନର
ଗୋପିଙ୍କର ଚୁଡ଼ି ରୂପେ ।

ମାଧୁର୍ଯ୍ୟମିଶା ଐଶ୍ୱର୍ଯ୍ୟରେ
ଔଦାର୍ଯ୍ୟର ପ୍ରକାଶ ଲୀଳା...
ଦ୍ୱାପର ଯୁଗର ଶେଷ ସମୟକୁ
ଅପୂର୍ଣ୍ଣ ହୋଇ ଯା'ଉଥିଲା,
ଦାରୁବ୍ରହ୍ମର ବିଗ୍ରହ ତଳେ
କୃଷ୍ଣହିଁ ନିଜେ, ଆଗ୍ରହ ଭରେ
ଜଗନ୍ନାଥଙ୍କ ମୂର୍ତ୍ତିରୂପରେ
କଳିଯୁଗେ ଯେବେ ପ୍ରକଟ ହେ
ସେବା ଗ୍ରହଣର ଲୀଳା ପ୍ରକାଶରେ
ଦର୍ଶନ ଯୋଗ ସଂଗିନିଦେଲେ ।
ସେ ଔଦାର୍ଯ୍ୟର
ଏ ରଥ ଯାତ୍ରା
ଏକ ଶାଶ୍ୱତ ମହୋତ୍ସବ
ଜାତିବର୍ଣ୍ଣର ନିର୍ବିଶେଷରେ
ଜନସମାଗମେ ସମୁଦ୍ଭବ...
ଯୋଉ ଭାବଧାରା, ସାର୍ବଜନୀନ
ସେଉଥିରେ ନିଜେ ହେବାପାଇଁ
ପ୍ରେମ ଅନୁରାଗେ, ପ୍ରଭୁ ନିଜେ ଆସି
ଭେଟନ୍ତି ନିଖିଳ ଭକ୍ତ ଜନେ
ଢାଳି ଦେବାପାଇଁ ଅହେତୁକୀ କୃପା
ଭାବ ଉଦ୍‌ବେଳ ଉଦାର ମନେ ।
ଭକ୍ତ ବିଧୁର
ଏପରି ଠାକୁର
ଶ୍ରୀ ଜଗନ୍ନାଥ ଜଗତେ ଜଣେ ।

କିଶୋରୀ ଭବନ
କଟଣା (ପୁରୀ)
ପିନ୍– ୭୫୨୦୫୦



# ପଞ୍ଚତୀର୍ଥ

ବାବା ଚୈତନ୍ୟ ଚରଣ ଦାସ

ପୁଣ୍ୟ ଭୂମି ଭାରତବର୍ଷର ପବିତ୍ର ପରମ୍ପରାରେ ତୀର୍ଥ ପ୍ରସଙ୍ଗ ଚିରସ୍ମରଣୀୟ ଅଟେ । ଅଧିକନ୍ତୁ ବେଦ ବେଦାନ୍ତ, ଭଗବଦ୍‌ଗୀତା, ଭାଗବତ ପ୍ରଭୃତି ସଦ୍‌ଗ୍ରନ୍ଥମାନଙ୍କରେ ଉକ୍ତ ପ୍ରସଙ୍ଗକୁ ଭିତ୍ତିକରି ଉଲ୍ଲେଖନୀୟ ଭଗବଦ୍ ଯଶ ବର୍ଣ୍ଣିତ ହୋଇଛି । ବଡ ବଡ ମହାପୁରୁଷଗଣ ତୀର୍ଥ ମହାତ୍ମ୍ୟକୁ ଉଦାର କଣ୍ଠରେ କୀର୍ତ୍ତନ କରିବା କଥା ଶାସ୍ତ୍ରରେ ଅତ୍ୟନ୍ତ ସ୍ପଷ୍ଟ । ଭାରତବର୍ଷର ଆଧ୍ୟାତ୍ମିକ ଇତିହାସ ପୃଷ୍ଠାକୁ ସରସ ଓ ସୁନ୍ଦର କରିବା ଦିଗରେ ତୀର୍ଥ ପ୍ରସଙ୍ଗର ଅବଦାନ ଯେ ଅନବଦ୍ୟ, ତାହା କହିବା ବାହୁଲ୍ୟ ମାତ୍ର । ମନୁଷ୍ୟ ଯେତେବେଳେ ନାନା ପ୍ରକାର ଅଶାନ୍ତିକର ପରିସ୍ଥିତିର ସମ୍ମୁଖୀନ ହୋଇ, ସାମାଜିକ କ୍ଷେତ୍ରରେ ନିଜର ବ୍ୟକ୍ତିତ୍ୱକୁ ହରାଇ ବସେ ଏବଂ ଭୟଙ୍କର ନୈରାଶ୍ୟ ହେତୁ ତାଂର ଦେବ ଦୁର୍ଲଭ ଜୀବନଟି ଦୁଶ୍ଚିନ୍ତାଗ୍ରସ୍ତ ହୋଇଯାଏ, ସେତେବେଳେ ପବିତ୍ର ତୀର୍ଥ ଚିନ୍ତନ, ଦର୍ଶନ, ସ୍ପର୍ଶନ, ବ୍ୟକ୍ତି ହୃଦୟରେ ଏକ ଅପାର୍ଥିବ ସ୍ପନ୍ଦନ ସୃଷ୍ଟି ପୂର୍ବକ ଚିରନ୍ତନ ଶାନ୍ତି ମାର୍ଗର ଦିଗ୍‌ଦର୍ଶନ ଦେଇଥାଏ । ବ୍ୟକ୍ତିର ସଂକୀର୍ଣ୍ଣତା ଦୂରୀକରଣ ସହିତ ଅନ୍ତର୍ନିହିତ ଉଦାର ଗୁଣକୁ ସର୍ବତୋ ଭାବରେ ବିକାଶ କରିବା ପାଇଁ ତୀର୍ଥ ସେବନହିଁ ମୁଖ୍ୟ ଅଙ୍ଗ । ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଧରେ ଦେଖିବାକୁ ମିଳେ ଯେ, ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଲେ,– ଦେଖ, ଘୋର ଉତ୍‌ପାତ ସମୟ ଉପସ୍ଥିତ, ଆକାଶରେ ଉଲ୍‌କାପାତ, ବହୁତ ଅଶୁଭ ଚିହ୍ନ ଦେଖାଯାଉଛି । ମାତ୍ର ସାତ ଦିନ ମଧ୍ୟରେ ଏ ଦ୍ୱାରକାପୁରୀକୁ ପ୍ରଚଣ୍ଡ ସମୁଦ୍ର ଗ୍ରାସ କରିବ । କାଳର କରାଳ କବଳରେ ସମସ୍ତ ଦ୍ୱାରକାବାସୀ କବଳିତ ହେବେ । ଏଣୁ ତୁମେ ସମସ୍ତ ଆଶା, ଆସକ୍ତିକୁ ପରିତ୍ୟାଗ ପୂର୍ବକ ଯଥାଶୀଘ୍ର ଏଠାରୁ ପ୍ରସ୍ଥାନ କରି ନିଜର ଶ୍ରେୟ ଲାଭ ପାଇଁ ବ୍ରତୀ ହୁଅ । ଭଗବାନଙ୍କର ପ୍ରିୟତମ ସଖା ଉଦ୍ଧବ ପ୍ରଭୁଙ୍କ ଏତାଦୃଶ ବାକ୍ୟରେ ମର୍ମାହତ ହୋଇ କରୁଣ କଣ୍ଠରେ କହିଲେ, ହେ ପ୍ରଭୋ ! ଆପଣ ବୈକୁଣ୍ଠକୁ ଗମନ କରିବେ, ମୋର ଆଉ ପଥ ପ୍ରଦର୍ଶକ କିଏ ? ମୋର ଜୀବନ ନିରର୍ଥକ । କି ଉପାୟ ମୁଁ କରିବି ? କେଉଁ ସ୍ଥାନକୁ ଯିବି ? କିଏ ମୋତେ ଶାନ୍ତି ଦେବ ? ହେ ନାଥ ! କେଉଁ ସ୍ଥାନକୁ ଗଲେ ମୋର ଶ୍ରେୟ ସାଧନ ହେବ, ଦୟା କରି ଆଦେଶ ଦିଅନ୍ତୁ । ଭକ୍ତ ବତ୍ସଳ ଭଗବାନ ଶ୍ରୀକୃଷ୍ଣ ଅତ୍ୟନ୍ତ ପ୍ରସନ୍ନତାର ସହିତ କହିଲେ, ହେ ଉଦ୍ଧବ ! ଚିନ୍ତା କରନାହିଁ, ତୁମେ ମୋର ପାଦୁକା ଦ୍ୱୟକୁ ଶିରୋଧାର୍ଯ୍ୟ ପୂର୍ବକ ବଦ୍ରିକାଶ୍ରମକୁ ଗମନ କର । ସେଠାରେ ଅଳକାନନ୍ଦା ଗଙ୍ଗା ବିଦ୍ୟମାନ । ତହିଁରେ ତୁମେ ସ୍ନାନ ପୂର୍ବକ ମୋର ଧ୍ୟାନ କରି ଜୀବନ୍ମୁକ୍ତ ହେବ । ଏପରିକି ତୁମକୁ ବ୍ରହ୍ମଶାପ ସ୍ପର୍ଶ କରିବ ନାହିଁ । ତୁମେ ମୋ ନିକଟରେ ରହି ଯେଉଁ ଶାନ୍ତି ଲାଭ କରୁଥିଲ, ତଦପେକ୍ଷା ସେଠାରେ ଅଧିକ ଶାନ୍ତି ପାଇବ । ତଦନୁସାରେ ଉଦ୍ଧବ ବଦ୍ରିଧାମରେ ଉପନୀତ ହୋଇ ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ଆଚରଣ କରି ଚିର ଅମରତ୍ୱ ପ୍ରାପ୍ତ ହେଲେ ଏବଂ ବିରାଟ ବ୍ୟକ୍ତିତ୍ୱର ଦିବ୍ୟ ପ୍ରତିଭାକୁ ଜନ ସମାଜରେ ପ୍ରତିଷ୍ଠା କରିଗଲେ । ତୀର୍ଥର ମହାତ୍ମ୍ୟ କଣ ଓ କିପରି ତାହା ଉକ୍ତ ପ୍ରସଙ୍ଗରୁ ପ୍ରମାଣିତ ହୁଏ । ଭଗବାନଙ୍କର ସଖା ଓ ପରମ ବନ୍ଧୁ ଉଦ୍ଧବ, କୌଣସି ଉପାୟରେ ଶାନ୍ତି ନ ପାଇ ପରିଶେଷରେ କେବଳ ତୀର୍ଥ ସେବା ଦ୍ୱାରାହିଁ ସମସ୍ତ ପୂର୍ଣ୍ଣତା ଓ ଦିବ୍ୟତାର ଅଧିକାରୀ ହେଲେ ।

ତୀର୍ଥ କ୍ଷେତ୍ରରେ ଭଗବାନଙ୍କର ଓ ତଦାଶ୍ରିତ ମହାପୁରୁଷମାନଙ୍କର ଦୟା, ଦାକ୍ଷିଣ୍ୟ, ଆଶୀର୍ବାଦ, ସଦିଚ୍ଛା ସଞ୍ଚିତ ରହିଥାଏ । ଏଣୁ ତୀର୍ଥର ମହାତ୍ମ୍ୟ ଦେବତାମାନଙ୍କୁ ଅଗୋଚର । ମାୟାମୁଗ୍ଧ ମନୁଷ୍ୟ ବା କଣ ଜାଣିବ ? ଏ ଦୃଷ୍ଟିରୁ ପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ବିଦ୍ୟମାନ ଥିବା ପଞ୍ଚତୀର୍ଥର ମହାତ୍ମ୍ୟ ଅସାଧାରଣ । ଭଗବାନ ବେଦବ୍ୟାସ ସ୍ୱକୃତ ସ୍କନ୍ଦ ପୁରାଣରେ ଉଲ୍ଲେଖ କରି ଅଛନ୍ତି ଯେ,

''ଅହୋ ଭାରତବର୍ଷସ୍ୟ ମନୁଷ୍ୟାଃ କ୍ଷୀଣ କଳ୍ମଷାଃ<br>
ଅପବର୍ଗ ପ୍ରଦୋ ଯେଷାଂ ଆବିର୍ଭାସୀ ଜନାର୍ଦ୍ଦନଃ ॥<br>
ତତ୍ରାପ୍ୟସ୍ୟାଂ ଉତ୍କଳଦେଶଃ ସର୍ବେଷାମୁତ୍ତମ ସ୍ମୃତଃ<br>
ଯତ୍ରସ୍ଥା-ଶ୍ଚର୍ମ୍ମ ନେତ୍ରେଣ ପଶ୍ୟନ୍ତି ବ୍ରହ୍ମରୂପିଣମ୍ ॥

ଅର୍ଥ–ଅହୋ କି ଆଶ୍ଚର୍ଯ୍ୟ ! ଭାରତ ବର୍ଷୀୟ ଲୋକମାନଙ୍କର ପାପ ନାହିଁ, ମୁକ୍ତିଦାତା ଜନାର୍ଦ୍ଦନ ସେମାନଙ୍କ ନିକଟରେ ଆବିର୍ଭୂତ ହୋଇଛନ୍ତି । ଭାରତବର୍ଷ ମଧ୍ୟରେ ଉତ୍କଳଦେଶ (ଉତ୍କଳ ପ୍ରଦେଶ) ହିଁ ସମସ୍ତ ଦେଶ-ମାନଙ୍କ ଅପେକ୍ଷା ସର୍ବୋତ୍ତମ ଅଟେ । ଯେହେତୁ ବ୍ରହ୍ମ ରୂପୀ ଜନାର୍ଦ୍ଦନଙ୍କୁ ଚର୍ମ ନେତ୍ର ଦ୍ୱାରା ସେଠାର ସମସ୍ତ ବ୍ୟକ୍ତି ଦର୍ଶନ କରୁଅଛନ୍ତି ।

ଉପରୋକ୍ତ ସିଦ୍ଧାନ୍ତରୁ ପ୍ରମାଣିତ ହେଉଅଛି ଯେ ଚତୁର୍ଦ୍ଦଶ ଭୁବନ ମଧ୍ୟରେ ପୃଥିବୀ ଶ୍ରେଷ୍ଠ । ପୃଥିବୀ ମଧ୍ୟରେ ଭାରତବର୍ଷ ଶ୍ରେଷ୍ଠ । କାରଣ ସ୍ୱୟଂ ଭଗବାନ ଧର୍ମ ରକ୍ଷା ପାଇଁ ଭାରତବର୍ଷରେ ଅବତୀର୍ଣ୍ଣ ହୋଇ ଲୀଳା କରନ୍ତି, କିନ୍ତୁ ଭାରତବର୍ଷ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରହିଁ ସର୍ବଶ୍ରେଷ୍ଠ । କାରଣ ପରଂବ୍ରହ୍ମ ପରମାତ୍ମା ଦାରୁବ୍ରହ୍ମ ରୂପରେ ନିତ୍ୟ ବର୍ତ୍ତମାନ ପ୍ରକଟ ରହି ଯୁଗ ଯୁଗ ଧରି ଜନସମାଜକୁ ସର୍ବଦା ଆଧ୍ୟାତ୍ମିକ

ଆନନ୍ଦରେ ଉଦ୍‌ବୃଦ୍ଧ କରୁଅଛନ୍ତି । ଏଥିପାଇଁ ପୁରୁଷୋତ୍ତମ ଧାମର ବୈଶିଷ୍ଟ୍ୟ ଶାସ୍ତ୍ରରେ ପ୍ରତିପାଦନ ହୋଇଅଛି

ଲୋକ ମୁଖରେ ଶୁଣିବାକୁ ମିଳେ ଯେ,
ସକଳ ତୀର୍ଥ ଘେନି ହରି ।
ନୀଳ କନ୍ଦରେ ବିଜେ କରି ॥

ଏହା ଅକ୍ଷରେ ଅକ୍ଷରେ ସତ୍ୟ । ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳେ ଯେ ଶ୍ରୀ ମନ୍ଦିର ଅଭ୍ୟନ୍ତରରେ ରାମେଶ୍ୱର ଧାମ, ଦ୍ୱାରକା ଧାମ, ବଦ୍ରି ଧାମ ସମେତ ଚତୁର୍ଦ୍ଧାମ ପ୍ରତିଷ୍ଠିତ ହୋଇ ରହିଛି । ବେଦ ବେଦାନ୍ତ, ଇତିହାସ ପୁରାଣ ପ୍ରତିପାଦିତ ସମସ୍ତ ଦେବଦେବୀ ମଧ୍ୟ ବିଗ୍ରହ ରୂପରେ ବିଦ୍ୟମାନ ଅଛନ୍ତି । ବିଶେଷତଃ ସ୍ୱର୍ଗଦ୍ୱାର ନିକଟ ମହୋଦଧିରେ ଭାରତବର୍ଷରେ ଥିବା ସମସ୍ତ ତୀର୍ଥ ସମ୍ମିଳିତ ହୋଇଛନ୍ତି । ଏକଥା ଶ୍ରୀ ଚୈତନ୍ୟ ମହାପ୍ରଭୁ ପ୍ରାଣେ ପ୍ରାଣେ ଉପଲବ୍‌ଧି କରି ଶ୍ରୀ ଚୈତନ୍ୟଚରିତାମୃତ ଗ୍ରନ୍ଥରେ ବ୍ୟକ୍ତ କରିଛନ୍ତି ଯେ, ''ଏହି ସମୁଦ୍ର ହିଁ ମହାତୀର୍ଥ ଅଟେ ।''

ତୃ୍ଷ୍ଟ ତରଣେ, ଏହି ଧାତୁରୁ ତୀର୍ଥ ଶବ୍ଦ ନିଷ୍ପନ୍ନ ହୋଇଛି । ଅର୍ଥାତ୍ ଯେ ପବିତ୍ର କରି ଉତ୍ତୀର୍ଣ୍ଣ କରାଏ, ତାହାହିଁ ତୀର୍ଥ । ନୀଳାଚଳ ଧାମରେ ଅନେକ ତୀର୍ଥର ସମାବେଶ ଘଟିଥିଲେ ମଧ୍ୟ ତନ୍ମଧ୍ୟରେ ପଞ୍ଚତୀର୍ଥ ପ୍ରଧାନ ଅଟେ । ମୁଁ ପୁରୀରେ ରହୁଥିବା ବେଳେ ଭିନ୍ନ ଭିନ୍ନ ଲୋକଙ୍କ ମୁଖରୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ପାଉଥାଏ । କେହି କେହି କହନ୍ତି,—ସମୁଦ୍ର, ମାର୍କଣ୍ଡେୟ, ଶ୍ୱେତଗଙ୍ଗା, ରୋହିଣୀ କୁଣ୍ଡ ଓ ଇନ୍ଦ୍ରଦ୍ୟୁମ୍ନ ଇତ୍ୟାଦି ପଞ୍ଚତୀର୍ଥ । ଅନ୍ୟ କେହି କେହି କହନ୍ତି—ନରେନ୍ଦ୍ର ମଧ୍ୟ ଏକ ତୀର୍ଥ । କାରଣ ଯହିଁରେ ସ୍ନାନ କରାଯାଏ, ତାହାହିଁ ତୀର୍ଥ । ନାନା ମୁନିଙ୍କ ନାନା ମତ ଭଳି, ଏହା ଏକ ବିବଦମାନ ବିଷୟବସ୍ତୁ ହୋଇ ଉଠିଛି । ଏହି ପରିପ୍ରେକ୍ଷୀରେ ଜନ-ସାଧାରଣଙ୍କ ଅବଗତି ନିମନ୍ତେ ସ୍କନ୍ଦ ପୁରାଣ ଅନ୍ତର୍ଗତ ପୁରୁଷୋତ୍ତମ ମହାତ୍ମ୍ୟରେ ଭଗବାନ ବେଦବ୍ୟାସ ପଞ୍ଚତୀର୍ଥ ଉପରେ ଯେଉଁ ବିବରଣ ଦେଇଛନ୍ତି, ତାହା ନିମ୍ନରେ ପ୍ରଦତ୍ତ ହେଲା ।

### ପ୍ରଥମ ତୀର୍ଥ ମାର୍କଣ୍ଡେୟ

ତୈର୍ଥିକ ସାଧକ ସର୍ବ ପ୍ରଥମେ ମାର୍କଣ୍ଡେୟ ସରୋବରରେ ସ୍ନାନ ପୂର୍ବକ ଧର୍ମ ସ୍ୱରୂପ ବୃଷଭଙ୍କୁ ଅଭିବାଦନ କରି, ''ବୈଷ୍ଣବାନାଂ ଯଥା ଶମ୍ଭୁଃ'' ଅର୍ଥାତ୍ ପରମ ବୈଷ୍ଣବ ଭଗବାନ ମାର୍କଣ୍ଡେଶ୍ୱର ଶିବଙ୍କୁ ପୂଜନ, ଦର୍ଶନ, ବନ୍ଦନ କରିବେ । କାରଣ ସାଧକ ଈଶ୍ୱର ସାକ୍ଷାତ୍‌କାର ପୂର୍ବରୁ ସନ୍ତ ମହାତ୍ମାଙ୍କ ଆଶୀର୍ବାଦ ଲାଭ କରିବା ଉଚିତ । ମହତ୍ କୃପାହିଁ ଭଗବତ କୃପାର ପୃଷ୍ଠପୋଷକ । ଏଣୁ ବ ସାଧୁସଙ୍ଗ ବିନୁ । ଭକ୍ତି ନପାବେ ମୋର ଚନ୍ଦ୍ର'' (ଭାଗବତ) । ବିଶେଷତଃ ମହାତ୍ମା ତୁଳସୀଦାସ ମାନସ ଗ୍ରନ୍ଥର ମଙ୍ଗଳା ଚରଣରେ ଉଲ୍ଲେଖ କରିଛନ୍ତି ଯେ, ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ । ଯାଭ୍ୟାଂ ବିନା ନପଶ୍ୟନ୍ତି ସିଦ୍ଧା ସ୍ୱାନ୍ତଃସ୍ଥମୀଶ୍ୱରମ୍ । ଅର୍ଥ—ଶ୍ରଦ୍ଧା ଓ ବିଶ୍ୱାସ ରୂପୀ ଶ୍ରୀ ଶଙ୍କର ପାର୍ବତୀଙ୍କ କୃପା ବ୍ୟତୀତ ସିଦ୍ଧ ପୁରୁଷମାନେ ମଧ୍ୟ ଆତ୍ମ ସ୍ୱରୂପକୁ ଉପଲବ୍‌ଧି କରି ପାରନ୍ତି ନାହିଁ ।

### ଦ୍ୱିତୀୟ ତୀର୍ଥ ଅକ୍ଷୟ ବଟ

ଉପରୋକ୍ତ ମତେ ସାଧକ ଭଗବାନ ଶିବଙ୍କ ଆଶୀର୍ବାଦକୁ ହୃଦୟରେ ଧାରଣ କରି ସାକ୍ଷାତ ଛାବର ନାରାୟଣ ସ୍ୱରୂପୀ ଅକ୍ଷୟ ବଟ ମୂଳକୁ ଗମନ ପୂର୍ବକ ଆନୁଷ୍ଠାନିକ ଭାବରେ ଅଭିବାଦନ କରିବେ । ଭାବ ସମ୍ବେଦିତହୋଇ ନାରାୟଣ ତୁଲ୍ୟ ଅକ୍ଷୟ ବଟଙ୍କୁ ସ୍ତୁତି କରି କହିବେ,—

''ଅମରସ୍ତ୍ୱ ସଦାକଳ୍ପେ ବିଷ୍ଣୋରାୟତନଂ ମହତ୍ ।
ନ୍ୟଗ୍ରୋଧ ହରମେ ପାପଂ ବିଷ୍ଣୁରୂପ ନମୋସ୍ତୁତେ ॥''

(ସ୍କନ୍ଦ ପୁରାଣ)

ଅର୍ଥ— ହେ ନ୍ୟଗ୍ରୋଧ ! ହେ ଅମର ! ହେ ମହା ! ପ୍ରଳୟ ଯାଏଁ ଅଟାଳ୍ପ କ୍ଷମ ! ହେ ଅକ୍ଷୟ ବୃକ୍ଷ ! ନିଜ ଗୁଣରେ କୃପା କରି ସମସ୍ତ ପାପକୁ ହରଣ କରନ୍ତୁ ! ମୁଁ ନିଷ୍ପାପ ହୃଦୟ ହୋଇ ଦା ଜଗନ୍ନାଥଙ୍କୁ ସାକ୍ଷାତ୍ କରିବି । ଏହାହିଁ ମୋର ଆନ୍ତରିକ କାମନା ଭାବରେ ନତି ସ୍ତୁତି ପୂର୍ବକ ଅକ୍ଷୟ ବଟଙ୍କୁ ପ୍ରଦକ୍ଷିଣ କରି ତୃତୀୟ ସ୍ୱରୂପ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସାଧକ ଅଗ୍ରଗାମୀ ହେବେ ।

### ତୃତୀୟ ତୀର୍ଥ ଶ୍ରୀଜଗନ୍ନାଥ

ଗଙ୍ଗାଦି ସମସ୍ତ ତୀର୍ଥ ଯାହାଙ୍କ ଚରଣାରବିନ୍ଦରୁ ଯେ, ଆବିର୍ଭୂତ ଅଛନ୍ତି ଏକଥା ସକଳ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ଅତଏବ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସବୁ ତୀର୍ଥଙ୍କର'ମୂଳତୀର୍ଥ । ବର୍ତ୍ତମାନ ଦେ ଗଲେ ଲୋକ ପ୍ରଚଳିତ ପ୍ରଥାରୁ ଜଣାଯାଏ, ବିଶେଷ କରି ଉତ୍କଳ ଭାରତବର୍ଷର ସମସ୍ତ ତୀର୍ଥ ପରିଭ୍ରମଣ କରି ଶେଷରେ ପୁରୁଷୋ ଧାମକୁ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ତାଙ୍କ ତୀ କାର୍ଯ୍ୟକ୍ରମକୁ ସାଙ୍ଗ ବା ପୂର୍ଣ୍ଣ କରନ୍ତି । ଏଣୁ ଲୋକ ପରମ୍ପରା ଶାସ୍ତ୍ରାନୁମୋଦିତ ଏଥିରେ ସନ୍ଦେହ ନାହିଁ ।

ଅକ୍ଷୟ ବଟଙ୍କୁ ପ୍ରଦକ୍ଷିଣ କରି ସାଧକ ପ୍ରଥମେ ଶ୍ରୀଗରୁଡଙ୍କୁ ନତି ପୂର୍ବକ କହିବେ, ହେ ଜଗଦ୍ ବ୍ୟାପିନ୍ ! ଆପଣ ବେଦ ଓ ଯଜ୍ଞ ଏବଂ ଅଖିଳ ଜଗତର ଆଧାର ଅଟନ୍ତି ।

''ଯଜ୍ଞ ରୂପ ଜଗଦ୍‌ବ୍ୟାପିନ୍ ପ୍ରିୟ ମାଶାୟ ତେ ନମଃ'' (ସ୍କନ୍ଦ)

ଅତଏବ ମୋ ପ୍ରତି ପ୍ରୀତ ହୁଅନ୍ତୁ । ଆପଣଙ୍କୁ ନମସ୍କାର କ ଭଗବାନଙ୍କର ଏକାନ୍ତ ଦାସ ଭକ୍ତ ଗରୁଡଙ୍କ ମହାରାଜ ସାଧକ ପାଇଁ କୃପା ସର୍ବଦୌ ଶିରୋଧାର୍ଯ୍ୟ ଅଟେ । ଯେପରି ଦୁଗ୍‌ଧ ଆ କହିବାକୁ ହେଲେ ବାଛୁରିର ସମ୍ବନ୍ଧ ହେଲାପରେ ଗୋମାତାଠାରୁ ସ୍ୱତଃ ମିଳିଥାଏ, ସେହିପରି ଦାସଭକ୍ତଙ୍କ କୃପା କଟାକ୍ଷ ମିଳିବା ଭାଗବାନଙ୍କ କୃପା ଆପେ ଆପେ ମିଳିଯାଏ । ଅତଏବ ଶ୍ରୁତି ସ ସମାଜକୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ସଂସ୍କୃତି ଯୁଗ ଯୁଗ ଧରି ଦ ଦେଉଛି ଓ ଦେଉଥିବ ମଧ୍ୟ । ଏହା ସନାତନ ଭକ୍ତ ପରମ୍ପରାର ମ ଅଟେ । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବଂଶଜମାନେ ଶ୍ରୀଜଗନ୍ନା ପୂଜାଅର୍ଚ୍ଚନା କରିବା ବିଧିଶାସ୍ତ୍ରରେ ଅଛି ।

''ପୂଜାଧିକାରିଣଃ ସର୍ବେ ବ୍ରହ୍ମ, କ୍ଷତ୍ର ବିଶସ୍ତ୍ୟା'' । (ସ୍କନ୍ଦ)

ଅନ୍ୟମାନେ କେବଳ ହରିଙ୍କୁ ଦର୍ଶନ କରିବେ । ପଞ୍ଚ ତୀର୍ଥକାରୀ ସ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପୂଜନ କରିବା ପରେ ସ୍ତୁତି କରି କହିବେ, ' ଦେବଦେବ । ଏକମାତ୍ର ଆପଣହିଁ ସଂସାର ସାଗରରୁ ନିସ୍ତାରକାରୀ ଭକ୍ତମାନଙ୍କ ପ୍ରତି ଅନୁଗ୍ରହ ପରାୟଣ, ଅତଏବ ମୁଁ ଆପଣ ଶ୍ରୀଚରଣାରବିନ୍ଦରେ ପ୍ରଣତି ଜଣାଉଛି, ମୋତେ ରକ୍ଷା କରନ୍ତୁ ।

### ଚତୁର୍ଥ ତୀର୍ଥ ସମୁଦ୍ର

ସାଧକ ଜଗନ୍ନାଥଙ୍କୁ ଦର୍ଶନ କରିବାପରେ ମହୋଦଧି ବା ସ ନିକଟ ଗମନ କରିବେ । ଯେପରି କୌଣସି ଦୁର୍ଗତ ଅସହାୟ ରାଜାଙ୍କ ନିକଟକୁ ଗଲେ ପ୍ରଥମେ ଦ୍ୱାରୀଙ୍କୁ ସାକ୍ଷାତ କରିବା ପରେ ଅନୁମତି ବା ଆଦେଶ ପାଇବା ପରେ ରାଜାଙ୍କୁ ଦେଖେ । କେ ଦେଖିଲେ କାର୍ଯ୍ୟ ହୁଏ ନାହିଁ, ପରନ୍ତୁ କ୍ରମଶଃ ରାଜାଙ୍କ ମହିମା ଅତ ହୋଇ ବ୍ୟାପକତା ଅନୁଭବ କରିବା ପରେ ପ୍ରକାର ରାଜାଙ୍କ

ସାୟୁଜ୍ୟ ଲାଭ ହୋଇଥାଏ । ସେହିପରି ରାଜ ରାଜେଶ୍ୱର ଶ୍ରୀଜଗନ୍ନାଥଙ୍କ ସାକ୍ଷାତ୍ ପୂର୍ବରୁ ବିଷ୍ଣୁଙ୍କ ପରମ ପ୍ରିୟ ବୈଷ୍ଣବାଗ୍ରଗଣ୍ୟ ଶ୍ରୀ ଶିବଙ୍କ ଆଶୀର୍ବାଦ ଗ୍ରହଣ କରି ଦାରୁବ୍ରହ୍ମଙ୍କୁ ଦର୍ଶନ କରିବା ପରେ ସେହି ଜଗନ୍ନାଥଙ୍କ ବ୍ୟାପକ ତତ୍ତ୍ୱ ଯେଉଁ ସାଗର ସାକ୍ଷାତ୍ ତୀର୍ଥରାଜ, ସେହି ସମୁଦ୍ରଙ୍କୁ ହରିଙ୍କ ଅଭିନ୍ନ ଜ୍ଞାନରେ ପୂଜା ଅର୍ଚ୍ଚନା ଓ ଅଭିବାଦନ କରି ପଞ୍ଚମ ତୀର୍ଥ ସ୍ୱରୂପ ଯେଉଁ ଇନ୍ଦ୍ରଦ୍ୟୁମ୍ନ ସରୋବର ତଟକୁ ଗମନ କରିବେ ।


**ପଞ୍ଚମ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ**

ଭଗବାନ ବେଦବ୍ୟାସଙ୍କ ରଚିତ ସ୍କନ୍ଦ ପୁରାଣରେ ବର୍ଣ୍ଣନ ଅଛି ଯେ ରଥଯାତ୍ରା ସମୟରେ ଯେତେବେଳେ ଶ୍ରୀଜଗନ୍ନାଥ ମହାପ୍ରଭୁ ସାତଦିନ ବ୍ୟାପୀ ଇନ୍ଦ୍ରଦ୍ୟୁମ୍ନ ସରୋବର ତଟ ପ୍ରାନ୍ତରେ ଅବସ୍ଥାନ କରନ୍ତି, ସେତେବେଳେ ଗଙ୍ଗାଦି ତୀର୍ଥଗଣ ମହାପ୍ରଭୁଙ୍କ ସାକ୍ଷାତ୍ ସାନ୍ନିଧ୍ୟ ନିମନ୍ତେ ଉକ୍ତ ସରୋବରରେ ସନ୍ନିହିତ ହୋଇ ମହାମହୋତ୍ସବ ପ୍ରଦର୍ଶନ କରନ୍ତି । ସେଥିପାଇଁ ସେହି ସପ୍ତ ଦିବସୀୟ ସ୍ନାନର ବୈଶିଷ୍ଟ୍ୟ ଯେ, ସମଧିକ ଫଳପ୍ରଦ,— ଏହିପରି ଶାସ୍ତ୍ରବିଧି ରହିଛି । ଅତଏବ ସାଧକ ସର୍ବ ପ୍ରଥମେ ଭଗବାନ ନୃସିଂହଙ୍କୁ ଦର୍ଶନ, ପୂଜନ, ଅର୍ଚ୍ଚନ ପୂର୍ବକ ପଞ୍ଚମ ତୀର୍ଥ ସ୍ୱରୂପ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ଶାସ୍ତ୍ର ବିଧାନ ଅନୁଯାୟୀ ସ୍ନାନ, ଆଚମନ, ଧ୍ୟାନ କରିବା ପରେ ପିତୃପିତାମହଙ୍କୁ ପିଣ୍ଡଦାନ କରି ପଞ୍ଚତୀର୍ଥ ଯାତ୍ରାକୁ ଉଦ୍‌ଯାପନ କରିବେ । ଉପରୋକ୍ତ ପଞ୍ଚତୀର୍ଥ ପ୍ରସଙ୍ଗ ବେଦବ୍ୟାସଙ୍କ ବର୍ଣ୍ଣିତ ସ୍କନ୍ଦ ପୁରାଣୋକ୍ତ ପୁରୁଷୋତ୍ତମ ମହାତ୍ମ୍ୟରେ ରହିଅଛି ।

---

ଭାଗବତ ଆଶ୍ରମ, ପୁରୀ ।

# ସୁଭଦ୍ରାଙ୍କ ରଥ ଦର୍ପଦଳନ



ସୁଭଦ୍ରାଙ୍କ ରଥ ଦର୍ପଦଳନ ଦେବତାଙ୍କ ପ୍ରଦତ୍ତ । ଏହାର ଉଚ୍ଚତା ୩୧ ହାତ । ୫୯୩ ଖଣ୍ଡ କାଷ୍ଠରେ ନିର୍ମିତ । ୧୨ଟି ଚକ । ଏହାର ରକ୍ଷକ ଜୟଦୁର୍ଗା । ଧ୍ୱଜାରେ ତ୍ରିପୁର ସୁନ୍ଦରୀ ବିରାଜମାନା । ଆୟୁଧ—ପଦ୍ମକହ୍ଲାର । ରଥର ଆବରଣ କୃଷ୍ଣଲୋହିତ । ରଥଶିରର ଦେବତା ହେଲେ ଲକ୍ଷ୍ମୀମେଧ । ରଥର ସେବା କରନ୍ତି ସୁମେଧା ଦେବୀ । ଏ ରଥର ପାର୍ଶ୍ୱ ଦେବତାମାନେ ହେଲେ ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡିକା, ମଙ୍ଗଳା, ବାରାହୀ, କାତ୍ୟାୟିନୀ, ଜୟଦୁର୍ଗା, କାଳୀ । ସାରଥୀଙ୍କ ନାମ ଅର୍ଜୁନ । ରକ୍ତଚକ୍ଷୁ ଏ ରଥକୁ ରକ୍ଷା କରନ୍ତି । ଏ ରଥର ୪ ଟି ଅଶ୍ୱ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା । ସ୍ୱର୍ଣ୍ଣଚୂଡ଼ ନାମକ ନାଗ ଏ ରଥର ରଜ୍ଜୁ ହୋଇଛନ୍ତି । ରଥର ମୁଖ ହେଲା ବ୍ରହ୍ମବର୍ଣ୍ଣା । ରଥର ଦେବୀ ଶ୍ରୀ, ଭୂ । ଏହାର ରଥବର୍ଜ୍ଜଙ୍କ ନାମ ହା ହା—ରଥରକ୍ଷକଙ୍କ ନାମ ମହାକର । ଧ୍ୱଜାର ନାମ ହେଉଛି—ନନ୍ଦାମ୍ବିକା । ରଥଗର୍ଭର ଅଧିଷ୍ଠାତ୍ରୀ ହେଲେ—ଶଙ୍ଖଶୂନ୍ୟା, ଜୟା, ବିଜୟା, ଘୋଷ, ଅଘୋଷ, ସ୍ୱଷ୍ଟା, ଜ୍ଞାନା । ରଥପଟରେ ନୃତ୍ୟ, ସୁପ୍ରଭ, ଚନ୍ଦ୍ର, ଶଙ୍ଖ, ଧ୍ରୁବ, ଲଳୁକ ନାମା ନାଗ ବିରାଜମାନ କରନ୍ତି । ରଥ କୁମ୍ଭର ନାମ ଅମୃତା, ଜାତା, ଜାୟା, ହ୍ରୀଂ ବୀଜ । ଦ୍ୱାଦଶ କଳଶ ଭୁବନେଶ୍ୱରୀ, ଚନ୍ଦ୍ର, ଗଙ୍ଗା, ଯମୁନା, ଦ୍ୱାରପାଳିକା । କେତନ ନାମ ନାଦାମ୍ବିକା ।

# ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପାଇଁ ଲେଖା ଆବଶ୍ୟକ

ଓଡ଼ିଶା ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ପ୍ରକାଶ ପାଉଥିବା ଦୁଇଟି ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ପାଇଁ ଲବ୍ଧ ପ୍ରତିଷ୍ଠିତ ଲେଖକ, ଗବେଷଣାକାରୀ ଓ ଗ୍ରନ୍ଥକାରମାନଙ୍କଠାରୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ରାଜ୍ୟର ବିଭିନ୍ନ କ୍ଷେତ୍ର ଅର୍ଥାତ୍ ପ୍ରାଚ୍ୟବିଦ୍ୟା, ଐତିହାସିକ ଘଟଣାବଳୀ ସହିତ ଓଡ଼ିଶାର ପ୍ରସଙ୍ଗ, ଓଡ଼ିଶାର ଜଙ୍ଗଲ ତଥା ବନ୍ୟପ୍ରାଣୀ ସମ୍ପଦ, ନୃତତ୍ତ୍ୱ, ପରମ୍ପରା ଓ ଆଚାରବିଧି, ସଂସ୍କୃତି, ଶିକ୍ଷା, କୃଷି, ଶିଳ୍ପ ଉନ୍ନୟନ, ଗ୍ରାମାଞ୍ଚଳ ଉନ୍ନୟନ ଓ ପରିଚାଳନା, ବ୍ୟବସାୟ, ବାଣିଜ୍ୟ, ସାମାଜିକ ଓ ଅର୍ଥନୈତିକ ପ୍ରଗତି, ମନସ୍ତତ୍ତ୍ୱ, ଶାସନ ପଦ୍ଧତି ପର୍ଯ୍ୟଟନ ପୀଠସ୍ଥଳୀ, ପରିବେଶ ସମ୍ପର୍କୀୟ ତଥ୍ୟ, ପର୍ଯ୍ୟଟନ, ବନ୍ୟପ୍ରାଣୀ, ପ୍ରତ୍ନତତ୍ତ୍ୱ ଓ ବିଂଶସୂତ୍ରୀ କାର୍ଯ୍ୟକ୍ରମ ରୂପରେଖ ପ୍ରଭୃତି ସମ୍ପର୍କରେ ଲେଖାମାନ ସଂଗ୍ରହ କରାଯାଉଛି । ସମ୍ପାଦନା ଓ ମୁଦ୍ରଣ କାର୍ଯ୍ୟର ସୁବିଧା ନିମନ୍ତେ ଲେଖକମାନେ ଫୁଲସ୍କେପ୍ କାଗଜର ଗୋଟିଏ ପୃଷ୍ଠାରେ ଯଥେଷ୍ଟ ମାର୍ଜିନ୍ ରଖି ସେମାନଙ୍କ ଲେଖାକୁ ସୁନ୍ଦର ଅକ୍ଷର ବା ଟାଇପ୍ କରି ତହିଁର ଦୁଇକପି ନକଲ ପଠାଇବା ଆବଶ୍ୟକ । ପ୍ରକାଶନ ଯୋଗ୍ୟ ଲେଖାଗୁଡ଼ିକ ଲାଗି ଲେଖକମାନଙ୍କୁ ପାରିତୋଷିକ ଦିଆଯିବ ଓ ପ୍ରକାଶନ ଉପଯୋଗୀ ନ ହେବା ଲେଖାଗୁଡ଼ିକୁ ଲେଖକମାନଙ୍କୁ ଫେରସ୍ତ ଦିଆଯିବ । ଲେଖାଗୁଡ଼ିକ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱର 751001 ଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ
ଓଡ଼ିଶା, ଭୁବନେଶ୍ୱର



ଶ୍ରୀ ପୀତାମ୍ବର ପ୍ରଧାନୀ

ଶ୍ରୀଜଗନ୍ନାଥ ମନ୍ଦିରର ଛତିଶା ନିଯୋଗ ମଧ୍ୟରେ "ଦଇତାପତି" ନିଯୋଗ ଏକ ଶ୍ରେଷ୍ଠ ନିଯୋଗ । ଦଇତାପତି ସେବା ଭାରତ ଓ ସାରାଦୁନିଆର ହିନ୍ଦୁ ସମାଜର ଦୃଷ୍ଟି ଆକର୍ଷଣ କରିଥାଏ । ବ୍ରାହ୍ମଣ ନ ହୋଇ ମଧ୍ୟ ଦଇତାପତିମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅତି ମୂଲ୍ୟବାନ ସେବା ବଂଶାନୁକ୍ରମିକ ଭାବରେ କରୁଥିବାରୁ ଏ ଭଳି ପ୍ରାଧାନ୍ୟର ହକ୍‌ଦାର ହୋଇଛନ୍ତି । ପୁରୀ ସହରରେ, ଶ୍ରୀମନ୍ଦିର ମଧ୍ୟରେ, ଭାରତର ଅବ୍ରାହ୍ମଣ ସମାଜରେ ମଧ୍ୟ ଶବର ସଂସ୍କୃତିର ଦାୟାଦ ଭାବେ ଏମାନଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

ଏମାନେ ସ୍ନାନ ପୂର୍ଣ୍ଣମୀ ଦିନ ବିଗ୍ରହଙ୍କୁ ପହଣ୍ଡି କରାନ୍ତି । ରାହୁରେଖା ଚିତା ମିଲମ କରନ୍ତି । ରଥଯାତ୍ରା ଦିନ ଓ ବାହୁଡ଼ା ଦିନ ପହଣ୍ଡି କରନ୍ତି । ରଥରେ ଜଗାନ୍ତି, ବେଶ କରନ୍ତି । ଗଭଣ୍ଡାଳ ପିଟା ନୀତି କରନ୍ତି । ରେଖା ପଞ୍ଚମୀରେ ରାହୁରେଖା ଲାଗି କରାନ୍ତି । ରାଧାଷ୍ଟମୀ ଓ କୁମାର ପୂର୍ଣ୍ଣିମାରେ ସୁଦର୍ଶନ ବିଜେ କରାନ୍ତି । ଅଣସର ପଣାଭୋଗ ଯୋଗାନ୍ତି । ଅଣସର ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ବିଗ୍ରହଙ୍କ ଦାୟିତ୍ୱରେ ରହନ୍ତି ।

ଏମାନେ ଗଜପତି ମହାରାଜାଙ୍କ ଶାଢ଼ୀବନ୍ଧା ସେବକ ନୁହଁନ୍ତି । ଶ୍ରୀ ପୁରୁଷୋତ୍ତମ କର୍ମାଙ୍ଗୀରେ ଦଇତା ନିଯୋଗ ବିଷୟରେ ଏପରି ଭାବରେ ବର୍ଣ୍ଣନା କରାଯାଇଛି : "ଏ ଦଇତା ନିଯୋଗ ପୁଣି ୩ ନାହାକ । ଏ ଶାଢ଼ୀ ବନ୍ଧାଇ ନିଯୋଗ ନୁହଇ । ଆପଣ ସକଳ ବିଜେକୁ ଭାଜନ । ପରମେଶ୍ୱର ବନକ ମୁଣ୍ଡାଇ ବିକଳ ହେଲେ ଆପଣେ ଲାଗି ବଢ଼ନ୍ତେ ଶ୍ରୀ ଅଙ୍ଗ ସମାଳିବେ । ଅଣସର ଗୋପ୍ୟକାମମାନ କରିବେ । କଳେବର ହେଲେ ରାଜାଜ୍ଞା ଘେନି ମଙ୍ଗଳାଇ ମଣ୍ଡପ ଯିବେ । ବରଡ଼ନ ବେଠିଆ ନେବେ । ରାବଣା ବାନ୍ଧଣା ନେବେ । ଚଉଦାଗୁଣି ଗମିବେ । ମହାଦାରୁ ବାଛିବେ । ପୁରୋହିତ ହୋମ କରିବେ । ବିଶ୍ୱକର୍ମା ଶଗଡ଼ି କରିବେ । ପରମଦାରୁ କପୂର ଖଣ୍ଡୁଆ କରି ଆଣିବେ । ମୁରତି ସଂଗାଇବେ । ସକଳ ଲାଗି ବିଧାନମାନ କରିବେ । ସର୍ବାଙ୍ଗ ଖଣ୍ଡୁଆ ଶ୍ରୀ କାପଡ଼ା ମୋଡ଼ା ଖଳି ଲାଗି ହୋଇ ଶ୍ରୀମୁଖ ଓତା ପକାଇବେ । ଶଙ୍ଖ ଲେପିବେ । ଆପଣେ ପରମେଶ୍ୱରଙ୍କ ସକଳ କାର୍ଯ୍ୟ କରିବେ । ଯେ ଖଣ୍ଡା ବରଡ଼ନ ଆଦି ନେବେ । ହାତୀ ଛଡ଼ି ଛାଡ଼ି ସକଳ ନେବ । ଏମାନେ ଶାଢ଼ି ଖଣ୍ଡ ଶ୍ରୀଖଣ୍ଡ ରାଜପ୍ରସାଦ ବାହାରିଲେ ଶ୍ରୀଅଙ୍ଗ ଆଡ ଧରି ଯିବେ । ରାଜପ୍ରସାଦ ବିଜେ କରିବେ । ସକଳ ଲାଗି ନେବେ । ବାଡ଼ ଗଣତି କରିବେ । ଭେଟ ବାଣ୍ଟି ନେବେ । ସୁଦର୍ଶନ ବିଜେ ଭାରେ ସୁଦର୍ଶନଙ୍କୁ ବିଜେ କରାଇବେ । ମାଧବ ବିଜେ କରାଇବେ । ବାଡ଼େ ପୂଜା କରିବେ । ଚକା ଅସ୍ତ୍ର ଚୁଳି କଲେ ପତିଏ ଶ୍ରୀଅଙ୍ଗ ରକ୍ଷା କରି ବିଜେ କରାଇବେ । ଏ ଅଙ୍ଗୀକା ନିଯୋଗ ଅଟେ ପରଯାତ୍ରା ଖଟଣି ପୁଣ ନିତ୍ୟାନି ଖଟଣୀ ନିଯୋଗ ଭିଆଣ ।"

ସ୍ପେଶାଲ ଅଫିସର ଏ ଶ୍ରୀ ଲକ୍ଷ୍ମଣ ପଣ୍ଡାଙ୍କ ଦ୍ୱାରା ସଂକଳିତ **Records of Right (1955)** ସ୍ୱତ୍ୱ ଲିପିରେ, ପ୍ରଥମ ଭାଗ ୫୦ ପୃଷ୍ଠାରେ ଦଇତାଙ୍କ କାର୍ଯ୍ୟ ସଂପର୍କରେ ଏପରି କୁହାଯାଇଛି । (୧୪) ଦଇତା—ଏମାନେ ନବକଳେବର, ରଥଯାତ୍ରା ଓ ଅଣସର ପ୍ରଭୃତି ବିଶେଷ ଯାତ୍ରା ସମୟେ କାର୍ଯ୍ୟ କରନ୍ତି । ଉକ୍ତ ରିପୋର୍ଟରେ ଦଇତା ସେବା ପରେ (୧୫) ଓ (୧୬) କ୍ରମିକ ସଂଖ୍ୟାରେ ପତି ଓ ଦଇଙ୍କ କାର୍ଯ୍ୟ ବିଷୟରେ ଉଲ୍ଲେଖ ରହିଛି । ପ୍ରକାଶ ଥାଉକି ଏମାନେ ପତି ମହାପାତ୍ର ଓ ଦଇ ଖଟଣୀ ନିଯୋଗ ରୂପେ ସାଧାରଣରେ ପରିଚିତ । ରଥଯାତ୍ରା ଓ ନବ କଳେବର ବେଳେ ପତି ମହାପାତ୍ର ଦଇତାପତିଙ୍କ ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି । (୧୫) କ୍ରମିକ ସଂଖ୍ୟାରେ ଏପରି ଲେଖା ଅଛି । (ପତି) ଏମାନେ ଦଇତାଙ୍କ ସହ କାର୍ଯ୍ୟ କରନ୍ତି । ଏମାନେ ବ୍ରାହ୍ମଣ ସେବକ ଏବଂ ଏମାନଙ୍କର ଅନ୍ୟାନ୍ୟ ବିଶେଷ କର୍ତ୍ତବ୍ୟ ମଧ୍ୟ ଅଛି । (୧୬) କ୍ରମିକ ସଂଖ୍ୟାରେ ଏପରି ଲେଖା ଅଛି । ଦଇ— ଏମାନେ ଶ୍ରୀମୁଖ ସିଂହାର କରନ୍ତି ।

ଦଇତାମାନଙ୍କ ବିଷୟରେ ବିଭିନ୍ନ ସମୟରେ ବିଭିନ୍ନ ବିବାଦମାନ ଲେଖା ପ୍ରକାଶିତ ହୋଇଛି । ଭାରତୀୟ ସଂସ୍କୃତି ଓ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ଏପ୍ରକାର ଭାବରେ ପ୍ରକାଶିତ ହୋଇଛି । "ଏହି ଅଣସର ଟାଟି ମଧ୍ୟରେ ବିଗ୍ରହମାନେ ଥିବାବେଳେ, କେବଳ ଦଇତା ସେବକମାନଙ୍କ ଦ୍ୱାରା ବିଗ୍ରହମାନଙ୍କର ସେବା ପୂଜା ହୋଇଥାଏ । ଅନ୍ୟ ସେବକମାନଙ୍କର ପ୍ରବେଶ ଅଣସର ସମୟରେ ଅଣସର ଟାଟି ଭିତରକୁ ସଂପୂର୍ଣ୍ଣ ନିଷିଦ୍ଧ ଥାଏ"। ଧର୍ମପଦଙ୍କ ଲିଖିତ ସ୍ନାନ ପୂର୍ଣ୍ଣିମାରେ "ନିଳାଦ୍ରି ବିହାରୀ ଜଗନ୍ନାଥଙ୍କର ସ୍ନାନ ପୂର୍ଣ୍ଣିମାର ଶୁଭ ପୂଜାଠାରୁ ଆରମ୍ଭ କରି ରଥଯାତ୍ରା ଓ ବାହୁଡ଼ାଯାତ୍ରା ସାରି ପୁଣି ଶ୍ରୀମନ୍ଦିରରେ ପ୍ରବେଶ କଲାପର୍ଯ୍ୟନ୍ତ 'ଦଇତାପତି'ମାନେ ହିଁ ପୂଜା କରନ୍ତି", ଆଦିବାସୀ ସଂସ୍କୃତି—ଏକ ପୃଷ୍ଠାରେ ଉଲ୍ଲେଖ ଅଛି "ପୁରୀରେ ବସବାସ କରୁଥିବା

...ମାନେ ଜଗନ୍ନାଥଙ୍କ ପୂଜକ ଭାବେ ପରିଚିତ । ଏମାନେ ପୁରୀର ...ଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପଥର ବୋହିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଏମାନେ ଜଗନ୍ନାଥଙ୍କ ରଥ ମଧ୍ୟ ଟାଣୁଥିଲେ । ଏମାନେ ବିଶ୍ୱାବସୁଙ୍କ ବଂଶୋଦ୍ଭବ ବୋଲି କୁହାଯାଇଥାଏ" ।

ଦଇତାମାନେ କସ୍ମିନକାଳେ ଜଗନ୍ନାଥଙ୍କୁ ଭୋଗ ଦିଅନ୍ତି ନାହିଁ । ସମସ୍ତକାମ ଅନବସର ଭିତରେ ଶୁଦ୍ର ସେବକମାନେ କରୁଥିଲେ ପୂଜା କେବଳ ବ୍ରାହ୍ମଣ ସେବକ "ପତି ମହାପାତ୍ର" ଜଗନ୍ନାଥଙ୍କୁ ଭୋଗ କରନ୍ତି । ତାଙ୍କୁ ବିଦ୍ୟାପତିଙ୍କ ବଂଶଧର ବୋଲି କୁହାଯାଏ । କିନ୍ତୁ ଜନସାଧାରଣଙ୍କ ମନରେ ବର୍ତ୍ତମାନ ମଧ୍ୟ ଅନ୍ୟ ଧାରଣା ରହିଛି । କେତେକ ସଂବାଦପତ୍ରରେ ରଥଯାତ୍ରା ବିଶେଷାଙ୍କରେ ସର୍ବଦା ଏହି ଭୁଲ ତଥ୍ୟ ଅବତାରଣା କରାଯାଇଥାଏ । କେତେକ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଓ ଗବେଷକ ଏପରି ବିଷୟ ଉଲ୍ଲେଖ କରିଥାନ୍ତି । କିନ୍ତୁ ଏହା ପୁରାପୁରି ଅମୂଳକ । ଗତବର୍ଷ "ସଂବାଦ" ରେ ୬-୭-୧୯୮୬ରେ ପ୍ରକାଶିତ ଉପରୋକ୍ତ ବିଷୟରେ ବାହାରିଥିବା ତଥ୍ୟ ବିଷୟରେ ପ୍ରବଳ ବାଦାନୁବାଦ ହୋଇ ଉପରୋକ୍ତ ମତ୍ ସିଦ୍ଧ ବୋଲି ପ୍ରତିଷ୍ଠିତ ହୋଇଥିଲା । ଜଗନ୍ନାଥ ଶବର ଦେବତା ବୋଲି ପ୍ରତିପାଦିତ କରିବା ଲକ୍ଷ୍ୟରେ କେତେକ ଜଣାଶୁଣା ଲେଖକ ଦଇତାମାନେ ଭୋଗ ଲଗାଉଥିବା ବର୍ଣ୍ଣନା କରୁଛନ୍ତି ।

ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଲିଖିତ " **Lord Jagannath** " ପୁସ୍ତକର ୭୪ ପୃଷ୍ଠାରେ ଏପରି ଭାବରେ ଭୁଲ ତଥ୍ୟ ପ୍ରଦାନ କରାଯାଇଛି ।

**14. Daitas They form the core of the autochthonous priests who used to worship Jagannath in the Sabari Narayan form. During the Anasara, the Car Festival and Navakalebar, they exclusively dominate the rituals of Jagannath while the Brahminical priests remain only in the periphery.** ଏ ବିଷୟ ଆଦୌ ଠିକ୍ ନୁହେଁ । ଏହି ଛତିଶା ନିଯୋଗ ବର୍ଣ୍ଣନାରେ ଶ୍ରୀ ମହାନ୍ତି **Record of Rights (Late Laxman Panda, 1955)** କୁ ଇଂରାଜିରେ ଅନୁବାଦ କରିଅଛନ୍ତି । କିନ୍ତୁ "ଦଇତା" ବିଷୟରେ ଶ୍ରୀ ପଣ୍ଡାଙ୍କ ଉଲ୍ଲେଖକୁ ଶ୍ରୀମହାନ୍ତି ଉପେକ୍ଷା କରିଛନ୍ତି । ଏଥିପୂର୍ବେ "ଦଇତାଙ୍କ" କାର୍ଯ୍ୟ ବିଷୟ ସ୍ୱତ୍ୱଲିପିରେ ଯାହା ଲେଖା ଅଛି ତାହା ବର୍ଣ୍ଣନା କରାଯାଇଛି । ଖାଲି ସଂବାଦ ଓ ଶ୍ରୀ ସୁରେନ୍ଦ୍ର ମହାନ୍ତି ନୁହଁନ୍ତି ଅନ୍ୟ କେତେକ ସଂବାଦ ପତ୍ର ଓ ପୁସ୍ତକମାନଙ୍କରେ ଏଭଳି ଭ୍ରମାତ୍ମକ ବିବରଣୀ ପ୍ରକାଶିତ ହୋଇଛି ।

ପତି ମହାପାତ୍ର ଶ୍ରୀ ନୃସିଂହଙ୍କ ସେବା କରନ୍ତି । ବଡ଼ସିଂହାର ପଦ୍ଧତି ଆରତିରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଆରତି କରନ୍ତି । ବର୍ଷପାରା ପର୍ବପର୍ବାଣି, ବଦାପନା, ଚନ୍ଦନ ସର୍ବାଙ୍ଗ ମଙ୍ଗଳାର୍ପଣରେ ମହିବାଡ଼ରେ କାମ କରନ୍ତି । ନବକଳେବର ବେଳେ ଚିଳିବାଡ଼ରେ ଅଜ୍ଞାମାଳ ଦେଇ ଦାରୁ ଅନ୍ୱେଷଣରେ ପଠାନ୍ତି । ବନଯାଗବେଳେ ବିଦ୍ୟାପତି ରୂପେ ବରଣ ହୁଅନ୍ତି । ଯାହାପରେ ପ୍ରଥମେ ସୁନା କୁରାଢ଼ି ନେଇ ଦାରୁରେ ଲଗାନ୍ତି । ପରେ ଅନ୍ୟମାନେ କାଟନ୍ତି । ସୁଦର୍ଶନଙ୍କ ସମସ୍ତ କାମ କରନ୍ତି । ଏହିପରି ଭାବରେ "ପତି ମହାପାତ୍ର" ସେବକ ଶ୍ରୀମନ୍ଦିରରେ ଗୁରୁତ୍ୱପୂର୍ଣ୍ଣ ସେବା କରନ୍ତି ।

ଦଶ ଛତିଶା ନିଯୋଗ ପତିନିଯୋଗ ଭାଗୀରି । ପ୍ରତି ରବିବାର ଦିନ ଅବକାଶ ପୂର୍ବରୁ କର୍ପୂର ଜଳ ଓ କଳା ଲେଳ ତିନି ଦାରୁରେ ଓ ନୀଳମାଧବଙ୍କ ମୁଖ ପୋଛନ୍ତି । ଶ୍ରୀମୁଖରେ ବନକ ଲାଗି କର... ନେତ୍ରୋତ୍ସବ ଦିନ ନେତ୍ର ବନକ ଲାଗି କରିବେ । ଘଣ୍ଟ, ଛତା, କା... ସହ ଖଡ଼ିଏ ଏହାଙ୍କ ଘର ଠାରୁ ବିଜେ ହୋଇ ଆସେ ।

କର୍ମାଙ୍ଗୀରେ ପତି ମହାପାତ୍ର ନିଯୋଗ ବର୍ଣ୍ଣନାରୁ ପତି ମହ... ସେବାର ଗୁରୁତ୍ୱ ବୁଝିହେବ । ଏଥିରେ ଏପରି ଭାବରେ ବ... କରାଯାଇଛି,– "ଏ ମହାସାମନ୍ତ ବିଦ୍ୟାପତି ପୁରୋହିତ ବରଣ... କ୍ଷେତ୍ର ମଣ୍ଡପେ ବାସ କଲା । ଏ ନିଯୋଗ ସାଆନ୍ତ ଅଟଇ । କ୍ଷେତ୍ରୀ... ୨ ଭାଗ ଅଧିକ ନେବେ । ଏ ସକଳ ଜାରିଯକୁ ଭାଜନ । ଏ ବିଜେକ... ମଙ୍ଗଳା ରୋପଣ କାଳେ ଅଭିଷିକ୍ତ । ଏ ଇନ୍ଦ୍ରଦ୍ୟୁମ୍ନର ପୁରୋହିତ ମୁନି... ତୁଳେ ପରଭୁଙ୍କ ବନ୍ଦାଣ କରିବ । ଏମାନେ ରାଜପ୍ରସାଦ ବିଜେକ... ମହାଶ୍ରମଙ୍କ ସିଂହଦ୍ୱାରେ ତଳିଛ ପତି ଦଇତା ପଣେ ଶାଢ଼ି ପାଇ... ଦାରୁ କାଟିବାକୁ ମଙ୍ଗଳ ବିଜେକାଳେ ଶିରୋପା ଘେନିବେ । ଏ ଅଣ... କାଳେ ଲାଗି ଚକଟା ଭୋଗ ଆଦି କରିବ । କରାଳ ଲାଗି ବଡ଼ାଇବ । ଲାଗି କାଳେ ରହି ରୋଜ ପ୍ରସାଦ ଆଣି ମହାଶ୍ରମ ତୁଲେ ସମ୍ପାଦି... ପରମ ଗହନ କାର୍ଯ୍ୟ କରିବ । ବ୍ରହ୍ମ ଥାପିବାକୁ ଯଥା ସୁନିଆ ନେବ । ତୁଳସୀ ଦେବ । ରଥ ପର ଯାତ୍ରା ବେଳେ ସକଳ ବିଜେକ... ଭେଟିବେ । ଘଣ୍ଟା ନୈବେଦ୍ୟ କରିବେ । ଏ ନିତ୍ୟ ପଦ୍ଧତ କ... ପରମେଶ୍ୱରଙ୍କ ବାଡ଼େ ଆନନ୍ଦି କରିବେ ।

କର୍ମାଙ୍ଗୀରେ ଉଲ୍ଲେଖ ରହିଛି ଯେ ଦଶ ନିଯୋଗ ଦଇତା ନିଯୋ... ଭାଗୀରି । ଏଥିରେ ଉଲ୍ଲେଖ ଅଛି ଯେ "ପରମେଶ୍ୱରଙ୍କ ଅ... ପରମସେବକ । ଏ ପରମ ବୈଷ୍ଣବରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେ... ଠୁଅଁରୁ ସକଳ କାଢ଼ିଲା । ପରମେଶ୍ୱରଙ୍କ ତୁଲେ ସକଳ ବିଧାନ... କଲା । ଏ ମହାକାର୍ଯ୍ୟ କରନ୍ତେ ତା' ଭାଇ ବିନ୍ଧ୍ୟଦର ଏଠାବେ... ଭୋଗବରତନ ପରମେଶ୍ୱରଙ୍କ ଅଙ୍ଗୀଲା ସେବକ ହେବ, ମାତ୍ର ଦ... ବୋଇଲା ସେ ରାଜା ଆମ କୁଳକୁ ଆଦରିଚି । ଏ ଆମକୁଳ ଆନ... କରିବ । ସେ ଭାଗୀରି ଦଇତା ନିଯୋଗ । ସେ କୋଠ ଭଣ୍ଡାରରୁ ପ... କରି ମୁଦୁଲି ପଠାରବ ଠାରୁ ଗାଡ ହେଗ୍ଗୁଳ ଶଙ୍ଖ ନେବ । ପ୍ରଭୁଙ୍କ ଅଣ... ସିରିରେ ପତି ଗୁରୁବାର କାଳେ ବନକ ହେବ । ପ୍ରତି ତିନିମାସେ ପ୍ର... ମୁଖ ସିଂହାର କରିବ ।"

ଦଶମହାଶ୍ରମ ନିଯୋଗ ବିଷୟରେ ଉଲ୍ଲେଖ ଅଛି "ଏ ନିଯୋଗ ଦ... ନିଯୋଗ ଭାଗୀରି । ଏ ପରମେଶ୍ୱରଙ୍କ ଆକଟ ନିଜ... ଦେବାଦିଦେବଙ୍କ ଜ୍ଞାତି ନିଯୋଗ । ସେ କାଳେ ପରମ କିରାତ ... ବିଶ୍ୱାବସୁ ମହାଦେବ ଆପଣା ପୂର୍ବ ଜନ୍ମ କୃତାନ୍ତେ ପରମେ... ନୀଳମାଧବଙ୍କୁ ସେବିଲା ସେ ସେବନ୍ତେ ଆପଣା ନାମେ ଏଠାବେ ମ... କରି ଦେବାଧିଦେବଙ୍କୁ ଥାପିଲା । ସେ ଏ କ୍ଷେତ୍ରର ରାଜା ଥିଲା । ... ବରଣ ଶୁଦ୍ର ସେବକ ଅଟନ୍ତି ମାତ୍ର ଶାଢ଼ି ବନ୍ଧା ନ ହେବ । ଶାଢ଼ି ବ... ଏକେହି ଭାଜନ ନୁହଁନ୍ତି ଜନମ ଭାଗୀରି । ବାଡ଼ ପତି ମହାପାତ୍ର, ... ମହାପାତ୍ର, ସୋଇଁ ମହାପାତ୍ର, ଦାସ ମହାପାତ୍ର ଭାଗୀରି । ବର୍ତ୍ତମାନ ... ସୋଇଁ ମହାପାତ୍ର ସଙ୍ଗାଧାରୀ ସେବକ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ... କରୁଛନ୍ତି ।

ସ୍ନାନ ପୂର୍ଣ୍ଣିମାଠାରୁ ରଥଯାତ୍ରା ଓ ତା'ପରେ ଶ୍ରୀଜଗନ୍ନାଥ ମନ୍ଦିର ... ପହଁଞ୍ଚିବା ଯାଏଁ ଉଭୟେ ଦଇତା ପତି ଓ ପତି ମହାପାତ୍ର ଗୁରୁତ୍ୱ ପୂର୍ଣ୍ଣ କ... କରିଥାନ୍ତି । ଦ୍ୱି ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି । ନବକଳେବର ... ଶ୍ରୀଜଗନ୍ନାଥଙ୍କ ଜ୍ଞାତିକୁଟୁମ୍ବ ପରି ଦଇତାପତିମାନେ ପାଳନ କରିଥା... ବର୍ତ୍ତମାନ କୋଡ଼ିଏ ଘରୁ ପ୍ରାୟ ୧୦୮ ଜଣ ଦଇତା ରଥଯାତ୍ରାରେ...

କାମ କରନ୍ତି । ଏହି ସମୟରେ ସେମାନଙ୍କୁ ବହୁତ ନିୟମ ନିଷ୍ଠା ପାଳନ କରିବାକୁ ହୋଇଥାଏ ।

ଦଇତାପତିମାନେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରିଥାନ୍ତି । ଏହା ସେମାନଙ୍କର ସେବା । କିନ୍ତୁ ଅନ୍ୟ ସେବାୟତ ଯଥା ସୁଆର, ମହାସୁଆର, ନିଯୋଗ, ପ୍ରତିହାରୀ ନିଯୋଗ ଓ ଭିତର ସେବାୟତ ନିଯୋଗର ସେବାୟତମାନେ ସ୍ୱେଚ୍ଛାକୃତ ଭାବରେ ସେମାନଙ୍କ ସହ ସହଯୋଗ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କୁ ସୁରୁଖୁରୁରେ ପହଣ୍ଡି କରାଇ ନେବା ସମସ୍ତଙ୍କ ଏକ ଲକ୍ଷ୍ୟ ଥାଏ । ଏଥିରେ ଦଇତାମାନେ ସହଯୋଗ ମନବୃତ୍ତିରେ କାର୍ଯ୍ୟ କରିଥାନ୍ତି । କଥିତ ଅଛି, ଚନ୍ଦନ ହଜୁରୀ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରୁଥିଲେ । ଶ୍ରୀଜଗନ୍ନାଥଙ୍କ ବାହୁତଳେ ରହିବା ପାଇଁ ଖୁବ୍ ଦାକତଦାର ସେବାୟତଙ୍କର ଆବଶ୍ୟକ ହୋଇଥାଏ ।

କବି ଲୋକନାଥ ବିଦ୍ୟାଧର ପ୍ରଣୀତ କାବ୍ୟ ନୀଳାଦ୍ରୀ ମହୋଦୟରେ କହିଛନ୍ତି କି ଠାକୁରମାନଙ୍କୁ ବିଜେ କରାଇବା ଗୁପ୍ତଭୂମି ଦଇତାପତିମାନେ ହି ଜାଣନ୍ତି । ଠାକୁରମାନେ ଝୁଲିଝୁଲି ବିଜେ ହୁଅନ୍ତି । ଦଇତାପତିମାନେ ବିବିଧ ପ୍ରକାରର ଅଙ୍ଗଭଙ୍ଗୀ କରି ବିଭିନ୍ନ ପ୍ରକାରର ସ୍ୱରମାନ ଡାକଦେଇ ଠାକୁରମାନଙ୍କ ଗ୍ରୀବାପାଶେ ରହି ପହଣ୍ଡି ବିଜେ କରାନ୍ତି ।

''ଦଇତାପତିମାନେ ଗ୍ରୀବାପାଶେ ବେଷ୍ଟିତ ହୋଇ
ବିଜେ କରାଇବା ଗୁପ୍ତଭୂମି କହି ନୁହଇ''


''ସ୍ୱରମାନ ତହିଁ ବିବିଧ ପ୍ରକାରେ କରିଣ ଦଇତାପତି
ପତିତପାବନଙ୍କୁ ବିଜେ କରାନ୍ତି କରି ଅତ୍ୟନ୍ତ ଭକତି
ଝୁଲିଝୁଲି ବେନି ପାଶକୁ ବିଜେ କରି ରହନ୍ତି ।
ଆସିବ ରସକି ବାସବ ମନ୍ଦ ମନ୍ଦ ଚଳନ୍ତି ।''

''ଦଇତାପତି ଗ୍ରୀବାପାଶେ ବେଷ୍ଟିତ ହୋଇ ସଙ୍କରଷେ
ଏକ ଶ୍ରୀଭୁଜତଳେ ଥାଇ ପିଠିକୁ ପିଠି ଦେଇ ଦେଇ ।
କେତେମାନେ ବେନି ପାଶରେ କେ ଘେର ଧରି ପୁରତରେ
ହୁଁକାର ଧ୍ୱନିମାନ କରି ବିଜେ କରାନ୍ତି ନରହରି ''

ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଏ ପରି ଭାବରେ ପହଣ୍ଡି, ରଥଯାତ୍ରା, ବାହୁଡ଼ାଯାତ୍ରା ଓ ଗୃହଗମନ ଇତ୍ୟାଦି ସବୁ ସେବାକୁ ଦଇତାପତିମାନେ ସୁରୁଖୁରୁରେ ପାଳନ କରିଥାନ୍ତି ।

କ୍ୱାଟର ନଂ ଡି-୮୨
ଆଇ.ଆର.ସି. ଭିଲେଜ ଜୟଦେବ ବିହାର, ଭୁବନେଶ୍ୱର-୧୩

# ଜଗନ୍ନାଥଙ୍କ ରଥ ନନ୍ଦିଘୋଷ



ବନ୍ଧୁଙ୍କ ପ୍ରଦତ୍ତ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଉଚ୍ଚତା ୩୩ହାତ ୫ ଆଙ୍ଗୁଳି । ୮୩୨ ଖଣ୍ଡ କାଠରେ ନିର୍ମିତ ଏହି ରଥରେ ୧୬ଟି ଚକ ରହିଛି । ରଥ ନାୟକ—ଗରୁଡ଼, ଧ୍ୱଜାଧିପତି—ହନୁମାନ, ଆୟୁଧ—ଚକ୍ର ଓ ଶଙ୍ଖ, ରଥାବରଣ—ରକ୍ତପୀତ, ରଥମୂର୍ତ୍ତି ଦେବତା—କଲ୍ୟାଣ ସୁନ୍ଦର, ଶକ୍ତି—ବିମଳା ଓ ବିରଜା । ରଥର ପାର୍ଶ୍ୱ ନବ ଦେବତା—ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ । ରଥର ଅଶ୍ୱ—ଶଙ୍ଖ, ବଳାହକ, ଶ୍ୱେତ ହରିଦାଶ୍ୱ ; ସାରଥୀର ନାମ—ଦାରୁକ, ରଥରଜ୍ଜୁ—ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ : ରଥମଧ୍ୟର ନାମ—ନାନ୍ଦୀମୁଖ, ରଥଦେବୀ—ଯୋଗମାୟା, ରଥଭୈରବ—ଏକପାଦ, ନନ୍ଦ ଓ କୁବେର ଶରଣ, ରଥପକ୍ଷ—ହର୍ଯ୍ୟକ୍ଷ, ରଥଂଗର୍ଭଧୀଶ୍ୱର—ହିରଣ୍ୟଗର୍ଭ, ରଥଶକ୍ତି—ବିମଳା, ଋକ୍ଷର୍ଷଣା—କ୍ରିୟା, ଯୋଗା, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା, ମେଧା । ଋଷି ପରିବାରେ—ନାରଦ, ଦେବଳ ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ରୁଦ୍ର ଶ୍ରୀଜନନି । ରଥ କୁମର ନାମ ହିରଣ୍ୟକୁମ୍ଭ । ଦ୍ୱାରପାଳ—ଜୟ ଓ ବିଜୟ । ନେତର ନାମ—ତ୍ରୈଲୋକ୍ୟମୋହିନୀ । ଆରୋହୀ ଦେବତା—ଶ୍ରୀଜଗନ୍ନାଥ ।

# ସେହି ମହାବାରି

ଶ୍ରୀ ଅନାଦି ସା

ଜୀଉଙ୍କ ବେଣ୍ଟ ପାରିଧି ।

କୁସୁମାକର ସ୍ପର୍ଶରେ ବୃକ୍ଷରାଜି ପଲ୍ଲବିତ, ନୀଳ; ଲୋହିତ ଓ ସବୁଜ ସମାହାରରେ ନବ ପଲ୍ଲବ ଦୋଳାୟିତ । ସଦ୍ୟସ୍ଫୁଟିତ ଉଦ୍ୟାନ ସହାସ୍ୟ ବଦନ । କାଉଙ୍କ ସମ୍ବର୍ଦ୍ଧନା ପାଇଁ ଉତ୍ଫୁଲ୍ଲ ପ୍ରସ୍ତୁତି ।

ସେ ସମ୍ବର୍ଦ୍ଧନା ଆହୁରି ଜୀବନ୍ତ, ମନମୁଗ୍ଧକର ହୁଅନ୍ତା ଆକାଶ ମେଘନିର୍ମୋକ ହୋଇଥିଲେ । ବସନ୍ତ ମଳୟର କୋମଳ ମଧୁର ଉଣ୍ମୀରେ ହସି ଉଠୁଥାନ୍ତା ଜଗନ୍ନାଥ ବଲ୍ଲଭ ଉଦ୍ୟାନ । ଯୂଥ ଯୂଥ ମୃଗ ଆନନ୍ଦ ଉଲ୍ଲାସ ଉଦରସାତ୍ କରୁଥାଆନ୍ତେ କୋମଳ ପଲ୍ଲବ । ଭାରୁ ପଳାତକ ଶଶକ ନିଃଶବ୍ଦରେ ଆତ୍ମଗୋପନ କରୁଥାନ୍ତା ଗୁଳ୍ମାକୀର୍ଣ୍ଣ ବେଣ୍ଟପୋଖରୀ ନିକଟରେ । ସାମାନ୍ୟ ଶବ୍ଦରେ ଆତ୍ମପ୍ରକାଶ, କରୁଥାନ୍ତା.... ଚଞ୍ଚଳ ପିଙ୍ଗଳ ଚକ୍ଷୁ ଦୁଇଟି ଥରି ଉଠୁଥାନ୍ତା, ଅଜ୍ଞାତ ଆଶଙ୍କାରେ । ପୁଣି କ୍ଷିପ୍ର ଗତିରେ ପଳାୟନ କରନ୍ତା ଦୂର ଗୁଳ୍ମାବରଣ ଭିତରକୁ । ଆଜି ସେମାନେ ନିଥର ।

ବେଣ୍ଟ ପୋଖରୀର ନୀଳଜଳ ନାହିଁ । ତା ପରିବର୍ତ୍ତେ ଅଛି ପାଂଶୁଳ ଜଳରାଶି – ଆକାଶର ବର୍ଣ୍ଣ ସହ ସମତା ରକ୍ଷାକରି । କାଉଙ୍କ ଅଙ୍ଗସ୍ପର୍ଶରେ କ୍ଷୁଦ୍ର ବିଚିମାଳା ଆନନ୍ଦରେ ନୃତ୍ୟ କରୁଥାଆନ୍ତେ ନାରୀକେଳ ମୂଳରେ । ସେମାନଙ୍କ ନୀଳ ଫେନୀଳ ଊର୍ମି ଚିରଚୋରର ଶାନ୍ତି ଅପନୋଦନ କରୁଥାଆନ୍ତା । ମଳୟାନୀଳ ଦୟଣୀ ସ୍ପର୍ଶରେ ମଗ୍ନହୋଇ ଅସ୍ଫୁଟ ବେଣୁସ୍ୱନ ସୃଷ୍ଟି କରୁଥାଆନ୍ତା ବଂଶୀ ମୁଗ୍ଧ ଗୋପାଳ ବଂଶୀରେ ।

ଆଜି ବେଣ୍ଟ ପାରଧିରେ ଉନ୍ମାଦନା ନାହିଁ । ବେଣ୍ଟ ପୋଖରୀ ଉନ୍ମାଦିନୀ କାମିନୀରୀ ପରି ନୃତ୍ୟ କରୁନାହିଁ ।

ସମସ୍ତେ ସ୍ତବ୍ଧ । କେବଳ କେକୀ ରହି ରହି ବିଳାପ କରୁଛି । କେକୀ ବିଳାପର ପ୍ରତ୍ୟୁତ୍ତରରେ ମେଘମେଦୁର ଆକାଶ ଅଟ୍ଟହାସ୍ୟ କରି ଉଠୁଛି ତଡ଼ିତ୍ ଓ ବଜ୍ର ରୂପରେ ।

ତମାଳ ଗର୍ଜନରେ ନବପଲ୍ଲବ ଅତଙ୍କିତ ହୋଇ ଶିହରୀ ଉଠୁଛି । ଯୂଥପତି ମୃଗମାନଙ୍କୁ ନିର୍ଦ୍ଦେଶ ଦେଉଛି ଅଦୂର ନରେନ୍ଦ୍ର କୋଣର ପୁନାଗ, ଆମ୍ର, ବକୁଳ ଓ ନାରିକେଳ ବନାନୀ ଭିତରକୁ ପ୍ରବେଶିବା ପାଇଁ ।

ଆଦିତ୍ୟ ହସିଲେ ପରାକ୍ରମ ଆସେ, ବଳବୀର୍ଯ୍ୟ ପ୍ରକାଶ ପାଏ । ଅନ୍ଧକାର ଭିତରେ ବିକ୍ରମ ନାହିଁ, ଆମୋଦର ଉଲ୍ଲାସ ନାହିଁ ।

ମେଘାଚ୍ଛାଦିତ ଉଦ୍ୟାନରେ ସେବାୟତ ଗୋଷ୍ଠୀ ନିସ୍ପୃହ । ମନ୍ଦୋଛାରି ତୀର ଲକ୍ଷ୍ୟଭ୍ରଷ୍ଟ । ଭିତରଛ ମହାପାତ୍ର ପୁରୁଷୋତ୍ତମଙ୍କୁ ସ୍ମରଣ କରି ପୁ ଏକ ଶର ବଢ଼େଇଦେଲେ ଲେଙ୍କା ସେବକଙ୍କୁ । ତୀର କ୍ଷେପଣ ପୂର୍ବ ସହ ବାଦ୍ୟର ନିନାଦ ଶ୍ରୁତିଗୋଚର ହେଲା କୃଷ୍ଣ ମେଘପୁଞ୍ଜ ମଧ୍ୟରୁ ଲକ୍ଷ୍ୟ ଭ୍ରଷ୍ଟ ହେଲା ସନ୍ଧ୍ୟାନୀଶର । ହସିଲେ ଭିତରଛ । ତୁମେ ମ ଅଚ୍ୟୁତ ଧନ୍ୱୀ । ନିଜକୁ, ନିଜେ ଲକ୍ଷ୍ୟଚ୍ୟୁତ କରାଉଛ । ଆଉ କାହିଁ ବେଣ୍ଟ ପାରିଧି । ଏଥର ରଥ ଦେଉଳକୁ ବିଜେ ହୁଅନ୍ତୁ ।

ବିମାନ ବଡ଼ୁମାନେ ଚଞ୍ଚଳ ଚଞ୍ଚଳ ବିମାନ ନେଇଆସିଲେ ପାରି ଉଦ୍ୟାନକୁ, ବର୍ଷଣୋନ୍ମୁଖୀ ମେଘ ପ୍ରକୋପରୁ ରକ୍ଷା ପାଇବା ପାଇଁ ।

ଅଟ୍ଟପ୍ତ ଜୀଉ ପୁଣି ସିଂହାସନ ଉପରେ । ମୁଖରେ ବି ମନୋଭାବ । ବଡ଼ ସିଂହାର ପରେ ମହାଲକ୍ଷ୍ମୀଙ୍କ ଶେଷ ସେବା ଭିତରଛ ମହାପାତ୍ର ଯୋଡହସ୍ତ ହେଲେ । ବିଦାୟ ନେବା ପୂର୍ବରୁ ସହିତ ଚକ୍ଷୁ ସମ୍ମିଳିତ କଲେ ।

ସତେ....... ଚିବୁକରେ ତୁମର ଘର୍ମ । ଚକ୍ଷୁ ଶ୍ରାନ୍ତ.... କାହିଁକି ଥର ଥର ହାତରେ ଚିବୁକ ପୋଛି ପକେଇଲେ ନିଜର । କନ୍ଦର୍ପକଳର ସମାହାର ଜଗନ୍ନାଥଙ୍କୁ ପୁଣିଥରେ ସ୍ପର୍ଶିଲେ ।

ବିଦ୍ୟୁତ୍ ଆଲୋକରେ ମୁଖ ମଣ୍ଡଳ ଝଲସି ଉଠିଲା । କିନ୍ତୁ କନା ତେଜୋଦୀପ୍ତ ନଥିଲେ ।

ଭିତରଛ ଚିନ୍ତିତ ହୋଇ ଫେରିଲେ ।

ରାତ୍ରିର ଶେଷ ପ୍ରହରରେ ମେଘମେଦୁର ଆକାଶର ଗର୍ଜନ ଅଶ୍ୱମଶ ମରୁତର ଅବାଧିତ ଗତି । ମୂଷଳ ବର୍ଷା ସହ ସମୁଦ୍ର ଅତିଷ୍ଠ କରୁଥାଏ ପୁରୀ ଜନପଦ ଅଧିବାସୀମାନଙ୍କୁ ।

ବାରିଧାରର ପଟଳି ଭିତରେ ଯାମିନୀ ନିଶ୍ଚଳ । କିନ୍ତୁ ଆଗମନୀର ଆଶା ପରାହତ । ଅନେକ ସମୟ ପରେ ବର୍ଷାର ପ୍ର କମିଯାଉଥାଏ । କିନ୍ତୁ ପବନର ବେଗ ଓ ସମୁଦ୍ରର ଗର୍ଜନ କରୁଥାଏ ଜନମାନସ ।

ଭିତରଛ ମହାପାତ୍ର ପ୍ରାତଃ କର୍ମ ପାଇଁ ଖୋଲିଗଲେ ପୂର୍ବଦ୍ୱାର । ଦେଖିଲେ ସେଥିରେ ସେ ସ୍ତବ୍ଧ ହୋଇ ଉଠିଲେ । ବସନ୍ତ ନିସ୍ତରଙ୍ଗ ବାରିଧି ଉଦ୍‌ବେଳିତ, ଆକାଶଚୁମ୍ବୀ ତରଙ୍ଗ ଧାବମାନ ବେଳ

ଦିଗରେ । ବେଳାଭୂମିର ଅନେକ ଅଂଶ ଗ୍ରାସ କରିଗଲାଣି ସିତ ସମୁଦ୍ର । ସମୁଦ୍ରର ଗର୍ଜନ ଓ ନାଣ୍ଡବରେ ହେଣ୍ଟାଳବନ ପ୍ରକମ୍ପିତ । ଅଦୂରରେ ଚକ୍ରତୀର୍ଥ ପ୍ଲାବିତ ।

ଭୀତ ଚକିତ ପଦରେ ଫେରିଲେ ଭିତରଛ ମହାପାତ୍ର । ଜଣାଣ କରିବେ ବଳିଆର ଭୁଜକୁ । ଏକି ଅଘଟଣ ପ୍ରଭୋ । ବେଳାଭୂମି ଅତିକ୍ରମ କରି ବରୁଣ ରାଜ ଜନସମାନଙ୍କୁ ଭୀତ ତ୍ରସ୍ତ କରୁଛନ୍ତି । ଆପଣଙ୍କ ପରି ପ୍ରଭୁ ଥାଉ ଥାଉ ଆମ ଉପରେ ଏତେ କଷଣ ।

ପାଦ ପ୍ରକ୍ଷାଳନ ପାଇଁ ଘଟନାହିଁ । ବର୍ଷା ଜଳରେ ଭିତରଛ ନିଜେ ଗୋଡ ଧୋଇ ପକାଇଲେ । ଅନ୍ଧାର ଭିତରେ ଜଉମୁଦ ଖୋଜିବସିଲେ । ସାଙ୍ଗରେ ପ୍ରତିହାରୀ ନାହିଁ ମଣିମା, ମଣିମା ଡାକି ପକାଇବା ପାଇଁ । ମୁଦୁଲି ନାହିଁ ଜଉମୁଦ ଭାଙ୍ଗିବା ପାଇଁ । ଅଖଣ୍ଡ ମେକାପ ଆସି ନାହିଁ ସୁବର୍ଣ୍ଣ ପ୍ରଦୀପ ପ୍ରଜ୍ୱଳିତ କରିବା ପାଇଁ । ଆଳତୀର ଦୀପଶିଖା ନାହିଁ । ....ଘଣ୍ଟିର କିଙ୍କିଣି ନାହିଁ .... ଘଣ୍ଟାର ମନ୍ଦ୍ରଘୋଷ ନାହିଁ । ମନ୍ଦିର ବାହାରେ କେବଳ ପ୍ରଭଞ୍ଜନର ଫୁତ୍କାର ।

ନିଜେ ଦୁଆର ଖୋଲି ଗଳଗାଜି ହୋଇ ପଡ଼ିଲେ ଭିତରଛ । ଅନ୍ଧାର ଭିତରେ ଚକାଡୋଳା ଦେଖାଗଲେ । ଭିତରଛଙ୍କର ମନେ ହେଲା ଶୁଭ୍ର ସ୍ଫଟିକ ଚକ୍ଷୁ ରୋଷବର୍ଷାୟିତ ।

ପ୍ରଭୋ... କ୍ଷମାକର ଅକିଂଚନର ଔଦ୍ଧତ୍ୟ । ପ୍ରତିହାରୀ, ଅଖଣ୍ଡ ମେକାପ, ପାଳିଆ ମେକାପ, ତ୍ରସ୍ତ ସମ୍ଭବତଃ ସେମାନଙ୍କ ଗୃହସବୁ ବିନଷ୍ଟ । ଏହି ମୁହୂର୍ତ୍ତରେ ହୁଏତ ବାଇଶି ପାବଛରେ ମାନ ଖେଳୁଥିବ । ତୁମପରା ପ୍ରଭୁ ଥାଉ ଥାଉ ସମୁଦ୍ର ଯେ ନିୟମ ଲଙ୍ଘନ କରିବ... ଏ କଥାକି ଘଟଣ ଦିଶିବ ପ୍ରଭୁ !

କଣ ? କିଏ ଏମିତି ନିୟମ ଲଙ୍ଘନ ପାଇଁ ଆଦେଶ ଦେଇଛି । କିଏ ମୋର ସେବକଙ୍କୁ ଶଙ୍କାକୁଳ କରିଛି ? ମୋର ଭକ୍ତଙ୍କର ପ୍ରତିବଂଧକ ହୋଇଛି ।

ପ୍ରଶ୍ନର ଉତ୍ତର ନ ଦେଇ ଭିତରଛୁ ନିଜେ ଦୁଇବାତ ବଇଠା ବସାଇଲେ ସିଂହାସନ ଉପରେ । ସ୍ଥାନଚ୍ୟୁତ ପୁଷ୍ପମାଲ୍ୟ ସଜାଡ଼ିଦେଇ କ୍ଷୀଣ ବଇଠା ଆଲୋକରେ ବର୍ତ୍ତୁଳ ନେତ୍ରକୁ ଚାହିଁଲେ । ଦୋଳାୟିତ ଦୀପ ଶିଖା ଭିତରେ ଚକାଡୋଳାରୁ ଅଗ୍ନିଲିଙ୍ଗ ନିର୍ଗତ ହେଲା । ସାହସ ସଂଚୟକରି କହିଲେ—କିଏ ଆଉ କରିବ ? ଆମେ ସେବକ କୁଳ ତାଙ୍କ ଦୌରାତ୍ମ୍ୟରେ ସର୍ବଦା ଶଙ୍କାକୁଳ । ତାଙ୍କ ଉଦ୍ୟତ ଗଦା ପ୍ରହାରରୁ ନିସ୍ତୃତ ପାଇବା ପାଇଁ ଆମର ଅନେକ ଚେଷ୍ଟା । ଉଢ଼ପିଣ୍ଡା, କ୍ଷୁଦ୍ର ଗବାକ୍ଷ କରି ଆମେ ତାଙ୍କ ପ୍ରକୋପରୁ ସବୁବେଳେ ରକ୍ଷାପାଇ ଆସିଥିଲୁ । ଆଜି କିନ୍ତୁ ଆମେ ନିକ୍ଷେପିତ । ଆମକୁ ଦାରୁଣ କଷ୍ଟ ଦେଉଛନ୍ତି ସମୁଦ୍ର ପତି ବରୁଣ ।

ଭିତରଛଙ୍କର ସମସ୍ତ ସାହସ ନିଃଶେଷ ହୋଇଗଲା । କଣ୍ଠରୁଦ୍ଧ ହୋଇଗଲା । ଅଭିଶାପ ପାଇଁ ନିଜକୁ ପ୍ରସ୍ତୁତ କରି ରଖିଲେ ମଥାନତ କରି । ତାଙ୍କ ନିଶ୍ଚେତନଶରୀର ଚଳମାନ ହୋଇ ଉଠିଲା ବଜ୍ର ଗମ୍ଭୀର କଣ୍ଠ ସ୍ୱରରେ—

ଏତେ ଆସ୍ପର୍ଦ୍ଧା....ମୋର ସେବକ ମାନଙ୍କ ପ୍ରତି ଅତ୍ୟାଚାର, ଦୂରାଗତ ଭକ୍ତମାନଙ୍କ ପ୍ରତି ଅବିଚାର । ମୋର ପଟ୍ଟାଙ୍କର ପିଠା ହୋଇନଥିଲେ ଭାଇକୁଙ୍କୁ ପରି ଶିରଛେଦ ହୋଇଥାଆନ୍ତା । ଆଦେଶକର କାନପଟା ମହାବୀରଙ୍କୁ । ସେ ମୋ ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତୁ ।

ତଥାପି ବୁଝିପାରିଲେ ନାହିଁ ଭିତରଛ ସେହିକଥା ଛାମୁଖିଙ୍କୁ ।

ପ୍ରଭୁ ମୁଁ ଆସିଛି । ମୋର ଭୁଲ କେଉଁଠି ପ୍ରଭୁ ? ମୁଁ ଆପଣଙ୍କ ଆଦେଶ ପାଳନ କରିଛି ଅକ୍ଷରେ ଅକ୍ଷରେ । ବରୁଣ ହୁଙ୍କାରମୁଁ କାନପାତି ଗ୍ରହଣ କରି ଫୋପାଡ଼ି ଦେଇଛି ବହୁଦୂରରେ । ଛାମୁଙ୍କର ନିଦ୍ରାରେ ଆଦୌ ବ୍ୟାଘାତ ଘଟିନାହିଁ । ବଡବାନଳର ସାନ୍ତାର ମୁଁ ମୋ ଶରୀରରେ ଲୀନ କରିଛି । ବରୁଣଙ୍କର ଉତ୍ତାଳ ତରଙ୍ଗରୂପୀ ଗଦାର ସମସ୍ତ ଶକ୍ତି ମୋ ଗଦାଘାତରେ ଚୂର୍ଣ୍ଣ କରିଛି । ବାଇଶିପାବଛରୁ ଊର୍ଦ୍ଧ୍ୱ ଆରୋହଣ ଚେଷ୍ଟା ପ୍ରତିହତ କରିଛି ।

ତେବେ, ତେବେ ଚକ୍ରତୀର୍ଥ ପ୍ଲାବିତ ହେଲା କିପରି ?

ଆଦେଶକର ପାଟଯୋଷୀ ମହାପାତ୍ରଙ୍କୁ ।

ବେଦ ଅଧ୍ୟୟନ ରତ ନାଏକ ପାଟଯୋଷୀ ମହାପାତ୍ର ଅପେକ୍ଷା କରିଥିଲେ ଆଳତୀର ମନ୍ଦ୍ରମଧୁର ଘଣ୍ଟାଧ୍ୱନୀପାଇଁ । ସମୟ ଅତିକ୍ରାନ୍ତ ଅଥଚ ଆଳତୀର ଆଭାସ ଆସୁନାହିଁ ଶ୍ରୀମନ୍ଦିର ଭିତରୁ । ଉଦ୍‌ବିଗ୍ନ କର୍ଣ୍ଣକୁହରରେ ସେ ଯେମିତି ଶୁଣିବାକୁ ପାଇଲେ ଜଗନ୍ନାଥଙ୍କର ଆଦେଶ—ଏକି ଅସଂଗତ କ୍ରିୟା ପାଟଯୋଷୀ । ତୁମେ ଛତିଶାନିଯୋଗର ନାଏକ ଅଥଚ ବିଶୃଙ୍ଖଳା । ତତ୍‌କ୍ଷଣାତ୍ ପାଟଯୋଷୀ ବାହାରି ପଡ଼ିଲେ ଶ୍ରୀଛାମୁକୁ—ଉତରୀୟ ନେବାପାଇଁ ଭୁଲିଯାଇଥିଲେ ସେ ।

ଗଜପତି ମହାରାଜା ଅଶ୍ୱାରୋହୀମାନଙ୍କର ଅଶ୍ୱଚାଳନା କୌଶଳ ପ୍ରଦର୍ଶନ କରୁଥିଲେ ବିଡାନାସୀ କଟକରେ— ବାଳାରୁଣର ପ୍ରଥମ ପ୍ରକାଶବେଳେ । ତାଙ୍କ ହୃଦୟ ତଣ୍ଟି ଥରାଇ କିଏ ଯେମିତି କହିଲା— ଦମନ ଆସ ମୋ ପାଖକୁ । କାହିଁକି ସିନ୍ଧୁ ତାର ନିୟମ ଲଙ୍ଘନ କଲା ? କାହିଁକି ଶଙ୍ଖକ୍ଷେତ୍ରର ଭକ୍ତ ଭୀତ । ମୋ ଭକ୍ତ ମୋ ପାଖକୁ ନ ଆସିଲେ, ମୁଁ ସେମାନଙ୍କ ଦର୍ଶନ ନକଲେ ଗୋପାଳ ବଲ୍ଲଭ ହେବିନାହିଁ ।

ସହସା ମହାରାଜାଙ୍କ ଅଶ୍ୱ ପୁରୀ ଦିଗରେ ଧାବିତ ହେଲା । ରାଉତଗଣ ଚକିତ ହେଲେ । ସେନାପତି ଅନୁସରଣ କଲେ ଅନେକ ଅଶ୍ୱାରୋହୀ ସହ ।

ଶଙ୍ଖକ୍ଷେତ୍ର ନିର୍ଜିବ, ନିସ୍ପେନ୍ଦ । ସମୁଦ୍ର କୂଳଲଂଘି ଅଶେଷ କ୍ଷତି କରିଥାଏ ଜନପଦର । ସେବକ, ଭକ୍ତଙ୍କର କ୍ଷୁଦ୍ର କ୍ଷୁଦ୍ର ମୃତ ଶରୀର ବାରିଧିର ନିସ୍ତରଙ୍ଗ ଜଳରାଶିରେ । ଉଲଂଘ ଭିଗାସାରେ ସିତ ବରୁଣଙ୍କ କୁଟିଳ ରେଖା ସ୍ପଷ୍ଟ ଦେଖାଯାଉଥାଏ ବାରିଧିର ଆନ୍ଦୋଳିତ କ୍ଷୀଣ ପ୍ରତିବାଦ ଭିତରେ ।

ଗଜପତି ମହାରାଜା ଜନସ୍ରୋତର ଅତିକ୍ରମ କରି ପ୍ରଣିପାତ ହେଲେ ଜଗନ୍ନାଥଙ୍କ ଛାମୁରେ ।

କର୍ଣ୍ଣକୁହର ଶୁଣିଲେ ଅତି ଗମ୍ଭୀର ବାର୍ତ୍ତା— ଦେଦବ କର ଗଜପତି । ମୋର ପ୍ରଥମ ସେବକ ଆଜି ଆଉ ବରୁଣ କେମିତି କ୍ଷୟକ୍ଷତି କରିପାରିଲେ ।

ଗଜପତିଙ୍କର ସ୍ମରଣହେଲା ଚକ୍ରତୀର୍ଥ ମହାବୀରଙ୍କ ଅବସ୍ଥିତି । ସେ କହିପକାଇଲେ— ମହାଭାଗ । ଚକ୍ରତୀର୍ଥ ମହାବୀରଙ୍କୁ ପ୍ରଶ୍ନକରାଯାଉ । ଚକ୍ରନାରାୟଣଙ୍କ ପାଖରେ ସେଥିଲେ ପ୍ରହରୀ । ତାଙ୍କ କାର୍ଯ୍ୟଥିଲା ବରୁଣଙ୍କୁ ସଂଯତ କରିବା । ସେ କାହିଁକି ଭୁଲେ ନାହିଁ ?

ଚକ୍ରତୀର୍ଥ ମହାବୀରଙ୍କ ସ୍ମରଣମାତ୍ରେ ଲମ୍ଫଦେଇ ପ୍ରବେଶକଲେ ମହାବୀର । ଦକ୍ଷିଣହସ୍ତରେ ଗଦା, ବାମ ହସ୍ତରେ ଅର୍ଦ୍ଧଭୁକ୍ତ ଖୁଆମଣ୍ଡା । ପାଟି ଭିତରେ ଖୁଆମଣ୍ଡାର କାୟଦ୍ରଂଶ ।

ତର୍ପଣ ପ୍ରକ୍ରିୟା ଭିତରେ ସେ କହିଲେ— କ୍ଷମାକରନ୍ତୁ ପ୍ରଭୁ ! ଅଯୋଧ୍ୟା ପ୍ରଳିଯାଇଥିଲି ମୁଁ । ସେଇଥି ପାଇଁ ବରୁଣଙ୍କ ଆସର୍ଦ୍ଧା । ମୁଁ ପ୍ରତିଜ୍ଞା କରୁଛି ପ୍ରଭୁ— ସେ ଆସ୍ପର୍ଦ୍ଧାକୁ ଚୂର୍ଣ୍ଣ କରିବି । ଯାବତ ଚନ୍ଦ୍ରାର୍କେ ଶଙ୍ଖନାଭି ମଣ୍ଡଳ ସିନ୍ଧୁରାଜ ଦୌରାତ୍ମ୍ୟରୁ ମୁକ୍ତିଲାଭ କରିବ । ସମୁଦ୍ରର କରାଳ ଲହରୀ ଶଙ୍ଖକ୍ଷେତ୍ରର ସୀମା ମୁଦ୍ଧା ସ୍ପର୍ଶ କରିବ ନାହିଁ ।

କ୍ରୁଦ୍ଧ କ୍ରୁଦ୍ଧ ମହାବୀର ଗଦା ଆଘାତ କଲେ ଗମ୍ଭୀରାଭିତରେ । ଗଦା ଆଘାତରେ ସଂକୁଚିତ ହୋଇଗଲା ଜଳପ୍ରବାହ । ଶଙ୍ଖନାଭିମଣ୍ଡଳ ସହସା ଶୁଷ୍କ ହୋଇଗଲା ।

ଗଜପତି କହିଲେ— କିନ୍ତୁ ଭକ୍ତ ପ୍ରବର ହନୁମାନ । ତୁମର ଦୌର୍ବଲ୍ୟ ଅଯୋଧ୍ୟା ପାଇଁ, ଅଯୋଧ୍ୟାବାସୀଙ୍କ ପାଇଁ । ପୁଣି କେଉଁ ଦୁର୍ବଳ ମୁହୂର୍ତ୍ତରେ ତୁମେ ଲମ୍ଫ ଦେଇ ପଳାୟନ କରିବ ସେହି ସ୍ୱର୍ଣ୍ଣସ୍ୱପ୍ନ ଅଯୋଧ୍ୟାକୁ । ବରଂ ତୁମେ ଶୃଙ୍ଖଳାବଦ୍ଧ ହୁଅ ।

କରନ୍ତୁ ଶୃଙ୍ଖଳଯୁକ୍ତ....ମୁଁ ସମ୍ଭର କରିପାରେ ନାହିଁ ନିଜକୁ ଖୁଆ ମଣ୍ଡା ଆଶାରେ ସୀତାମାଙ୍କ ଖୁଆମଣ୍ଡା । ମୋତେ ସେଥିରୁ କିଛି ଶମ୍ଭି ଦିଅନ୍ତୁ । ମୁଁ ଜାଗ୍ରତ ପହରୀ ହୋଇ ରହିଥିବି ସଦାସର୍ବଦା ।

ପ୍ରତ୍ୟହ ପାଞ୍ଚଟି ଲଡୁ ଜଗନ୍ନାଥବଲ୍ଲଭରୁ ତୁମକୁ ଦିଆଯିବ ଭକ୍ତ ପ୍ରବର....ଶଙ୍ଖକ୍ଷେତ୍ରର ମାନରକ୍ଷା ।

ନା.. ମହାରାଜା । ମୁଁ ଜଗନ୍ନାଥବଲ୍ଲଭ ଲଡୁ କରିପାରିବି ନାହିଁ । ମୁଁ ସ୍ୱହେଁ ବିଶ୍ୱକୁ ରକ୍ଷିବ ।

ଶୁଭିଲା ବାଣୀ— ହେବ ମହାବୀର । ଜଗନ୍ନାଥ ବଲ୍ଲଭ ଖୁଆମଣ୍ଡା ସମର୍ପିତ ହେବ ଚକ୍ରନାରାୟଣଙ୍କ ପାଖରେ । ସେଥିରୁ ପାଞ୍ଚଟି ପାଇବ ତୁମେ । କିନ୍ତୁ ତୁମେ ଶୃଙ୍ଖଳାବଦ୍ଧ ହୋଇ ରୁହ ଚକ୍ରତୀର୍ଥରେ । ତା' ହେଲେ ମୋର ଭକ୍ତ ବରୁଣଙ୍କୁ, ସିନ୍ଧୁର ଗର୍ଜନକୁ ଉପେକ୍ଷା କରିବେ । ବରୁଣଙ୍କୁ ଭୟ କରିବେ ନାହିଁ । ପ୍ଲାବନ ଆଶଙ୍କାରେ ବିମୁଖ ହେବେନାହିଁ ।

ଯଥା ଆଜ୍ଞା....ପ୍ରଭୋ । ତଥାଇଛା ସେହି ମମ ଦୀକ୍ଷା... ଆବଦ୍ଧ କରନ୍ତୁ । ମୋ ଗୋଡରେ ବେଡ଼ି ଦିଅନ୍ତୁ । ମୋ ଶ ଲୌହ ଶୃଙ୍ଖଳ ଦିଅନ୍ତୁ । କେବଳ ଉନ୍ମୁକ୍ତ ରଖନ୍ତୁ ମୋର ଭୁଜ ଦକ୍ଷିଣହସ୍ତରେ ଗଦା ଉତ୍ତୋଳନକରି ସମୁଦ୍ରର କରାଳ ତରଙ୍ଗକୁ କରିବି । ବାମ ହସ୍ତରେ ଖାଇବି ଖୁଆମଣ୍ଡା । ମୋର ଦୁର୍ବଳ ଉପହାସ କରନ୍ତୁ ନାହିଁ ଜଗତଠାକୁର— ମୁଁ ତୁମ ଦାସାନୁ ଦାସ....

ତଥାସ୍ତୁ :

ଗୋଟିଏ କ୍ଷୁଦ୍ର ବାନର ହୋଇଗଲେ ମହାବୀର । ଲଗାଇଦେଲେ ଗଜପତି ମହାରାଜା ।

ବେଡ଼ି ମହାବୀର ଜାଗ୍ରତ ପହରୀ ଚକ୍ରତୀର୍ଥରେ । ଉଦ ଶଙ୍କାକୁଳ କରାଇଛି ଯକ୍ଷ ବରୁଣଙ୍କୁ । ପ୍ରବଳ ପ୍ରତାପୀ ଅସୁମାରୀ ରକ୍ଷକ ସୀମିତ ସଂକୁଚିତ— ମହତୀ ଗଦା ଉତ୍ତୋଳନ ଶକ୍ତି ପ ତାଙ୍କ ଫେନୀଳ ସମୁଦ୍ରର କରାଳ ଲହରୀରେ ଭକ୍ତ ଭୟଭୀତ ନୁ ଦିଗ୍‌ବିଜୟର କରାଳ ଲହରୀ ବେଳାଭୂମିରେ ଚାମରବ୍ୟଞ୍ଜ ହେଣ୍ଡମା ଧାରସ୍ନାଣ ପରିହିତ ହୋଇ ।

ଦୂରଦୂରାନ୍ତର ଭକ୍ତ ଜଗନ୍ନାଥଙ୍କୁ ପ୍ରଣିପାତ ହେଲାବେଳେ କହୁଛି— ଜଗାବଳିଆକୁ ଭଲକରି ମୁଣ୍ଡିଆ ମାରେରେ । ଭୟକରନା । ତୋ ପାଇଁ ପୁରସମାରେ ନିସ୍ତରଙ୍ଗ କରିଛି ମ ତୋ ପାଇଁ ଜାଗ୍ରତ ପହରୀକୁ ବେଡ଼ି ଲଗେଇଛି । ଚକ୍ରତୀର୍ଥ ମ ମହାବୀରଙ୍କୁ ପ୍ରଣିପାତ କରିବୁ । ଲଡୁଦେବୁ । ତୋ ପାଇଁ ଆ କରିଥିଲୁ ଜଗନ୍ନାଥ ପାଖରେ । ତୋ ଉପରେ ଯେମିତି ନଯାଏ— ପୁରୀ ରହଣି ଭିତରେ । ସେଇଥିପାଇଁ ଉତ୍ସ ଉପରେ ବିମୁଖ । ମା ଲକ୍ଷ୍ମୀ ଆମ ଉପରେ ସଦୟ ନୁହନ୍ତି ଦକ୍ଷିଣା— ଆମେ ସବୁବେଳେ ନିଃସ୍ୱ ।

କ୍ରୀଡ଼ା ନିର୍ଦ୍ଦେଶକ, ଓଡ଼ିଶା
ସଚିବାଳୟ ମାର୍ଗ, ଭୁବନେଶ୍ୱର



"ଜୟ ରାମ- ଜଗନ୍ନାଥ ସୂର୍ଯ୍ୟବଂଶ ସମୁଦ୍ଭବମ୍ ।
ରାକାଦିପାଦ ବେଦେଶ ଶେଷଛତ୍ର ବିଶୋଭିତମ୍ ॥
ଅଜନେୟ ପ୍ରିୟଂ ଶାନ୍ତଂ ସର୍ବ ଗୀର୍ବାଣ ବନ୍ଦିତଂ ।
ଲୁଣ୍ଠିତ୍ତ ମଙ୍ଗଳଂ ରାଜ୍ୟେ ପୁରାଣାଂ ଚ ନୃପସ୍ୟ ଚ ॥"

"ବହୁତୀର୍ଥାନି କ୍ଷେତ୍ରାଣି ବର୍ତ୍ତନ୍ତେ ଭୁବନତ୍ର
ତହିତଗାନି ତାନ୍ୟେବରଃ ପ୍ରାପ୍ନୁବୋତମ
ମଥୁରା ଦ୍ୱାରକାଯୋଧ୍ୟା ଗୋକୁଳେଷୁ ସ
ନୀଳାଚଳସ୍ୟ କୃଷ୍ଣାଂଶସ୍ୟେ ଉଚ୍ଚୈ ବହି

(ଶ୍ରୀଜଗନ୍ନାଥ




ଶ୍ରୀ ଲଲାଟେନ୍ଦୁ ପରିଡ଼ା

ଓଡ଼ିଶାବାସୀଙ୍କ ଉଜ୍ଜ୍ୱଳ ଐତିହ୍ୟ ଓ ସେମାନଙ୍କର ଉତ୍କଟ ଅର୍ଥନୈତିକ ଦାରିଦ୍ର୍ୟ, ଉଭୟ ବିଷୟ ବହୁଚର୍ଚ୍ଚିତ, କିନ୍ତୁ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସ୍ତୁତ୍ତକଳା, ନୃତ୍ୟ, ସଙ୍ଗୀତ ଓ ଯୁଦ୍ଧବିଦ୍ୟାରେ ଏକଦା ଅସାଧାରଣ ନୈପୁଣ୍ୟ ଦର୍ଶାଇଥିବା ସମାଜ ପରବର୍ତ୍ତୀ କାଳରେ କାହିଁକି ସେ ପରମ୍ପରା ବଜାୟ ରଖି ପାରିଲା ନାହିଁ, ଆତ୍ମପ୍ରତ୍ୟୟ ହରାଇ ବସିଲା ଓ ନିଜକୁ ଅସହାୟ ମନେକରିବା ଅଭ୍ୟାସ ଛାଡ଼ିପାରିଲା ନାହିଁ, ତାର ଆଲୋଚନା ବିରଳ । ସମ୍ଭବତଃ ନାନାଦି କ୍ଷେତ୍ରରେ ଚମତ୍କାର ଉତ୍କର୍ଷ ସତ୍ତ୍ୱେ ସାମାଜିକ ବ୍ୟବସ୍ଥାରେ ପରବର୍ତ୍ତୀକାଳର ଅବକ୍ଷୟର ସୂତ୍ରପାତ ଧୀରେ ଧୀରେ ଓ ସମସ୍ତଙ୍କର ଅଲକ୍ଷ୍ୟରେ ହେଉଥିଲା ଏବଂ ତାହା ସ୍ପଷ୍ଟ ହେଲା ବେଳକୁ ସମାଜ ତଦ୍ୱାରା ଏତେଦୂର ଆକ୍ରାନ୍ତ ହୋଇ ପଡ଼ିଥିଲା ଯେ ପ୍ରତିକାର ପାଇଁ ତା'ର ଆଉ ସାମର୍ଥ୍ୟ ନଥିଲା । ଏହା କେବଳ ଓଡ଼ିଶାରେ ଘଟିନାହିଁ, ପୃଥିବୀର ନାନାଦି ସୁପ୍ରତିଷ୍ଠିତ ସଭ୍ୟତା ଏହି କାଳକ୍ରମେ ବଳବତ୍ତର ହେଉଥିବା ସଂହାରକାରୀ ପ୍ରକ୍ରିୟା ଫଳରେ ଉଚ୍ଛୁଡ଼ି ଯାଇଛି ।

ଏହି ଅବକ୍ଷୟକାରୀ ପ୍ରକ୍ରିୟା ଦ୍ୱାରା କ୍ରମଶଃ ବେଶି ବେଶି ଜଟିଳିତ ହୋଇପଡୁଥିବା ସାମାଜିକ ବ୍ୟବସ୍ଥାରେହିଁ ବ୍ୟାପକ ଅର୍ଥନୈତିକ ଦାରିଦ୍ର୍ୟର ମୂଳ କାରଣ ନିହିତ । ଏହା ଫଳରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଦ୍ୟମ କ୍ରମଶଃ ଦୁର୍ବଳ ହୋଇପଡେ, ଉଦ୍ୟମର ସୁଫଳ କ୍ରମଶଃ ହ୍ରାସ ପାଏ । ଯେତିକି ସୁଫଳ ମିଳେ ତାହା ସମାଜର ସମସ୍ତଙ୍କ ପାଖରେ ପହଞ୍ଚେନାହିଁ, ଅପେକ୍ଷାକୃତ ସୁବିଧା ଜନକ ପରିସ୍ଥିତିରେ ଥିବା ବ୍ୟକ୍ତି ବିଶେଷବା ଗୋଷ୍ଠୀ ବିଶେଷ ତା'ର ଅଧିକାଂଶ ଭାଗ ହାସଲ କରି ନିଅନ୍ତି । ଉଦାହରଣ ସ୍ୱରୂପ, ଜମିଦାରୀ ବ୍ୟବସ୍ଥା ପ୍ରଚଳିତ ଥିବା ସମୟରେ ଜମିର ମାଲିକାନା ହାସଲ କରୁଥିବା ଜମିଦାର ଓ ତାଙ୍କର ଅନୁଚରବର୍ଗଙ୍କର ଉତ୍ପାଦନ ପାଇଁ କୌଣସି ଅବଦାନ ନଥିବା ସତ୍ତ୍ୱେ ଜମିର ଅଧିକାଂଶ ଆୟ ସେମାନେହିଁ ପାଉଥିଲେ ଏବଂ ପ୍ରଜା ଯାହା ପାଉଥିଲା ସେଥିରେ ଆଜୀବନ ଦାରିଦ୍ର୍ୟରୁ ତା'ର ନିଷ୍କୃତି ନଥିଲା । ଜମିର ଅଧିକାଂଶ ଆୟ ଉତ୍ପାଦନର ଅଭିବୃଦ୍ଧି ପାଇଁ ନିୟୋଜିତ ହେଉ ନଥିବାରୁ ଉତ୍ପାଦନ ବଢୁ ନଥିଲା, କିନ୍ତୁ କୃଷି ଉପରେ ନିର୍ଭରଶୀଳ ଲୋକଙ୍କ ସଂଖ୍ୟା ବଢୁଥିବାରୁ ସେହି ସ୍ୱଳ୍ପ ଓ ସୀମିତ ଆୟ କ୍ରମଶଃ ଅଧିକ ସଂଖ୍ୟକ ଲୋକଙ୍କର ଜୀବନ ଧାରଣର ଏକମାତ୍ର ଉପାୟ ହେଲା ଫଳରେ ପ୍ରଜାକୁଳର ଦୁର୍ଗତି ଓ ଦାରିଦ୍ର୍ୟ ବଢ଼ି ଚାଲିଲା ।

## ପ୍ରଗତିର ପୃଷ୍ଠଭୂମି

ସ୍ୱାଧୀନତା ପରେ ଉତ୍ପାଦନର ଅଭିବୃଦ୍ଧି ପାଇଁ ତଥା ଉତ୍ପାଦନରୁ ଅର୍ଜିତ ଆୟର ନ୍ୟାୟୋଚିତ ଆବଣ୍ଟନ ପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଉଛି । ବିଗତ ସାତବର୍ଷ ମଧ୍ୟରେ ଏ ଉଦ୍ୟମର ମୋଟାମୋଟି ଚିତ୍ରଟିଏ ଦେବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।


୧୯୫୧ ରୁ ୧୯୮୧ ମସିହା — ଏହି ୩୦ ବର୍ଷ ମଧ୍ୟରେ ଓଡ଼ିଶାର ଜନ ସଂଖ୍ୟା ୧ କୋଟି ୪୬ ଲକ୍ଷରୁ ୨ କୋଟି ୬୪ ଲକ୍ଷକୁ ବୃଦ୍ଧି ପାଇଲା । ଅର୍ଥାତ୍ ଓଡ଼ିଶାର ସମାଜରେ ୧ କୋଟି ୧୮ ଲକ୍ଷ ଅଧିକ ସଦସ୍ୟ ହେଲେ । ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ରାଜ୍ୟର ଜନସଂଖ୍ୟା ୩ କୋଟି ୪୮ ଲକ୍ଷ, ଅର୍ଥାତ୍ ୧୯୮୧ ର ଜନସଂଖ୍ୟା ତୁଳନାରେ ୮୪ ଲକ୍ଷ ଅଧିକ ହେବ ବୋଲି ଅଟକଳ କରାଯାଉଛି । ଏହି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ଆମର ପ୍ରଥମ



କର୍ତ୍ତବ୍ୟ । ୧୯୭୮ — ୭୯ରେ ରାଜ୍ୟରେ ୪୪ ଲକ୍ଷ ଟନ ଚାଉଳ ଉତ୍ପାଦିତ ହୋଇଥିବା ସ୍ଥଳେ, ୧୯୮୫—୮୬ରେ ଉତ୍ପାଦନର ପରିମାଣ ୫୨.୨୬ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଥିଲା । ଗହମ, ମାଣ୍ଡିଆ, ମକା ପ୍ରଭୃତି ଶସ୍ୟ ତଥା ଡାଲି ଜାତୀୟ ଶସ୍ୟକୁ ହିସାବକୁ ନେଲେ ଏହି ପାଞ୍ଚବର୍ଷ ମଧ୍ୟରେ ମୋଟ ଖାଦ୍ୟ ଶସ୍ୟ ଉତ୍ପାଦନ ୫୬.୬ ଲକ୍ଷ ଟନ୍‌ରୁ ପ୍ରାୟ ୭୦ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି । ଅନ୍ୟ କଥାରେ କହିଲେ ଏହା ଶତକଡ଼ା ୨୧.୫ ଭାଗ ବେଶୀ । ଏହି ସମୟ ମଧ୍ୟରେ ତୈଳବୀଜ ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହୋଇଛି । ୧୯୭୮—୭୯ରେ ମୋଟ ତୈଳବୀଜ ଉତ୍ପାଦନ ୪.୨୭ ଲକ୍ଷ ଟନ୍ ଥିବା ସ୍ଥଳେ ୧୯୮୫—୮୬ରେ ଉତ୍ପାଦନର ପରିମାଣ ୮.୫୦ ଲକ୍ଷ ଟନ୍ ହୋଇଥିଲା ।

## ଜଳସେଚନ ସୁବିଧା

ମରୁଡ଼ି ବନ୍ୟା ଓ ବାତ୍ୟା ଫଳରେ ରାଜ୍ୟର କୃଷି ଭିତ୍ତିକ ଉତ୍ପାଦନ ବ୍ୟାହତ ହେବା ସର୍ବଜନ ବିଦିତ । ଏତଦ୍‌ବ୍ୟତୀତ ସ୍ୱଳ୍ପ ଜମିର ଅଧିକାଂଶ ଭାଗ ଜଳସେଚିତ ହୋଇନଥିବାରୁ ରବି ଫସଲର ଉତ୍ପାଦନ ଆଶାନୁରୂପ ହୋଇ ପାରୁ ନାହିଁ । ଜଳ ସେଚନର ସୁବିଧା ବଢ଼ିଲେ ଗ୍ରାମାଞ୍ଚଳରେ କର୍ମ ସଂସ୍ଥାନ ତଥା କୃଷି ଶ୍ରମିକ ମାନଙ୍କର ଉପାର୍ଜନ ବଢ଼ିବ । ଓଡ଼ିଶା ପାଇଁ ଏହା ଖୁବ୍ ଗୁରୁତ୍ୱ ପୂର୍ଣ୍ଣ କାରଣ । ଭାରତରେ ଶତକଡ଼ା ୬୬.୫ ଭାଗଲୋକ କୃଷିରେ ନିୟୋଜିତ ହୋଇଥିବା ସ୍ଥଳେ ଓଡ଼ିଶାରେ ଏହାର ହାର ଶତକଡ଼ା ପ୍ରାୟ ୭୫ ଭାଗ । ୧୯୭୯—୮୦ରେ, ଅର୍ଥାତ୍ ଷଷ୍ଠ ଯୋଜନା ଆରମ୍ଭରେ, ଭାରତରେ ସମୁଦାୟ ସ୍ୱଳ୍ପ ଜମିର ଶତକଡ଼ା ପ୍ରାୟ ୪୦ ଅଂଶରେ ଜଳସେଚନର ସୁବିଧା ଥିଲା, କିନ୍ତୁ ଓଡ଼ିଶାରେ ଏପ୍ରକାର ଜମିର ପରିମାଣ ଥିଲା ଶତକଡ଼ା ପ୍ରାୟ ୧୯ ଭାଗ । ପଞ୍ଜାବ, ହରିୟାନା, ଉତ୍ତର ପ୍ରଦେଶ ଓ ତାମିଲନାଡୁ ଜଳସେଚିତ ଜମିର ଆନୁପାତିକ ପରିମାଣ ଆହୁରି ବେଶୀ ଥିଲା । ଷଷ୍ଠ ଯୋଜନା ଆରମ୍ଭରୁ ଜଳସେଚନ ସୁବିଧାର ଅଭିବୃଦ୍ଧି ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । ପଞ୍ଚମ ଯୋଜନାରେ ଜଳସେଚନ ପାଇଁ ପୁଞ୍ଜି ବିନିଯୋଗ ମୋଟ ଯୋଜନା ବ୍ୟୟର ଶତକଡ଼ା ୨୪ ଭାଗ ହୋଇଥିବା ସ୍ଥଳେ, ଷଷ୍ଠ ଯୋଜନାରେ ଏହା ଶତକଡ଼ା ୨୯ ଭାଗକୁ ବୃଦ୍ଧି ପାଇଥିଲା । ସପ୍ତମ ଯୋଜନାରେ ଏହି ଅଗ୍ରାଧିକାର ଅପରିବର୍ତ୍ତିତ ରହିବ । ଜଳସେଚନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଇଥିବା ଯୋଗୁଁ ଷଷ୍ଠ ଯୋଜନା ପୂର୍ବାବସ୍ଥାରେ ଥିବା ଜଳସେଚିତ ଜମିର ପରିମାଣ ଉକ୍ତ ଯୋଜନା କାଳ ମଧ୍ୟରେ ୧୨.୬୪ ଲକ୍ଷ ହେକ୍ଟରରୁ ୧୭.୦୮ ଲକ୍ଷ ହେକ୍ଟରକୁ ବୃଦ୍ଧି ହୋଇଥିଲା ଏବଂ ସପ୍ତମ ଯୋଜନା କାଳରେ ଏହାକୁ ୨୫ ଲକ୍ଷ ହେକ୍ଟରକୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରହିଛି । ଏପରି ଭାବେ ଷଷ୍ଠ ଓ ସପ୍ତମ ଯୋଜନା କାଳ ମଧ୍ୟରେ ଷଷ୍ଠ ଯୋଜନା ପୂର୍ବରୁ ଥିବା ଜଳ ସେଚିତ ଜମିର ପରିମାଣ ପ୍ରାୟ ଦୁଇଗୁଣ ବଢ଼ିଯିବ । ଷଷ୍ଠ ଯୋଜନା ପ୍ରାରମ୍ଭରେ ଜଳସେଚିତ ଜମିର ପରିମାଣ ଶତକଡ଼ା ୧୯ ଭାଗରୁ ଉକ୍ତ ଯୋଜନା ଶେଷ ସୁଦ୍ଧା ଶତକଡ଼ା ୨୭ ଭାଗକୁ ବୃଦ୍ଧି ପାଇଥିଲା ଏବଂ ସପ୍ତମ ଯୋଜନା ଶେଷସୁଦ୍ଧା ଏହା ଆହୁରି ବୃଦ୍ଧି ପାଇବ । ଜଳସେଚିତ ବାବଦ ବ୍ୟୟ ହୋଇଥିବା ବୃଦ୍ଧି ଗୋଟିଏ ଉଦାହରଣରୁ ସ୍ପଷ୍ଟ ହେବ । ପଞ୍ଚମ ଯୋଜନା କାଳରେ ଜଳସେଚିତ ଓ ବନ୍ୟା ନିୟନ୍ତ୍ରଣ ବାବଦରେ ୧୦୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାସ୍ଥଳେ, କେବଳ ୧୯୮୫—୮୬ରେ ସେ ବାବଦରେ ୧୩୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଜଳସେଚନର ବ୍ୟବସ୍ଥା ବ୍ୟାପକ କରିବା ପାଇଁ ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି, ତନ୍ମଧ୍ୟରେ ରେଙ୍ଗାଲି, ଇନ୍ଦ୍ରାବତୀ



ଓ ସୁବର୍ଣ୍ଣରେଖା ଉଲ୍ଲେଖଯୋଗ୍ୟ । ଏହା ବ୍ୟତୀତ ଚାଷୀମାନ[...] ଖୋଳିବା ପାଇଁ ଓ ପମ୍ପ୍ ବସାଇବାପାଇଁ କେବଳ ଯେ ଅଧିକ ପରି[...] [...] ଦିଆଯାଉଛି ତାହା ନୁହେଁ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ କେତୋଟାଂଶ ଛାଡ କରି ଦିଆଯାଉଛି । ସରକାରଙ୍କ ପକ୍ଷରୁ ଜଳ[...] ପାଇଁ ଅଧିକ ବ୍ୟୟ ବରାଦ ଓ ବ୍ୟାପକ ବ୍ୟକ୍ତିଗତ ଉଦ୍ୟମ [...] ବିସ୍ତୃତ ଅଞ୍ଚଳରେ ଏକାଧିକ ଫସଲ ଉତ୍ପାଦିତ ହୋଇପାରିବ ଓ [...] ପ୍ରକୋପରୁ ନିଷ୍କୃତି ମିଳିବ । ଏହା ଦ୍ୱାରା ଚାଷୀକୁଳର ରୋଜଗାର[...] ସଂଗେ ସଂଗେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କ ପାଇଁ ଅଧିକ କର୍ମ[...] କରାଯାଇ ପାରିବ ।

ଆମ ରାଜ୍ୟରେ କୃଷିକୁ ଅଧିକତର ଉତ୍ପାଦନକ୍ଷମ କରିବା ପା[...] ନାନାଦି ପଦକ୍ଷେପ ନିଆଯାଉଛି ତାହା ଆଲୋଚନା କରି ବସିଲେ [...] କଳେବର ଦୀର୍ଘ ହୋଇପଡ଼ିବ । ସେ ସବୁ ପଦକ୍ଷେପର ସାଫଲ୍ୟ[...] ଜଳସେଚନର ସୁବିଧା ଉପରେ ନିର୍ଭର କରେ, ସୁତରାଂ ଏହି[...] ବ୍ୟାପକତର କରିବା ପାଇଁ ସରକାରଙ୍କ ଉଦ୍ୟମର ସଂକ୍ଷିପ୍ତ[...] ଦେଇ ଅନ୍ୟାନ୍ୟ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପର [...] ସମୀଚୀନ ହେବ ।

## ନୂଆ ଶିଳ୍ପ ନୀତି

ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର । ଖଣିଜ ସମ୍ପଦ[...] ସମ୍ପଦ, ଜଙ୍ଗଲ ସମ୍ପଦ, କୃଷି ସମ୍ପଦ, ଜଳ ସମ୍ପଦରେ ଓଡ଼ିଶା[...] ଅନ୍ୟତମ ଶ୍ରେଷ୍ଠ ପ୍ରଦେଶ । କିନ୍ତୁ ନାନାଦି କାରଣବଶତଃ ବହୁ[...] ଓଡ଼ିଶାରେ ଶିଳ୍ପ ବିକାଶ ଉଲ୍ଲେଖଯୋଗ୍ୟ ହୋଇପାରି ନଥି[...] ସାତ ବର୍ଷ ଧରି ଏ ଅବସ୍ଥାର ପରିବର୍ତ୍ତନ ଘଟିଛି । ୧୯୮[...] ନୂଆ ଶିଳ୍ପ ନୀତି ଘୋଷିତ ହେଲା ଏବଂ ଦ୍ରୁତ ଶିଳ୍ପ ବିକାଶର[...] ସ୍ଥାପିତ ହେଲା । ଏହା ଫଳରେ ଦ୍ରୁତ ଶିଳ୍ପ ବିକାଶର ଏକ

ବାତାବରଣ ସୃଷ୍ଟି ହେଲା । ଷଷ୍ଠ ଯୋଜନା ପୂର୍ବରୁ ଓଡ଼ିଶାରେ ପ୍ରାୟ ୬୦ ଟି ମଧ୍ୟମ ଓ ବୃହତ ଶିଳ୍ପ ପ୍ରତିଷ୍ଠିତ ହୋଇଥିଲା । ଷଷ୍ଠ ଯୋଜନା ପରେ ଏ ପର୍ଯ୍ୟନ୍ତ ପ୍ରାୟ ୧୨୦ ଗୋଟି ନୂଆ ମଧ୍ୟମ ଓ ବୃହତ୍ ଶିଳ୍ପ ଉତ୍ପାଦନକ୍ଷମ ହେଲାଣି । ଏହା ବ୍ୟତୀତ ଆହୁରି ଅନେକ ଏହି ଭଳି ଶିଳ୍ପର ପ୍ରତିଷ୍ଠା କାର୍ଯ୍ୟ ଚାଲିଛି । ଓଡ଼ିଶା ବାହାରର ବହୁ ଶିଳ୍ପପତି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗେଇ ଆସିଛନ୍ତି । କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଷଷ୍ଠ ଯୋଜନା ପୂର୍ବରୁ ଓଡ଼ିଶାରେ ୯୨୧୯ ଗୋଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହୋଇପାରିଥିଲା । ବର୍ତ୍ତମାନ ଏହି କ୍ଷୁଦ୍ର ଶିଳ୍ପର ସଂଖ୍ୟା ହେଲାଣି ୨୮,୦୦୦ ରୁ ଊର୍ଦ୍ଧ୍ୱ । ବୃହତ୍ ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ ପ୍ରାୟ ଶତକଡ଼ା ୬୫ ଭାଗ ଏବଂ କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଶତକଡ଼ା ୯୫ ଭାଗ ହେଉଛନ୍ତି ସ୍ଥାନୀୟ ଶିଳ୍ପୋଦ୍ୟୋଗୀ । ବହୁ ଯୁବ ଇଞ୍ଜିନିୟର, ବୈଷୟିକ ଜ୍ଞାନ ହାସଲ କରିଥିବା ବ୍ୟକ୍ତି ତଥା ମହିଳା ଶିଳ୍ପୋଦ୍ୟୋଗୀ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗେଇ ଆସୁଛନ୍ତି । କ୍ରମାଗତ ପ୍ରାୟ ୩ବର୍ଷ ଧରି ଓଡ଼ିଶା ସର୍ବଭାରତୀୟ ସ୍ତରରେ ଶିଳ୍ପକେନ୍ଦ୍ର ଦ୍ୱାରା କ୍ଷୁଦ୍ର ଶିଳ୍ପ ଏବଂ କୁଟୀର ଶିଳ୍ପ ସ୍ଥାପନ କରିବାରେ ପ୍ରଥମ ସ୍ଥାନ ଅଧିକାର କରିଛି । ହସ୍ତତନ୍ତ କାରିଗର ତଥା ଅନ୍ୟାନ୍ୟ କାରିଗରଙ୍କୁ ସହାୟକ ଦେବାରେ ଗଲା ୭ ବର୍ଷ ମଧ୍ୟରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ହୋଇ ପାରିଛି । ମୋଟ ମୋଟି ଓଡ଼ିଶାରେ ଶିଳ୍ପର ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ପାରିଛି । ୧୯୮୬ ନୂତନ ଶିଳ୍ପ ନୀତି ଏହି ଶିଳ୍ପ ବିକାଶକୁ ଆହୁରି ଆଗେଇ ନେବାରେ ସାହାଯ୍ୟ କରିଛି । ଏହି ଶିଳ୍ପ ନୀତିରେ ଉଚ୍ଚ ବୈଷୟିକ ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଶିଳ୍ପ ଇତ୍ୟାଦିକୁ ଗୁରୁତ୍ୱ ଦିଆ ଯାଇଛି ଏବଂ ଶିଳ୍ପ ବିକାଶ ପାଇଁ ଆବଶ୍ୟକ ହେଉଥିବା ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ତଥା ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି । ଗଲା ୭ ବର୍ଷର ଶିଳ୍ପ ବିକାଶ କୌଣସି ଏକ ନିର୍ଦ୍ଦିଷ୍ଟସୀମା ମଧ୍ୟରେ ସୀମାବଦ୍ଧ ରହିନାହିଁ ।



ଖଣି ଭିତ୍ତିକ, ଜଙ୍ଗଲ ଭିତ୍ତିକ, କୃଷି ଭିତ୍ତିକ ଶିଳ୍ପ, ଇଞ୍ଜିନିୟରିଂ ଶିଳ୍ପ, ରସାୟନ ଶିଳ୍ପ, ଇଲେକ୍ଟ୍ରୋନିକ୍ ଶିଳ୍ପ ଇତ୍ୟାଦି ସବୁ କ୍ଷେତ୍ରରେ ବହୁ ଶିଳ୍ପ ଗଢି ଉଠିଛି । ୨୫୦୦ କୋଟି ଟଙ୍କା ବ୍ୟୟରେ ନାଲ୍କୋ ପ୍ରକଳ୍ପ, ୪୦୦ କୋଟି ଟଙ୍କା ବ୍ୟୟରେ ପାରାଦ୍ୱୀପ ଫସଫେଟ୍ସ ପ୍ରକଳ୍ପ ଏବଂ ପ୍ରାୟ ୩୦୦ କୋଟି ଟଙ୍କା ବ୍ୟୟରେ ପର୍ଣ୍ଣାକାରେ ପ୍ରତିରକ୍ଷା ବିଭାଗର ପ୍ରକଳ୍ପ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରା ଯାଉଛି । ରାଜ୍ୟ ସରକାରଙ୍କ ସହାୟତା ଓ ପ୍ରୋତ୍ସାହନରେ ଦୁଇଟି ଫେରୋକ୍ରୋମ୍, ଦୁଇଟି ପିଗ ଆଇରନ୍ କାରଖାନା, ଅନେକ ଗୁଡ଼ିଏ କାଗଜ କାରଖାନା, ଢେଙ୍କାନାଳର ସିନ୍ଥେଟିକ୍ ଫାଇବର୍ ପ୍ରକଳ୍ପ, ନବରଙ୍ଗପୁରର ମିଡ଼ିୟମ୍ ଡେନ୍ସିଟି ଫାଇବର ବୋର୍ଡ ପ୍ରକଳ୍ପ, ପ୍ରାୟ ଦଶଟି ସୂତାକଳ, ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର ଷ୍ଟୁଡ଼ିଓ ଇତ୍ୟାଦି ବହୁ ଶିଳ୍ପ ପ୍ରତିଷ୍ଠା କରା ଯାଇଛି । ଏହାଛଡ଼ା ବାଲେଶ୍ୱରରେ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟାୟାର ଓ ଟିଉବ୍ କାରଖାନା, ଛତ୍ରପୁରରେ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟିଟାନିୟମ ଡାଇଅକ୍ସାଇଡ୍ କାରଖାନା, ଭୁବନେଶ୍ୱରରେ ଇଲେକ୍ଟ୍ରୋନିକ୍ ଏକ୍ସଚେଞ୍ଜ, କମ୍ପ୍ୟୁଟର, ତାର ବିହୀନ ଟେଲିଫୋନ୍ କାରଖାନା ଇତ୍ୟାଦି ଗଢି ଉଠୁଛି । ଗଲା ୭ ବର୍ଷ ମଧ୍ୟରେ ଓଡ଼ିଶାରେ ଏହିଭଳି ଏକ ଅଭୂତପୂର୍ବ ଶିଳ୍ପ ବିକାଶର ବାତାବରଣ ସୃଷ୍ଟି ହୋଇ ପାରିଛି ।

## ବୈଷୟିକ ଶିକ୍ଷା ଓ ତାଲିମ୍

ଶିଳ୍ପ ବିକାଶ ସହିତ ସହିତ ବୈଷୟିକ ଶିକ୍ଷା ଓ ତାଲିମ ପାଇଁ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆ ଯାଇଛି । ଆଗରୁ ଥିବା ଦୁଇଟି ଇଞ୍ଜିନିୟରିଂ କଲେଜର ଛାତ୍ର ସଂଖ୍ୟା ପ୍ରାୟ ଦୁଇ ଗୁଣ କରାଯାଇଛି ଏବଂ ଦୁଇଟି ନୂଆ ଇଞ୍ଜିନିୟରିଂ କଲେଜ ଖୋଲା ଯାଇଛି । ସେହିଭଳି ୩ଟି ନୂଆ ପଲିଟେକ୍ନିକ୍ ଓ ୨ଟି ଆଇ.ଟି.ଆଇ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଅଧିକାଂଶ ବୈଷୟିକ ଶିକ୍ଷା କେନ୍ଦ୍ରରେ ସମୟୋପଯୋଗୀ ନୂଆ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯାଇଛି ଯଥା ଇଲେକ୍ଟ୍ରୋନିକ୍, କମ୍ପ୍ୟୁଟର, ବୟନଶିଳ୍ପ ଇତ୍ୟାଦି । ଏ ସବୁ ବ୍ୟବସ୍ଥା ଦ୍ୱାରା ଶିଳ୍ପ ବିକାଶ ପାଇଁ ଆବଶ୍ୟକ ବୈଷୟିକ ତାଲିମପ୍ରାପ୍ତ ଲୋକଶକ୍ତି ସୃଷ୍ଟି କରାଯାଇ ପାରିଛି ।

ରାଜ୍ୟର ଶିଳ୍ପ ବିକାଶ ବ୍ୟାପକତର ହେବା ସଙ୍ଗେ ସଙ୍ଗେ ବିଦ୍ୟୁତ୍ଶକ୍ତିର ଚାହିଦା ବଢି ଚାଲିବ । କୃଷି, ବ୍ୟବସାୟ ବାଣିଜ୍ୟ ତଥା ବାସଗୃହମାନଙ୍କରେ ଅଧିକ ବିଦ୍ୟୁତ୍ଶକ୍ତି ଆବଶ୍ୟକ ହେବ । ବିଦ୍ୟୁତ୍ଶକ୍ତିର ଉତ୍ପାଦନ ବଢାଇବା ପାଇଁ ଅନେକଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ପ୍ରାୟ ସାତବର୍ଷ ତଳେ ରାଜ୍ୟରେ ୯୨୩ ମେଗାୱାଟ୍ ବିଦ୍ୟୁତ୍ଶକ୍ତି ଉତ୍ପାଦନ କରିବାର କ୍ଷମତା ଥିଲା, ୧୯୮୫-୮୬ ରେ ଏହି କ୍ଷମତା ୧,୨୩୪ ମେଗାୱାଟ୍କୁ ବୃଦ୍ଧି ପାଇଅଛି । ଏହା ସତ୍ତ୍ୱେ ଚାହିଦା ପୂର୍ଣ୍ଣ କରାଯାଇ ପାରୁନାହିଁ ଏବଂ ଆମକୁ ରାଜ୍ୟ ବାହାରୁ ବିଦ୍ୟୁତ୍ଶକ୍ତି ଆମଦାନୀ କରିବାକୁ ପଡୁଛି । ଆସନ୍ତା ଛଅ ସାତବର୍ଷ ମଧ୍ୟରେ ବିଦ୍ୟୁତ୍ଶକ୍ତିର ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ନହେଲେ ଶିଳ୍ପ ବିକାଶ ବ୍ୟାହତ ହେବ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଚାହିଦାର ଅଧିକାଂଶ ଅପୂରଣ ରହିଯିବ । ସେଥିପାଇଁ ତେଙ୍ଗାଲି ଓ ହୀରାକୁଦ ପ୍ରକଳ୍ପରୁ ଉତ୍ପାଦନ ବଢାଇବା ଏବଂ ଉପର କୋଲାବ୍ ଓ ଉପର ଇନ୍ଦ୍ରାବତୀ

ପ୍ରକଳ୍ପରୁ ଉତ୍ପାଦନ ଆରମ୍ଭ କରିବା ଯୋଜନା କାର୍ଯ୍ୟକାରୀ କରାଯାଉଛି । ତାଳଚେର ତାପଜ ବିଦ୍ୟୁତ୍‌କେନ୍ଦ୍ରର ଉତ୍ପାଦନ ବଢ଼ାଇବା ଓ ଝାରସୁଗୁଡା ନିକଟରେ ଏକ ନୂତନ ତାପଜ ବିଦ୍ୟୁତ କେନ୍ଦ୍ର ବସାଇବା ପାଇଁ ପଦକ୍ଷେପ ନିଆଯାଉଛି । ଭାରତ ସରକାରଙ୍କ ତରଫରୁ ତାଳଚେର ନିକଟରେ ଏକ ନୂତନ ୨୦୦୦ ମେଗାୱାଟ୍ ଶକ୍ତି ସଂପନ୍ନ ତାପଜ ବିଦ୍ୟୁତ୍‌କେନ୍ଦ୍ର ପ୍ରତିଷ୍ଠା କରାଯିବ । ଶିଳ୍ପୋଦ୍ୟୋଗୀଙ୍କୁ ନିଜ ନିଜର ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରିବାକୁ ପ୍ରୋତ୍ସାହନ ଦିଆଯାଉଛି ।

## ଦାରିଦ୍ର୍ୟ ଦୂରୀକରଣ


କୃଷି ଓ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ବଢ଼ାଇବାର ମୂଳ ଉଦ୍ଦେଶ୍ୟ ହେଉଛି ଓଡ଼ିଶାବାସୀଙ୍କର ସମୃଦ୍ଧି । ଓଡ଼ିଶାବାସୀଙ୍କ ଦାରିଦ୍ର୍ୟର ବ୍ୟାପକତା ଓ ଉତ୍କଟତା ସମସ୍ତେ ଜାଣନ୍ତି । ୧୯୭୭-୭୮ ରେ ସାରା ଭାରତରେ ଗ୍ରାମାଞ୍ଚଳ ପରିବାରଙ୍କ ମଧ୍ୟରୁ ଶତକଡ଼ା ପ୍ରାୟ ୫୧ ଭାଗ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସ୍ଥଳେ ଓଡ଼ିଶାରେ ସେହି ଅନୁପାତ ଥିଲା ଶତକଡ଼ା ୬୮ ଭାଗ । ଅନ୍ୟାନ୍ୟ ରାଜ୍ୟଙ୍କ ତୁଳନାରେ ଏ ଅନୁପାତ ଥିଲା ସର୍ବାଧିକ । ଦରିଦ୍ରତମ ଲୋକଙ୍କ ଆୟ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଯୋଜନା ନକଲେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ନୁହେଁ, ଏ ସିଦ୍ଧାନ୍ତରେ ଉପନୀତ ହୋଇ କେନ୍ଦ୍ର ସରକାର କେତୋଟି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି । ସେ ଯୋଜନାଗୁଡ଼ିକ ବାବଦରେ ବ୍ୟୟର ଅର୍ଦ୍ଧେକ ରାଜ୍ୟସରକାରମାନେ ବହନ କରନ୍ତି । ଏପରି ଯୋଜନାଗୁଡ଼ିକ ମଧ୍ୟରେ ସମନ୍ୱିତ ଗ୍ରାମ୍ୟବିକାଶ ଯୋଜନା ବା ଆଇ.ଆର.ଡ଼ି.ପି. ସର୍ବପ୍ରଥମ । ଏଥିରେ ଦରିଦ୍ର ଲୋକଙ୍କୁ ଚିହ୍ନୋଟ କରି ତାଙ୍କର ରୋଜଗାର ବଢ଼ାଇବା ପାଇଁ ପନ୍ଥା ନିରୂପଣ କରାଯାଏ ଓ ତାଙ୍କୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ଅର୍ଥର କେତେକାଂଶ ଅନୁଦାନ ବା ସବ୍‌ସିଡ୍ ଆକାରରେ ଓ ଅବଶିଷ୍ଟାଂଶ ଋଣ ଆକାରରେ ଦିଆଯାଏ । ଷଷ୍ଠ ଯୋଜନା କାଳ ମଧ୍ୟରେ ୯,୨୧,୪୩୧ ପରିବାରଙ୍କୁ ସାହାଯ୍ୟ ଦିଆଯାଇଥିଲା । ବିଗତ ଦୁଇବର୍ଷ ମଧ୍ୟରେ ଆହୁରି



୨,୯୮,୧୭୫ ପରିବାରଙ୍କୁ ସାହାଯ୍ୟ ଦିଆଯାଇଛି । ଷଷ୍ଠ ଯୋଜ[...] କାଳରେ ତଥା ବିଗତ ଦୁଇବର୍ଷ ମଧ୍ୟରେ ସାହାଯ୍ୟପ୍ରାପ୍ତ ପରିବାର[...] ମଧ୍ୟରୁ ଶତକଡ଼ା ପ୍ରାୟ ୪୬ ଭାଗ ଆଦିବାସୀ ଓ ହରିଜନ ଗୋଷ୍ଠୀର[...] ସାହାଯ୍ୟ ବିତରଣରେ ଏମାନଙ୍କୁ ତଥା ସମାଜର ଦରିଦ୍ରତମ ପରିବାର[...] ଅଗ୍ରାଧିକାର ଦିଆଯାଇଛି । ଭାରତ ସରକାରଙ୍କ ଦ୍ୱାରା କରାଯାଉଥି[...] ଏକ ମୂଲ୍ୟାୟନରୁ ଜଣା ପଡ଼ିଛି ଯେ ଦେଶରେ ସମସ୍ତ ସହାୟ୍ୟପ୍ରା[...] ପରିବାରଙ୍କ ଭିତରୁ ଶତକଡ଼ା ୫୮ ଭାଗ ଦରିଦ୍ରତମ ଶ୍ରେଣୀର (ଅର୍ଥ[...] ଯେଉଁମାନଙ୍କର ବାର୍ଷିକ ଆୟ ୨୨୬୫ ଟଙ୍କାରୁ କମ୍) ହୋଇଥିବା ସ୍ଥ[...] ଓଡ଼ିଶାରେ ସେମାନଙ୍କର ଅନୁପାତ ଥିଲା ଶତକଡ଼ା ୭୨ ଅଂଶ[...] ଆଇ.ଆର.ଡ଼ି.ପି. ର ହିତାଧିକାରୀଙ୍କ ସଂଖ୍ୟା ବଢ଼ାଇବାରାଜ୍ୟ ସରକାର[...] ଏକମାତ୍ର ଉଦ୍ଦେଶ୍ୟ ନୁହେଁ, ଯେଉଁମାନଙ୍କର ଦାରିଦ୍ର୍ୟ ଅତ୍ୟନ୍ତ ଉତ୍କ[...] ସେମାନଙ୍କୁ ପ୍ରଥମେ ସାହାଯ୍ୟ ଯୋଗାଇ ଦେଇ ତାଙ୍କୁ ଅନାହାରରୁ[...] ଅର୍ଦ୍ଧାହାରରୁ ନିଷ୍କୃତି ଦେବା ସରକାରଙ୍କ ସର୍ବପ୍ରଧାନ ଉଦ୍ଦେଶ୍ୟ ।

ଏହି ଅଭିମୁଖ୍ୟର ବଳିଷ୍ଠ ପରିପ୍ରକାଶ ଘଟିଛି ଇ.ଅ[...] ଆର୍.ପି.ଯୋଜନାରେ । ଏହା ଓଡ଼ିଶାର ନିଜସ୍ୱ ଯୋଜନା । ଏଥି[...] ପ୍ରତ୍ୟେକ ଗ୍ରାମର ଦରିଦ୍ରତମ ପରିବାରଙ୍କୁ ଚିହ୍ନୋଟ କରାଯ[...] ସାହାଯ୍ୟ ପ୍ରଦାନ କରାଯାଏ । ସମୁଦାୟ ସାହାଯ୍ୟର ଅଧିକାଂଶ [...] ଅନୁଦାନ ବା ଋଣମୁକ୍ତ, ସ୍ଥଳ ବିଶେଷରେ ଋଣ ଆଦୌ ନ ଦେଇ ସାହ[...] ପୁରାପୁରି ଅନୁଦାନ ଭାବରେ ଦିଆଯାଏ । ବିଗତ ସାତବର୍ଷ ମଧ୍ୟ[...] ପ୍ରାୟ ୫,୧୩,୫୦୦ ପରିବାର ଏହି ଯୋଜନା ଦ୍ୱାରା ଉପ[...] ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଶତକଡ଼ା ୬୦ ଭାଗ ହରିଜ[...] ଆଦିବାସୀ ସମ୍ପ୍ରଦାୟର ।

ଗ୍ରାମାଞ୍ଚଳରେ ଅନେକ ପରିବାର ମୂଲ ଲାଗି ପେଟ ପୋଷନ୍ତି । [...] ନ ଥିଲେ ସେମାନଙ୍କର ରୋଜଗାର ବନ୍ଦ ହୋଇଯାଏ । ଅନେକ ଦିନ[...] କାମ ନ ମିଳିଲେ ସେମାନଙ୍କର ଅବସ୍ଥା ଶୋଚନୀୟ ହୋଇପ[...] ଅଧିକାଂଶ ଭାଗ ଜମିରେ ଜଳସେଚନର ସୁବିଧା ନଥିବାରୁ ଶାରଦ ଫ[...] ଅମଳ ହେବା ପରେ ଅନେକ ମଜୁରିଆ ପରିବାର କାମ ପାଇ ପାରନ୍ତି[...] ଓ ତାଙ୍କର ଅବସ୍ଥା ଅତି ଦୁଃସ୍ଥ ହୋଇପଡ଼େ । ଏ ପରିସ୍ଥିତି ସୁଧାରିବା[...] ଭାରତ ସରକାରଙ୍କ ସହାୟତାରେ ରାଜ୍ୟ ସରକାର ଗ୍ରାମାଞ୍ଚ[...] କର୍ମସଂସ୍ଥାନ ବଢ଼ାଇବା ପାଇଁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । [...] ଯୋଜନାରେ ରାସ୍ତା, ବିଦ୍ୟାଳୟ ନିର୍ମାଣ, ନୂଆ କ୍ଷୁଦ୍ର ଜଳସେଚନ [...] କାର୍ଯ୍ୟକାରୀ କରିବା ତଥା ଆଗରୁ ଥିବା ପ୍ରକଳ୍ପଗୁଡ଼ିକର ପୁନ[...] କରିବା, ବନୀକରଣ, ଆଦିବାସୀ ଓ ହରିଜନ ପରିବାରଙ୍କ ପାଇଁ ବ[...] ନିର୍ମାଣ ଇତ୍ୟାଦି କାର୍ଯ୍ୟକ୍ରମ ପାଇଁ ସମ୍ବଳ ଯୋଗାଇ ଦିଆଯ[...] ପରିମାଣରେ ଗାଁଗହଳର ମଜୁରିଆମାନଙ୍କୁ ଅଧିକ କାମ ଯେ[...] ଦିଆଯାଇ ପାରୁଛି ତଥା ଲୋକଙ୍କର ଅତ୍ୟାବଶ୍ୟକୀୟ ସୁବିଧା ଅ[...] ପରିମାଣରେ ପୂରଣ କରାଯାଇପାରୁଛି । ଉଦାହରଣ ସ୍ୱରୂପ, [...] ଦୁଇବର୍ଷ ମଧ୍ୟରେ ପ୍ରାୟ ୫,୫୦୦ ପ୍ରାଥମିକ ବିଦ୍ୟାଳୟ ଗୃହ[...] ପାଇଁ ବ୍ୟବସ୍ଥା କରାଯାଇ ପାରିଛି । ଷଷ୍ଠ ଯୋଜନା କାଳ ମଧ୍ୟ[...] ଯୋଜନା ବାବଦରେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟ କରାଯାଇ[...] ପ୍ରାୟ ୭ କୋଟି ୧୮ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଥିଲା । [...] ଦୁଇବର୍ଷରେ ଏ ବାବଦରେ ପ୍ରାୟ ୯୨ କୋଟି ଟଙ୍କା [...] କରାଯାଇଛି । ଶାରଦ ଫସଲ ଅମଳ ପରେ ମଜୁରୀ ହାର [...] ଯେପରି ହଠାତ୍ କମି ଯାଉଥିଲା, ଉପରୋକ୍ତ କାର୍ଯ୍ୟକ୍ରମରେ ଅ[...] ଦେୟ ସର୍ବନିମ୍ନ ମଜୁରୀ ଦିଆଯାଉଥିବାରୁ ତାହା ଅନେକାଂଶରେ [...] କରାଯାଇପାରିଛି ।



ବେଳେବେଳେ ଶୁଣିବାକୁ ମିଳେ ଯେ ଏସବୁ ଯୋଜନାରେ ପ୍ରଭୁତ ଅର୍ଥ ବ୍ୟୟ କରାଯାଇଥିଲେ ହେଁ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରୁଥିବା ପରିବାରର ସଂଖ୍ୟା ଖୁବ୍ କମ୍ । ଆଗରୁ ଦର୍ଶାଯାଇଛି ଯେ ୧୯୭୭-୭୮ ରେ ଓଡ଼ିଶାର ଗ୍ରାମୀଣ ପରିବାରଙ୍କ ମଧ୍ୟରୁ ଶତକଡା ୬୮ ଭାଗ ଦାରିଦ୍ର୍ୟ ପ୍ରପୀଡ଼ିତ ଥିଲେ । ଜାତୀୟ ନମୁନା ସର୍ଭେର ୩୮ ତମ ପର୍ଯ୍ୟାୟରେ ସଂଗୃହୀତ ତଥ୍ୟ ଅନୁଯାୟୀ ୧୯୮୩-୮୪ ରେ ସେମାନଙ୍କ ଅନୁପାତ ଶତକଡା ୪୪.୭୬ ଭାଗକୁ କମିଆସିଥିଲା । ୧୯୭୭-୭୮ ରେ ଓଡ଼ିଶାରେ ଦରିଦ୍ର ପରିବାରଙ୍କ ଅନୁପାତ ସମଗ୍ର ଦେଶରେ ସର୍ବାଧିକ ଥିଲା, କିନ୍ତୁ ୧୯୮୩-୮୪ ରେ ସେ ଅନୁପାତ ତିନୋଟି ଅନ୍ୟାନ୍ୟ ରାଜ୍ୟଙ୍କ ତୁଳନାରେ କମ୍ଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାରା ଦେଶରେ ଏହି ସମୟରେ ଦରିଦ୍ର ପରିବାରଙ୍କ ଅନୁପାତ ଶତକଡା ୨୧.୧ ଭାଗ କମିଥିବା ସ୍ଥଳେ ଓଡ଼ିଶାରେ ସେହି ଅନୁପାତ ଶତକଡା ୩୪.୧ ଭାଗ କମିଥିଲା । କେବଳ ଗୁଜରାଟ କେରଳ ଓ ହରିଆନାକୁ ଛାଡ଼ିଦେଲେ ଓଡ଼ିଶାରେ ଦାରିଦ୍ର୍ୟ ଦ୍ରୁତତମ ଗତିରେ ହ୍ରାସ ପାଇଥିଲା । ଯେଉଁମାନେ ନିରୂପିତ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରିପାରି ନାହାନ୍ତି, ସେମାନଙ୍କର ରୋଜଗାର ମଧ୍ୟ ବଢ଼ିଛି ଓ ସେମାନଙ୍କର ଜୀବନ ନିର୍ବାହ ଆଗ ଅପେକ୍ଷା ଅଧିକ ସ୍ୱଚ୍ଛନ୍ଦ ହୋଇଛି ।

## ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ

କିନ୍ତୁ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଦ୍ୟମ ସଙ୍ଗେ ସଙ୍ଗେ ଲୋକଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅନୁରୂପ ଅଭିବୃଦ୍ଧି ନ ଘଟିଲେ ସମାଜର ସର୍ବାଙ୍ଗୀନ ଉନ୍ନତି ହୋଇ ପାରିବ ନାହିଁ; ଏପରିକି କାଳକ୍ରମେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ବନ୍ଦ ହୋଇଯିବ । ଗତ ଚାରିଦଶନ୍ଧି ମଧ୍ୟରେ ଶିକ୍ଷାକ୍ଷେତ୍ରରେ ଘଟିଥିବା ସଂପୂର୍ଣ୍ଣ ଚିତ୍ରଟିଏ ଦେବା ବସିଲେ ବହୁତ କଥା କହିବାକୁ ପଡ଼ିବ, ସମାଜର ମୁଖ୍ୟ ସ୍ପୃହା— ଅର୍ଥାତ୍ ଅଧିକରୁ ଅଧିକ ବାଳକ ବାଳିକା ନିରକ୍ଷର ନରହି ଏକ ନ୍ୟୁନତମ ପର୍ଯ୍ୟାୟ ଯାଏଁ ଶିକ୍ଷା ଲାଭ କରନ୍ତୁ— କେତେଦୂର ପୂରଣ କରାଯାଇପାରିଛି ତାର ସଂକ୍ଷିପ୍ତ ସୂଚନା ଦେବା ଛଡ଼ା ଏ ପ୍ରବନ୍ଧରେ ଅଧିକା କିଛି କହିବା ସହଜସାଧ୍ୟ ନୁହେଁ । ସମାଜରେ ଅଧିକାଂଶ ଲୋକଙ୍କର ଏକ ନ୍ୟୁନତମ ଶିକ୍ଷା ନଥିଲେ ସେମାନେ ପରିବର୍ତ୍ତନର ପ୍ରୟୋଜନ ହୃଦୟଙ୍ଗମ କରି ପାରିବେ ନାହିଁ ବା ପରିବର୍ତ୍ତନର ପ୍ରଣାଳୀରେ ସାମିଲ୍ ହେବାର ବିଗ୍ୟାନଭିତ୍ତି ପ୍ରୟୋଗବିଧିରେ ଦକ୍ଷତା ଅର୍ଜନ କରିପାରିବେ ନାହିଁ । ଆଜିର ସମାଜରେ ପରିବର୍ତ୍ତନର ଗତି ଆଗ ଅପେକ୍ଷା ବହୁତ ଦ୍ରୁତତର । କୋଡ଼ିଏ ବର୍ଷ ତଳେ ଯେଉଁ ଜ୍ଞାନ ବା ପ୍ରୟୋଗବିଧି ଅତ୍ୟାଧୁନିକ ବିବେଚିତ ହେଉଥିଲା, କୋଡ଼ିଏ ବର୍ଷପରେ ତାହା ପୁରୁଣା ହୋଇ ପଡୁଛି ଏବଂ ତା ସ୍ଥାନରେ ନୂତନ ଜ୍ଞାନ, ନୂତନ କାରିଗରି କୌଶଳ ପ୍ରତିଷ୍ଠିତ ହେଉଛି । ଯେଉଁ ସମାଜରେ ପରିବର୍ତ୍ତନ ଅପେକ୍ଷାକୃତ ମନ୍ଥର ସେ ସମାଜ ଅନଗ୍ରସର ରହିବା ଅବଶ୍ୟମ୍ଭାବୀ । ଅତୀତରେ ପରିବର୍ତ୍ତନ ଏତେ ଦ୍ରୁତଗତିରେ ଘଟୁନଥିଲା, ଯାହା ବା ଘଟୁଥିଲା ତାହା ମୁଷ୍ଟିମେୟ ଶିକ୍ଷିତ ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିବା ଫଳରେ ଜନସାଧାରଣ ତାର ସୁବିଧାରୁ ବଞ୍ଚିତ ହେଉଥିଲେ । ଜନସାଧାରଣଙ୍କୁ ପରିବର୍ତ୍ତନର ପ୍ରକ୍ରିୟା ସହିତ ଘନିଷ୍ଠଭାବେ ସଂଶ୍ଲିଷ୍ଟ କରିବାକୁ ହେଲେ ସମାଜରୁ ବ୍ୟାପକ ନିରକ୍ଷରତା ଦୂର କରି ଶିକ୍ଷାଦାନର ସୁବିଧା ସହଜଲବ୍ଧ କରିବାକୁ ହେବ । ୧୯୮୧ ମସିହାର ଜନଗଣନା ଅନୁଯାୟୀ ସାରା ଦେଶରେ ମାତ୍ର ଶତକଡା ୩୬ ଭାଗ ଲୋକ ସାକ୍ଷର ଥିଲେ, କିନ୍ତୁ ଓଡ଼ିଶାରେ ସାକ୍ଷରଙ୍କ ସଂଖ୍ୟା ଥିଲା ଶତକଡା ୩୪ ଭାଗ । ସାକ୍ଷର ମହିଳାମାନଙ୍କ ଅନୁପାତ ସାକ୍ଷର ପୁରୁଷଙ୍କ ତୁଳନାରେ ଅତ୍ୟନ୍ତ ନଗଣ୍ୟ ଥିଲା । ଏହାର ପ୍ରତିକାର ପାଇଁ କରାଯାଉଥିବା ନାନାଦି ବ୍ୟବସ୍ଥା ମଧ୍ୟରେ ପ୍ରାଥମିକ ବିଦ୍ୟାଳୟମାନଙ୍କ ସଂଖ୍ୟା ତଥା ବିଦ୍ୟାଳୟରେ ନାଁ ଲେଖାଉଥିବା ବାଳକବାଳିକାଙ୍କ ସଂଖ୍ୟା ବଢ଼ାଇବା ପାଇଁ ଉଦ୍ୟମ ସର୍ବପ୍ରଧାନ । ୧୯୭୯-୮୦ରେ ରାଜ୍ୟର ୩୨,୬୦୩ ପ୍ରାଥମିକ ବିଦ୍ୟାଳୟରେ ୨୬,୮୦,୦୦୦ ବାଳକବାଳିକା ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଅଧ୍ୟୟନ କରୁଥିଲେ । ଡିସେମ୍ବର ୧୯୮୬ ସୁଦ୍ଧା ଅତିରିକ୍ତ ପ୍ରାୟ ୬,୦୦୦ ସ୍କୁଲ ସ୍ଥାପିତ ହୋଇଥିଲା ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୩,୬୦,୦୦୦କୁ ବୃଦ୍ଧି ପାଇଥିଲା । ଏହି ସମୟରେ ନିମ୍ନ ମାଧ୍ୟମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟଙ୍କ ସଂଖ୍ୟା ଯଥାକ୍ରମେ ୨,୭୩୮ ଓ



୧,୫୨୧ ରହିଥିଲା । ଡ଼ିସେମ୍ବର ୧୯୮୬ ରେ୧୯୭୯-୮୦ ତୁଳନାରେ ନିମ୍ନ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ୨,୬୭,୦୦୦ ଓ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ୫,୮୧,୭୦୦ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ଶିକ୍ଷାବାବଦରେ ଖର୍ଚ୍ଚ ୯୧ କୋଟି ୫୮ ଲକ୍ଷ ଟଙ୍କାରୁ ୨୩୭ କୋଟି ୩୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିଲା । ଭାରତର ଅନ୍ୟାନ୍ୟ ରାଜ୍ୟଙ୍କ ସମକକ୍ଷ ହେବା ପାଇଁ ଯେଉଁ ଉଦ୍ୟମ ଆବଶ୍ୟକ ତାହା ଅନୁଷ୍ଠିତ ଭାବେ ଗ୍ରହଣ କରାଯାଇଛି ।

ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ଅଧିକ ସଂଖ୍ୟକ ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ନିଯୁକ୍ତି ଦେବା ତଥା ଡାକ୍ତରଖାନାମାନଙ୍କରେ ଶଯ୍ୟାସଂଖ୍ୟା ବଢାଇବା ସଙ୍ଗେ ସଙ୍ଗେ କୁଷ୍ଠରୋଗ ପରି ବ୍ୟାଧିର ନିରାକରଣ ଉପରେ ଓ ଶିଶୁମାନଙ୍କୁ ପୋଲିଓ, ଡ଼ିପ୍‌ଥେରିଆ, ହୁପିଙ୍ଗ କାଶ, ଟିଟାନସ୍, ଯକ୍ଷ୍ମା ଓ ମିଳିମିଳାର ପ୍ରତିଷେଧକ ଟୀକା ଦିଆଯିବା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଗଞ୍ଜାମ, କଟକ ଓ ପୁରୀ ଜିଲ୍ଲାରେ କୁଷ୍ଠ ରୋଗର ଆରୋଗ୍ୟ ପାଇଁ ସର୍ବାଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି ଓ ନିକଟ ଭବିଷ୍ୟତରେ ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାରେ ତାହା କରାଯିବ । ସାର୍ବଜନୀନ ପ୍ରତିଷେଧ ଟୀକା କାର୍ଯ୍ୟକ୍ରମରେ ୧୯୮୬-୮୭ ରେ ଏକବର୍ଷରୁ କମ୍ ଶିଶୁଙ୍କ ମଧ୍ୟରୁ ଶତକଡା ପାଖ ୬୦ ଭାଗକୁ ପୋଲିଓ, ଡ଼ିପ୍‌ଥେରିଆ, ହୁପିଙ୍ଗ୍ କାଶ, ଟିଟାନସ୍ ଓ ଯକ୍ଷ୍ମା ପ୍ରତିଷେଧକ ବ୍ୟବସ୍ଥାରେ ପରଷ୍ଟୁତ କରାଯାଇ ପାରିଥିଲା ଏବଂ ପରେ ପରେ ଶତକଡ଼ା ୭୫ ଭାଗରୁ ୮୦ ଭାଗ ଶିଶୁଙ୍କୁ ଏସବୁ ରୋଗରୁ ସୁରକ୍ଷିତ ରଖିବାର ଲକ୍ଷ୍ୟଗ୍ରହଣ କରାଯାଇଛି । ଗର୍ଭବତୀ ମହିଳାଙ୍କ ମଧ୍ୟରୁ ଶତକଡା ପ୍ରାୟ ୪୮ ଭାଗକୁ ଟିଟାନସ୍ ଟକ୍‌ସାଇଡ୍ ଇଞ୍ଜେକ୍‌ସନ ଦିଆଯାଇ ପ୍ରସବ ସମୟରେ ମାରାତ୍ମକ ଟିଟାନସ୍ ରୋଗରୁ ରକ୍ଷା କରାଯାଇପାରୁଛି । ଯେଉଁ ଅବଶିଷ୍ଟ ଗର୍ଭବତୀ ମହିଳା ଏସୁଯୋଗ ପାଇ ପାରୁନାହାନ୍ତି ତାଙ୍କୁ ତାହା ପରିଚର୍ଯ୍ୟା ଯୋଗାଇବାର ଯୋଜନା କରାଯାଉଛି ।

## ପାନୀୟ ଜଳ ଯୋଗାଣ

ଗ୍ରାମାଞ୍ଚଳରେ ପାନୀୟ ଜଳର ଅଭାବ କିମ୍ବା ଦୂଷିତ ପାନୀୟ ଜଳ ଯୋଗୁଁ ଲୋକମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୁଅନ୍ତି । ତେଣୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଷଷ୍ଠ ଯୋଜନାରେ ଜଳକ୍ଳିଷ୍ଟ ଗ୍ରାମମାନଙ୍କରେ ଜଳ ଯୋଗାଇ ଦେବାର ଏକ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ଏହା ପୂର୍ବରୁ କେବଳ ୩୪୬୧ଟି ଜଳକ୍ଳିଷ୍ଟ ଗ୍ରାମରେ ୧୧୮୪୬ ଟି ନଳକୂପ ବସାଯାଇଥିବା ଭଳେ, ଷଷ୍ଠ ଯୋଜନା କାଳରେ ଏହାର ସଙ୍ଖ୍ୟା ବିସ୍ତାର କରାଯାଇ ୨୨୩୫୭ ଟି ଗ୍ରାମରେ ୬୪୩୦୩ ଟି ନଳକୂପ ବସାଗଲା । ଏପରି ଭାବେ, ଯୋଜନାକାଳ ଶେଷ ସୁଦ୍ଧା ୨୫୮୧୮ଟି ଜଳକ୍ଳିଷ୍ଟ ଗ୍ରାମରେ ୭୬୧୪୯ ଟି ନଳକୂପ ବସାଯାଇ ପାରିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପାନୀୟ ଜଳଯୋଗାଣରୁ ବିକାଶ ପାଇଁ ଭାରତ ସରକାର ୧୯୮୩-୮୪ ଏବଂ ୧୯୮୪-୮୫ ମସିହାରେ ରାଜ୍ୟମାନଙ୍କୁ ଏକ ପ୍ରୋତ୍ସାହନ ଅନୁଦାନ (Incentive Award) ଦେଉଥିଲେ ଏବଂ ଏହି ଦୁଇ ବର୍ଷରେ ଓଡ଼ିଶାରେ ଜଳଯୋଗାଣ ଆର୍ଥିକୀୟ ସଫଳତା ଦୃଷ୍ଟେ ଭାରତ ସରକାର ରାଜ୍ୟକୁ ଯଥାକ୍ରମେ ୪ କୋଟି ୫୦ ଲକ୍ଷ ଟଙ୍କା ଓ ୪ କୋଟି ଟଙ୍କା ଅନୁଦାନ ଦେଇଥିଲେ । ସପ୍ତମ ଯୋଜନାରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ଅବଶିଷ୍ଟ ଜଳକ୍ଳିଷ୍ଟ ଗ୍ରାମ ମାନଙ୍କରେ ପାନୀୟ ଜଳର ଅସୁବିଧା ସମ୍ପୂର୍ଣ୍ଣଭାବେ ଦୂ[...] କରାଯିବା ଲକ୍ଷ୍ୟ ରହିଛି । ବିଗତ ଦୁଇବର୍ଷ ମଧ୍ୟରେ ୬୫୦୯ ଟି [...] ଗ୍ରାମରେ ୧୩୯୭୫ଟି ନଳକୂପ ବସାଯାଇଛି ।

## ଅନାଥ, ଅକ୍ଷମଙ୍କ ପାଇଁ

ଅନାଥ ଶିଶୁମାନଙ୍କ ଲାଳନପାଳନ ପାଇଁ ତଥା ଶାରୀରି[...] ଅକ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ କଲ୍ୟାଣବିଧାନ ପାଇଁ ଅନେକ ନୂତନ ବ୍ୟବ[...] କରାଯାଇଛି । ଅନାଥାଶ୍ରମରେ ଅନ୍ତେବାସୀଙ୍କ ସଂଖ୍ୟା ଯେ ବଢି[...] କେବଳ ତାହା ନୁହେଁ, ସେମାନଙ୍କର ଖାଦ୍ୟପେୟ ତଥା ଅନ୍ୟାନ୍ୟ ଖ[...] ତୁଲାଇବା ପାଇଁ ଆଗରୁ ଦିଆଯାଉଥିବା ଅନୁଦାନ ଯଥେଷ୍ଟ ପରିମାଣରେ ବଢ଼ାଇ ଦିଆଯାଇଛି । ଦଶହଜାର ବିକଳାଙ୍ଗ ବ୍ୟକ୍ତିଙ୍କୁ ମାସିକ ଭ[...] ଦିଆଯାଉଛି । ସବୁଠାରୁ ଉଲ୍ଲେଖନୀୟ ପଦକ୍ଷେପ ହେଉଛି ଦୃଷ୍ଟିହୀନ [...] ବଧିର ବାଳକବାଳିକାଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥାର ବିସ୍ତାର[...] ୧୯୮୦-୮୧ ରେ ସେମାନଙ୍କ ପାଇଁ ସର୍ବମୋଟ ୫ଟି ବିଦ୍ୟାଳ[...] ଥିବାସ୍ଥଳେ ୧୯୮୬-୮୭ ସୁଦ୍ଧା ବିଦ୍ୟାଳୟ ସଂଖ୍ୟା ୨[...] ହୋଇପାରିଛି । ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ଖର୍ଚ୍ଚ ତୁଲାଇବା ପାଇଁ ଦର[...] ପରିମାଣ ଆଗ ଅପେକ୍ଷା ଯଥେଷ୍ଟ ବଢ଼ାଇ ଦିଆଯାଇଛି । ଦରିଦ୍ର ବ୍ୟକ୍ତି[...] ବିନା ମୂଲ୍ୟରେ ଶ୍ରବଣଯନ୍ତ୍ର, ତିନିଚକିଆ ଗାଡ଼ି ଇତ୍ୟାଦି ଯୋଗ[...] ଦିଆଯାଉଛି ଓ ସ୍ୱାବଲମ୍ବୀ ହେବା ପାଇଁ ଆର୍ଥିକ ସାହାଯ୍ୟ ଦିଆଯାଉଛି ।


ଉପରୋକ୍ତ ବିବରଣୀ ପୂର୍ଣ୍ଣାଙ୍ଗ ନୁହେଁ; ଅବହେଳ ଓ ଅନଗ୍ରସରତ[...] ମୁକ୍ତି ପାଇବାପାଇଁ କରାଯାଉଥିବା ଉଦ୍ୟମର କେତୋଟି ଦିଗ ପ୍ରତି [...] ଆକର୍ଷଣ କରିବା ଏହି ବିବରଣୀର ମୂଳ ଉଦ୍ଦେଶ୍ୟ । ଗୋଟିଏ ଦୃ[...] ଦେଖିଲେ କାଳ ସ୍ରୋତରେ ସାତ ବର୍ଷ ଅତି ନଗଣ୍ୟ ଅଂଶଟିଏ, [...] ଅନ୍ୟ ଦୃଷ୍ଟିରୁ ଦେଖିଲେ ସମାଜର ସମୃଦ୍ଧିପାଇଁ ଓ ଅତୀତର ଦୁର୍ଦ୍ଦଶାରୁ [...] ପାଇଁ ଅନନ୍ତକାଳର କ୍ଷୁଦ୍ରାତିକ୍ଷୁଦ୍ର ଅଂଶରେ କରାଯାଇଥିବା ପ୍ରଚେ[...] ଉଦ୍ୟମ ତାତ୍ପର୍ଯ୍ୟପୂର୍ଣ୍ଣ । ଗଲା ସାତ ବର୍ଷ ମଧ୍ୟରେ ଅନେକ ବାଧା[...] ସତ୍ତ୍ୱେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ବହୁମୁଖୀ ପ୍ରଚେଷ୍ଟା କରାଯା[...] ଏହି ପ୍ରଚେଷ୍ଟା ଫଳରେ ଅନେକ କ୍ଷେତ୍ରରେ ଅଭୂତପୂର୍ବ ସାଫଲ୍ୟ ମ[...] ମିଳିଛି । ଏହି ସାଫଲ୍ୟର ଭିତ୍ତି ଉପରେ ଠିଆ ହୋଇ ଲାଗୁଛି, ପୂ[...] ହୀନମନ୍ୟତା ଓ ନୈରାଶ୍ୟ ଦୂରେଇ ଯାଉଛି, ଆଗକୁ ବିଶ୍ୱ[...] ପ୍ରତ୍ୟେକ ଲକ୍ଷ୍ୟ ହାସଲ କରିପାରିବାର ଆତ୍ମପ୍ରତ୍ୟୟ ଆସୁଛି [...] ଦାରିଦ୍ର୍ୟ ଆମର ଭାଗ୍ୟଲିପି ନୁହେଁ ବୋଲି ଏକ ସ୍ପଷ୍ଟ ଧାରଣା [...] ଭିତରେ କ୍ରମଶଃ ବଳବତ୍ତର ହେଉଛି । ଯେଉଁ ସମାଜ ଧୀରେ ଧ[...] ଗଢ଼ି ଉଠୁଛି, ସମୃଦ୍ଧି ଓ ସ୍ୱାଭିମାନ ଦୃଷ୍ଟିରୁ ବିବେଚନା କଲେ [...] ପୂର୍ବର ସମାଜଠାରୁ ପୃଥକ ଓ ଶ୍ରେୟସ୍କର ।

ମୁଖ୍ୟ ସଚିବ, ଓଡ଼ିଶା ସଚିବାଳୟ



# ବିଂଶସୂତ୍ରୀ
# କାର୍ଯ୍ୟକ୍ରମ-୧୯୮୬

1 ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ।
2 ବର୍ଷା ଜଳ ଉପରେ ନିର୍ଭରଶୀଳ ଜମିରେ କୃଷିବାସ ଲାଗି ପଦକ୍ଷେପ ।
3 ଜଳସେଚନ ପାଇଁ ମିଳୁଥିବା ଜଳର ଅଧିକ ଉପଯୋଗ ।
4 ଅଧିକ ଅମଳ ।
5 ଭୂ–ସଂସ୍କାର ଆଇନକୁ ଲାଗୁ କରାଯିବ ।
6 ଗ୍ରାମାଞ୍ଚଳର ଶ୍ରମିକମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।
7 ପରିଷ୍କାର ପାନୀୟ ଜଳ ।
8 ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ।
9 ଦୁଇଟି ସନ୍ତାନ ବିଶିଷ୍ଟ ପରିବାର ଉପରେ ଗୁରୁତ୍ୱ ପ୍ରଦାନ ।
10 ଶିକ୍ଷାର ସଂପ୍ରସାରଣ ।
11 ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟର ଲୋକମାନଙ୍କ ପାଇଁ ନ୍ୟାୟ ପ୍ରଦାନ ।
12 ମହିଳାମାନଙ୍କୁ ସାମ୍ୟ ପ୍ରଦାନ ।
13 ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ।
14 ଜନସାଧାରଣଙ୍କ ପାଇଁ ଗୃହ ଯୋଗାଣ ।
15 ବସ୍ତି ଉନ୍ନୟନ ।
16 ଜଙ୍ଗଲ ନିମନ୍ତେ ନୂତନ କୌଶଳ ।
17 ପରିବେଶ ସୁରକ୍ଷା ।
18 ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ।
19 ଗ୍ରାମାଞ୍ଚଳକୁ ଶକ୍ତି ଯୋଗାଣ ।
20 ଲୋକଙ୍କ ଆଶା ଆକାଂକ୍ଷା ପୂରଣ କଲାଭଳି ପ୍ରଶାସନ ।




ପବିତ୍ର ରଥଯାତ୍ରା ଉପଲକ୍ଷେ

# ପୌର ସଂସ୍ଥା

ପକ୍ଷରୁ

## ଆପଣମାନଙ୍କ ସେବାରେ

### ବିଗତ ଏକବର୍ଷ ଲୋକ ପ୍ରତିନିଧି ଶାସନରେ ପୌର ସଂସ୍ଥାର ସହରର ବିକାଶ ପାଇଁ ବିବିଧ ଉନ୍ନୟନ ମୂଳକ କାର୍ଯ୍ୟ

୧ ଓଡ଼ିଶାର ସର୍ବ ପ୍ରଥମ ପୌର ସଂସ୍ଥାର ନିଜସ୍ୱ ଦସ୍ତଖାନର କାର୍ଯ୍ୟ ସଂପୂର୍ଣ୍ଣ

୨ ପୌର ସଂସ୍ଥାଦ୍ୱାରା ଦ୍ରୁତ ଗତିରେ ଆଗେଇ ଚାଲିଥିବା ଆଧୁନିକ ଟାଉନ ହଲର ନିର୍ମାଣ କାର୍ଯ୍ୟ

୩ ଦୁଇଗୋଟି ସୁଲଭ ଶୌଚାଳୟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

୪ ସମୁଦ୍ର କୂଳକୁ ସରସ ସୁନ୍ଦର କରି ସମୁଦ୍ର ବାଲିରେ ସ୍ୱର୍ଗଦ୍ୱାରଠାରୁ ଚକ୍ରତୀର୍ଥ ପର୍ଯ୍ୟନ୍ତ ଆଲୋକ ସଜ୍ଜାର କାର୍ଯ୍ୟ ଆସ
ତିନିମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାର ଯୋଜନା ।

୫ ଯାତ୍ରୀମାନଙ୍କର ସୁବିଧା ନିମନ୍ତେ ସିଂହଦ୍ୱାରଠାରେ ଅତ୍ୟାଧୁନିକ ପରିସ୍ରାଗାର ନିର୍ମାଣ ଆସନ୍ତା ରଥଯାତ୍ରା ମଧ୍ୟରେ ସଂ
କରିବାର ପରିକଳ୍ପନା ।

୬ ସିଂହଦ୍ୱାର ନିକଟସ୍ଥ ନବାତଖାନାଗଳିରେ, ନରେନ୍ଦ୍ର କୋଣରେ ଓ ମାଛ ମାର୍କେଟ ନିକଟରେ ତିନୋଟି ଅତ୍ୟାଧୁନିକ ସୁ
ଶୌଚାଳୟ ନିର୍ମାଣର ପରିକଳ୍ପନା ।

୭ ବର୍ଷାଦିନ ପୂର୍ବରୁ ସହରର ମୂଲ୍ୟବାନ ସମେତ ଅନ୍ୟାନ୍ୟ ନାଳଗୁଡ଼ିକର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ

୮ ସହରର ବିଭିନ୍ନ ସ୍ଥାନରେ ତିରିଶି ଗୋଟି ନୂତନ ରାସ୍ତା ନିର୍ମାଣ

୯ ସହରର ବିଭିନ୍ନ ସ୍ଥାନରେ ୪୫ ଗୋଟି ପୁରାତନ ରାସ୍ତାର ଉନ୍ନତିକରଣ

୧୦ ଚଳିତ ବର୍ଷରୁ ଆରମ୍ଭକରି ଆସନ୍ତା ଦୁଇବର୍ଷ ମଧ୍ୟରେ ସହରର ସମସ୍ତ କଞ୍ଚା ପାଇଖାନାକୁ ପକ୍କା ପାଇଖାନାରେ ପରି
କରିବାର ଯୋଜନାର ସଫଳ ରୂପାୟନ ।

୧୧ ସହରର ବିଭିନ୍ନ ସ୍ଥାନରେ ପଚିଶ ଗୋଟି ଦୋକାନ ଗୃହ ନିର୍ମାଣ

୧୨ ସହରର ମୁଖ୍ୟ ଧର୍ମଶାଳା ରୋଡ଼ ଟାଉନଖାନା ଛକଠାରୁ ଆଷ୍ଟର୍ଯ୍ୟ ହରିହର ଛକ ପର୍ଯ୍ୟନ୍ତ ରାସ୍ତାକୁ ଏକ ଅତ୍ୟାଧୁ
ରାସ୍ତାରେ ପରିଣତ କରିବାର ଯୋଜନା ।

୧୩ ଗତବର୍ଷ ସହରର ବିଭିନ୍ନ ସ୍ଥାନରେ ୪୦ ଗୋଟି ନଳକୂପ ବସାଯିବା ସଙ୍ଗେସଙ୍ଗେ ଚଳିତ ବର୍ଷ ଆହୁରି ଅଧିକ ସଂ
ନଳକୂପ ବସାଯିବାର ପରିକଳ୍ପନା ।

୧୪ ସ୍ୱର୍ଗଦ୍ୱାର ଶ୍ମଶାନର ଉନ୍ନତିକରଣ ନିମନ୍ତେ ପରିକଳ୍ପନା

୧୫ ସହରରେ ଅଧିକ ଦୁଇଗୋଟି ଟାଉନ ବସ ଚଳାଚଳ କରିବାର ଯୋଜନା


୧୬ ସହରର ତଥା ବାହାରର ଜନସାଧାରଣଙ୍କ ସୁବିଧା ନିମନ୍ତେ ଏକ କଲ୍ୟାଣ ମଣ୍ଡପ ନିର୍ମାଣର ପରିକଳ୍ପନା

୧୭ ଅନ୍ୟାନ୍ୟ ବର୍ଷ ଅପେକ୍ଷା ପଣ୍ୟକର ସମେତ ପୌର ସଂସ୍ଥାର ଅନ୍ୟାନ୍ୟ ଟିକସ ଆଦାୟରେ ସନ୍ତୋଷଜନକ ଅଗ୍ରଗତି

ରଥଯାତ୍ରା ସମୟରେ ଯାତ୍ରୀମାନଙ୍କର ସୁବିଧାପାଇଁ ଜଳଯୋଗାଣ, ସ୍ୱାସ୍ଥ୍ୟ, ଆଲୋକ ଓ ଗମନାଗମନ ଇତ୍ୟାଦିର ସୁବ
କରାଯାଇଛି । ପୌର ସଂସ୍ଥାର ସ୍ୱାର୍ଥରକ୍ଷା ତଥା ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆମେ ଦୃଢ଼ ପ୍ରତିଜ୍ଞ । ସ
ଜନସାଧାରଣଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଆମର କାମ୍ୟ ।

ସ୍ୱାଃ ବିଜୟ ମହାପାତ୍ର
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ପୁରୀ ପୌର ସଂସ୍ଥା କାର୍ଯ୍ୟାଳୟ, ପୁରୀ


ସ୍ୱାଃ ମଦେଶ୍ୱର ମହାନ୍ତି
ନଗରପାଳ
ପୁରୀ ପୌର ସଂସ୍ଥା, ପୁରୀ




# କମାଗୁରୁ ଗ୍ରାମର ବିକାଶ କାହାଣୀ

ଶ୍ରୀ ବ୍ରଜକିଶୋର ଦାସ

**ଖୋ**ର୍ଦ୍ଧାଠାରୁ ଜାତୀୟ ରାଜପଥରେ ବ୍ରହ୍ମପୁର ଗଲାବେଳେ ବଡ ପୋଖରୀଆ ଛକଠାରୁ ସାଢେ ୪ କି.ମି ଗୋଟିଏ ସରୁ ନାଲିଆ ରାସ୍ତା ଲମ୍ବି ଯାଇଛି କମାଗୁରୁ ଗ୍ରାମକୁ। ଗାଁରେ ପହଁଚିବା ପୂର୍ବରୁ ଯେ କୌଣସି ଦର୍ଶକ ମୁଗ୍ଧ ହେବ ଗ୍ରାମର ପରିବେଶ ଦେଖି । ଅଟକା ପାହାଡଠାରୁ ଆରମ୍ଭକରି ଗ୍ରାମ ଚାରିଦିଗରେ ଥିବା ସୁରକ୍ଷିତ ଜଙ୍ଗଲକୁ ଦେଖିଲେ ଜଙ୍ଗଲ ପ୍ରତି ଗ୍ରାମଲୋକଙ୍କର ମମତା ବେଶ ବୁଝି ହେବ । ଚାରିକଡରେ ଥିବା କ୍ଷେତକୁ ବୁଲିଲେ ଲୋକମାନଙ୍କର କୃଷିପ୍ରତି ଥିବା ପ୍ରବଳ ଆଗ୍ରହ ନିଶ୍ଚିତ ଭାବେ ଅନୁଭବ କରିହେବ ।



ପୁରୀ ଜିଲ୍ଲା ଟାଙ୍ଗୀ ବ୍ଲକର ଏହି ଗାଁଟିର ଲୋକ ସଂଖ୍ୟା ଦୁଇ ହଜାରରୁ ଅଧିକ ହେବ । ଏଠାରେ ମଧ୍ୟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଅଛି । ଅତି ପୁରୁଣା ଗାଁ, କହି ହେବନି କେବେଠାରୁ ଏହା ଗଢି ଉଠିଛି । ଲୋକ ମୁଖରେ ନାନାପ୍ରକାର କଥା ଶୁଣାଯାଏ । ବହୁଦିନ ତଳେ ଜଣେ କମାଲୋକ ଏଠାରେ ବାସ କରୁଥିଲା । ଏହି ଲୋକର ଦାଉରେ ସେ ଅଞ୍ଚଳର ଲୋକ ଅସ୍ତବ୍ୟସ୍ତ ହୋଇ ପଡୁଥିଲେ । ଏହି ଦୁର୍ଦ୍ଦାନ୍ତ ତାନ୍ତ୍ରିକ ବ୍ୟକ୍ତିକୁ ବିନାଶ କରିବା ପାଇଁ ତତ୍କାଳୀନ ଖୋର୍ଦ୍ଧା ରାଜା ଆଦେଶ ଦେଇଥିଲେ ଓ ତାଙ୍କୁ ଚତୁରତାର ସହିତ ନିହତ କରାଯାଇଥିଲା । ଲୋକମୁଖରୁ ଶୁଣାଯାଏ ଯେ, ଏହି ଲୋକର ଅନ୍ତିମ ଇଚ୍ଛା ଅନୁଯାୟୀ ଏହି ଗଡକୁ କମାଗଡ ନାମ ଦିଆଯାଇଥିଲା ଓ କାଳକ୍ରମେ ଅପଭ୍ରଂଶ ହୋଇ ଏହା କମାଗୁରୁ ହୋଇଛି । ବିନାଶକାରୀମାନଙ୍କୁ ରାଜା ଝପଟସିଂହ ଉପାଧି ଦେଇଥିଲେ । ଏହା ବ୍ୟତୀତ ଦଳବେହେରା, ଦେଲେଇ, ଦାସ, ମଙ୍ଗରାଜ, ମହାରଥୀ, ମାଝି, ମହାରଣା, ବଳିଆରସିଂହ, ରାଣାସିଂହ, ପଲାଇ, ସାମନ୍ତରାୟ, ମହାପାତ୍ର, ସାମନ୍ତସିଂହାର, ଗଜେନ୍ଦ୍ର, ପାଲଟା ସିଂହ, ମହାନ୍ତି, ଲେଙ୍କା, ପ୍ରଧାନ, ରାଉତ, ରଣବୀର, ପାଇକରାୟ ଓ ଟମଟି ପ୍ରଭୃତି ଉପାଧିଦ୍ୱାରା ବ୍ୟକ୍ତିଙ୍କର ବଂଶଧର ଏହି ଗ୍ରାମରେ ବାସ କରୁଛନ୍ତି । ଯାହା ହେଉ ଏହା ଯେ, ଏକ ଅତି ପୁରାତନ ଗ୍ରାମ ଏଥିରେ ସଂଦେହ ନାହିଁ ।

ବ୍ରାହ୍ମଣ, ଦଳେଇ, ତନ୍ତି, କମାର, ତେଲି, କୁମାର, ଗଉଡ, ମାଳି ଓ କେଉଟ ପ୍ରଭୃତି ପ୍ରାୟ ସବୁ ଜାତିର ଲୋକ ଗାଁରେ ଅଛନ୍ତି । ପ୍ରାୟ ୨୦ ଘର ହରିଜନ ଓ ପ୍ରାୟ ୩୦ଟି ଆଦିବାସୀ ପରିବାର ଗାଁରେ ଅଛନ୍ତି । କ୍ଲବ, ମହିଳା ସମିତି, ଯୁବକ ସଂଘ ଓ ପଲ୍ଲୀଶ୍ରୋତାମଣ୍ଡଳୀ ଅନୁଷ୍ଠାନ ଗୁଡିକ କାର୍ଯ୍ୟ କରୁଛି । ବିଶେଷଭାବରେ ପଲ୍ଲୀଶ୍ରୋତାମଣ୍ଡଳୀ କାର୍ଯ୍ୟକ୍ରମଗୁଡିକ ଗ୍ରାମବାସୀମାନଙ୍କୁ ବିଶେଷ ସହାୟକ ହୋଇଥିବାର ଜଣାଯାଇଛି । କୃଷି ଲୋକମାନଙ୍କର ମୁଖ୍ୟ ଧନ୍ଦା ଓ ଲୋକମାନେ ଏଥିପାଇଁ ପ୍ରବଳ ଆଗ୍ରହୀ ବୋଲି ବାଙ୍କନିଧି ଦେଇ ।ପଲ୍ଲୀଶ୍ରୋତାମଣ୍ଡଳୀର ଆବାହକ ତଥା ନେତାଜୀ କ୍ଲବର ସେକ୍ରେଟାରୀ ଶ୍ରୀ ଜଗନ୍ନାଥ ଦାସ କହନ୍ତି । ମାଟିର ଉପର ଭାଗରୁ ଖୁବ୍ କମ ତଳେ ପଥୁରିଆ ମାଟିପଡେ । ଏଭଳି ମାଟିରେ କୃଷି ଉତ୍ପାଦନ ପାଇଁ କୃଷକର ଉଦ୍ୟମ ଦେଖି ବିଶ୍ୱ ବ୍ୟାଙ୍କର ପ୍ରତିନିଧିମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ । ଗ୍ରାମର



ପ୍ରତ୍ୟେକ ପରିବାର କୃଷି ସହ ରଣା ଅଧିକେ ସଂପୃକ୍ତ । ନିଜ ଉଦ୍ୟମରେ ଅଧିକ ଫସଲ ପାଇଁ ସମସ୍ତେ ଯତ୍ନବାନ ଓ ଏକ ଶହରୁ ଊର୍ଦ୍ଧ୍ୱ ସେଚ କୂପ ଗ୍ରାମର ଚାରିଦିଗରେ ବିଛେଇ ହୋଇ ରହିଛି । ଧାନ, ମୁଗ ଓ ବିରି ପ୍ରଭୃତି ମୁଖ୍ୟ ଫସଲ ହେଲେ ମଧ୍ୟ ଆଖୁ, ବାଦାମ ଓ ପନିପରିବା ପ୍ରଭୃତି ସାଧାରଣତଃ ଚାଷ କରାଯାଇଥାଏ । ଚାଷକାମରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଗ୍ରାମର ଚାଷୀ ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତି ପୁରସ୍କୃତ ହୋଇଛନ୍ତି । ସର୍ବଶ୍ରୀ ଲକ୍ଷ୍ମୀଧର ଲେଙ୍କା, ସାରଙ୍ଗଧର ରଣବୀର, ବ୍ରହ୍ମାନନ୍ଦ ମହାନ୍ତି, ଅଲେଖବଂଧୁ ସାମନ୍ତସିଂହାର, ସ୍ୱାଧୀନତା ସଂଗ୍ରାମୀ କିଂଗରାଜ୍ ଗଜେନ୍ଦ୍ର ଓ ପଞ୍ଚାଶ୍ରୋତାମଣ୍ଡଳୀର ସଭାପତି ବୈରାଗୀ ଚରଣ ମହାପାତ୍ର, ନିର୍ମଳ କୁମାର ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଉପେନ୍ଦ୍ର ପାତ୍ର, ଦୁଃଶାସନ ମାଝୀ, ମଙ୍ଗୁଳି ମହାନ୍ତି, ବନମାଳୀ ବଳିଆରସିଂହ, କାହ୍ନୁ ଚରଣ ରାଉତ, ଲକ୍ଷ୍ମଣ ରଣସିଂ, ସାରଙ୍ଗଧର ଚମ୍ପତି, ନାରଣ ରଣସିଂ, ଅଭିରାମ ସାମନ୍ତସିଂହାର, ପ୍ରାଣ ନାଥ ସାମନ୍ତସିଂହାର, ଶିବରାମ ସାମନ୍ତରାୟ, ଭାସ୍କର ଚନ୍ଦ୍ର ମହାନ୍ତି, ଦୁଃଶାସନ ଚମ୍ପତି ପ୍ରମୁଖ ବହୁ ବ୍ୟକ୍ତି ଚାଷର ଉନ୍ନତି ପାଇଁ ଅହରହ ଉଦ୍ୟମ କରି ଚାଲିଛନ୍ତି ।

ଗାଁରେ ନିଃପ୍ରାଃ, ମି.ଇ. ସ୍କୁଲ ସାଙ୍ଗକୁ ହାଇସ୍କୁଲ, ସେବା ସମବାୟ, ପଶୁଚିକିତ୍ସା ସହାୟକ କେନ୍ଦ୍ର ମାତୃମଙ୍ଗଳ କେନ୍ଦ୍ର ଓ ଗ୍ରାମସେବକ କାର୍ଯ୍ୟାଳୟ ଅଛି । ଏବେ ପ୍ରାୟ ଦୁଇ ବର୍ଷ ହେବ ଷ୍ଟେଟ ବ୍ୟାଙ୍କର ଏକ ଶାଖା ମଧ୍ୟ ଖୋଲାଯାଇଛି । କୃଷି ସଂପର୍କରେ ଅଧିକ ଜ୍ଞାନ ଥିବା ଏକ ବିଶେଷଜ୍ଞଙ୍କର ପରାମର୍ଶ ସଦା ସର୍ବଦା ପାଇବାପାଇଁ ଗ୍ରାମବାସୀମାନେ ଇଚ୍ଛୁକ ।

ବନୀକରଣ ଓ ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀଙ୍କର ଉଦ୍ୟମ ପ୍ରକୃତରେ ପ୍ରଶଂସା ଯୋଗ୍ୟ । ଉତ୍ତର କମାଗୁରୁର ପ୍ରାୟ ୧୨୦ଟି ପରିବାର ନିକଟସ୍ଥ ଜଙ୍ଗଲର ପଛପଟ୍ଟିକର ସଂରକ୍ଷଣ ପାଇଁ ଦାୟିତ୍ୱ ବହନ କରି ପ୍ରତିଦିନ ପାଳି କରି ୩ଜଣ ଏହି ଜଙ୍ଗଲ ରଖାରଖା କରନ୍ତି । ସେହିପରି ଦକ୍ଷିଣ କମାଗୁରୁର ୧୫୦ଟି ପରିବାର ମଧ୍ୟରେ ପ୍ରତିଦିନ ପାଳି କରି ୪ଜଣ ଜଙ୍ଗଲ ଜଗିବାକୁ ଯାଆନ୍ତି । ମୋଟାମୋଟି ଗାଁରେ ଅଟନା ମୁଣ୍ଡିଆ ସମେତ ଗାଁ ଚାରିକଡ଼ରେ ଥିବା ସମସ୍ତ ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀମାନେ ବଦ୍ଧପରିକର । ଯେଉଁ ପରିବାର ଲୋ ପାଳିକରିବା ପାଇଁ ଯିବ ନାହିଁ ତାହା ବଦଳରେ ଲୋକ କିମ୍ବା ଦଶ ଟ ମଜୁରୀ ଦେବାକୁ ଗ୍ରାମବାସୀମାନେ ସମୂହଭାବରେ ସ୍ଥିର କରିଛନ୍ତି । ପ୍ରା ୫/୬ବର୍ଷ ହେବ ଗ୍ରାମବାସୀମାନେ ଏହି କାର୍ଯ୍ୟ କରିଆସୁଛନ୍ତି ।

କର୍ମମୟ ଗ୍ରାମ୍ୟ ଜୀବନମଧ୍ୟରେ ଏହି ପୁରାତନ ଗ୍ରାମଟିରେ ରାମଲୀଳା, ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ଗୀତାପାଠ, ଭାଗବ ପାରାୟଣ, ଶରତରାଣି ଓ ଦଣ୍ଡନାଚ ପ୍ରଭୃତି ନାନାଦି ସାଂସ୍କୃତିକ କାର୍ଯ୍ୟକ୍ର ବିଭିନ୍ନ ସମୟରେ କରାଯାଇଥାଏ । ଗ୍ରାମ୍ୟ ଠାକୁର ବାଙ୍କନିଧି ଦେବ ଠାକୁରାଣୀ ମହାଁଷାସୁର ମର୍ଦ୍ଦନୀଙ୍କ ପ୍ରତି ଗ୍ରାମବାସୀମାନଙ୍କର ଅସୀମ ଭକ୍ତି ଏହି ଠାକୁର ଓ ଠାକୁରାଣୀଙ୍କୁ କେନ୍ଦ୍ରକରି ବର୍ଷର ବିଶିଷ୍ଟ ଦିନମାନଙ୍କରେ ପୂଜାର୍ଚ୍ଚନା ଓ ଯାତ୍ରା ଇତ୍ୟାଦି କରାଯାଇଥାଏ ।

କୃଷି ସେମାନଙ୍କର ମୂଳପିଣ୍ଡ । ଆଧୁନିକ କୃଷିକୁ ଭିତ୍ତିକରି ଆଗେ ଯିବା ପାଇଁ ଗ୍ରାମବାସୀମାନଙ୍କର ପ୍ରବଳ ଆକାଂକ୍ଷା ମାତ୍ର ଏକ ସ୍କୁଲ୍ୟରେ ସ୍ଥାପନ କରାଗଲେ ଓ ଗ୍ରାମ୍ୟରାସ୍ତାର ଉନ୍ନତି ଘଟିଲେ ଗ୍ରାମବାସୀମା ଅଧିକ ଉତ୍ସାହିତ ହେବେ । ସରକାରୀ ସାହାଯ୍ୟ ଉପରେ ନିର୍ଭର ନ କ ନିଜ ଉଦ୍ୟମରେ କାର୍ଯ୍ୟ କରି ଚାଲିଲେ ସରକାରୀ ସାହାଯ୍ୟ ଆପେ ଆ ଆସିବ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ।

# ଓଡ଼ିଶାର ପ୍ରଥମ ପ୍ଲାଟ୍‌ଫର୍ମ ସ୍କୁଲ

କବିତା ବାରି

ବଡ଼ ବଡ଼ କବି ଲେଖକ, ଦାର୍ଶନିକମାନେ ମଣିଷର ଜୀବନକୁ ପ୍ଲାଟଫର୍ମ ସହିତ ତୁଳନା କରିଛନ୍ତି । କଥାଟାକୁ ଏକ ଭାବବିହ୍ୱଳ ବୋଲି ଉପେକ୍ଷା କଲେ ଚଳିବ ନାହିଁ । ଅନେକଙ୍କ ପାଇଁ ରେ ପ୍ଲାଟଫର୍ମ ପାଲଟିଛି ଏକ ଆଶ୍ରୟ, ଆଜୀବନ ଘର । ତାହା ଜନ୍ମ ଦେ ମରଣବି ଦେଖେ । ଜଣେ ଗରିବ ଭିକାରୀ ଶିଶୁ ସେହି ପ୍ଲାଟଫର୍ମରେ ହୋଇ ବଡ଼ ହୁଏ, କୈଶୋରରୁ ଯୌବନରେ ପାଦ ଥାପେ, ବୁଢ଼ା ମରେ ।

ଅନେକ ଜନ୍ମ ହେଲା ମାତ୍ରେ ଭିକାରୀ ପାଲଟି ଯାଆନ୍ତି । ଭିକାରୀ ଭିକାରୀ ହୁଅନ୍ତା, କି ଆଉ କ'ଣ ହାକିମ ହୁଅନ୍ତା ? ଏମାନଙ୍କ ଭାଗ୍ୟ ପ ତଳେ । ପଥର ଉଡ଼ିଗଲେ ସିନା ଭାଗ୍ୟ ବଦଳି ଯାଏ । କିନ୍ତୁ ଯାହା ପଥର ତଳେ ଚାପି ହୋଇଥାଏ, ସେ କେବେ ବଦଳେନା । ଏମ ମୁଠାଏ ଖାଇବାକୁ ପାଆନ୍ତି ନାହିଁ କି ଖଣ୍ଡିଏ ପିନ୍ଧିବାକୁ ପାଆନ୍ତି ନାହିଁ । ପାଇଁ ଟ୍ରେନ୍‌ର ଏ ଡବାରୁ ସେ ଡବା ମାଗି ବୁଲନ୍ତି । ବାପାମାଆଙ୍କ ଶିଖନ୍ତି କେମିତି କାକୁସ ହୋଇ ଅଭିନୟ କରି ପଇସା ମାଗିବାକୁ ଅତି ଅଳ୍ପ ବୟସରୁ ସେମାନେ ଯେ ଭିକାରୀ ପାଲଟନ୍ତି, କେବଳ ତ ନୁହେଁ ଖୁବ୍ କମ୍ ବୟସରେ ଗଞ୍ଜେଇ ଖାଇବା, ବିଡ଼ି ଟାଣିବା, ନିଶାଦ୍ରବ୍ୟ ସେବନ କରିବାରେ ଶୀଘ୍ର ଅଭ୍ୟସ୍ତ ହୋଇଯାନ୍ତି ।

ଏମାନଙ୍କୁ ଦୁନିଆ ଘୃଣା ଚକ୍ଷୁରେ ଦେଖେ । ଦୟାର ପାତ୍ର ଏମା ଧନୀ ଶିକ୍ଷିତ ବାବୁମାନେ ଦଶ ପଇସା ପକାଇ ଦେଇ ପୁଣ୍ୟ କ





ବୋଲି ଆତ୍ମ ପ୍ରସାଦ ଅନୁଭବ କରନ୍ତି । ଅଥଚ ଏମାନେ ଯେ ଏ ଦେଶର ଭବିଷ୍ୟତ, ଏ ଦେଶର ଉନ୍ନତିରେ ଏମାନଙ୍କର ଯେ ଅଂଶ ଅଛି ଏକଥା କେହି ଚିନ୍ତା କରେ ନାହିଁ । ଯଦିଓ ଏମାନେ ଯେ ପାଠ ପଢ଼ି ମଣିଷ ହୋଇ ପାରନ୍ତେ ଓ ଦେଶର କୌଣସି କାର୍ଯ୍ୟରେ ଲାଗି ପାରନ୍ତେ ଏକଥା କେହି କେବେ ଭାବେ ନାହିଁ । ତେଣୁ ପୁରୁଷାନୁକ୍ରମେ ନିଜର ଦାରିଦ୍ର୍ୟ ଯୋଗୁଁ ଏମାନେ ଭିକାରୀ ହୋଇ ରହିଯାଉଛନ୍ତି । କୁକୁର ବିଲେଇ ଭଳି ପୁଞ୍ଜା ପୁଞ୍ଜା ଛୁଆ ଜନ୍ମ କରିବା, ଦ୍ୱାର ଦ୍ୱାର ହାତ ପତେଇ ଚଳିବା ଓ ବୁଢ଼ା ହୋଇ ମରିବା ଛଡ଼ା ଏମାନଙ୍କ ଜୀବନରେ କୌଣସି ସାର୍ଥକତା ନ ଥାଏ ।

ଅଥଚ ଏମାନଙ୍କୁ ଦି'ଅକ୍ଷର ପାଠ ପଢ଼ାଇବାରେ ପ୍ରଥମ ସ୍ୱପ୍ନ ଦେଖିଛନ୍ତି ଓଡ଼ିଶାର ଜଣେ ଉଚ୍ଚାଭିଳାଷୀ ନାରୀ ମିସେସ୍ ଇନ୍ଦରଜିତ୍ ଖୁରାନା । ଯେକି ଭୁବନେଶ୍ୱରର ଏକ ଉଚ୍ଚ ଆଧୁନିକ ସମ୍ପନ୍ନ "ରୁଚିକା" ନର୍ସରୀ ସ୍କୁଲର ପରିଚାଳନା କରୁଛନ୍ତି ।

ଏଥର ମୁଁ ତାଙ୍କର ଏହି ପ୍ଲାଟଫର୍ମ ସ୍କୁଲ ସମ୍ପର୍କରେ ବିସ୍ତୃତ ଧାରଣା ଦେଉଛି । ଏହାର ନାମ ସେ ରଖିଛନ୍ତି, "ରୁଚିକା ପ୍ଲାଟଫର୍ମ ସ୍କୁଲ" । Ruchika School Society ଦ୍ୱାରା ଏହି ଅନୁଷ୍ଠାନଟି ପରିଚାଳିତ ହେଉଛି । ଏହା ଆରମ୍ଭ ହୋଇଥିଲା ୧୯୮୫ ମସିହା ଏପ୍ରିଲ ୪ ତାରିଖରେ । ବର୍ତ୍ତମାନ ସୁଦ୍ଧା ୨୦୦ ଜଣ ପିଲାଙ୍କର ନାଁ ରହିଛି କିନ୍ତୁ ପ୍ରତିଦିନ ପ୍ରାୟ ୭୦ ଜଣ ପିଲା ପଢ଼ିବାକୁ ଆସୁଛନ୍ତି । ସମସ୍ତେ ପ୍ରାୟ ଭିକାରୀ, କୁଲିମାନଙ୍କର ପିଲା ।

ମୁଁ ନିଜେ ସେହି ପ୍ଲାଟଫର୍ମ ସ୍କୁଲଟିକୁ ଦେଖିବାକୁ ଯାଇଥିଲି । ମିସେସ୍ ଖୁରାନା ମଧ୍ୟ ଉପସ୍ଥିତ ଥିଲେ । ସେତେବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପଢ଼ାଉଥିଲେ । ଆଇ.ସି.ଡ଼ି. ଏସ୍.ତରଫରୁ ଟି.ରମଣୀଙ୍କ ସହିତ ଆମେ ୩୧ ଜଣ ଝିଅ ଏ ସ୍କୁଲଟିକୁ ଦେଖିବାକୁ ଗଲାବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କ ପଢ଼ା କାମ ଆରମ୍ଭ କରି ଦେଇଥିଲେ । ସ୍କୁଲଟି ଠିକ୍ ଆଇ.ସି.ଡ଼ି.ଏସ୍.ର ଅଙ୍ଗନୱାଡ଼ି ଭଳି ମୋତେ ଲାଗିଲା । କାରଣ ଠିକ୍ ସେହି ଢାଞ୍ଚାରେ ସେଠି ଶିକ୍ଷା ପ୍ରଦାନ କରା ଯାଉଛି । ପ୍ରାର୍ଥନା କରିବା, ଡ୍ରିଲ ଶିଖିବା, ବିଭିନ୍ନ ସାଧାରଣ ମାର୍ଜିତ ବ୍ୟବହାର ଯଥା– ଡାକିଲେ ଆଜ୍ଞା କହିବା, କେହି କିଛି ଦେଲେ ଧନ୍ୟବାଦ କହିବା ଓ ପରିଦର୍ଶକମାନଙ୍କୁ ନମସ୍କାର କରିବା, ନିର୍ଦ୍ଦିଷ୍ଟ ସ୍ଥାନରେ ଝାଡ଼ା ପରିସ୍ରା କରିବା ପ୍ରଭୃତି ପ୍ରଶିକ୍ଷଣ ଶିକ୍ଷା ସେଠି ଦିଆ ଯାଉଅଛି ।

ଏହି ସ୍କୁଲଟିର ଆଇ.ସି.ଡ଼ି.ଏସ୍. ଭଳି ଛଅ ଗୋଟି ମୁଖ୍ୟ ଲକ୍ଷ୍ୟ ରହିଛି । ତାହାହେଲା :

(୧) ଭାଷାକୁ ଶୁଦ୍ଧ ଭାବରେ କହିବା ବା ମୂଳ ସାହିତ୍ୟିକ ଭାଷା ବ୍ୟବହାର କରି କଥାବାର୍ତ୍ତା କରିବା ।

(୨) ପ୍ରାଥମିକ ସ୍ୱାସ୍ଥ୍ୟର ଯତ୍ନ ଅର୍ଥାତ୍ ପ୍ରତିଷେଧକ ବ୍ୟବସ୍ଥା (ଇମ୍ୟୁନାଇଜେସନ) ଭିଟାମିନ୍ "ଏ" ଏବଂ ଆଇରନ୍ ବଟିକା ଯୋଗାଇବା ।

(୩) ପ୍ରାରମ୍ଭିକ ଖାଦ୍ୟ ଯୋଗାଣ ।

(୪) ଏହି ସମାଜର ମା'ମାନଙ୍କ ମନରେ ପିଲାଙ୍କର ଉପଯୁକ୍ତ ଯତ୍ନ ନେବା ପାଇଁ ଉତ୍ସାହ ତଥା ଜ୍ଞାନ ପ୍ରଦାନ କରିବା ।

(୫) ପ୍ରଚଳନ କରାଯାଉଥିବା ଏହି ସ୍କୁଲ କାର୍ଯ୍ୟକ୍ରମରେ ଏମାନଙ୍କ ମା'ମାନଙ୍କୁ ଅନ୍ତର୍ଭୁକ୍ତ କରିବା ଅର୍ଥାତ୍ ସେମାନେ ନିଜ ପିଲାମାନଙ୍କୁ ପଢ଼ାଇବା ପାଇଁ ପ୍ରଥମେ ନିଜେ ମାନସିକ ପ୍ରସ୍ତୁତ ହେବା ।


(୬) ପିଲାମାନଙ୍କୁ ବଞ୍ଚିବା ପାଇଁ ଭିକ୍ଷା ନ ମାଗି ଉପଯୁକ୍ତ ଜୀବିକା ନିଜେ ଯୋଗାଡ଼ କରିବା ପାଇଁ କିଛି ବୈଷୟିକ ଟ୍ରେନିଂ ଦେବା ।

ଓଡ଼ିଶାରେ ଏହିଭଳି ଏକ ସ୍କୁଲ ସର୍ବ ପ୍ରଥମେ ଖୋଲା ଯାଇଛି । ସମଗ୍ର ଭାରତବର୍ଷରେ ଏଭଳି ସ୍କୁଲଟିଏ ଅଛିକି ନାହିଁ ସନ୍ଦେହ । ସ୍କୁଲଟି ଆରମ୍ଭ ହୋଇଛି, ଭୁବନେଶ୍ୱର ରେଲୱେ ଷ୍ଟେସନର ପ୍ଲାଟଫର୍ମ ନଂ-୪, ଏରିଆ ୪୦×୨୦ ରେ । ଏହାହିଁ ତା'ର ଠିକଣା । ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ଘର ନିର୍ମିତ ହୋଇ ପାରି ନାହିଁ । ପ୍ଲାଟଫର୍ମର ପକ୍କା ଚଟାଣରେ ପିଲାମାନେ ପଢ଼ାପଢ଼ି କରୁଛନ୍ତି । ଭବିଷ୍ୟତରେ ଏହଠି ଏକ ସ୍ଥାୟୀଘର ନିର୍ମାଣ କରାଯିବାର ପରିକଳ୍ପନା ରହିଛି । ବର୍ତ୍ତମାନ ଏହି ମାନଙ୍କୁ ପଢ଼ାଇବା ଏବଂ ଦେଖିବା ପାଇଁ ସ୍ୱରିଜଣଶିକ୍ଷକ/ଶିକ୍ଷୟିତ୍ରୀ ଅଛନ୍ତି ଓ ମିସେସ୍ ଖୁରାନା ତା'ର ଡାଇରେକ୍ଟର ଅଛନ୍ତି । ଏହି ସ୍ୱରିଜଣ ଶିକ୍ଷକଶିକ୍ଷୟିତ୍ରୀ ହେଲେ ଆର.ପି. ଦ୍ୱିବେଦୀ, ସଂଯୁକ୍ତା ସାହୁ, ସନ୍ଧ୍ୟା ଉଦ୍ଗାତୁର୍ଯ୍ୟ, ଅରିକ୍ଷେତ୍ର ସାହୁ । ସମସ୍ତେ ମେଟ୍ରିକ୍ ପାଶ୍ ସହିତ ଅନ୍ୟାନ୍ୟ ବୈଷୟିକ ଟ୍ରେନିଂ ନେଇଛନ୍ତି । ଅରିକ୍ଷିତ ସାହୁ ସି.ଟି. ଟ୍ରେନିଂ ନେଇ ସାରିଛନ୍ତି ।

ଏହିଭଳି ଅଥଚ ଆଦର୍ଶ ଅନୁଷ୍ଠାନଟିକୁ SERT ଅର୍ଥାତ୍ ରାଜ୍ୟଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର, ବହିସବୁ ଯୋଗାଇ ଦେଉଛି । ଅଙ୍ଗନୱାଡ଼ିରେ ପଢା ହେଉଥିବା ପ୍ରାକ୍ ବିଦ୍ୟାଳୟର ବହି ସବୁ ପିଲାଙ୍କୁ ପଢାଯାଉଛି ଓ ଛୁଟିକା ନର୍ସରୀ ସ୍କୁଲ ଢାଞ୍ଚାରେ ପିଲାଙ୍କୁ ଶିକ୍ଷା ଦେବାର ଚେଷ୍ଟା କରା ଯାଉଛି । ତା' ସହିତ SERT ଫ୍ଲାସ୍ କାର୍ଡ ଏବଂ ଚାର୍ଟସ୍ ମଧ୍ୟ ପଢାଇବା ପାଇଁ ଯୋଗାଇ ଦେଉଛି । ପ୍ରତି ପିଲାଙ୍କୁ ସ୍ଲେଟ୍ ଦିଆ ଯାଉଛି । ଗୋଟେ ବ୍ଲାକ୍ ବୋର୍ଡ଼ ଅଛି । ପିଲାମାନଙ୍କୁ ଖଡ଼ି, ଖାତା, ପେନ୍‌ସିଲ୍ ମଧ୍ୟ ଦିଆ ଯାଉଛି ।

ଏହି ପିଲାମାନଙ୍କୁ ଓମ୍‌ଫେଡ୍ ସପ୍ତାହରେ ପ୍ରତିଦିନ କ୍ଷୀର ଯୋଗା ଦେଉଛି ଓ ପ୍ରତିପିଲାଙ୍କୁ ୨୫୦ କ୍ଷୀର ପିଇବାକୁ ସପ୍ତାହରେ ପ୍ରତି ଦିଆଯାଉଛି । ଛୁଟିକା ତରଫରୁ ପାଉଁରୁଟି ପ୍ରତିଦିନ ଦିଆହେଉଛି ଶନିବାର ଦିନଟିରେ ଖେଚୁଡ଼ି ରାନ୍ଧି ଖାଇବାକୁ ଦିଆଯାଏ । ଜ ବଦାନ୍ୟ ବ୍ୟକ୍ତି ୭୫ଟି ପ୍ଲେଟ୍ ଦେଇଛନ୍ତି । ସେମିତି ୧୨ଟି ଆଲୁମିନି ଗ୍ଲାସ୍ ରହିଛି । ଭବିଷ୍ୟତରେ ଏହି ଖାଦ୍ୟ ଯୋଜନାକୁ ଉନ୍ନତି କରାଯିବ ଉଦ୍ଦେଶ୍ୟ ମଧ୍ୟ ରହିଛି ।

ଏଥର ଆସିବା ବୈଷୟିକ ଟ୍ରେନିଂ ପ୍ରସଙ୍ଗକୁ । ମିସେସ୍ ଖୁରା କହିଲେ ମୁଁ ପ୍ରଥମେ ବଡ଼ ପିଲାମାନଙ୍କୁ ପୁରୁଣା ପେପର ବିକି



ସ୍କୁଲଟି ଆରମ୍ଭ ହେଉଛି ସାଢେ ଛଅରୁ ଏବଂ ଶେଷ ହେଉଛି ସାଢେ ନଅରେ । ତିନିବର୍ଷରୁ ବାର ବର୍ଷର ପିଲାମାନଙ୍କୁ ଏଠି ଶିକ୍ଷା ଦିଆ ଯାଉଛି । ଏମାନଙ୍କୁ ଓଡ଼ିଆରେ ହିଁ ଶିକ୍ଷା ପ୍ରଦାନ କରାଯାଉଅଛି । ଭିକାରୀ ପିଲାଙ୍କ ବ୍ୟତୀତ କେତେକ ଅତି ଗରିବ ତଥା ରିକ୍‌ସାବାଲା, କୁଲିମାନଙ୍କର ପିଲାମାନେ ମଧ୍ୟ ଏଠି ପଢିବାର ସୁଯୋଗ ପାଉଛନ୍ତି ।

ଏଥର ଆସିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ପାଠପଢା ଓ କ'ଣ ଖାଦ୍ୟ ଦିଆଯାଉଛି ପାଖକୁ । ଶିକ୍ଷକ ଶିକ୍ଷୟିତ୍ରୀଙ୍କ କହି ଏମାନଙ୍କୁ ସମାଜସେବୀ କହିବା ଅଧିକ ଯୁକ୍ତିଯୁକ୍ତ ହେବ । କାରଣ ଏମାନେ ଏହି ଭଳି ଶିକ୍ଷାଦେବାକୁ ଜୀବିକା ହିସାବରେ ଗ୍ରହଣ କରି ନାହାନ୍ତି । କରିଛନ୍ତି ନିଜର କର୍ତ୍ତବ୍ୟ ହିସାବରେ । ଏମାନେ ଅଙ୍ଗନୱାଡ଼ିର ଟ୍ରେନିଂ ପ୍ରାପ୍ତ କର୍ମୀଙ୍କ ଭଳି ନାଚ, ଗୀତ, ଚିତ୍ର ମାଧ୍ୟମରେ ଶିକ୍ଷା ଦେଉଛନ୍ତି । ତା' ସହିତ ନାକ ସଫା କରିବା, ନଖ କାଟିଦେବା ଓ ପ୍ରତି ସପ୍ତାହରେ ଥରେ ସ୍କୁଲର ଶୌଚାଳୟରେ ତେଲ ଲଗାଇ ଗାଧୋଇ ଦେବାର ଦାୟିତ୍ୱ ମଧ୍ୟ ଏମାନଙ୍କ ଉପରେ । ତେଣୁ ମିସେସ୍ ଖୁରାନାଙ୍କ ମତ ହେଲା, କୌଣସି ସ୍କୁଲ ଆରମ୍ଭ କରିବା ପାଇଁ ଗୋଟିଏ ଘରର ଆବଶ୍ୟକତା ଯେତେ ଜରୁରୀ ନୁହେଁ, ତାଠାରୁ ଜରୁରୀ ହେଲା ଜଣେ ଶିକ୍ଷା ପରାୟଣ, ସେବା ପରାୟଣ ଆଦର୍ଶ ହେବା ମନବୃତ୍ତି ଶିକ୍ଷକର ।

ଦେଉଥିଲି । କିନ୍ତୁ ଦେଖିଲି ସେମାନେ ତାହାଂଶରେ ଗଞ୍ଜେଇ ଖା କିମ୍ବା ବିଡ଼ି ଟାଣି ଦେଉଛନ୍ତି । ତେଣୁ ଏ ବ୍ୟବସାୟ ତାଙ୍କ ଦ୍ୱାରା ନାହିଁ । ବର୍ତ୍ତମାନ ଟିକେ ବଡ଼ ହୋଇ ଯାଉଥିବା ପିଲାଙ୍କୁ ଠୁଙ୍ଗା ଶିକ୍ଷା ଦିଆ ଯାଉଛି । ଉଦ୍ଦେଶ୍ୟ ହେଲା ଏମାନେ ଭିକ୍ଷାବୃତ୍ତି ନ କରି ରୋଜଗାର କରି ପୋଷି ହେବେ ।

କହିବା ବାହୁଲ୍ୟ ଯେ ଫରେଷ୍ଟ ପାର୍କରେ ଥିବା ମିସେସ୍ ଖୁରା ଛୁଟିକା ଇଂଲିଶ୍ ନର୍ସରୀ ସ୍କୁଲରେ ପ୍ରାୟ ଧନୀ ଏବଂ ସମ୍ଭ୍ରାନ୍ତ ପିଲାମାନେ ପଢିଥାନ୍ତି । ସେମାନଙ୍କ ପିଲାମାନଙ୍କର ପୁରୁଣା ଚାର୍ଟ ଗୁଡ଼ିକ ଏହି ପିଲାମାନଙ୍କୁ ଦେବା ପାଇଁ ସେ ଅଭିଭାବକମାନଙ୍କୁ ଅନ କରି ସଫଳ ହୋଇଛନ୍ତି । ସେହିସବୁ ଚାର୍ଟ ପ୍ୟାଣ୍ଡ ପ୍ଲାଟଫର୍ମ ପିଲାମାନଙ୍କୁ ଦିଆଯାଏ ।

ମୁଁ ପଚାରିଲି ଆପଣ ଭିକାରୀ ପିଲାମାନଙ୍କୁ ପଢାଇବା କଥା ଚିନ୍ତାକଲେ ପୁଣି ରେଳଷ୍ଟେ ପ୍ଲାଟଫର୍ମରେ ଆରମ୍ଭ କରିବେ କେମିତି ସ୍ଥିର କଲେ ?

ମିସେସ୍ ଖୁରାନା କହିଲେ, ଏଭଳି ଏକ ଅନୁଷ୍ଠାନ ଖୋ ପରିକଳ୍ପନା ମୋର ବହୁଦିନରୁ ଥିଲା । କିନ୍ତୁ ସୁବିଧା ସୁଯୋ

ପାଖରେ ନ ଥିଲା । ଆମ ଦେଶ, ବିଶେଷ କରି ଓଡ଼ିଶା ଖୁବ୍ ଗରିବ । ଏଠି ଅନ୍ଧ, ମୂକ, ବଧିରଙ୍କୁ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ଅଛି କିନ୍ତୁ ଭିକାରୀ ପିଲାମାନଙ୍କୁ ଥଇଥାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ତେଣୁ ମନେ ମନେ ଏହିମାନଙ୍କ ଲାଗି ଏକ ଶିକ୍ଷାନୁଷ୍ଠାନ ଖୋଲିବି ବୋଲି ସ୍ଥିର କରିଥିଲି । ସେଥିପାଇଁ ରେଲୱେ ପ୍ଲାଟଫର୍ମ ହିଁ ଉପଯୁକ୍ତ ସ୍ଥାନ ବୋଲି ଭାଷିଲି । କାରଣ ଏଠିଠି ହିଁ ବେଶୀ ପିଲା ମିଳିବେ । ମୁଖ୍ୟତଃ ଏଇ ଅଞ୍ଚଳରେ ଏମାନଙ୍କର ବସ୍ତି ଗଢ଼ି ଉଠିଛି । ଏମାନେ ଟ୍ରେନ ଲାଗିଲା ମାତ୍ରେ ମାଗିବା ପାଇଁ ଛୁଟି ହୋଇଯାନ୍ତି । ତେଣୁ ଏହି ଉପଯୁକ୍ତ ସ୍ଥାନଟିରେ ସ୍କୁଲ ଆରମ୍ଭ ହେଲା । ପଢ଼ା ସରିଲେ ସେମାନେ ଯେମିତି ମାଗିଯିବା କଥା ଯିବେ କହି ମୁଁ ସେମାନଙ୍କର ବାପମା'ଙ୍କୁ ରାଜି କରାଇଲି । ତା' ସହିତ ଠିକ୍ ସମୟରେ ମୁଁ ଖୋଜୁଥିବା ଶିକ୍ଷକ କେତେଜଣଙ୍କୁ ମଧ୍ୟ ପାଇଗଲି ।

ମୁଁ କହିଲି, ସି.ଡ଼ି. ଡ଼ିପାର୍ଟମେଣ୍ଟଙ୍କୁ ସାହାଯ୍ୟ ମାଗିଲେନି ? ସେ ହସିଲେ, କହିଲେ ମିଷ୍ଟର ଏସ୍.କେ.ମେନନ୍ ଏବଂ ଡେପୁଟି ସେକ୍ରେଟେରି ମିସେସ୍ ଅଗ୍ନିହୋତ୍ରୀ ଏ ସ୍କୁଲ ସମ୍ପର୍କରେ ଭଲ ଭାବରେ ଜାଣନ୍ତି । ମୁଁ କିନ୍ତୁ ତାଙ୍କ ତରଫରୁ ସାହାଯ୍ୟ ପାଇ ପାରି ନାହିଁ । ହୁଏତ ଭବିଷ୍ୟତରେ ମିଳିପାରେ । ତେବେ S E R T ପାଖରେ ମୁଁ କୃତଜ୍ଞ ।

ଆମେ ତା'ପରେ ରୁଚିକା ନର୍ସରୀ ସ୍କୁଲକୁ ଗଲୁ । ଦୁଇଟି ସ୍କୁଲ ଭିତରେ ଆକାଶ ପାତାଳ ପ୍ରଭେଦ । ଗୋଟିଏ ପଟେ ପ୍ରାଚୁର୍ଯ୍ୟ, ସୁଖ, ସମୃଦ୍ଧିର ସଙ୍କେତ, ଅନ୍ୟପଟେ ଦାରିଦ୍ର୍ୟ, ହାହାକାର ଆଉ ବଞ୍ଚି ରହିବାର ସଂଗ୍ରାମ ! ଏହାରି ମଧ୍ୟରେ ଏକ ସଂପର୍କର ସେତୁ ଭାବେ ଠିଆ ହୋଇଥିବା ମିସେସ୍ ମେନନ୍‌ଙ୍କୁ ମୁଁ ପ୍ରଶଂସା ନ କରି ରହି ପାରୁ ନଥିଲି । ସେ ଯେଉଁ କ୍ଷୁଦ୍ର ଅନୁଷ୍ଠାନଟିକୁ ଆରମ୍ଭ କରିଛନ୍ତି ତା'ର ସଫଳତା କାମନା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ନୁହେଁ କି ?

## ବାସୁଦେବପୁର ବଳଭଦ୍ର ଗ୍ରାମ

କଟକ ଜିଲ୍ଲାର ସାଲେପୁର ପଞ୍ଚାୟତ ସମିତି ଅନ୍ତର୍ଗତ ମହଣ ଗ୍ରାମପଞ୍ଚାୟତ ପୁରାଣ ପ୍ରସିଦ୍ଧ ଭୀଷ୍ମକୁଣ୍ଡି, ଶୁକଭଦ୍ରା ନଦୀଦ୍ୱୟ ମଧ୍ୟଭାଗରେ ବାସୁଦେବପୁର, ବଳଭଦ୍ରପୁର ଗ୍ରାମ ଦୁଇଟି ଅବସ୍ଥିତ । ପୌରାଣିକ ଦୃଷ୍ଟିକୋଣରୁ କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପରଯୁଗର ବାସୁଦେବ, ବଳଭଦ୍ରଙ୍କ ନାମାନୁସାରେ ଗ୍ରାମ ଦୁଇଟି ନାମିତ । କୁଣ୍ଡି କଟକ ରାଜା ଭିଷ୍ମକ କନ୍ୟା ରୁକ୍ମିଣୀଙ୍କୁ ଶିଶୁପାଳ ବିବାହ ପାଇଁ ନେଉଥିବା ବେଳେ ବାସୁଦେବ ଏହିଠାରୁ ହରଣ କରି ବିବାହ କରିଥିଲେ । ତେଣୁ ଉକ୍ତ ଗ୍ରାମର ନାମ ବାସୁଦେବପୁର ନାମରେ ନାମିତ ବୋଲି ଅନୁମାନ କରାଯାଏ । ଏହି ଗ୍ରାମରେ ଥିବା "ଉଆସ" ନାମକ ଏକ ପୁଷ୍କରଣୀ ଭୀଷ୍ମ ରାଜାଙ୍କ ଗଡର ନିଦର୍ଶନ ସ୍ୱରୂପ ବିଦ୍ୟମାନ ଥିବାବେଳେ "ଛାଟଖନ" ନାମକ ଏକ ମନ୍ଦିର ମୁଖଶାଳାର ଭଗ୍ନାବଶେଷ ସ୍ୱରୂପ ଦୁଇଟି ପ୍ରସ୍ତର ସ୍ତମ୍ଭ ଅବସ୍ଥିତ । ଏହା ବ୍ୟତୀତ କୁଣ୍ଡି ନଦୀର ଉଭୟ ପାର୍ଶ୍ୱରେ ନୃସିଂହ ନାଥ ବିଗ୍ରହ, ଯୋଗେଶ୍ୱର, ଚଉକିବଟ, କନକ ବେଦୀ, କାଳୀ କୋଇଲି ମୁହଁର ପ୍ରସିଦ୍ଧ ବଟ ଗୋସ୍ୱାମୀ ପୀଠ ଓ କ୍ଷେତ୍ରପାଳ ବଟ ସ୍ଥାନ କେଉଁ କାଳରେ ଚିହ୍ନିତ ହୋଇ ରହିଆସିଛି । ଏ ସମ୍ବନ୍ଧରେ ଇତିହାସ ଅବଶ୍ୟ ନିରବ । ଏ ଦୁଇଟି ଗ୍ରାମର ଲୋକସଂଖ୍ୟା ପ୍ରାୟ ୩୯ ଶହ । ଉଭୟ ଗ୍ରାମରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଜନସଂଖ୍ୟାର ଅର୍ଦ୍ଧାଧିକ ବୁଣାକାର ଅଟନ୍ତି । ଏହା ବ୍ୟତିତ ମୋଟ ଜନସଂଖ୍ୟାର ଏକ ଦଶମାଂଶ ହରିଜନ ଓ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟ । ଗ୍ରାମବାସୀମାନଙ୍କର କୃଷି, ବସ୍ତ୍ର ବୟନ ମୁଖ୍ୟ ଜୀବିକା ଅଟେ । ଆର୍ଥିକ ଦୃଷ୍ଟି କୋଣରୁ ଖୁବ୍ ସ୍ୱଳ୍ପ ପରିବାର ଉନ୍ନତ । ହରିଜନ ଭାଇମାନେ ବାଉଁଶ ଓ ବେତ ସାହାଯ୍ୟରେ ଟୋକେଇ ପ୍ରଭୃତି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟହ ମଜୁରୀ ମାଧ୍ୟମରେ ପରିବାର ଭରଣ ପୋଷଣ କରନ୍ତି ।

ଗ୍ରାମ ଦୁଇଟିର ଉଭୟ ପାର୍ଶ୍ୱରେ ନଦୀ ଥିବା ଦୃଷ୍ଟିରୁ ଏହା ସଭ୍ୟଜଗତରୁ ବିଛିନ୍ନ ଥିଲା । ବଦାନ୍ୟ ବ୍ୟକ୍ତିମାନଙ୍କର ଜମିଦାନ ଫଳରେ ସରକାରଙ୍କ "ଖାଦ୍ୟ ବିନିମୟରେ କାର୍ଯ୍ୟ" କାର୍ଯ୍ୟକ୍ରମ ଜରିଆରେ ଗ୍ରାମର ଉନ୍ନତିକାମୀ ଯୁବକମାନଙ୍କ ତଥା ତତ୍କାଳୀନ ସରପଞ୍ଚ ଦେବେନ୍ଦ୍ର ପ୍ରସାଦ ମିଶ୍ର, ଅଲେଖ ଚରଣ ସାହୁଙ୍କ ସହାୟତାରେ ଏକ କର୍ଦ୍ଦମାକ୍ତ ରାସ୍ତାର ଆରମ୍ଭ ହୁଏ, ତତ୍‌ପରେ ଠିକ୍ ୧୯୭୫ ମସିହାରେ ତତ୍କାଳୀନ ମାନ୍ୟବର କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ଆଜିର ସମ୍ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ସଦୟ ସହାନୁଭୂତି ଲାଭକରି କୁଣ୍ଡି ନଦୀ ଉପରେ "କନକ ବେଉଶ'" ଠାରେ ଏକ କାଠପୋଲ ନିର୍ମିତ ହେଲା ଓ ଏ ଅଞ୍ଚଳବାସୀ ଗମନାଗମନର ସୁଯୋଗ ଲାଭ କଲେ । ଉକ୍ତ ପୋଲ ୧୨-୮-୭୫ରେ ସେହି ମହାଶୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଦୀର୍ଘ ୯ବର୍ଷ ପରେ ଏହା ଭାଙ୍ଗିଯିବାରୁ ଗ୍ରାମବାସୀଙ୍କ ନିବେଦନକ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ମହୋଦୟ ଓ ସମ୍ମାନନୀୟା ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ୧୯-୫-୮୪ରେ ଏହିଠାରେ ପକ୍କା ସେତୁର ଭିତ୍ତି ସ୍ଥାପନ କଲେ ଏବଂ ୧୯୮୬ ମଇ ମାସ ଶେଷ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ସମାପ୍ତ ହେଲା । ମାନନୀୟା ଜୟନ୍ତୀ ଦେବୀଙ୍କ ପ୍ରତ୍ୟକ୍ଷ ସହାନୁଭୂତି ଫଳରେ ଶିଶୁଆ-ରାମକୃଷ୍ଣପୁର ପଞ୍ଚାୟତ ସମିତି ରାସ୍ତା ପୋର୍ଟେଲ୍ଲ ବିଭାଗକୁ ହସ୍ତାନ୍ତରିତ ହୋଇ ଏଲ.ଆର.ଇ.ଜି.ପି. ମାଧ୍ୟମରେ ରାସ୍ତାର ଉନ୍ନତି ବିଧାନ କରାଗଲା । ଏହି ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମାନନୀୟା ଲୋକସଭା ସଦସ୍ୟା ଶ୍ରୀମତୀ ପଟ୍ଟନାୟକଙ୍କର ଅବଦାନ ଅବିସ୍ମରଣୀୟ ହୋଇଥିବାରୁ ଏ ଅଞ୍ଚଳବାସୀ ସେ ମହାଶୟମାନଙ୍କ ନିକଟରେ କୃତଜ୍ଞ ।

ଶିକ୍ଷା କ୍ଷେତ୍ରରେ ଗ୍ରାମବାସୀ ଅବହେଳିତ ଅବସ୍ଥାରେ ଥିଲେ । ବାସୁଦେବପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଯାହାକି ଗ୍ରାମର ଜମିଦାର ଉତ୍କଳା ମହାଲକ୍ଷ୍ମୀଙ୍କର ଦାନ ଜମି ଉପରେ ପ୍ରତିଷ୍ଠିତ ହୋଇଥିଲା ତାହା ବର୍ତ୍ତମାନର ସରକାରଙ୍କ ଶାସନକାଳ ମଧ୍ୟରେ ୟୁ.ଜି.ଏମ୍.ଇ. ବିଦ୍ୟାଳୟରେ ପରିଣତ ହେଲା । ଏହି ବିଦ୍ୟାଳୟ ତଥା ବଳଭଦ୍ରପୁର ନିମ୍ନ ପ୍ରାଥମିକ ଭାହାଙ୍ଗ ହରିଜନ ସ୍ୱତନ୍ତ୍ର ପ୍ରାଥମିକ ଅନୁଷ୍ଠାନର ଗୃହଗୁଡ଼ିକ ଅଗ୍ନି ନିରୋଧକ ଛାତରେ ରୂପାନ୍ତରିତ କରାଇବାରେ ମାନ୍ୟବର ବୈଧାନିକ ଶ୍ରୀଯୁକ୍ତ ମାୟାଧର ସେଠୀ ଓ ସାଲେପୁର ପଞ୍ଚାୟତ ସମିତି ଚେୟାରମ୍ୟାନ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ବିଶ୍ୱାଳଙ୍କ ସହାନୁଭୂତି ପ୍ରଶଂସନୀୟ । ଗ୍ରାମର କୁନି କୁନି ପୁଅ ଝିଅ ନିମ୍ନ ମାଧ୍ୟମିକ ଶିକ୍ଷାଲାଭ କରି ଆସୁଅଛନ୍ତି ।

ଉଭୟ ଗ୍ରାମରେ ବଟଗୋସ୍ୱାମୀ ରିକ୍ରେସନ କ୍ଳବ, କଲ୍‌ଚରାଲ ଡେଭେଲପମେଣ୍ଟ ଆସୋସିଏସନ, ଗୀରିଗୋବର୍ଦ୍ଧନ କ୍ଳବ ଓ ସତ୍ୟନାରାୟଣ ସାଂସ୍କୃତିକ ସଂସଦ ନାମକ ୪ଗୋଟି ରେଜେଷ୍ଟ୍ରିଭୁକ୍ତ ଅନୁଷ୍ଠାନ ଗ୍ରାମର ସମୂହ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି, ଅନୁଷ୍ଠାନ ଗୁଡ଼ିକର ପାଠାଗାର ଆଗ୍ରହୀ ଗ୍ରାମବାସୀମାନଙ୍କର ଜ୍ଞାନ ପିପାସା ମେଣ୍ଟାଇବାରେ ସହାୟକ ହେଉଛି । କୃଷି ଓ କୃଷକର ଉନ୍ନତି ପାଇଁ ବଟଗୋସ୍ୱାମୀ ରିକ୍ରେସନ କ୍ଳବ ଆନୁକୂଲ୍ୟରେ ପଲ୍ଲୀଶ୍ରୋତା ମଣ୍ଡଳୀଟିଏ

ଗଠିତ ହୋଇଛି । ବୃଦ୍ଧ ବନ୍ଧୁଗଣ ଏକତ୍ର ବସି ଆଧୁନିକ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରି ଦେବତାର ମାଧ୍ୟମରେ ସୁନ୍ଦର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଆରେ ସେମାନଙ୍କ ସନ୍ଦେହ ମୋଚନ କରିବାରେ ସମର୍ଥ ହୋଇଛନ୍ତି । ପୌଢ଼ଶିକ୍ଷା କାର୍ଯ୍ୟକ୍ରମ ଏହି କ୍ଲବ ହାତକୁ ନେଇ ଗ୍ରାମଗୁଡ଼ିକରୁ ଅନ୍ୟୂନ ଏକଶହ ନିରକ୍ଷର ଲୋକଙ୍କୁ ସ୍ୱାକ୍ଷର କରାଯାଇଛି । ଏହାଛଡା ଯୁବସଙ୍ଗଠନ ପ୍ରତିବର୍ଷ ବିଭିନ୍ନ ନାଟକ ମଞ୍ଚସ୍ଥ କରି ଗ୍ରାମ୍ୟ ଜୀବନକୁ ଆନନ୍ଦ ମୁଖର କରିଥାନ୍ତି । କ୍ରୀଡାର ବିକାଶ ପାଇଁ ପ୍ରତିବର୍ଷ ନାନା ପ୍ରତିଯୋଗିତାର ଆୟୋଜନ କରି ଏ ଅଞ୍ଚଳରେ କ୍ରୀଡାର ମାନ ବଜାୟ ରଖୁଛନ୍ତି ।

ସରକାରଙ୍କ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ନଳକୂପ ଓ ପକ୍କା କୂଅର ବ୍ୟବସ୍ଥା କରାଯାଇଛି । ପରିବାର ନିୟୋଜନ କ୍ଷେତ୍ରରେ ସଂଖ୍ୟାଧିକ ଦମ୍ପତି ସୁଖୀ ପରିବାର ଗଠନ ନିମିତ୍ତ ନିଜ ନିଜ ପରିବାର ନିୟନ୍ତ୍ରଣ କରିଛନ୍ତି । ଗ୍ରାମ ଦୁଇଟିକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯାଇଛି । ଗୋଲକ ଚନ୍ଦ୍ର ସାହୁ, ଲତିଫ୍ ବେଗ୍ ଉଠାଜଳସେଚନ ମାଧ୍ୟମରେ ବର୍ଷକରେ ୩ଗୋଟି ଫସଲ ଅମଳ କରିବାରେ କ୍ଷମ ହୋଇଛନ୍ତି । କେନାଲ ଜଳସେଚିତ ଜମି ବହୁ ପରିମାଣରେ ଥିଲେ ହେଁ ନ ୪-୧ ଶାଖାନାଳ ମରାମତି ଅଭାବରୁ ଓ ବଳଭଦ୍ରପୁର ସାଇଫନ୍ ଦାରନାର ଭାଙ୍ଗିଥିବାରୁ ବଳଭଦ୍ରପୁର, ବାସୁଦେବପୁର, ଶଙ୍କରପୁର ଓରାବାଡି ଓ ରାମକୃଷ୍ଣପୁର ଗ୍ରାମର କୃଷକଗଣ କୃଷି ପାଇଁ ଆବଶ୍ୟକ ପରିମାଣ ଜଳ ପାଇ ପାରୁ ନାହାନ୍ତି । ଏ ଅଞ୍ଚଳର କୃଷକ ଅତ୍ୟନ୍ତ କର୍ମଠ ଏବଂ ସ୍ୱାସ୍ଥ୍ୟ ପାଇଁ ଜଳ, ପାଇ ପାରିଲେ ଦେଶରୁ ଖାଦ୍ୟ ସଂକଟ ଦୂରକରିବାରେ ସହାୟକ ହୁଅନ୍ତେ । ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଅନ୍ୟୂନ ଏକଶହ ପିଲା ମଧ୍ୟାହ୍ନ ଭୋଜନ ଓ ପ୍ରାକ୍ ପ୍ରାଥମିକ ଶିକ୍ଷା ଲାଭର ସୁଯୋଗ ପାଉଛନ୍ତି ।

ସରକାରଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ,ତଥା ଆଇ.ଆର.ଆର.ଡ଼ି.ପି ଓ ଇ.ଆଇ.ଆର.ପି ଯୋଜନା ଅନୁଯାୟୀ ଚିହ୍ନିତ ଦରିଦ୍ରତମ ପରିବାର ବ୍ୟାଙ୍କଋଣ ମାଧ୍ୟମରେ ମତ୍ସ୍ୟ ଚାଷ, ଗୋ-ପାଳନ, ଶଗଡ ଗାଡ଼ି, ରିକ୍ସା, ଟ୍ରଲିରିକ୍ସା ଦରଜି କାମ ପାଇଁ ସିଲେଇ ମେସିନ ଓ ତାଳବାଡ଼ି ଯନ୍ତ୍ର ପ୍ରଭୃତି ଦ୍ରବ୍ୟ ପାଇବା ଦ୍ୱାରା ଆର୍ଥିକ ସ୍ୱଚ୍ଛଳତା ହାସଲ କରିଛନ୍ତି । ବୁଣାକାର ଭାଇମାନେ ମଧ୍ୟ ଏହି ସବୁ ଯୋଜନା କରିଆରେ ଉପକୃତ ହୋଇଛନ୍ତି ଏବଂ ଏମାନଙ୍କ ଆର୍ଥିକ ପ୍ରଗତି ପାଇଁ "ଓଡ଼ିଶା ପଞ୍ଚାବସ୍ତ୍ର ଉନ୍ନୟନ ନିଗମ"ର ଏକ ଶାଖା-ସଂସ୍ଥା କାର୍ଯ୍ୟ ଆରମ୍ଭ କରିଛି । ବାର୍ଦ୍ଧକ୍ୟ ଭତ୍ତା କ୍ଷେତ୍ରରେ ଅସମର୍ଥ, ଅସହାୟ ବ୍ୟକ୍ତିମାନଙ୍କୁ ଭତ୍ତାଦେବାର ବ୍ୟବସ୍ଥା ହୋଇଛି ଓ ଅବଶିଷ୍ଟ ଯୋଗ୍ୟ ବ୍ୟକ୍ତିମାନଙ୍କ ନିମିତ୍ତ ଭତ୍ତା ଦେବାର ଉଦ୍ୟମ ଚାଲିଛି ।

ଗ୍ରାମଗୁଡ଼ିକର ସର୍ବାଙ୍ଗୀନ ସମୃଦ୍ଧିକଳ୍ପେ ଯୁବ ସମ୍ପ୍ରଦାୟର ପୁରୋଭାଗରେ ରହି ସର୍ବଶ୍ରୀ ହୃଷୀକେଶ ଦାସ୍ତ, କୈଳାସ ଚନ୍ଦ୍ର ପତି, ଭ୍ରମରବର ଷାଡ଼୍ଙ୍ଗୀ, ଅଲେଖ ଚନ୍ଦ୍ର ପାତ୍ର, କୁଞ୍ଜ ମୋହନ ସେଠୀ, ନଟବର ପାତ୍ର, ଚନ୍ଦ୍ରମଣି ତ୍ରିପାଠୀ, ରାମଚନ୍ଦ୍ର ଭଞ୍ଜ, ରତ୍ନାକର ପତି, ବାଉଧର ସେଠୀ, ପଞ୍ଚାନନ ବେହେରା, କିଶୋର ଚନ୍ଦ୍ର ବେହେରା, ପ୍ରମୋଦ ଚନ୍ଦ୍ର ଦାସ, ବନମାଳୀ ବେହେରା, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ମନମୋହନ ପାତ୍ର ବିବେକାନନ୍ଦ ସ୍ୱାଇଁ, ଦୋଳଗୋବିନ୍ଦ ସ୍ୱାଇଁ, ନିଶାମଣି ସ୍ୱାଇଁ, ବୁଦ୍ଧିଶାସନ ମଲ୍ଲିକ, ଲତିଫ ବେଗ୍, ହଳଧର ସାମଲ, ସୁଭାଷ ଚନ୍ଦ୍ର ଦାଶ, ନରେନ୍ଦ୍ର ବେହେରା, ଉମେଶ ଚନ୍ଦ୍ର ସ୍ୱାଇଁ, ଯୁଦ୍ଧିଷ୍ଠିର କାଳି କାର୍ଯ୍ୟକରି ଆସୁଛନ୍ତି ।

ପଲ୍ଲୀ ଜୀବନରେ ଭ୍ରାତୃଭାବ, ଐକ୍ୟ ପ୍ରତିଷ୍ଠା କରି ଗ୍ରାମବାସୀମାନଙ୍କୁ ନିମନ୍ତେ ଆନନ୍ଦ ଯୋଗାଇ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିବାରେ ବଡ

ଗୋସ୍ୱାମୀଙ୍କ ନିକଟରେ ଡାଲିଯାତ୍ରା, ଅଷ୍ଟପ୍ରହର, ଶାରଳା ଠାକୁରାଣୀଙ୍କ ନିକଟରେ ଛାତଖାଇ ଯାତ୍ରା, କନକ ଚଉରା ଦୋଳ ମେଳଣ ସାଧୁପାଠରେ ଅଷ୍ଟମୀ ଯାତ୍ରା, ନୃସିଂହନାଥଙ୍କ ନିକଟରେ ସାତ ଦିନ ବ୍ୟାପି ଭାଗବତ ପାରାୟଣ, ଓ ବଳଭଦ୍ରପୁର ଚୈତ୍ରପୂର୍ଣ୍ଣିମା ଯାତ୍ରା ସହାୟକ ହେଉଛି, ହିନ୍ଦୁ ମୁସଲମାନ ଭାଇ ଭାଇ ରୂପେ ପରସ୍ପରର ସୁଖ ଦୁଃଖରେ ଅଂଶ ଗ୍ରହଣ କରି ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କରିବାରେ ସହାୟକ କରି ଏକ ପରିବାର ଭଳି ଚଳୁ । ମୋଟ ଉପରେ ଗ୍ରାମ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ପୂର୍ବକ ସାମାଜିକ ଜୀବନକୁ ସରସ ସୁନ୍ଦର ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏବଂ ସରକାରଙ୍କ ଉନ୍ନତି ମୂଳକ ଯୋଜନା ବ୍ୟକ୍ତିର ସାମଗ୍ରିକ ସମୃଦ୍ଧି ଜାତି, ଧର୍ମ ଓ ସମ୍ପ୍ରଦାୟ ନିର୍ବିଶେଷରେ ଲଗାଇବା ପାଇଁ ସ୍ଥାନୀୟ ଯୁବଗୋଷ୍ଠୀ ସତେ ଯେପରି ସଦା ବ୍ୟାକୁଳ ।

## କୃତୀ ଶିଳ୍ପୀ କ୍ଷେତ୍ରମୋହନ

ଶ୍ରୀ କ୍ଷେତ୍ରମୋହନ ମହାରଣା (ପିତା– ୰ପଙ୍କ... ମୋହନ ମହାରଣା, ଗ୍ରାମ–ଡେଲଙ୍ଗ, ଜିଲ୍ଲା–ପୁରୀ) ୧୯... ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ପାଞ୍ଚ ବର୍ଷ ବୟସ... ବିଦ୍ୟାରମ୍ଭ କରିଥିଲେ । ତାଙ୍କର ପ୍ରାଥମିକ ଶିକ୍ଷା ଗୁରୁ ଥି... ସ୍ୱର୍ଗତ ଅର୍ଜ୍ଜୁନ ଦାସ । ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ବେ... ସେ ଶିଳ୍ପ ବିଷୟରେ ଧାରଣା ପାଇଥିଲେ । ଗୁରୁଙ୍କ କଥା ମ... ସେ ବାପାଙ୍କଠାରୁ କାରିଗରୀ ବିଦ୍ୟା ଶିକ୍ଷା କଲେ ।


ସେ କଟକରେ ଶିଳ୍ପ ତାଲିମ ନେଇ ପ୍ରଥମ ଶ୍ରେଣୀ... ପାସ୍ କରି ଭୁବନେଶ୍ୱରସ୍ଥ ମୂକବଧିର ବିଦ୍ୟାଳୟରେ ପ୍ର... ୩୦ ଜଣଙ୍କ ମଧ୍ୟରେ ଇଣ୍ଟରଭ୍ୟୁରେ ପ୍ରଥମ ହୋଇ ଚାକିରୀ... ଯୋଗ ଦେଲେ । ବଡ଼ପୁଅ ହିସାବରେ ପିତାଙ୍କ ଅନ୍ତେ ... ଦାୟିତ୍ୱ ନେବାକୁ ପଡୁଥିବାରୁ ସେଠାରୁ ତାଙ୍କୁ ଚାକିରୀ ଛାଡ଼ିବ... ହେଲା । ତା' ପରେ ସେ ଗ୍ରାମ ନିକଟସ୍ଥ ଏକ ଶିଳ୍ପକେନ୍ଦ୍ର... ଶିକ୍ଷକତା କଲେ । କିନ୍ତୁ ସେଥିରେ ଆଶାତୀତ ପାରିଶ୍ରମିକ ମିଳିବାରୁ ତାହା ଛାଡ଼ି ସ୍ୱାଧୀନଭାବରେ ସେ ଘ... ମୂର୍ତ୍ତିକାର୍ଯ୍ୟରେ ମନୋନିବେଶ କଲେ ।

ବର୍ତ୍ତମାନ ତାଙ୍କ ପରିବାରରେ ୪ ଝିଅ ଓ ଗୋଟିଏ ପୁ... ମିଶାଇ ମୋଟରେ ସାତଜଣ ।

୧୯୭୩ ମସିହାରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱ... ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କୁ ପଣ୍ଡିତ ନେହରୁଙ୍କ ଏକ ... ଚନ୍ଦନକାଠରେ ନିର୍ମାଣ କରି ଉପହାର ଦେବା ଯୋଗୁଁ ପ୍ରତ... ହେବା ସଙ୍ଗେ ସଙ୍ଗେ ଉଚ୍ଚପ୍ରଶଂସିତ ମଧ୍ୟ ହୋଇଥିଲେ



ଏପରିକି ୧୯୮୦ ମସିହାରେ ପିପିଲିଠାରେ ପ୍ରଭୁ ଜଗନ୍ନାଥଙ୍କ ଶ୍ରୀ ମନ୍ଦିରର ଅନୁରୂପ ମୂର୍ତ୍ତି ଉପହାର ଦେଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ଠାରୁ ଆଶୀର୍ବାଦ ପାଇଥିଲେ । ଏଥିରେ ଉତ୍ସାହିତ ହୋଇ ସ୍ୱର୍ଗତା ଇନ୍ଦିରାଗାନ୍ଧୀଙ୍କ ନାମରେ ଏକ ଶିଳ୍ପ ତାଲିମ କେନ୍ଦ୍ର କରିବାପାଇଁ ସରକାରଙ୍କୁ ଆବେଦନ କରିଛନ୍ତି । ଚଳିତ ବର୍ଷ କେନ୍ଦ୍ର ଲଳିତ ଏକାଡେମୀ, ନୂଆ ଦିଲ୍ଲୀଙ୍କ ଆହ୍ୱାନ କ୍ରମେ ସେ ସେଥିରେ ଅଂଶ ଗ୍ରହଣ କରି ଭାରତର ରାଷ୍ଟ୍ରପତି ମାନ୍ୟବର ଜ୍ଞାନୀ ଜୈଲ୍ ସିଂହଙ୍କୁ କାଷ୍ଠ ନିର୍ମିତ ପୁରାଣ ବର୍ଣ୍ଣିତ ଏକ 'ବିଜୟାରଥ' ଉପହାର ଦେଇ ପ୍ରଶଂସିତ ହୋଇଛନ୍ତି । କାରଣ ସ୍ୱରୂପ ସେ କହନ୍ତି ଯେ ପ୍ରଦର୍ଶନୀରେ ଭାଗନେବାପାଇଁ ବହୁ କଟକଣା ତଥା ବାଟମାରଣା ନୀତିକୁ ସେ ପସନ୍ଦ ନ କରି ରାଷ୍ଟ୍ରପତିଙ୍କ ହସ୍ତରେ ନୂଆ ବର୍ଷର ଅଭିନନ୍ଦନ ବାର୍ତ୍ତା ଭାବରେ ମୂର୍ତ୍ତିଟି ଉପହାର ଦେଇ ଆସିଛନ୍ତି । ଏପରିକି ସେହିଦିନ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବଗାନ୍ଧୀଙ୍କୁ ତାଙ୍କ ମରଣଜୟୀ ମାତା ସ୍ୱର୍ଗତା ଇନ୍ଦିରାଗାନ୍ଧୀଙ୍କର ଏକ କାଷ୍ଠନିର୍ମିତ ପ୍ରତିମୂର୍ତ୍ତି ଦେବାପାଇଁ ବହୁଚେଷ୍ଟା କରି ମଧ୍ୟ ତାଙ୍କର ଦେଖା ନ ମିଳିବାରୁ ଫେରି ଆସିଛନ୍ତି । ପୁନର୍ବାର ଏଥିପାଇଁ ଦିଲ୍ଲୀ ଯିବାକୁ ମନରେ ଆଶା ରଖିଛନ୍ତି ।




"ବିନୁପଦ ଚଲହିଁ ଶୁନଇ ବିନ୍ କାନା
ବିନୁକର କରହିଁ କରମ ବିଧି ନାନା ।
ଆନନ ରହିତ ସକଳ ରସ ଭୋଗୀ
ବିନୁ ବଚତା ସୋ ବଡ଼ ହିଁ ଯୋଗୀ ।"

### ରାଜ୍ୟର ସମ୍ବଳ ସଂଗ୍ରହରେ

# ସ୍ୱଳ୍ପ ସଂଚୟ

### ଆଜିକାଲି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି

ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ସ୍ୱଳ୍ପ ସଂଚୟ ସଂଗ୍ରହ ବାବଦରେ ଆମ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରୁ ପ୍ରାୟ ୯୯ କୋଟି ଟଙ୍କା ଋଣ ସହାୟତା ପାଇଥିଲେ । ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ଦୁଇ ବର୍ଷରେ କେବଳହିଁ ଏହି ବାବଦରେ ପ୍ରାୟ ୮୯ କୋଟି ଟଙ୍କା ଋଣ ସହାୟତା ମିଳିଛି । ଚଳିତ ଆର୍ଥିକ ବର୍ଷରେ ଏ ବାବଦରେ ୫୫ କୋଟି ୫୦ ଲକ୍ଷ ଟଙ୍କା ଋଣ ଆକାରରେ ମିଳିବ ବୋଲି ଅଟକଳ କରାଯାଇଅଛି ।

ସ୍ୱଳ୍ପ ସଂଚୟ ପରିକଳ୍ପନା ଗୁଡ଼ିକରେ ସର୍ବାଧିକ ସୁଧ ସାଙ୍ଗକୁ ଆୟକର ରିହାତ, ସମ୍ପତ୍ତିକର ଛାଡ ଏବଂ ଜୀବନ ବୀମା ପ୍ରଭୃତ ସୁବିଧା ମିଳୁଥିବାରୁ ଜମାକାରୀ-ମାନେ ଏଥିରେ ପୁଞ୍ଜି ଖଟାଇବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ।

'ଇନ୍ଦିରା ବିକାଶ ପତ୍ର'ରେ ଅର୍ଥ ବିନିଯୋଗ କଲେ ୫୨ ବର୍ଷରେ ତାହା ୨ ଗୁଣ ହୋଇଯାଏ । ସେହିପରି 'ଜାତୀୟ ସଂଚୟ ସାର୍ଟିଫିକେଟ୍' ଦ୍ୱିତୀୟ ଇସୁ'ରେ ସୁଧ ଆକର୍ଷଣୀୟ ସହିତ ଆୟକର ରିହାତ ମିଳିଥାଏ । ଏଣୁ ଏହି ଦୁଇଟି ପରିକଳ୍ପନା ଜମାକାରୀମାନଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟ ହୋଇଛି ।

ସ୍ୱଳ୍ପ ସଞ୍ଚୟ ସଂଗଠନ
ଓଡ଼ିଶା ସରକାର

# ପୁରୀର ରଥଯାତ୍ରା

● ଡକ୍‌ଟର ଜଗନ୍ନାଥ ପଟ୍ଟନାୟକ

ଆଜକୁ ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ ପୁରୀର ରଥଯାତ୍ରାରେ ଯୋଗଦେଇ ଫର୍ଗୁସନ ନାମଧେୟ ଜନୈକ ଇଂରେଜ ପ୍ରଶାସକ କହିଥିଲେ "ଅନ୍ୟ କେଉଁଠି ମୁଁ ଏଡ଼େ ବିରାଟ ରଥ ଦେଖିନାହିଁ କି ଅନ୍ୟ କୌଣସି ଉତ୍ସବରେ ଏତେ ସଂଖ୍ୟକ ଲୋକ ଯୋଗଦେଇ ଥିବାର ମଧ୍ୟ ଦେଖିନାହିଁ ।" (୧) ସେହିପରି ୧୫୧୪ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ରଥଯାତ୍ରାଦିନ ଶ୍ରୀ ଜଗନ୍ନାଥଙ୍କୁ ରଥରେ ଦର୍ଶନ କରି କହିଥିଲେ "ଯେଉଁ କୁରୁକ୍ଷେତ୍ରର ଶ୍ରୀକୃଷ୍ଣଙ୍କୁ ଖୋଜୁଥିଲି ଆମେ ଆଜି ସେହି ପ୍ରାଣନାଥଙ୍କୁ ପାଇଲୁ" । ଏହି ବିଷୟ ତାଙ୍କ ଜୀବନୀକାର କୃଷ୍ଣଦାସ କବିରାଜ ଗୋସ୍ୱାମୀ ଲେଖିଛନ୍ତି । (୨) ତେଣୁ ବିଶ୍ୱପ୍ରସିଦ୍ଧ ଆଜିର ଏହି ରଥଯାତ୍ରା ଯୁଗେ ଯୁଗେ ଏହିପରି ଅନୁଷ୍ଠିତ ହୋଇ ଓଡ଼ିଶାକୁ ମହିମାମଣ୍ଡିତ କରିବା ସଙ୍ଗେ ସଙ୍ଗେ ଆମଦେଶର ତଥା ଦେଶ ବାହାରର ଲୋକଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି । ସୁଦୂର ଅତୀତରେ ଏହି ରଥଯାତ୍ରା ଉପରେ କିଞ୍ଚିତ୍ ଧାରଣା ଦେବାପାଇଁ ଉକ୍ତ ନିବନ୍ଧର ଅବତାରଣା ।

ଏହି ପରିପ୍ରେକ୍ଷୀରେ ରଥ ନିର୍ମାଣ ପାଇଁ ଅତୀତରେ କିଏ ଓ କେଉଁଦିନଠାରୁ କାଠ ଯୋଗାଉ ଥିଲେ ସେ ବିଷୟରେ ଏକ ଧାରଣା ଦେବା ସମୀଚୀନ ହେବ । ୧୭୫୧ ଖ୍ରୀଷ୍ଟାବ୍ଦରେ ମରହଟ୍ଟା ଶାସନ ଆରମ୍ଭର ଠିକ୍ ପରେ ପରେ ୧୭୫୨ ଖ୍ରୀଷ୍ଟାବ୍ଦରେ ମରହଟ୍ଟା ସୁବେଦାର ଶିବରାମ ଭଟ୍ଟ ଓଡ଼ିଶାର ବିଭିନ୍ନ ଗଡ଼ଜାତ ରାଜ୍ୟର ରାଜାଙ୍କ ସହିତ ବାର୍ଷିକ କର ନିରୂପଣ କରି ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ । ମାତ୍ର ପୁରୀର ରଥ ନିର୍ମାଣ ପାଇଁ ସମସ୍ତ କାଠ ଦଶପଲ୍ଲା ରାଜା ଯୋଗାଇ ଦେବାପାଇଁ ସମ୍ମତି ପ୍ରଦାନ କରି ଥିବାରୁ ତାଙ୍କଠାରୁ ଉକ୍ତ କର ଆଦାୟ ନକରିବା ପାଇଁ ଚୁକ୍ତିରେ ଉଲ୍ଲେଖ କରାଯାଇଥିଲା । ଅବଶ୍ୟ, ଏହା ଯେ ଏକମାତ୍ର କାରଣ ଥିଲା, ତାନୁହେଁ ଅନ୍ୟାନ୍ୟ କାରଣ ମଧ୍ୟ ରହିଥିଲା । ସେ ଯାହା ହେଉ ଏଥିରୁ ଅନୁମାନ କରାଯାଏ ଯେ ୧୭୫୨ ଖ୍ରୀଷ୍ଟାବ୍ଦରେ ମରହଟ୍ଟା ସହିତ ଚୁକ୍ତି ସଂପାଦିତ ହେବାର ବହୁପୂର୍ବରୁ ଦଶପଲ୍ଲା ରାଜା ରଥନିର୍ମାଣ ପାଇଁ ଶାଳକାଠ ଯୋଗାଇ ଆସୁଥିଲେ । ଅନ୍ୟ କେହି ତା ନଯୋଗାଇ ଦଶପଲ୍ଲା ରାଜା କାହିଁକି ଯୋଗାଉ ଥିଲେ ତା'ର ସଠିକ କାରଣ କହି ହେଉ ନଥିଲେ ମଧ୍ୟ ଗୋଟିଏ କାରଣ ଅନୁମାନ କରାଯାଇପାରେ । ମହାନଦୀ କୂଳରେ ଦଶପଲ୍ଲାର ଘନଜଙ୍ଗଲରେ ସିଧା ଓ ଖୁବ୍ ବଡ଼ ବଡ଼ ଗୋଲେଇର ଶାଳକାଠ ମିଳୁଥିବାରୁ ସେ ଗୁଡ଼ିକୁ କାଟି ମହାନଦୀରେ ଭସାଇଦେଲେ ତାହା ଉକ୍ତନଦୀକୁ ଯୋଗ କରୁଥିବା ଅନ୍ୟାନ୍ୟ ଶାଖାନଦୀ ଦେଇ ପୁରୀରେ ଅନାୟାସରେ ପହଞ୍ଚି ପାରୁଥିଲା । ସେ ଯାହାହେଉ ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କରିବାପରେ ଅନ୍ୟାନ୍ୟ ରାଜାଙ୍କ ସମେତ ଦଶପଲ୍ଲା ରାଜା ଗୌରୀଚରଣ ଭଞ୍ଜଙ୍କ ସହ ୧୮୦୩ ମସିହା ନଭେମ୍ବର ତା୨୨ରିଖ ଦିନ ଏକ ଚୁକ୍ତିପତ୍ର ସଂପାଦନ କରିଥିଲେ । ଏଥିରେ ସେ ବର୍ଷକୁ ଟ୬୬୧ଙ୍କା ଇଂରେଜ ସରକାରଙ୍କୁ କରଦେବାର ଉଲ୍ଲେଖ କରାଯାଇଥିଲେ ମଧ୍ୟ ସେ ପୁରୀର ରଥ ନିର୍ମାଣ ପାଇଁ ବିନାମୂଲ୍ୟରେ କାଠ ଯୋଗାଇ ଦେଇଆସୁଥିବାରୁ ପ୍ରକୃତପକ୍ଷେ ତାଙ୍କଠାରୁ ଉକ୍ତ କର ଆଦାୟ କରାଯାଉନ ଥିଲା । (୩) ସେହି କାଠ ମଧ୍ୟ ଅକ୍ଷୟ ତୃତୀୟା ପୂର୍ବରୁ ପୁରୀରେ ପହଞ୍ଚାଇବାର ଦାୟିତ୍ୱ ଥିଲା ଦଶପଲ୍ଲା ରାଜାଙ୍କର । କାରଣ ଅକ୍ଷୟତୃତୀୟା ଦିନଠାରୁ ହିଁ ରଥ ନିର୍ମାଣ କରାଯିବାର ବିଧି ରହିଥିଲା ଓ ତାହାମଧ୍ୟ ଅଦ୍ୟାବଧି ଅନୁସୃତ ହୋଇ ଆସୁଅଛି ।

ଶହେ ବର୍ଷ ପୂର୍ବେ ଏବଂ ତା ପୂର୍ବରୁ ପୁରୀର ରଥଯାତ୍ରା ସମୟରେ ବିଶେଷଭାବେ ୩ଟି ବିଷୟ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଥିଲା ବୋଲି ତତ୍କାଳୀନ ସମ୍ବାଦପତ୍ର ଓ ଚିଠିପତ୍ରରୁ ଜଣାଯାଏ । ତାହାଥିଲା ଯାତ୍ରୀମାନଙ୍କର ନଦୀପାର, ରଥଟଣା ସମୟରେ ସ୍ୱେଚ୍ଛାକୃତ ମୃତ୍ୟୁ ଓ ଦୁର୍ଘଟଣା ଜନିତ ଅପମୃତ୍ୟୁର ପ୍ରତିରୋଧ ଏବଂ ଓଲଉଠା (ହଇଜା) ରୋଗର ପ୍ରତିଷେଧକ ବ୍ୟବସ୍ଥା । ଏହାଥିଲା ମୁଖ୍ୟତଃ ତତ୍କାଳୀନ ପୁରୀର ପ୍ରଶାସକ ଓ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ।

ଯେତେବେଳେ ରଥ ତଳେ ଚାପିହୋଇ ମୃତ୍ୟୁବରଣ କରିବାର ବହୁଦୃଷ୍ଟାନ୍ତ ରହିଥିଲା । ଏହାଦ୍ୱାରା ପୁନର୍ଜନ୍ମ ହେବ ନାହିଁ ବୋଲି ଲୋକମାନଙ୍କର ବିଶ୍ୱାସଥିଲା । ମାତ୍ର ପ୍ରକୃତପକ୍ଷେ ଦୁରାରୋଗ୍ୟ ଓ ଯନ୍ତ୍ରଣାଦାୟକ ରୋଗରେ ପ୍ରପୀଡ଼ିତ ଲୋକେ ଅଧିକ ସଂଖ୍ୟାରେ ରଥତଳେ ସ୍ୱେଚ୍ଛାକୃତ ଭାବେ ମୃତ୍ୟୁ ବରଣ କରିବାର ଦେଖାଯାଉଥିଲା । ବୁକାନନ ସାହେବ ୧୮୦୬ ଖ୍ରୀଷ୍ଟାବ୍ଦରେ ପ୍ରତ୍ୟକ୍ଷଦର୍ଶୀ ବିବରଣୀଦେଇ ଲେଖିଛନ୍ତି ଯେ ସେହି ବର୍ଷ ରଥତଳେ ଜଣେ ଲୋକ ନିଜକୁ ଚପାଇ ଦେଇ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବରଣ କରିବାପରେ ସେଠାରେ ଉପସ୍ଥିତ ବହୁସଂଖ୍ୟକ ଯାତ୍ରୀ ତାଁ ଉପରେ ଗହଣ ଓ କଉଡ଼ି ପକାଉଥିବାର ଦେଖାଯାଉଥିଲା । ୧୮୦୯ ଖ୍ରୀଷ୍ଟାବ୍ଦରେ ୧୫୦ ଜଣ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବିଷୟ ରେଭେରେଣ୍ଡ ସ୍ମିଥ ଓ ରେଭେରେଣ୍ଡ ଷ୍ଟାନ ମଧ୍ୟ ଲେଖିଛନ୍ତି । ୧୮୨୩ ଖ୍ରୀଷ୍ଟାବ୍ଦରେ ୧୮ଜଣ ସ୍ତ୍ରୀ ମଧ୍ୟ ଅତ୍ୟଧିକ ଭିଡ଼ଯୋଗୁଁ ତଳେ ପଡ଼ିଯାଇ ମୃତ୍ୟୁବରଣ କରିଥିଲେ । (୪) ସେହିପରି ୧୮୫୫ ଖ୍ରୀଷ୍ଟାବ୍ଦରେ ୫ଜଣଙ୍କ ଉପରେ ରଥଗଡ଼ିଯାଉଥିବାରୁ ୩ଜଣ ମୃତ୍ୟୁବରଣ କରିଥିଲେ ଓ ୨ଜଣଙ୍କର ଗୋଡ଼ ପୂରାପୂରି କଟିଯାଇଥିଲା । (୫)

ବର୍ତ୍ତମାନ ପରି ଶହେବର୍ଷ ଓ ତା ପୂର୍ବରୁ ପୁରୀରେ ରଥଯାତ୍ରା ସମୟରେ ଯାତ୍ରୀଙ୍କର ଭିଡ଼ ମଧ୍ୟ ଅତ୍ୟଧିକ ହେଉଥିଲା । ବିଶେଷତଃ ୧୮୪୦ ମସିହାପରେ ସେମାନଙ୍କର ସମାଗମ ବୃଦ୍ଧିପ୍ରାପ୍ତ ହୋଇଥିଲା । କାରଣ ସେହିବର୍ଷ ଇଂରେଜସରକାର ତୀର୍ଥକର (Pilgrim Tax) ଉଚ୍ଛେଦ କରିଥିଲେ । ୧୮୪୧ ମସିହାରେ ଲସିଙ୍ଗର ଗଣନାରୁ ଜଣାଯାଏ ଯେ ଓଡ଼ିଶାବାହାରୁ ୩୦,୦୦୦ ତୀର୍ଥଯାତ୍ରୀଙ୍କ ସମେତ ରଥଯାତ୍ରାସମୟରେ ୫୦,୦୦୦ ଯାତ୍ରୀଙ୍କର ସମାଗମ ହୋଇଥିଲା । ତାଙ୍କରି ବିବରଣୀରୁ ମଧ୍ୟ ଜଣାଯାଏ ଯେ ୧୮୪୬ ମସିହାରେ ୧୮୦,୦୦୦ ଯାତ୍ରୀଙ୍କର ସମାଗମ ହୋଇଥିଲା । ପୂର୍ବରୁ ଓ ତାପରେ ପୁରା ଉନବିଂଶ ଶତାବ୍ଦୀରେ ଏତେ ସଂଖ୍ୟକ ଯାତ୍ରୀ କେବେ ପ୍ରାୟ ଆସିଥିବାର ଜଣାଯାଏ ନାହିଁ । ବଡ଼ଦାଣ୍ଡରେ ସ୍ଥାନାଭାବରୁ ମଠ, ଛୋଟ ଛୋଟ ମନ୍ଦିର, ବାସଗୃହର ଛାତ ଓ ବୃକ୍ଷଉପରେ ବହୁସଂଖ୍ୟକ ଯାତ୍ରୀ ବସି ରଥଟଣା ଦେଖୁଥିଲେ ବୋଲି ସେ ବର୍ଣ୍ଣନା କରିଛନ୍ତି । (୬) ପୁନରାୟ ୧୮୬୦ ମସିହାରେ ଯାତ୍ରୀଙ୍କର ସମାଗମ ବହୁ ପରିମାଣରେ ବୃଦ୍ଧି ହୋଇଥିଲା । ଅବଶ୍ୟ ସେମାନଙ୍କର ସଂଖ୍ୟା ୧୮୪୬ ମସିହାଠାରୁ ଅଧିକ ନଥିଲା, ତଥାପି ପୁରୀର ମାଜିଷ୍ଟ୍ରେଟ୍ ତତ୍କାଳୀନ କମିଶନରଙ୍କ ପାଖକୁ ୧୮୬୧ ମସିହା ଜୁନର ୧୪ତାରିଖଦିନ ଲେଖିଥିବା ଚିଠିରୁ ଜଣାଯାଏ ଯେ ସେହିବର୍ଷ ୬୦,୦୦୦ ଯାତ୍ରୀଙ୍କର ସମାଗମ ହୋଇଥିଲା । ମାତ୍ର ତାଠାରୁ ବହୁ ଅଧିକ ସଂଖ୍ୟକ ଯାତ୍ରୀଙ୍କର ସମାବେଶ ହୋଇଥିଲାବୋଲି ରାଜାଙ୍କର ଦେଓ୍ୱାନ ବୟାନ ଦେଇଥାଆନ୍ତି । ସେ କହିଥିଲେ "ମୁଁ ଜାଣେ ଯେ ଅଠରବର୍ଷାଠାରେ କେବଳମାତ୍ର ୬୦,୦୦୦ ବଙ୍ଗାଳୀ ତୀର୍ଥଯାତ୍ରୀ ବାହାରୁ ଆସିଥିବାର ହିସାବରହିଥିଲା ଏବଂ ରଥର ତୃତୀୟ ଦିନରେ ବଡ଼ଦାଣ୍ଡରେ ଅନ୍ତତଃପକ୍ଷେ

୮୦,୦୦୦ ଯାତ୍ରୀଙ୍କର ସମାଗମ ଯେ ହୋଇଥିଲା,
ନିଶ୍ଚିତପକ୍ଷେ କୁହାଯାଇପାରିବ" । (୭) ସେହିବର୍ଷ
ଏତେସଂଖ୍ୟକ ଯାତ୍ରୀଙ୍କୁ ନିୟନ୍ତ୍ରଣକରିବା କଷ୍ଟସାଧ୍ୟ ହୋଇ
ସେ ଯାହାହେଉ ଯାତ୍ରୀମାନଙ୍କୁ ନିୟନ୍ତ୍ରଣକରିବା ପାଇଁ ବହୁ
ପ୍ରଚଳିତ ବେତମାଡ଼ ପୁରୀ ମାଜିଷ୍ଟ୍ରେଟଙ୍କ ଆଦେଶ
ସେହିବର୍ଷ ବନ୍ଦକରିଦିଆଯାଇଥିଲା । ଏହା ସତ୍ତ୍ୱେ ସେ
କୌଣସି ଲୋକ ମୃତ୍ୟୁମୁଖରେ ପଡ଼ିନଥିଲେ । ଯାତ୍ରୀଙ୍କୁ ନି
କରୁଥିଲେ ଜଣେ ଦାରୋଗାଙ୍କ ଅଧୀନରେ ଥିବା ପ୍ରାୟ ୧୫
ବଙ୍ଗାଳୀ ଓ ଓଡ଼ିଆ ପୋଲିସ ଏବଂ ରାଜାଙ୍କର କେଂଦେ
ଲୋକ । ଦୁର୍ଘଟଣା ପ୍ରତିରୋଧ କରିବାଥିଲା ତାଙ୍କର ଦା
ରଥଟଣାକୁ ନିୟନ୍ତ୍ରଣ କରିବାପାଇଁ ପ୍ରତ୍ୟେକ ରଥଦଉଡ଼ି ପା
କେତେଜଣ ବରକନ୍ଦାଜଙ୍କୁ ନିଯୁକ୍ତ କରାଯାଇଥିଲା । ଏତେ
ସଂଖ୍ୟକ ପୋଲିସ ଏତେ ସଂଖ୍ୟକ ଯାତ୍ରୀଙ୍କୁ କିପରି ନି
କରୁଥିଲେ, ତାହା ଏକ ବିସ୍ମୟର କଥା । ଅବଶ୍ୟ ବର୍ତ୍ତମ
ସେତେବେଳେ ଲୋକମାନେ ଏତେ ଜଟିଳ ପ୍ରକୃତିର ନଥି
ରହୁ କଷ୍ଟ ସ୍ୱୀକାରକରି ଦୂରଦୂରାନ୍ତରୁ ଯାତ୍ରୀମାନେ ଆ
ଭକ୍ତିପୂର୍ଣ୍ଣ ହୃଦୟନେଇ । କୌଣସି ବିଶୃଙ୍ଖଳା ସୃଷ୍ଟି କରିବ
ସେମାନଙ୍କର କଳ୍ପନାର ବାହାରେ ।

ଠିକ୍ ଶହେବର୍ଷପୂର୍ବେ ପୁରୀର ରଥଯାତ୍ରା ସ
ସାମ୍ୟକ ଧାରଣା ଦେବା ପାଇଁ ତତ୍କାଳୀନ ସମ୍ବାଦପତ୍ର
ଦୀପିକା"ରେ ପ୍ରକାଶିତ ତଥ୍ୟ ଉପରେ ଆଧାରିତ ଏକ ବି
ନିମ୍ନରେ ପ୍ରଦତ୍ତ ହେଲା ।

ଏହା ଥିଲା ୧୮୮୬ ମସିହାର କଥା । ସେହିବର୍ଷ
ପଡ଼ିଥାଏ, ଜୁଲାଇ ୭ତାରିଖ ମଙ୍ଗଳବାରଦିନ ।
୩ ଠାକୁର ରଥକୁ ବିଜେ କରିଥିଲେ ମଧ୍ୟ ତା'ପରଦିନ
ରଥ ଟଣାଯାଇ ବଳଭଦ୍ର ଓ ସୁଭଦ୍ରାଙ୍କର ରଥ ଗୁଣ୍ଡି
ନିକଟରେ ପହଂଚିପାରିଥିଲେ । ମାତ୍ର ସେଦିନ ଜଗନ୍ନା
ବଳଗଣ୍ଡି ପାରହୋଇ ତା'ପର ଦିନ ଗୁଣ୍ଡିଚାମନ୍ଦିରରେ ପ
ସେହିଦିନ ମଧ୍ୟ ତିନି ଠାକୁର ମନ୍ଦିରକୁ ବିଜେ ହୋ
ମାଜିଷ୍ଟ୍ରେଟ ଓ ପୋଲିସ ସେହିବର୍ଷ "ସବୁପ୍ରକାର
ତତ୍ପରତାସହ କାର୍ଯ୍ୟ କରିଥିବାରୁ ଯାତ୍ରୀଙ୍କର
ଅସୁବିଧା ହୋଇନଥିଲା । ବର୍ଷା ଓ ନଦୀବ
ଥିବାରୁ ଯାତ୍ରୀମାନଙ୍କର କ୍ଲେଶ ଅଧିକ ହୋଇନାହିଁ
"ଉତ୍କଳ ଦୀପିକା"ରେ ପ୍ରକାଶିତ ସମ୍ବାଦରୁ ଜଣାଯା
(୮) ଯାତ୍ରୀମାନଙ୍କର ସୁବିଧା ଦେଖିବାପାଇଁ ସେହିବର୍ଷ
ଏକ ବସାଘର କମିଟି ଗଠନ କରାଯାଇଥିଲା ଓ
ରଥଯାତ୍ରୀଙ୍କର ଚିକିତ୍ସାନିମିତ୍ତ ବେଶ୍ ଯତ୍ନବାନ୍ ହୋ
ସେହିବର୍ଷ ପୁରୀରେ ଓଲଓଠା (ହଇଜା) ରୋଗର ନିରା
ଚିକିତ୍ସାପାଇଁ ପୁରୀ ମ୍ୟୁନିସିପାଲଟି ୩ଜଣ ସ୍ଥାନୀୟ
ନିଯୁକ୍ତି ଦେଇଥିଲେ । ଅତି ଆଶ୍ଚର୍ଯ୍ୟର ବିଷୟ ଯେ
ଓଲଓଠା ରୋଗ ଲାଗି ନଥିଲା । ଏତଦ୍ବ୍ୟତୀତ ୩ଜଣ
ବିଶିଷ୍ଟ ଏକ ରଥଯାତ୍ରା ତଦାରଖ କମିଟି ଗଠନ କରା

ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ରଥର ଦାୟିତ୍ୱ ବହନ କରିଥିଲେ । ମାତ୍ର ସେହିବର୍ଷ ସମ୍ଭବତଃ ଅଧିକ ସଂଖ୍ୟକ ଯାତ୍ରୀଙ୍କର ସମାଗମ ହୋଇନଥିଲା । ତା'ହୋଇଥିଲେ ଏହି ତଥ୍ୟ ସମ୍ବାଦପତ୍ରରେ ପରିବେଷଣ କରାଯାଇ ଥାଆନ୍ତା ।

ଏହାଥିଲା ୧୮୮୭ ମସୀହାର ରଥଯାତ୍ରାର ଘଟଣା । ସେହିବର୍ଷ ଜୁଲାଇ ୯ତାରିଖରେ ରଥଯାତ୍ରା ପଡ଼ିଥିଲା ଓ ସେଥିରେ ମାତ୍ର ୨୦ହଜାରରୁ ୨୨ହଜାର ପର୍ଯ୍ୟନ୍ତ ଯାତ୍ରୀଙ୍କର ସମାଗମ ହୋଇଥିଲା । କେବଳ ରଥଯାତ୍ରା କାହିଁକି ଚନ୍ଦନଯାତ୍ରାରେ ମଧ୍ୟ ଯାତ୍ରୀଙ୍କ ସଂଖ୍ୟା ଖୁବ୍ କମ ହୋଇଥିବାରୁ "ବାସୀନ୍ଦାମାନଙ୍କ ମନରେ ସୁଖନଥିଲା କି ଚନ୍ଦନ ମହୋତ୍ସବ ଧୁମଧାମରେ ହୋଇପାରିନଥିଲା" ବିଷୟ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା (୯) ମାତ୍ର ସ୍ନାନଯାତ୍ରାରେ ସାମାନ୍ୟ ଅଧିକ ଯାତ୍ରୀ ହୋଇଥିଲେ ଓ ସେମାନଙ୍କ ସଂଖ୍ୟାଥିଲା ପ୍ରାୟ ୮ହଜାରରୁ ୧୦ ହଜାର ।

୧୮୮୭ ମସୀହାରେ ସ୍ନାନଯାତ୍ରାଠାରୁ ରଥଯାତ୍ରାପର୍ଯ୍ୟନ୍ତ ସବୁ କାର୍ଯ୍ୟର ଦାୟିତ୍ୱରେ ରହିଥିଲେ ଦୁଇଜଣ ଡେପୁଟି ମାଜିଷ୍ଟ୍ରେଟ । ସେମାନେ ଥିଲେ ବାବୁ ରାଜଗୋପାଳ ରାୟ ଓ ବାବୁ ମନମୋହନ ଚକ୍ରବର୍ତ୍ତୀ । ମାତ୍ର ସେହିବର୍ଷ ଗୋଟିଏ ନୂଆଟିକସର ପ୍ରଚଳନ କରାଯାଇଥିଲା । ଭଡ଼ାଘରେ ରହିବାକୁହେଲେ ଯାତ୍ରୀମାନଙ୍କୁ ଏକ ଟିକସ ଦେବାକୁ ପଡୁଥିଲା । ଏହି ଟିକସ ଭୟରେ ଅନେକ ଯାତ୍ରୀ ବାଟ, ଘାଟ ଓ ଗଛମୂଳରେ ପଡ଼ିରହିଥିବାର ଦେଖାଯାଇଥିଲା । ସେହିବର୍ଷ ଅନ୍ୟ ଗୋଟିଏ ବିଷୟ ରଥଯାତ୍ରୀଙ୍କୁ ବେଶ୍ ବାଧିଥିଲା ଓ ସମ୍ଭବତଃ ସେଥିପାଇଁ ଯାତ୍ରୀଙ୍କର ସମାଗମ ଏତେ ସ୍ୱଳ୍ପ ହୋଇଥିଲା । ମହାନଦୀ ଓ କାଠଯୋଡ଼ି ପାରହେବାପାଇଁ ପୂର୍ବରୁ ଯାତ୍ରୀଙ୍କପାଇଁ କେବଳମାତ୍ର ୧ ପଇସା ମାସୁଲ ଦେବାକୁ ପଡୁଥିବା ସ୍ଥଳେ ୧୮୮୭ ମସୀହାରେ ଏହା ଦୁଇପଇସାକୁ ବୃଦ୍ଧିପ୍ରାପ୍ତ ହୋଇଥିଲା । ଅବଶ୍ୟ ଯାତ୍ରୀମାନଙ୍କର ସୁବିଧାପାଇଁ ରାସ୍ତାରେ ବହୁ ପଦକ୍ଷେପ ଗ୍ରହଣ କରାଯାଇଥିଲା ଓ ତା'ର ଦାୟିତ୍ୱରେ ରହିଥିଲେ ବାଲେଶ୍ୱର ଜିଲ୍ଲାର କାର୍ଯ୍ୟକାରୀ କଲେକ୍ଟର ନ୍ୟୁଟ୍ ସାହେବ । ତାଙ୍କ ନିର୍ଦ୍ଦେଶରେ ପଥିକମାନଙ୍କପାଇଁ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା । ରାସ୍ତାକଡରେ ନୂତନ ପୁଷ୍କରିଣୀ ଓ କୂପ ଖନନ କରିବା ସଙ୍ଗେ ସଙ୍ଗେ ପୁରାତନ ଗୁଡ଼ିକର ସଂସ୍କାର କରାଯାଇଥିଲା । ଏଥିପାଇଁ ସେ ଦାତାରୁ ବଦାନ୍ୟ ବ୍ୟକ୍ତିଙ୍କ ନିକଟରୁ ଅର୍ଥ ସଂଗ୍ରହ କରିଥିଲେ । ବାଲେଶ୍ୱରର ପ୍ରଖ୍ୟାତ ଜମିଦାର ବୈକୁଣ୍ଠନାଥ ଦେ ଏଥିପାଇଁ ୨,୦୦୦ଟଙ୍କା ଦାନ କରିଥିବାର ଜଣାଯାଏ ।

ପୂର୍ବବର୍ଷପରି ୧୮୮୭ ମସିହାରେ ସରକାରଙ୍କ ପାଇଁ ଦୁଇଟି ଚିନ୍ତାର ବିଷୟଥିଲା । ତାହାଥିଲା ନଦୀପାରି ଓ ଓଳଉଠାରୋଗ । ମାତ୍ର ଦୈବଯୋଗକୁ ସେହିବର୍ଷ ଉଭୟଟି ବିଷୟ ଯାତ୍ରୀମାନଙ୍କପାଇଁ ଚିନ୍ତାର କାରଣ ହୋଇନଥିଲା । କାରଣ ସେହିବର୍ଷ ମହାନଦୀ ଓ କାଠଯୋଡ଼ିରେ ସାମାନ୍ୟ ବଢ଼ିପାଣି ଆସିଥିଲା ଓ ପୁରୀ ଜିଲ୍ଲାର ନଦୀଗୁଡ଼ିକ ଶୁଷ୍କଥିଲା । ସେହିପରି ଓଳଉଠା ରୋଗର ନିରାକରଣପାଇଁ ପୁରୀ ମ୍ୟୁନିସିପାଲିଟି ବିଭିନ୍ନ ପଦକ୍ଷେପ ନେଇଥିଲେ । ପ୍ରଥମତଃ କାଠଯୋଡ଼ି କୂଳରେ ମେଡ଼ିକେଲ ଓ ଅତିରିକ୍ତ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା । ଏ ସଂପର୍କରେ "ଉତ୍କଳ ଦୀପିକା"ରେ ପ୍ରକାଶ ପାଇଥିଲା "ରୋଗୀଙ୍କ ଚିକିତ୍ସା ଓ ଶୁଶ୍ରୁଷା ବିଷୟରେ କିଛିକଷ୍ଟ ହୋଇନାହିଁ । ମ୍ୟୁନିସିପାଲିଟିର ସୁଯୋଗ୍ୟ ଭାଇସଚେୟାରମେନ ଚିକିତ୍ସାଳୟକୁ ଦିବାରାତ୍ର ୨୪ଘଣ୍ଟା ଖୋଲା ରଖିବାର ଆଦେଶ ଦେଇକରିଥିଲେ ଯେ କାହାର ପୀଡ଼ା ହେଲେ ସେ ତତ୍‌କ୍ଷଣାତ୍ ଔଷଧ ପାଇପାରିବ । ସେଥିପାଇଁ ମ୍ୟୁନିସିପାଲିଟି ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥାଗୁଡ଼ିକ ମଧ୍ୟ ପ୍ରଚୁର କରାଯାଇଥିଲା ।" (୧୧)

୧୮୮୭ ମସିହାରେ ରଥକୁ ପହଣ୍ଡି ବିଜେହେବାରେ ଅଧିକ ବିଳମ୍ବ ହୋଇଥିଲା । ସେହିବର୍ଷ ରଥର ଅଧିକ ବିବରଣୀ ସମ୍ବାଦଦାତାଙ୍କ ତ୍ରୁଟିପାଇଁ ପ୍ରକାଶ ପାଇନଥିଲା । ବର୍ତ୍ତମାନପରି ସେତେବେଳେ ମଧ୍ୟ ସ୍କନ୍ଦପୁରାଣରେ ବର୍ଣ୍ଣିତ ନିୟମ ଅନୁଯାୟୀ ରଥକୁ ଖୁବ୍ ଧୀରେ ଧୀରେ ଟଣାଯାଉଥିଲା । ଅବଶ୍ୟ ତାମୂଳରେ ଅନ୍ୟ ଗୋଟିଏ ତଥ୍ୟ ନିହିତ ଥିବାର ଜଣାଯାଏ । ରଥ ଟାଣିବା ସମୟରେ ଯଦି ତା'ର କୌଣସି ଅଂଶ ଭାଙ୍ଗିଯାଏ, ତେବେ ସେହିବର୍ଷ ଦେଶ ଓ ମାନବଜାତିପାଇଁ ବିପଦ ପଡ଼ିବାର ଆଶଙ୍କା ରହିଛିବୋଲି ଲୋକମାନଙ୍କର ବିଶ୍ୱାସ ବହୁଦିନରୁ ରହିଆସିଥିଲା । ତେଣୁ ରଥଟିକୁ ଧୀରେ ଧୀରେ ଟଣା ଯାଉଥିଲା ।

ଏହାଥିଲା ୧୦୦ ବର୍ଷ ପୂର୍ବର ରଥଯାତ୍ରା । ବର୍ତ୍ତମାନ ଅପେକ୍ଷା ସେତେବେଳର ଯାତ୍ରୀମାନଙ୍କର ଅସୁବିଧା ଓ ଦୁଃଖ ଦୁର୍ଦ୍ଦଶା ଅଧିକ ହୋଇଥିଲେ ମଧ୍ୟ ଯାତ୍ରୀମାନଙ୍କର ସଂଖ୍ୟା ଆଶାତୀତଭାବେ ବୃଦ୍ଧି ପାଉଥିଲା । କାରଣ ଲୋକମାନଙ୍କର ବିଶ୍ୱାସଥିଲା ଯେ କଷ୍ଟନକଲେ କୃଷ୍ଣ ମିଳିବା ଅସମ୍ଭବ । ସେଥିପାଇଁ ସବୁ ଦୁଃଖକଷ୍ଟ ସେମାନେ ହସିହସି ବରଣ କରି ନେଉଥିଲେ ।

ପ୍ରାଧ୍ୟାପକ, ବି.ଜେ.ବି. ସାନ୍ଧ୍ୟ
ମହାବିଦ୍ୟାଳୟ, ଭୁବନେଶ୍ୱର ।

(୧) ପ୍ରଭାତ ମୁଖାର୍ଜୀଙ୍କର History of the Jagannath Temple in 19th Century ପୃଷ୍ଠା ୩୦୨-୩୦୩

(୨) କୃଷ୍ଣଦାସ କବିରାଜଙ୍କର "ଚୈତନ୍ୟଚରିତାମୃତ ଅନ୍ତ୍ୟଲୀଳା-୪୦ ଧାଡ଼ି

(୩) Aitchis on Treaties Vol. I, ପୃଷ୍ଠା ୧୯୪

(୪) ପ୍ରଭାତ ମୁଖାର୍ଜୀଙ୍କର History of Jagannath Temple in the 19th Century ପୃଷ୍ଠା ୨୯୫ ।

(୫) ପ୍ରଭାତ ମୁଖାର୍ଜୀଙ୍କର History of Jagannath Temple in the 19th Century ପୃଷ୍ଠା ୩୦୪ ।

(୬) ପ୍ରଭାତ ମୁଖାର୍ଜୀଙ୍କର History of the Jagannath Temple in 19th Century ପୃଷ୍ଠା ୩୦୧ ।

(୭) ଏହାର ପୃଷ୍ଠା ୩୦୫

(୮) ୧୦ ଜୁଲାଇ ୧୮୬୬ ମସିହାର 'ଉତ୍କଳ ଦୀପିକା' ପୃଷ୍ଠା ୨୧୮ . .

(୯) ମେ ୨୧ ତାରିଖ ୧୮୮୭ ମସିହାର 'ଉତ୍କଳ ଦୀପିକା' ପୃଷ୍ଠା ୨୦

(୧୦) ମେ ୨୧ ତାରିଖ ୧୮୮୭ ମସିହା ରି 'ଉତ୍କଳ ଦୀପିକା' ପୃଷ୍ଠା ୨୦

(୧୧) ମେ ମାସ ୨୧ ତାରିଖ ୧୮୮୭ ମସିହାର 'ଉତ୍କଳ ଦୀପିକା' ୨୧୯ ।

## ଶ୍ରୀଜଗନ୍ନାଥ ଜଣାଣ

ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ ।।
ନମସ୍ତେ ପ୍ରଭୁ ବାସୁଦେବ । ଭକତ ଜନଙ୍କ ବାନ୍ଧବ ।।
ନମସ୍ତେ ପ୍ରଭୁ ହୃଷୀକେଶ । ଭକତ ଜନଙ୍କ ବିଶ୍ୱାସ ।।
ନମସ୍ତେ ପ୍ରଭୁ ବିଶ୍ୱରୂପୀ । ସକଳ ହୃଦେ ଅଛୁ ବ୍ୟାପି ।।
ସୃଷ୍ଟି ପ୍ରଳୟ ଅନ୍ତ କରୁ । ଏ ସବୁ ଗର୍ଭରେ ସମ୍ଭାଳୁ ।।
ପଞ୍ଚାଶ କୋଟି ବସୁନ୍ଧରା । ତୋର ହୃଦରେ ଛନ୍ତି ଧୃତ ।।
ଚଉଦ ଭୁବନ ରଚନା । ଏ ସବୁ ତୋହର ରଚନା ।
ବ୍ରହ୍ମା ରୁଦ୍ର ବସୁ ବୃନ୍ଦ । ତୋ ବିନୁ ଅନ୍ୟ ଗତି ନାହିଁ ।।
ସୃଷ୍ଟି ଯାହାର ଖେଳ ପରି । ଅଯତ୍ନ ମାୟା ସିଦ ପାରି ।।
ତୋହର ନିଶ୍ୱାସ ମରୁତ । ଦେବେ ହୋଇଲେ ଜନ୍ମଜାତ ।।
ବୃହସ୍ପତି ଅଗ୍ନି ଦେବ ଇନ୍ଦ୍ର । ନୟନୁ ଜାତ ସୂର୍ଯ୍ୟ ଚନ୍ଦ୍ର ।।
ଭୁଜରୁ ଅନନ୍ତ ମୂରତି । କଣ୍ଠରୁ ଜାତ ସରସ୍ୱତୀ ।।
ସଦା ଚଞ୍ଚଳ ନିଦ୍ରା ନାହିଁ । ଏ ରୂପେ ଶୂନ୍ୟେ ଅଛୁ ରହି ।।
ଏମନ୍ତ ଅଶେଷ ମହିମା । କେ ଜାଣି ପାରେ ଗୁଣ ସୀମା ।।
ତୋ ନାମ କରୁଥିଲେ ଲକ୍ଷ । କୋଟିଏ ଜନ୍ମ ପାପ କ୍ଷୟ ।।
ନାମ ଘୋଷିଲେ ସର୍ବ ସିଦ୍ଧି । ଖଣ୍ଡଇ ରୋଗ ଶୋକ ଆଧି ।।
ଯାତନାଭଞ୍ଜନ ତୋ ନାମ । ଅନେକ ଜାଲେ ଜନ୍ମସେବା ।।
ହୋଇଲୁ ଦଶ ଅବତାର । ନାଶିଲୁ ମେଦିନୀର ଭାର ।।
ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ।।
ତୁ ଅଟୁ ଭକତଙ୍କ ଧନ । ତା ଚିତ୍ତ ବୃତ୍ତି ଜାଣୁ ମନ ।।
ସତୀ ଯୁବତୀଙ୍କର ପତି । ଜଗତ ସ୍ୱାମୀ ଶାନ୍ତ ଚେତେ ।।
ସେହି ପ୍ରକାରେ ମୋର ମନ । ତୋଠାରେ ରହୁ ଭଗବାନ ।।

(ଜଗନ୍ନାଥ ଦାସ)



# ପରଂବ୍ରହ୍ମ ଜଗନ୍ନାଥ

● ଡକ୍ଟର ସଦାନନ୍ଦଗୋବିନ୍ଦ ଶାସ୍ତ୍ରୀ

ଶ୍ରୀମଦ୍ ଭାଗବତରେ ପରଂବ୍ରହ୍ମ ପରତତ୍ତ୍ୱର ଦାର୍ଶନିକ ଆଲୋଚନା ପ୍ରଥମ ସ୍କନ୍ଧ ତୃତୀୟ ଅଧ୍ୟାୟରେ ସଂକ୍ଷେପରେ କରାଯାଇଛି । ପରତତ୍ତ୍ୱର ଅସଂଖ୍ୟ ଅବତାର ମଧ୍ୟରୁ ଚବିଶଟି ବିଶେଷ ଅବତାରର ଉଲ୍ଲେଖ ପରେ କୁହାଗଲା—

'ଏତେ ଚାଂଶକଳାଃ ପୁଂସଃ ଇନ୍ଦ୍ରାରିବ୍ୟାକୁଳଂ ଲୋକେ
କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍ । ମୃଡ଼ୟନ୍ତି ଯୁଗେ ଯୁଗେ ॥

ଏହି ଚବିଶ ଅବତାରମାନଙ୍କ ମଧ୍ୟରେ କୃଷ୍ଣଙ୍କୁ ମଧ୍ୟ ଅବତାର ରୂପେ ଗଣନା କରି ଶ୍ରୀମଦ୍‌ଭାଗବତ ସର୍ବଶେଷରେ "କୃଷ୍ଣସ୍ତୁ" କୃଷ୍ଣ କିନ୍ତୁ ସ୍ୱୟଂ ଭଗବାନ୍ ଏହି ସିଦ୍ଧାନ୍ତ ସ୍ଥାପନ କଲେ । ଏହାର ଅର୍ଥ ହେଲା ଏହି ଯେ ଦ୍ୱାପର ଯୁଗର ଶେଷ ପାଦରେ ବସୁଦେବ-ଦେବକୀଙ୍କର ଏବଂ ନନ୍ଦଯଶୋଦାଙ୍କର ପୁତ୍ର ଆତ୍ମଜ ରୂପେ ଅବତୀର୍ଣ୍ଣ କୃଷ୍ଣ ସାଧାରଣ ଅବତାରମାତ୍ର ନୁହଁନ୍ତି, ସେ ସର୍ବ ଅବତାରଙ୍କର ମୂଳ; ସ୍ୱୟଂ ଅବତାରୀ ବା ପରିପୂର୍ଣ୍ଣ ପରଂବ୍ରହ୍ମ । ଶ୍ରୀ ବ୍ୟାସଦେବ କିନ୍ତୁ ଶବ୍ଦ ଦ୍ୱାରା ଅନ୍ୟାନ୍ୟ ଅବତାରଠାରୁ କୃଷ୍ଣଙ୍କୁ ପୃଥକ୍ କରି ତାଙ୍କର 'ସ୍ୱୟଂ ଭଗବତ୍ତା' ପ୍ରତିପାଦନ କଲେ ।

ନ୍ୟାୟଶାସ୍ତ୍ରରେ 'ଅନୁବାଦ' ଓ 'ବିଧେୟ'—ଏଇ ଦୁଇଟି ପରିଭାଷା, ବିଶେଷ ଅର୍ଥରେ ବ୍ୟବହୃତ ହୁଏ । 'ଅନୁବାଦ'ର ଅର୍ଥ ସାଧାରଣ ବା ଜ୍ଞାତ ବିଷୟ । 'ବିଧେୟ' ଶବ୍ଦର ଅର୍ଥ ଯାହା ବିଶେଷ ବା ଅଜ୍ଞାତ । ଯେପରି—ଏହି ବିପ୍ର ପରମ ପଣ୍ଡିତ—ଏହି ବାକ୍ୟରେ 'ବିପ୍ର' ଅନୁବାଦ ଅର୍ଥାତ୍ ଜ୍ଞାତ । ତାର ପରମ ପାଣ୍ଡିତ୍ୟ ଅଜ୍ଞାତ ବା ବିଧେୟ ।

## ନିୟମ କହୁଛନ୍ତି

ଅନୁବାଦମ୍ ଅନୁକ୍ତ୍ୱା । ତୁ ନ ବିଧେୟମ୍ ଉଦୀରଯେତ୍— ଅର୍ଥାତ୍ ଅନୁବାଦ ନ କହି ବିଧେୟ କହିବା ସଂଗତ ନୁହେଁ । ବାକ୍ୟର ବିଶୁଦ୍ଧ ଅଭିବ୍ୟକ୍ତି ହେଉଛି ପ୍ରଥମେ ଅନୁବାଦ, ତାପରେ ବିଧେୟ ଉକ୍ତ ହେବ ।

ସେହିପରି କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍—ଏହି ବାକ୍ୟରେ କୃଷ୍ଣଙ୍କର ଭଗବତ୍ତା ଏବଂ ବିଶେଷ କଥା କୃଷ୍ଣଙ୍କର ସ୍ୱୟଂ ଭଗବତ୍ତା । ସ୍ୱୟଂ ଭଗବାନଙ୍କର କୃଷ୍ଣତ୍ୱ ନୁହେଁ । ଅର୍ଥାତ୍ କୃଷ୍ଣ ସ୍ୱୟଂ ଭଗବାନ ।

କୃଷ୍ଣଙ୍କର ସ୍ୱୟ ଭଗବତ୍ତ୍ୱ ଏକ ବିଶେଷ ପ୍ରକାଶ । ସେହି ବିଶେଷ ପ୍ରକାଶରୁ ଯାବତୀୟ ଅବତାରଙ୍କର ଉତ୍ପତ୍ତି ବା ପ୍ରକାଶ । ସାରକଥା ହେଲା——

ଶ୍ରୀମଦ୍ ଭାଗବତର ସିଦ୍ଧାନ୍ତ ଅନୁସାରେ କୃଷ୍ଣ ସର୍ବାବତାର ସର୍ବ ଅବତାରର ଆକର ବା ମୂଳତତ୍ତ୍ୱ । ତାଙ୍କଠାରୁ ନାରାୟଣ, ମହାବିଷ୍ଣୁ, ବିଷ୍ଣୁ, ନରସିଂହ, ବାମନ ପ୍ରଭୃତି ଅବତାରଙ୍କର ପ୍ରକାଶ । ବ୍ରହ୍ମ ସଂହିତାରେ କୁହାଯାଇଛି——

ଈଶ୍ୱରଃ ପରମଃ କୃଷ୍ଣଃ
ସଚ୍ଚିଦାନନ୍ଦ ବିଗ୍ରହଃ ।
ଅନାଦିରାଦି ର୍ଗୋବିନ୍ଦଃ
ସର୍ବକାରଣ କାରଣମ୍ ।

କୃଷ୍ଣହିଁ ପରମ ବ୍ରହ୍ମ । ପରତତ୍ତ୍ୱ ସର୍ବକାରଣର କାରଣ ।

ଜଗନ୍ନାଥ ତତ୍ତ୍ୱ :

ପ୍ରତ୍ୟେକ ଦେବତା ଓ ଦେବୀ ମାନଙ୍କର ଅର୍ଚ୍ଚା ବିଗ୍ରହ ପୂଜାର ବିଶେଷ ବିଶେଷ ମନ୍ତ୍ର ଥାଏ । ସେହି ମନ୍ତ୍ର ପାଠ କରି ସେହି ଦେବତାଙ୍କର ଆବାହନ, ଆସନ, ପାଦ୍ୟ-ଅର୍ଘ୍ୟାଦି ପ୍ରଦାନ ପ୍ରଭୃତି ଷୋଡ଼ଶ ଉପଚାର ଦ୍ୱାରା ପୂଜା ହୋଇଥାଏ ।

ଶ୍ରୀଜଗନ୍ନାଥଙ୍କର ପୂଜା-ଅର୍ଚ୍ଚନାଦି ଯେଉଁ ମନ୍ତ୍ର ଦ୍ୱାରା ହୋଇଥାଏ, ତାହା ହେଉଛି—

ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନବଲ୍ଲଭାୟ ନମଃ ।

ଶ୍ରୀକୃଷ୍ଣଙ୍କ ଅର୍ଚ୍ଚା ବିଗ୍ରହ ପୂଜାର ଏବଂ ଜପର ମନ୍ତ୍ର ହେଉଛି—

କ୍ଳୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀ ଜନବଲ୍ଲଭାୟ ସ୍ୱାହା ।

ଏହି ମନ୍ତ୍ର ଗୋପାଳତାପନୀ ଶ୍ରୁତିରେ ବିଶେଷ ବ୍ୟାଖ୍ୟାସହ ବ୍ରହ୍ମାଙ୍କ ଦ୍ୱାରା ଉଚ୍ଚାରିତ ।

ଏହା ବ୍ୟତୀତ କେବଳ ସ୍ନାନ ମଣ୍ଡପ ଓ ରଥଯାତ୍ରାରେ ଶ୍ରୀ ଜଗନ୍ନାଥ ବଳଭଦ୍ର-ସୁଭଦ୍ରା ସହ ସ୍ୱୟଂ ବିଜେକରନ୍ତି । କିନ୍ତୁ ଅନ୍ୟ ସମସ୍ତ ଉତ୍ସବ ଯାତ୍ରାରେ ତାଙ୍କର ବିଜୟ ବିଗ୍ରହ ରୂପେ ମଦନମୋହନ ବିଜେ କରନ୍ତି । ସୁତରାଂ କୃଷ୍ଣ ଓ ଜଗନ୍ନାଥ ଏକ ଏବଂ ଅଭିନ୍ନ । କୌଣସି ତାରତମ୍ୟ ଏହି ଦୁଇ ବିଗ୍ରହ ମଧ୍ୟରେ ନାହିଁ— ଏହା ସର୍ବବାଦୀସମ୍ମତ ସିଦ୍ଧାନ୍ତ । କୃଷ୍ଣଙ୍କ ସଦୃଶ ଜଗନ୍ନାଥ ମଧ୍ୟ ସର୍ବ କାରଣ କାରଣ, ସର୍ବ ଅବତାରର ମୂଳ ଉତ୍ସ—ଏହା ଶାସ୍ତ୍ର ସିଦ୍ଧାନ୍ତ ।

ବର୍ତ୍ତମାନ ଆଲୋଚ୍ୟ— ଦ୍ୱାପର ଯୁଗର ବସୁଦେବ-ଦେବକୀ ଓ ନନ୍ଦ-ଯଶୋଦାଙ୍କ ପୁତ୍ରରୂପେ ଅବତୀର୍ଣ୍ଣ ଦ୍ୱାରକା ବୃନ୍ଦାବନ-ବିହାରୀ କୃଷ୍ଣ ଏବଂ ବିଶ୍ୱାବସୁ ଶବର ପୂଜିତ, ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କ ଦ୍ୱାରା ନୀଳାଚଳ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ପରଂବ୍ରହ୍ମ ପରତତ୍ତ୍ୱର ଦୁଇଟି ପ୍ରକାଶର ଲୀଳାଗତ ବୈଶିଷ୍ଟ୍ୟ କଣ ? ଏକଇ କୃଷ୍ଣ ଦ୍ୱାରକାରେ ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର ଏବଂ ବୃନ୍ଦାବନରେ ପୂର୍ଣ୍ଣତମ ।

ଦ୍ୱାରକାର କୃଷ୍ଣ ଐଶ୍ୱର୍ଯ୍ୟପ୍ରଧାନ ମାଧୁର୍ଯ୍ୟମିଶ୍ର । ମଥୁରାର ଶ୍ରୀକୃଷ୍ଣ ମାଧୁର୍ଯ୍ୟପ୍ରଧାନ ଐଶ୍ୱର୍ଯ୍ୟମିଶ୍ର । ବୃନ୍ଦାବନର କୃଷ୍ଣ କେବଳ ମାଧୁର୍ଯ୍ୟମୟ । ସେଠାରେ ଐଶ୍ୱର୍ଯ୍ୟର ଲେଶମାତ୍ର ନାହିଁ । କିନ୍ତୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ କୃଷ୍ଣ ସମଗ୍ର ଐଶ୍ୱର୍ଯ୍ୟ ସମଗ୍ର ମାଧୁର୍ଯ୍ୟ ସମଗ୍ର ଔଦାର୍ଯ୍ୟ ଗୁଣସହ ଶ୍ରୀ ଜଗନ୍ନାଥ ରୂପେ ବିରାଜମାନ ।

ଏହା ଶ୍ରୀସନାତନ ଗୋସ୍ୱାମୀକୃତ ବୃହଦ୍ ଭାଗବତାମୃତରେ ବର୍ଣ୍ଣିତ ଅଛି— ଶ୍ରୀଦେବକୀନନ୍ଦନ ଏଷ ନଃ ପ୍ରଭୁସ୍ତଦପଧାରୀ ପୁରୁଷୋତ୍ତମେ ସ୍ୱୟଂ ସ୍ଥୈର୍ଯ୍ୟଂ ଭଜନ୍ ଜୀବତି ତନ୍ନିବାସିନାଂ ତତ୍ପ୍ରେମ ପ୍ରଭାଦ୍ରହ୍ୱୀଂ ସଦା ମୁଦେ ।

———୨୩୭ ଶ୍ଳୋକ

ଆମର ପ୍ରଭୁ ଦେବକୀନନ୍ଦନ ସ୍ୱୟଂ ସେହି ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥମୂର୍ତ୍ତି ଧାରଣ କରି ପ୍ରେମପ୍ରବାହାର୍ଦ୍ର ହୃଦୟରେ ଶ୍ରୀକ୍ଷେତ୍ରବାସୀମାନଙ୍କୁ ସୁଖୀ କରିବା ପାଇଁ ସ୍ଥିରଭାବେ ଅବସ୍ଥାନ ଓ ଲୀଳା କରୁଛନ୍ତି ।

ଶ୍ରୀ ଚୈତନ୍ୟଦେବ ରଥାରୂଢ଼ ଶ୍ରୀ ଜଗନ୍ନାଥଙ୍କୁ ଦେଖି ସ୍ତୁତି କରୁଛନ୍ତି—

ଜୟତି ଜନନିବାସୋ ଦେବକୀଜନ୍ମବାଦୋ ଯଦୁବର ପରିଷତ୍ ସ୍ୱୈର୍ଦୋର୍ଭିରସ୍ୟନ୍ନଧର୍ମଂ ସ୍ଥିରଚରବୃଜିନଘ୍ନଃ ସୁସ୍ମିତ ଶ୍ରୀମୁଖେନ ବ୍ରଜପୁର ବନିତାନାଂ ବର୍ଦ୍ଧୟନ୍କାମଦେବ ।

ପୁନଶ୍ଚ ଶ୍ରୀରାଧାଭାବଦ୍ୟୁତି ସମନ୍ୱିତ ଶ୍ରୀଗୌରାଙ୍ଗ ନିମ୍ନ ଲିଖି
ଗୀତିଟି ଗାନ ହେବା ସମୟରେ ଗୀତର ଅଭିନୟ କରୁଛନ୍ତି—

ସେଇ ତ ପରାଣନାଥ ପାଇନୁ ଯାହାଲାଗି ମଦନ ଦହନେ ଝୁରି ଗେନୁ ।

ଦୀର୍ଘ ବିଚ୍ଛେଦପରେ କୃଷ୍ଣଙ୍କ ସହିତ ପୁନର୍ମିଳନ ଅବସରେ ଶ୍ରୀରାଧିକାଙ୍କର ଏହି ଉଲ୍ଲାସଗୀତିକା ।

ଶ୍ରୀଚୈତନ୍ୟ ଓ ତାଙ୍କ ଅନୁଗତ ଭକ୍ତବୃନ୍ଦ ଶ୍ରୀଜଗନ୍ନାଥ ସାକ୍ଷାତ୍ ବ୍ରଜବିହାରୀ ରସରାଜ ଶ୍ରୀରାଧାପ୍ରାଣଧନରୂପେ ଦର୍ଶନ ବନ୍ଦନାଦି କରିଛନ୍ତି ।

ଅଦ୍ୱୈତବାଦର ପ୍ରତିଷ୍ଠାତା ଆଦି ଶଙ୍କରାଚାର୍ଯ୍ୟ ଶ୍ରୀଜଗନ୍ନାଥ "ରାଧାସରସବପୁରାଲିଙ୍ଗନସୁଖ" ବୋଲି ସ୍ତୁତି କରିଛନ୍ତି ଶାସ୍ତ୍ରସିଦ୍ଧାନ୍ତ ଓ ବେଦ ଉପନିଷଦର ସାରତତ୍ତ୍ୱବେତ୍ତା ହିସାବରେ ଆଦି ଶଙ୍କରାଚାର୍ଯ୍ୟ ଓ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ପାଣ୍ଡି ସର୍ବୋପରି । ଏହାବ୍ୟତୀତ ସାଧକ ବା ସିଦ୍ଧହିସାବରେ ସେ ଦୁ ଅବତାର ଯେଉଁ ଲୀଳା ପ୍ରକଟ କରିଛନ୍ତି, ସାଧାରଣ ପାଣ୍ଡିତ୍ୟ ପରାକାଷ୍ଠା ଦେଖାଇଛନ୍ତି, ତାହା ସାରା ଭାରତରେ ଅଦ୍ୱିତୀୟ ଏଯୁଗର ମନୁଷ୍ୟ ଦେହଧାରୀ ଧର୍ମପ୍ରଚାରକର ଲୀଳାବିଗ୍ର ଏହି ଦୁଇ ମହାପୁରୁଷଙ୍କର ଅନୁଭବ ଓ ଦିବ୍ୟଦର୍ଶନ ଶ୍ରୀଜଗନ୍ନାଥ ଯେ ବୃନ୍ଦାବନବିହାରୀ ସର୍ବାବତାରୀ ଗୋଲୋ ବିହାରୀ ଶ୍ରୀକୃଷ୍ଣ—ଏହାର ନିଦର୍ଶନ ସେମାନେ ସ୍ୱରଚିତ ଗ୍ରନ୍ଥାଦି ସଷ୍ଠଭାବରେ ଉଲ୍ଲେଖକରି ଯାଇଛନ୍ତି । ସେଥିପାଇଁ ଅନ୍ୟ ପ୍ରମାଣ ଆବଶ୍ୟକତା ନାହିଁ ।

ଶଙ୍କରାଚାର୍ଯ୍ୟଙ୍କର ରଚିତ ଶ୍ରୀଜଗନ୍ନାଥାଷ୍ଟକ ଏ ଶ୍ରୀଚୈତନ୍ୟାନୁଗ ଶ୍ରୀକୃଷ୍ଣଦାସ କବିରାଜ ଗୋସ୍ୱାମୀକୃତ

ଶ୍ରୀଚୈତନ୍ୟଚରିତାମୃତ ଗ୍ରନ୍ଥ ପାଠକଲେ ଶ୍ରୀଜଗନ୍ନାଥ କୃଷ୍ଣ ଯେ ଏକ ଏବଂ ଅଭିନ୍ନ ତାହା ପ୍ରମାଣିତ ହୋଇଥାଏ

ବ୍ରଜଭୂମିରେ କୃଷ୍ଣଙ୍କର ମାଧୁର୍ଯ୍ୟ ପୂର୍ଣ୍ଣରୂପେ ପ୍ର ହୋଇଛି । ସେହି ମାଧୁର୍ଯ୍ୟ ସେଠିକେ ଏବଂ ନିଜର ଅନ୍ତ ପାର୍ଷଦଗଣ ଆସ୍ୱାଦନ କରିଛନ୍ତି । କିନ୍ତୁ କଳିଯୁଗର ଭକ୍ତ ଭ ମାଧୁର୍ଯ୍ୟ ଲୀଳା କିପରି ଆସ୍ୱାଦନ କରିବେ—ଏହି ପରମକରୁଣା ବାସନାଦ୍ୱାରା ରସରାଜ କୃଷ୍ଣ ଓ ମହାଭାବସ୍ୱରୂପିଣୀ ରା ଏକଦେହରେ ଦାରୁବ୍ରହ୍ମ ଜଗନ୍ନାଥ ଓ ଚଳବ୍ରହ୍ମ ଶ୍ରୀଚୈତନ୍ୟରୂ ଅବତୀର୍ଣ୍ଣ । ବସ୍ତୁତଃ କୃଷ୍ଣଙ୍କର ଔଦାର୍ଯ୍ୟ ବିଗ୍ରହ ହିଁ ଶ୍ରୀଜଗନ୍ନାଥ ଶ୍ରୀଜଗନ୍ନାଥ କେବଳ ସାଧକ ଭକ୍ତ ନୁହେଁ, ଆ ପାମର ବି ବାସୀଙ୍କୁ ନିଜସେବା ସୌଭାଗ୍ୟ ଓ ଦର୍ଶନଦାନ ଦ୍ୱାରା କୃ କରିବାପାଇଁ କଳିଯୁଗରେ ଦାରୁବ୍ରହ୍ମ ରୂପରେ ପ୍ରକଟି ପରଂବ୍ରହ୍ମଙ୍କ ଏ ଔଦାର୍ଯ୍ୟଲୀଳା ପୂର୍ବେ ବ୍ୟକ୍ତ ହୋଇନଥି ଏହି ଲୀଳାର ସଂକେତହିଁ ଶ୍ରୀଅଭିମନ୍ୟୁ ସାମନ୍ତସିଂହାର ବିଦଗ୍ଧ ଚିନ୍ତାମଣି କାବ୍ୟରେ ଏକାଧାରେ କୃଷ୍ଣ, ଜଗନ୍ନାଥ ଶ୍ରୀଚୈତନ୍ୟଙ୍କୁ ସ୍ତୁତିକରି ମଙ୍ଗଳାଚରଣ କରୁଛନ୍ତି—

ଅପ୍ରାକୃତ ପ୍ରେମମୂର୍ତ୍ତି ଜୟରାଧାହରି / ଅବ୍ୟକ୍ତଲୀଳ ବ୍ୟକ୍ତକର ଅବତରି ।

ଅଧ୍ୟାପକ, ରେଭେନ୍ସା କଲେଜ, କଟକ-୩ ।



# ମାଉସୀମା' ଭିତରେ ଅପ୍ରକାଶିତ ଦୁଃଖ...

ଶ୍ରୀ ବସନ୍ତାନନ୍ଦ ପାଇକରାୟ

ମାଉସୀ ମା'ଙ୍କର ଏକ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆସିଛି ପୁଣି ଘୋଷ ଯାତ୍ରା । ପ୍ରଭୁ ଦାଶରଥି ଆଜିତାର ଅତିଥି ହେବେ । ନେତ୍ରୋତ୍ସବ ରଜନୀ ବିନିଦ୍ର ରହି ପ୍ରଭୁଙ୍କ ପ୍ରିୟ ପୋଡ଼-ପିଠା ପ୍ରସ୍ତୁତ କରିଛି । ଖଣ୍ଡ, ଲବଣୀ, ଦ୍ରାକ୍ଷା,ପେସ୍ତା, ବାଦାମ, କର୍ପୂର, ଦାଲଚିନି, ଅଳେଇଚ , ଲବଙ୍ଗ ସହିତ ତା ବକ୍ଷର ଅମୃତ ଭରିଦେଇଛି ସେଥିରେ । ସ୍ୱହସ୍ତରେ ଭୁଞ୍ଜାଇବ ଦାଶରଥି ଭାବଗ୍ରାହୀଙ୍କୁ !

ହଁ, ସେ ଭୁଞ୍ଜାଇଦେବ ସେହିଦିନ ପରି । ଅତୀତର ବେଦନା-ଭରା ସ୍ମୃତି ଜୀବନ୍ତ ହୋଇ ଉଠିଲା ।

ଲୋତକରେ ଛଳଛଳ ହୋଇଉଠିଲା ତାର ନୟନ ଯୁଗଳ । ରହସ୍ୟମୟଙ୍କର ଗୋପନୀୟତା ଭଙ୍ଗ ଭୟରେ ଅଶ୍ରୁଧାରା ସ୍ରୋତକୁ ନିୟନ୍ତ୍ରିତ କରି କରି ସ୍ୱଗତୋକ୍ତି କରି ଗଲା ଅନେକ କଥା ଅନେକ ବ୍ୟଥାର ।

ତ୍ରେତୟା ଯୁଗ ହୋଇଥାଏ ତୋ ମାଉସୀ ମା' ହୋଇଥାଏ କାକୀ ମା ! ତୋ ରହସ୍ୟର ତୀବ୍ର ଦହନ ମଧ୍ୟରେ କିପରି ସେ କାଳ ବିତାଇଛି, ତାହା ତୋ ଛଡ଼ା ଆଉ କିଏ ବୁଝେ ଭାବଗ୍ରାହୀ ? ମୋ ଜୀବନଟାକୁ ପରୀକ୍ଷାଗାରରେ ପରିଣତ କରି କେତେବଡ଼ ପରୀକ୍ଷାଟାଏ ଚଳାଇ ପାରିଲୁ !

ମୁଁ ଜାଣେନା ଏ ଜୀବନଟାରେ କେତେ ସାମର୍ଥ୍ୟ ଥିଲା । କିନ୍ତୁ ତୁ ଏହିଟିକୁ ନିର୍ବାଚିତ କଲୁ ତୋ ପରୀକ୍ଷାର ବିସ୍ଫୋରଣ ପାଇଁ ।

ତୋ ଗର୍ଭଧାରିଣୀର ଜୀବନଟା ହୁଆଡ଼େ ଏଥିପାଇଁ ଥିଲା ଅସମର୍ଥ । ଅସମର୍ଥ ଥିଲା ତ, ତୋତେ ଗର୍ଭରେ ଧରିବାକୁ ସମର୍ଥ ହୋଇଥିଲା କିପରି ? ସେ ହୁଆଡ଼େ ସତ୍ୟ ପାଳନ କରି ଦେଇଥାନ୍ତା । ଆଉ ସୁମିତ୍ରା ଏତେ ବଡ଼ ଅପନିନ୍ଦା ସହ୍ୟ କରି ପାରି ନ ଥାନ୍ତା ! ତେଣୁ ମୋତେ ହିଁ ତୋ ପକ୍ଷରେ ରହି ନିଷ୍ଠୁର ଭାବେ ପେଶି ଗଲି, ଆଉ ଏ କାକୀ ମା ସେ ସତ୍ୟକୁ ଲଂଘନ ନ କରି ତା ପ୍ରାଣାଧିକ ପୁତ୍ର ପ୍ରତିମାକୁ ବନବାସୀ କରାଇ ପାରିଲା ! ଧିକ୍ ତାର ଜୀବନ ! ଶତ ଧିକ୍ ତାର ସାମର୍ଥ୍ୟ !!

ତୁ ସବୁବେଳେ କହିଥାଉ—"ମୋ କାକୀ ମା' ସବୁଠୁଁ ଭଲ ।" ସତରେ ସବୁଠୁଁ ଭଲ ନ ହୋଇଥିଲେ ତୋତେ ଅରଣ୍ୟକୁ ପଠାଇ ତା ସନ୍ତାନକୁ ରଜା କରିଥାନ୍ତା କିପରି ? ଧିକ୍ ତାର ଭଲ ପଣକୁ ! ସେ ଯାହା ମଲା ନାହିଁ ଯେ, ତୋତେ ତୋ ଅଧିକାରରୁ ବଞ୍ଚିତ କଲା !

ଅଯୋଧ୍ୟାର ନରନାରୀ ଉତ୍କଣ୍ଠିତ ଚିତ୍ତରେ ଅପେକ୍ଷା କରିଥିଲେ ରାତ୍ରି ଅନ୍ତେ ତୋ ଅଭିଷେକୋତ୍ସବ ଦେଖିବା ପାଇଁ । କିନ୍ତୁ କ'ଣ ଦେଖିଲେ ? ତାଙ୍କର ପ୍ରତ୍ୟାଶା ଓଲଟି ପଡ଼ିଛି । ରାଜ୍ୟ ସାରା ଶୋକର ଛାୟା ଖେଳିଗଲା । ମୋ ଉପରେ ଶତ-ସହସ୍ର ଅଭିସଂପାତ ବୃଷ୍ଟି ହେବାକୁ ଲାଗିଲା ।

ସେ ସବୁକୁ ନିର୍ବିକାର ଚିତ୍ତରେ ପାନକରି ଚାଲିଲି । ଟିକିଏ ମାତ୍ର ବିଚଳିତ ହେଲିନାହିଁ । ପଥର କରିଦେଲି ହୃଦୟକୁ ।

ରାଜ୍ୟବାସୀ ଅଶ୍ରୁ ବିସର୍ଜନ କରୁଥାନ୍ତି । ରାଜପୁର ନରନାରୀ ଅଶ୍ରୁମୋଚନ କରୁଥାନ୍ତି ଏବଂ ବିବିଧ ମନ୍ତବ୍ୟ ସହ ଭର୍ତ୍ସନା ବର୍ଷି କରୁଥାନ୍ତି ମୋ ଉପରେ । ସେଥିରେ ପୁଣି ଅନ୍ତଃପୁରରେ ଆବଦ୍ଧ ନ ରହି ସକଳ ଦୁହାକୁ ସମାଧାନ କରିବା ପାଇଁ ତୋର ନିର୍ଦ୍ଦେଶ । ତୋର ନାମକୁ ଶୁଣି ଶୁଣି ସବୁକିଛି ସହିଗଲିରେ ଦାଶରଥି । ତୋ 'ନାମ' ବ୍ୟତୀତ ମୋର ଆଉ କ'ଣ ବା ଆଶ୍ରୟ ଥିଲା ସେତେବେଳେ ।

ଦଶରଥ ତ ସନସନ ଚେତନା ହରାଇଥିଲେ । ତୁ ତ ଜାଣୁ ତୋ ପିତା ମୋତେ କେତେ ଭଲ ପାଉଥିଲେ । ତିନିହେଁଙ୍କ ମଧ୍ୟରେ ମୁଁ ଥିଲି ତାଙ୍କର ପ୍ରିୟତମା । ମୋରି ପରାମର୍ଶ ଗ୍ରହଣ କରି ରାଜ୍ୟ ପରିଚାଳନା କରୁଥିଲେ ସେ । ମୁଖ୍ୟ ପରିଚାଳନାରେ

ସଙ୍କଟ ଉପସ୍ଥିତ ହେଲେ ମୋରି ପରାମର୍ଶ ଆବଶ୍ୟକ କରୁଥିଲେ ସେ । ଯୁଦ୍ଧ ଯାତ୍ରାବେଳେ ମୋତେ ନେଉଥିଲେ ସଙ୍ଗରେ ।

କ'ଣ ମୁଁ ବେଶୀ ସୁନ୍ଦରୀ ଥିଲି ବୋଲି ? କ'ଣ ମୁଁ ତାଙ୍କ ମନ ଜାଣି ସେବା କରୁଥିଲି ବୋଲି ? କ'ଣ ମୋ କଥା ଗୁଡ଼ିକ ବେଶୀ ଯୁକ୍ତିକର ଥିଲା ବୋଲି ? ନା ଆଉ କିଛି ? ତୁ ସେକଥା ଜାଣୁ ! ତୁ ଯିମିତି ମୋତେ ବେଶିଭଲ ପାଉଥିଲୁ, ସେ ବି ସେମିତି ମୋତେ ବେଶି ଭଲ ପାଉଥିଲେ । ମୋ ଭିତରେ କି ଯୋଗ୍ୟତା ଦେଖି ମୋ ଉପରେ ଏତେବଡ଼ ଦାରୁଣ ଦାୟିତ୍ୱ ଅର୍ପଣ କଲୁ, ସେ ଯେପରି ମୋ ଭିତରେ କେଉଁଠି କ'ଣ ଦେଖି ତାଙ୍କ ଜୀବନର ସକଳ ଦାୟିତ୍ୱ ନ୍ୟାସ୍ତ କରିଦେଉଥିଲେ ମୋ ଉପରେ ।

କିନ୍ତୁ ଏ କ'ଣ ହେଲା ! ମୋର ସମସ୍ତ ସେବା , ସମସ୍ତ ପରାମର୍ଶ, ସମସ୍ତ ପ୍ରେମ ହଠାତ୍ ବିଷମୟ ହୋଇ ଉଠିଲା । ସେ ଭାବିଲେ ମୁଁ ଗୋଟାଏ 'ବିଷକୁମ୍ଭ-ପୟୋମୁଖ' ବୋଲି । ଦଶରଥ-ଙ୍କର ମୋ ପ୍ରତି ଏହି ବିରାଗ ମୋ ପକ୍ଷରେ ଅତ୍ୟନ୍ତ ନିଦାରୁଣ ହୋଇଥିଲେ ମଧ୍ୟ, ଆତ୍ମସାତ କରି ନିର୍ବିକାର ତିଷ୍ଠୁରେ ।

ଦଶରଥ ବାରମ୍ବାର ଚେତାଶୂନ୍ୟ ହେଉଥିବାର କାରଣ, କେବଳ ତୋରି ବନବାସ ହୋଇ ନପାରେ । ମୋ ଭଳି ଗୋଟାଏ ବିଶ୍ୱସ୍ତକୁ ଏତେକାଳ ଯାଏଁ ଯାହା ସେ ନ ଚିହ୍ନିପାରି ଜୀବନ ରକ୍ଷାକାରିଣୀ ଭାବେ ପାର୍ଶ୍ୱଚାରିଣୀ କରି ରଖିଥିଲେ , ସେଥିପାଇଁ ହୁଏତ ମୂର୍ଚ୍ଛା ଯାଉଥିଲେ !

ତାଙ୍କର ମନେ ପଡ଼ିଥିବ ଦେବତାମାନଙ୍କର ନିମନ୍ତ୍ରଣ କ୍ରମେ ସମ୍ବରାସୁର ଯୁଦ୍ଧର କଥା । ସମ୍ବରାସୁରଠାରୁ ପରାଜୟ ସ୍ୱୀକାର କରି ଦେବତାମାନେ ତାଙ୍କୁ ନିମନ୍ତ୍ରଣ କରନ୍ତି ଅସୁର ବିରୁଦ୍ଧରେ ଯୁଦ୍ଧଯାତ୍ରା କରିବା ପାଇଁ । ମୋତେ ସ୍ୱୟଂ ମୋ ପରାମର୍ଶକୁ ଅପେକ୍ଷାକଲେ ସେ । ମୁଁ ମୃଦୁହସରେ ଦେବତାମାନଙ୍କ ଅନୁରୋଧରକ୍ଷା କରିବାକୁ ସମ୍ମତି ଜ୍ଞାପନ କଲି । ସେ ଉଲ୍ଲସିତ୍ ହୋଇ ଉଠିଲେ । ତାଙ୍କର ପୌରୁଷ ସ୍ଫୀତ ହୋଇ ଉଠିଲା । ଦେବତାମାନଙ୍କ ପାଇଁ ଯୁଦ୍ଧରେ ଯୋଗଦାନଆମ ପକ୍ଷରେ କମ ଗୌରବର ବିଷୟ ନ ଥିଲା ।

ସେ ଅବିଳମ୍ବେ ଯୁଦ୍ଧଯାତ୍ରା କଲେ । ମୁଁ ଥିଲି ସାଙ୍ଗରେ। ଭୟଙ୍କର ସଂଗ୍ରାମ ଚାଲିଲା । ଦେବତାମାନଙ୍କର ଶୁଭେଚ୍ଛାରେ ସେ ଅପୂର୍ବ ରଣକୌଶଳ ପ୍ରଦର୍ଶନ କଲେ । ସମ୍ବରାସୁର ନିହତ ହେଲା । ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା ଆମ ଉପରେ ।

କିନ୍ତୁ ସେ ଭୀଷଣ କ୍ଷତାକ୍ତ ହୋଇପଡ଼ିଥିଲେ । ଶରୀର ରକ୍ତସ୍ରାତ ଥିଲା । ଶ୍ୱାସ ପ୍ରଶ୍ୱାସ କ୍ରମେ କ୍ଷୀଣତର ହେଉଥିଲା । ତାଙ୍କର ଜୀବନୀ ଶକ୍ତି ଲୋପ ପାଉ ଅସୁଥିଲା ଯେପରି ମୋରି କୋଳଶାୟୀ ହୋଇ ମୃତ୍ୟୁକୁ ଅପେକ୍ଷା କରି ରହିଥିଲେ ଅବା ।

ମୁଁ ଜାଣେନା–ମୁଁ କିପରି ତାଙ୍କରି ପରିଚର୍ଯ୍ୟା କଲି । ତାଙ୍କର କ୍ଷତ ଗୁଡ଼ିକରେ ମୁଁ କେବଳ ପ୍ରୀତିର ଚୁମ୍ବନ ବୋଳି ଦେଲିକି ଅନନ୍ୟୋ-ପାୟ ହୋଇ ।

କ୍ରମେ କ୍ରମେ ରକ୍ତସ୍ରାବ ବନ୍ଦହୋଇ ଆସିଲା । ପାର୍ଶ୍ୱ ଅରଣ୍ୟରୁ କେତୋଟି ଅନାମିକା ପତ୍ର ତୋଳିଆଣି କ୍ଷତ ସ୍ଥାନ ଗୁଡ଼ିକରେ ଲଗାଇ ଦେଲି । ପରିହିତ ଶାଢ଼ୀର ପଣତ ଚିରି ବାନ୍ଧିଦେଲି କ୍ଷତ ଉପରେ । କିଛି ଗୋରସ ସାଙ୍ଗରେ ସଂଜୀବନ ରସ ମିଶ୍ରିତ କରି ପାନ କରାଇ ଦେଲି । ତାଙ୍କରି ନିସ୍ତେଜ କପାଳରେ ମୋର ଅଙ୍ଗୁଳି ସଂଚାଳନ କରି ଚାଲିଲି । ମୋତେ ଲାଗୁଥିଲା ମୋରି ଅଙ୍ଗୁଳି ଜରିଆରେ ମୁଁ ଯେପରି ମୋ ଜୀବନକୁ ତାଙ୍କରି ଶରୀରରେ ସଂଚାର କରୁଛି ।

ମୋରି ସ୍ପର୍ଶରେ ସେ ଚକ୍ଷୁ ମୁଦ୍ରିତ କଲେ । ସାରା ରଜନୀ ତାଙ୍କୁ କୋଳରେ ଧରି ଅନୁଭବ କରୁଥିଲି ସତ୍ୟବାନଙ୍କୁ କୋଳରେ ଧରି ସାବିତ୍ରୀ ବସିଥିଲା ଭଳି ।

ପରଦିନ ପ୍ରତ୍ୟୁଷରେ ତାଙ୍କର ନିଦ୍ରାଭଙ୍ଗ ହେଲା । ତାଙ୍କ ଶରୀରରେ ଯନ୍ତ୍ରଣାର କୌଣସି ଲକ୍ଷଣ ଥିଲାଭଳି ଜଣା ପଡୁ ନ ଥିଲା ପ୍ରାୟତଃ ଆରୋଗ୍ୟ ଲାଭ କଲାଭଳି ଜଣାପଡୁଥିଲା ।

ସୂର୍ଯ୍ୟଦେବ ଉଦିତ ହୋଇ ନ ଥାନ୍ତି । କୋଳରେ ଶୋଇଥା ନୟନ ମେଲିଲେ । ମୃଦୁ ହସି ନିବେଦନ କଲେ ମୋ ଅଧର ସ୍ପର୍ଶ !

ସେତିକିବେଳକୁ ତାଙ୍କ ଜୀବନ ପ୍ରତି ଆଶଙ୍କା ଏପସରି ଥାଏ ମୋ ମନରୁ । ତାଙ୍କ ଅନୁରୋଧ ରକ୍ଷାକରିବାରେ ମୁଁ ବିଳ କରନ୍ତେ ହଠାତ ଉଠିପଡ଼ି ମୋତେ ଆଲିଙ୍ଗନକଲେ ଏ ଅଯାଚିତ ଭାବେ ମୋ ଗଣ୍ଡ ଦେଶରେ ଛାଇ ଦେଇଗଲେ ଅସଂ ଅଧର ସ୍ପର୍ଶ । ତଥାପି ତାଙ୍କ ଜୀବନର ଆଶଙ୍କା ଅପସ ହୋଇ ନ ଥାଏ ମୋର । ମୁଁ ତାଙ୍କ ଶରୀରରେ ହସ୍ତ ସଂଚାଳ କରି କ୍ଷତ ଗୁଡ଼ିକର ଅବସ୍ଥା ଅନୁଧ୍ୟାନ କରିବାକୁ ଚେଷ୍ଟା କରୁଥା

ସେ ସମ୍ପୂର୍ଣ୍ଣ ସୁସ୍ଥ ମଣିଷ ପରି ଠିଆହୋଇଗଲେ ସତେ ଯେପରି ଆଉଥରେ ଯୁଦ୍ଧକୁ ବାହାରି ପଡ଼ିଛନ୍ତି ।

ମୁଁ ଖୁବ୍ ଖୁସି ହୋଇଗଲି । ମୋର ଆଶଙ୍କା ହୋଇଗଲା । ପରିହାସଚ୍ଛଳେ କହିଲି ପୁଣି ଯୁଦ୍ଧକୁ ବାହାରି ନା କ'ଣ ? ସମ୍ବରାସୁର ତୁମରି ହସ୍ତରେ ନିହତ ଦେବତାଗଣ ତୁମ ଉପରେ ପୁଷ୍ପବୃଷ୍ଟି କରିଛନ୍ତି । ତାଙ୍କ ଆଶୀର୍ବାଦରେ ତୁମେ ବର୍ତ୍ତମାନ ଯନ୍ତ୍ରଣାମୁକ୍ତ । ଅ ଏଥର ଅଯୋଧ୍ୟା ଫେରିଯିବା ।

ସେ କହିଲେ – ଏ ବିଜୟ ତୁଆରେ ତାଙ୍କର ନୁ ମୋର । ତେଣୁ ମୋତେ ସେ କିଛି ପୁରସ୍କାର ଦେବ ଚାହିଁଲେ । ମୁଁ କହିଲି – "ନା, ଏ ବିଜୟ ଆମର ନୁ ଦେବତା ମାନଙ୍କର । ତାଙ୍କରି ଆଶୀର୍ବାଦରୁ ହିଁ ଆମର ବି ହୋଇଛି । ଦେବତାମାନଙ୍କ ଶକ୍ତି ଅପେକ୍ଷା ସେମାନ ଆଶୀର୍ବାଦର ଶକ୍ତି ଅଧିକ ।

ସେ ମୋତେ ଶୁଣିଲେ ନାହିଁ । ମୋରି ପରିଚର୍ଯ୍ୟା ସେ ସେ ମୃତ୍ୟୁ ମୁଖରୁ ଫେରି ଆସିଛନ୍ତି କହି ମୋତେ ୨ଟି

ଯାଚଣା କରିବାକୁ କହିଲେ । କହିଲେ – "ତୁମେ ଯେତେବେଳେ ଇଚ୍ଛା କରିବ, ସେତେବେଳେ ଏ ବର ଦୁଇଟି ପ୍ରାର୍ଥନା କରିପାରିବ ।" ତା ପରେ ମୋତେ କୃତଜ୍ଞତାପୂର୍ଣ୍ଣ ଦୁଇଟି ଚୁମ୍ବନ ଦେଇ କହିଲେ – "ଏ ଦୁଇଟିକୁ ଅଗ୍ରୀମ ରୂପେ ଗ୍ରହଣ କରିଥାଅ ।"

ସେ ସ୍ମୃତିଗୁଡ଼ିକ ତାଙ୍କୁ ସେତେବେଳେ ମୂର୍ଚ୍ଛିତ କରି ପକାଉଥିବ । ଗୋଟାଏ ବିଷକନ୍ୟା କୋଳ ଉପରେ ସେ ରାତ୍ରିଟି କଟାଉଥିବାର ସ୍ମୃତି ତାଙ୍କୁ ବିଷ ଜ୍ୱାଳାରେ ଜର୍ଜରିତ କରୁଥିବାରୁ ସେ ବାରମ୍ବାର ଚେତନା ହରାଉଥିଲେ । ଆଉ ମୁଁ ଗୋଟାଏ ଦୁରଲଂଘ୍ୟ ନିୟତିର କବଳରେ ପଡ଼ି ଯନ୍ତ୍ରଣା ଜର୍ଜରିତ ହେଉଥାଏ । ପଦେମାତ୍ର ପ୍ରକାଶ କରିବାକୁ ସାମର୍ଥ୍ୟ ନ ଥାଏ । ବିନ୍ଦୁଏ ମାତ୍ର ଅଶ୍ରୁ ମୋଚନ କରିବାକୁ ଉପାୟ ନଥାଏ । ଓଃ, ସେତେବେଳର ସେ ଯେଉଁ ଅସହ୍ୟ ବ୍ୟଥା ! ସେଥିରେ ପୁଣି ସେ ସବୁ ଗୁପିରଖି ମୁଖରେ ହସ ଫୁଟାଉବାର ଛଳନା ଆହୁରି ବେଦନାଦାୟକ ହେଉଥିଲା ସିନା !

ତୋର ସତ୍ୟ ପାଳନ ପାଇଁ ହସ ଫୁଟାଉଥିଲି ନିର୍ଲଜ୍ଜ ମୁହଁରେ । ସମସ୍ତେ ଜାଣନ୍ତୁ – ନିଜପୁତ୍ର ଭରତ ରଜା ହେବ ବୋଲି ଦୁରାଗ୍ରହିଣୀର କି ଆନନ୍ଦ ?

ମୁଖଟା ମୋର କି ବିଭତ୍ସ ଦିଶୁଥିବ ସେ ବିଶାକ୍ତ ହସରେ । ପୁର ନରନାରୀ ସେ କଦାକାର ମୁଖ ଦେଖି କେତେ ପରିହାସ କରିଥିବେ । ମୋ ଭଳି କିଏ ଆଉ ଥିବ ଏ ସୃଷ୍ଟିରେ ଏପରି ଉତ୍କଟ ଘୃଣ୍ୟଛଳନାର ବିକୃତ ସାମଗ୍ରୀଟିଏ ହୋଇ ?

ସମସ୍ତେ ଜାଣିଥିଲେ ମୁଁ ତୋତେ ଭରତ ଅପେକ୍ଷା ଅଧିକ ଭଲପାଏ ବୋଲି । ତୁ ନିଜେ ମଧ୍ୟ ଏ କଥା ସ୍ୱୀକାର କରିଥିଲୁ ଅନେକଥର । ତୁ ତୋର ଗର୍ଭଧାରିଣୀ ଜନନୀଙ୍କଠାରୁ ମୋତେ ଅଧିକ ଭଲ ପାଉଥିଲୁ । ଏକଥା ମଧ୍ୟ ସମସ୍ତେ ଜାଣିଥିଲେ । କିନ୍ତୁ ସେଦିନ ସମସ୍ତେ ଜାଣିଥିବେ ଭାବିଥିବେ – ତୋ କାକୀ ମା'ର ଭଲ ପାଇବା ଥିଲା ଗୋଟାଏ ଛଳନା ମାତ୍ର । 'ନାରୀ ଛଳନାମୟୀ' କହି ସେମାନେ ସମଗ୍ର ନାରୀ ସମାଜର ଅପବାଦ ରଟାଉଥିବେ । କେବଳ ମୋରି ପାଇଁ ସିନା ଗୋଟାଏ ସମାଜ ନିର୍ଦ୍ଦୋଷରେ ଲାଞ୍ଛିତ ହେଲା ।

ସେ ଦିନର ଅଘଟଣ କଥାକୁ ଭୁଲିଯିବା ପାଇଁ ତୋର ତାଗିଦ ଥିଲେ ମଧ୍ୟ କିମିତି ଭୁଲି ଯିବିରେ ଦାଶରଥି ।

ଛୋଟ ପିଲାଟିଏ ହୋଇଥାଉ ତୁ । ଗୁଳୁଗୁଳିଆ କଥାରେ ଅଯୋଧ୍ୟାବାସୀଙ୍କର ମନ ମୋହୁଥାଉ । ମୃଦୁ ମୃଦୁ ହସରେ ଅଯୋଧ୍ୟା ନଗ୍ରରେ ଶତ କୋକନଦ ଫୁଟାଉ ଥାଉ । ଝୁଲାଡୀର ଗଳିରେ ଖେଳିଉଡ଼ା ପକ୍ଷୀଶାବକ ପରି ଅନୁରାଗ ଆକର୍ଷଣ କରୁଥାଉ ସମସ୍ତଙ୍କର ।

ଥରେ ଭରତ ସ୍ତନ୍ୟପାନ କରୁଥିବାବେଳେ ତୁ ଆସି ପହଞ୍ଚିଗଲୁ । ହସି ହସି ଅନ୍ୟ ସ୍ତନଟିକୁ ଅଧିକାର କରିନେଲୁ । ତୋର ଗୋଟିଏ ହସ୍ତଥାଏ ମୋ ଉପରେ ଓ ଅନ୍ୟ ହସ୍ତଟି ଥାଏ ଭରତ ଉପରେ । ଥରେ ମୋତେ ଥରେ ଭରତକୁ ଚାହିଁ ମୁରୁକି ହସମାରୁଥାଉ । ତା'ପରେ ଉଠି ପଡ଼ିଲୁ । ସ୍ୱସ୍ତିରେ ନିଶ୍ୱାସ ଛାଡ଼ି କହିଲୁ – "କାକୀ ମା, ତୁମ ବକ୍ଷର ଅମୃତ ଯେମିତି ମିଠା, ତୁମ ଅଧରର ଅମୃତ ସିମିତି ମିଠା ।" ତା'ପରେ ତୋ ମୁଚୁକା ଗଣ୍ଡ ମୋ ଅଧର ଅଭିମୁଖେ ପ୍ରସାରି ଦେଲୁ ।

ସେତିକିରେ ତୋ ମଧୁର ପର୍ବର ସମାପ୍ତି ଘଟିଲାନାହିଁ । ତୁ ଦୌଡ଼ିଗଲୁ ସାନ ମା ପାଖକୁ । "ଆସ, ମିଠା ଅମୃତ ପିଇବ ପରା ଆସ", କହି ଲକ୍ଷ୍ମଣ ଶତ୍ରୁଘ୍ନକୁ ଟାଣି ଆଣିଲୁ । ଲକ୍ଷ୍ମଣ ଶତ୍ରୁଘ୍ନ ମୋ ସାମନାରେ ଲଜକରା ହୋଇ ଠିଆ ହୋଇଥିବା ଦେଖି ଭରତ ଉଠିଗଲା ମୋ କୋଳରୁ । ଲକ୍ଷ୍ମଣ ଶତ୍ରୁଘ୍ନଙ୍କର ଲଜ୍ଜ୍ୟା ଛଡ଼ାଇବାପାଇଁ ମୁଁ ଦୁଇହାତ ବଢ଼ାଇ ଦେଲି । ତଥାପି ସୁଦ୍ଧା ଲଜକରା କି ଭାଇ ହସି ଦେଲେ ସିନା, ଭରସି ପାରିଲେ ନାହିଁ । ତୁ ଲକ୍ଷ୍ମଣକୁ ଏବଂ ଭରତକୁ ଶତ୍ରୁଘ୍ନକୁ ଧରି ମୋ ବକ୍ଷ ଉପରକୁ ଭିଡ଼ି ଆଣିଲୁ । ମୁଁ ସେ ଦୁହିଁଙ୍କୁ ମୋ ବକ୍ଷ ଉପରେ ଭିଡ଼ି ଧରିଲି ।

ଅଦୂରରେ ତୋ ପିତା ଦଶରଥ ତୋର ଏ ମଧୁର ଚପଳତା ଉପଭୋଗ କରୁଥାଆନ୍ତି । ହଠାତ୍ ପିତାଙ୍କୁ ଦେଖି ହସି ହସି ଦୌଡ଼ି ପଳାଇଗଲ ସମସ୍ତେ ।

ତାପରେ ଦଶରଥଙ୍କ ପିଲାକିଆମି କରିବା ପାଳି ପଡ଼ିଗଲା । ସେ ହସି ହସି ମୋ ପାଖକୁ ଆସି କହିଲେ–"ତୁମର ଏ ଦର୍ଭ ଶିଶୁଟିକୁ ଟିକିଏ ମିଠା ଅମୃତ ପରିବେଷଣକର" । ଅଧର ଧ୍ୱଂସ କରି କହିଲେ–"ଏଣି ଅମୃତର ମଧୁରତା ମୁହଁକୁ ଏତେ ଭାଙ୍ଗି ପକାଏ ଯେ ଅନ୍ୟ ଅମୃତ ପ୍ରତି ଲୋଭ ରହେ ନାହିଁ । ରାମଚନ୍ଦ୍ରର ଦୃଷ୍ଟିରେ ତୁମରି ଅମୃତ ଏତେ ମିଠା କାହିଁକି ଜାଣ? ତୁମ ଅନ୍ତରର ଗଭୀରତମ ସ୍ଥଳୀରୁ ତାହା ଝରି ଆସେ ।

ପୋଡ଼ିଯାଉ ମୋର ସେ ଅନ୍ତର ! ଅନ୍ତରର ଗଭୀରରେ ଅମୃତ ନଥିଲା ଯେ, ଥିଲା ବିଷ ! ସେହି ବିଷ ଝରି ଆଜି ଦଶରଥ, ଦାଶରଥି ସମେତ ସମସ୍ତ ଅଯୋଧ୍ୟାକୁ ଜର୍ଜରିତ କରିପକାଇଲା । କେତେ ବିଷ ରହିଥିଲା ଏ ଦୁରାଗ୍ରହିଣୀ ତା ଭିତରେ ।

ସେହି ଦୁର୍ଭାଗ୍ୟଜନକ ଉଷାକାଳ ଉପଗତହେଲା । ସେହି ଉଷା ତୁଆତେ ବସୁମାତାଙ୍କ ପାଇଁ ସୌଭାଗ୍ୟପୂର୍ଣ୍ଣ ଥିଲା ବୋଲି ତୁ କହିଥିଲୁ । ପୁଣି କହିଥିଲୁ ମୁଁ ତୁଆଦେ ସେହି ସର୍ବଂସହା ବସୁମାତାଙ୍କର ପ୍ରତିମୂ !

ଅବଶ୍ୟ ଏସବୁ ଅପ୍ରକାଶିତ ରଖିବାକୁ ତୋର ନିର୍ଦ୍ଦେଶ ରହିଛି । କିନ୍ତୁ ଏସବୁ ମୁଁ ପ୍ରକାଶିତ କରୁନାହିଁ ତ, ଏ ମୋର ଆତ୍ମଦହନର ଉଲ୍ଲାସ ମାତ୍ର । ମହୋଦଧିରେ ବାଡ଼ବାଗ୍ନି ଜଳିଲେ ବହିର୍ଗତ ହେଉଥିବା ଧୂମ ପାଇଁ କଣ ମହୋଦଧିର ଦୋଷ !

ତଥାକଥିତ ସେହି ସୌଭାଗ୍ୟ ପ୍ରଦାୟିନୀ ଉଷାକାଳ ଉପସ୍ଥିତ ହେଲା 'ଅଯୋଧ୍ୟା' ନଗ୍ରରେ । ଶଙ୍ଖ ଭେରୀର ଶୁଭ ମାଙ୍ଗଳିକ ପରିବର୍ତ୍ତେ କରୁଣ କ୍ରନ୍ଦନର ଉଚ୍ଛ୍ୱସିତ ଆର୍ତ୍ତନାଦ ! ପ୍ରିୟ ବଧୂ ଜାନକୀ ସକଳ ଅଙ୍ଗାଭରଣ ମୋଚନକଲେ ତନୁରୁ ! ତୁ ଅନୁଜସହ ରାଜପରିଷଦ ତ୍ୟାଗ କରି ବୃକ୍ଷ ବଳ୍କଳ ପରିଧାନ କଲୁ ।

ତିନିହେଁ ବିଦାୟ ନେଲ ଶ୍ରୀହୀନ ବନବାସୀ ବେଶରେ । କେବଳ ମୋ ବ୍ୟତୀତ ସକଳ ନରନାରୀ ଅଶ୍ରୁ ସାଗରରେ ଭାସି ଭାସି ମେଲ୍ଲାଣି ଦେଲେ ତୁମମାନଙ୍କୁ । ଏ ହତଭାଗିନୀ ତା ଅନ୍ତଃପୁରରେ ପଡ଼ି ରହିଲି ପାଷାଣ ମୂର୍ତ୍ତିଟିଏ ପରି କେବଳ ତୋ ଆଜ୍ଞାକୁ ଅବଜ୍ଞା କରିବ ନାହିଁ ବୋଲି !

ତୋ ନିଷ୍ଠୁର ନିର୍ଦ୍ଦେଶ ଅବଜ୍ଞା କରିନାହିଁ । ସ୍ନେହ ମା ପରି ଦ୍ୱାର ରୁଦ୍ଧ କରି ନିଃଶବ୍ଦରେ କାନ୍ଦି ଚାଲିଲି ! ନୋହିଲେ, ଲୋକାପବାଦ ହେବ—ପାପିଷ୍ଠା ନିଜ ସ୍ୱାର୍ଥ ପାଇଁ ଏ କାଣ୍ଡ ଘିଆଇ ପକାଇଛି, ମୋଡ଼ା ମୂର୍ଦ୍ଧରେ ! ତୁ କହିଥିଲୁ ମୁଁ କାନ୍ଦିଲେ କାଳେ କାହାର ସନ୍ଦେହ ଜାତ ହେବଯେ ତୋ କାକୀ ମା' ର ଏହି ବର ପ୍ରାର୍ଥନାର ଆବରଣ ତଳେ ରହସ୍ୟମୟ ଦାଶରଥିଙ୍କ କୌଣସି ଗୋପନୀୟ ଅଭିସନ୍ଧି ଅଛି ନିଶ୍ଚୟ ! ସେଥିପାଇଁ ମୋର ଶତ କୁତ୍ସା ରଟୁ ପଛକେ ତୋ ନାମ ଯଶରେ ସାମାନ୍ୟ ଧୂଳି ଅଣ୍ଟ ନ ଆସିବା ପାଇଁ ଛାତିକୁ ପାଷାଣ କରିଦେଲି ।

ତାଙ୍କ ଦିନର ସେହି ଅଘଟଣ ସମୟରେ କହିଥିଲୁ— ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ପରିତ୍ରାଣ କରିବା ପାଇଁ ସ୍ୱୟଂ ଭଗବାନ ଧରା ପୃଷ୍ଠରେ ଅବତାର ହୁଅନ୍ତି ଯୁଗେ ଯୁଗେ । ସେ ନିଜ ଲୀଳା ଏବଂ ଉଦ୍ଦେଶ୍ୟକୁ ଗୋପନୀୟ ରଖି କର୍ମ ସଂପାଦନ କରନ୍ତି । ପିତାମାତାଙ୍କ ନିକଟରେ ହୁଅନ୍ତି ଅବାଧ୍ୟ ସନ୍ତାନ, ସଖାମାନଙ୍କ ନିକଟରେ ହୁଅନ୍ତି ନିର୍ବୋଧ ସଖା । ସାଧାରଣ ମଣିଷ ପରି ସେ କାନ୍ଦନ୍ତି, ହସନ୍ତି, ଖେଳନ୍ତି, ଭୋଗ ଭୋଗନ୍ତି, କଷ୍ଟ ସହନ୍ତି । କିନ୍ତୁ ଅନ୍ତରର ଗଭୀର ଚେତନାରେ ସେ ଥାନ୍ତି ସକଳ ବିକାରର ଊର୍ଦ୍ଧ୍ୱରେ ! ସେ ନିଜ ଉଦ୍ଦେଶ୍ୟ ଭୁଲି ନଥାନ୍ତି । ରହସ୍ୟମୟ ଭାବରେ ତାଙ୍କର ଉଦ୍ଦେଶ୍ୟ ସିଦ୍ଧ କରନ୍ତି ଏବଂ ରହସ୍ୟମୟ ଭାବରେ ପ୍ରତ୍ୟାବର୍ତ୍ତନ କରନ୍ତି ସ୍ୱ ଧାମକୁ । ଯେଉଁ ସ୍ୱଳ୍ପ ବ୍ୟକ୍ତି ବିଧାତାଙ୍କ ରହସ୍ୟ ଗୋପନୀୟ ରଖିବାକୁ ସମର୍ଥ ଥାନ୍ତି, ସେମାନେ କେବଳ ପ୍ରଭୁଙ୍କ ପରିଚୟର ସାମାନ୍ୟ ଆଭାସ ପାଇଥାନ୍ତି । ସାମାନ୍ୟ ମନ୍ତ୍ରକୁ ମଧ୍ୟ ଗୋପନୀୟ ରଖିବାର ବିଧି ରହିଛି । ଆଉ ଏ ତ ମହାନ ମନ୍ତ୍ରର ବିଷୟ ! ତେଣୁ ଅତ୍ୟନ୍ତ ଗୋପନୀୟ !

ପୁଣି କହିଥିଲୁ—କାକୀ ମା, ତୁମେ ତ କେବଳ ଗୋପନୀୟତା ରକ୍ଷି ପାରିବ ବୋଲି ତୁମପାଖରେ ଏ ଅତ୍ୟନ୍ତ ଗୋପନୀୟ ବିଷୟଟି ପ୍ରକାଶ କଲି ! ଜାଣ ପାରିବନି କାକୀ ମା' ? ମୋ ଠାରୁ ଅରୁଣ ସ୍ୱୀକୃତି ଲାଭ କରିବା ପାଇଁ ଏକ ଉପାଖ୍ୟାନ ବାଢ଼ିଲୁ—

"ଅନେକ ଦିନ ତଳର ଘଟଣା । ସୃଷ୍ଟିର ପ୍ରାରମ୍ଭ କାଳ ସ୍ରଷ୍ଟାଙ୍କର ସମ୍ମୁଖରେ ଦଣ୍ଡାୟମାନ ଥାନ୍ତି ତାଙ୍କର ଆଦ୍ୟସୃ ପଞ୍ଚ ମହାଭୂତ ।

"ସ୍ରଷ୍ଟାଙ୍କ ନିର୍ଦ୍ଦେଶରେ ସେମାନେ ସ୍ୱ ସ୍ୱ ଅଭିଳାଷ ପ୍ରକା କରିବାକୁ ଆରମ୍ଭ କଲେ । ବ୍ୟୋମ ଚାହିଁଲେ ସକଳ ସୃଷ୍ଟି ଊର୍ଦ୍ଧ୍ୱରେ ବଡ଼ିମା ପ୍ରଦର୍ଶନ କରିବେ । ତେଜସ୍ ଚାହିଁଲେ ଆହୁରି ବଡ଼ ହେବା ପାଇଁ । ସୂର୍ଯ୍ୟ ନକ୍ଷତ୍ର ରୂପରେ ବ୍ୟୋମ ବକ୍ଷ ବିଦୀର୍ଣ୍ଣ କରି ବିହାର କରିବା ପାଇଁ । 'ଅପ୍' ଚାହିଁଲେ ଆହୁରି ବଡ଼ ହେବା ପାଇଁ । ସେ ଚାହିଁଲେ ବାରିଦ ରୂପରେ ସମସ୍ତ ବ୍ୟୋମ ଓ ସୂର୍ଯ୍ୟ ନକ୍ଷତ୍ରକୁ ଆଚ୍ଛାଦିତ କରିବାର ସାମର୍ଥ୍ୟ ତାପରେ ମରୁତ ଚାହିଁଲେ 'ଅପ୍'ଙ୍କର ଦର୍ପଦଳନ କରିବା ପାଇଁ ସେ ଭିକ୍ଷା କଲେ ଅପର ବାରିଦ ରୂପକୁ ସ୍ୱଇଚ୍ଛାରେ ଉଡ଼ାଇ ନେ ପାରିବାର ସାମର୍ଥ୍ୟ ।

କିନ୍ତୁ କ୍ଷିତ୍ । ସେ କିଛି ପ୍ରାର୍ଥନା କଲେ ନାହିଁ । ତା ନିଜର କିଛି ଅଭିଳାଷ ନଥିଲା । କିଛି ଅଭିମାନ ନଥିଲା ସ୍ରଷ୍ଟାଙ୍କ ଇଚ୍ଛାହିଁ ତାଙ୍କର ଇଚ୍ଛା । ସେଥିପାଇଁ ମୌନତା ଅବଲମ୍ କରି ସ୍ରଷ୍ଟାଙ୍କ ନିର୍ଦ୍ଦେଶ ପାଳନ ଅପେକ୍ଷାରେ ଥିଲେ ।

ସ୍ରଷ୍ଟା କହିଲେ—ମା'ଧରିତ୍ରୀ ! ତୁମେ କଣ ମୋ ଅଭିଳାଷ ଗୁରୁଭାର ବହନ କରିପାରିବ ? ତୁମରି ପୃଷ୍ଠରେ ମୋ ଅସଂଖ୍ୟ ଜୀବଜଗତ ସୃଷ୍ଟି ହେବେ । ସେମାନେ ତୁମରି ଗ ଭୋଜନ କରିବେ । ତୁମକୁ କର୍ଷଣ କରିବେ, ଧର୍ଷଣ କି କରିବେ କ୍ଷତ ଶତ ଜୀବଙ୍କର ଅଜ୍ଞାନତାର ଦର୍ପରେ ତୁମେ ସର୍ବଦା ଦଳି ହେବ । ସେମାନଙ୍କର ଏହି ସକଳ ଦୌରାତ୍ମ୍ୟର ଗୁରୁଭା ବହନ କରିପାରିବ ମା ? ତୁମରି ଉପରେ ପୁଣି ଅନ୍ୟ ଚ ମହାଭୂତଙ୍କର ଉତ୍ପୀଡନ ଚାଲିବ । ବୃଷ୍ଟିର ମୁଷଳ ଧାର, ମରୁତ ବାତ୍ୟା ବିକ୍ଷୋଭ, ତେଜସଙ୍କର ପ୍ରଚଣ୍ଡ ରୌଦ୍ର ଏବଂ ସ ପରି ବ୍ୟୋମଙ୍କର ବୈରାଗ୍ୟ ପୂର୍ଣ୍ଣ ନିର୍ଲିପ୍ତ ଉଦାସୀନତାର ନିପୀ ସହ୍ୟକରି ପାରିବ ମା ? ଏ ସମସ୍ତ ସୃଷ୍ଟିର ମାତୃତ୍ୱ ବ କରି ହୋଇ ପାରିବ ସର୍ବଂସହା ?

ନିର୍ବିକଳ୍ପ ମୌନତାରେ ସମ୍ମତି ପ୍ରଦାନ କରି କହି ଧରିତ୍ରୀ—'ପ୍ରଭୋ ! ତୁମରି ଇଚ୍ଛାହିଁ ହେଉ ମୋରି ଇଚ୍ଛା

"ଆଉ କାକୀମା ତୁମେ ନିଶ୍ଚୟ ପାରିବ ଏ ପ୍ରିୟ ସନ୍ତା ଇଚ୍ଛା ପୂରଣ କରି । ହେଉ ପଛେ ତାହା ଯେତେ ଦୁର୍ବି ଏହା ଯେ ସେହି ସ୍ରଷ୍ଟାଙ୍କର ଇଚ୍ଛା ! ଆଉ ତୁମେ ସେହି ସ ସହା ମା'ଧରିତ୍ରୀଙ୍କ ଜୀବନ୍ତ ବିଗ୍ରହ । "

ବାସ୍ ଦାଶରଥି, ତୋରି ଏ ଅଭିଳାଷ ପୋଷଣ ସରଳ କାକୀ ମା' ପ୍ରତି ଏକ ନିଷ୍ଠୁର ପ୍ରତାରଣା ନ ଥିଲା ତ ! ଯାହା ହେଉ ତୋରି ଇଚ୍ଛା ରୂପାୟନରେ ସହାୟତା କରି ସମ୍ମତି ପ୍ରଦାନ କଲି ଏବଂ ବରିନେବାପାଇଁ ସକଳ ଲ ସକଳ ଆତ୍ମ ପୀଡ଼ନ ପ୍ରସ୍ତୁତ ହୋଇ ଗଲି, ମୁଁ ଗ ହୋଇଗଲି ସେହିଦିନଠାରୁ ।

ତା' ପରେ ତୁ ଅନେକଥର ମୋ ମୁଖରେ ହସ ଫୁଟାଇବାକୁ ଉଦ୍ୟମ କରିଛୁ । କିନ୍ତୁ ସେ ଅନାବିଳ ହସ ଆଉ କେବେ ଦେଖିଛୁ ସେହିଦିନ ଠାରୁ ? ଯାହା ଦେଖିଥିଲୁ ହସର ଏକ ଛାୟା ମାତ୍ର । ନୁହେଁକି ? ତଥାପି ସେ ଛାୟା ଟି ଯେ କିପରି ଏ ହୀନ ମୁଖରେ ଫୁଟୁଥିଲା ତାହା ମଧ୍ୟ ତୋ କାକୀ ମା ପାଇଁ ସ୍ୱୀୟ ଏକ ବିଡମ୍ବନା ।

ତୁ ପତ୍ନୀ ଅନୁଜ ସହ ବନଚାରୀ ବେଶରେ ରାଜପ୍ରାସାଦ ପରିତ୍ୟାଗ କଲୁ । ମୁଁ ରୁଦ୍ଧାନ୍ତଃପୁରରେ ଥାଇ କିପରି ପାଗଳ ହୋଇଗଲି ନାହିଁ ଭାବୁଛି ! ଅନ୍ୟମାନେ ଭାବିଥିବେ ମୁଁ ଭାରି ଖୁସି ହୋଇ ମୋ ପ୍ରକୋଷ୍ଠରେ ନିଶ୍ଚିନ୍ତ ଅଛି, କିନ୍ତୁ ମୋର ଯେ କି ଅଭାବନୀୟ ଅବସ୍ଥା ଥିଲା, ତାହା ତୋ ଛଡା ଆଉ କିଏ ଜାଣିଥିବ ?

ମୁଁ ଶୁଣିବାକୁ ପାଉଥିଲି—ଦଶରଥ ତୋ ବିଚ୍ଛେଦରେ ବାରମ୍ବାର ମୂର୍ଚ୍ଛାଯାଉଛନ୍ତି ବୋଲି । ମୋତେ ମୁହୂର୍ତ୍ତେ ନ ଦେଖିଲେ ଯେ ଅସ୍ଥିର ହେଉଥାନ୍ତି, ସେ ତାଙ୍କର ଏ ଦାରୁଣ ଦୁଃସମୟରେ ମୋତେ ଟିକିଏ ଆବଶ୍ୟକ ମଣିଲେ ନାହିଁ । ଯେକୌଣସି ସମସ୍ୟାର ସମାଧାନ ପାଇଁ ଯେଉଁ ଜ୍ୟେଷ୍ଠା ମୋତେ ସର୍ବାଗ୍ରେ ସ୍ମରଣ କରୁଥିଲେ, କିନ୍ତୁ ସେତେବେଳେ ସେ ମୋର ଆବଶ୍ୟକତାକୁ ଉପେକ୍ଷା କଲେ । ମୁଁ ସ୍ୱପକ୍ଷରୁ ଯାଇ ପାରୁ ନଥିଲି କାଳେ ତୋ ରହସ୍ୟର କୌଣସି ସୂଚନା ଉନ୍ମୋଚିତ ହୋଇଯିବ ହାୟ ! ତୋ ରହସ୍ୟର ଜ୍ୱାଳା କି ମର୍ମ ବିଦାରକ !!

ମୁଁ ଯାଉଥିଲେ ବା ତୋ ପିତାଙ୍କର କି ସେବା କରିଥାନ୍ତି ! ମୋ ସାନ୍ନିଧ୍ୟରେ ସେ ବରଂ କଣ୍ଟକ ବିଦ୍ଧ ଯନ୍ତ୍ରଣା ଭୋଗିଥାନ୍ତେ । ମୋ ହିତବାଣୀ ତାଙ୍କ ମର୍ମସ୍ଥଳରେ ବୃଶ୍ଚିକ ଦଂଶନର ଜ୍ୱାଳା ସୃଷ୍ଟି କରିଥାନ୍ତା । ଦାଶରଥି, ତୁହିଁ କେବଳ ଜାଣୁ, ତୋ ପିତାଙ୍କ ସହିତ ମୋର କି ନିଗୂଢ଼ତା ଥିଲା ଆଉ ତୋ ପିତାଙ୍କର ଏ ଯନ୍ତ୍ରଣା ଜର୍ଜରିତ ମୁହୂର୍ତ୍ତ ଗୁଡ଼ିକରେ ମୋର ଉପସ୍ଥିତି କେତେ ପ୍ରୟୋଜନ ଥିଲା !! ଏହି ମୁହୂର୍ତ୍ତଗୁଡ଼ିକରେ ତୋ ପିତାଙ୍କଠାରୁ ପୃଥକରହି ମୁଁ କି ଦୁର୍ବିସହ ବ୍ୟଥା ଭୋଗିଥିବି ତୁହି ଜାଣୁ !

କ୍ରନ୍ଦନ ରୋଳରେ ହଠାତ୍ ତୋର ପିତାଙ୍କ କଣ୍ଠ କଂପି ଉଠିଲା । ମୋ ମନରେ ଚରମ ବିପର୍ଯ୍ୟୟର ଆଶଂକା ଜାତ ହେଲା ।

ଆଉ ଧୈର୍ଯ୍ୟଧରି ରହିପାରିଲି ନାହିଁ । ଦ୍ୱାର ଉନ୍ମୁକ୍ତ କରି ଦୌଡ଼ିଗଲି । ଦେଖିଲି ଅସଂଯତ ଭାବେ ଅପା ଓ ସୁମିତ୍ରା ତୋର ପିତାଙ୍କ ଉପରେ ଲେଟିପଡ଼ିଛନ୍ତି, ଆଉ ମହାକାଳ ଗ୍ରାସରେ ନାରୀର ଚରମ ସୌଭାଗ୍ୟ ବିଲୁଣ୍ଠିତ ହୋଇଯାଉଛି ।

ସେ ଦୁଃଖର ଅନ୍ତ ନଥିଲା । ସେ ଦୁଃଖଥିଲା ସକଳ କ୍ରନ୍ଦନର, ସକଳ ଅଶ୍ରୁର, ସକଳ ଉଚ୍ଛ୍ୱାସର ଅତୀତ !

ମୋ କଂଠରୁ କ୍ରନ୍ଦନର ଧ୍ୱନି ନିଃସୃତ ହେଲାନାହିଁ । ନୟନରୁ ଅଶ୍ରୁଝରିଲା ନାହିଁ । ହୃଦୟରେ ସାମାନ୍ୟ ମାତ୍ର ଉଚ୍ଛ୍ୱାସ ସୃଷ୍ଟି ହେଲା ନାହିଁ । ମୁଁ ଗୋଟାଏ ପ୍ରସ୍ତର ମୂର୍ତ୍ତିପରି ଠିଆ ରହି ସେ ରହସ୍ୟର ଦାରୁଣତା ଚିନ୍ତା କରୁଥିଲି ।

ଅପା ଏବଂ ସୁମିତ୍ରାଙ୍କ ନିଚେତ ମୁଖରେ ଜଳ ସିଞ୍ଚନ କଲି । ଚେତନା ଫେରି ପାଇ କ୍ଷୀଣଦୃଷ୍ଟିରେ ଚାହିଁଲେ ମୋତେ । ମୁଁ କହିଲି—"ଅପା ମୋତେ କ୍ଷମାକର । "

ଅପା ମୋତେ ଆଲିଙ୍ଗନ କରି ପୁନଶ୍ଚ ମୂର୍ଚ୍ଛା ଗଲେ ! ମୁଁ ଅପରାଧୀଟିଏ ପରି ଠିଆ ହୋଇଥାଏ । କିଛିକ୍ଷଣ ପରେ ଅପା ଚେତନା ଫେରି ପାଇ ମୋତେ ଗାଢ଼ ଆଲିଙ୍ଗନ କରିଲାଗିଲେ । ସତେ ଯେପରି ଅପରାଧୀଟିକୁ ଦୃଢ଼ବାହୁବନ୍ଧନରେ ନିଷ୍ପେଷି ନିଶ୍ଚିହ୍ନ କରିଦେବେ । ଅପରାଧିନୀ ଅପେକ୍ଷା କରି ରହିଲା ନୀରବରେ ତାର ଯୋଗ୍ୟ ଶାସ୍ତି ପାଇଁ !

କିନ୍ତୁ ଏତେବଡ଼ ଅପରାଧିନୀର ଶାସ୍ତି କାହିଁ ? ଦୃଢ଼ ବନ୍ଧନ ମଧ୍ୟରେ ସେ କହିଲେ—"ଭଉଣୀ"—ଆଉକିଛି ସ୍ଫୁରିଲା ନାହିଁ ତାଙ୍କ କଣ୍ଠରୁ । 'ଭଉଣୀ' ସମ୍ବୋଧନ ମୋ ମର୍ମ ସ୍ଥଳକୁ ଦହି ପକାଉଥ । ମୁଁ ପ୍ରସ୍ତର ନେତ୍ରରେ ଚାହିଁରହିଥିଲି ଦଶରଥଙ୍କ ମୃତ ଦେହକୁ । ଅତୀତର ସ୍ମୃତି ପୁଣି ତାର ସାଧୁଥିଲା ।

କ୍ଷତ୍ରିୟମାନେ ଉଦ୍ଧତ ହୋଇ ଅନୀତି ଅତ୍ୟାଚାରରେ ଧରଣୀକୁ ଧର୍ମଶୂନ୍ୟ କରୁଥିଲେ ବୋଲି ଭଗବାନ ପର୍ଶୁରାମ ତାଙ୍କ ପର୍ଶୁଘାତରେ ବାରବାର ନିକ୍ଷତ୍ରିୟ କରୁଥିଲେ ଧରଣୀ !

କିନ୍ତୁ କ୍ରମଶଃ ସେ ନିଜର ଦିବ୍ୟ ସଂକଳ୍ପ ଭୁଲି ମୋହଗ୍ରସ୍ତ ହୋଇ ପଡୁଥିଲେ । ସେ ଅବତୀର୍ଣ୍ଣ ହୋଇଥିଲେ କ୍ଷତ୍ରିୟଙ୍କ ଔଦ୍ଧତ୍ୟ ଲୋପ କରିବାପାଇଁ, କ୍ଷତ୍ରିୟକୁଳ ଲୋପ ପାଇଁ ନୁହେଁ । ମୋହାନ୍ଧ ପର୍ଶୁରାମ କ୍ଷତ୍ରିୟକୁଳ ତିଳକ ଦଶରଥଙ୍କୁ ମଧ୍ୟ ନିଶ୍ଚିହ୍ନ କରିଦେବାକୁ ଅଗ୍ରସର ହେଲେ । ଏହି ହତଭାଗୀ କାକୀମା ବସନାଞ୍ଚଳରେ ଆଚ୍ଛାଦିତ କରି ତୋର ପିତାଙ୍କ ଜୀବନ ରକ୍ଷା କରିଥିଲା ।

ପୁନଶ୍ଚ ସମରାସୁର ଯୁଦ୍ଧପରେ ଭୀଷଣ କ୍ଷତାକ୍ତ ଥିବା ସେହି ଦେବଦୁର୍ଲଭ ସ୍ୱାମୀଙ୍କୁ ନଶ୍ଚିତ ମୃତ୍ୟୁ ଦ୍ୱାରରୁ ଫେରାଇ ଆଣିଥିଲା ଏ ମହାପାତକୀ ! କିନ୍ତୁ ଏଥରକ ପାରିଲା ନାହିଁ ।

ସେତେବେଳେ ସିନା ଅନ୍ୟମାନଙ୍କ ଗ୍ରାସରୁ ରକ୍ଷାକରିପାରିଥିଲା, ଏଥର କିନ୍ତୁ ତା ନିଜର ଗ୍ରାସଯେ ! ନିଜର କରାଳ ଗ୍ରାସମୁଖରୁ କିପରି ଉଦ୍ଧାର କରିଥାନ୍ତା ରାକ୍ଷସୀ !

ପୁଣିଥରେ ଅପାଙ୍କୁ ଅନୁରୋଧ କଲି—ଅପା ଏ ଅପରାଧିନୀକୁ କ୍ଷମା କର !

ଅପାଙ୍କର ବାହୁ ବନ୍ଧନ ଶିଥିଳ ହୋଇଗଲା । ମୋତେ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ କ୍ଷଣ କ୍ଷଣ । ପୁଣି ଆଲିଙ୍ଗନ କରି ମୋ ଗଣ୍ଡରେ ଚୁମ୍ବନ କରି ଲାଗିଲେ କ୍ଷଣ କ୍ଷଣ । ମୁଁ ଶଙ୍କିତ ହୋଇ ପଡ଼ିଲି । ଅପା କଣ ପାଗଳିନୀ ହୋଇ ଯାଉଛନ୍ତି ? ଯାଙ୍କୁ ଯେ ସକଳ ସୌଭାଗ୍ୟରୁ ବଞ୍ଚିତ କରିଛି, ତାରି ଗଣ୍ଡରେ ବାରମ୍ବାର ଚୁମ୍ବନ ଦୋଳିପାରେ କେଉଁ ସ୍ଥିତଚେତା ନାରୀ ?

ଅପାଙ୍କ ମହନୀୟତା ନିକଟରେ ମୋର ଶିର ନତ ହୋଇଗଲା । ତାଙ୍କର ପଦ ଯୁଗଳତଳେ ପ୍ରଣିପାତ ଅର୍ପଣ କରି ଉଠିଲା ବେଳକୁ ସୁମିତ୍ରା ଆସି ମୋତେ ଆଲିଙ୍ଗନ କରି ଧାରିଥାଏ ! ଦାଶରଥି, ଏହା ତୋର ଅପାର କରୁଣା ହୋଇପାରେ ! ତୁ ହୁଏତ ବନସ୍ତରେ ଥାଇବି ଆମରି ଅବସ୍ଥା ଦେଖି ପାରୁଛୁ ଏବଂ ଆମମାନଙ୍କର ଏ ଯନ୍ତ୍ରଣା ସନ୍ତପ୍ତ ଅବସ୍ଥାରେ ତୋର ମର୍ମ ବିଦୀର୍ଣ୍ଣ ହୋଇ ଯାଉଛି !!

କିନ୍ତୁ ପରମୁହୂର୍ତ୍ତରେ ପୁଣି ଏ କଣ ହେଲା ! ହଠାତ୍ ଅପା ଓ ସୁମିତ୍ରା ଉଠିପଡ଼ି ଭୀଷଣ କ୍ରୋଧାନ୍ୱିତ ହୋଇ ପଡିଲେ । ମୋତେ ଯାହାଇଚ୍ଛା ତାହା ତିରସ୍କାର କରି କହିଲେ ! କୁଟିଳା, କପଟାଶ୍ରୟିଣୀ, ସ୍ୱାର୍ଥାନ୍ୱେଷଣୀ, ଗୃଧ୍ରୀ, ପତିଘାତିନୀ-ମହାପାତକୀ, ରାଜ୍ୟ ଲୋଭୀ ଦୁରାଗ୍ରହିଣୀ ଆଦି ଶାଣିତ ଭର୍ତ୍ସନାରେ ମୋତେ ପୋଡିପକାଇଲେ । ମୁଁ ବୁଝିପାରିଲି-ଏମାନେ ପ୍ରକୃତରେ ପ୍ରକୃତିସ୍ଥା ନୁହନ୍ତି । ସଂପୂର୍ଣ୍ଣ ପାଗଳିନୀ ହୋଇ ସାରିଲେଣି ଅବା ମୁଁ ନିଜେ ପାଗଳିନୀ ହୋଇ ଯାଉଛି ବୋଲି ଅନ୍ୟ ମାନଙ୍କ ଔଚିତ୍ୟ ଗୁଡିକ ମୋତେ ଅସ୍ୱାଭାବିକ ବୋଧ ହେଉଛି ।

ଉଭୟିନୀ ଦୁହିଁଙ୍କର ଆଚରଣରେ ମୁଁ ପ୍ରୀତ ହେଲି । କାରଣ ତାହା ମୋର ପ୍ରାପ୍ୟ ଥିଲା ଏବଂ ତୋର ଗୋପନୀୟତା ପ୍ରକାଶିତ ନ ହେବା ପାଇଁ ଏହା ଯଥେଷ୍ଟ ସହାୟକ ଥିଲା, ଏବଂ ସେଥିପାଇଁ ଏହା ତୋର ଇଚ୍ଛାକୃତ ହସ୍ତକ୍ଷେପ ହୋଇପାରେ

ଶବ ସଂସ୍କାର ପୂର୍ବକ୍ରିୟାର ପ୍ରସ୍ତୁତି ଚାଲିଛି । ମନ୍ଥରା କେଉଁଠିଥିଲା ହଠାତ୍ ଦୌଡି ଆସି ମୋତେ ଭିଡ଼ି ଭିଡ଼ି ନେଇଗଲା ମୋ ଅନ୍ତଃପୁରକୁ । କହିଲା-ରାଜମାତା, ତୁମେ କାହିଁକି ବାୟାଣୀ ହୋଇଗଲଣି ସେଠାକୁ ଯାଇ ପଡି ସୋହାଗ ଦେଖାଉଛ ? ରାଣ୍ଡୀପୁଣୀମାନେ ଆଉ ତୁମକୁ ଜୀବନରେ ରଖିବେ ? ତମକୁ ଜୁଡା ଟେକି ନେଇ ସ୍ୱାମୀଙ୍କ ଚିତାକିଆଁରେ ପିଙ୍ଗିଦେବେଟି !

ମୁଁ ହସିଲି । ମନ୍ଥରାର ପ୍ରଥମ ରାଜମାତା ସମ୍ବୋଧନ ମୋତେ ହସାଇ ପକାଇଲା । ଅଧିକ ହସ ଲାଗିଲା । ମୋତେ ସେମାନେ ଭିଡ଼ିନେଇ ସ୍ୱାମୀଙ୍କ ଚିତାଗ୍ନିରେ ନିକ୍ଷେପ କରିଦେବା କଥାରେ ! ସେ ଭାବିଥିଲା ତାରି ବୁଦ୍ଧିବଳରେ ମୁଁ ଏତେବଡ଼ ପଦରେ ବିଭୂଷିତା ହେବାକୁ ଯାଉଛି ଏବଂ ସେଥିପାଇଁ ତାରି ମୁହଁରୁ ପ୍ରଥମ ଥର ତା ଦୁର୍ଲଭ ରାଜମାତା ସମ୍ବୋଧନରେ ମୁଁ ଖୁବ୍ ଉଲ୍ଲସିତ ହୋଇ ଉଠିବି !

ବିଶ୍ୱର ଜାଣେନାହିଁ-ମୁଁ ରାଜମାତା ହେବାର ଅସ୍ୱାଭାବିକତା ପଛରେ କେଉଁ ନିଗୂଢ଼ ରହସ୍ୟ ଆତ୍ମଗୋପନ କରିଛି !

ତୃଷ୍ଣାଙ୍କ ନିର୍ଦ୍ଦେଶ ପାଳନ ପାଇଁ ଆତ୍ମାଗୁଡ଼ିକ ସଚେତନଭାବେ ନରଦେହ ଧରି ଜନ୍ମଗ୍ରହଣ କରନ୍ତି । କିନ୍ତୁ ଜନ୍ମହେବାପରେ ମୋହଗ୍ରସ୍ତ ହୋଇ ସେ ଲକ୍ଷ୍ୟ ଭୁଲିଯାଆନ୍ତି । ଦାଶରଥି ମୋ ଜନ୍ମର ଲକ୍ଷ୍ୟ ତୁ ମୋତେ ଦେଖାଇ ଦେଇଥିବାରୁ ମୁଁ

ପୁଣି ସଚେତନ ହୋଇ ଉଠିଛି । କିନ୍ତୁ ଅଚେତନ ଗ୍ରସ୍ତ ମ... ଅଚେତନ ଭାବେ ତୃଷ୍ଣାଙ୍କ କାର୍ଯ୍ୟରେ ସହଯୋଗ କ... ମୋହମାୟା ଜାଲରେ ଛନ୍ଦିହୋଇ ! ବିଧାତାଙ୍କ ଭ... ଗୋପନୀୟ ରଖିବାକୁ ଅଯୋଧ୍ୟା ବୋଲି କିସଭାକୁ ଅ... ଭାବେ କାର୍ଯ୍ୟ କରିବାକୁ ଛାଡ଼ି ଦିଆଯାଇଛି ସିନା ! ସେ... ଦୁର୍ଦ୍ଦଶାରେ ମଧ୍ୟ ମୁଁ ହସିପକାଉଥିଲି ମନ୍ଥରାର ନିର୍ବୋ... ପାଇଁ !

ଦୁଃସମ୍ବାଦ ପାଇ ଭରତ୍ର, ଦୌଡିଆସିଲା ମାତୁଳାଳ... ଦେଖିଲା ଜ୍ୟେଷ୍ଠଭ୍ରାତ ସପତ୍ନୀ, ଅନୁଜ ପିତୃସତ୍ୟ ରକ୍ଷା... ବନଗ୍ରାମୀ ହୋଇଛନ୍ତି । ପିତା ଦଶରଥ ପୁତ୍ର ଶୋକରେ ସ୍ୱ... ହୋଇଛନ୍ତି । ଅଯୋଧ୍ୟା ହତଶ୍ରୀ ହୋଇପଡିଛି । ଅଯୋ... ସେ ଆକସ୍ମିକ ଦୁର୍ବିପାକ ଦେଖି ହତଭମ୍ବ ହୋଇଗଲା । ଦାରୁଣ ବିପର୍ଯ୍ୟୟର ମୂଳକାରଣ ତାର ଗର୍ଭଧାରିଣୀ ଜାଣି ମୋ ଉପରେ ଭୀଷଣ କ୍ରୋଧାନ୍ୱିତ ହୋଇ ଉଠି...

କିନ୍ତୁ ପ୍ରଥମେ ସେ ମୋ ପାଖକୁ ନଆସି ଜ୍ୟେଷ୍ଠମ... ସମୀପସ୍ଥ ହେଲା । ସୁମିତ୍ରା ମଧ୍ୟ ସେଠାରେ ଉପସ୍ଥିତ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ମୋ ଅପରାଧ ପାଇଁ ପ୍ରାର୍ଥନା କଲା । କିନ୍ତୁ କୌଶଲ୍ୟା ଅପାଙ୍କ ମତିକୁ ଦୈବୀମାୟା ଆଚ୍ଛନ୍ନ କରିସାରିଥାଏ । ସେ ନିଶ୍ଚିତ ସାରିଥାନ୍ତି-ଆମେ ମାତାପୁତ୍ର ମିଶି ଉକ୍ତ ଜଘନ୍ୟ କାଣ୍ଡ କରିଛୁ । ତେଣୁ ଭରତକୁ ଆଡ଼ନୟନରେ ମଧ୍ୟ ଚାହିଁଲେ...

ଭରତର କ୍ରୋଧ ଦଶଗୁଣିତ ହୋଇଗଲା ମୋ ଉପରେ... ଆହତ ଶାର୍ଦ୍ଦୁଳ ପରି ଝାମ୍ପ ମାରିଗଲା ମୋ ପୁରକୁ । ସଚେ... ମୋ ଚଳାଗ୍ରହଣକରି ମୋତେ ଅଚିରେ ନିଃଶେଷ କରି...

ମୋତେ ଦେଖି ଆକ୍ରମଣାତ୍ମକ ଭଙ୍ଗୀରେ ନାନାକଥା ବି... ଲାଗିଲା ଅନେକ କ୍ଷଣ ! ତାପରେ ମୋ ପିତା ଓ ପିତୃ... ଅକଥନୀୟ ବିବିଧ ଭର୍ତ୍ସନା କରିଲାଗିଲା ।

ମୁଁ କଣ ବା କହି ତାକୁ ସାନ୍ତ୍ୱନା ଦେଇଥାନ୍ତି ! ରହସ୍ୟର ଉଦ୍ଘାଟନ ଭୟରେ ମୁଁ କେବଳ ତୋରି ନା... ନୀରବ ରହିଲି ।

କ୍ରୋଧର ଆତିଶଯ୍ୟଗୁଡ଼ାକ ଉଦ୍ଗୀର୍ଣ୍ଣ କରିଦେବା ଭରତକୁ ସମାଧାନର ଗୋଟିଏ ବୁଦ୍ଧି ଦିଶିଲା ।

ସମଗ୍ର ଅଯୋଧ୍ୟାରେ ସଙ୍ଗେ ସଙ୍ଗେ ସମ୍ବାଦ ... ହୋଇଗଲା-"ଭରତଙ୍କ ନେତୃତ୍ୱରେ ରାଜ୍ୟବାସୀ ଓ ନବ... ସମସ୍ତେ ଆଗାମୀ ପ୍ରତ୍ୟୁଷରେ ତୋତେ ଫେରାଇ ଅ... ଯାତ୍ରା କରିବେ । ତୋତେ ଫେରାଇ ଆଣି ଅଯୋ... ଅଭିଷିକ୍ତ କରାଇବେ ଏବଂ ସେ ନିଜେ ତୋ ... ବଦଳରେ ବନବାସୀ ହେବ ।

ଆନନ୍ଦୋତ୍‌ଫୁଲ୍ଲିତ ଏକ ବିରାଟ ଶୋଭାଯାତ୍ରା ପ୍ରସ୍ତୁତ ହୋଇଗଲା ପ୍ରତ୍ୟୁଷ ପୂର୍ବରୁ । ସୈନ୍ୟ ସାମନ୍ତ, ଗଜ ବାଜି ରଥ, ସମେତ ନାଗରିକଙ୍କ ଏକ ଅପୂର୍ବ ସମାରୋହ ଅପେକ୍ଷା କରି ରହିଲା ସେ ଶୁଭ ମୁହୂର୍ତ୍ତକୁ । କୌଶଲ୍ୟା ଅପା ଓ ସୁମିତ୍ରା ରଥାସୀନା ହେଲେ ।

ଏହି ବିପୁଳ ସମାବେଶରେ କିଏବା କାହାକୁ ଲୋଡୁଛି ! ମୋ କଥା କେହି ମନକୁ ଆଣିଲେ ନାହିଁ । କେହି ଉପଲବ୍ଧି କଲେନାହିଁ ମୋର ଅଭାବ ।

ଯାତ୍ରା ବିଳମ୍ବ ହେଉଥିଲା କାହିଁକି ଜାଣେନା ! ରଥ ଅଟକି ରହିଥିଲା କାହିଁକି ଜାଣେନା !

କୌଶଲ୍ୟା ଅପାଙ୍କଠାରୁ ଆରମ୍ଭକରି ଭରତ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି—ତୁ ଅଝଟ ହେଲେ ମୋ ଛଡ଼ା କେହି ତୋତେ ବୋଧ କରିପାରିବେ ନାହିଁ । ତୋରି ଜିଦ ଭାଙ୍ଗିବା ପାଇଁ କେବଳ ତୋର କାକୀ ମା ହିଁ ଯୋଗ୍ୟା ! ସେଇଥିପାଇଁ ତ କୌଶଲ୍ୟା ଅପା ରଥ ଅଟକାଇଥିଲେ ମୁଁ ଯାଉନାହିଁ ବୋଲି !

ରଥ ଗଡ଼ିଲା ନାହିଁ । ମୋତେ ଲାଗିଲା—ମୋରିପାଇଁ ଯେପରି ରଥ ଅଟକି ଯାଇଛି ! ବନସ୍ତରେ ଥାଇ ତୁ ବୋଧହୁଏ ରଥ ଅଟକାଇ ଦେଇଛୁ । ତୋ କାକୀ'ମା ରଥରେ ନବସିଲେ ସତେଅବା ରଥ ଆଉ ପାଦେ ବି ନଘୁଞ୍ଚେ !

ସତରେ ଏ ପୋଡ଼ାମୁହିଁ ନଗଲେ ରଥଚକ ଘୁଞ୍ଚନ୍ତା କିପରି ? ଦାଶରଥି ଏ ଅପଦାର୍ଥ କାକୀ ମାଁ'କୁ ଆହୁରି ଅପଦସ୍ତ ନକଲେ ତୋ ମନ ଶାନ୍ତି ହେଉ ନଥିଲା ପରା ! ସତରେ ଦାଶରଥି, ମୋ ମନ ହେଉଥିଲା ଆପେ ଯାଇ ରଥରେ ବସିଯିବି ! ଯେ ଯାହା ମନ୍ତବ୍ୟ ନିକ୍ଷେପ କରନ୍ତୁ ପଛକେ, କାନକୁ ବଧିରାକରି ବସି ରହିବି ଯେ ତୋ ମୁଖ ଟିକିଏ ଦର୍ଶନ କରିବା ପାଇଁ । ଯେତେ ବଡ଼ ଦୁର୍ଘଟଣା ଘଟାଇ ଦେଲିଣି, ତା ତୁଳନାରେ କୁହା ରଟନା କେତେ ବା ମାତ୍ର !

ମୁଁ ଆଉ ଦଣ୍ଡେ ଅପେକ୍ଷା କରି ପାରିଲି ନାହିଁ । ମୋତେ ଲାଗିଲା ତୁ ଯେମିତି ମୋତେ ଖୋଜୁଛୁ ଟିକିଏ ଦେଖିବା ପାଇଁ । ତୋ ମୁଖ ସେଥିପାଇଁ ମଳିନ ପଡ଼ିଛି । ଲୋତକାର୍ଦ୍ର ହୋଇଛି ତୋ ନୟନ ଯୁଗଳ ।

ବାହାରି ପଡ଼ିଲି ରଥାଭିମୁଖେ । ରଥରେ ବସିଗଲି ମଥାନତ କରି । କେହି କିଛି ମନ୍ତବ୍ୟ କଲେ ନାହିଁ । ରଥ ଗଡ଼ିଲା ! ଗଜ ବାଜି ସୈନ୍ୟ ସାମନ୍ତଙ୍କୁ ଅନୁସରଣ କଲେ ଶତ ଶତ ନାଗରିକ । ସତେ ଯେମିତି ତୋତେ ଫେରାଇ ଆଣିବା ପାଇଁ ସମଗ୍ର ଅଯୋଧ୍ୟା ରାଜ୍ୟ ଚଳମାନ ହୋଇ ଉଠିଛି ।

ରଥ ଗଡ଼ିଥାଏ । ଅପା ଓ ସୁମିତ୍ରା ନିରବରେ ଅଶ୍ରୁମୋଚନ କରିଥାନ୍ତି । ମୁଁ ଭାବିବସିଥାଏ ତୋରି ସେହି ବାଲ୍ୟଚପଳତାର କୌତୁକପୂର୍ଣ୍ଣ ଘଟଣାଟି ସତକୁ ସତ ଏକ ଦୁର୍ଘଟଣାରେ ପରିଣତ ହୋଇଗଲା !

ତୋତେ ସେତେବେଳକୁ ତିନିବର୍ଷ ହୋଇଥାଏ । ତୋର ସୁକୁମାର ପଦଦ୍ୱନ୍ଦରେ ଫୁଟୁଥାଏ ପୁଷ୍ପ ପାରିଜାତ ! ତୋ ଦରଫୁଟ ବଚନରେ ଝରୁଥାଏ ବନସ୍ପତିର କୁହୁସ୍ୱନ । ତୋର ରୂପ ଲାବଣ୍ୟ ସନ୍ଦର୍ଶନ କରି ଶତ୍ରୁ ପରିଣତ ହେଉଥାଏ ମିତ୍ରରେ । ତୋ ଚପଳଲୀଳା ସନ୍ଦର୍ଶନରେ ଅପସରି ଯାଉଥାଏ ଅଯୋଧ୍ୟାର ସକଳ ଦୁଃଖ ସନ୍ତାପ !

ସେଦିନ ତୋର ପ୍ରଭାତ ଅବକାଶ ସରିଲା । କୌଶଲ୍ୟା ଅପା ସୁବାସିତ ଜଳରେ ସ୍ନାନ କରାଇ ତୋତେ ପିନ୍ଧାଇ ଦେଇଥାନ୍ତି ପାଟ ପତନି ଚନ୍ଦନ ଲଗି କରି ଦେଇଥାନ୍ତି ତୋ ଭ୍ରୂଲତା ଧାରରେ । ନାନାରଙ୍ଗରେ ଭ୍ରୂଯୁଗ ନଚାଇ ତ୍ରିଭୁବନ ମୋହୁଥାଉ ତୁ ।

ଅପା ନିଜ ହାତରେ ତୋର ପ୍ରଭାତ ମଣୋହି ପାଇଁ ସଜାଡ଼ି ଦେଲେ ସୁବାସିତ ଖେଚୁଡ଼ି ଅନ୍ନ, ସଜଲବଣୀ ମାଖନର ପୁରି, ଅଳେଇଚ, ଲବଙ୍ଗ, ଦ୍ରାକ୍ଷା ବାଦାମ ମିଶ୍ରିତ ପୋଡ଼ପିଠା । ତୋତେ କୋଳେଇ ନେଲେ ଖୁଆଇ ଦେବାପାଇଁ ।

କିନ୍ତୁ ତୁ ଭାରି ଅଝଟ ହେଲୁ । ମଣୋହି ନ କରିବା ପାଇଁ ବାଗ ଧରି କାନ୍ଦିଲୁ । ହାତୀ ଦେବି, ଛତୀ ଦେବି, ସରଗ ଚନ୍ଦ ତୋଳି ଆଣିବି ଆଦି ନାନା ମନଭୁଲା କଥା କହି ଗେଲ କରି ଖୁଆଇ ଦେବାପାଇଁ ଆପ୍ରାଣ ଚେଷ୍ଟା କଲେ ।

କିନ୍ତୁ ତୁ ନଛୋଡ଼ବନ୍ଧା ! ମୁଖ ହଲାଇ ଖାଲି ବାରଣ କରି ଲାଗିଲୁ । ଓଠ ଚିପି ରଖି ଥାଉ ଜାଣେ ଅପା ଜବରଦସ୍ତି ତୋ ମୁଖ ଭିତରକୁ କିଛି ଭରିଦେବେ । ଅପା ତାଙ୍କ ପ୍ରୟାସରେ ଲାଗିଥାନ୍ତି, ଆଉ ତୁ ଅଥୟ ହେଉଥାଉ ତାଙ୍କ କବଳରୁ ଖସି ପଳାଇବାକୁ ।

ଶେଷରେ ତୋର ହିଁ ବିଜୟ ହେଲା । ତୁ ଖସି ଗଲୁ କୌଶଳରେ ତାଙ୍କ କୋଳରୁ ଅପା ତୋତେ ଧରିବାକୁ ଗୋଡ଼ାଇଲେ । ତୁ ଘୁଞ୍ଚି ଘୁଞ୍ଚିଗଲୁ ।

ତୋ ଛନ୍ଦ ମଧୁର ଦୌଡ଼ରେ କଟି କିଙ୍କିଣି ବାଜୁଥାଏ । ଅପାଙ୍କ ପାଦର ନୂପୁର ରୁଣୁଝୁଣୁ ବାଜୁଥାଏ । ମାତା ପୁତ୍ର ମିଶି ପ୍ରାସାଦ ଅଙ୍ଗନରେ ବାତ୍ସଲ୍ୟ ନୃତ୍ୟର ଆସର ସୃଷ୍ଟି କରିଦେଲେ । ଅଦୂରରେ ଥାଇ ଏ ଅପାର୍ଥିବ ତାମସା ଉପଭୋଗ କରୁଥାଏ ତୋ କାକୀ ମା ! ମନ ହେଉଥାଏ ତୋ ସମ୍ମୁଖକୁ ଆସି ତୋତେ ଜାବୁଡ଼ି ଧରିବାକୁ !

ମୋ ମନକଥା କିମିତି ଜାଣିଲୁ କେଜାଣି, ହଠାତ୍ ଛୁଟିଗଲୁ ଦେହଳି ଅତିକ୍ରମ କରି ବହିଃପ୍ରାଙ୍ଗଣକୁ । ଅନ୍ତଃପୁର ବାସିନୀ ମାନଙ୍କ ପାଇଁ ତାହା ନିଷିଦ୍ଧାଞ୍ଚଳ । ସେଥିରେ ଅପା ପୁଣି ପଟ୍ଟ ମହିଷୀ ! ଅପା ନିଷିଦ୍ଧାଞ୍ଚଳ ଉଲଂଘନକରି ଯିବା ସମ୍ଭବ ନଥିଲା । ତେଣୁ ତାଙ୍କଠାରୁ ସଂପୂର୍ଣ୍ଣ ନିରାପଦ ରହି ବିବିଧ ମୁଖ ଭଙ୍ଗୀରେ ପରିହାସ କରି ଲାଗିଲୁ ଅପାଙ୍କୁ !

ଅନୁଥାଉ—ଆସ ଏଥର ପରାକ୍ରମଶାଳୀ କୋଶଳ ରାଜାଙ୍କ ସେହୀ ନନ୍ଦିନୀ ପିତାଙ୍କ ଠାରୁ କେତେ ଧନ ଆଣିଛ ଆସ ଦେଖିବା ।

କୌଶଲ୍ୟା ଅପା ରାଗ ତମ ତମ ହୋଇ ପେଣି ଆସିଲେ ମୋ ପାଖକୁ । ସେ ଜାଣନ୍ତି ତୋ ଅଝଟ ପଣିଆର ଔଷଧ ମୋ ପାଖରେ । କ୍ଷୁଦ୍ର ଅବା ବିରାଟ ଯେତେ ସବୁ ସମସ୍ୟା ଅପାଙ୍କୁ ବଢ଼େଇ ପଡ଼େ, ସେତେବେଳେ ମୋ ପାଖକୁ ଦୌଡ଼ି ଆସନ୍ତି ସମାଧାନ ପାଇଁ ।

ମୋତେ କହିଲେ—'ଦେଖିଲୁତ ସେ ଅମାନିଆ ଟୋକା ଶ୍ରୀରାମଙ୍କ କାଣ୍ଡ ! ଏଣେ ପ୍ରଭାତ ମଣୋହି ବାଢ଼ି ଉଠିଛି, ତେଣେ ଟୋକା ଦରବାର ପ୍ରାଙ୍ଗଣରୁ ପଳେଇଯାଇ ନାନା ଛଳଖେଳ କଥା କାଟୁଛି ! ତୁ କେବଳ ପାରିବୁ ତାକୁ । ମୁଁ ସିନା ଗର୍ଭଧାରିଣୀ, ହେଲେ ତୁ ତା'ର ମା ! ମୋ କଥା ସିନା ଶୁଣେ ନାହିଁ ହେଲେ ତୋ କଥା ଶୁଣିବାକୁ ଟାକି ରହିଥାଏ । ତୁ ଯା ତାକୁ ଧରି ଆସିବୁ, ମୁଁ ମଣୋହି ପାଖରେ ବସିଛି ।"

ମୁଁ ତୋତେ ଆଣିବାକୁ ଗଲି । ମୋତେ ଦୂରରୁ ଦେଖୁ ଦେଖୁ ତଗରାମି ଆରମ୍ଭ କରିଦେଲୁ । ଗେହ୍ଲେଇ ଗେହ୍ଲେଇ କହିଲୁ "ମୁଁ ଜାଣିଥିଲି, ମୋ କାକୀ ମାଆ ଆସିବ । ମୋତେ ଗେଲ କରି....ତ. ତାପରେ କୋଳ କରିବ.... କୋଳରେ ବସାଇ ଖୁଆଇବ !"

ମୁଁ ଦରଦୀର କଣ୍ଠରେ ଆଉ କହିଲି—'ହଁ ହେଲା । ଏବେ ତୋ କଥା ହେଲା ! ତୋ କାକୀମା ଆସିଲା । ତୋତେ ସେ ଗେଲ କଲା ! ତାପରେ କୋଳକୁ ନେଲା! ଆଉ କୋଳରେ ବସାଇ ଖୁଆଇବ! ମନକୁ ପାଇଲା ଏଥରକ? ଆସିଲୁ ମୋ ଧନମଣି, ପାଖକୁ ଆସିଲୁ ।

ତଥାପି ତୁ ଆସିଲୁ ନାହିଁ । ପୁଣି ନୂଆ ତଗରାମି ବାହାର କଲୁ । କହିଲୁ—"କାକୀମା" ଯଦି ମୋକଥା ରଖିବ, ତେବେ ଯାଇ ମୁଁ କାକୀମା କଥା ରଖିବି । ନହେଲେ ଛାଡ଼ିଆ କଟି!"

ମୁଁ କହିଲି—"ହଉ ହେଲା, ମୁଁ ତୋକଥା ରଖିବି । ଏଥର ଆ, ଅସିଲୁ ଧନ ମୋ କୋଳକୁ ।

କହିଲୁ—"ଉହୁଁ, ସିମିତି ଠକିଦେଲେ ଚଳିବ? ତୁମେ ପ୍ରଥମେ ସତ୍ୟକର । ତେବେ ଯାଇ କହିବି । ତୁମେ କେକୟ ରାଜାଙ୍କ ଦୁଲଣୀଜିନା ! ଏବେ ହଁ କରିଦେଇ ପଛେ ନା କରିଦେବ ସେବେ !!

ମୁଁ କହିଲି—"ଆମ ପିତାମାତାଙ୍କ ନାମ କହିଲେ ବିବ୍ୟ ମଣୋହି ତୁମମାନଙ୍କୁ ରୁଚେ ନାହିଁ ପରା! ହଉ!, ଏବେ ହେଲ, କି କଥାଟାଏ ଏମିତି କହିବୁ ଯେ, ମୁଁ ରଖିପାରିବି ନାହିଁ? ହଉ ସତ୍ୟ କଲି । ଏଥର ମୋ କୋଳକୁ ଆ । ତୋ ଜନନୀ କେତେଣେ ସୁଝି କରିଛନ୍ତି!"

ତଥାପି ତୋ ଅଝଟ ଜିଦ୍ ଭାଙ୍ଗିଲା ନାହିଁ । କହିଲୁ "ସିମିତି ନୁହେଁ କାକୀମା! ସତ୍ୟ କ'ଣ ସିମିତି କରାଯା... ମୋ ପାଖରେ ଠକାମି ଚଳିବ ନାହିଁ ।"

ମୁଁ କହିଲି—"କାହିଁକି ଇମିତି ରଙ୍ଗ କାଢ଼ୁଛୁ କହି... ମୋ ବାପଟା ପରା, ମୋ ଧନଟା ପରା, ଆ, ମୋ କୋ... ଆ । ସତ୍ୟକଲି ତୋ କଥା ନିଶ୍ଚେ ରଖିବି ।"

ତୁ କହିଲୁ—ସିମିତି ହେବନି! ମୋତେ ତୁମେ ତ୍ରିବାର ସ... କରିବାକୁ ପଡ଼ିବ । ତେବେ ଯାଇ ଆମ ମାଆପୁଅ ... ରହିବ । ଜାଣ କାଳକୁ ତୁମେ ହେଉଥିବ ମା, ମୁଁ ହେଉ... ପୁଅ । ମୋ କହିବା ମୁତାବକ କାର୍ଯ୍ୟ ନକଲେ, ହଁ, ... ରଖୁଛି, ଏ ରଙ୍ଗ ରହିବ ନାହିଁ ।"

ମୁଁ ଆଉ ଦେହଳି ପାଖରେ ଅପେକ୍ଷା କରି ପା... ନାହିଁ । ରାଜନବରର ସାମାଜିକ ନିୟମ ଶୃଙ୍ଖଳା ଭଙ୍ଗ... ପ୍ରାଙ୍ଗଣକୁ ଦୌଡ଼ିଗଲି ତୋତେ କୋଳେଇ ଆଣିବାକୁ ।

ତୁ ମୋତେ ଧରାଦେଇ କହିଲୁ—"ସାବାସ କାକୀ... ତୁମେ ଏକା ମୋ ଜନନୀ ହେବାକୁ ଯୋଗ୍ୟା । ମୋ ଜ... ଯାହା ପାରିଲେ ନାହିଁ, ତୁମେ ତାହା ପାରିଲ । ତୁମେହିଁ ... ପାଇଁ ଦେହଳୀ ଅତିକ୍ରମ କରିପାରିଲ । ଯେଉଁ ମା ମୋ ... ପରୁଣା ଘୁଣଧରା ନୀତି ନିୟମ ଭାଙ୍ଗିପାରେ, ସେହିସିନା ... ମା!

ଏହାପରେ ମୋ କୋଳକୁ ଡେଇଁପଡ଼ି ମୋତେ ଗେଲକ... କହିଲୁ—"ଏଥର କାକୀମା ତ୍ରିବାର ସତ୍ୟକର,ମୋ କ... ରଖିବ ବୋଲି ।"

ମୁଁ କହିଲି—"ଓଃ, ଖାଲି ସତ୍ୟ, ସତ୍ୟ, ସତ... ସେତେବେଳେ ଜାଣିପାରିଥିଲି ତୁ ପାଣିରେ ସର ପକାଇ ... କହିପାରୁ ବୋଲି । ମୁଁ ଆଦୌ କଳି ପାରିଲି ନାହିଁ ... ପିଲାବୁଦ୍ଧିର ଏତେ ଭୟଙ୍କର ରହସ୍ୟ ରହିଛି ବୋଲି! ... ମୁଁ ଖୁବ୍ ସରଳଭାବରେ କହିଲି—କିକଥା କହିବୁ ଯେ, ... ରଖିପାରିବି ନାହିଁ? ଏବେ ଦେଖ୍, ସତ୍ୟକଲି—ସତ୍ୟ, ... ତ୍ରିବାର ସତ୍ୟ!"

ତୁ ଥପ୍ କରି ମୋ କୋଳରୁ ଡେଇଁ ପଡ଼ିଲୁ । ତାଳିମାରି କ... —"ଦେଖ, କାକୀମା, ତୁମେ କେବଳ ମତେ ଛୁଇଁ ... କରିନାହ , ମୋତେ ପୁରାପୁରି କୋଳରେ ଧରି ଶପଥ କରି... ଆଉ ଫିରେଇହେଲେ ସେଥିରୁ ଟଳିବାକୁ ହେବନାହିଁ ।"

ତାପରେ ମୋ ହାତକୁ ଟାଣିଧରି ନେଇଗଲୁ ଏକ ନି... ସ୍ଥାନକୁ । ଚୁପ୍ ଚୁପ୍ କହିଲୁ—"କାକୀମା, ପ୍ରକୃତରେ ... କଥାଟି କୌଣସି ଥଟ୍ଟା ତାମସାର କଥା ନୁହେଁ । ... ଗୁରୁତର । ଆଉ ତୁମେ ସତ୍ୟ କରିଛ ଯେତେବେଳେ ... ଯେପତେ ଗୁରୁତର ହେଉପଛେ ଲଘଂନ କରି ପାରିବ ନାହିଁ...

ମୁଁ ଡରିଗଲି । ମୋ ଅନ୍ତର ଭିତରଟା ଏକ ଆକସ୍ମିକ ପ୍ରମାଦର ସମ୍ମୁଖୀନ ହେବାଭଳି କାନ୍ଦିବାକୁ ଲାଗିଲା । ମୁଁ ହତବାକ୍ ହୋଇ ବିସ୍ମୟ ନେତ୍ରରେ ଚାହିଁଲି ତୋ ଶ୍ରୀମୁଖକୁ, ସେଇଁଠାରୁ ହୁଏତ ଆଉ ଅଳ୍ପକ୍ଷଣ ପରେ ମୋ ଉପରକୁ ଅଗ୍ନି ଉଦ୍‌ଗୀରଣ ହୋଇପାରେ!

ତୁ ପୁଣି ଅସଲ କଥାଟି ନକହି ସତ୍ୟପାଳନର ମହନୀୟତା ବିଷୟରେ ନାନା ତତ୍ତ୍ୱ ବଖାଣି ଲାଗିଲୁ । କହିଲୁ–"ସତ୍ୟ ନିକଟରେ ଆଉସବୁ ତୁଚ୍ଛ । ପିତା, ମାତା, ପୁତ୍ର, ସ୍ୱାମୀ, ସ୍ତ୍ରୀ, ରାଜ୍ୟ, ଜୀବନ ଏପରିକି ଧର୍ମକୁ ଏକତ୍ରିତ କରି ଗୋଟାଏ ପାଖରେ ରଖିଲେ ମଧ୍ୟ 'ସତ୍ୟ' ସହିତ ସମକକ୍ଷ ହେବ ନାହିଁ । ସତ୍ୟ ଲଙ୍ଘନ କରୁଥିବା ବ୍ୟକ୍ତିର ତ୍ରିଭୁବନରେ ସ୍ଥାନନାହିଁ । ଅବଶ୍ୟ ମୁଁ ପରମ ସତ୍ୟ'ର କଥା କହୁଛି ; ଯେଉଁ ସତ୍ୟ ପରମ ଚେତନାରୁ ଉଦ୍ଭାସିତ, ମୁଁ ସେହି 'ସତ୍ୟ'ର କଥା କହୁଛି । ଯେଉଁ 'ସତ୍ୟ ବିଧାତାଙ୍କ ପରମ ରହସ୍ୟକୁ ଧାରଣ କରିଥାଏ, ସେହି 'ସତ୍ୟ'ର କଥା କହୁଛି । ସତ୍ୟଭଳି ପ୍ରତିଭାତ ହେଉଥିବା ଅନ୍ୟ ସମସ୍ତ ସତ୍ୟ 'ସତ୍ୟ' ନୁହେ 'ସତ୍ୟର ମାୟା! କାରଣ ସେ ତଥାକଥିତ ସତ୍ୟ ଗୁଡ଼ିକ ପରମ ସତ୍ୟ ସହିତ ଯୁକ୍ତହୋଇ ରହି ନଥାନ୍ତି । ସେହିଭଳି 'ଧର୍ମ ନାମରେ ଅନେକ ସଂକୀର୍ଣ୍ଣତା, ନୀତି ନାମରେ ଅନେକ ନିର୍ବୋଧତା ବୃଦ୍ଧିପାଇବାରେ ଲାଗେ । ଯେତେବେଳେ ଏହି ବୃଦ୍ଧି ସୀମାତୀତ ହୁଏ, ସେତେବେଳେ ଘଟେ ଧର୍ମର ଗ୍ଲାନି ଧର୍ମର ପୁନଃ ସଂସ୍ଥାପନ ପାଇଁ ଭଗବାନ ଅବତରି ଆସନ୍ତି ନରଦେହ ଧାରଣକରି ଯୁଗେ ଯୁଗେ ।"

ବାଳୁତ ଶିଶୁଟିଏ ହୋଇ ସତ୍ୟ ସଂପର୍କରେ ଅଦ୍ଭୁତ ତଥ୍ୟମାନ ତୋ ଶ୍ରୀମୁଖରୁ ଶୁଣି ମୁଁ ଚମକି ଉଠିଲି । ମୋତେ ଲାଗିଲା–ତୁ କେମିତି ଆଉ କେହି ନୁହଁ, ଧର୍ମ ସଂସ୍ଥାପନ ପାଇଁ ନରଦେହ ଧାରଣ କରି ଅବତରି ଆସିଛୁ ମର୍ତ୍ତ୍ୟ ପୃଷ୍ଠକୁ?

ମୁଁ ଅନୁଭବ କଲି ମୁଁ ଯେପରି ମାୟାର ଆବରଣ ଛିନ୍ନକରି ଅନ୍ୟଏକ ଜଗତର ସନ୍ଧାନ ପାଇଛି । ତୋପାଇଁ ମୁଁ ଏଥର ଯେକୌଣସି 'ସତ୍ୟ' ପାଳନ କରିବାକୁ ସମର୍ଥ! ତାହା ଯେତେ ଦୁଃଖତର ହେଉ ପଛକେ ବରଣ କରିନେବା ପାଇଁ ସ୍ଥିର ଚିତ୍ତ ହୋଇ ଅପେକ୍ଷା କରି ରହିଲି!

ଅତି ଗମ୍ଭୀର ଭାବରେ ତୁ ଅବତାରଣା କଲୁ ସେ ଗୁରୁତର "ସତ୍ୟ'ର ଉପକ୍ରମଣିକା–

କାକୀମା, ତୁମେ କିନ୍ତୁ ଏ ରହସ୍ୟକୁ ସଂପୂର୍ଣ୍ଣ ଗୋପନୀୟ ରଖିବ । ପରମ ସତ୍ୟକୁ କେବଳ ସ୍ୱତବ୍ୟକ୍ତିଙ୍କୁ ସ୍ପର୍ଶକୁ ଦିଆ ଯାଇଥାଏ । କାରଣ ସେହିମାନେହିଁ ସେ ରହସ୍ୟକୁ ଅପ୍ରକାଶିତ ରଖିପାରନ୍ତି ।

ମା, ମୁଁ ଆସିଛି ଏକ ମହାନ୍ କର୍ମ ସଂପାଦନ ପାଇଁ! ସେମାନେ ମହାନ କର୍ମ ଗୁଡ଼ିକରେ ତୁମେ ନାନା ଦୁଃଖ ଯାତନା ବରଣ କରି ମୋତେ ସାହାଯ୍ୟ କରି ଆସିଛ ଯୁଗେ ଯୁଗେ । ରାବଣବୋଲି ଦଶମୁଖ ରାକ୍ଷସଟିଏ ତ୍ରିଭୁବନରେ ମହା ଉତ୍ପାତ କରୁଛି । ସୁର ନର କିନ୍ନର ସମସ୍ତେ ତାର ଉତ୍ପୀଡ଼ନରେ ପୀଡ଼ିତ । ଜନନୀ ବିଶ୍ୱମ୍ଭରା ତାର ଦୌରାତ୍ମ୍ୟରେ ଅସ୍ଥିର । ମୋତେ ତାକୁ ବିନାଶ କରିବାକୁ ହେବ ।

"ସେଥିପାଇଁ ମୁଁ ଚଉଦବର୍ଷ ବନବାସୀ ହେବି । ଅଯୋଧ୍ୟାର ରାଜା ହେବାକୁ ମୁଁ ଆସିନାହିଁ ।" ତାପରେ ସତ୍ୟର ଶାଣିତ ଖଡ୍‌ଗରେ ମୋତେ ଶତଧା ବିଦୀର୍ଣ୍ଣ କରିବାକୁ ଲାଗିଲୁ –

"ମା, ତୁମେ ଏହି ବସୁନ୍ଧରା ଜନନୀଙ୍କ ପ୍ରତିଭୂ । ତାଙ୍କର ସକଳ କ୍ଲେଶ ସହିତ ତୁମର କ୍ଲେଶ ଏକୀଭୂତ । ତୁମେ ସେହି ସର୍ବଂସହାଙ୍କର ମୂର୍ତ୍ତିମନ୍ତ ବିଗ୍ରହ ।

"ତୁମର ମନେଥିବ–ସୀରାସୁର ଯୁଦ୍ଧରେ ତୁମରି ଅପୂର୍ବ ସେବା ପରାୟଣତାରେ ପ୍ରୀତ ହୋଇ ପିତା ତୁମକୁ ଦୁଇଟି ବର ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ । ବର ଯାଚନାର ସମୟ ସମାଗତ ହେବ ଠିକ୍ ମୋର ଅଭିଷେକ ହେବା ହୋଇଥିବା ପୂର୍ବ ଦିନ । ପିତାଙ୍କୁ ପ୍ରାର୍ଥନା କରିବସିବ ସେ ଦୁଇଟି ବର । ପ୍ରାର୍ଥନା କରିବ ମୋ ପାଇଁ, ଜଗତ ପାଇଁ, ପରମ ସତ୍ୟପାଇଁ!"

ଏକ ଅଜଣା ଆଶଙ୍କାରେ ମୋ ବକ୍ଷସ୍ଥଳ ଘନଘନ ସ୍ପନ୍ଦିତ ହେବାକୁ ଲାଗିଲା । ସତେ ଯେପରି ଅଳ୍ପକ୍ଷଣ ପରେ ମୁଁ ଚେତନା ହରାଇ ବସିବି! କହିଲି–"ଶୀଘ୍ର ଶେଷ କର ତୋର ଉପକ୍ରମଣିକା । ମୁଁ ଆଉ ଧୈର୍ଯ୍ୟଧରି ପାରୁନି । ଛାତି ଫାଟିଗଲାଭଳି ଲାଗୁଛି ।"

ତୁ କହି ଗଲୁ–

"ତୁମେ ପିତାଙ୍କୁ ସେହି ଦୁଇଟି ବର ଭିକ୍ଷା କରିବ । ପ୍ରଥମଟି ହେଲା–'ରାମ ଚଉଦବର୍ଷ ବନବାସ ଯିବ' । ଆଉ ଦ୍ୱିତୀୟଟି–ସେହି ସମୟପାଇଁ ଅଯୋଧ୍ୟାର ରାଜା ହେବ ଭରତ ।"

ଏ ଅପ୍ରତ୍ୟାଶିତ ପ୍ରସ୍ତାବରେ ମୋର ମସ୍ତିଷ୍କ ଘୂରିବାକୁ ଲାଗିଲା । ଚକ୍ଷୁକୁ କିଛି ଦୃଶ୍ୟହେଲାନାହିଁ । ମୁଁ ଭୂ-ପତିତ ହେଲି ।

କିଛିକ୍ଷଣପରେ ଚେତନା ଫେରିପାଇ ଅନୁଭବ କଲି ମୋ କପୋଳରେ ତୋରି ଅଙ୍ଗୁଳି ଗୁଡ଼ିକର କୋମଳ ସ୍ପର୍ଶ । ମୁଁ ସ୍ପଷ୍ଟ ଜଣାଇଦେଲି–ନା, ମୁଁ ଏ ସତ୍ୟରକ୍ଷା କରି ପାରିବି ନାହିଁ । ହେବି ପଛେ ସତ୍ୟ ଭ୍ରଷ୍ଟ! ନମିଳିବ ପଛେ ମୋତେ ତ୍ରିଭୁବନରେ ସ୍ଥାନ ।"

କିନ୍ତୁ ତୋ ପାଶରେ ଯେ ଥରେ ପଡ଼ିଛି, ତାର କ'ଣ ଆଉ ନିସ୍ତାର ଅଛି?

ତୁ କହିଲୁ–"ମା, ତୁମରି ଏ ନାସ୍ତିବାଣୀ କେବଳ ଜାଗତିକ ମାୟା ମଧ୍ୟରୁ ନିଃସୃତ! କିନ୍ତୁ ତୁମେ ଯେ ସକଳ ମାୟାର ଅତୀତ!"

ମୋ କର ଧରି ଉଠାଇ ନେଲୁ । ମୋର ଅଶ୍ରୁ ପୋଛିଦେଇ କହିଲୁ–ଏସବୁ କଥା କିନ୍ତୁ ଆମ ଦୁହିଁଙ୍କ ମଧ୍ୟରେ ସୀମିତ ରହିବ । ଏଥିପାଇଁ ଜନ ସମାଜରେ ତୁମେ ଅଶେଷ ଅବାଞ୍ଛିତ ଲାଞ୍ଛନାର ଶରବ୍ୟ ହେବ ସତ, କିନ୍ତୁ ସ୍ରଷ୍ଟାଙ୍କର ତୁମେ ହେବ ପରମ ପୂଜାରିଣୀ ।

ମୁଁ ଅଶ୍ରସ୍ନିଗ୍ଧା ବିମୁଗ୍ଧିତ ହୋଇ ନୀରବରେ ଅଶ୍ରୁପାତ କରୁଥାଏ । ତୁ କହି ଲାଗିଥାଉ ତୋ କଥା:–

"କାକୀ ମା, ଏହି ଗୁରୁତର କର୍ମପାଇଁ ଅନ୍ୟ କେହି ସମର୍ଥ ନୁହନ୍ତି ବୋଲି ତୁମକୁ ହିଁ ମାଧ୍ୟମ କଲି । ଏହିପରି ଦୁଃସାହସିକ କର୍ମ ସମ୍ପାଦନ ପାଇଁ ତୁମଭଳି ବ୍ୟକ୍ତି ଅତ୍ୟନ୍ତ ଦୁର୍ଲଭ । ଅବତାରମାନେ ସେହି ଦୁର୍ଲଭ ଜୀବନମାନଙ୍କ ସଙ୍ଗରେ ଧଳି ଅବତୀର୍ଣ୍ଣ ହୁଅନ୍ତି ।"

"କାକୀ ମା, ଆଦୌ ଦୁଃଖ କରନାହିଁ । ମୁଁ ତୁମରି ସନ୍ତାନ ହୋଇ ତୁମରି ପ୍ରେମର ଅବଦାନ ଗ୍ରହଣ କରୁଥିବି ଜାନ୍ମେ ଜାନେ ।"

ତା'ପରେ ପ୍ରତିଶ୍ରୁତି ଛଳରେ ଅନେକ ଉତ୍କୋଚର ପ୍ରଲୋଭନ ବାଢ଼ି ଲଗିଲୁ —

"ଆଗାମୀ ଦ୍ୱାପର ଯୁଗରେ ମୁଁ ପୁଣି ଆସିବି ଅନ୍ୟଏକ ମହାନ୍ କର୍ମ ସମ୍ପାଦନ ପାଇଁ । ସେତେବେଳେ ତୁମେ ପୁଣି ଆସିବ ମା ଯଶୋଦାବତୀ ହୋଇ । ଗର୍ଭରେ ନ ଧରିଲେ ମଧ୍ୟ ଜନ୍ମରୁ ମୋର ଲାଳନ ପାଳନ ଭାର ବହନ କରିବ ତୁମେ, ତୁମରି ହାତରେ ଖୁଆଇ ଦେବ ସର ଲବଣୀ, ଗୋଟିକା ଅଧାମ ଏବଂ ମୋର ପ୍ରିୟ ପୋଡ଼ପିଠା । ଆଉ ତୁମର ଏ ଅଝଟିଆ ପୁତ୍ର ଅଝଟ ଦେଖିଦେଲେ ଛାତରେ ପିଟି ପିଟି ଶାସନ କରୁଥିବ । ମୁଁ ଏମିତି ଭେଣ୍ଡେଇ ହୋଇ ମନ୍ଦ ମୃଦୁ ହସୁଥିବି ।

ମୋର ଅଶ୍ରୁଳ ମୁଖ ତୋଳି ଦେଖିଲି ସତରେ ତୁ ମୃଦୁ ମୃଦୁ ହସରେ ଅନାଉ ଥାଉ ! ମୋର ଏତେବଡ଼ ଦୁଃଖରେ ହସୁଛୁ ଦେଖି ମୋ ଚକ୍ଷୁର ଅଶ୍ରୁ ଝରିଲା ଅଧିକ ବେଗରେ । ତୁ ପୁଣି କହି ଚାଲିଲୁ —

"କାକୀ ମା, ମୋର ଏ ମହାନ ଅବଦାନ ପାଇଁ ମୁଁ ତୁମର [illegible] କାଳପାଏଁ । ଦ୍ୱାପର ପରେ ପଦ୍ମ କ୍ଷେତ୍ରରେ [illegible] ଦେବି ଦାରୁବ୍ରହ୍ମ ରୂପରେ । ଆଉ ତୁମେ ମୋର ମାଉସୀ ମା ହୋଇ ବଳଗଣ୍ଡିଠାରେ ଅବସ୍ଥାନ କରିବ ।"

"ରଥଯାତ୍ରା କାଳରେ ମୁଁ ତୁମରି ଦ୍ୱାରରେ ହୋଇ ତୁମରି ହାତରୁ ମୋର ସେହି ପ୍ରିୟ ପୋଡ଼ପିଠା ଭୁଞ୍ଜୁଥିବି ବର୍ଷକୁ ଥରେ ।"

"ଘଟଣାଟି କିନ୍ତୁ ରହିଥିବ ଜନମାନସରେ ରହସ୍ୟାବୃତ କେବଳ [illegible] କେତେକ ଭକ୍ତ ତୁମକୁ ବୁଝି ପାରିବେ । ସେତେବେଳେ ମୋର ଚିରନ୍ତନ ତୁଳସୀ ଦାସ ଜନ୍ମ ହେବେ ବାଲ୍ମୀକିଙ୍କର ଅଂଶାବତାର ହୋଇ, ସେତେବେଳେ ସେ ତୁମରି ମହିମା ପ୍ରଥମଥର ପାଇଁ ପ୍ରକାଶ କରିବେ ମୋ ଚରିତ ମାନସରେ ।"

ତୋର ଏ ପ୍ରଲୋଭନଗୁଡ଼ିକର ପ୍ରତିଶ୍ରୁତି ମୋ କର୍ଣ୍ଣ କୁହରରେ ପ୍ରବେଶ କରୁଥିଲା କି ନାହିଁ ଜାଣେ ନି, ତେବେ ଏତିକି ଜାଣେ ତାହା ମୋର ମର୍ମସ୍ଥଳୀକୁ ସ୍ପର୍ଶ କରୁ ନ ଥିଲା । ଏପରି କି ତୋ ମୃଦୁ ହସରେ ଗୋପନୀୟ ଥିବା ତୋ ରହସ୍ୟକୁ ବି ବୁଝିବାକୁ ଚେଷ୍ଟା କରୁ ନ ଥିଲି ।

କୌଶଲ୍ୟା ଅପା ଆଉ ବିଳମ୍ବ ସହ୍ୟ କରି ପାରିଲେ ନାହିଁ । ଦରବାର କକ୍ଷରେ ପହଞ୍ଚିଗଲେ । ମୋ ନୟନରେ ଅଶ୍ରୁ ଦେଖି ସାଙ୍ଗେ ସାଙ୍ଗେ ତୋ ଉପରେ ରାଗିଗଲେ । କହିଲେ– "ମୋତେ ଯାହା ଭଲା ତାହା କହିଲୁ ବୋଲି କାକୀ ମା'ଙ୍କୁ ମଧ୍ୟ କହିବୁ ? ଛି ଛି, କେଡ଼େ ଅବୁଝା ହୁଏଟାଏ ହେଲୁରେ ।"

ଅପାଙ୍କ ଉପରଠାଉରିଆ ମନ୍ତବ୍ୟ ଶୁଣି ସେତେବଡ଼ ଦୁଃଖରେ ମଧ୍ୟ ମୁଁ ହସିଦେଲି । ତୁ ହସି ହସି କହିଲୁ —

"ଦେଖ, କାକୀ ମା, ଏମିତି କାନ୍ଦିଲେ ମୁଁ ମୋଟେ ଯିବି ନାହିଁ । କେତେ ବୁଝାଇ ବୁଝାଇ ମୋତେ ରାଜି କରାଇଛ । ସବୁ ଭୁଲି ଭଣ୍ଡୁର କରିଦେବ କି । କାନ୍ଦ ବନ୍ଦକରି ଶୁଣ, ମୋତେ କୋଳରେ ବସାଇ ଖୁଆଇଦେବ । କ'ଣ ପୋଡ଼ପିଠା, ଖୁଆଇବା କଥା ମନେ ଅଛିଟି ?"

ରହସ୍ୟଧାରୀର ଏ କଥାରେ ହସିବି କି କାନ୍ଦିବି ଜାଣି ପାରିଲି ନାହିଁ । ଅପାଙ୍କୁ କିନ୍ତୁ ହସି ହସି କହିଲି,–"ଅପା ତୁମେ ଗୋଟାଏ ହାତ ଧର, ଆଉ ମୁଁ ଗୋଟାଏ ହାତ ଧରୁଛି, ଦେଖିବା କିମିତି ଏ ବଗୁଲିଆ ଟୋକା ଆମକୁ ବଞ୍ଚେଇଯିବ ।"

ସେ ଭାବନାର ସୀମାନାହିଁ ! ସେ ପ୍ରତୀକ୍ଷାର ଅନ୍ତ ନାହିଁ ।

ବଡ଼ ଦାଣ୍ଡରେ ଘଣ୍ଟ କାହାଳି ଶୁଭିଲାଣି ସହସ୍ର ସହସ୍ର ଭକ୍ତଙ୍କର ସ୍ରୋତ ଠେଲି ଦାଶରଥି ଆସୁଛି । ମୋତେ ବୋଧହେଲା — ମୋ ପ୍ରବୋଧନାରେ ଯେମିତି ଦାଶରଥି ଫେରି ଆସୁଛି ଅଯୋଧ୍ୟାକୁ । ଚୌଦବର୍ଷ ବନବାସର ପ୍ରତିଜ୍ଞା କରିଥିଲା ସିନା, କାକୀ ମା'ର ଗେହ୍ଲା ଖାଇବା ଛାଡ଼ି ଏତେକାଳ ବନବାସରେ ରହି ପାରିଥାଆନ୍ତା କିପରି ।

ମୁଁ ପ୍ରକୃତିସ୍ଥ ହେଲି, ବୁଝି ପାରିଲି — ଏ ଅଯୋଧ୍ୟା ନୁହେଁ ଏ ତ୍ରେତୟା ନୁହେଁ ; ମୁଁ କାକୀମା ନୁହେଁ ! ମୁଁ ଯେ ଦାରୁବ୍ରହ୍ମର ମାଉସୀ ମା ମାତ୍ର !

ବଳଗଣ୍ଡିଠାରେ ତୋ ରଥ ଲାଗିଲା । ମୋ ମନ୍ଦିର ସମ୍ମୁଖରେ ରହି ତୁ ଚକା ଚକା ଆଖିରେ ଖୁଣ୍ଟି ରହିଲୁ– ମୁଁ ହସୁଛି କି କାନ୍ଦୁଛି ଜାଣିବା ପାଇଁ । ମୋତେ କ'ଣ

ହିଁଲୁରେ ଦାଶରଥି ? ମୁଁ ଠିକ୍ ଅଛି ନା ନାହିଁ ? ତୋ ହସ୍ୟକୁ ଅପ୍ରକଟ ରଖି ପାରିଛି କି ନାହିଁ ? କ'ଣ ଦେଖିଲୁ ? ତୋ ସତ୍ୟର ପ୍ରଚଣ୍ଡ ଜ୍ୱାଳାରେ ଜଳି ଜଳି ଛି କି ନାହିଁ ? କ'ଣ ଦେଖିଲୁ ?

ମୁଁ ଦୌଡ଼ିଗଲି ଅତି ବ୍ୟସ୍ତ ହୋଇ । ଜାଣେ ନା ସେତେବେଳେ ମୋ ପରିଧାନ ସଂଯତ ଥିଲା କି ନାହିଁ । ମୋ ଲଣଭାଣି ବିନ୍ୟସ୍ତ ଥିଲା କି ଅବିନ୍ୟସ୍ତ ଥିଲା । ମୁଁ ଅବୋ ଚେତନ ନ ଥିଲି ମୋର ଅସଂଯତ ଆଚରଣ ପାଇଁ । ତାର ସହସ୍ର ସହସ୍ର ଭକ୍ତ କିଏ କ'ଣ ଭାବିଲେ କି ନ ଭାବିଲେ କ୍ଷେପ କରିନାହିଁ । ମୁଁ ଦୌଡ଼ିଗଲି ତୋ ପାଖକୁ । ତୋତେ ପୋଡ଼ପିଠା ଭୁଞ୍ଜାଇ ଦେଲି, ତୁ ମୋ ମୁହଁକୁ ନିର୍ନିମେଷ ଦୃଷ୍ଟିରେ ଅନାଇ ଖାଇ ଲାଗିଲୁ । ମୁଁ ଚାହିଁ ରହିଥିଲି ତୋର ମୁଖକୁ । ପୁରାତନ ମୃଦୁହସ ଲାଗି ରହିଥିଲା ସେ ମୁଖରେ ।

ମୋରି ସ୍ତନ ଯୁଗଳୁ ଅମୃତ ଝରୁଥିଲା । ମୋରି ଅଧର ଯୁଗଳ ପ୍ରେମସିକ୍ତ ହୋଇ ଉଠିଥିଲା ! ଆଉ ତୁ ଖୁଣ୍ଟୁଥିବା ପୋଡ଼ପିଠାରେ ସେ ଅମୃତ ଓ ପ୍ରେମ ଭରି ରହୁଥିଲା ।

ମୁଁ ଅନୁଭବ କରୁଥିଲି – ତୁ ଯେମିତି ସେହି, ତରଳ ପିଲାଟିଏ ହୋଇ ପୋଡ଼ପିଠା ଭୁଞ୍ଜୁ ଭୁଞ୍ଜୁ କହି ଉଠିଥିଲୁ ତୋର ସେ ଚିର ତୃଷିତ କଣ୍ଠରେ—

"ଭାରି ମା, ତୋ ସ୍ତନର ଅମୃତ କିମିତି ମିଠା, ତୋ ଅଧରର ଅମୃତ ମଧ୍ୟ କିମିତି ମିଠା ।"

ମୋ ଭାବଗ୍ରାହୀର ଭାବ ବୁଝିପାରି ମୁଁ ମୋର ଭରା ବକ୍ଷ ଓ ଅଧର ବାଢ଼ିଦେଲି ତୋର ସେ ଅବୁଝା ତୃଷା ନିବାରଣ ପାଇଁ ।

ପ୍ରଧାନ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ,
ରା: ଉଦୟଗିରି,
ଗଞ୍ଜାମ ।





# ଶ୍ରୀରାମକୃଷ୍ଣଦେବଙ୍କର ରଥଯାତ୍ରା ଦର୍ଶନ

ଶ୍ରୀ ଦେବେନ୍ଦ୍ର ନାଥ ...

ଶ୍ରୀ ରାମକୃଷ୍ଣଦେବ ଶ୍ରୀ ଶ୍ରୀ ଜଗନ୍ନାଥଦେବଙ୍କ ବିଜେଭୂମି ଓଡ଼ିଶାର ନୀଳାଚଳ ଧାମକୁ ଆସି ଶ୍ରୀ ଶ୍ରୀ ଜଗନ୍ନାଥଦେବ, ବଳଭଦ୍ର ଓ ସୁଭଦ୍ରା ଦେବୀ କିମ୍ବା ରଥଯାତ୍ରା ଉତ୍ସବ ଦର୍ଶନ କରିନାହାନ୍ତି; କିନ୍ତୁ କଲିକତା ଓ ମାହେଶଠାରେ ଅନୁଷ୍ଠିତ ରଥୋତ୍ସବ ଦର୍ଶନ କରି ଅତ୍ୟନ୍ତ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ଭକ୍ତ ପରିକରମାନଙ୍କୁ ଉଦବର ଆନନ୍ଦ ବିତରଣ କରୁଥିଲେ। ଶ୍ରୀ ଜଗନ୍ନାଥ ଦେବଙ୍କୁ ସେ ଅତ୍ୟନ୍ତ ମର୍ଯ୍ୟାଦାର ଆସନ ଦେଇ ପ୍ରଣିପାତ କରୁଥିଲେ । ଉଦାର ଧର୍ମାଦର୍ଶ, "ଯେତେ ମତ ସେତେ ପଥ"ର ମହାନ୍ ପ୍ରବକ୍ତା : ଶ୍ରୀ ରାମକୃଷ୍ଣଦେବଙ୍କର ଜଗନ୍ନାଥ ଦେବଙ୍କ ପ୍ରତି ଅତ୍ୟନ୍ତ ଆନ୍ତରିକ ଅନୁରାଗ ଭାବ ହେବା ସ୍ୱାଭାବିକ !

ଶ୍ରୀ ରାମକୃଷ୍ଣଦେବଙ୍କର ଶ୍ରୀ ଜଗନ୍ନାଥ ବିଗ୍ରହ ଓ ରଥୋତ୍ସବ ଦର୍ଶନ ସଂପର୍କରେ ମାମୀଙ୍କ ରଚିତ "ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ", ସ୍ୱାମୀ ସାରଦାନନ୍ଦଙ୍କ ପ୍ରଣୀତ "ଶ୍ରୀ ଶ୍ରୀ ରାମକୃଷ୍ଣ ଲୀଳା ପ୍ରସଙ୍ଗ" ଓ ଅକ୍ଷୟ କୁମାର ସେନଙ୍କ ପ୍ରଣୀତ 'ଶ୍ରୀ ଶ୍ରୀ ରାମକୃଷ୍ଣ ପୁଁଥି'ରେ କେତେକ ବିଶଦ ବର୍ଣ୍ଣନା ରହିଛି ।

ଶ୍ରୀ 'ମ'ଙ୍କ ଲିଖିତ କଥାମୃତ ପ୍ରଥମ ଭାଗ 'ଏକାଦଶ ଖଣ୍ଡ'ର ବର୍ଣ୍ଣନାନୁସାରେ ୧୮୮୪ ଖ୍ରୀଷ୍ଟାବ୍ଦରେ ରଥଯାତ୍ରା ଦିନ ରାମକୃଷ୍ଣଦେବ ଠନ୍ଠନିଆରେ ଶ୍ରୀଯୁକ୍ତ ଈଶାନ ଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଗୃହରେ ଥିଲେ । ରଥଯାତ୍ରା ସେ ବର୍ଷ ଜୁନ୍ ୨୫ ତାରିଖ ବୁଧବାର ଦିନ ପଡ଼ିଥିଲା । ଈଶାନ ବାବୁ ରଥଯାତ୍ରା ଉପଲକ୍ଷେ ରାମକୃଷ୍ଣ ଦେବଙ୍କୁ ତାଙ୍କ ଗୃହକୁ ନିମନ୍ତ୍ରଣ କରି ଆଣିଥିଲେ । ତାଙ୍କ ସଙ୍ଗରେ ଦକ୍ଷିଣେଶ୍ୱରରୁ କେତେକଣ ଭକ୍ତ ମଧ୍ୟ ଆସିଥିଲେ । ସେଦିନ ଈଶାନବାବୁଙ୍କ ଗୃହରୁ କଲେଜ ଷ୍ଟ୍ରିଟ୍ ଯାଇ ପ୍ରଖ୍ୟାତ ପଣ୍ଡିତ ଶଶଧରଙ୍କ ସହ ସାକ୍ଷାତ କରି ପୁନରାୟ ଈଶାନବାବୁଙ୍କ ଗୃହକୁ ଫେରି ଆସିଥିଲେ । ସେଠାରୁ ପୁଣି ଦକ୍ଷିଣେଶ୍ୱର ଫେରି ଯାଇଥିଲେ ।

କିନ୍ତୁ ସାରଦାନନ୍ଦଙ୍କ ଲୀଳା ପ୍ରସଙ୍ଗରେ ବର୍ଣ୍ଣ...
ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ଫେରି ନପାରି ସେଦି...
ସମୟରେ ବାଗବଜାରସ୍ଥ ବଳରାମ ବାବୁଙ୍କ ଗୃହରେ...
ହେଲେ । ସନ୍ଧ୍ୟାପରେ ଶ୍ରୀ ଶ୍ରୀ ଜଗନ୍ନାଥ...
ବିଗ୍ରହଙ୍କୁ ମାଲ୍ୟ, ଚନ୍ଦନାଦି ଦ୍ୱାରା ଭୂଷିତ କରି ...
ଠାକୁର ଘର ବାହାରକୁ ଅଣାଗଲା । ପୂର୍ବରୁ ଗ...
ବସ୍ତ୍ର ଓ ପତାକାଦି ଦ୍ୱାରା ଗୋଟିଏ କ୍ଷୁଦ୍ର ରଥ ସୁ...
ରଖା ହୋଇଥିଲା । ରଥରେ ଜଗନ୍ନାଥ ଦେବ...
ଅଧିଷ୍ଠିତ କରାଯାଇ ପୂଜା କରାହେଲା । ତା'ପରେ...
ଆରମ୍ଭପୂର୍ବକ ରଥଟଣା ଆରମ୍ଭ ହେଲା । ...
ସ୍ୱୟଂ ରଥର ରଜ୍ଜୁ ଧରି କିଛିକ୍ଷଣ ଟାଣିଲେ...
ଭାବାବେଶରେ ସଂକୀର୍ତ୍ତନର ତାଳେ ତାଳେ...
ଭାବରେ ନୃତ୍ୟ କରିବାକୁ ଲାଗିଲେ । ଅନେକ...
ନୃତ୍ୟ ଓ ରଥଟଣା ପରେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବ...
ଦେବଦେବୀଙ୍କ ଜୟଧ୍ୱନି ଦେଇ ପ୍ରଣାମ କରିବା ...
ଓ ରଥଟଣା ଶେଷ ହେଲା । ତା'ପରେ ଜ...
ଶ୍ରୀବିଗ୍ରହଙ୍କୁ ରଥ ଉପରରୁ ଅଣାଯାଇ ତିନିତ...
ଗୋଟିଏ ସ୍ୱତନ୍ତ୍ର ଘରେ ସାତଦିନ ରଖାଗଲା...
ସେଠାରେ ସାତଦିନ ରହି ପୁଣି ରଥ ଚଢି ଜ...
ପୂର୍ବ ସ୍ଥାନକୁ ଫେରିଯିବେ । ତିନିତାଲା ଉପରେ...
ସ୍ଥାପନ କରିବା ପରେ ଭୋଗ ନିବେଦନ...
ପ୍ରଥମେ ରାମକୃଷ୍ଣଦେବ ଓ ପରେ ଭକ୍ତମାନେ ପ୍ର...
କଲେ । ରାମକୃଷ୍ଣଦେବ ସେହି ବଳରାମବାବୁ...
ରାତ୍ରିଯାପନ କରିଥିଲେ ଓ ପରଦିନ ସକାଳେ...
କରିବା ପୂର୍ବରୁ ତିନିତାଲା ଘର ଭିତରକୁ ଯା...
ଦେବଙ୍କୁ ପ୍ରଣାମ କରିବା ପରେ କେତେକଣ ଭ...
ନୌକାଦ୍ୱାରା ଦକ୍ଷିଣେଶ୍ୱର ଫେରି ଆସିଥିଲେ ।

ସ୍ୱାମୀ ସାରଦାନନ୍ଦ ତାଙ୍କ 'ଲୀଳା ପ୍ରସଙ୍ଗ' ପୁସ୍ତକର ତୃତୀୟଭାଗ, ସପ୍ତମ ଅଧ୍ୟାୟରେ ଏହି ରଥୋତ୍ସବ ଦର୍ଶନର ବର୍ଣ୍ଣନା ନିମ୍ନଲିଖିତମତେ ପ୍ରଦାନ କରିଛନ୍ତି । ଶ୍ରୀ ରାମକୃଷ୍ଣଦେବଙ୍କ ବିଶିଷ୍ଟ ଭକ୍ତ ବଳରାମବାବୁ ରାମକୃଷ୍ଣଙ୍କ ଭକ୍ତ ହେବା ପରେ ପ୍ରତିବର୍ଷ ରଥୋତ୍ସବ ସମୟରେ ତାଙ୍କୁ ନିଜ ଗୃହକୁ ଆଣି ଆନନ୍ଦ କରୁଥିଲେ । ବାଗବଜାରର ରାମକାନ୍ତ ବସୁ ଷ୍ଟ୍ରିଟ୍‌ରେ ବଳରାମବାବୁ ଓ ତାଙ୍କ ଭ୍ରାତା କଟକର ପ୍ରସିଦ୍ଧ ଓକିଲ ହରିବଲ୍ଲଭ ବସୁଙ୍କର ଗୃହ ଥିଲା । ବଳରାମ ବାବୁ ତାଙ୍କ ଭାଇଙ୍କ ଘରେ ରହୁଥିଲେ । ତାଙ୍କ ଗୃହରେ ଜଗନ୍ନାଥ ବିଗ୍ରହଙ୍କର ନିତ୍ୟ ସେବା ଥିଲା । ତେଣୁ ରାମକୃଷ୍ଣଦେବଙ୍କର ସେହି ଗୃହ ପ୍ରତି ବିଶେଷ ଆକର୍ଷଣ ଓ ପ୍ରୀତି ଦେଖାଯାଏ । ସେହି ଗୃହକୁ ସେ ଶତାଧିକବାର ଶୁଭାଗମନ କରିଥିଲେ । ବାସ୍ତବିକ୍ ସବୁ ଭକ୍ତିର ଅନୁଭୂତି, ବାହାରର ଆଡ଼ମ୍ବର କିଛି ନଥିଲା । ଗୃହର ସାଜସଜ୍ଜା, ବାଦ୍ୟ ବ୍ୟବସ୍ଥା, ଅନେକାଙ୍କ ଲୋକଙ୍କ ଭିଡ଼, ଗୋଳମାଳ, ଦୌଡ଼ାଦୌଡ଼ି, ପ୍ରଭୃତି କିଛି ନାହିଁ । ଗୋଟିଏ ଛୋଟ ରଥ, ବାହାର ଘରର ବାରଣ୍ଡା ଉପରେ ରଖା ହୋଇଥିଲା । ବାରଣ୍ଡାର ଚାରିଦିଗରେ ଘୁରି ଘୁରି ରଥ ଟଣା ହୁଏ । କୀର୍ତ୍ତନ ଦଳ ଆସିଲେ, ରାମକୃଷ୍ଣ ଓ ତାଙ୍କ ଭକ୍ତ ଗଣ କୀର୍ତ୍ତନରେ ଯୋଗଦାନ କରୁଥିଲେ । କିନ୍ତୁ ଉତ୍ସବର ସେହି ଆନନ୍ଦ ଭଗବତ ଭକ୍ତି, ରାମକୃଷ୍ଣଦେବଙ୍କର ସେହି ମଧୁର ନୃତ୍ୟ, ତାହା ଆଉ କେଉଁଠି ମିଳିବ ? ସାତ୍ତ୍ୱିକ ପରିବାରର ବିଶୁଦ୍ଧ ଭକ୍ତିରେ ପ୍ରସନ୍ନ ହୋଇ ସାକ୍ଷାତ ଜଗନ୍ନାଥ ଦେବ ରଥର-ବିଗ୍ରହରେ ଏବଂ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ଶରୀରରେ ସତେ ଯେପରି ଆବିର୍ଭୂତ, ଏହିଭଳି ଅନୁଭୂତ ହେଉଥିଲା । ସେ ଅପୂର୍ବ ଦର୍ଶନ ଆଉ କେଉଁଠାରେ ମିଳିବ ସେହି ବିଶୁଦ୍ଧ ପ୍ରେମସ୍ରୋତରେ ପଡ଼ିଲେ ପାଷାଣର ହୃଦୟ ମଧ୍ୟ ଦ୍ରବୀଭୂତ ହୋଇ ନୟନାଶ୍ରୁ ରୂପେ ବହିର୍ଗତ ହେଉଥିଲା— ଆଉ ଭକ୍ତମାନଙ୍କ କଥା କ'ଣ କହିବା ? ଏହିପରି କୀର୍ତ୍ତନ କରିବା ପରେ ଜଗନ୍ନାଥଦେବଙ୍କ ଭୋଗ ଲାଗୁଥିଲା । ରାମକୃଷ୍ଣଦେବଙ୍କର ପ୍ରସାଦ ସେବନ କରିବା ପରେ ଉପସ୍ଥିତ ସମସ୍ତ ଭକ୍ତମାନଙ୍କ ପ୍ରସାଦ ଗ୍ରହଣ କରୁଥିଲେ । ଅନେକ ରାତ୍ରି ପର୍ଯ୍ୟନ୍ତ ଏହି ଲୀଳା ଚାଲୁଥିଲା । ଅନନ୍ତର ରାତ୍ର କାଟିଲେ ଦୁଇ ଚାରିଜଣ ଭକ୍ତଙ୍କ ଛଡ଼ା ଅନ୍ୟମାନେ ଯେ ଯାହାର ଘରକୁ ଚାଲିଯାଉଥିଲେ । ଶ୍ରୀ'ମ'ଙ୍କ ରଚିତ କଥାମୃତର ଚତୁର୍ଥଭାଗ ୧୯ଶ ଖଣ୍ଡରେ ଶ୍ରୀ ରାମକୃଷ୍ଣଦେବଙ୍କ ୧୮୮୪ ଖ୍ରୀଷ୍ଟାବ୍ଦରେ ବଳରାମ ମନ୍ଦିରରେ ଭକ୍ତଗଣଙ୍କ ସହ ବାହୁଡ଼ାର ରଥୋତ୍ସବ ଦର୍ଶନର ବିବରଣୀ ପ୍ରଦତ୍ତ—ଯଥା ଛୋଟ ରଥଟିକୁ ବାହାର ଘରର ବାରଣ୍ଡା ଉପରେ ରଖାଯାଏ । ଶ୍ରୀ ଶ୍ରୀ ଜଗନ୍ନାଥଦେବ, ସୁଭଦ୍ରା ଓ ବଳରାମ ନାନା ବର୍ଣ୍ଣର କୁସୁମ ଓ ପୁଷ୍ପମାଳାରେ ସୁଶୋଭିତ ହୋଇଛନ୍ତି ଏବଂ ଅଳଙ୍କାର ଓ ନବବସ୍ତ୍ର ପୀତାମ୍ବର ପରିଧାନ କରିଛନ୍ତି । ସାତ୍ତ୍ୱିକପୂଜା, କୌଣସି ଆଡ଼ମ୍ବର ନାହିଁ । ବାହାର ଲୋକ ଜାଣନ୍ତି ନାହିଁ ଯେ ତାଙ୍କ ଘରେ ରଥୋତ୍ସବ ହେଉଛି । ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସଙ୍ଗରେ ରଥ ସମ୍ମୁଖକୁ ଆସିଲେ । ସେହି ବାରଣ୍ଡାରେ ହିଁ ରଥ ଟଣା ହେବ । ଶ୍ରୀରାମକୃଷ୍ଣ ରଥ ଦଉଡ଼ି ଧରି କିଛିକ୍ଷଣ ଟାଣିଲେ । ପରେ ଗାନ ଆରମ୍ଭ କରି ନୃତ୍ୟ କଲେ । ଭକ୍ତମାନେ ମଧ୍ୟ ତାଙ୍କ ସଙ୍ଗରେ ନୃତ୍ୟ ଓ ଗାନରେ ଯୋଗ ଦେଲେ । ଦେଖୁ ଦେଖୁ ସମସ୍ତ ବାରଣ୍ଡା ପରିପୂର୍ଣ୍ଣ ହୋଇଗଲା । ବୋଧହେଲା ଯେପରି ଶ୍ରୀବାସ ମନ୍ଦିରରେ ଶ୍ରୀ ଗୌରାଙ୍ଗ ଭକ୍ତମାନଙ୍କ ସଙ୍ଗରେ ହରିପ୍ରେମରେ ମତୁଆଳ ହୋଇ ନୃତ୍ୟ କରୁଛନ୍ତି । ସନ୍ଧ୍ୟା ହୋଇନାହିଁ । ରାମକୃଷ୍ଣ ବୈଠକଖାନା ଘରକୁ ଫେରି ଆସି ବିଶ୍ରାମ କଲେ । ରଥ ସୁସଜ୍ଜିତ କରି ବାରଣ୍ଡାରେ ଆଣି ରଖାଗଲା । ଶ୍ରୀ ରାମକୃଷ୍ଣଦେବ କରଯୋଡ଼ି ରଥ ସମ୍ମୁଖରେ ଯାଇ ଠିଆ ହେଲେ । ତାପରେ ସେ ତିନି ରଥର ଦଉଡ଼ି ଧରି ମହାନନ୍ଦରେ କିଛିକ୍ଷଣ ଟାଣିଲେ । ତା'ପରେ ମଧୁର କୀର୍ତ୍ତନ ତାଳେ ତାଳେ ପ୍ରେମୋନ୍ମତ୍ତ ହୋଇ ରଥ ସମ୍ମୁଖରେ ନୃତ୍ୟ ଆରମ୍ଭ କଲେ । ଉପସ୍ଥିତ ଭକ୍ତଗଣ ସେହି ନୃତ୍ୟ ଓ କୀର୍ତ୍ତନରେ ଯୋଗ ଦେଲେ । ଦେଖୁ ଦେଖୁ ସମସ୍ତ ବାରଣ୍ଡା ଭକ୍ତମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଗଲା । ରାମକୃଷ୍ଣଦେବଙ୍କର ସେତେବେଳେ କି ନୟନାଭିରାମ ନୃତ୍ୟ ! କି ପ୍ରେମାନନ୍ଦଘନ ଦିବ୍ୟ ମୂର୍ତ୍ତି ! ଭକ୍ତି ଓ ଭାବର ଜୁଆର ଯେପରି ମାଡ଼ି ଆସିଲା ।

ଶ୍ରୀମ'ଙ୍କ ଲିଖିତ କଥାମୃତ ଚତୁର୍ଥଭାଗ ତ୍ରୟୋବିଂଶ ଖଣ୍ଡରେ ରାମକୃଷ୍ଣଦେବଙ୍କର ୧୮୮୫ ମସିହାର ରଥୋତ୍ସବ ଦର୍ଶନର ବିବରଣୀ ରହିଛି । ରାମକୃଷ୍ଣଦେବ ସେହିବର୍ଷ ରଥଯାତ୍ରାର ପୂର୍ବଦିନ, ଅର୍ଥାତ୍ ଜୁଲାଇ ୧୩ ତାରିଖ ସୋମବାର ସକାଳେ ବଳରାମ ମନ୍ଦିରକୁ ଶୁଭାଗମନ କରନ୍ତି । ରଥୋତ୍ସବ ଉପଲକ୍ଷେ ବଳରାମବାବୁ ତାଙ୍କୁ ନିମନ୍ତ୍ରଣ କରି ଆଣିଛନ୍ତି । ସେଦିନ ସାରା ରାମକୃଷ୍ଣ ବଳରାମ ମନ୍ଦିରରେ ରହିଥିଲେ । ରଥଯାତ୍ରା ଯୋଗୁଁ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ଭୋଗରାଗ ସଂପନ୍ନ ହେବାକୁ ଟିକିଏ ବିଳମ୍ବ ହେଲା, ଏବଂ ଭୋଗ ଦେବା ପରେ ପରେ ରାମକୃଷ୍ଣଦେବ ପ୍ରସାଦ ଗ୍ରହଣ କଲେ । ଅପରାହ୍ନରେ ଛୋଟ ରଥଟିରେ ଶ୍ରୀ ଶ୍ରୀ ଜଗନ୍ନାଥ, ସୁଭଦ୍ରା ଓ ବଳରାମଙ୍କ ଶ୍ରୀ ବିଗ୍ରହ ପୁଷ୍ପ, ଚନ୍ଦନ ଓ ବସନାଦିରେ ସୁସଜ୍ଜିତ କରାହୋଇଥିଲା । ରଥ ମଧ୍ୟ ଧ୍ୱଜା, ପତାକା ଓ ପତ୍ର, ପୁଷ୍ପରେ ସୁସଜ୍ଜିତ କରାହୋଇଥିଲା । ରାମକୃଷ୍ଣଦେବ ବାରଣ୍ଡାକୁ ଆସି ରଥ ସମ୍ମୁଖରେ ଉପସ୍ଥିତ ହେଲେ । ତାଙ୍କ ସଙ୍ଗରେ ଭକ୍ତଗଣ ଆସି ସମବେତ ହେଲେ । ତା ପରେ ରାମକୃଷ୍ଣଦେବ ରଥ ଦଉଡ଼ି ଟାଣିବା ସଙ୍ଗେ ସଙ୍ଗେ ରଥ ସମ୍ମୁଖରେ ମଧୁର ସଂକୀର୍ତ୍ତନ ଓ ନୃତ୍ୟ ଆରମ୍ଭ କଲେ । ସମାଗତ ଭକ୍ତବୃନ୍ଦ ମଧ୍ୟ ପରମାନନ୍ଦ ସହ ତାଙ୍କ ସଙ୍ଗରେ ଯୋଗ ଦେଲେ । ଶ୍ରୀ ଶ୍ରୀ ରାମକୃଷ୍ଣ ପୋଥିରେ ଏହି ଦୃଶ୍ୟର ଅତି ମନୋମୁଗ୍ଧକର ବର୍ଣ୍ଣନା ରହିଛି—

"ଶ୍ରୀଜରେ ରଥେର ରଜ୍ଜୁ ଧରି ଆକର୍ଷଣ
ମତ୍ତ ଭାବେ ଧରିଲେନ୍ ମଧୁର କୀର୍ତ୍ତନ ।

ଭକ୍ତସଙ୍ଘ ସେଇ ସଙ୍ଗେ ଦେଖି ଯୋଗଦାନ
ମାହେଶମାହେଶରଥେର ବଢ଼ିତେ ସବେ ଟାନ୍ ।
ଭକ୍ତ ଭକ୍ତ ପରିହରି ପ୍ରମାଦ କୀର୍ତ୍ତନେ
ଅପୂର୍ବ ପ୍ରଭୁର ଲୀଳା ଭକ୍ତଗଣ ସନେ ।
ଡାକେ ଡାକେ ବାଦ୍ୟ ରୋଳ ଉଠେ ଅନିବାର
ପ୍ରଭୁର ନର୍ତ୍ତନ ତାହେ କରିୟା ହୁଙ୍କାର
ମଦ ମତ୍ତ କରି ଯେନ ଗାଏ ମହାବଳ
ସଙ୍ଗେ ସଙ୍ଗେ ନାଚେ ଯତ ଭକତେର ଦଳ"

ମହାଭାବୋନ୍ମତ୍ତ ରାମକୃଷ୍ଣ ସେଦିନ ଅନେକ ସମୟ ନୃତ୍ୟ ଓ କୀର୍ତ୍ତନ କରି ଅବଶେଷରେ ଆସନ ଗ୍ରହଣ କଲେ । ସେହି ଅନନ୍ତର ହାତ ଧାଇଁ ଧାଇଁ ରାତି ପ୍ରାୟ ଏଗାରଟା ହୋଇଗଲା । ସେହି ରାତ୍ରିଟି ମଧ୍ୟ ରାମକୃଷ୍ଣ ବଳରାମ ମନ୍ଦିରରେ କଟାଇଥିଲେ । ତତ୍ ପରଦିନ ସକାଳେ ନୌକା-ଯୋଗେ ରାମକୃଷ୍ଣ ଦକ୍ଷିଣେଶ୍ୱର ଫେରିଯାଇଥିଲେ ।

ଶ୍ରୀ ଶ୍ରୀ ରାମକୃଷ୍ଣ ପୁଁଥିରେ ଶ୍ରୀ ରାମକୃଷ୍ଣଦେବଙ୍କର ୧୮୮୫ ମସିହାର ମାହେଶ୍ୱର ବାହୁଡ଼ା ରଥୋତ୍ସବ ଦର୍ଶନର ବିବରଣୀ ପ୍ରଦତ୍ତ ହୋଇଛି । ଦକ୍ଷିଣେଶ୍ୱରରେ ବାହୁଡ଼ା ରଥ ଦିନ ରଥ ଦର୍ଶନ ନିମନ୍ତେ ମାହେଶ ଯିବାପାଇଁ ସେ ଇଚ୍ଛା ପ୍ରକାଶ କଲେ । ନୌକାଯୋଗେ କେତେଜଣ ଭକ୍ତଙ୍କ ସହିତ ଦକ୍ଷିଣେଶ୍ୱରଠାରୁ ମାହେଶ ଯାତ୍ରା କଲେ । ସଙ୍ଗରେ ଥିଲେ ହରିପଦ, ଯଜ୍ଞେଶ୍ୱର, ଓ ଗୋପାଳ ମା ପ୍ରଭୃତି । ସେଠାରେ ଯଥା ସମୟରେ ପହଞ୍ଚିବାପରେ ଗୋଟିଏ ଜୋମାର ତିନି ମହଲ ଉପରେ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କର ବସିବା ସ୍ଥାନ ନିର୍ଦ୍ଧାରିତ ହେଲା । ସେତେବେଳେ ରାମକୃଷ୍ଣଦେବଙ୍କ ଗଳାର ବ୍ୟଥା ବଢ଼ି ଯାଇଛି । ତେଣୁ ବର୍ତ୍ତମାନ ତାଙ୍କ ପ୍ରତି ଭକ୍ତମାନେ ସତର୍କ ଦୃଷ୍ଟି ରଖିଛନ୍ତି । ବିଶାଳ ଜନ ସମୁଦ୍ର ମଧ୍ୟକୁ ଯାଇ ରଥ ଦର୍ଶନ କଲେ ଗଳାର ବେଦନା ଅଧିକ ବଢ଼ି ଯାଇପାରେ, ତେଣୁ ଭକ୍ତମାନେ ଉପାନକ ଭାବେ ଚିନ୍ତିତ ଥିଲେ ।

ଧ୍ୱଜା, ପତାକା ଓ ପୁଷ୍ପମାଲ୍ୟାଦିଦ୍ୱାରା ସୁସଜ୍ଜିତ ମାହେଶ୍ୱର ବିଶାଳ ରଥ ଉପରକୁ ଶ୍ରୀ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଶ୍ରୀବିଗ୍ରହାଦିଙ୍କୁ ଉଠାଇ ଦିଆଗଲା । ବିଗ୍ରହ ଗୁଡ଼ିକ ମଧ୍ୟ କୁସୁମ, ଚନ୍ଦନ ଓ ମାଲ୍ୟବେଶାଦିରେ ସୁଶୋଭିତ । ଶଙ୍ଖ, ଘଣ୍ଟା ପ୍ରଭୃତି ସମସ୍ୱରରେ ଧ୍ୱନିତ ହେଲା । ସଙ୍ଗେ ସଙ୍ଗେ ଚତୁର୍ଦ୍ଦିଗରୁ ଶତ ଶତ କଣ୍ଠରେ ହରିଧ୍ୱନି ଓ ଜୟ ଜୟକାର ଶବ୍ଦ ଉତ୍ଥିତ ହେଲା । ବିଶାଳ ଜନସମୁଦ୍ର ମଧ୍ୟରେ ଆନନ୍ଦର ମହା କଲରବ ଶ୍ରୁତିଗୋଚର ହେଲା । ରାମକୃଷ୍ଣ ତାହା ଶୁଣି ଚଞ୍ଚଳ ହୋଇଉଠିଲେ । ସେ ତିନିତାଲା ଉପରୁ ଦୁଇତାଲା ଏବଂ ଦୁଇତାଲାରୁ ଓହ୍ଲାଇ ବାହାରର ଦ୍ୱାରଦେଶରେ ଉପନୀତ ହେଲେ । ସେ ରଥ ନିକଟକୁ ଚାଲି ଯାଇ ପାରନ୍ତି । କିନ୍ତୁ ତାଙ୍କୁ ଗତି ନିବାରଣ କରିବାକୁ କାହାର ସାହସ ହେଉନାହିଁ । ଦର୍ଶକଗଣ ରଥ ଏବେବିଧରେ ଟାଣିବାକୁ ଲାଗିଲେ । ବିଶାଳ ରଥ ଘଡ଼ଘଡ଼ ଶବ୍ଦକରି ଗଡ଼ିବାକୁ ଲାଗିଲା । ଏହା ଦେଖି ମହାଭାବୋନ୍ମତ୍ତ ରାମକୃଷ୍ଣ ରଥର ରଜ୍ଜୁ ଟାଣିବା ପାଇଁ ଇଚ୍ଛା କଲେ
ବିଶାଳ ଜନତାର ଦୁର୍ଭେଦ୍ୟ ବ୍ୟୂହ ଭେଦ କରି ତତ୍
ରଥ ସମ୍ମୁଖରେ ଆସି ଉପସ୍ଥିତ ହେଲେ ଏବଂ ମହା
ସହକାରେ ନୃତ୍ୟ ଓ ସଂକୀର୍ତ୍ତନ କରିବାକୁ ଲାଗିଲେ
ଏତେ ଦ୍ରୁତ ବେଗରେ ଧାଇଁ ଆସିଲେ ଯେ ତାଙ୍କ
ଥିବା ଭକ୍ତ ସେବକଗଣ ବହୁ ପଛରେ ରହିଗଲେ ଏବଂ
ଜନତା ଠେଲି ରଥ ନିକଟକୁ ଆସି ପାରିଲେ ନାହିଁ
ଟାଣୁଥିବା ଲୋକ ତାଙ୍କୁ ଚିହ୍ନିପାରି ତାଙ୍କର ଯେପରି
ଅନିଷ୍ଟ ନ ହୁଏ ତାଙ୍କ ଚାରିପାଖେ ଘେରିରହିଲେ । ଦକ୍ଷିଣେ
ପାଗଳ ଠାକୁରଙ୍କ ଶୁଭାଗମନ ବାର୍ତ୍ତା ଜନମଣ୍ଡଳୀ ମ
ପ୍ରସାରିତ ହେବାପରେ ଦର୍ଶକ ମଣ୍ଡଳୀ ତାଙ୍କ
ଛୁଟି ଆସିଲେ । ଉନ୍ମତ୍ତ ଜନତାର ପ୍ରବଳ ଚାପରୁ ବହୁ
ରଥ ଟାଣୁଥିବା ଗୌଡ଼ମାନେ ତାଙ୍କୁ ରକ୍ଷା କଲେ
ଭାବାବେଶରେ ରାମକୃଷ୍ଣ ସମାଧିସ୍ଥ ହୋଇପଡ଼ିଲେ ।
ସଙ୍ଗୀ ଭକ୍ତଗଣ ବହୁ କଷ୍ଟରେ ଜନତାକୁ ଠେଲି ତାଙ୍କ ସମ
ପହଞ୍ଚିଲେ । ରାମକୃଷ୍ଣ ମହାଭାବରେ ଚେତନ ହେ
ଭକ୍ତମାନେ ତାଙ୍କୁ ଧରାଧରି କରି ସାବଧାନତା ସହ କୌଣ
ବାହାରକୁ ଆଣିଲେ ଏବଂ ପୂର୍ବୋକ୍ତ ଗୃହ ଉପରକୁ ନେଇ
ସଂଧ୍ୟା ସମୟରେ ଶ୍ରୀରାମକୃଷ୍ଣ ପ୍ରକୃତିସ୍ଥ ହେଲେ ।

ରାମକୃଷ୍ଣ ପୁଁଥିର ବର୍ଣ୍ଣନାନୁସାରୀ :—

"ପ୍ରତିବର୍ଷ ଶ୍ରୀପ୍ରଭୁର ପ୍ରାୟ ଆଗମନ
ପାପୀ ତାପୀ ସନ୍ତାପୀର ନିସ୍ତାର କାରଣ ॥

ଜୀବହିତ ବ୍ରତ ପ୍ରଭୁ କରୁଣା ସାଗର
ମାହେଶ ଯାଇବେ ଆଛି ସାଧ ଭିତର ।

କହିବ ବଲିଲେ କର୍ମ ଦେରି ନହେ ଆର
ସହ୍ୟାସି ତାହାତେ ହୟ ବିପଦ ହାଜାର ।

ମାହେଶ ଚଲିଲ ସଂଗେ ଭକ୍ତ ଚଯ଼ ଜନ
କୃଷ୍ଣବର୍ଣ୍ଣ ହରିପଦ ହରିଣ ନୟନ ।

ଫକୀର ବ୍ରାହ୍ମଣ ଏକ ପରମ ଆଚାରୀ
ନିଜ-ନାମ ଯଜ୍ଞେଶ୍ୱର ନିଷ୍ଠାବାନ ଭାରୀ ।

ଭକ୍ତିମତୀ 'ଲକ୍ଷ୍ମୀ' ଗୋପାଳ ଠାକୁରାଣୀ
ଆର୍ ଆର ଛିଲ ଯେବା ନାମ ନାହିଁ ଯାନି

ଲୋକନେ ପ୍ରଭୁର କିନ୍ତୁ ସୁଖ ନହି ହୟ
ଗଲାର ବେଦନା ଆଛି ବଡ଼ି ଅତିଶୟ"

ମୁଖେ ନାଇ ସାଡ଼ା ଶବ୍ଦ ଭକତେର ଦଲେ
ରଥେର ବାଜନା ଭରେ ବାନେ ଏହନ କାଲେ

ଦାରୁମୟ ଠାକୁରେର ମୂର୍ତ୍ତି ସାହାଚୟା
ପୂଜାରୀ ବ୍ରାହ୍ମଣ କିଛୁ ରଥେ ଉଠାଇୟା

ଲୋକେ ଲୋକାରଣ୍ୟ ଘୋର ମହାକୋଲାହଳ
ଶୁନିୟା ଶ୍ରୀ ପ୍ରଭୁଦେବ ହଇଲ ଚଞ୍ଚଳ"

ଏବେ ଧରି ରଥ ରଜ୍ଜୁ ଯତ ଯାତ୍ରୀ ଗଣେ
ଘର ଘର ଶବଦେର ବୃହତ ରଥ ଟାନେ"

ପ୍ରଭୁର ଓ ହଇଲ ମନ ରଥ ଟାନିବାରେ
ଦ୍ରୁତପଦେ ପ୍ରବେଶିଲ ଜନତା ଭିତରେ

ଉପନୀତ ଏକେବାରେ ବିଷମ ସଂକଟେ!
ରଥେର ଘୂର୍ଣ୍ଣାୟମାନ ଚକ୍ରେର୍ ନିକଟେ"

ମହାଭାବଗ୍ରସ୍ତ ଏବେ ବାହ୍ୟ ମୋଟେ ନାଇ
ଆପନେ ଆପନ ହାରା ଜଗତ ଗୋସାଇଁ"

ନିରଖିୟା ପ୍ରଭୁଦେବେ ନିକଟେ ଶୁକାର
ସକଲେ ରଥେର ରଜ୍ଜୁ କରି ପରିହାର"

ଭକ ଗବେ କହେ ହୟେ ଶଙ୍କାୟ ଆତୁର
ଆରେ ସେଇ ଆମାଦେର୍ ଦୟାଲ୍ ଠାକୁର"

ଏତେକରି ତବନେ ଘେରିୟା ଦାଁଡାୟ
ପାଛେ କେବ ଘଟେ ବିଘ୍ନ 'କାହାର ଶଂକୟ"

ପରେ ଶିଷ୍ୟା ଭକ୍ତଗଣ ଘୁଚିଲ ତଥାୟ
ମହାଭାବେ ବାହ୍ୟହାରା ଯଥା ପ୍ରଭୁରାୟ
ତଥାପି ନା ଛାଡ଼େ ଲୋକ ପାଛୁ ପାଛୁ ଧାୟ

ଆତ୍ମହରା କୋବାରେ ସଂଶୟାୟ ସଂଶୟାୟ

ଦିନମାନ ଯାୟ ପ୍ରାୟ୍ ଭାବ ଅବସାନ
ସଙ୍ଗେତେ ଭକତବର୍ଗ ବ୍ୟାକୁଳିତ ପ୍ରାଣ"

ଧୀରେ ଧୀରେ ମନ୍ଦିରେ ଉପରେ ଲୟେ ଯାୟ
ବହୁଗୁଣେ ହେଲ ବୃଦ୍ଧି ବେଦନା ଗଲାୟ"

ଉପରୋକ୍ତ ବର୍ଣ୍ଣନାରୁ ଶ୍ରୀରାମକୃଷ୍ଣ ଦେବଙ୍କର ଶ୍ରୀ ଜଗନ୍ନାଥ ଦେବଙ୍କ ପ୍ରତି ପ୍ରଗାଢ଼ ଅନୁରାଗ ସୂଚିତ ହୋଇଥାଏ । ଏହା ଉତ୍କଳବାସୀଙ୍କ ପ୍ରତି ମହାଗୌରବର କଥା । ରାମକୃଷ୍ଣ ଦେବଙ୍କର ଏହି ରଥୋତ୍ସବ ଦର୍ଶନଲୀଳା ନୀଳାଚଳ ଧାମରେ ଶ୍ରୀ ଗୌରାଙ୍ଗ ଦେବଙ୍କ ପ୍ରେମମୟ ଲୀଳାସ୍ମୃତି ହିଁ ମନରେ ଜଗାଇ ଦିଏ ।

ବି. ଜେ. ବି. ନଗର, ଭୁବନେଶ୍ୱର





# "ଯବନ ପ୍ରିୟ ଗୌର ଚନ୍ଦ୍ରମା"

ଶ୍ରୀ ରଘୁନାଥ ପ

"ଅହୋବତ୍ ଶ୍ୱପଚୋଽତୋ ଗରୀୟାନ୍
ଯଜ୍ଜିହ୍ୱାଗ୍ରେ ବର୍ତ୍ତତେ ନାମ ତୁଭ୍ୟମ୍ ।
ତେ ପୁସ୍ତପସ୍ତେ ଜୁହୁବୁଃ ସସ୍ନୁରାର୍ଯ୍ୟା
ବ୍ରହ୍ମାନୂଚୁର୍ନାମ ଗୃଣନ୍ତି ଯେତେ ॥"

ହେ ତ୍ରୈଲୋକ୍ୟ ଚିନ୍ତାମଣି ! ଅଖିଳ କୋଟି ବ୍ରହ୍ମାଣ୍ଡ ନାୟକ ପ୍ରଭୋ ! ଆପଣଙ୍କ ଅପାର କରୁଣାରୁ ଏ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସ୍ଥିତି । ଆପଣଙ୍କ ଭ୍ରୂଭଙ୍ଗୀ ଇଙ୍ଗିତରେ ତ୍ରିଗୁଣାତ୍ମକ ପ୍ରକୃତି କାର୍ଯ୍ୟରତ । ହେ କରୁଣା କରୁଣାଳୟ ବିଭୋ ! ଆପଣଙ୍କ ତ୍ରୈଲୋକ୍ୟ ପାବନ ନାମ ସଙ୍କୀର୍ତ୍ତନ, ସଂପୂର୍ଣ୍ଣ ତପ, ବେଦାଧ୍ୟୟନ, ଯଜ୍ଞ ଓ ତୀର୍ଥ ପର୍ଯ୍ୟଟନର ଫଳ ପ୍ରଦାନକାରୀ । ଆପଣଙ୍କ ନାମ ମହାତ୍ମ୍ୟ ସଂପୂର୍ଣ୍ଣ ବର୍ଣ୍ଣନାତୀତ । ଯାହାର ପର୍ଯ୍ୟାପ୍ତ ।

ଜିହ୍ୱାଗ୍ରେ ଆପଣଙ୍କ ସୁମଧୁର ନାମାବଳୀସଂଲଗ୍ନ, ସେ ଶ
ବଂଶୋଦ୍ଭବ ହେଲେ ମଧ୍ୟ ଆପଣଙ୍କ ନାମ ଅବହେଳା
ବ୍ରାହ୍ମଣଠାରୁ ଉତ୍କୃଷ୍ଟ ।

ସତ୍ୟଯୁଗ ପରମେଶ୍ୱରଙ୍କ ଧ୍ୟାନ, ତ୍ରେତୟା ଯଜ୍ଞ, ଦ
ପରିଚର୍ଯ୍ୟା ଓ କଳି ଯୁଗ ମହିମାମୟ ନାମ ସଂକୀର୍ତ୍ତନ
ଉଦ୍ଦିଷ୍ଟ ।

"କୃତେ ଯଦ୍ଧ୍ୟାୟତେ ବିଷ୍ଣୁଂ ତ୍ରେତୟାଂ ଯଜତୋ ମଖୈଃ
ଦ୍ୱାପରେ ପରିଚର୍ଯ୍ୟାୟାଂ କଳୌ ତଦ୍ଧରିକୀର୍ତ୍ତନାତ୍ ॥"

(ଶ୍ରୀମଦ୍ ଭାଗ

ଯଜ୍ଞ, ଜପ, ତପ , ଧ୍ୟାନ, ପୂଜା, ନିଷ୍ଠା, ଯୋଗ ଓ ସ
ଭଗବନ୍ନାମର ପ୍ରୀତିବର୍ଦ୍ଧନ ପାଇଁ ଉଦ୍ଦିଷ୍ଟ । ଏପରିକି ଯ
ତପ ଓ ସମାଧିରେ ମନୁଷ୍ୟ ଯେଉଁ ପୁଣ୍ୟ ଫଳର ଅଧି
ହେବା ପାଇଁ ଅସମର୍ଥ ତାହା ଅଚିରେ ଶ୍ରୀହରିଙ୍କ ତ୍ରୈ
ପାବନ ନାମ ସଂକୀର୍ତ୍ତନରେ ସମ୍ଭବ ହୋଇଥାଏ । ଦୀ
ନାଶନ କମଳ ନୟନ ଶ୍ରୀହରିଙ୍କ ଗୁଣାନୁକୀର୍ତ୍ତନ ଦ୍ୱାରା ନୀଚା
ସର୍ବପୂଜ୍ୟ, ସ୍ତୁତ୍ୟାତି ସ୍ତୁତ୍ୟ ସର୍ବଶ୍ରେଷ୍ଠ ଓ ଘୋର ଅନ
ପାପ ରହିତ ହୋଇ ପରମ ପାବନ ରୂପେ ସୁବିଦିତ
ଅତଃ ନାମାମୃତ ରହିତ ରୂପଲାବଣ୍ୟଯୁକ୍ତ ବ୍ୟକ୍ତି ବିଶେଷ
ହରିନାମାପ୍ଲୁତ କୀଟଯୁକ୍ତ–କୁକ୍କୁରୀ ଶତଗୁଣେ ଶ୍ରେୟ ।

"ନାମ ଜପତ କୁକ୍କୁରୀ ଭଲେ, ବୁର–ବୁଭ ଯାଁରେଁ ଜୋ ଚାମ ।
କଞ୍ଚନ ଦେହ କିସ କାମକୀ, ଜିହିଁ ମୁଖ ନହିଁ ରାମ ॥"

(ସେନ୍ତ କବ

ଋକ୍‌ବେଦୀୟ ତୈତିରୀୟ–ବ୍ରାହ୍ମଣରେ ସର୍ବାତ୍ମା,
ପୁରୁଷାର୍ଥ ପ୍ରଦ ଶ୍ରୀମନ୍ ନାରାୟଣଙ୍କ ନାମ ସଂକୀର୍ତ୍ତନର

"ତମୁ ସ୍ତୋତାରଃ ପୂର୍ବ୍ୟଂ ଯଥାବିଦ ଋତସ୍ୟ ଗର୍ଭଂ ଜନୁ ଷାପିପର୍ତନ
ଆସ୍ୟ ଜାନନ୍ତୋ ନାମଚିଦ୍ ବିବକ୍ତନ ମହସ୍ତେ ବିଷ୍ଣୋଃ ସୁମତିଂ
ଭଜାମହେ ॥"

(ଋକ୍ ୧–୧୫୬–୩, ତୈତ୍ତିରୀୟ–ବ୍ରାହ୍ମଣ ୨।୪।୩।୯)

(ଏସ୍ୟ ମହାନୁଭବସ୍ୟ ବିଷ୍ଣୋର୍ନାମ ଚିଦ୍ ସର୍ବୈର୍ନମନୀୟ ମଭିଧାନଂ ସର୍ବାତ୍ମା ପ୍ରତିପାଦକଂ ବିଷ୍ଣୁରିତ୍ୟେତନ୍ନାମ ଜାନନ୍ତଃ ପୁରୁଷାର୍ଥ ପ୍ରଦମିତ୍ୟଧିଗଚ୍ଛନ୍ତି ଆ ସମନ୍ତାଦ୍ ବିବକ୍ତନ–ବଦତ, ସଂକୀର୍ତୟ)
ଶ୍ରୀମଦ୍ ସାୟଣାଚାର୍ଯ୍ୟ

" ହେ ଶ୍ରୋତୃଗଣ ! ତୁମେ ଭଗବାନ ବିଷ୍ଣୁଙ୍କୁ ଯେପରି ଭାବେ ଜାଣିଛ, ତଦନୁରୂପ ସ୍ତୋତ୍ରାଦି ଦ୍ୱାରା ତାଙ୍କୁ ପ୍ରୀତ କର । ସେ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ଆଦି ପୁରୁଷ । ସେ ଯଜ୍ଞ ରୂପେ ଅବସ୍ଥିତ ଓ ସଂସାର ବାରିଧିର ଆଦିସ୍ରଷ୍ଟା । ତାଙ୍କର ଅହେତୁକି କୃପାରୁ ଜୀବ ତାଙ୍କର ମହିମାମୟ ଯଶଗାନ କରିଥାଏ । ଉକ୍ତ ମହାନୁଭବ ବିଷ୍ଣୁଙ୍କ ନାମ 'ଚିଦ୍' ଅର୍ଥାତ୍ ସମସ୍ତଙ୍କର ନମସ୍ୟ, ସର୍ବାତ୍ମାର ପ୍ରତିପାଦକ ଓ ସର୍ବ ପୁରୁଷାର୍ଥପ୍ରଦ । ଏହା ଅବଗତ ହୋଇ 'ଆ' ଅର୍ଥାତ୍ ଚତୁର୍ଦ୍ଦିଗ ବ୍ୟାପୀ 'ବିବକ୍ତନ, ଅର୍ଥାତ୍ ସଂକୀର୍ତନ କର ।"

ବେଦୋକ୍ତି ପରମ ପୁରୁଷ ବିଷ୍ଣୁଙ୍କ ପରମ ତତ୍ତ୍ୱ ହିଁ ଶ୍ରୀକୃଷ୍ଣ । ଶ୍ରୀମଦ୍ ଭାଗବତରେ ବ୍ରଜବଧୂ ବଲ୍ଲଭ ଶ୍ରୀକୃଷ୍ଣ ହିଁ ବିଷ୍ଣୁ ରୂପେ ଆଖ୍ୟାତିତ । "ବିକ୍ରୀଡ଼ିତଂ ବ୍ରଜବଧୂଭିରିଦଞ୍ଚ ବିଷ୍ଣୋଃ"– ଶ୍ରୀମଦ୍ ଭାଗବତ ।

ପୁରୁଷ, ସ୍ତ୍ରୀ, ଜାତି, ନାମ ଓ ଆଶ୍ରମ ଶ୍ରୀ ହରିଙ୍କ ଭଜନର କାରଣ ନୁହେଁ, କେବଳ ଭକ୍ତି ହିଁ ଏକମାତ୍ର କାରଣ ।

"ପୁଂସ୍ତ୍ୱେ ସ୍ତ୍ରୀତ୍ୱେ ବିଶେଷୋ ବା ଜାତିନାମାଶ୍ରମାଦୟଃ ।
ନ କାରଣଂ ମଦ୍‌ଭଜନଂ ଭକ୍ତିରେ ବହି କାରଣମ୍ ॥"

(ଶ୍ରୀମଦ୍ ରାମାୟଣ ୩-୧୦-୨୦)

ଯାହାର ଜିହ୍ୱାରେ ଅରେମାତ୍ର କଲ୍ୟାଣମୟ ଭଗବାନଙ୍କ ମଧୁର ନାମ ଉଚ୍ଚାରିତ ହୁଏ ବା ହୃଦୟରେ ସ୍ଫୁରିତ ହୁଏ ଅଥବା କର୍ଣ୍ଣଗୋଚର ହୁଏ, ନାମୋଚ୍ଚାରଣ ଶୁଦ୍ଧହେଉ ବା ଅଶୁଦ୍ଧ ହେଉ ଅଥବା ବ୍ୟବଧାନ ଯୁକ୍ତ ହେଉ, ଉକ୍ତ ନାମୋଚ୍ଚାରଣ, ସ୍ମରଣ ବା ଶ୍ରବଣ ଦ୍ୱାରା ମନୁଷ୍ୟ କଳୁଷ କାଳିମାପୂର୍ଣ୍ଣ ସଂସାର ବାରିଧି ତରିଯାଏ ।

"ନାମୈକଂ ଯସ୍ୟ ବାଚି ସ୍ମରଣ ପଥଗତଂ ଶ୍ରୋତ୍ର ମୂଳଂ ଗତଂ ବା
ଶୁଦ୍ଧଂ ବା ଶୁଦ୍ଧବର୍ଣ୍ଣଂ ବ୍ୟବହିତ ରହିତଂ ତାରୟତ୍ୟେବ ସତ୍ୟମ୍ ॥

(ପଦ୍ମ ପୁରାଣ)

କେବଳ ହିନ୍ଦୁମାନଙ୍କର ବେଦ ପୁରାଣ ନାହିଁ, ପବିତ୍ର ବାଇବେଲ ଓ କୋରାନ୍‌ରେ ମଧ୍ୟ ଈଶ୍ୱରଙ୍କ ମହିମାମୟ ସ୍ତୁତିଗାନ କୀର୍ତ୍ତନ ଦୃଷ୍ଟି ଗୋଚର ହୁଏ ।

"Both Youngman and maidens,
Old men and children,
Let them praise the name of the Lord;
For His name above is excellent;
His glory is above the earth and heaven".

(Psalm-145)

ପୁନଶ୍ଚ ପବିତ୍ର କୋରାନରେ କରୁଣା ବରୁଣାଳୟ ଈଶ୍ୱରଙ୍କ ଅନୁରୂପ ପ୍ରଶସ୍ତିଗାନ ଦୃଷ୍ଟିଗୋଚର ହୁଏ ।

"The Seven heavens and the earth,
And all beings there in,
Declare His glory:
There is not a thing"
But celebrates His praise :" (Glorious Quran P-704 (44).

ଈଶ୍ୱରଙ୍କଠାରୁ ଈଶ୍ୱରଙ୍କ ନାମ ବଡ଼ କାରଣ ନାମ ସ୍ମରଣ ମାତ୍ରକେ ପରମ କାରୁଣିକ ପରମାତ୍ମାଙ୍କ ପରିପ୍ରକାଶ ହୋଇଥାଏ । "ପ୍ରଭୁ ସେ ବଡ଼ା ପ୍ରଭୁକା ନାମ୍ ।" ସନ୍ଥ ତୁଳସୀ ନିର୍ଭୀକ ଭାବେ କହିଛନ୍ତି–ଭଗବାନ୍ ରାଘବେନ୍ଦ୍ରଙ୍କଠାରୁ ରାମନାମ ଉନ୍ନତ । "ବ୍ରହ୍ମ ରାମତେ ନାମ ବଡ଼ ।"

ବାସ୍ତବିକ ସାଂସାରିକ ବିଷୟ ବାସନା କଣ୍ଟକବତ୍ ସୁକୋମଳ କେବଳା ଭକ୍ତିକୁ ବିଦ୍ଧକରେ । ବାସନା ରୂପକ ଧୂଳିରାଶି ଆମର ସ୍ୱଚ୍ଛ ଓ ନିର୍ମଳ ହୃଦୟକୁ ଆଚ୍ଛାଦିତ କରେ ଏବଂ ଭକ୍ତି ରହିତ ତଥା ଭଗବତ୍ ରହିତ କରିଥାଏ । ଭକ୍ତି ଧୌତ ହେଲେ ହିଁ ହୃଦୟ ନିର୍ମଳ ହୁଏ ଓ ପରମ କାରୁଣିକ ବ୍ରଜେନ୍ଦ୍ରନନ୍ଦନ ହୃଦୟ ସିଂହାସନରେ ବିରାଜମାନ କରନ୍ତି । ଏକମାତ୍ର କରୁଣା ବରୁଣାଳୟ ଶ୍ରୀହରିଙ୍କ ନାମ ସଂକୀର୍ତନ ହୃଦୟରୁ ଆବର୍ଜନା ଦୂର କରିଥାଏ ।

ଶ୍ରୀହରିଙ୍କ ମଧୁରାତି ମଧୁର ନାମାମୃତର ପରିପ୍ରଭାବ ପାଇଁ ଯୁଗେ ଯୁଗେ ସନ୍ଥ ମହାତ୍ମାଙ୍କର ଆବିର୍ଭାବ । ଦେବର୍ଷି ନାରଦଙ୍କ ଅହେତୁକୀ କୃପାରୁ ନୃଶଂସ ରତ୍ନାକର ପୁଣ୍ୟଶ୍ଳୋକ ବାଲ୍ମୀକି ମହର୍ଷି ରୂପେ ସର୍ବଲୋକ ବିଦିତ । ମହାପ୍ରଭୁ ନିତ୍ୟାନନ୍ଦଙ୍କ ଦେବ ଦୁର୍ଲଭ ସଂସ୍ପର୍ଶରେ ଅଖ୍ୟାତ, ପାପାତ୍ମା ଜଗାଇ ଓ ମାଧାଇ ପ୍ରାତଃ ସ୍ମରଣୀୟ । ରୂପ ଲାବଣ୍ୟ ଗର୍ବିତା ରୂପାଜୀବା ଠାକୁର ହରିଦାସଙ୍କ ଅପାର କରୁଣାରୁ ସାଧ୍ୱୀ ଶିରୋମଣି ହରିଦାସୀ ରୂପେ ସର୍ବାଦୌ ବନ୍ଦନୀୟା । ସ୍ପର୍ଶମଣି ଲୌହକୁ ସୁବର୍ଣ୍ଣ କରିପାରେ ସତ କିନ୍ତୁ ସ୍ପର୍ଶମଣି କରିବା ପାଇଁ ଅକ୍ଷମ । କିନ୍ତୁ ସନ୍ଥ ମହାତ୍ମାଙ୍କ ଅପୂର୍ବ ସାନ୍ନିଧ୍ୟ ପାପାତ୍ମାକୁ ପରମ ପାବନ ପୁଣ୍ୟ ଶ୍ଳୋକରେ ପରିଣତ କରେ ।

"ପାରସମେଁ ଅରୁ ସଂତମେ, ସଂତ ଅଧିକ କର ମାନ ।
ବହ ଲୋହା ସୋନା କରେ, ଯହ କରେ ଆପୁ ସମାନ ॥"

ପୁଣ୍ୟଶ୍ଳୋକ ବାଲ୍ମୀକି ନୟନାଭିରାମ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଦେବୀଙ୍କୁ ସମ୍ମୁଖରେ ସନ୍ଦର୍ଶନ କରି ଭକ୍ତି ଆପ୍ଲୁତ କଣ୍ଠରେ ରାମ ନାମର ମହିମା କୀର୍ତ୍ତନ କରିଥିଲେ । —

"ରାମ ତ୍ୱନ୍ନାମ ମହିମା ବର୍ଣ୍ଣ୍ୟତେ କେନ ବା କଥମ୍ ।
ଯତ୍ ପ୍ରଭାବାଦହଂ ରାମ, ବ୍ରହ୍ମର୍ଷିତ୍ୱମ ବାପ୍ତବାନ ॥

* * *

ଅହଂ ତେ ରାମନାମସ୍ୟ ପ୍ରଭାବାଦୀ ଦୃଶୋଽଭବମ୍ ।
ଅଦ୍ୟ ସାକ୍ଷାତ୍ ପ୍ରପଶ୍ୟାମି ସସୀତଂ ଲକ୍ଷ୍ମଣେନ ଚ ।
ରାମଂ ରାଜୀବ ପତ୍ରାକ୍ଷଂ ତ୍ୱାଂ ମୁକ୍ତୋ ନାତ୍ର ସଂଶୟ ॥"
( ଅଧ୍ୟାତ୍ମ ରାମାୟଣ, ଅଯୋଧ୍ୟାକାଣ୍ଡ )

ହେ କରୁଣା ବରୁଣାଳୟ ଶ୍ରୀରାମ ! ଯେଉଁ ପରମ ପବିତ୍ର ଋଷିମୁନି ସେବିତ ନାମାବଳୀକୁ ଜପକରି ମୁଁ କୃଶ୍ୟାଚ ଲୀଳାକରଙ୍କୁ ବ୍ରହ୍ମର୍ଷି ବାଲ୍ମୀକି ରୂପେ ଅଭିନନ୍ଦିତ, ଗୌରବ ମଣ୍ଡିତ ଏବଂ ଲୀଳାବଲୋଚନ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଦେବୀଙ୍କ ଦେବ ଦୁର୍ଲ୍ଲଭ ଦର୍ଶନର ଅଧିକାରୀ, ଭକ୍ତ ତ୍ରିଲୋକ ପାବନ ନାମାମୃତର ମହିମା, ଅନବଦ୍ୟ ପ୍ରଶସ୍ତି ଗାନ କରିବାକୁ କିଏ ସକ୍ଷମ ହେବ ? ଦୀନାର୍ତ୍ତି ନାଶନ ପ୍ରଭୋ ! ସନ୍ଦେହାତୀତ ଭାବେ ଅଧୁନା ମୁଁ ଜୀବନ୍ମୁକ୍ତ । ଏକଦା ଶ୍ରୀହରିଙ୍କ ତ୍ରିଲୋକପାବନ ନାମ ପ୍ରଭାବରୁ ରାଜକୁମାର ପ୍ରହ୍ଲାଦଙ୍କ ନିକଟରେ ଦାନବରାଜ ହିରଣ୍ୟକଶିପୁଙ୍କ ଶତ ନିର୍ଯାତନା ଭସ୍ମୀଭୂତ ହୋଇଥିଲା । ଲେଲିହାନ୍ ଅଗ୍ନିଶିଖା କୁମାରଙ୍କୁ ସ୍ପର୍ଶ କରି ପାରିନଥିଲା । ଅକୁତୋଭୟ ପ୍ରହ୍ଲାଦ କହିଥିଲେ "ହେ ପିତା ! ଶ୍ରୀରାମ ନାମ – ଜପକାରୀ ସର୍ବଦା ଭୟ ରହିତ । ରାମନାମ ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକାଦି ତ୍ରିତାପ ନାଶକାରୀ ମହାରସାୟନ । ଏପରି ରସାୟନ ସେବନକାରୀ ତାପଗ୍ରସ୍ତ ହେବ ବା କିପରି ? ଲେଲିହାନ ଅଗ୍ନିଶିଖା ମଧ୍ୟ ଉଷ୍ଣତା ହରାଇ ସୁସ୍ନିଗ୍ଧ ଶୀତଳ ।

ରାମ ନାମ ଜପତାଂ କୁତୋଭୟଂ,
ସର୍ବ ତାପଶମନୈକ ଭେଷଜଂ ।
ପଶ୍ୟ ତାତ ମମ ଗାତ୍ର ସନ୍ନିଧୌ,
ପାବକୋଽପି ସଲିଳାୟତେଽଧୁନା ॥"
(ଆନନ୍ଦ ରାମାୟଣ)

ଏତ ଗଲା ସତ୍ୟ, ତ୍ରେତୟା ଯୁଗର କଥା । କଳିଯୁଗରେ ମଧ୍ୟ ଏହାର ଦୃଷ୍ଟାନ୍ତ ପର୍ଯ୍ୟାପ୍ତ । କରୁଣା ବରୁଣାଳୟ ଶ୍ରୀହରିଙ୍କ ନିରନ୍ତର ଗୁଣାନୁକୀର୍ତ୍ତନ ପାଇଁ ମହାତ୍ମା ହରିଦାସ ଅମର ପ୍ରାତଃସ୍ମରଣୀୟ । ଠାକୁର ହରିଦାସଙ୍କ ମହାପ୍ରୟାଣ ଏକ ଅପୂର୍ବ ଭକ୍ତସମ୍ମୟ ଲୀଳା ବିଳାସ ଓ ପ୍ରେମାବତାର ଶଚୀନନ୍ଦନ ଗୌର ସୁନ୍ଦରଙ୍କର ଅପ୍ରତିହତ ଭକ୍ତ ବାତ୍ସଲ୍ୟର ଚରମ ନିଦର୍ଶନ । ଜଗତଙ୍କର ଗୌରହରିଙ୍କ 'ହରିନାମ' ମନ୍ତ୍ରରେ ଆମୋକ୍ଷର୍ଷି କରିବାହିଁ ଏଇ ମହାତ୍ମାଙ୍କ ଐକାନ୍ତିକ ଲକ୍ଷ୍ୟ ।

ଭୌମ ବୈକୁଣ୍ଠ ଶ୍ରୀକ୍ଷେତ୍ରରେ (ସିଦ୍ଧ ବକୁଳ) ଅବସ୍ଥା... କାଳରେ ଶ୍ରୀଚୈତନ୍ୟ ମହାପ୍ରଭୁ ଠାକୁର ହରିଦାସଙ୍କ ପା... ନିତ୍ୟପ୍ରତି ଅନ୍ନ ମହାପ୍ରସାଦର ପ୍ରବନ୍ଧ କରିଥିଲେ । ଦ୍ୱିପ୍ରହ... ସମୟ । ମହାପ୍ରଭୁଙ୍କ ସେବକ ଗୋବିନ୍ଦ ଠାକୁରଙ୍କ ପା... ମହାପ୍ରସାଦ ନେଇ ପହଞ୍ଚିଲେ । ଠାକୁରଙ୍କୁ ବିଛଣାରେ... ଶୋଇଥିବାର ଦେଖି ବିସ୍ମିତ ହେଲେ । ସୁପ୍ତାବସ୍ଥା... ମଧ୍ୟ ଅରୁଣିମ ଅଧରପୁଟରେ ଲାଗି ରହିଥାଏ ଶ୍ରୀହରି... ମଧୁରାତି ମଧୁର ନାମାବଳୀ ! ଠାକୁରଙ୍କୁ ଜାଗ୍ରତ କ... ଗୋବିନ୍ଦ ଦାସ ବିନମ୍ର ସ୍ୱରରେ ପଚାରିଲେ "ଠାକୁର... ଆଜି କ'ଣ ଶୋଇ ପଡ଼ିଛନ୍ତି ? ଶରୀର ଅସୁସ୍ଥ ଅଛି କି...

ହରିଦାସ କହିଲେ "ଗୋବିନ୍ଦ ! ଶରୀର ତ ବେଶ ସୁ... ଅଛି କିନ୍ତୁ ମନ ଅସୁସ୍ଥ, ଅସ୍ଥିର । ପୂର୍ବବତ୍ ଶ୍ରୀହରିଙ୍କ ନା... ଜପର ସଂଖ୍ୟା (ପ୍ରତ୍ୟହ ୩ ଲକ୍ଷ) ପୂରା ହୋଇନି । ତେ... ମହାପ୍ରସାଦ ସେବନ ପାଇଁ ଅନଧିକାରୀ ।" ଠାକୁ... ଗୋବିନ୍ଦ ହସ୍ତରୁ ମହାପ୍ରସାଦ ଆଣି ମସ୍ତକରେ ଲଗାଇଲେ... ନୀଳାଚଳଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ସେହି... କଣିକାଏ ମାତ୍ର ଗ୍ରହଣ କଲେ । ଗୋବିନ୍ଦ ସାଶ୍ରୁଲୋଚନ... ପ୍ରତ୍ୟାବର୍ତ୍ତନ କରି ମହାପ୍ରଭୁଙ୍କୁ ସମସ୍ତ ଜଣାଇଲେ । ବି... ଦେଖାଗଲେ ଗୌରସୁନ୍ଦର । ବାଞ୍ଛା କଳ୍ପତରୁ ଶ୍ରୀମ... ମହାପ୍ରଭୁ ପ୍ରତିନିତ୍ୟ ସାଗର ସ୍ନାନପରେ ଶ୍ରୀଜଗନ୍ନାଥ... ମଙ୍ଗଳ ଆଳତି ଦର୍ଶନ କରି ଠାକୁରଙ୍କୁ ଦର୍ଶନ ଦେବା ପା... ଆଶ୍ରମକୁ ଚାଲି ଆସନ୍ତି । ଦୈନ୍ୟାବତାର ହରିଦାସ ନିଜ... ଅସ୍ପୃଶ୍ୟ ଭାବି ନୀଳାଦ୍ରୀନାଥଙ୍କ ଦର୍ଶନପାଇଁ ଶ୍ରୀମନ୍ଦିର... ଆସନ୍ତି ନାହିଁ । 'ସିଦ୍ଧ ବକୁଳ' ଆଶ୍ରମରୁ ଶ୍ରୀମନ୍ଦିର ଚ... ଦର୍ଶନକରି ଓ ପ୍ରାଣ ଗୌରଙ୍କୁ ହୃଦୟରେ ଧାରଣ କରି ଗା... ମହାମନ୍ତ୍ର ସାଧନ କରନ୍ତି । ରାଧାଭାବ ବିଭାବିତ ଗୌ... ସୁନ୍ଦର ପ୍ରତ୍ୟହ ମଙ୍ଗଳଆଳତି ସମୟରେ ନିକୁଞ୍ଜ ବିଳାସ... ନାଗରେନ୍ଦ୍ରମଣି ସୁସଜ୍ଜିତ ନଟନାଗର ପ୍ରାଣନାଥ ଶ୍ୟାମସୁ... (ଶ୍ରୀଜଗନ୍ନାଥଙ୍କୁ) ଦର୍ଶନ କରି ବିମୁଗ୍ଧା ମନର ସମ୍ଭୋଗ... ଅଭିବ୍ୟକ୍ତି ଗୌରକିଶୋରଙ୍କ ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ... ଫୁଟି ଉଠେ । ଭକ୍ତ ସୌନ୍ଦର୍ଯ୍ୟମୟ ରୂପମାଧୁରୀର ପ୍ରତିଫ... ପାଇଁ ଅବଲୀଳାକ୍ରମେ ଛୁଟି ଆସନ୍ତି ଠାକୁର ମହାଶ... ନିକଟକୁ । ତାଙ୍କ ଦେବ ଦୁର୍ଲ୍ଲଭ ଅମ୍ଳାନ ଅପଘନ ଶ୍ରୀ... ମହାପ୍ରଭୁଙ୍କ ପ୍ରଧାନ ସାଧନ କ୍ଷେତ୍ର । ଏକଦା ବେ... ସୁନ୍ଦରୀଗଣ ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣଙ୍କ ନାମ ସଂକୀର୍ତ୍ତନ... ବୃଷଭାନୁ କିଶୋରୀ କୃଷ୍ଣପ୍ରାଣା ଶ୍ରୀମତୀଙ୍କୁ ଉଜ୍ଜୀବିତ... ରଖିଥିଲେ । ଭକ୍ତ ନିକୁଞ୍ଜ ଲୀଳାମାଧୁରୀ ସମ୍ଭୋ... କରନ୍ତି ଶ୍ରୀମନ୍ ମହାପ୍ରଭୁ ହରିଦାସଙ୍କ ନାମ ସଂକୀର୍ତ୍ତ... ଶ୍ରବଣରେ ।

ଗୋବିନ୍ଦଦାସଠାରୁ ମହାପ୍ରଭୁ ସମସ୍ତ ଅବଗତ ହୋ... ସବୁଦିନପରି ଆଜିମଧ୍ୟ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଆ... ଦର୍ଶନପରେ ଛୁଟି ଆସିଛନ୍ତି ଠାକୁର ମହାଶୟଙ୍କ ନିକଟ...

ହରିଦାସ ଚଟାଣରେ ମୃତବତ୍ ପଡ଼ିରହିଛନ୍ତି ସତ କିନ୍ତୁ ଶ୍ରୀମୁଖରେ ଅବିରତ ନାମ ସଂକୀର୍ତ୍ତନ ଲାଗି ରହିଛି । ଶ୍ରୀଚୈତନ୍ୟ ଦେବ ଉଚ୍ଚ ସ୍ୱରରେ ପଚାରିଲେ "ଠାକୁର ! ତୁମ ଶରୀର ସୁସ୍ଥ ଅଛି ତ ?

ହରିଦାସ ବିନମ୍ର ପ୍ରଣତି ଜଣାଇ କ୍ଷୀଣ ସ୍ୱରରେ କହିଲେ "ମହାପ୍ରଭୁ ! ଶରୀର ତ ସୁସ୍ଥ ଅଛି କିନ୍ତୁ ମନ ସୁସ୍ଥନାହିଁ । ଶ୍ରୀହରିଙ୍କ ନାମ ଜପସଂଖ୍ୟା ପୂର୍ବବତ୍ ପୂରଣ ହୋଇ ପାରୁନି । ଭଗବତ୍ ନିଷ୍ଠାରୁ ବିଚ୍ୟୁତ ହେବାରୁ ମନ ଚିନ୍ତାଗ୍ରସ୍ତ, ଅସ୍ଥିର ।"

ଶ୍ରୀଚୈତନ୍ୟଦେବ କହିଲେ, "ଠାକୁର ! ସିଦ୍ଧ ପୁରୁଷଙ୍କ ପାଇଁ ସଂଖ୍ୟାଜପ ନିଷ୍ପ୍ରୟୋଜନ । ଏପରି ପରିଣତ ବୟସରେ ଯାହା ବା କରୁଛ କେବଳ ଲୋକଶିକ୍ଷା ପାଇଁ ।

ଠାକୁର ଆଜି ଚିର ବାଞ୍ଛିତ ପ୍ରିୟତମ ଗୌରଚନ୍ଦ୍ରଙ୍କ ନିକଟରେ ହୃଦୟର ଗୋପନୀୟ ଅଭିଳାଷ ପ୍ରକାଶ କରିବାକୁ ଯାଇ କହିଲେ, "ମହାପ୍ରଭୁ ! ଆପଣଙ୍କ ପଦ୍ମାରବିନ୍ଦରେ ଏ ଦୀନ ଅକିଞ୍ଚନର ଏକ ବିନମ୍ର ନିବେଦନ । ଆପଣଙ୍କ ଲୀଳା ସମ୍ବରଣ ପୂର୍ବରୁ ଏ ନୀଚ ଅଧମକୁ ସାଦର ବିଦାୟ ଦିଅନ୍ତୁ । ଅନ୍ତିମ ସମୟରେ ଆପଣଙ୍କ ତ୍ରୈଲୋକ୍ୟପାବନ ନୟନାଭିରାମ ରୂପ ମାଧୁରୀ ଦର୍ଶନ କରୁଥିବି ଓ ମୁଖରେ ଲାଗି ରହିଥିବ ଶ୍ରୀକୃଷ୍ଣ ଚୈତନ୍ୟ ଦେବ ଦୁର୍ଲଭ ନାମାବଳୀ । ଏହାହିଁ ମୋର ଅନ୍ତିମ ଅଭିଳାଷ ।

ସାଶ୍ରୁଲୋଚନ ଶଚୀନନ୍ଦନ ବାଷ୍ପାକୁଳ କଣ୍ଠରେ ନିବେଦନ କଲେ, "ଠାକୁର ! ତେବେ ମୋ ପୂର୍ବରୁ ଲୀଳା ସମ୍ବରଣ ପାଇଁ ଇଚ୍ଛା ପ୍ରକାଶ କରୁଛ କିନ୍ତୁ ଏହା ମୋ ପକ୍ଷରେ ଏକାନ୍ତ ପ୍ରତିକୂଳ । ତୁମ ବ୍ୟତୀତ ଏ ସଂସାରରେ ମୋର ଆପଣାର କିଏ ଅଛି, କହିଲ ! ଶ୍ରୀକ୍ଷେତ୍ରରେ ଏକତ୍ର ବାସ କରୁଛେ, ଏକତ୍ର କୀର୍ତ୍ତନ କରୁଛେ । ତୁମେ ମୋତେ ଏକାକୀ କରି ଚାଲିଯିବ । ମୁଁ ନିଃସହାୟ ହୋଇଯିବି ଠାକୁର ! ରାଜୀବ ଲୋଚନରୁ ଅବାରିତ ଅଶ୍ରୁଧାରା ଝରିବାକୁ ଲାଗିଲା ।

ଦୈନ୍ୟାବତାର ଠାକୁର ଅଶ୍ରୁ ଆପ୍ଳୁତ କଣ୍ଠରେ ପ୍ରାର୍ଥନା କଲେ "ମହାପ୍ରଭୁ ! ମୁଁ ଜାତିରେ ଯବନ । ଜନ୍ମରୁ ଶିକ୍ଷା, ସଂସ୍କାର ରହିତ । ଏସବୁ ସତ୍ତ୍ୱେ ଆପଣ ଏ ଦୀନ ଅକିଞ୍ଚନକୁ ବହୁ ଅତ୍ୟାଧିକାର ଦେଇ ନର୍କରୁ ଆଣି ଉପସ୍ଥାପିତ କରିଛନ୍ତି ସ୍ୱର୍ଗରେ । ବହୁ ସନ୍ଥ ମହାତ୍ମା ଓ ଅର୍ଚ୍ଚିତ ବ୍ରହ୍ମବାଦୀଙ୍କ ସଙ୍ଗେ ସମ୍ମାନିତ କରିଛନ୍ତି । ଭୌମ ବୈକୁଣ୍ଠ ପୁରୁଷୋତ୍ତମରେ ବାସ କରିବାକୁ ଅନୁକ୍ଷଣ ଚିରରେ ଗୃହ ପ୍ରଦାନ କରିଛନ୍ତି । ରଙ୍କକୁ ସମ୍ରାଟ କରିବା କେବଳ କରୁଣାନିଧିଙ୍କ ପକ୍ଷେ ସମ୍ଭବ । ଏ ଦୀନ ଅଧମର ବିନମ୍ର ନିବେଦନ ଗ୍ରହଣ କରି ମନବାଞ୍ଛିତ ଫଳ ପ୍ରଦାନ କରନ୍ତୁ ମହାପ୍ରଭୁ !" ବିକଳ କ୍ରନ୍ଦନ କଲେ ଠାକୁର ହରିଦାସ ।

ଗୌରଚନ୍ଦ୍ରମା ଅତ୍ୟନ୍ତ ଶୋକାକୁଳ ଦେଖାଗଲେ । ଦୟାର୍ଦ୍ର ସ୍ୱରରେ କହିଲେ "ଠାକୁର ! ତୁମ ଇଚ୍ଛା ବିରୁଦ୍ଧରେ କିଛି କରିବା ପାଇଁ ମୁଁ ଏକାନ୍ତ ଅସମର୍ଥ । ତୁମର ଯେଉଁଥିରେ ଆନନ୍ଦ, ସେୟା ହିଁ ହେଉ ।"

ବିଷାଦ ବ୍ୟଥିତ ମହାପ୍ରଭୁ ସାଶ୍ରୁ ଲୋଚନରେ କାଶୀ ମିଶ୍ରାଳୟ (ରାଧାକାନ୍ତ ମଠ)କୁ ପ୍ରତ୍ୟାବର୍ତ୍ତନ କରି ସେବକ ଗୋବିନ୍ଦଦାସଙ୍କୁ ନିର୍ଦ୍ଦେଶ ଦେଲେ "ଗୋବିନ୍ଦ ! ଅଳ୍ପଦିନ ମଧ୍ୟରେ ଠାକୁର ତାଙ୍କର ପାଞ୍ଚଭୌତିକ ଲୀଳା ସମ୍ବରଣ କରିବେ । ତାଙ୍କର ନିୟମିତ ସେବା ଶୁଶ୍ରୂଷା କରୁଥିବ ।"

ପ୍ରତିନିତ୍ୟ ମହାପ୍ରଭୁ ହରିଦାସଙ୍କୁ ପ୍ରାତଃଦର୍ଶନ ଦିଅନ୍ତି । ଠାକୁର ଆହାରୁ କେତେଦିନହେବ ଅନ୍ନ ଜଳ ତ୍ୟାଗ କରିଛନ୍ତି । ଠାକୁରଙ୍କ ଐହିକ ଲୀଳା ସମ୍ବରଣ ପ୍ରାୟ ଆସନ୍ନପ୍ରାୟ । ମହାପ୍ରଭୁ ଅନ୍ୟାନ୍ୟ ଭକ୍ତମାନଙ୍କ ଗହଣରେ 'ସିଦ୍ଧ ବକୁଳ'ରେ ଉପସ୍ଥିତ ହେଲେ । ହରିଦାସଙ୍କ ଶ୍ରୀମୁଖରେ ଶ୍ରୀହରିଙ୍କ ନାମାବଳୀ ଲାଗି ରହିଥାଏ ।

ଆନନ୍ଦକନ୍ଦ ଶ୍ରୀମନ୍ ମହାପ୍ରଭୁ ଦୟାର୍ଦ୍ର କଣ୍ଠରେ ପଚାରିଲେ "ଠାକୁର, ଭଲ ଅଛ ତ ?" "ସମସ୍ତ ଆନନ୍ଦ, ମହାପ୍ରଭୁ !" କ୍ଷୀଣ ସ୍ୱରରେ ଉତ୍ତର ଦେଲେ ହରିଦାସ ।

ଠାକୁରଙ୍କ ମସ୍ତକରେ ମହାପ୍ରଭୁ ମୃଦୁ ହସ୍ତଚାଳନା କରିବାକୁ ଲାଗିଲେ । ଆଜି ଠାକୁର ସାର୍ବଭୌମ ଭଟ୍ଟାଚାର୍ଯ୍ୟ, ରାୟ ରାମାନନ୍ଦ, ବକ୍ରେଶ୍ୱର ପଣ୍ଡିତ, ସ୍ୱରୂପ ଦାମୋଦର, କାଶୀଶ୍ୱର, ଗଦାଧର ପଣ୍ଡିତ ଓ ଜଗଦାନନ୍ଦାଦି ସମସ୍ତ ଅନ୍ତରଙ୍ଗ ଭକ୍ତଦ୍ୱାରା ପରିବେଷ୍ଟିତ । ଅନ୍ତିମ ସମୟ ଆସନ୍ନ ପ୍ରାୟ ଜାଣିପାରି ଶ୍ରୀମନ୍ ମହାପ୍ରଭୁ ଭକ୍ତଗଣଙ୍କୁ ନାମ ସଂକୀର୍ତ୍ତନ କରିବାପାଇଁ ନିର୍ଦ୍ଦେଶ ଦେଲେ । ସଂକୀର୍ତ୍ତନର କର୍ଣ୍ଣପ୍ରିୟ ଧ୍ୱନି ଶ୍ରବଣ କରି ବହୁଭକ୍ତ ସମବେତ ହେଲେ । କିଛି ସମୟ ପରେ ସଂକୀର୍ତ୍ତନ ବନ୍ଦ ହେଲା । ବାଷ୍ପ ଗଦଗଦ୍ କଣ୍ଠରେ ମହାତ୍ମା ହରିଦାସଙ୍କ ଚରିତାବଳି ବର୍ଣ୍ଣନା କଲେ ଶ୍ରୀମନ୍ ମହାପ୍ରଭୁ ।

ବର୍ତ୍ତମାନ ବାଂଲାଦେଶର ଖୁଲନା ଜିଲ୍ଲା ଅନ୍ତର୍ଗତ ବନଗ୍ରାମର ଅନତି ଦୂରରେ ବୁଢ଼ନ୍ ନାମକ ଏକ କ୍ଷୁଦ୍ର ଗ୍ରାମରେ ମୁସଲମାନ ପରିବାରରେ ଠାକୁର ହରିଦାସଙ୍କ ଆବିର୍ଭାବ । ସେ କେତେ ଦିନ ପିତୃ ଗୃହରେ ଅବସ୍ଥାନ କରିଥିଲେ ଓ କେଉଁ ସନ୍ଥ ମହାତ୍ମାଙ୍କ ଅହେତୁକୀ କୃପା ବଳରେ ସମସ୍ତ ସାଂସାରିକ ବନ୍ଧନ ଛିନ୍ନ କରି ଆନନ୍ଦକନ୍ଦ ଶ୍ରୀହରିଙ୍କ ପଦ୍ମାର ବିନ୍ଦରେ ଆଶ୍ରିତ ହେଲେ, ତାହାର କୌଣସି ଦୃଷ୍ଟାନ୍ତ ନାହିଁ । ଭାରତ ଇତିହାସରେ ମୁସଲମାନ ରାଜାଙ୍କ ଅତ୍ୟାଚାରରେ ଶତ ସହସ୍ର ହିନ୍ଦୁ ଧର୍ମାନ୍ତରିତ ହେଉଥିବା ସମୟରେ ମୁସଲମାନ ଅତ୍ୟାଚାର ଉପେକ୍ଷାକରି ହିନ୍ଦୁସମାଜର ଅଲଂଘ୍ୟ ପ୍ରାଚୀନ ଅତିକ୍ରମ ପୂର୍ବକ ହିନ୍ଦୁ ସମାଜରେ କୌଣସି ମୁସଲମାନ ଆଶ୍ରୟ ଗ୍ରହଣ କରିବା ଦୃଷ୍ଟାନ୍ତ ଅତୀବ ବିରଳ । ପ୍ରହ୍ଲାଦ ପରି ଜୀବନର ବହୁପର୍ଯ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ହରିଦାସ । ଭଗବତ୍ ଭକ୍ତି, କୈଙ୍କର୍ଯ୍ୟ,

ଚରିତ୍ରିକ ମାଧୁର୍ଯ୍ୟ, ଦୟା, କ୍ଷମା ଓ ତିତିକ୍ଷା ବଳରେ ସେ ପ୍ରହ୍ଲାଦଙ୍କ ପରି ଅମରତ୍ୱର ଅଧିକାରୀ ହୋଇପାରିଛନ୍ତି । ପ୍ରହ୍ଲାଦଙ୍କ କଥା ବେଦ ଓ ପୁରାଣ ଯୁଗର କିନ୍ତୁ ଠାକୁର ହରିଦାସ ହେଉଛନ୍ତି, ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀର ଏକ ଐତିହାସିକ ଚରିତ୍ର ।

" ଜାତି କୁଳ ସର୍ବନିରର୍ଥକ ବୁଝାଇତେ,
ଜନ୍ମିଲେନ ନୀଚ କୁଳେ ପ୍ରଭୁର ଆଜ୍ଞାତେ । "
(ଚୈ. ଭା. ଆଦି. ୧୧)

ବେନା ପୋଲର ସାଧନ କାନନର ପର୍ଣ୍ଣକୁଟୀର ପ୍ରତ୍ୟହ ଶ୍ରୀହରିଙ୍କ ମଧୁରାତି ମଧୁର ତିନି ଲକ୍ଷ ନାମ ଜପରେ ମୁଖରିତ ହେଉଥାଏ । ସଂକୀର୍ତ୍ତନ ପ୍ରେମ ସିନ୍ଧୁରେ ନିମଗ୍ନ ରହି ଠାକୁର କ୍ଷୁଧାତୃଷ୍ଣା ଭୁଲି ଯାଉଥିଲେ । ମହାତ୍ମାଙ୍କ ଯଶ, ପରମାର୍ଥିକ ଉତ୍କର୍ଷ ଚତୁର୍ଦ୍ଦିଗ ବ୍ୟାପିଗଲା । ବନଗ୍ରାମର ତଦାନୀନ୍ତନ ଈର୍ଷାପରାୟଣ 'ଭୂମ୍ୟଧିକାରୀ ଠାକୁର ମହାଶୟଙ୍କୁ ଅପଦସ୍ତ କରିବାପାଇଁ ଏକ ରୂପ ଲାବଣ୍ୟ ସଂପନ୍ନା ବାରାଙ୍ଗନାକୁ ପ୍ରେରଣ କଲେ । ବୀରା ବିବିଧ ବେଶଭୂଷଣରେ ସୁସଜ୍ଜିତା ହୋଇ ଉଲ୍ଲସିତ ଚିତ୍ତରେ ସାଧନ କାନନର ନୈଶ ସୌନ୍ଦର୍ଯ୍ୟ ମଧ୍ୟରେ ଧୀରେ ଧୀରେ ପଦଚାଳନା କରି ଅଙ୍ଗ ସୌଷ୍ଠବ ପ୍ରଦର୍ଶନ ପୂର୍ବକ ହରିଦାସଙ୍କ ନିକଟରେ ପ୍ରଣୟ ଭିକ୍ଷାକଲା । ହରିଦାସଙ୍କ ପୂର୍ଣ୍ଣ ଯୌବନ ରୂପସୀର ପ୍ରଣୟ ଭିକ୍ଷାରେ ଅବିଚଳିତ ରହିଲେ । ଯେ ହରିନାମାମୃତ ସିନ୍ଧୁରେ ଅଷ୍ଟ ପ୍ରହର ନିମଗ୍ନ ତା ପକ୍ଷରେ ବାରାଙ୍ଗନାର ଅନିତ୍ୟ ସୌନ୍ଦର୍ଯ୍ୟର ସ୍ଥିତି କେଉଁଠି?

ମହାତ୍ମା ଯୀଶୁ ଶୟତାନର ଅପରୂପ ପ୍ରଲୋଭନରେ ପ୍ରଲୁବ୍ଧ ନ ହୋଇ କହିଥିଲେ—("Get thee behind me Satan) ଶୟତାନ ତୁମେ ମୋଠାରୁ କରେଇ ଯାଅ । " କିନ୍ତୁ ମହାତ୍ମା ହରିଦାସ ରୂପ ଲାବଣ୍ୟ ସଂପନ୍ନା ବାରାଙ୍ଗନାକୁ ଏହାର ନ ଦେଇ କିମ୍ବା ଭର୍ତ୍ସନା ନ କରି, ଭଗବାନଙ୍କ ଅହେତୁକୀ କରୁଣାର ଅଧିକାରୀ କରିବାପାଇଁ ସଂକଳ୍ପବଦ୍ଧ ହେଲେ ।

ଚନ୍ଦନ ବୃକ୍ଷର ଚତୁର୍ପାର୍ଶ୍ୱ ବିଷଧର ସର୍ପଦ୍ୱାରା ପରିବେଷ୍ଟିତ କିନ୍ତୁ ସର୍ପର ବିଷଦ୍ୱାରା ଚନ୍ଦନ କିବେ ମାତ୍ର ପ୍ରଭାବିତ ହୁଏ ନାହିଁ । ରମଣୀର ବିଶାଳ କାମ କଟାକ୍ଷ ଯତିରାଜ ହରିଦାସଙ୍କ ଅନନ୍ତ ନିକଟରେ ପରାଭୂତ ହେଲା । ରୂପଜୀବା ନିଜର ଦୁଷ୍କର୍ମପାଇଁ ନିଜକୁ ଶତ ଧିକ୍କାର କରି ନିଷ୍କିଞ୍ଚନ ବୈରାଗୀ ମହାପୁରୁଷ ହରିଦାସଙ୍କ ପାଦପଦ୍ମରେ ପଡ଼ି ଅଶ୍ରୁ ଆପ୍ଲୁତ କଣ୍ଠରେ ପ୍ରାର୍ଥନା କଲା । ହରିଦାସ ରୂପସୀର କାତରୋକ୍ତିରେ କୃପାଲୁ ହେଲେ । ହରିଦାସଙ୍କ ଉପଦେଶ କ୍ରମେ ରୂପସୀ ତାଙ୍କ ଚାକର ଚାକରାଣୀ, ଅଟ୍ଟାଳିକା, ଅତୁଳ ସଂପଦ, ମଣିମୁକ୍ତା ଖଚିତ ଅଳଙ୍କାର, ବିଳାସପୂର୍ଣ୍ଣ ବସନ ଭୂଷଣ, ଦର୍ପଣ, ଚିକଣ ଚିରୁଣୀ ସୁଗନ୍ଧ ଦ୍ରବ୍ୟ ପରିଶୋଭିତ ବେଶ ସଂଭାର, ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ ପରିତ୍ୟାଗ କରି ସାଧନ କାନନର ପର୍ଣ୍ଣକୁଟୀରରେ ହାର୍ଦ୍ଦିକ ମହିମାମୟ ଗୁଣାନୁକୀର୍ତ୍ତନରେ ବୁଡ଼ିଗଲେ । ବୈଷ୍ଣବ ଶିରୋମଣି ହରିଦାସ ସେ ପର୍ଣ୍ଣକୁଟୀର ଛାଡ଼ି ଚନ୍ଦନପୁର ଚାଲିଆସିଲେ । କଳୁଷ କାଳି... ପୂର୍ବ କୁଖ୍ୟାତା ରମଣୀ 'ହରିଦାସୀ' ନାମରେ ଆଜି ... ବିଦିତା, ପ୍ରାତଃ ସ୍ମରଣୀୟା ।

"କୃଷ୍ଣ ନାମରେ ପାପ କ୍ଷୟ ଯେତେ ।
କରି ନ ପାରେ ପାପି ପାପୀ ତେତେ ॥"
(ଭସକଲ୍ଲୋଳ)

ବାସ୍ତବିକ ସାଧୁଜନଙ୍କ ସାନ୍ନିଧ୍ୟ ତୀର୍ଥଠାରୁ ପବିତ୍ର । ତ... ପର୍ଯ୍ୟଟନର ଫଳ କାଳାନ୍ତରରେ ମିଳିଥାଏ କିନ୍ତୁ ସନ୍ଥ ମହାତ୍ମା... ସମାଗମର ଫଳ ତତ୍କାଳୀନ ।

"ସାଧୂନାଂ ଦର୍ଶନଂ ପୁଣ୍ୟଂ ତୀର୍ଥଭୂତାହି ସାଧବଃ ।
କାଲେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ ॥"

ସପ୍ତଗ୍ରାମର ଧାର୍ମିକ ଜମିଦାର ହିରଣ୍ୟ ଓ ଗୋବର... ମଜୁମ୍‌ଦାରଙ୍କ କୁଳ ପୁରୋହିତ ପଣ୍ଡିତ ବଳରାମ ଆଚ... ହରିଦାସଙ୍କ ଭଗବନ୍ନିଷ୍ଠା ଓ ନାମ ସଂକୀର୍ତ୍ତନରେ ଆପ୍ୟାୟି... ହୋଇ ଠାକୁର ମହାଶୟଙ୍କ ନିମନ୍ତେ ଏକ ପର୍ଣ୍ଣକୁଟୀର ନିର୍ମା... କରିଥିଲେ । ଠାକୁର ଦିବାରାତ୍ରି ହୃଦୟ ବିହାରୀ ଶ୍ରୀହରି... ନାମ ସଂକୀର୍ତ୍ତନ କରୁଥିଲେ ଓ ସମୟେ ସମୟେ ବଳରାମ... ଗୃହରେ ଭିକ୍ଷା ନିର୍ବାହ କରୁଥିଲେ ।

ଏକଦା ଠାକୁର ଆଚାର୍ଯ୍ୟ ମହୋଦୟଙ୍କ ସଙ୍ଗେ ମଜୁମ୍‌ଦାର... ଧର୍ମ ସଭାକୁ ଯାଇଥିଲେ । କୁଳ ପୁରୋହିତଙ୍କ ସହ ଠାକୁ... ଦର୍ଶନ କରି ଭାତୃଦ୍ୱୟ ନିଜର ପରମ ସୌଭାଗ୍ୟ ମନେ କଲେ... ଉଭୟଙ୍କ ଚରଣାରବିନ୍ଦ ବନ୍ଦନା କରି ମୃଦୁକୋମଳ ଆସନ ପ୍ର... କଲେ । ଠାକୁର ମହାଶୟ ଶ୍ରୀମଦ୍ଭାଗବତ ଓ ବୃହନ୍ନାରଦ... ପୁରାଣାଦି ବିବିଧ ପୁରାଣରୁ ବହୁ ଶ୍ଳୋକ ଆବୃତ୍ତି କରି ଉପ... ସଦସ୍ୟ ବୃନ୍ଦଙ୍କୁ ନାମାମୃତର ମାହାତ୍ମ୍ୟ ବର୍ଣ୍ଣନ କରିଥିଲେ ।

ସୂର୍ଯ୍ୟୋଦୟ ହେଲେ ଅନ୍ଧକାର ଦୂରେଇ ଯାଏ ଏ... ଚୋର, ପ୍ରେତ ଓ ରାକ୍ଷସାଦିଙ୍କ ଭୟ ପ୍ରଶମିତ ହୁଏ । ସ... ଧର୍ମକର୍ମାଦି ମାଙ୍ଗଳିକ କାର୍ଯ୍ୟାନୁଷ୍ଠାନ ହୁଏ । ସେହିପରି ... ଭାଗ୍ୟମାନ ବ୍ୟକ୍ତି ଶ୍ରୀହରିଙ୍କ ମହିମାମୟ ଗୁଣାବଳୀ ଶ୍ରବଣ... କୀର୍ତ୍ତନ କରେ, ତା ହୃଦୟରୁ ପାପରୂପକ ଅନ୍ଧକାର ଦୂରେ... ଯାଏ । କାମକ୍ରୋଧାଦି ଦସ୍ୟୁଗଣ ଓ ମୋହରୂପକ ... ପ୍ରେତାଦି ଅଦୃଶ୍ୟ ହୋଇଯାଆନ୍ତି । ନାମ ସଂକୀର୍ତ୍ତନ ଦ୍ୱା... ହୃଦୟରେ କୃଷ୍ଣ ପ୍ରେମ ପ୍ରାପ୍ତି ରୂପକ ମାଙ୍ଗଳିକ କାର୍ଯ୍ୟାନୁ... ହୋଇଥାଏ । ପରିଣାମତଃ ସାଧକ ବା ଭକ୍ତ ଶୀଘ୍ର ବି... ସେବିତ ପଦାରବିନ୍ଦକୁ ଦର୍ଶନ କରି କୃତାର୍ଥ ହୁଏ ।

ନାମେର ଫଳେ କୃଷ୍ଣ ପଦେ ପ୍ରେମ ଉପଜ...
ଆନୁଷଙ୍ଗିକ ଫଳ ନାମେ—ମୁକ୍ତି, ପାପନାଶ
ତାହାର ଦୃଷ୍ଟାନ୍ତ ଯୈଛେ ସୂର୍ଯ୍ୟେର ପ୍ରକାଶ । " (ଚୈ...
ଅନ୍ତ୍ୟ ... 

ଉପସ୍ଥିତ ସଦସ୍ୟବୃନ୍ଦ ପୁଣ୍ୟଶ୍ଳୋକ ଠାକୁରଙ୍କ ବ୍ୟାଖ୍ୟା ଶ୍ରବଣ କରି ମୁଗ୍ଧହେଲେ ଓ ହରିନାମ ସଂକୀର୍ତ୍ତନର ଭୂୟସୀ ପ୍ରଶଂସା ଗାନ କଲେ । କିନ୍ତୁ ଗୋପାଳ ଚନ୍ଦ୍ର ଚକ୍ରବର୍ତ୍ତୀ ନାମଧେୟ ଜମିଦାରଙ୍କ ଜନୈକ ଈର୍ଷାପରାୟଣ କର୍ମଚାରୀ ଠାକୁରଙ୍କୁ ଶ୍ଳେଷ ଓ ବିଦ୍ରୂପୋକ୍ତି ଛଳରେ ବହୁ ବାଗାଡ଼ମ୍ବର କରି କାଳାନ୍ତରେ ଭଗବାନଙ୍କ ଦ୍ୱାରା ଉପଯୁକ୍ତ ଶାସ୍ତି ପ୍ରାପ୍ତ ହୋଇଥିଲେ ।

"ତୋର କୃପାବଳେ କ୍ଷୁଦ୍ର ମହୀୟାନ ।
ତୋ କୃପା ବିହୁନେ ବଡ଼ ହୁଏ ସାନ ।।" (ରାଧାନାଥ)

ଚାନ୍ଦପୁରରେ ଅବସ୍ଥାନ କାଳରେ ରଘୁନାଥ ନାମଧେୟ ମଜୁମଦାରଙ୍କ ପଞ୍ଚଦଶ ବର୍ଷୀୟ ପୁତ୍ର ଠାକୁରଙ୍କ ଅହୈତୁକି କୃପାରୁ ଭକ୍ତି ଓ ବୈରାଗ୍ୟ ପ୍ରାପ୍ତ ହୋଇଥିଲେ । ଇନ୍ଦ୍ରପୁରୀର ଐଶ୍ୱର୍ଯ୍ୟ ତାଙ୍କୁ ଆବଦ୍ଧକରି ରଖିପାରିଲା ନାହିଁ । ସେ ହେଉଛନ୍ତି ଆମର ପ୍ରାତଃ ସ୍ମରଣୀୟ ଷଡ଼ଗୋସ୍ୱାମୀଙ୍କ ଅନ୍ୟତମ ଶ୍ରୀଲ ଶ୍ରୀପାଦ ରଘୁନାଥ ଦାସ ଗୋସ୍ୱାମୀ । ଶ୍ରୀ ଚୈତନ୍ୟ ଭାଗବତର ରଚୟିତା ଶ୍ରୀଲ ବୃନ୍ଦାବନ ଦାସ ଯଥାର୍ଥରେ ଉଲ୍ଲେଖ କରିଛନ୍ତି– ହରିଦାସଙ୍କ ସ୍ପର୍ଶ ତ ଦୂରକଥା, ତାଙ୍କ ଦେହ ଦୁର୍ଲ୍ଲଭ ଦର୍ଶନ ନିଖିଳ ଭବ ବନ୍ଧନ ଛିନ୍ନ କରେ । ଧନ୍ୟ ଠାକୁର ହରିଦାସ !

ଚାନ୍ଦପୁରରୁ ଆସି ହରିଦାସ ଗୌଡ଼ୀୟ ବୈଷ୍ଣବ ଧର୍ମର ଆଦିପୀଠ ତଥା ନିତ୍ୟାନନ୍ଦ ଓ ଗୌରାଙ୍ଗ ମହାପ୍ରଭୁଙ୍କ ଆବିର୍ଭାବ ସ୍ଥଳୀ ନବଦ୍ୱୀପର ଶାନ୍ତି ପୁରରେ ଉପସ୍ଥିତ ହେଲେ । ଗୌରାଙ୍ଗ ଲୀଳାଧ୍ୟକ୍ଷ ଶ୍ରୀ ଅଦ୍ୱୈତାଚାର୍ଯ୍ୟ (ଶ୍ରୀକମଳାକ୍ଷ) ଶ୍ରୀକୁବେର ତର୍କ ପଞ୍ଚାନନଙ୍କ ପୁତ୍ର ଓ ମାଧବେନ୍ଦ୍ରପୁରୀଙ୍କ ଶିଷ୍ୟ । ଠାକୁର ହରିଦାସଙ୍କ ପାଇଁ ଆଚାର୍ଯ୍ୟ ମହୋଦୟ ପୁଣ୍ୟତୋୟା ଭାଗିରଥୀର ନିର୍ଜ୍ଜନ ତଟ ଭୂମିରେ ଏକ ମୃଣ୍ମୟ କୁଟୀର ନିର୍ମାଣ କରିଦେଲେ । ହରିଦାସ ପ୍ରତ୍ୟହ ତିନି ଲକ୍ଷ ନାମ ଜପ କରନ୍ତି ଓ ଅପରାହ୍ନରେ ଭିକ୍ଷାଗ୍ରହଣ କରନ୍ତି ଆଚାର୍ଯ୍ୟ ମହୋଦୟଙ୍କ ଗୃହରେ । ଉଭୟ ସନ୍ଥମହାତ୍ମା କୃଷ୍ଣକଥାମୃତ ଆସ୍ୱାଦନ କରନ୍ତି । ହରିଦାସଙ୍କ ହରିଭକ୍ତି ଓ ଅକିଞ୍ଚନତ୍ୱ ସନ୍ଦର୍ଶନରେ ଆଚାର୍ଯ୍ୟ ମହାଶୟ ପ୍ରୀତ ହୋଇ ଯବନ ହରିଦାସଙ୍କୁ ଶ୍ରେଷ୍ଠ ବ୍ରାହ୍ମଣଠାରୁ ଉତ୍କୃଷ୍ଟରୂପେ ଗ୍ରହଣ କରିଥିଲେ । ଏପରିକି 'ମାତୃଶ୍ରାଦ୍ଧର ପାତ୍ର' ଯାହାକି ଶ୍ରେଷ୍ଠ ବ୍ରାହ୍ମଣର ପ୍ରାପ୍ୟ, ଆଚାର୍ଯ୍ୟ ମହାଶୟ ହରିଦାସଙ୍କୁ ପ୍ରଦାନ କରିଥିଲେ । କି ଅଦ୍ଭୁତି ଭାଗ୍ୟ !

ଏକ ଜ୍ୟୋତ୍ସ୍ନାବତୀ ରଜନୀ । ସୁଧାଂଶୁମାଳା ବିଚ୍ଛୁରିତ ଜାହ୍ନବୀ ଜଳଧୌତ ଆଶ୍ରମକୁଟୀର ଅତୀବ ଶୋଭାୟମାନ, ମନ ମୁଗ୍ଧକର । ହଠାତ୍ ଏକ ଲାବଣ୍ୟବତୀ ରୂପସୀର ଅପୂର୍ବ ଅଳଂକରଣ, ନୂପୁର ଧ୍ୱନି ଓ ଅଙ୍ଗ ଗନ୍ଧରେ ଆଶ୍ରମର ଚତୁର୍ଦ୍ଦିଗ ଆମୋଦିତ ହେବାକୁ ଲାଗିଲା । ସୁନ୍ଦରୀ ଠାକୁରଙ୍କ ନିକଟରେ ପ୍ରେମପାଇଁ ଆତ୍ମନିବେଦନ କଲେ । ଦିବାନିଶି ଅତିବାହିତ ହୁଏ କିନ୍ତୁ ଠାକୁରଙ୍କ ଅସରନ୍ତି ନାମ ସଂକୀର୍ତ୍ତନର, ପରିସମାପ୍ତି ନାହିଁ । ଉକ୍ତ ରମଣୀ ଅନ୍ୟ କେହି ନୁହଁନ୍ତି । ସେ ହେଉଛନ୍ତି ବ୍ରହ୍ମାଶିବ ଆରାଧିତା 'ମାୟାଦେବୀ' । ମାୟାଦେବୀ ଠାକୁରଙ୍କ ନିର୍ମଳ ନାମ ସଂକୀର୍ତ୍ତନରେ ବିମୁଗ୍ଧ ହୋଇ ବିନମ୍ର ନିବେଦନ କଲେ "ଠାକୁର ! ପୂର୍ବେ ଭଗବାନ ଶଙ୍କରଙ୍କ ସଙ୍ଗ ଲାଭକରି ମୁକ୍ତିହେତୁ ତାରକ ବ୍ରହ୍ମ 'ରାମ ନାମ' ଶିକ୍ଷା କରିଥିଲି । ଏବେ ଆପଣ ପ୍ରେମରୂପୀ ତାରକ ବ୍ରହ୍ମନାମ 'କୃଷ୍ଣ ନାମ' ପ୍ରଦାନ କରି କୃତାର୍ଥ କରନ୍ତୁ ।"

× × × ×

"ଚିର ମୋର ଶୁଦ୍ଧ ହେଲେ, ତାହେ କୃଷ୍ଣ ନାମ ଲୈତେ
କୃଷ୍ଣନାମ ଉପଦେଶି କୃପାକର ମୋତେ ।।"
(ଚୈ. ଚ, ଅନ୍ତ୍ୟ ୩ୟ)

ଠାକୁର ମାୟାଦେବୀଙ୍କୁ ଉପଦେଶ ଦେଲେ–"କର କୃଷ୍ଣ ସଂକୀର୍ତ୍ତନ ।" ମାୟାଦେବୀ ଠାକୁରଙ୍କୁ ଗୁରୁଦକ୍ଷିଣା ଦେବା ଛଳରେ କହିଲେ–ଆଜିଠାରୁ ଯେ ଆପଣଙ୍କୁ ସ୍ମରଣ କରିବ, ସେ ସାଂସାରିକ ଭବମାୟାରୁ ବିମୁକ୍ତ ହେବ ।

"ଯେ ତୋମାର ସ୍ମରଣ ଲୟ, ତାରେ ମୋର ନାହିଁ ଦାୟ ।"
(ଚୈ. ଚ, ଅନ୍ତ୍ୟ ୩ୟ)

ଯବନ ହରିଦାସଙ୍କ ସହ ଅବାଧ ମିଳନରେ ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କୁ ବହୁ ବ୍ୟଙ୍ଗ, ବିଦ୍ରୂପ ଓ କୁତ୍ସା ରଟନାର ଶିକାର ହେବାକୁ ପଡ଼ିଲା । ପ୍ରାଣର ସୁହୃଦ୍ ଆଚାର୍ଯ୍ୟ ମହୋଦୟ କିପରି କ୍ଷତିଗ୍ରସ୍ତ ନ ହୁଅନ୍ତୁ, ଏହା ଭାବି ଠାକୁର ଫୁଲିଆ ଅଭିମୁଖେ ଯାତ୍ରାକଲେ । ଫୁଲିଆ ଗ୍ରାମର ପର୍ଣ୍ଣକୁଟୀର ଶ୍ରୀହରିଙ୍କ ନାମ ସଂକୀର୍ତ୍ତନରେ ମୁଖରିତ ହେବାକୁ ଲାଗିଲା । ଆଚାର୍ଯ୍ୟ ମହୋଦୟଙ୍କ ପ୍ରତ୍ୟହ ମିଳନ ହରିଦାସଙ୍କୁ ଉଚ୍ଛ୍ୱସିତ କରୁଥିଲା ।

ସେତେବେଳେ ବଙ୍ଗଦେଶରେ ଇସ୍‌ଲାମ ଧର୍ମର ଆଧିପତ୍ୟ ଥିଲା । ତଦାନୀନ୍ତନ ବାଦଶାହ ଧର୍ମର ବହୁଳ ପ୍ରଚାର ନିମିତ୍ତ କାଜି ନିଯୁକ୍ତ କରିଥିଲେ ଓ ଇସ୍‌ଲାମ ଧର୍ମର ଅବହେଳାକାରୀଙ୍କୁ କଠୋର ଶାସ୍ତି ଭୋଗିବାକୁ ପଡୁଥିଲା । ଠାକୁରଙ୍କ ନାମ ସଂକୀର୍ତ୍ତନ ଓ ସର୍ବମାନ୍ୟତାରେ ଈର୍ଷାପରାୟଣ ହୋଇ କାଜି ମଲକ ପତି (ନ୍ୟାୟାଧୀଶ) ଙ୍କ ନିକଟରେ ଅଭିଯୋଗ କଲେ । ନ୍ୟାୟାଧୀଶ ଠାକୁରଙ୍କୁ ହରିନାମ ଛାଡ଼ି, ତୋବା (ପାପର ପ୍ରାୟଶ୍ଚିତ୍ତ) କରି, କଲମା ପଢି ମହମ୍ମଦ୍‌ଙ୍କ ଶରଣାପନ୍ନ ହେବାକୁ ଉପଦେଶ ଦେଲେ । ତଦାନୀନ୍ତନ ମୁସଲମାନ ଶାସନର ଭୀତିପ୍ରଦ ଦଣ୍ଡବିଧାନ ପ୍ରତି ତିଳାର୍ଦ୍ଧ ଭ୍ରୂକ୍ଷେପ ନ କରି ଠାକୁର କହିଥିଲେ:–

"ଖଣ୍ଡ ଖଣ୍ଡ ହଇ ଦେହ ଯଦି ଯାୟ ପ୍ରାଣ ।
ତବୁ ଆମି ବଦନେ ନା ଛାଡ଼ି ହରିନାମ ।।"

ପରିଶେଷରେ ନ୍ୟାୟାଧୀଶ ତାଙ୍କର ଶତ ଅନିଚ୍ଛା ସତ୍ତ୍ୱେ କାଜିଙ୍କ କଥାରେ ସମ୍ମତି ପ୍ରକାଶ କରି ହରିଦାସଙ୍କ ପ୍ରତି ଦଣ୍ଡବିଧାନ କରିବାକୁ ବାଧ୍ୟ ହେଲେ । ନିଷ୍ଠୁର ପାଇକଗଣ ହରିଦାସଙ୍କୁ ଶକ୍ତ ରଜ୍ଜୁରେ ବାନ୍ଧି ଅବିଶ୍ରାନ୍ତ ନିର୍ମମଭାବେ ବେତ୍ରାଘାତ କରି ବଜାର ରାସ୍ତାରେ ବୁଲାଇବାକୁ ଲାଗିଲେ । ନିରନ୍ତର ବେତ୍ରାଘାତରେ ହରିଦାସଙ୍କ ତେଜମୟ ସୁକୋମଳ ଶରୀର

ଉଦ୍‌ବୁଦ୍ଧହୋଇଥିଲେ । ଠାକୁର ଉଚ୍ଚ ସ୍ୱରରେ ଶ୍ରୀହରିଙ୍କ ନାମାନୁ କୀର୍ତ୍ତନ କରିବା ସଙ୍ଗେ ଦଣ୍ଡଦାତାଙ୍କ ପ୍ରତି ପରମେଶ୍ୱରଙ୍କ ନିକଟରେ ମଙ୍ଗଳ ପ୍ରାର୍ଥନା କରିଥିଲେ ।

( ଠିକ୍ ଏହିପରି ଦିନେ ଧର୍ମାନ୍ଧ ଧର୍ମଯାଜକମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଷ୍ଠୁର ରାଜକର୍ମଚାରୀଗଣ ମହାତ୍ମା ଯୀଶୁଙ୍କ ମସ୍ତକରେ ଏକ କଣ୍ଟକ ମୁକୁଟ ପିନ୍ଧାଇ ବହୁ ବ୍ୟଙ୍ଗ ବିଦ୍ରୂପୋକ୍ତି ମଧ୍ୟରେ ରାଜପଥରେ ଅତି ନିର୍ମମ ଭାବେ ବେତ୍ରାଘାତ କରି ଗୋଲଗୋଥା ( Golgothe ) ଅଭିମୁଖେ ନେଇଥିଲେ । ସନ୍ଥ ମହାତ୍ମା ଦଣ୍ଡଦାତାଙ୍କ ଅମଙ୍ଗଳ କାମନା ପରିବର୍ତ୍ତେ ମଙ୍ଗଳ ବିଧାନ ପାଇଁ କଲ୍ୟାଣମୟ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ "Father, Father, forgive them for they know not what they do." କ୍ରୁଶବିଦ୍ଧ କରିବା ସମୟରେ ମହାତ୍ମା ଯୀଶୁଙ୍କ ମସ୍ତକୋପରି ବ୍ୟଙ୍ଗୋକ୍ତି ଲେଖି ଟଙ୍ଗାଇ ଦେଇଥିଲେ "This is Jesus, the King of the Jews" ମହା ପ୍ରୟାଣ ସମୟରେ ଯୁଗାବତାର ଚିତ୍କାର କରିଥିଲେ— "Eli, Eli, lama Sabachthani."—My God. My God, Why hast thou forsakee me.

ଦର୍ଶକମଣ୍ଡଳୀ ଫୁଲିଆର ଆଶ୍ରମକୁ ଆସି ଠାକୁରଙ୍କ ସନ୍ଦର୍ଶନରେ ଆତ୍ମତୃପ୍ତି ଲାଭ କରୁଥିଲେ ମଧ୍ୟ ଆଶ୍ରମସ୍ଥ ଏକ ବିଷଧର ସର୍ପର ଫୁତ୍କାର (ବିଷଜ୍ୱାଳା)ରେ ଅସୁସ୍ଥ ଅନୁଭବ କରୁଥିଲେ । କିନ୍ତୁ ନାମ ସଂକୀର୍ତ୍ତନ-ମଗ୍ନ ହରିଦାସଙ୍କୁ ବିଷଜ୍ୱାଳା ଆଘାତ କରିପାରୁନଥିଲା । ତେବେ ଦର୍ଶକମଣ୍ଡଳୀଙ୍କ ଦୁଃଖ ଲାଘବ ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସର୍ପ ଆଶ୍ରମ ପରିତ୍ୟାଗ କରି ଚାଲିଗଲା । ସମସ୍ତେ ଠାକୁରଙ୍କ ଜୟକାର କରିବାକୁ ଲାଗିଲେ ।

ମାଧବେନ୍ଦ୍ରପୁରୀ 'ଅନନ୍ତ ସଂହିତା'ରୁ ଉଦ୍ଧାର କରି ଶ୍ରୀ ଅଦ୍ୱୈତାଚାର୍ଯ୍ୟ (ଶାନ୍ତିପୁରବାସୀ)ଙ୍କୁ କହିଥିଲେ, ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣ ନବଦ୍ୱୀପରେ ଆତ୍ମପ୍ରକାଶ କରିବେ । ଠାକୁର ହରିଦାସ ଓ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ଉଭୟ ଶ୍ରୀମନ ମହାପ୍ରଭୁଙ୍କ ଆବାହନରେ ଦୃଢ଼ ସଂକଳ୍ପବଦ୍ଧ ହୋଇ ସାଧନାରେ ବ୍ରତୀ ହୋଇଥିଲେ ।

" ଦୁଇ ଜନାର ଉଦ୍ଦେଶ୍ୟ 'ଚୈତନ୍ୟ' କୈଲ ଅବତାର ।
ନାମ-ପ୍ରେମ ପ୍ରଚାରି କୈଲ ଜଗତ ଉଦ୍ଧାର ।।"
( ଚୈ. ଚ. ଅନ୍ତ୍ୟ ୩ୟ )

ଖ୍ରୀ: ୧୪୮୬ (୧୪୦୭ ଶକାବ୍ଦ), ଫାଲଗୁନ ପୂର୍ଣ୍ଣିମା ଚନ୍ଦ୍ରଗ୍ରହଣ ସମୟରେ ସିଂହରାଶି ଓ ସିଂହଲଗ୍ନରେ ଶ୍ରୀ ଜଗନ୍ନାଥ ମିଶ୍ର ଓ ଶ୍ରୀମତୀ ଶଚୀମାତାଙ୍କ ଗର୍ଭରୁ ଆବିର୍ଭାବ ହେଲେ ରାଧାଭାବ ବିଭାବିତ ଗୌର ସୁନ୍ଦର । କାଳାନ୍ତରେ ନିତ୍ୟାନନ୍ଦ ମହାପ୍ରଭୁଙ୍କ ସହ ମିଳନ ହେଲା । ଶ୍ରୀବାସ ଓ ଶ୍ରୀ ଚନ୍ଦ୍ରଶେଖରଙ୍କ ପ୍ରାଙ୍ଗଣ ନବ ବୃନ୍ଦାବନରେ ପରିଣତ ହେଲା ଏବଂ ମହାପ୍ରଭୁ ଭକ୍ତମାନଙ୍କ ଗହଣରେ ଅପୂର୍ବ ଲୀଳାବିଳାସ ପ୍ରଦର୍ଶନ କଲେ । ହରିଦାସ ଠାକୁର ଏ ପର୍ଯ୍ୟନ୍ତ ନି[illegible] ତଟ ଭୂମିରେ ସାଧନ କରୁଥିଲେ କିନ୍ତୁ ଅଧୁନା ଅସଂଖ୍ୟ ଭକ୍ତ[illegible] ଗହଣରେ ଅଷ୍ଟ ପ୍ରହରୀରେ ଅତିବାହିତ କଲେ ।

ଏକଦା ଭାବାବେଶରେ ଗୌରସୁନ୍ଦର ଠାକୁରଙ୍କୁ କହି[illegible] — " ଭକ୍ତର ଦୈହିକ କଷ୍ଟ ଭଗବାନ ବହନ କରନ୍ତି । [illegible] ଦେଖ, ଦୁର୍ବୃତ୍ତ ଯବନ ରାଜକର୍ମଚାରୀଗଣ ତୁମକୁ ନି[illegible] ଭାବେ ଯେଉଁ ବେତ୍ରାଘାତ କରିଥିଲେ, ସେ ସମସ୍ତ [illegible] ପୃଷ୍ଠଦେଶରେ ବହନ କରିଛି । ହୁଏତ ମୋର ଧରାଧାମ[illegible] ଅବତରଣ କରିବା ବିଳମ୍ବ ହୋଇଥାଆନ୍ତା । କିନ୍ତୁ [illegible] ନିର୍ଯ୍ୟାତନା ସହ୍ୟକରି ନ ପାରି ଅବିଳମ୍ବେ ଆଗମନ କଲି[illegible] ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ବେତ୍ରାଘାତ ଦେଖି ହରିଦାସ [illegible] ବିଷାଦଗ୍ରସ୍ତ ହେଲେ ।

" ଯେ ବା ଗୌଣ ଛିଲ ମୋର ପ୍ରକାଶ କରିତେ ।
ଶୀଘ୍ର ଆଇନୁ ତୋର ଦୁଃଖ ନା ପାରେ ସହିତେ ।।"
( ଚୈ. ଭା. ମଧ୍ୟ ୧୦ମ )

ଭକ୍ତବତ୍ସଳ ଗୌରହରିଙ୍କ ଶ୍ରୀମୁଖ ନିସୃତ[illegible] ଶ୍ରବଣକରି ଠାକୁର 'କୃଷ୍ଣ' 'କୃଷ୍ଣ' ଉଚ୍ଚାରଣ କରି ମୂର୍ଚ୍ଛି[illegible] ହେଲେ । ହରିଦାସଙ୍କ ଭୂ-ଲୁଣ୍ଠିତ ଶରୀରରେ ଦୃଷ୍ଟିପାତ କରି ଶ୍ରୀମନ୍ ମହାପ୍ରଭୁ ସହାସ୍ୟ ବଦନରେ କହି[illegible]

" ଉଠ ଉଠ ମୋର ହରିଦାସ ।
ମନୋରଥ ଭରି ଦେଖ ଆମାର ପ୍ରକାଶ ।।"
( ଚୈ. ଭା. ମଧ୍ୟ ୧୦ମ )

ଠାକୁର ଭକ୍ତି କାତର କଣ୍ଠରେ ପ୍ରାର୍ଥନା କଲେ —

" ଶଚୀର ନନ୍ଦନ ବାପ ! କୃପା କର ମୋରେ ।
କୁକ୍କୁର କରିୟା ମୋରେ ରାଖ ଭକ୍ତ ଘରେ ।।"
( ଚୈ. ଭା. ମଧ୍ୟ ୧୦ମ )

ଶ୍ରୀମନ୍ ମହାପ୍ରଭୁଙ୍କ ନିକଟରେ ହରିଦାସଙ୍କ ଏ[illegible] ବରଭିକ୍ଷା ଜଗତରେ ଅତୁଳନୀୟ, ସୁଦୁର୍ଲ୍ଲଭ । [illegible] କରୁଣାମୟ ଭକ୍ତବତ୍ସଳ ଗୌରସୁନ୍ଦର ଯେପରି, [illegible] ତାଙ୍କର ପ୍ରିୟତମ ଭକ୍ତ ଦୈନ୍ୟାବତାର ଠାକୁର ହରିଦ[illegible] ଶ୍ରୀମନ୍ ମହାପ୍ରଭୁଙ୍କ ମୁଖନିସୃତ ବାଣୀ "ତୃଣାଦପି ସୁନୀ[illegible] ତରୋରିବ ସହିଷ୍ଣୁନା । ଅମାନିନା ମାନଦେନ କୀର୍ତ୍ତ[illegible] ସଦାହରିଃ ।" ର ପ୍ରମୂର୍ତ୍ତ ପ୍ରତୀକ ହେଉଛନ୍ତି [illegible] ହରିଦାସ । ଠାକୁରଙ୍କ ଭଗବତ୍ କୈଙ୍କର୍ଯ୍ୟ ଦର୍ଶନକରି ବତ୍ସଳ ଗୌରଚନ୍ଦ୍ରମା ଅସ୍ଥିର ହୋଇ ସ୍ନେହସିକ୍ତ କ[illegible] କହିଲେ —

" — ଶୁନ ଶୁନ ମୋର ହରିଦାସ ।
ଦିବସେକୋ [illegible]ମା ସଙ୍ଗେ କୈଲ ଯେଉ ବାସ ।

ତିର୍ଯ୍ୟକେ ତୁମି ଯାର ସଙ୍ଗ କହ କଥା
ସେ ଅବଶ୍ୟ ଆମା ପାଇବ, ନାହିଁକ ଅନ୍ୟଥା
ତୋମାରେ ଯେ କରେ ଶ୍ରଦ୍ଧା, ସେ କରେ ଆମାରେ ।
ନିରନ୍ତର ଆଛି ଆମି ତୋମାର ଶରୀରେ ॥"
( ଚୈ. ଭା. ମଧ୍ୟ ୧୦ମ )

ସମବେତ ଭକ୍ତଗଣ ଜୟଧ୍ୱନି କଲେ । ଭକ୍ତବତ୍ସଳ ଗୌରହରିଙ୍କ କମଳ ନୟନ ଅଶ୍ରୁସିକ୍ତ ହେଲା । ମହାପ୍ରଭୁଙ୍କ ଅପାର କରୁଣାରେ ଅଧୀର ହୋଇ ଠାକୁର ମହାଶୟ ବ୍ୟାକୁଳ କ୍ରନ୍ଦନ କଲେ ।

ଶ୍ରୀମନ୍ ମହାପ୍ରଭୁଙ୍କ ଯୁଗଧର୍ମ ନାମ ସଂକୀର୍ତ୍ତନ ପ୍ରଚାର ଲୀଳାର ପ୍ରଧାନ ସହାୟକ ଠାକୁର ହରିଦାସ ଓ ପ୍ରେମଦାତା ନିତ୍ୟାନନ୍ଦ । ଏଥିପୂର୍ବରୁ ଠାକୁରଙ୍କ ସହଯୋଗୀ ଥିଲେ ଶ୍ରୀଅଦ୍ୱୈତାଚାର୍ଯ୍ୟ । ହରିଦାସ ଓ ନିତ୍ୟାନନ୍ଦଙ୍କ ଉପରେ ନାମ ପ୍ରଚାର ଭାର ସମର୍ପଣ କରିଥିଲେ ଶ୍ରୀମନ୍ ଗୌରସୁନ୍ଦର ।

ମହାପ୍ରଭୁ ନିତ୍ୟାନନ୍ଦ ଓ ଠାକୁର ହରିଦାସ ଗୃହତ୍ୟାଗୀ ବୈଷ୍ଣବର ବେଶଧାରଣ କଲେ ଓ ଊର୍ଦ୍ଧ୍ୱବାହୁ ହୋଇ ନଦୀୟାର ପ୍ରତି ଦ୍ୱାର ଦେଶରେ ହରିପ୍ରେମରେ ଉଦ୍‌ବୁଦ୍ଧ ହୋଇ ପ୍ରେମାନନ୍ଦେ ନାମ ସଂକୀର୍ତ୍ତନ କଲେ । ନଦୀୟାର ସାଧାରଣ ଜନମାନଙ୍କଠାରୁ ଆରମ୍ଭ କରି ଦୁର୍ଦ୍ଦାନ୍ତ ଜଗାଇ ମଧାଇ ମଧ୍ୟ ଉଭୟ ସନ୍ଥ ମହାତ୍ମାଙ୍କ ସଂସ୍ପର୍ଶରେ ଆସି ବୈଷ୍ଣବ ଶିରୋମଣି ରୂପେ ମାନ୍ୟତାର୍ଜ୍ଜନ କରିଥିଲେ ।

ସନ୍ନ୍ୟାସ ଗ୍ରହଣପରେ ଶ୍ରୀମନ ମହାପ୍ରଭୁ ନବଦ୍ୱୀପ ପରିତ୍ୟାଗ କଲେ । ମହାପ୍ରଭୁଙ୍କ ନୀଳାଚଳ ଯାତ୍ରା ଶ୍ରବଣ କରି ସାଂସାରିକ ବନ୍ଧନ ବିମୁକ୍ତ ବିତରାଗୀ ସନ୍ନ୍ୟାସୀ ହରିଦାସ ମର୍ମଭେଦୀ ଆର୍ତ୍ତନାଦ କଲେ, ଯେପରି କାଷ୍ଠ ପାଷାଣ ଦ୍ରବୀଭୂତ ହୋଇଯିବ । ମହାପ୍ରଭୁ ଠାକୁରଙ୍କୁ ଆଶ୍ୱାସନା ପ୍ରଦାନ କରି ଯାତ୍ରା କଲେ ଭୌମ ବୈକୁଣ୍ଠ ଶ୍ରୀକ୍ଷେତ୍ରାଭିମୁଖେ ।

ଦାକ୍ଷିଣାତ୍ୟ ପର୍ଯ୍ୟଟନପରେ ଶ୍ରୀମନ ମହାପ୍ରଭୁ ନୀଳାଚଳ ପ୍ରତ୍ୟାବର୍ତ୍ତନ କଲେ । ନବଦ୍ୱୀପର ବହୁ ଭକ୍ତ ବୃନ୍ଦଙ୍କ ସହିତ ଶ୍ରୀକ୍ଷେତ୍ର ଅଭିମୁଖରେ ଯାତ୍ରା କଲେ ଠାକୁର । ହରିଦାସ ଯବନ ହୋଇଥିବାରୁ ଶ୍ରୀକ୍ଷେତ୍ରରେ ପ୍ରବେଶ ନକରି ଅନତି ଦୂରରେ ଶ୍ରୀମନ୍ ମହାପ୍ରଭୁଙ୍କ ଶ୍ରୀଚରଣ ସ୍ମରଣ କରି ଉଦାତ୍ତ କଣ୍ଠରେ ଶ୍ରୀ ହରିଙ୍କ ନାମ ସଂକୀର୍ତ୍ତନ କଲେ । ଅନ୍ୟାନ୍ୟ ଭକ୍ତମାନଙ୍କଠାରୁ ଅବଗତ ହୋଇ ମହାପ୍ରଭୁ ପଦବ୍ରଜରେ ହରିଦାସଙ୍କ ନିକଟକୁ ଯାତ୍ରା କଲେ । ହରିଦାସ ସାଷ୍ଟାଙ୍ଗ ପ୍ରଣିପାତ କଲେ ଶ୍ରୀ ଚୈତନ୍ୟଦେବଙ୍କ ପାଦପଦ୍ମରେ । ଉଭୟ ପ୍ରଭୁ ଓ ଭକ୍ତ ପ୍ରେମାବେଶରେ ଅଶ୍ରୁପାତ କଲେ । ଶ୍ରୀମନ୍ ମହାପ୍ରଭୁ ଭାବାବେଶରେ ପ୍ରେମାଲିଙ୍ଗନ ପ୍ରଦାନ କଲେ ଠାକୁର ହରିଦାସଙ୍କୁ । ହରିଦାସ ମହାପ୍ରଭୁଙ୍କୁ ବିନୀତ ପ୍ରାର୍ଥନା କଲେ "ମହାପ୍ରଭୁ ମୁଁ ହୀନ, ଅକିଞ୍ଚନ ଓ ଯବନ ସମ୍ଭୂତ । ଏ ପାପ ଶରୀର ସ୍ପର୍ଶ କରି ଲଜ୍ଜା ଦିଅନ୍ତୁ ନାହିଁ ।" ଦୟାବତାର ଗୌରଚନ୍ଦ୍ରମା ପୁନର୍ବାର ଗାଢ଼ ପ୍ରେମାଲିଙ୍ଗନ ପ୍ରଦାନ କରି କହିଲେ—ତୁମକୁ ସ୍ପର୍ଶ କରି ଆଜି ମୁଁ ପବିତ୍ର ହେଲି । ତୁମର ପବିତ୍ର ଧର୍ମନିଷ୍ଠା ମୋ ପକ୍ଷରେ ସୁଦୁର୍ଲ୍ଲଭ ।

"ତୋମା ସ୍ପର୍ଶି ପବିତ୍ର ହଇତେ ।,
ତୋମାର ପବିତ୍ର ଧର୍ମ ନାହିକ ଆମାତେ ।"
(ଚୈ. ଚ. ମଧ୍ୟ ୧୧ଶ)

କରୁଣା ଘନ ବିଗ୍ରହ ଗୌରଚନ୍ଦ୍ରମାଙ୍କ ନିର୍ଦ୍ଦେଶରେ ଠାକୁର ହରିଦାସ କାଶୀ ମିଶ୍ରଙ୍କ ପୁଷ୍ପ ବାଟିକା 'ସିଦ୍ଧ ବକୁଳ' ରେ ରହି ପ୍ରତ୍ୟହ ଶ୍ରୀମନ୍ଦିର ନୀଳଚକ୍ର ଓ ତ୍ରୈଲୋକ୍ୟ ମୋହିନୀ ପତିତ ପାବନ ପତାକାକୁ ଦର୍ଶନ କରି କୃତାର୍ଥ ହେଉଥିଲେ । ଶ୍ରୀମନ୍ ଗୌରଚନ୍ଦ୍ରମା ପ୍ରତ୍ୟହ ଠାକୁରଙ୍କ ପାଇଁ ମହାପ୍ରସାଦାନ୍ନ ଗୋବିନ୍ଦ ଦାସଙ୍କ ହସ୍ତରେ ପଠାଇ ଦେଉଥିଲେ ।

ଶ୍ରୀମନ୍ ମହାପ୍ରଭୁ ଅଶ୍ରୁ ଆପ୍ଲୁତ କଣ୍ଠରେ ଭକ୍ତଗଣଙ୍କ ଉଦ୍ଦେଶ୍ୟରେ କହିଲେ "ହରିଦାସଙ୍କ ଈଶ୍ୱରଭକ୍ତି ଓ ଭଗବତ ନିଷ୍ଠା ସହସ୍ର ମୁଖଧାରୀ ଶେଷନାଗ ମଧ୍ୟ ଅନନ୍ତ କୋଟି ବର୍ଷ ପର୍ଯ୍ୟନ୍ତ ବର୍ଣ୍ଣନା କରିବାକୁ ଅସମର୍ଥ । ଠାକୁରଙ୍କ ବୈଷ୍ଣବ ସୁଲଭ ସହିଷ୍ଣୁତା, ଔଦାର୍ଯ୍ୟ ଓ ଭଗବତ୍ ନିଷ୍ଠା ସମସ୍ତଙ୍କ ଅନୁକରଣୀୟ" ।

ଈଶ୍ୱରଙ୍କୁ ମନପ୍ରାଣ ଦେଇ ପ୍ରେମକର ଓ ନିରନ୍ତର ଗୁଣାନୁକୀର୍ତ୍ତନ କର—ଏହାହିଁ ଥିଲା ମହାପ୍ରଭୁଙ୍କ ଜୀବନର ଆଦର୍ଶ ।

"Love the Lord your God with all your heart, with all your soul and with all your mind. This is the greatest and the most important commandment."
(Luke 10 25-28)

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଶ୍ରୀମୁଖରୁ ଠାକୁର ହରିଦାସଙ୍କ ଦିବ୍ୟ ଜୀବନ ଚରିତ ଶ୍ରବଣ କରି ସମବେତ ଭକ୍ତଗଣ କୃତ୍ୟକୃତ୍ୟ ହେଲେ ଓ ଠାକୁରଙ୍କ ପରମ ପାବନ ପଦଧୂଳି ମସ୍ତକରେ ଧାରଣ କଲେ ।

ଅନ୍ତିମ ସମୟ ଘନେଇ ଆସିଲା । ତୃଷିତ ନୟନରେ ସନ୍ଥ ମହାତ୍ମା ଚାହିଁ ରହିଲେ ଗୌର ସୁନ୍ଦରଙ୍କ କୋଟି କନ୍ଦର୍ପଜିତ ତ୍ରୈଲୋକ୍ୟପାବନ ଶ୍ରୀମୁଖ ଚନ୍ଦ୍ରମାକୁ । ନେତ୍ର ଯୁଗଳ ପ୍ରେମାଶ୍ରୁପ୍ଲାବିତ ଓ ଅରୁଣ ଅଧରପୁଟରେ କରୁଣା ବରୁଣାଳୟ ଶ୍ରୀହରିଙ୍କ ପବିତ୍ର ନାମାବଳୀ । ଚାହିଁ ଚାହିଁ ମୁହୂର୍ତ୍ତକ ମଧ୍ୟରେ ଠାକୁରଙ୍କ ଅମରାତ୍ମା ନର ଶରୀର ତ୍ୟାଗକରି ଶ୍ରୀମନ୍ ମହାପ୍ରଭୁଙ୍କ ଦିବ୍ୟ ଚିନ୍ମୟ ଶରୀରରେ ଲୀନ ହୋଇଗଲା ।

" ତୁଟ ପକ୍ଷ ହେଲେ    କୋକିଳ ଅସଲ
ଭାଷଇ ମଧୁର ଭାଷା

ପୂଣ୍ୟ ପନ୍ଥ ହେଲେ ପରାଣ ଦେବତା
ପୂରଣ କରନ୍ତି ଆଶା । (ଗଙ୍ଗାଧର)

ସାଂସାରିକ ବିଷୟ ସୁଖ ବଂଚିତ ଅକିଞ୍ଚନ ଯବନ ହରିଦାସ ଆଜି ଶ୍ରୀମନ୍ ମହାପ୍ରଭୁଙ୍କ ଦିବ୍ୟାତିଦିବ୍ୟ ଶ୍ରୀଅଙ୍ଗରେ ଲୀନ ହୋଇ ପରମ ପଦର ଅଧିକାରୀ ହେଲେ ।

"No one can be a slave of two masters; he will hate one and love the other; he will be loyal to one and despise the other. You can not serve both God and Money." (Mathew-6)

ଶ୍ରୀମନ୍ ମହାପ୍ରଭୁ ପୂଣ୍ୟଶ୍ଳୋକ ହରିଦାସଙ୍କ ପ୍ରାଣହୀନ କଳେବରକୁ ହସ୍ତରେ ଉତ୍ତୋଳନ କରି ଉଦ୍ଦଣ୍ଡ ନୃତ୍ୟ କଲେ । ରାଜୀବ ଲୋଚନରୁ ଅଶ୍ରୁର ଫଲ୍‌ଗୁ ଛୁଟି ଚାଲିଥାଏ । ଶ୍ରୀ ଜଗନ୍ନାଥଙ୍କ ଶ୍ରୀଅଂଗ ଲଗି ଦଶାବତାର ପାଟରେ ଠାକୁରଙ୍କ ଶରୀରକୁ ଆବୃତ କରି ବିମାନରେ ବସାଇ ଦିଆଗଲା । ହରି ଧ୍ୱନିରେ ଗଗନ ମଣ୍ଡଳ ମୁଖରିତ ହେଲା । ଭକ୍ତଗଣ ଠାକୁରଙ୍କ ବିମାନକୁ ସ୍କନ୍ଧରେ ଧାରଣକରି ଚାଲିଥାଆନ୍ତି । ଖୋଳ, କରତାଳ, ମୃଦଙ୍ଗ, ଝାଞ୍ଜ ଓ ଘଣ୍ଟ ଧ୍ୱନିରେ ଗଗନ ପବନ ମୁଖରିତ ହେଉଥାଏ । ବିମାନ ସମ୍ମୁଖରେ ପାଣ୍ଡୁ ଲୋଚନ ଶ୍ରୀମନ୍ ଗୌରଚନ୍ଦ୍ରମା ଉଦ୍ଦଣ୍ଡ ନୃତ୍ୟ କରି ଚାଲିଥାଆନ୍ତି । ପୂଣ୍ୟତୋୟା ମହୋଦଧିରେ ଠାକୁରଙ୍କ ପାବନ ଶରୀରକୁ ସ୍ନାନ କରାଇ ମହାପ୍ରଭୁ ବାଷ୍ପ ଗଦ୍‌ଗଦ କଣ୍ଠରେ କହିଲେ "ଠାକୁରଙ୍କ ଅଙ୍ଗ ସ୍ପର୍ଶରେ ସାଗର ପବିତ୍ର ହୋଇ ଆଜି ମହାତୀର୍ଥରେ ପରିଣତ ହେଲା" । ଶ୍ରୀମନ୍ ମହାପ୍ରଭୁ ଠାକୁରଙ୍କ ପବିତ୍ର ଚରଣୋଦକ ନିଜେ ପାନ କରି ଭକ୍ତମାନଙ୍କ ମଧ୍ୟରେ ବିତରଣ କଲେ । ସ୍ୱହସ୍ତରେ ଅଞ୍ଜଳିଏ ବାଲୁକାରାଶି ପ୍ରଦାନକରି ସାଗର ତଟ ସୈକତ ସ୍ଥାନରେ ଶ୍ରୀମନ୍ ମହାପ୍ରଭୁ ହରିଦାସଙ୍କ ଦିବ୍ୟ ଶରୀରକୁ ସମାଧିସ୍ଥ କଲେ ଓ ଶୋକ ସନ୍ତପ୍ତ ଭକ୍ତଗଣଙ୍କ ସମେତ ସମାଧି ଚତୁର୍ପାର୍ଶ୍ୱ ପ୍ରଦକ୍ଷିଣ କରି ଶ୍ରୀହରିଙ୍କ ନାମାମୃତ ସଂକୀର୍ତ୍ତନ କଲେ । ଭକ୍ତଗଣଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚି ସ୍ୱବସ୍ତ୍ର ପ୍ରସାରଣ କରି ଠାକୁରଙ୍କ ବିଜୟୋତ୍ସବ ପାଇଁ ମହାପ୍ରସାଦ ଭିକ୍ଷା କଲେ ଶ୍ରୀମନ୍ ମହାପ୍ରଭୁ । ନାମାଚାର୍ଯ୍ୟ ଠାକୁର ହରିଦାସଙ୍କ ପରଲୋକ ଗମନ ସମ୍ବାଦ ପାଇ ଆବାଳବୃଦ୍ଧ ବନିତା ଶୋକ ସନ୍ତପ୍ତ ହେଲେ । ଠାକୁରଙ୍କ ବିଜୟୋତ୍ସବରେ ସ୍ୱୟଂ ଶ୍ରୀମନ୍ ଗୌରସୁନ୍ଦର ମହାପ୍ରସାଦ ପରିବେଷଣ କଲେ ଓ ପ୍ରସାଦ ସେବନ ପରେ ହସ୍ତ ଉତ୍ତୋଳନ କରି କହିଲେ, "ହରିଦାସଙ୍କ ସଂସର୍ଗ, ଦର୍ଶନ, ପଦୋଦକ ସେବନ ଓ ବିଜୟୋତ୍ସବ ଭକ୍ତ ଗଣଙ୍କୁ ଧନ୍ୟ କରିଛି । ସେମାନେ ପରମ କାରୁଣିକ ଶ୍ରୀମନ୍ ବ୍ରଜେନ୍ଦ୍ରନନ୍ଦନଙ୍କ କୃପାଧିକାରୀ ।"

"ଏ ମନ ! କି କରେ ବରନ୍ ବୁଝ
ସେ ବୁଝେ ସେ ବୁଝେ କନମ ହରନ୍
କେବଳ ଭକତି ମୂଳ

ଦେଖନା କେମନ୍ ସାଧନ କରିଲ,
ଗୋକୁଳେ ଗୋପେର ନାରୀ
ଜାତି କୁଲଚାରେ ଚଢେଇ କରିଲ
ସେ ହରି ଯେ ଭଜେ ତାରି


(ପ୍ରେମ

"The stone wich the builders rejected,
The same is become the head of the Corner

ଯୁଗଧର୍ମ ନାମ ସଂକୀର୍ତ୍ତନ ଓ ପ୍ରେମ ଦାନ
କର୍ଣ୍ଣଧାର ଶ୍ରୀମନ୍ ମହାପ୍ରଭୁ ଏବଂ ଭକ୍ତ ଦେବଦୁର୍ଲ୍ଲଭ
ଲୀଳାର ପ୍ରଧାନ ସହାୟକ ତଥା ଅନନ୍ୟତମ କଳାକାର ପୂଣ୍ୟ
ଠାକୁର ହରିଦାସ । ଠାକୁରଙ୍କ ତ୍ରୈଲୋକ୍ୟ ପାବନ
ଥିଲା ଶ୍ରୀମନ୍ ମହାପ୍ରଭୁଙ୍କ ପ୍ରଧାନ ସାଧନ କ୍ଷେତ୍ର ।
ଗୁଣାକର ପ୍ରେମାବତାର ଶ୍ରୀଗୌରାଙ୍ଗ ମହାପ୍ରଭୁ
ମହାଶୟଙ୍କ ପ୍ରତି ଅଚିନ୍ତନୀୟ ଭକ୍ତ ବାତ୍ସଲ୍ୟର ଚରମ
ପ୍ରତିପାଦନ କରିଛନ୍ତି । ହରିଦାସ ପୃଷ୍ଠଦେଶରେ ଯ
ବେତ୍ରାଘାତ ନିଜ ପୃଷ୍ଠରେ ବହନ କରି ଭକ୍ତି ରାଜ୍ୟରେ
ସୃଷ୍ଟି କରିଛନ୍ତି ଭଗବାନ ଗୌରସୁନ୍ଦର । ହରିଦାସଙ୍କ
ଅଭିଳାଷ ପୂରଣ କରିବା ସଙ୍ଗେ ସଙ୍ଗେ ନାମ ସଂକୀ
ଭକ୍ତ ମଣ୍ଡଳୀ ମଧ୍ୟରେ ଠାକୁରଙ୍କୁ ବିମାନରେ ବସାଇ
ଉଦ୍ଦଣ୍ଡ ନୃତ୍ୟ କରିଛନ୍ତି ଶ୍ରୀମନ୍ ମହାପ୍ରଭୁ ଏବଂ ପୂଣ୍ୟ
ମହୋଦଧିରେ ସ୍ନାନ କରାଇ ସ୍ୱହସ୍ତେ ବାଲୁକା ପ୍ରଦା
ସମାଧି ରଚନା କରିଛନ୍ତି କରୁଣାଘନ ବିଗ୍ରହ । ଶ୍ରୀ
ସ୍ୱଅଞ୍ଚଳ ପ୍ରସାରଣ କରି ମହାପ୍ରସାଦ ଭିକ୍ଷା ପୂର୍ବକ
ସେବା ସଂପାଦନ କରିଛନ୍ତି ବିଶ୍ୱମ୍ଭର ଗୌରସୁନ୍ଦର ।
ଭକ୍ତମାନଙ୍କ ଅନନ୍ୟ ଭକ୍ତ ବାତ୍ସଲ୍ୟର ଚରମ ନିଦ
କରୁଣାବରୁଣାଳୟ ଗୌର ଚନ୍ଦ୍ରମାଙ୍କ ଅହେତୁକୀ କୃ
କାର୍ଯ୍ୟରି ସ୍ପର୍ଶରେ ପିତୃମାତୃଶୂନ୍ୟ ସଂସାରିକ ଐଶ୍ୱର୍ଯ୍ୟ
ଯବନ ହରିଦାସ ଦିବ୍ୟ ଜୀବନ ତଥା ଅମରତ୍ୱର ଅ
ହେଲେ । ସେ ଆଜି ସମସ୍ତ ହିନ୍ଦୁ ସମାଜର ପ୍ରାତଃସ୍
ନମସ୍ୟ । ଧନ୍ୟ ମହାପ୍ରଭୁ ଗୌରଚନ୍ଦ୍ରମା ! ଧନ୍ୟ ତମ
ଭକ୍ତ ହରିଦାସ !

"The stone which the builders rejected
The same is become the head of the c
This is the Lord's doing.
And it is marvellous in our eyes."
(Holy

ସଂପାଦକ 'ମହାପ୍ରଭୁ', ବୃନ୍ଦାବନ ଧାମ,
ଲୋକନାଥ ରୋଡ୍, ପୁରୀ–୭୫୨୦୦୧



# ଆଦି ବନବାସୀ ଦେବତା ଏବଂ ଗାୟତ୍ରୀ

ଶ୍ରୀ ଭବାନୀ ଶଙ୍କର ପଣ୍ଡା

ବିଭ୍ରଷନଷ୍ଟ୍ର ଉଭୟାଁ ଅନୁବ୍ରତା
ଦୂତୋ ଦେବାନାଂ ରଜସୀ ସମୀୟସେ ।
ଯତେ ଧୀତିଂ ସୁମତିମାବୃଣୀମହେ-
ଧସ୍ମ ନସ୍ତ୍ରିବରୁଥଃ ଶିବୋ ଭବ ।

ସାମବେଦ ୭-୨-୯୩-୩

ହେ ସର୍ବଜ୍ଞ ପ୍ରଭୋ ! ଦେବମାନଙ୍କ ଦୁଃଖ ନାଶ କରି ନିଷ୍କାମ ଜ୍ଞାନୀମାନଙ୍କୁ ଓ ସାଧାରଣ ମନୁଷ୍ୟଙ୍କୁ ସେମାନଙ୍କ କର୍ମାନୁସାରେ ବିଭୂଷିତ କରି ଉତ୍ତମଲୋକରେ ସମ୍ୟକ୍ ଭାବରେ ବ୍ୟାପିଅଛି । ଯେହେତ ତୁମର ଧ୍ୟାନ ଓ ଉତ୍ତମ ଜ୍ଞାନକୁ ଆମେମାନେ ସ୍ୱୀକାର କରୁ, ତେଣୁ ହେ ତିନିଙ୍କ ମଧ୍ୟରେ ଶ୍ରେଷ୍ଠ ! ଆମମାନଙ୍କପାଇଁ କଲ୍ୟାଣକାରୀ ହୁଅ ।

ସାମବେଦର ଉକ୍ତ ମନ୍ତ୍ରର 'ତ୍ରିବରୁଥଃ' ଶବ୍ଦଟି ଏଠାରେ ଉଲ୍ଲେଖଯୋଗ୍ୟ । ପରମାତ୍ମାଙ୍କୁ ତିନିଙ୍କ ମଧ୍ୟରେ ଶ୍ରେଷ୍ଠବୋଲି ଏହିମନ୍ତ୍ରରେ ପ୍ରତିପାଦିତ କରାଯାଇଛି । ଏହି ତିନି କିଏ ?

ବେଦ ଭାଷ୍ୟକାରଗଣ ଏହି ତିନିଙ୍କି ପ୍ରକୃତି, ଜୀବ ଓ ବ୍ରହ୍ମବୋଲି ବ୍ୟାଖ୍ୟା କରିଛନ୍ତି । ଏହି ତିନି ତତ୍ତ୍ୱ ଓଡ଼ିଶାରେ ଅତି ପ୍ରାଚୀନ କାଳରୁ ଜଗନ୍ନାଥ (ବ୍ରହ୍ମ), ବଳଭଦ୍ର(ଜୀବ) ଓ ସୁଭଦ୍ରା (ପ୍ରକୃତି) ରୂପରେ ପୂଜା ପାଇ ଆସୁଅଛନ୍ତି ।

ଓଡ଼ିଶାର ଆଦି ବନବାସୀ କନ୍ଧ ଜାତିମାନଙ୍କ ମଧ୍ୟରେ ଏହି ତିନି ଦେବତାଙ୍କ ପୂଜା ବହୁକାଳରୁ ପ୍ରଚଳିତ ଥିବାର ବହୁ ପ୍ରମାଣ ମିଳିଛି । ପ୍ରତ୍ୟେକ ଗ୍ରାମର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଛମୂଳରେ ତିନୋଟି ପଥର ବା କାଠ ଏକା ଧାଡ଼ିରେ ପାଖାପାଖି ହୋଇ ଭୂମିରେ ପୋତାହୋଇ ଠିଆ କରାଯାଇଥାଏ । ସେମାନଙ୍କ ଉପରେ ଆଉ ଖଣ୍ଡିଏ ପଥର ବା କାଠ ଛାତ ଭଳି ଥୁଆ ହୋଇଥାଏ , ଏହି ତିନୋଟି ପଥର ବା କାଠ ତିନି ଦେବତାଙ୍କୁ ବୁଝାଏ. ମଝି ଦେବତାଟି ଡନାପେନୁ (ଧରଣୀ ଦେବୀ) ନିନାମେନ୍କ ବାମକୁ ମୁନଦୀ ପେନୁ (ସୋନଗାଉ) ଓ ଡାହାଣକୁ ଲାକେରୀ ପେନୁ (ବେଢ଼ ରାଉ କେତେକଙ୍କ ମତରେ ସ୍ୱାମୀ) । ଗବେଷକଗଣଙ୍କ ମତାନୁଯାୟୀ କାଳକ୍ରମେ ଏହି ତିନି ଦେବତା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରୂପେ ପୂଜାପାଇ ଆସୁଛନ୍ତି । ଉପର କାଠ ବା ପଥରଟି ସୁଦର୍ଶନ ରୂପେ ପୂଜା ପାଇଥାଆନ୍ତି।

ପୁରାଣ ଅନୁଯାୟୀ ଆଦିମ ବନବାସୀ ଶବରମାନେ ଯେଉଁ ଦେବତାଙ୍କୁ ନୀଳାଚଳରେ ପୂଜା କରୁଥିଲେ ସେ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ଚତୁର୍ଦ୍ଧାମୂର୍ତ୍ତି ରୂପେ ପ୍ରକାଶ ପାଇଲେ । ଉତ୍କଳର ଶୂଦ୍ରମୁନି ଶାରଳାଦାସ ସ୍ୱରଚିତ ମହାଭାରତରେ ଜଗନ୍ନାଥଙ୍କୁ ଶବରୀ ନାରାୟଣ ରୂପେ ବର୍ଣ୍ଣନା କରିଛନ୍ତି. ବେଦର ନିଷାଦୀୟ ସୂକ୍ତରେ 'ଆଦୌ ଯଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍' ଇତ୍ୟାଦି ବାକ୍ୟରେ ଦାରୁବ୍ରହ୍ମ ତତ୍ତ୍ୱକୁ ନିଷାଦ ବା ଶବରମାନେ ପୁରୁଷୋତ୍ତମ କ୍ଷେତ୍ରରେ ପୂଜା କରୁଥିବାର ପ୍ରାଚୀନ ଟୀକାକାରମାନଙ୍କର ମତ ।

## ଜଗନ୍ନାଥ ଓ ଗାୟତ୍ରୀ ମହାମନ୍ତ୍ର

ବ୍ରହ୍ମପୁରାଣ ଅନୁସାରେ ସତ୍ୟଯୁଗର ରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁମୂର୍ତ୍ତି ନିର୍ମାଣ କରାଇଥିଲେ, ମନ୍ଦିର ନିର୍ମାଣ କରାଇଥିଲେ, ବ୍ରହ୍ମାଙ୍କଦ୍ୱାରା ପ୍ରତିଷ୍ଠା କରାଇ ମୂର୍ତ୍ତିସ୍ଥାପନ କରିଥିଲେ । ଶ୍ରୀକ୍ଷେତ୍ରରେ ଅଶ୍ୱମେଧ ଯଜ୍ଞ କରିଥିଲେ । ପୁରୀର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଏହାର ସାକ୍ଷୀ ।

ଏଠାରେ ଉଲ୍ଲେଖଯୋଗ୍ୟ କି, ଜଗନ୍ନାଥ ବିଗ୍ରହ ବ୍ରହ୍ମାଙ୍କ ଦ୍ୱାରା ପ୍ରାଣ ପ୍ରତିଷ୍ଠା କରାଯାଇଥିବାରୁ ଗାୟତ୍ରୀ ମହାମନ୍ତ୍ରସହ ଏହି ବିଗ୍ରହମାନଙ୍କ ସମ୍ବନ୍ଧ ଥିବା ବିଶେଷ ସୁନିଶ୍ଚିତ ତଥା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ବହୁ ପ୍ରାଚୀନକାଳରୁ ଆଦିମାତା ଗାୟତ୍ରୀଙ୍କୁ ମହାମନ୍ତ୍ର ଆକାରରେ ନିରାକାର ପୂଜା ଆରାଧନା କରାଯାଉ [illegible]

ଆଦି ସାଧନା କରାଯିବାର ବିଧି ପ୍ରଚଳିତ ଥିଲା । ପରବର୍ତ୍ତୀ କାଳରେ ଗାୟତ୍ରୀ ତନ୍ତ୍ରସାଧକମାନେ ଗାୟତ୍ରୀ ଯନ୍ତ୍ର ଉଦ୍‌ଭାବନ କରି ପୂଜା ଆରାଧନା ପୂର୍ବକ ତନ୍ତ୍ର ସାଧନା କରିବାକୁ ଲାଗିଲେ, ଯାହାକି ଆଜି ପର୍ଯ୍ୟନ୍ତ ପ୍ରଚଳିତ । ଏହି ଯନ୍ତ୍ରକୁ ଲକ୍ଷ କଲେ ଜଗନ୍ନାଥ ବିଗ୍ରହସହ ବହୁସାମଞ୍ଜସ୍ୟ ଥିବା ପରିଲକ୍ଷିତ ହୁଏ ।

ବର୍ତ୍ତମାନର ଅସଂପୂର୍ଣ୍ଣ ମୂର୍ତ୍ତି ବିଷୟରେ ଗବେଷକମାନଙ୍କ ମତ ହେଉଛି, ଭାସ୍କର୍ଯ୍ୟ ବିଦ୍ୟାର ଶୈଶବାବସ୍ଥାରେ ଯନ୍ତ୍ର ଆକାର ଅନୁସାରେ କଳ୍ପିତ ମୂର୍ତ୍ତିକୁ ପୂର୍ଣ୍ଣାବୟବ କରିବାପାଇଁ ପରବର୍ତ୍ତୀ କାଳରେ ଚେଷ୍ଟାହୋଇଛି । ସେହି ଚେଷ୍ଟାର ଫଳସ୍ୱରୂପ ବର୍ତ୍ତମାନର ଆକାର ଦେଖାଯାଉଛି ।

ଏହା ଯେତିକି ସମ୍ଭବ, ଓଡିଶା ଆଦି ବନବାସୀଗଣ ଆଦିମାତା ଗାୟତ୍ରୀଙ୍କ ପୂଜା ଧରଣୀମାତାରୂପେ କରୁଥିବାର ସେତିକି ସମ୍ଭବ । ଏହି ତଥାକଥିତ ମୂର୍ତ୍ତିମାନ ହସ୍ତପାଦ ବିହୀନ । ଏପରିକି ନାକ, କାନ, ଆଖି, ମୁହଁ ଆଦି ମଧ୍ୟ ପରିଲକ୍ଷିତ ହୁଏ ନାହିଁ । ଅନେକ ସ୍ଥାନରେ ବର୍ଷକୁ ଥରେ ଆଖି କାନ ନାକ ଆଦି ବିଭିନ୍ନ ରଙ୍ଗରେ ତିଆରି କରାଯିବାର ଦେଖାଯାଏ ଏହା କାଳକ୍ରମେ ବର୍ତ୍ତମାନର ତିନିମୂର୍ତ୍ତିର ରୂପ ନେଇଥିବା ମନେହୁଏ । ଏହାମଧ୍ୟ ନିରାକାର ଓ ସାକାର ପୂଜାର ସମନ୍ୱୟ ର ପରିଚାୟକ ।

## ତ୍ରିପାଦ ଗାୟତ୍ରୀ ହିଁ ଜଗନ୍ନାଥ ତ୍ରିମୂର୍ତ୍ତି

ଗାୟତ୍ରୀ ମହାମନ୍ତ୍ରକୁ ତ୍ରିପାଦ ଗାୟତ୍ରୀ ବୋଲି କୁହାଯାଏ । (ଯଜୁଃ ୩୬-୩) ଗାୟତ୍ରୀ ମହାମନ୍ତ୍ରର ପ୍ରଥମ ଅକ୍ଷର ପ୍ରଣବ ଓଁକାର, ତିନିବ୍ୟାହୃତି (ଭୂଃ ଭୁବଃ ସ୍ୱଃ), ଓ ମୂଳ ମନ୍ତ୍ରର ତିନିଚରଣ, ତତ୍‌ସବିତୁର୍ବରେଣ୍ୟଂ, ଭର୍ଗୋଦେବସ୍ୟ ଧୀମହି, ଓ ଧିୟୋ ଯୋନଃ ପ୍ରଚୋଦୟାତ୍ ଉତ୍‌କଳରେ ଜଗନ୍ନାଥ ତିନିମୂର୍ତ୍ତି ରୂପେ ପୂଜା ପାଉଥିବାର ଅନେକ ପ୍ରମାଣ ମିଳୁଛି । ପୁନଶ୍ଚ ତିନିମୂର୍ତ୍ତିଙ୍କ ଅଷ୍ଟାଙ୍ଗକୁ ଗୋଟିଏ ଲେଖାଏଁ ପାଦବୋଲି ଧରାଗଲେ ତିନିମୂର୍ତ୍ତିଙ୍କ ତ୍ରିପାଦ ହେଲା ।

## ପ୍ରଣବ ଓ ଜଗନ୍ନାଥ

ବେଦରେ ଓଁକାର ବ୍ରହ୍ମ ବୋଲି ପ୍ରତିପାଦିତ ଏହି ଓଁ କାର ଅକାର ଉ କାର ଓ ମ କାରର ସମଷ୍ଟି (ଅ ଉ ମ) ଅକାର ବ୍ରହ୍ମାତ୍ମକ, ଉକାର ବିଷ୍ଣୁଆତ୍ମକ, ମକାର ଶିବାତ୍ମକ । ଏହି ତ୍ରିଦେବ ଶକ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରୂପେ ମୂର୍ତ୍ତି ମନ୍ତ ହୋଇଛନ୍ତି । ପୁନଶ୍ଚ ଓଁ କାର ତ୍ରିଗୁଣାତ୍ମକ ହୋଇ ଥିବାରୁ ତିନିମୂର୍ତ୍ତିର କଳ୍ପନା କରାଯାଇଛି ।

ଗାୟତ୍ରୀ ମହାମନ୍ତ୍ର ପ୍ରଣବାକ୍ଷର ଓଁ ଶବ୍ଦ "ଆପ୍ଳୃ-ବ୍ୟାପ୍ତୌ" ଓ "ଅବରକ୍ଷଣେ" ଧାତୁରୁ ସିଦ୍ଧ ହୋଇଛି । ଆପ୍ଳୃ ଧାତୁରୁ ନିର୍ମିତ ଓଁ କାରର ଅର୍ଥ ସର୍ବବ୍ୟାପୀ ଓ "ଅବ" ଧାତୁରୁ ନିର୍ମିତ ଓଁ କାର ଅର୍ଥ ସଂସାର ସାଗରରୁ ରକ୍ଷା କରୁଥିବା ମହାଶକ୍ତିକୁ ବୁଝାଏ । ଏହି ଉଭୟ ଅର୍ଥ ଜଗନ୍ନାଥଙ୍କୁ ହିଁ ମୂ… ଦେଉଛି ।

## ବ୍ୟାହୃତ ଓ ଜଗନ୍ନାଥ ତ୍ରିମୂର୍ତ୍ତି

ଭୂଃ, ଭୁବଃ ଓ ସ୍ୱଃ ଏହି ତିନି ଶବ୍ଦ ବେଦର ବ୍ୟା… ବା ସାର ବୋଲି ଅଭିହିତ । ଭୂଃ ବ୍ରହ୍ମ, ଭୁବଃ ପ୍ରକୃତି ଓ … ଜୀବାତ୍ମା ରୂପେ ପରିଚିତ । ଜଗନ୍ନାଥ ବ୍ରହ୍ମ, ସୁଭଦ୍ରା ପ୍ର… ଓ ବଳଭଦ୍ର ଜୀବାତ୍ମାର ପ୍ରତୀକ ମନେ କରାଯାଏ । ଏ… ବ୍ୟତୀତ ବ୍ରହ୍ମା, ବିଷ୍ଣୁ ଓ ମହେଶ ଉତ୍ପାଦକ, ପୋଷକ … ସଂହାରକ ଶକ୍ତିର ନାମ ମଧ୍ୟ ଭୂଃ, ଭୁବଃ ଓ ସ୍ୱଃ । ଜଗ… ବିଷ୍ଣୁ, ସୁଭଦ୍ରା, ବ୍ରହ୍ମା ଓ ବଳଭଦ୍ର ମହେଶ୍ୱର ରୂପେ ମଧ୍ୟ ଖ୍ୟା… ସତ୍ତ୍ୱ, ରଜ ଓ ତମ ଏହି ତ୍ରିଗୁଣକୁ ତ୍ରିପାଦଗାୟତ୍ରୀ କହ… ଜୀବ ତମଗୁଣୀ, ପ୍ରକୃତି ରଜଗୁଣୀ ଓ ପରମାତ୍ମା ସତ୍ତ୍ୱ… ଅଟନ୍ତି ।

## ପ୍ରଥମ ପାଦ ଓ ଜଗନ୍ନାଥ ତ୍ରିମୂର୍ତ୍ତି

ତତ୍ ସବିତୁର୍ବରେଣ୍ୟଂ । ତତ୍ ଅର୍ଥ ସେହି ପରମା… ସବିତା ବା ସୂର୍ଯ୍ୟଦେବତାଙ୍କ ପରି ବରଣୀୟ । ଭଗବଦ୍‌ଗୀତ… ଭଗବାନ ଶ୍ରୀକୃଷ୍ଣ କହିଛନ୍ତି–

ଓଁ ତତ୍‌ସଦିତି ନିର୍ଦ୍ଦେଶୋ ବ୍ରହ୍ମ ସ୍ତ୍ରିବିଧ ସ୍ମୃତଃ"

ଓଁ ତତ୍ ସତ୍ ଏହି ତିନି ବ୍ରହ୍ମ ନାମ ପରଂବ୍ରହ୍ମକୁ ବୁଝାଯା… ଅତଃ ତତ୍ ବ୍ରହ୍ମସ୍ୱରୂପ ଅଟନ୍ତି । ଗାୟତ୍ରୀ ମହାମନ୍ତ୍ର ତତ୍ … ହିଁ ପ୍ରାରମ୍ଭ ହୋଇଛି । ଏହି ପାରମ୍ଭିକ ଶବ୍ଦରେ ଈଶ୍… ଦିଗକୁହିଁ ସଂକେତ କରାଯାଇଛି ଯଦ୍ୱାରା ଏହି ପର… ପରମାତ୍ମାଙ୍କ ସର୍ବବ୍ୟାପକତାକୁ ଧ୍ୟାନରେ ରଖି ସାଧକ ବେ… ଭାବରେ ଦୁଷ୍କର୍ମରୁ ନିଜକୁ ରକ୍ଷା କରିବ ଯେପରିକି ପୋ… ସମ୍ମୁଖରେ ଦେଖି ଚୋରର ମଧ୍ୟ ଦୁଷ୍କର୍ମ କରିବାକୁ ସ… ହୁଏ ନାହିଁ । ସେହି ପରମାତ୍ମା ସମସ୍ତ ଜଡ଼ଚେତନରେ ପରି… ହୋଇ ଥିବାରୁ ତାଙ୍କୁ ମନେଇଥିବା ଅର୍ଥ ପ୍ରତ୍ୟେକ ଜଡ଼ … ସହିତ ସଦ୍‌ଭାବପୂର୍ଣ୍ଣ ବ୍ୟବହାର କରିବା ଯେପରି ସାଧ… ଧ୍ୟାନରେ ରହେ । ଜଗନ୍ନାଥ ନିଜକୁ ବିକଳାଙ୍ଗ କରି ବିକଳ… ସେବା ପ୍ରତି ଧ୍ୟାନ ଦେବା ପାଇଁ ମନୁଷ୍ୟର ଦୃଷ୍ଟିଆକର୍ଷଣ କରୁ… ଜଡ଼ ବା ମାଟି ଗୋଡ଼ି ପ୍ରତି ସଦ୍‌ଭାବନା ମାତୃଭୂମି ପ୍ରତି ପ… ଏହା ଦେଶ ପ୍ରେମ ବା ବିଶ୍ୱପ୍ରେମ ପଦବାଚ୍ୟ । ଏହା … ମାତା ସୁଭଦ୍ରାଙ୍କ ପ୍ରେରଣା ।

ସବିତା ଶବ୍ଦଦ୍ୱାରା ସାଧାରଣତଃ ସୂର୍ଯ୍ୟଙ୍କର ଅର୍ଥ ପ୍ରକଟିତ … ସୂର୍ଯ୍ୟ ପରମାତ୍ମାଙ୍କର ଅପ୍ରତ୍ୟକ୍ଷ ଶକ୍ତି । ସେ ତେଜ ରୂ… ଆମର ଚର୍ମନେତ୍ରରେ ପ୍ରତିଭାତ ହୁଅନ୍ତି । କୃଷ୍ଣ ପଦ୍… କହନ୍ତି–

ସବିତା ବୈ ପ୍ରସବ ନାମିଶେ ।

ନିଶ୍ଚୟ ହିଁ ସମସ୍ତ ସୃଷ୍ଟିର ଈଶ୍ୱର ସବିତା ଅଟନ୍ତି ।

ପୁନଶ୍ଚ ଭବିଷ୍ୟ ପୁରାଣରେ ଉଲ୍ଲେଖ ଅଛି–

ନମଃ ସବିତ୍ରେ ଜଗଦେକ ଚକ୍ଷୁଷେ
ଜଗତ୍ପ୍ରସୂତି ସ୍ଥିତି ନାଶ ହେତବେ ।

ତ୍ରୟୀମୟାୟ ତ୍ରିଗୁଣାତ୍ମଧାରିଣେ
ବିରଞ୍ଚି ନାରାୟଣ ଶଙ୍କରାତ୍ମନେ ।

ଏହି ସଂସାର ଏକ ନେତ୍ର ସ୍ୱରୂପ ଜଗତର ଉତ୍ପତ୍ତି, ପାଳନ, ସଂହାରର କାରଣ, ବେଦ ତ୍ରୟୀମୟ ତ୍ରିବିଦ୍ୟା ତ୍ରିଗୁଣାତ୍ମକ ବ୍ରହ୍ମା, ବିଷ୍ଣୁ, ଶଙ୍କର ସ୍ୱରୂପ ଆଦିତ୍ୟ ଭଗବାନଙ୍କୁ ନମସ୍କାର ।

ସୁତରାଂ ଜଗନ୍ନାଥ ଜଗତର ନେତ୍ର ସ୍ୱରୂପ ହୋଇଥିବାରୁ ତାଙ୍କୁ ଚକାଡୋଳା ବୋଲି କହନ୍ତି । ସେହି ନେତ୍ର ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପରି ନେତ୍ର ନହୋଇ ଚକା ବା ଗୋଲାକାର ହୋଇଥିବାର ବିଶେଷ ତାତ୍ପର୍ଯ୍ୟ ହେଉଛି ପରମାତ୍ମା ସମଦୃଷ୍ଟି ସଂପନ୍ନ । ସବିତା ବା ସୂର୍ଯ୍ୟ ମଧ୍ୟ ସମଦୃଷ୍ଟି ସଂପନ୍ନ । ସେ ସମସ୍ତ ସଚରାଚର ପ୍ରାଣୀ ଜଗତକୁ ସମାନଭାବରେ କିରଣ ଓ ତାପ ପ୍ରଦାନ କରନ୍ତି । ତେଣୁ ଗାୟତ୍ରୀ ସାଧକ ସବିତା ଦେବତାଙ୍କୁ ଧ୍ୟାନ କରି ସମଦୃଷ୍ଟି ସଂପନ୍ନ ବା ସମସ୍ତଙ୍କ ପ୍ରତି ସମାନନ୍ୟାୟ କରିବା ପାଇଁ ଏବଂ କୌଣସି ଭେଦ ବିଚାର ନ ରଖିବା ପାଇଁ ସାଧନା କରନ୍ତି । ସବିତା ଦେବତା ତେଜସ୍ୱୀ ଅଟନ୍ତି । ତେଣୁ ଗାୟତ୍ରୀ ସାଧକ ଆତ୍ମିକ, ବୌଦ୍ଧିକ, ଆର୍ଥିକ ତଥା ଶାରୀରିକ ତେଜ ପାଇଁ ସାଧନା କରନ୍ତି ।

ବରେଣ୍ୟଂ କହନ୍ତି ଶ୍ରେଷ୍ଠଙ୍କୁ, ବରଣ କରିବା, ଗ୍ରହଣ କରିବା ଏବଂ ଧାରଣ କରିବା ଯୋଗ୍ୟଙ୍କୁ । ଈଶ୍ୱରୀୟ ସତ୍ତାରେ ଉଭୟ ଉପଯୋଗୀ ଓ ଅନୁପଯୋଗୀ ତତ୍ତ୍ୱ ବିଦ୍ୟମାନ । ତେଣୁ ଗୀତାରେ ଭଗବାନ ଶ୍ରୀକୃଷ୍ଣ ମୁଁ ସବୁକିଛି ବୋଲି କହିଛନ୍ତି ଏବଂ ମନୁଷ୍ୟକୁ ତହିଁରୁ ଶ୍ରେଷ୍ଠ ତତ୍ତ୍ୱ ବାଛିନେବାକୁ ପ୍ରେରଣା ଦେଇଛନ୍ତି । ଭଗବାନ ମନୁଷ୍ୟକୁ ବୁଦ୍ଧି ପ୍ରଦାନ କରି ପୁଣି ସ୍ୱାଧୀନତା ଦେଇଥିବାରୁ ମନୁଷ୍ୟ ନିଜର ବୁଦ୍ଧିକୁ ଦୁର୍ବୁଦ୍ଧିରେ ପରିଣତ କରି ଭଗବାନଙ୍କ ଭଣ୍ଡାରରୁ ମରୁଦ୍ୱୀପର ମାୟା ମରିଚିକାର ମୋହରେ ନିକୃଷ୍ଟ ତତ୍ତ୍ୱ ସବୁ ବାଛି ନେଇ ସବୁ ସମସ୍ୟା ସୃଷ୍ଟି କରେ । ଜଗନ୍ନାଥ ମଣିଷକୁ ବୁଦ୍ଧିର ବଳଦେଇ ସମସ୍ତ ଜୀବଜଗତ ତଥା ପ୍ରକୃତିକୁ ଉଦ୍ବୋଧିତ ବ୍ୟବହାର କରିବା ପାଇଁ ସଦ୍ ପ୍ରେରଣା ଦେଉଥିବାରୁ ସେ ବରଣୀୟ ଏବଂ ତାଙ୍କ ମାର୍ଗଦର୍ଶନ ଅନୁଯାୟୀ ଯେଉଁ ମନୁଷ୍ୟ କାର୍ଯ୍ୟକରେ ସେ ବଳଭଦ୍ର ଉପାଧି ଧାରଣ କରେ । ଭଗବାନଙ୍କ ବଡ ଭାଇର ଆସନରେ ଆସୀନ ହୋଇ ଲୋକ ସମ୍ମାନ ଲାଭ କରେ ।

ପୁରାଣରେ ବଳଭଦ୍ରଙ୍କ ପ୍ରଧାନ ଅସ୍ତ୍ର ଲଙ୍ଗଳର ବର୍ଣ୍ଣନା କରାଯାଇଛି । ଲଙ୍ଗଳ ମନୁଷ୍ୟର ଦାରିଦ୍ର୍ୟ ଦୂର କରିବାର ପ୍ରଧାନ ଅସ୍ତ୍ର । କୃଷକ ଏହାକୁ ନିଷ୍କାମ କର୍ମରେ ବ୍ୟବହାର କରି (ସମାଜପାଇଁ କୃଷିଫଳ ନାମକୁ ମାତ୍ର ମୂଲ୍ୟରେ ତ୍ୟାଗକରି) ସମାଜରେ ବରଣୀୟ ସ୍ଥାନ ଗ୍ରହଣ କରିଛି । ସୁତରାଂ ଜଗନ୍ନାଥ ସଂସ୍କୃତି ପୃଥିବୀରେ କୃଷକକୁ ସର୍ବଶ୍ରେଷ୍ଠ ସ୍ଥାନ ଦେଇ ଆଜ ପୃଥିବୀରେ ଏକ ମହାନ ଜାତି ହିନ୍ଦୁମାନଙ୍କର ବରଣୀୟ ହୋଇଛି ।

ଈଶ୍ୱରଙ୍କ ବରେଣ୍ୟ ସତ୍ତାକୁ ଗାୟତ୍ରୀ ମହାମନ୍ତ୍ରରେ ପ୍ରତିମନ୍ତ୍ରିତ କରାଯାଇଛି । ଏହାଦ୍ୱାରା ସାଧକର ଦୃଷ୍ଟିକୋଣ ଶ୍ରେଷ୍ଠ ହୁଏ ଏବଂ ସେ କୌଣସି ପରିସ୍ଥିତିରେ ଶ୍ରେଷ୍ଠତାର ସ୍ୱର୍ଗୀୟ ଅନୁଭୂତି ଲାଭ କରେ । ସାୟଣ ବିଦ୍ୟାରଣ୍ୟଙ୍କ ଅନୁଯାୟୀ –ବରେଣ୍ୟଂ ଆଦରଣୀୟମ୍" ବରେଣ୍ୟ ଅର୍ଥାତ୍ ଆଶ୍ରୟ ନେବା ଯୋଗ୍ୟ । ଜଗନ୍ନାଥଙ୍କ ଠାରେ କିଏ ଆଶ୍ରୟ ନ ନେବ ?

## ଦ୍ୱିତୀୟ ପାଦ ଓ ଜଗନ୍ନାଥ ଶ୍ରୀମୂର୍ତ୍ତି

ଦୁର୍ଗୁଣକୁ, ଅଜ୍ଞାନଅନ୍ଧକାରକୁ ନାଶ କରୁଥିବା ପରମାତ୍ମାଙ୍କ ତେଜ ଶକ୍ତିକୁ 'ଭର୍ଗ' କୁହାଯାଏ । ଏହି ଶକ୍ତିର ମଧ୍ୟ ଆମର ଯେତିକି ଆବଶ୍ୟକତା ଅଛି ସେତିକି ବରେଣ୍ୟ ଶକ୍ତିର । ଆମକୁ ଶ୍ରେଷ୍ଠତା ପ୍ରତି ଲକ୍ଷ୍ୟ ରଖିବାକୁ ହେବ, ପରନ୍ତୁ ଦୁର୍ଗୁଣ ପ୍ରତି ଆଖି ବୁଜିଦେଲେ ପ୍ରଗତି ସମ୍ଭବ ନୁହେଁ । ଗାୟତ୍ରୀ ମହାମନ୍ତ୍ରର ସେହି ଈଶ୍ୱରୀୟ ଭର୍ଗ ବା ତେଜ ଓ ଶ୍ରେଷ୍ଠତ୍ୱକୁ ଧାରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯଦ୍ୱାରା ଆମେ ଦୁର୍ଗୁଣ, ପାପ, ଦୁର୍ବଳତା ଓ କୁପ୍ରବୃତ୍ତିରୁ ନିଜକୁ ସାବଧାନ କରି ପାରିବା ଏବଂ ସେମାନଙ୍କୁ ଧ୍ୱଂସ କରିବା ପାଇଁ ସଦାସର୍ବଦା ଧର୍ମଯୁଦ୍ଧରେ ରତ ରହିବା ପାଇଁ ସମର୍ଥ ହେବା । ଗୀତାରେ ଭଗବାନ ଅର୍ଜୁନଙ୍କୁ ସଦା ଯୁଦ୍ଧରେ ରତ ରହିବା ପାଇଁ ଉପଦେଶ ଦେଇଛନ୍ତି । ଏହି ସତତ ଯୁଦ୍ଧ ନିଜ ପ୍ରବୃତ୍ତିର ବିରୁଦ୍ଧରେ ହେବା ଉଚିତ୍ । ଦୁଷ୍କର୍ମରୁ ନିଜକୁ ରକ୍ଷା କରିବା ପରୋପକାର ସହିତ ସମାନ । ସ୍କନ୍ଦ ପୁରାଣ କହନ୍ତି :

ସବିତାସ୍ତ୍ରୁତ୍ତ୍ରେସ୍ତୁ ବରେଣ୍ୟ ସର୍ବ ଜନ୍ତୁଭିଃ ।
ଭଜନୀୟ ଦ୍ୱିଜାଃ ଭର୍ଗଃ ତେଜଶ୍ଚୈତନ୍ୟ ଲକ୍ଷଣମ୍ ॥

ହେ ଦ୍ୱିଜଗଣ ନିଜ ତଥା ଅନ୍ୟର ସଂସାରକୁ ସବିତା ଦେବ ଆତ୍ମରୂପ ତଥା ସମସ୍ତ ଜୀବଜନ୍ତୁଙ୍କ ପ୍ରାର୍ଥନୀୟ ଚୈତନ୍ୟ ରୂପୀ ତେଜ ତୁମମାନଙ୍କ ଦ୍ୱାରା ଭଜନୀୟ ଅଟନ୍ତି ।

ଜଗନ୍ନାଥ ଓ ସଚରାଚର ଜୀବଜନ୍ତୁଙ୍କ ପ୍ରାର୍ଥନୀୟ । ସେ ପାପୀ ବା ପତିତର ଉଦ୍ଧାର କରନ୍ତି । ଅନ୍ୟ ଭାଷାରେ, ଦୁଷ୍କର୍ମ କରୁଥିବା ବ୍ୟକ୍ତିକୁ ପ୍ରେରଣା ଦେଇ ଦୁଷ୍କର୍ମରୁ ରକ୍ଷା କରନ୍ତି । ତେଣୁ ସେ ପତିତପାବନ ନାମ ଉଡ଼ାଉଛନ୍ତି ।

## ଭର୍ଗ ଶବ୍ଦ ଓ ବଳଭଦ୍ର

ତେଜ, ବଳ ଓ ଶକ୍ତିକୁ ଧାରଣ କରିବା ମନୁଷ୍ୟପାଇଁ ଅତ୍ୟନ୍ତ ଆବଶ୍ୟକ । କାରଣ, ବଳ ବିନା ନା ଜୀବନ ଧାରଣ କରିବା ସମ୍ଭବ, ନା ଉନ୍ନତି ସମ୍ଭବ, ନା ଘାତକ ତତ୍ତ୍ୱଠାରୁ ଆତ୍ମରକ୍ଷା କରିବା ସମ୍ଭବ । ଦୁର୍ବଳକୁ ଦେଖି ଯେ କୌଣସି ବଳବାନଙ୍କୁ ରକ୍ଷା ସମ୍ଭବ । ଦୁର୍ବଳକୁ ଦେଖି ଯେ କୌଣସି ବଳବାନଙ୍କୁ, ସାଧାରଣତଃ, ଆକ୍ରମଣ ଅନ୍ୟାୟ ଏବଂ ଶୋଷଣ କରିବା ପାଇଁ

ଲାଳସା ଜାଗ୍ରତ ହେବା ଆଜିକାଲିର ଏକ ସ୍ୱାଭାବିକ ଦୁର୍ଗୁଣରେ ପରିଣତ ହୋଇଛି । ସୁତରାଂ ନ୍ୟାୟ ରକ୍ଷା ନିମିତ୍ତ ଯେଉଁଠି ବଳବାନ ଲୋକ ଧର୍ମାତ୍ମା ହେଉଛି ସେଉଠି ଦୁର୍ବଳ ଲୋକଙ୍କୁ ମଧ୍ୟ ନିଜର ବଳବୃଦ୍ଧି କରିବା ଆବଶ୍ୟକ । 'ଭର୍ଗ' ଶବ୍ଦର ପ୍ରେରଣା ହେଉଛି ଆମେ ନିଜର ଶାରୀରିକ, ବୌଦ୍ଧିକ, ଆର୍ଥିକ ଶକ୍ତିଗୁଡ଼ିକ ତଥା ସଂଗଠନ ବୃଦ୍ଧି କରିବା ଉଚିତ୍ ଯଦ୍ୱାରା ଦୁର୍ବଳତା ତଥା ଅନ୍ୟ ବିପଦରୁ ନିଜକୁ ରକ୍ଷା କରି ପାରିବା । ଏହି ତତ୍ତ୍ୱ ବଳଭଦ୍ର ମୂର୍ତ୍ତିରେ ସାକାର ହୋଇଛି ମାତ୍ର ।

## 'ଦେବ' ଶବ୍ଦ ଓ ଜଗନ୍ନାଥ

ଦେବ କହନ୍ତି ଦିବ୍ୟକୁ, ଅଲୌକିକ, ଅସାଧାରଣକୁ । ଆମେ ସାଧାରଣତଃ ଦେଖୁ, ସଂସାରରେ ଲୋକେ ନିଜ ସ୍ୱାର୍ଥ ପୂର୍ତ୍ତିରେ, କାମନା ତୃପ୍ତିରେ ସଦା ସର୍ବଦା ନିମଗ୍ନ ରହନ୍ତି, ଅନ୍ୟଠାରୁ କିଛି ନେଇ ସଞ୍ଚୟ କରିବା ସେମାନଙ୍କର ଲକ୍ଷ୍ୟ । କିନ୍ତୁ ସେହି ଅସାଧାରଣ ବ୍ୟକ୍ତି ଯିଏ ନିଜ ଶକ୍ତି ଓ ସାମର୍ଥ୍ୟକୁ ଶୋଷଣରେ ନ ଲଗାଇ ପରମାର୍ଥ (ପରୋପକାର) ନିମିତ୍ତ ସମର୍ପଣ କରନ୍ତି ତାଙ୍କୁ ଦେବତା କହିବା ହିଁ ସମୀଚୀନ ହେବ । ସେ ଦିବ୍ୟ ସିଦ୍ଧାନ୍ତକୁ ସମ୍ମୁଖରେ ରଖି ସେହି ଆଧାର ଉପରେ ନିଜ କର୍ତ୍ତବ୍ୟକୁ ନିର୍ଣ୍ଣୟ କରନ୍ତି ଏବଂ ଯେତେବଡ଼ ପ୍ରଲୋଭନ ଆକର୍ଷଣ, ଆସିଲେ ମଧ୍ୟ କର୍ତ୍ତବ୍ୟଚ୍ୟୁତ ହୁଅନ୍ତି ନାହିଁ । ଲୋକେ କୁହନ୍ତି, ଦେବତା ସ୍ୱର୍ଗରେ ରହନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି ପରମାର୍ଥୀମାନେ ସେହି ଦିବ୍ୟ ଲୋକରେ ବିଚରଣ କରନ୍ତି ଯାହା ସ୍ୱାର୍ଥ ଓ ସଂକୀର୍ଣ୍ଣତାର କ୍ଷୁଦ୍ରତାଠାରୁ ସେତେ ଉଚ୍ଚରେ ଅଛି, ଯେତିକି ଉଚ୍ଚରେ ପୃଥିବୀରୁ ସ୍ୱର୍ଗ ବିଦ୍ୟମାନ ଥିବାର କଳ୍ପନା କରାଯାଇ ପାରେ । ସୁତରାଂ ସ୍ୱାର୍ଥ ଓ ସଂକୀର୍ଣ୍ଣତା ପରିତ୍ୟାଗ କଲେ ଯେଉଁ ଆନନ୍ଦ ମିଳେ ତାକୁହିଁ ସ୍ୱର୍ଗୀୟ ଆନନ୍ଦ କୁହାଯାଏ । ପୁନଶ୍ଚ ନୈତିକତାକୁ ଲଂଘନ ନ କଲେ ଅଧୁନା ଅତ୍ୟଧିକ ଧନ ସଂଗ୍ରହ ସମ୍ଭବ ନୁହେଁ । ଅତଏବ ଅନ୍ୟକୁ ଦରିଦ୍ର କରି ସ୍ୱୟଂ ଅତ୍ୟଧିକ ଧନ ସଂଗ୍ରହ ନିଶ୍ଚୟ ଦୁଃଖମୟ ଅଟେ ।

ଏଠାରେ ଉଲ୍ଲେଖଯୋଗ୍ୟ କି ଜଗନ୍ନାଥ ନିଜ ହାତର ପାପୁଲି ଓ ଗୋଡ଼ ଦୁଇଟିକୁ ଗୁପ୍ତ କରି ଶତ ହସ୍ତରେ ଧନ ସଂଗ୍ରହ ଓ ସହସ୍ର ହସ୍ତରେ ବଣ୍ଟନର ବୈଦିକ ଚିନ୍ତାଧାରାର ପ୍ରେରଣା ମାତ୍ର ଦେଉଛନ୍ତି । ନିଜକୁ ଶାରୀରିକ ଅସମର୍ଥ ରୂପେ ପ୍ରଦର୍ଶନ କରି ଜଗନ୍ନାଥ ଶାରୀରିକ ଅସମର୍ଥ ଲୋକଙ୍କୁ ଧନ ବଣ୍ଟନରେ ସମର୍ଥନ କରନ୍ତି । ଜଗନ୍ନାଥ ନିଜ ଲଙ୍ଗୋଟି ପରକୁ ଦେଇ ଶୀତ ପଡ଼ିଲେ ଲଙ୍ଗଳା ହୋଇ ନ୍ୟାୟରେ ନିଜର ହାତ ଗୋଡ଼କୁ ମଣିଷକୁ ଦାନ କରି ଦେଇ ନିଜକୁ ମଣିଷ ବିହୁନେ ଅସଂପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି । ମଣିଷ ଭଗବାନଙ୍କ ଅନୁପୂରକ । ଭଗବାନଙ୍କ ସୃଷ୍ଟି ସେ ପର୍ଯ୍ୟନ୍ତ ଅସଂପୂର୍ଣ୍ଣ ଯେ ପର୍ଯ୍ୟନ୍ତ ମନୁଷ୍ୟ ନିଜକୁ ଦେବତାର ଜୀବନ ଯାପନର ଲକ୍ଷ୍ୟରେ ଉପନୀତ ନ କରିଛି । ବେଦ କହନ୍ତି-ମନୁର୍ଭବ ଜନୟ ଦୈବ୍ୟଂ ଜନମ ।

(ଋକ୍ ୧୦।୫୩।୬)

ହେ ମନୁଷ୍ୟ ! ମନୁଷ୍ୟ ହୁଅ ! ! ଦେ...
ସନ୍ତାନ ଜନ୍ମ କର ! ! !

ବର୍ତ୍ତମାନ ଜଗନ୍ନାଥ ମନୁଷ୍ୟଙ୍କୁ ନିଜର ସୃଷ୍ଟି...
ଧ୍ୱଂସର ଦାୟିତ୍ୱ ଦେଇଛନ୍ତି । ଏହି ଦାୟିତ୍ୱ ପାଳନ...
ମନୁଷ୍ୟଙ୍କୁ ଜଗନ୍ନାଥଙ୍କ ହାତ ଓ ଗୋଡ଼ର ଭୂମିକା ସ...
କରି ତାଙ୍କ ସୃଷ୍ଟିକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବାର...
ଦାୟିତ୍ୱ ବହନ କରିବାକୁ ହେବ । ସୃଷ୍ଟି, ସ୍ଥିତି ଓ...
ଏକ ସମନ୍ୱୟ ଆଣିବା ପାଇଁ ଜଗନ୍ନାଥ, ବଳଭଦ୍ର ଓ...
ଏକାସନରେ ଉପବେଶନ କରି ମନୁଷ୍ୟଙ୍କୁ ଉତ୍ପାଦନ...
ଓ ସଂଶୋଧନ କାର୍ଯ୍ୟରେ ସମନ୍ୱୟ ଆଣିବା ପାଇଁ...
ଦେଇଛନ୍ତି ।

ଏହାହିଁ ଜଗନ୍ନାଥ ସଂସ୍କୃତି ଓ ବର୍ତ୍ତମାନ ପରି...
ଧାରା ପୃଥିବୀର ମଣିଷ ସମାଜ ଦ୍ୱାରା ଗ୍ରହ...
ସର୍ବଶ୍ରେଷ୍ଠନୀତି ।

ଜଗନ୍ନାଥ ସଂସ୍କୃତି ଅର୍ଥାତ ଗାୟତ୍ରୀ ସଂସ୍କୃତି । ...
ମହାମନ୍ତ୍ରର ସାଧନା ଦ୍ୱାରା ପରମାତ୍ମାଙ୍କର ସେଉ...
କୁ ସ୍ମରଣ କରାଯାଏ । ଏହାଦ୍ୱାରା ସାଧକ ଦିବ୍ୟ...
ଦିବ୍ୟ ତତ୍ତ୍ୱ ଦ୍ୱାରା ଦିବ୍ୟ ସିଦ୍ଧାନ୍ତ ଓ ଦିବ୍ୟ ବିଶ୍ୱାସ...
ତାହାର ଅନ୍ତଃକରଣ ପୂର୍ଣ୍ଣ ହୋଇଯାଏ ଏବଂ ତାହାର...
ତଥା କାର୍ଯ୍ୟରେ ଦିବ୍ୟତା ଓତଃ ପ୍ରୋତଃ ହୋ...
ମୃତ୍ୟୁପରେ, ପୁଣ୍ୟ ବଳରେ ଯେଉଁ ଦିବ୍ୟଲୋକ...
କଳ୍ପନା କରାଯାଏ, ଗାୟତ୍ରୀ ସାଧନା ଦ୍ୱାରା ଏହି...
ଜୀବନ କାଳରେ ତାହା ସମ୍ଭବ ହୋଇପାରେ । ...
ଜଗନ୍ନାଥ ତତ୍ତ୍ୱ ।

## 'ଧୀମହି' ଶବ୍ଦ ଓ ଜଗନ୍ନାଥ ବିମୂ...

ଧୀମହି ଧ୍ୟାନକୁ କହନ୍ତି, ଧ୍ୟାନର ଚମତ୍କାର...
ଅଛେ । ଯେଉଁ ବସ୍ତୁକୁ ଆମେ ଧ୍ୟାନକରୁ ...
ଆମର ମନ କେନ୍ଦ୍ରୀଭୂତ ହୁଏ । ତା'ଉପରେ ଅ...
ଉତ୍ପନ୍ନ ହୁଏ । ଏବଂ ତାକୁ ପ୍ରାପ୍ତ କରିବା ପାଇଁ...
ବୃଦ୍ଧିପାଏ । ଏହି ଆକାଂକ୍ଷାରୁ ପ୍ରଯତ୍ନ ଉତ୍ପନ୍ନ ହୁଏ...

ସୁତରାଂ ଧ୍ୟାନ ବୀଜ ଅଟେ ଏବଂ ସଫଳ...
ଅଟେ । ବୀଜ ଯେପରି କ୍ରମିକ ଅବସ୍ଥା ପ୍ରାପ୍ତ...
ଫଳକୁ ପ୍ରାପ୍ତ ହୁଏ ସେପରି ଧ୍ୟାନମଗ୍ନ ଯେ...
ପ୍ରାପ୍ତ କରନ୍ତି ।

ଜଗନ୍ନାଥ ତ୍ରିମୂର୍ତ୍ତିଙ୍କୁ ଦେଖିଲେ ମନେ ହୁଏ, ସବେ...
ସେମାନେ ଅନନ୍ତ କାଳରୁ ଧ୍ୟାନମଗ୍ନ । ଧ୍ୟାନ ...
ସାଧାରଣତଃ ଚକ୍ଷୁ ବନ୍ଦ କରାଯାଏ । ବା ଅର୍ଦ୍ଧ ଉ...
ନାସାଗ୍ରକୁ ଧ୍ୟାନ କରାଯାଏ । କିନ୍ତୁ ଜଗନ୍ନାଥ...
ଚକ୍ଷୁ ପୂର୍ଣ୍ଣ ଉନ୍ମୁକ୍ତ କରି ଧ୍ୟାନମଗ୍ନ ଥିବାର ଦେ...

ଏହାର ତାତ୍ପର୍ଯ୍ୟ ହେଉଛି, ସାଧନା ବା କୌଣସି କାର୍ଯ୍ୟପାଇଁ ପ୍ରଯତ୍ନଶୀଳ ହେବା ବେଳେ ପରମାର୍ଥ ପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ନ ଦେଇ ଜଗତର ହିତ ପ୍ରତି ପୂର୍ଣ୍ଣ ଦୃଷ୍ଟି ଦେବାକୁ ହେବ । ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋ ନମଃ । ଯୋଗେଶ୍ୱର କୃଷ୍ଣ ଜଗତର ହିତପାଇଁ ଆଜୀବନ ପ୍ରଯତ୍ନଶୀଳ ଥିଲେ । କାଳିଆ ଜଗନ୍ନାଥ ତାହାହିଁ ପ୍ରେରଣା ଦେଉଛନ୍ତି । ଧ୍ୟାନ ସଂସାର ବୃକ୍ଷ ବା ଦାରୁର ମୂଳ ବୀଜ ହୋଇଥିବାରୁ ଜଗନ୍ନାଥ ନିଜ ଶରୀରକୁ ବୃକ୍ଷରେ ନିର୍ମାଣ କରି ଦାରୁବ୍ରହ୍ମ ତତ୍ତ୍ୱର ପ୍ରତିପାଦନ କରୁଛନ୍ତି ।

## ତୃତୀୟପାଦ ଓ ଜଗନ୍ନାଥ ତ୍ରିମୂର୍ତ୍ତି

'ଧୀ' ଶବ୍ଦର ଅର୍ଥ ଧାରଣ କରିବା । ପରମାତ୍ମା ସମସ୍ତ ଉତ୍ତମ ଗୁଣର ସମୁଚ୍ଚୟ । ସମସ୍ତ ଶକ୍ତିର ଆଧାର । ଗାୟତ୍ରୀ ମହାମନ୍ତ୍ରର ପୂର୍ବାର୍ଦ୍ଧର ସବିତା, ବରେଣ୍ୟଂ, ଭର୍ଗ ଓ ଦେବଶକ୍ତି ସମ୍ପନ୍ନ ଜଗନ୍ନାଥଙ୍କର ଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ଈଶ୍ୱରଙ୍କର ଏହି ଶକ୍ତି ସମୂହକୁ ସାଧକ ନିଜ ଆଡ଼କୁ ଆକର୍ଷିତ କରି ତେଜସ୍ୱିତା, ଶ୍ରେଷ୍ଠତା ଏବଂ ଦିବ୍ୟତାକୁ ଅଧିକାଧିକ ମାତ୍ରାରେ ଧାରଣ କରିବାକୁ ସକ୍ଷମ ହୁଏ ।

'ଯଃ' ଶବ୍ଦର ଅର୍ଥ ଯିଏ ବା ସେହି ପରମାତ୍ମା ଯିଏ ଆମର ଅନ୍ତଃକରଣରେ, ନିବାସ କରନ୍ତି । ତାଙ୍କୁ ଧ୍ୟାନକରି ତାଙ୍କରି ପ୍ରେରଣାନୁଯାୟୀ ପରମାର୍ଥୀ ଜୀବନ ଯାପନ କରିବା ଏହାହିଁ 'ଯଃ' ଶବ୍ଦର ମନ୍ତବ୍ୟ ଅଟେ । ଜଗନ୍ନାଥଙ୍କ କଳାରଙ୍ଗ ଅନ୍ତରର ଗଭୀରତମ ପ୍ରଦେଶ ସେହି ଅନ୍ତଃକରଣ ସ୍ୱରୂପ । ସୁଭଦ୍ରାଙ୍କ ହରିଦ୍ରାରଙ୍ଗ ଅନ୍ତଃକରଣରେ ପରମାତ୍ମାଙ୍କ ଅଖଣ୍ଡ ଜ୍ୟୋତି ସ୍ୱରୂପ ଏବଂ ବଳଭଦ୍ରଙ୍କ ଧଳାରଙ୍ଗ ସେହି ଅଖଣ୍ଡଜ୍ୟୋତିର ଆଲୋକ ସ୍ୱରୂପ । ଜଗନ୍ନାଥଙ୍କ ଧ୍ୟାନ କଲେ ହିଁ ପ୍ରକୃତ ଆଲୋକ ଓ ମାର୍ଗ ଦର୍ଶନ ମିଳେ ।

ତମସୋ ମା ଜ୍ୟୋତିର୍ଗମୟ । ଜଗନ୍ନାଥ ତତ୍ତ୍ୱ ।
ଅସତୋ ମା ସଦଗମୟ । ସୁଭଦ୍ରା ତତ୍ତ୍ୱ ।
ମୃତ୍ୟୋର୍ମା ଅମୃତଂ ଗମୟ । ବଳଭଦ୍ର ତତ୍ତ୍ୱ ।

ଆଧ୍ୟାତ୍ମିକ ଜୀବନର ଉକ୍ତ ତିନୋଟି ଲକ୍ଷ୍ୟ ଗାୟତ୍ରୀ ସାଧନା ଦ୍ୱାରା ଯୁଗେ ଯୁଗେ ସମ୍ଭବ ହୋଇ ଆସିଛି ।

'ନଃ' ଶବ୍ଦ ଓ ବସୁଧୈବ କୁଟୁମ୍ବକଂ ଜଗନ୍ନାଥ ତତ୍ତ୍ୱ :—

'ନଃ' ଶବ୍ଦର ଅର୍ଥ ଆମମାନଙ୍କର, ଗାୟତ୍ରୀ ମହାମନ୍ତ୍ରରେ ପରମାତ୍ମାଙ୍କୁ ସଦ୍‌ବୁଦ୍ଧିର ଯାଚନା କରାଯାଇଛି । କିନ୍ତୁ ଏହା ଏକାକୀ ନିଜପାଇଁ କରାଯାଇ ନାହିଁ । ସାରା ମଣିଷ ସମାଜ ପାଇଁ କରାଯାଇଛି । ମଣିଷ ସାମାଜିକ ପ୍ରାଣୀ ହୋଇଥିବାରୁ ଜଣକର ବୁଦ୍ଧି ସଦ୍‌ବୁଦ୍ଧି ହେଲେ ତ ଚଳିବ ନାହିଁ । ସମାଜର ସମସ୍ତଙ୍କର ବା ଅଧିକାଂଶ ଲୋକଙ୍କର ବୁଦ୍ଧି ସଦ୍‌ବୁଦ୍ଧିରେ ପରିଣତ ହେଲେ ସମାଜରେ ସର୍ବତ୍ର ଶାନ୍ତି ବଜାୟ ରହିବ ଏବଂ ସମାଜ ଉନ୍ନତି ପଥରେ ଅଗ୍ରସର ହୋଇପାରିବ । ତେଣୁ ମହାନ୍ ସନାତନ ହିନ୍ଦୁଧର୍ମ ସାରା ସଂସାରକୁ ନିଜର କୁଟୁମ୍ବ ବୋଲି ସଗର୍ବରେ ଆବହମାନ କାଳରୁ ଘୋଷଣା କରି ଆସିଛି । ବସୁଧୈବ କୁଟୁମ୍ବକମ୍ । ସର୍ବେ ଭବନ୍ତୁ ସୁଖୀନଃ , ସର୍ବେସନ୍ତୁ ନିରାମୟା – ମା କଶ୍ଚିଦ୍ ଦୁଃଖ ମାପ୍ନୁୟାତ ।

ଏଠାରେ ବିଶେଷ ତାତ୍ପର୍ଯ୍ୟ ପୂର୍ଣ୍ଣ ତଥ୍ୟ ଏହିକି ମନୁଷ୍ୟ ସ୍ୱୟଂ ଏକ ନୁହେଁ, ଅନେକର ସମଷ୍ଟି ମାତ୍ର । ତାହାର ପଞ୍ଚକୋଷ, ଅନ୍ତଃ କରଣ ଚତୁଷ୍ଟୟ ଓ ଶାରୀରିକ ବିଭିନ୍ନ ଅଂଶ ସବୁର ସ୍ୱାସ୍ଥ୍ୟ ଉତ୍ତମ ରହିବା ଉଚିତ । ଯଦି ଏମାନଙ୍କ ମଧ୍ୟରୁ ଗୋଟିଏ ଅସୁସ୍ଥ ଓକୁ ବୃଦ୍ଧି ପାଉ ହୁଏ, ତେବେ ଅନ୍ୟଅଂଶଗୁଡ଼ିକ ସ୍ୱାସ୍ଥ୍ୟବାନ ହେଲେ ମଧ୍ୟ କାର୍ଯ୍ୟରେ ଲାଗିବ ନାହିଁ ! ତେଣୁ ସମାଜରେ ବ୍ୟକ୍ତିଗତ ସ୍ୱାର୍ଥ ସାମୂହିକସ୍ୱାର୍ଥ ସହିତ ସମନ୍ୱୟ ରକ୍ଷା ନ କଲେ ସଂଘର୍ଷ ଅବଶ୍ୟମ୍ଭାବୀ । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଭଗବାନ ବୁଦ୍ଧ କହିଥିଲେ, ଯେତେ ଦିନ ପର୍ଯ୍ୟନ୍ତ ଜଣେ ମଧ୍ୟ ପ୍ରାଣୀ ବନ୍ଧନରେ ରହିଚି ସେ ପର୍ଯ୍ୟନ୍ତ ମୁଁ ନିର୍ବାଣ ଚାହେଁନା । ବ୍ୟକ୍ତିର ବ୍ୟକ୍ତିଗତ ସୁଖ ସେତେ ମହତ୍ୱପୂର୍ଣ୍ଣ ନୁହଁ ଯେତେ ସମସ୍ତଙ୍କୁ ସୁଖୀ ଦେଖିବାର ସୁଖ ।

ଏହି କାରଣରୁ ଅନେକ ସିଦ୍ଧ ମହାପୁରୁଷ ସ୍ୱର୍ଗ ବା ମୁକ୍ତିର ସୁଖ ଭୋଗିବା ଅପେକ୍ଷା ସଂସାରର ଦୁଃଖଗ୍ରସ୍ତ ଲୋକଙ୍କ ସେବା ସହାୟତା କରିବାର ମହାନ ଉଦ୍ଦେଶ୍ୟ ଧାରଣ କରି ସଂସାରରେ ରହିବା ପାଇଁ ଅଧିକ ପସନ୍ଦ କରନ୍ତି । ଉତ୍କଳର ସନ୍ଥ ଭୀମଭୋଇ କହୁଥିଲେ :

ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ପାଉ ।

ଜଗନ୍ନାଥ ସ୍ୱୟଂ ଏକାକୀ ବଡ଼ଦେଉଳର ଛପନପୌଟି ଭୋଗ ଉପଭୋଗ କରୁନାହାଁନ୍ତି । ସାଙ୍ଗରେ ପ୍ରକୃତି ରୂପୀ ଭଉଣୀ ସୁଭଦ୍ରା ଏବଂ ମଣିଷ ରୂପୀ ବଡଭାଇ ବଳଭଦ୍ରଙ୍କୁ ମଧ୍ୟ ସାମିଲ କରିଛନ୍ତି । ଜଗନ୍ନାଥ ମୁଁ ମଧ୍ୟରେ ସୀମାବଦ୍ଧ ନହୋଇ 'ଆମେ ମାନେ' ହୋଇ ଯାଇଛନ୍ତି । ମଣିଷର ବଳଭଦ୍ର ବା ବୁଦ୍ଧି ସୁବୁଦ୍ଧି ହେବା ପର୍ଯ୍ୟନ୍ତ ପ୍ରାକୃତିକ ସଂପଦର ବିନିଯୋଗ ସତ୍‌କାର୍ଯ୍ୟ ପାଇଁ ସମ୍ଭବ ନୁହେଁ । ପରମାଣୁ ଅସ୍ତ୍ରର ଧ୍ୱଂସାତ୍ମକ ପରିଣତି ହିଁ ଅବଶ୍ୟମ୍ଭାବୀ । ଗାୟତ୍ରୀ ମହାମନ୍ତ୍ରରେ ସାଧକ ପରମାତ୍ମାଙ୍କୁ କିଛି ମାଗେନାହିଁ । ନିଜକୁ 'ମୁଁ' ର କୂପମଣ୍ଡୁକତ୍ୱରୁ 'ଆମେମାନେ' ର ଜାତୀୟସ୍ରୋତରେ ମିଶାଇ ସମାଜରେ ସମସ୍ତଙ୍କ ବୁଦ୍ଧିକୁ ସଦ୍‌ବୁଦ୍ଧି କରିବାପାଇଁ ପ୍ରେରଣା ଯାଚନା କରେ ମାତ୍ର ।

## ପ୍ରଚୋଦୟାତ୍-ଭକ୍ତର ନିଷ୍କାମ ଯାଚନା

ପ୍ରଚୋଦୟାତ୍ ଅର୍ଥାତ୍ ଯାଚନା—ମାଗିବା । ଭକ୍ତ ପରମାତ୍ମା ଜଗନ୍ନାଥଙ୍କୁ ମଧ୍ୟ କିଛି ମାଗେନାହିଁ—ମାହେଶ୍ୱରୀ ନାରୀସମାଜକୁ ସୁଭଦ୍ରା ଦୃଷ୍ଟିରେ ଦେଖି ଭଉଣୀପାଇଁ ଶ୍ରଦ୍ଧା ନିବେଦନ କରେ ।

ପବିତ୍ରତମ ଧବଳେଶ୍ୱର ପୁରୁଷସମାଜ, ଭକ୍ତାନର ଭୂମିକା ସଂପାଦନ କରିବାପାଇଁ ଜଗନ୍ନାଥଙ୍କୁ ଯାଚନା କରେ:

ଜଗନ୍ନାଥ ହେ କିଛି ମାଗୁନାହିଁ ତୋତେ
ଧନମାଗୁ ନାହିଁ ଜନ ମାଗୁନାହିଁ
ମାଗୁଛି ଶରଧା ଭାଲିବା ହାତେ

ଏହି ଧ୍ୱନି ହୁଛି । ଏହି ଉକ୍ତ ଭଗବାନଙ୍କୁ ନିଷ୍କାମ ଯାଚନା-ଜନଯୋଗର ଅନ୍ୟ ରୂପମାତ୍ର ।

ଗାୟତ୍ରୀ ମହାମନ୍ତ୍ର ଦ୍ୱାରା ସଦ୍‌ବୁଦ୍ଧିର ଯାଚନା ପରମାତ୍ମାଙ୍କୁ କରାଯାଏ । ତେଣୁ ଏହି ଯାଚନା ଆଜିକାଲିର ଦୀନହୀନ ଭିକାରି ରୂପରେ କରାଯାଏ ନାହିଁ । ଦୀନତା ସହ ଭିକ୍ଷାମାଗିବା ଭାରତୀୟ ସଂସ୍କୃତିନୁହେଁ । ଏପରି ଭିକ୍ଷା ଭକ୍ତ ଭଗବାନଙ୍କୁ ମଧ୍ୟ ମାଗିବାକୁ ପସନ୍ଦ କରେ ନାହିଁ । ଭକ୍ତ ଭଗବାନଙ୍କୁ ନିଜର ବୁଦ୍ଧିକୁ ନିଜେ ସଦ୍‌ବୁଦ୍ଧି-କରିବା ପାଇଁ ପ୍ରଚୋଦୟାତ୍ କହି ପ୍ରେରଣାମାତ୍ର ମାଗେ, ଯେପରିକି ସେ ନିଜର ଅନ୍ତଃକରଣର ନିର୍ମାଣ କାର୍ଯ୍ୟରେ ଯତ୍ନପରୋ ନାସ୍ତି ଉଦ୍ୟମ କରିପାରିବ, ନିଜର ଦୁର୍ବୁଦ୍ଧି ସଂଘର୍ଷ କରି ତାକୁ ପରାସ୍ତ କରିପାରିବ ଏବଂ ତା'ର ସ୍ଥାନରେ ସୁବୁଦ୍ଧିର ସ୍ଥାପନ କରିବାର ପୁରୁଷାର୍ଥ ଦେଖାଇ ପାରିବ ।

ଭାରତୀୟ ସଂସ୍କୃତି କର୍ମବାଦୀ ସଂସ୍କୃତି ଅଟେ । ଏଥିରେ ପୁରୁଷାର୍ଥ, ପରିଶ୍ରମ, ସଂଘର୍ଷ, ଓ ଶ୍ରମ କରି ଅଭିଷ୍ଟ ବସ୍ତୁ ପ୍ରାପ୍ତ କରିବାର ମାର୍ଗ ଦର୍ଶନ-ନିହିତ । ଈଶ୍ୱରଙ୍କୁ ଯେଉଁ ପ୍ରାର୍ଥନା କରାଯାଏ ସେଥିରେ ଈଶ୍ୱରଙ୍କର ଆଶୀର୍ବାଦ, ପଥ-ପ୍ରଦର୍ଶନ, ନେତୃତ୍ୱପାଇଁ ଯାଚନା କରାଯାଏ । ଗୁରୁଜନଙ୍କୁ ମଧ୍ୟ ଶୁଭକାର୍ଯ୍ୟ ଆରମ୍ଭରେ ଏହି ପ୍ରକାର ଆଶୀର୍ବାଦ ଯାଚନା କରାଯାଏ ।

## ଗାୟତ୍ରୀମହାମନ୍ତ୍ରର କର୍ମଫଳ ସିଦ୍ଧାନ୍ତ ଓ ଜଗନ୍ନାଥ ତତ୍ତ୍ୱ

ଈଶ୍ୱରୀୟ ବିଧାନରେ କର୍ମ ସହିତ ଫଳ ମଧ୍ୟ ଯୋଡ଼ି ହୋଇଛି । ପ୍ରୟତ୍ନ ସହିତ ସଫଳତା ବନ୍ଧା । ଏହାହିଁ ଗାୟତ୍ରୀ-ମହାମନ୍ତ୍ରର ମଣିଷ ସମାଜକୁ ମହାନ ସନ୍ଦେଶ । ଅଦୃଷ୍ଟ ସାଧାରଣ୍ୟରୂପରେ ଆମରି ପାଖରେ ବିଦ୍ୟମାନ, ତାହା ପ୍ରାରବ୍ଧ ବା ଏକ ସମୟର କର୍ମ ଅଟେ । କାଳାନ୍ତରରେ କର୍ମର ଯେତେବେଳେ ପରିପାକ ହୁଏ ତାକୁ ଭାଗ୍ୟ କହନ୍ତି । ଭାଗ୍ୟର କାରଣ ଈଶ୍ୱରଙ୍କ କୃପା ଅନୁକମ୍ପା ନୁହେଁ ବରଂ ଭୂତକାଳରେ କରାଯାଇଥିବା କର୍ମହିଁ ଅଟେ । ଈଶ୍ୱର କା' ଉପରେ ମଧ୍ୟ ପ୍ରସନ୍ନ ବା ଅପ୍ରସନ୍ନ ହୁଅନ୍ତି ନାହିଁ । ତାଙ୍କ ପାଇଁ ସମସ୍ତ ପ୍ରାଣୀ ସମାନ । ସମସ୍ତଙ୍କୁ ସମାନ ଅବସର ଦେଇଛନ୍ତି । ସାଥେ ସାଥେ ଏହି ସ୍ୱାଧୀନତା ମଧ୍ୟ ଦେଇଛନ୍ତି ଯଦ୍ୱାରା ସେ ଇଚ୍ଛାମତ ଯେପରି ଚାହିଁବ ସେପରି କର୍ମ କରିପାରିବ । ପରନ୍ତୁ କର୍ମଫଳ ଭୋଗିବାରେ ସେ ସ୍ୱାଧୀନ ନୁହେଁ, ପରାଧୀନ । କର୍ମଫଳ ଭୋଗିବା ଅବଶ୍ୟମ୍ଭାବୀ. (ଅଥର୍ବ ୧୨-୭-୪୮)

ଏଠାରେ ଉଲ୍ଲେଖଯୋଗ୍ୟକି ଜଗନ୍ନାଥ ନିଜ୍ଜେ କର୍ମଫଳ ଭୋଗୁଛନ୍ତି । ପୂର୍ବ ଅବତାରମାନଙ୍କରେ ଧର୍ମ ସଂସ୍ଥାପନା ପାଇଁ କେତେଯେ ଦୁର୍ବ ଜର ହାତ କାଟି ପକାଇ ନାହାନ୍ତି । ପରମାତ୍ମା ବାରମ୍ବାର ଗ୍ରହଣ କରିବାକୁ ମଣିଷ ପରମୁଖାପେକ୍ଷୀ ହୋଇ ପରମାତ୍ମାଙ୍କୁ ଅବତାର ଗ୍ରହଣପାଇଁ ପ୍ରାର୍ଥନା କରୁଛି ଯୁଗରେ ଜଗନ୍ନାଥ ନିଜ ହାତଗୋଡ଼ କାଟିଦେଇ ନି ପୂର୍ବିତ କର୍ମର ଫଳ ଭୋଗୁଛନ୍ତି !! ମଣିଷ ପାଇଁ କରିବା ପାଇଁ ରୋକ୍‌ଟୋକ୍ ମନା କରି ଦେଇଛନ୍ତି !!!

କେବଳ ଚକାଡ଼ୋଳାରେ ଡବଡବ ଗ୍ୟ ଛନ୍ତି–ନି କର୍ମ କରୁଛି ।

ସାଧାରଣତଃ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିଲେ ବଡ଼ ବଡ଼ ହୋଇ ଗୋଲକାର ଧାରଣ କରେ । ଅମଣିଷ ପଣିଆ ଦେଖି ଜଗନ୍ନାଥଙ୍କ ଆଖି ଆଶ୍ଚର୍ଯ୍ୟ ହୋଇ ଗୋଲକାର ବା ଚକାଡ଼ୋଳା ହୋଇ ଯାଇ ମଣିଷ ବୁଝିପାରୁନାହିଁ ନିଜର କର୍ମଫଳ ନିଜକୁ ଦିନେ ଭୋଗିବାକୁ ପଡ଼ିବ । ପ୍ରକୃତିର ହାତଗୋଡ଼ କାଟି ଯଥେଚ୍ଛା ଅତ୍ୟାଚାର କରି ମଣିଷ ଧ୍ୱଂସ ଆଡ଼କୁ ଆଗେଇ ପରନ୍ତୁ, ପ୍ରକୃତ ପ୍ରକୋପରୁ ରକ୍ଷା ପାଇବାର କୌଣସି ଉଦ୍ଭାବନ କରି ପାରିଚିକି ? ପ୍ରକୃତିମାତା ସୁଭଦ୍ରା ମଧ୍ୟ ଆଜି ମହାକାଳୀର ରୂପ ଧାରଣ କରିଛନ୍ତି । ନିଜ କ ମଣିଷ ପ୍ରକୃତିମାତାଙ୍କ ମାତୃସ୍ୱରୂପକୁ ଚିହ୍ନି ନପାରି ରୂପୀ କଦର୍ଯ୍ୟ ବ୍ୟବହାର କରି ନିଜହାତଗୋଡ଼ କାଟି ପ ମୂର୍ଖ କାଳିଦାସ ପରେ ଯେଉଁ ଡାଳରେ ଠିଆହୋଇଛି ତାକୁ କାଟିବାକୁ ଟାଙ୍ଗିଆ ଉଠାଉଚି । ନିଜର ଧ୍ୱଂସ ପାଇଁ ଅସ୍ତ୍ରନିର୍ମାଣରେ ନିଜ ନିଜ ମଧ୍ୟରେ ପ୍ରତିଦ୍ୱ କରୁଚି । ଭଗବାନଙ୍କୁ ଖାତିରି ନ କରି ଦବଦବ ନ ନୀଳାଦ୍ରି (ନେଳ–ଅଭଦ୍ର) ହୋଇ ଗୁଲିଛି ।

ଏକଥା ସୁତଃସିଦ୍ଧ ଯେ, ମଣିଷ ନିଜର ବୁଦ୍ଧିକୁ ସୁଚ୍ ପରିଶଦ ନକଲ ପର୍ଯ୍ୟନ୍ତ ନିଜର ବଳକୁ କଦାପି ସତ୍ କାର୍ଯ୍ୟରେ ଲଗାଇପାରିବନାହିଁ । ଜଗନ୍ନାଥ, ମଣିଷକୁ ପ ବସାଇ ଏହି କର୍ଣ୍ଣମନ୍ତ୍ର ଦେଉଛନ୍ତି !

ଯେଉଁ ମହାମନ୍ତ୍ରକୁ, ଅବହମାନ କାଳରୁ, ଗୁରୁ, କାନେ କାନେ କହି ସଦ୍‌ବୁଦ୍ଧିନପାଇଁ ମନେରଖିବାପାଇଁ ଜହ୍ନି ତଦନୁଯାୟୀ କାର୍ଯ୍ୟ କରିବାପାଇଁ ପ୍ରେରଣା ଦେଉଥିଲେ ଗାୟତ୍ରୀ ମହାମନ୍ତ୍ର ସାବିତ୍ରୀମନ୍ତ୍ର ନାମରେ ଆଜିପର୍ଯ୍ୟନ୍ତ କ ରୂପରେ ସୀମାବଦ୍ଧହୋଇ ଗୋପନୀୟ ହୋଇ ରହି (ନିତ୍ୟ କର୍ମକାଣ୍ଡ ୩୦୪) ପୌରାଣିକ ରୀତି ମହାନ ବେ

ବିଶ୍ୱାମିତ୍ର ଗାୟତ୍ରୀମହାମନ୍ତ୍ରଦ୍ୱାରା ଯାହାକରିଯାଉଛନ୍ତି ତା'ର ସୁଫଳ ଆଜିମଧ୍ୟ ମଣିଷ ଉପଭୋଗ କରୁଛି । ମଣିଷର ଧର୍ମାନ୍ଧତା ଆଜି ନାରୀ ଓ ଶୂଦ୍ରକୁ ଗାୟତ୍ରୀ ଜପଅଧିକାରରୁ ବଂଚିତ କରିବାର କୁପଣତା ଦେଖାଇ ହିନ୍ଦୁ ସମାଜର ଏକ ମହାନ୍ ଅଙ୍ଗକୁ ପଂଗୁ କରିଦେଇଛି । ଆଜି କେବଳ ହିନ୍ଦୁନାରୀ ଓ ଶୂଦ୍ର ନୁହନ୍ତି ନାରୀ ମଣିଷ ସମାଜକୁ ସଦ୍‌ବୁଦ୍ଧିର ପ୍ରେରଣା ଦେବାର ସମୟ ଆସିଯାଇଛି । ଏହି ମହାନ୍ କାର୍ଯ୍ୟକୁ ବୈଜ୍ଞାନିକ ଉପାୟରେ ସଂପାଦନ କରିବାପାଇଁ ଅଧୁନା, ଉତ୍ତର ଭାରତରେ ଏକ ମହାନ୍ ଯୁଗପୁରୁଷଙ୍କ ଆବିର୍ଭାବ ହୋଇଛି । ପ୍ରାଚୀନ ଭାରତର ମହାନ୍ ଋଷି ପରଂପରାର ଉଦ୍ଧାରକ, ଏକାଧାରରେ ଆଧୁନିକ ବେଦବ୍ୟାସ, ବଶିଷ୍ଠ ଓ ବିଶ୍ୱାମିତ୍ର ଭୂମିକା ସଂପାଦନ କରୁଥିବା ବେଦମୂର୍ତ୍ତି, ତପୋନିଷ୍ଠ, ବ୍ରହ୍ମର୍ଷି ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ, ପଧୁନାବିସ୍ତୃତ ଗାୟତ୍ରୀ ମହାମନ୍ତ୍ରକୁ ଯୁଗ-ନିର୍ମାଣଯୋଜନା ମଥୁରା ନାମରେ ଯେଉଁ ମହାନ୍ ପ୍ରଚେଷ୍ଟା ଚଳାଉଛନ୍ତି ତା'ର ସୁଫଳର ପରିସର ମଧ୍ୟକୁ ଭାରତସମେତ ପୃଥିବୀର ୭୪ଟି ଦେଶ ଆସିସାରିଛନ୍ତି । ସେ ନିଜର ଆମଜୀବନାରେ ତଥା ସଂପ୍ରଦ-ନିର୍ଦ୍ଦେଶାରେ ଏକବିଂଶ ଭାରତର କଳବିଂଶ ପୁରାଣ 'ପ୍ରଜ୍ଞାପୁରାଣ' (୪ଖଣ୍ଡ ପ୍ରକାଶିତ ସମ୍ପାଦିତ ୧୮ ଖଣ୍ଡରେ ସ୍ପଷ୍ଟ ଘୋଷଣା କରିଛନ୍ତି—ଏଥରେ ପରମାତ୍ମା ସ୍ୱୟଂ ସଶରୀର ଅବତାର ଗ୍ରହଣ ନକରି ପ୍ରଜ୍ଞା ବା ଦୂରଦର୍ଶୀ ବିବେକଶୀଳତା ରୂପରେ ପ୍ରତ୍ୟେକ ମଣିଷର ହୃଦୟରେ (ମାନସପଟରେ ଯୁଗାନ୍ତକାରୀ ଚେତନା ରୂପରେ) ସୂକ୍ଷ୍ମରୂପରେ ଅବତରଣ କରିବେ ।

ଏହା ପରମାତ୍ମା ଜଗନ୍ନାଥଙ୍କ ପ୍ରଜ୍ଞାବତାର । ଆଗାମୀଯୁଗ (ସମ୍ଭବତଃ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରୁ) ପ୍ରାଚୀନ ପୁରାଣ ବର୍ଣ୍ଣିତ ସତ୍ୟଯୁଗରୁ ମଧ୍ୟ ଉତ୍କୃଷ୍ଟତର ପ୍ରଜ୍ଞାଯୁଗ ରୂପରେ ଅଭିହିତହେବ । ସାରାପୃଥିବୀ ଏକ ନେତୃ-ଶାସନ ଅନ୍ତର୍ଗତହେବ । ସାରା ମଣିଷ ସମାଜ ଏକ ଧର୍ମା-ନୁଯାୟୀ ହେବ । ତାହା ପ୍ରଜ୍ଞାଧର୍ମ ବା ମାନବିକତାର ଧର୍ମହେବ । ଏହା ଅନ୍ଧ ବିଶ୍ୱାସ ଉପରେ ପର୍ଯ୍ୟବେଶିତ ନହୋଇ ବୈଜ୍ଞାନିକ ଗବେଷଣା ପ୍ରସୂତହେବ । ଏଥିପାଇଁ କେବଳ କଥାରେ ନୁହେଁ, ସେ ସ୍ୱୟଂ ଦେଶର ମୂର୍ଦ୍ଧନ୍ୟ ଯୁବ-ବୈଜ୍ଞାନିକମାନଙ୍କୁ ଗାୟତ୍ରୀ ସାଧନା ମାଧ୍ୟମରେ ବୈଜ୍ଞାନିକ ଗବେଷଣା କରିବା ପାଇଁ (ବ୍ରହ୍ମବର୍ଚ୍ଚସ) ନାମରେ ଏକ ଅତ୍ୟାଧୁନିକ ବୈଜ୍ଞାନିକ ଗବେଷଣାକେନ୍ଦ୍ର ବିଗତ ପାଞ୍ଚବର୍ଷହେଲା ହରିଦ୍ୱାରରେ ଭାରତମାତା ମନ୍ଦିର ନିକଟରେ ସ୍ଥାପନ କରିଛନ୍ତି । ଏହା ବର୍ତ୍ତମାନ ସାରା ପୃଥିବୀରେ ବୈଜ୍ଞାନିକମାନଙ୍କ ତୀର୍ଥକ୍ଷେତ୍ର-କର୍ମକ୍ଷେତ୍ର ରୂପରେ ଦିନକୁ ଦିନ ବିକଶିତ ହେବାରେ ଲାଗିଛି ତଥା ପ୍ରତ୍ୟେକ ଶିକ୍ଷିତ ଲୋକଙ୍କ ଦର୍ଶନୀୟ ସ୍ଥାନରେ ପରିଣତ ହୋଇଛି । ଏତଦ୍‌ବ୍ୟତୀତ ଗାୟତ୍ରୀ ତୀର୍ଥ, ଶାନ୍ତିକୁଂଜ ହରି-ଦ୍ୱାରରେ (ସପ୍ତର୍ଷି ଆଶ୍ରମ ନିକଟସ୍ଥ) ବିଶ୍ୱବିଦ୍ୟାଳୟ ସ୍ତରର ଯୁଗନିର୍ମାଣ ପ୍ରଶିକ୍ଷଣ ଯୁବକ-ଯୁବତୀ ତଥା ପ୍ରୌଢ଼ ଓ ପ୍ରୌଢ଼ା ମାନଙ୍କୁ ଦିଆଯାଉଛି । ବୈଜ୍ଞାନିକ-ପରୀକ୍ଷା-ନିରୀକ୍ଷା ପରେ ଗାୟତ୍ରୀ ସାଧନା ଶିକ୍ଷା ଦିଆଯାଉଛି । ସୁତରାଂ ଯେଉଁମାନେ ଦେଖିଛନ୍ତି ସେମାନେ ଏହାର ଯୁଗ ଆନ୍ଦୋଳନର ଉପକାରିତା କହିଛନ୍ତି । ଏହାଦ୍ୱାରା ପ୍ରଭାବିତହୋଇ ବର୍ତ୍ତମାନ ଋଷିଆ ଯୁକ୍ତରାଷ୍ଟ୍ର ଓ ଆମେରିକାରେ ମଧ୍ୟ ଏହି ବିଷୟର ଗବେଷଣା ଆରମ୍ଭ ହୋଇସାରିଛି । ଆମେରିକାର ୱାଶିଂଟନ ନିକଟରେ ମହାରାଷ୍ଟ୍ରୀୟ ଯୋଗୀ ବସନ୍ତ ପରାଂଜପେଙ୍କ ଦ୍ୱାରା ପ୍ରତିଷ୍ଠାପିତ ... ୟୁନିଭରସିଟିରେ ଯଜ୍ଞଦ୍ୱାରା କୃଷି ଗବେଷଣାର ... ସମୟରେ ଗତ କିଛି ଦିନ ତଳେ ... ମାନଙ୍କରେ ପ୍ରକାଶିତ ହୋଇ ହଲଚଲ ପକାଇ ଦେଇଥିଲା ।

ସୁତରାଂ ବର୍ତ୍ତମାନ ଭାରତୀୟ ଶିକ୍ଷିତ ସମାଜ ଏହି ... ଆଉ ଜ୍ଞାନକୁ ... ନ ରଖି ମଧ୍ୟରେ ପଡ଼ିଥିବା ... ଆମମାନଙ୍କୁ ପ୍ରସଂଗତ କରିଥିବା ଭାରତର ... ଜ୍ଞାନ ଦ୍ୱାରା ଆମେରିକା, ଋଷିଆ ଅଧିକାର କରିନେବେ ଏବଂ, ... ବାହାରେ ହିଁ ମୁଣ୍ଡ ।

ଯୁଗନିର୍ମାଣ ଯୋଜନା ମଥୁରାଦ୍ୱାରା ଗାୟତ୍ରୀ ସାଧନା ମାଧ୍ୟମରେ ବ୍ୟକ୍ତି ନିର୍ମାଣ ଓ ବ୍ୟକ୍ତିନିର୍ମାଣ ଦ୍ୱାରା ପରିବାର ଓ ସମାଜ ନିର୍ମାଣର ମହାନ୍ ପରିକଳ୍ପନାର କାର୍ଯ୍ୟ ଚାଲିଛି ନିଶ୍ଚୟ ସତ୍ୟଯୁଗ ବା ପ୍ରଜ୍ଞାଯୁଗ ନିର୍ମାଣର ଲକ୍ଷ୍ୟ ପୂରଣ କରିବ ଏଥିରେ ସନ୍ଦେହ ନାହିଁ ।

ଏହି ପରମାତ୍ମା ଜଗନ୍ନାଥଙ୍କର ନିରାକାରତତ୍ତ୍ୱ ଗାୟତ୍ରୀ ମହାମନ୍ତ୍ର ନିରାକାର ସ୍ୱରୂପହିଁ ଯୁଗାବତାର ପ୍ରଜ୍ଞାବତାର ବୁଦ୍ଧାବତାରଙ୍କ ଯୁଗାନ୍ତକାରୀ ଚେତନା । ଏହି ମହାନ୍ ଚେତନା ସମସ୍ତଙ୍କୁ ଉଦବୁଦ୍ଧ କରୁ ! ଏତିକି କାମନା !


ସହାୟକ ଗ୍ରନ୍ଥ :—

୧ ସାମବେଦ ସୌରଭ—ଡଃ ଫଣିପଦ୍ମ ଦାସ

୨ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ—ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ ଏମ୍. ଏ.

3 The Foundation of Indian Culture
Shri Aurbindo

୪ ବୈଦିକ ସାହିତ୍ୟ ଓ ସଂସ୍କୃତି-ଅଧ୍ୟାପକ ଅଭିନଚଂନ୍ଦ୍ର ଦା

୫ ଗାୟତ୍ରୀ ମହାବିଜ୍ଞାନ—ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ

୬ ଗାୟତ୍ରୀ ମନ୍ତ୍ରାର୍ଥ— ଏହନ

୭ ଶ୍ରୀମଦ୍ ଭଗବଦଗୀତା—ପଣ୍ଡିତ ନୀଳକଣ୍ଠ ଦାଶ

8 The Vagbatgita—Mahatma Gandhi

୯ ଭବିଷ୍ୟ ପୁରାଣ (ସଂସ୍କୃତ-ହିନ୍ଦୀ—ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ।

୧୦ ପଦ୍ମ ପୁରାଣ (ସଂସ୍କୃତ-ହିନ୍ଦୀ)—ପଣ୍ଡିତ ଶ୍ରୀରାମଶର୍ମା ଆଗ୍ରର୍ଯ୍ୟ ।

୧୧ ଅଥର୍ବବେଦ ସୌରଭ ଡ଼ଃ ପ୍ରିୟବ୍ରତ ଦାସ ।

୧୨ ଋକ୍‌ବେଦ ସୌରଭ—ଏକନ୍—

୧୩ ଯଜୁର୍ବେଦ ସୌରଭ—ଏକନ୍—

୧୪ ସ୍କନ୍ଦପୁରାଣ (ସଂସ୍କୃତ-ହିନ୍ଦୀ)—ପଣ୍ଡିତ ଶ୍ରୀରାମଶର୍ମା ଆଗ୍ରର୍ଯ୍ୟ ।

୧୫ ହମାରୀ ବସୀୟତ୍ ଔର ବିରାସତ୍ (ଆତ୍ମାଷ
—ଏକନ୍ ।—

୧୬ ଅଗ୍ନିହୋତ୍ର ଔର ଯଜ୍ଞାଗ୍ନି—(ମାସିକ ହିନ୍ଦୀ ପ
ଅଖଣ୍ଡଜ୍ୟୋତି—ଏପ୍ରିଲ-୧୯୮୬)—ଏକନ୍—

୧୭ ବିହାରୀ କର୍ମକାଣ୍ଡ—ସ୍ୱର୍ଗତ ବିହାରୀଲାଲ ପ
(କାଶ୍ମୀର)

# ଦଶାବତାର

**ଶ୍ରୀ ଜୟଦେବ**

ପ୍ରଳୟ-ପୟୋଧି-ଜଳେ ଧୃତବାନସି ବେଦଂ
ବିହିତ-ବହିତ୍ର-ଚରିତ୍ରମଖେଦମ୍ ।
କେଶବ-ଧୃତ ମୀନ ଶରୀର
"ଜୟ ଜଗଦୀଶ ହରେ" ॥
(ଧ୍ରୁବମ୍)

କ୍ଷିତିରତି ବିପୁଳତରେ ତବ ତିଷ୍ଠତି ପୃଷ୍ଠେ
ଧରଣୀ-ଧାରଣ-କିଣଚକ୍ର ଗରିଷ୍ଠେ ।
କେଶବ ଧୃତ-କଚ୍ଛପ ରୂପ
ଜୟ ଜଗଦୀଶ ହରେ । ୨ ।

ବସତି ଦଶନ-ଶିଖରେ ଧରଣୀ ତବ ଲଗ୍ନା
ଶଶିନି କଳଙ୍କ-କଳେବ ନିମଗ୍ନା
କେଶବ ଧୃତ-ଶୂକର ରୂପ
ଜୟ ଜଗଦୀଶ ହରେ । ୩ ।

ତବ କର କମଳବରେ ନଖମଦ୍‌ଭୁତ-ଶୃଙ୍ଗମ୍
ଦଳିତ-ହିରଣ୍ୟକଶିପୁ-ତନୁ-ଭୃଙ୍ଗମ୍
କେଶବ ଧୃତ ନରହରି ରୂପ
ଜୟ ଜଗଦୀଶ ହରେ । ୪ ।

ଛଳୟସି ବିକ୍ରମଣେ ବଳିମଦ୍ଭୁତ ବାମନ
ପଦ ନଖ ନୀରଜନିତ ଜନ ପାବନ
କେଶବ ଧୃତ ବାମନ ରୂପ
ଜୟ ଜଗଦୀଶ ହରେ । ୫ ।

କ୍ଷତ୍ରିୟ ରୁଧିର ମୟେ ଜଗଦପଗତ ପାପଂ
ସ୍ନପୟସି ପୟସି ଶମିତ ଭବ-ତାପମ୍
କେଶବ ଧୃତ ଭୃଗୁପତି ରୂପ
ଜୟ ଜଗଦୀଶ ହରେ । ୬ ।

ବିତରସି ଦିକ୍ଷୁରଣେ ଦିକ୍‌ପତି କମନୀୟଂ
ଦଶ ମୁଖ ମୌଳି ବଳିଂ ରମଣୀ
କେଶବ ଧୃତ ରଘୁପତି ରୂପ
ଜୟ ଜଗଦୀଶ ହରେ । ୭ ।

ବହସି ବପୁଷି ବିଶଦେ ବସନଂ ଜଳଦାଭଂ
ହଳ-ହତି ଭୀତି ମିଳିତ ଯମୁନା
କେଶବ ଧୃତ ହଳଧର ରୂପ
ଜୟ ଜଗଦୀଶ ହରେ । ୮ ।

ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତଂ
ସଦୟ ହୃଦୟ ଦର୍ଶିତ-ପଶୁଘା
କେଶବ ଧୃତ ବୁଦ୍ଧ ଶରୀର
ଜୟ ଜଗଦୀଶ ହରେ । ୯ ।

ମ୍ଳେଚ୍ଛ ନିବହ ନିଧନେ କଳୟସି କରବାଳଂ
ଧୂମକେତୁମିବ କିମପି କରାଳମ୍
କେଶବ ଧୃତ କଳ୍କି ଶରୀର
ଜୟ ଜଗଦୀଶ ହରେ । ୧୦

ଶ୍ରୀ ଜୟଦେବ କବେରିଦମ୍ ଦିତମୁଦାରଂ
ଶୃଣୁ ସୁଖଦଂ ଶୁଭଦଂ ଭବସାର
କେଶବ ଧୃତ ଦଶବିଧ ରୂପ
ଜୟ ଜଗଦୀଶ ହରେ ।୧୧ ।

ବେଦାନୁଦ୍ଧରତେ ଜଗନ୍ତି ବହତେ ଭୂଗୋଳ ମୁଦ୍‌ବିଭ୍ରତେ
ଦୈତ୍ୟଂ ଦାରୟତେ ବଳିଂ ଛଳୟତେ କ୍ଷତ୍ରକ୍ଷୟଂ କୁର୍ବତେ
ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟମାତନ୍ୱତେ
ମ୍ଳେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟ ତୁଭ୍ୟଂ ନମଃ
୧୨

ଇତି ଶ୍ରୀ ଗୀତଗୋବିନ୍ଦେ ପ୍ରଥମଃ ସନ୍ଦର୍ଭଃ ।



# କଳିରଥେ ଜଗନ୍ନାଥ

• ଶ୍ରୀ ସନ୍ତୋଷ ତ୍ରିପାଠୀ

ଗୁହଁ ଗୁହଁ ଏତେବଡ଼ ଜନକୋଳାହଳଟା ହଠାତ୍ ନିସ୍ତବ୍ଧ ହୋଇଗଲା । ଆଦ୍ୟ ଆଷାଢ଼ର ଭରା ଆକାଶଟା ଦୁଃଖୀର ଦୁଃଖରେ ସମଭାଗୀହୋଇ ଲଇଁପଡ଼ିଲା ବଡ଼ଦାଣ୍ଡ ଉପରକୁ । କିଛିକ୍ଷଣପୂର୍ବରୁ ହରିବୋଲ, ହୁଳହୁଳି, ଜୟଜଗନ୍ନାଥ ଧ୍ୱନିରେ ଯେଉଁ ସମବେତ ଜନସମୁଦ୍ର ଅନିର୍ବଚନୀୟ ଆନନ୍ଦରେ ଉଚ୍ଛୁଳି ଉଠୁଥିଲା ତାହା ଶୀତସକାଳର ସମୁଦ୍ରପରି ନୀରବିଗଲା । ମଝିରେ ମଝିରେ କାଁ ଭାଁ କାହାର କାକୁସ୍ତ କଣ୍ଠରୁ ସ୍ୱତଃ ଯାହା ଶୁଭୁଥିଲା—"କାଳିଆର ରଥ ଅଟକିଗଲା ।"

ରଥଦଉଡ଼ି ଧରି ଛିଡ଼ାହୋଇଥିବା ଭକ୍ତଜନଙ୍କ ମୁଖରୁ କେବଳ ଗୋଟିଏକଥା ଶୁଣିବାକୁ ମିଳୁଥିଲା—"ଦେଖିବ ଏସନ ଘୋର ବିପଦ ପଡ଼ିବ । ବନ୍ୟା, ବାତ୍ୟା, ମରୁଡ଼ିସବୁ ଅକାଳବିପଦ କାହିଁ କୁଆଡୁ ମାଡ଼ିଆସିବ ।"

ଅନେକ ଜାଣିଲା ଶୁଣିଲା ଭକ୍ତ ମଧ୍ୟ ଏକଥାକୁ ସମର୍ଥନକରି ଅନ୍ୟମାନଙ୍କୁ ଶୁଣେଇ ଶୁଣେଇ କହୁଥିଲେ—"କାଳକାଳକୁ ପ୍ରମାଣ ରହିଛି । ବଡ଼ଦାଣ୍ଡରଥ । ଆଗକୁ ମାଡ଼ିଗଲିବା ତା'ର ଧର୍ମ । ମାଉସୀକୁ ସଂଖୋଳିବାକୁ ମା' କାଳିଆଯାଏ ଯାନିଯାତ୍ରାକରି । ସେଥିରେ ବାଧାଘଟିଲେ ଓଡ଼ିଶାକୁ କିଛିନାକିଛି ବିପଦପଡିଛି ।" ଜଣେ ଅତିବଡ଼ୀ ସଂପ୍ରଦାୟୀ ବୈଷ୍ଣବ ତୁଳସୀ-ମାଳାଉପରେ ହସ୍ତାଙ୍ଗୁଳି ଗଣନା କରୁକରୁ କହିଲେ—"ହରେ-ରାମ ! ଜଗନ୍ନାଥ ପରମ- ସିଦ୍ଧପୁରୁଷ । ତାଙ୍କୁ ଯେତେବେଳେ ରାସସୁନ୍ଦର ପୀତବସନ ଯମୁନାକୂଳିଆ ମୟୂରଚୂଳିଆ ବନମାଳୀ ଭାବରେ ଆରାଧନା କରାଗଲା, ସେତେବେଳେ ଏଭଳି ଅଘଟଣା ନ ଘଟନ୍ତା ବା କିପରି ???

ତାଙ୍କକଥାର ପ୍ରତିବାଦ ସ୍ୱରୂପ ମାଧ୍ୱ-ନନ୍ଦପନ୍ଥୀ ଅନ୍ୟଜଣେ ଗୋସ୍ୱାମୀ ନିଜର ଲର୍ଣ୍ଣିତ-ସ୍ୱେଦଯୁକ୍ତ-ମସ୍ତକରେ ହାତ ବୁଲେଇ ଅଣ୍ଟାଅଣ୍ଟ କହିଲେ—ଆହା ! ଆପଣ ପୁଣିସେଇ ପୁରୁଣା ଗୋଡ଼ିଆ ପାଣିରୁ ଘାଣ୍ଟୁଛନ୍ତି କାହିଁକି ? ଜଗନ୍ନାଥ ! ସେ ଶୋଳକଳା । ଚଳନ୍ତି ଅବତାରୀ ବିଶ୍ୱପ୍ରତିମା । ସେ ସାକାର, ନିରାକାର । ସେ ଅନେକରେ ଏକ, ଭିନ୍ନଭିନ୍ନ ଦ୍ୱୈତଭାବଭିତ୍ତିରେ ଅଭିନ୍ନ । ସେ ବୃନ୍ଦାବନରେ ଏକକଳାର ଅଂଶନେଇ ଗୋପୀଜନବଲ୍ଲଭ ଗୋପୀନାଥ । ଶ୍ରୀକ୍ଷେତ୍ରରେ ମହାଯୋଗୀ ପରମ ବୈଷ୍ଣବ ଦାରୁରୂପୀ ପରଂବ୍ରହ୍ମ ସେ କୃଷ୍ଣ, ସେ ରାମ, ସେ କାଳୀ, ସେ ବୁଦ୍ଧ, ସେ ଜୀନ ସେ ଶିବ । ସମସ୍ତ ସତ୍ୟକୁ ଆଶ୍ରୟକରି ସେ ମହାସତ୍ୟ । ହେଲେ ଏବେ ଅସଲକଥା ହେଉଛି :—

ଜଗନ୍ନାଥ ଅଟକିଗଲେ ନିଜେ ଓଡ଼ିଶା ବି ଅଟକିଯିବ । ଅନଙ୍ଗଭୀମଙ୍କ ସମୟରେ ଥରେ ଏମିତି ରଥ ଅଟକି ଯାଇଥିଲା । ବୌଦ୍ଧ ବ୍ରାହ୍ମଣଙ୍କ ଭିତରେ ପୁଣିଗୋଳ ଦେଖାଦେଲା । ଧର୍ମ-ଗୋଳ ଶେଷ ହୋଇଛିକି ନାହିଁ 'ଗଜପତି' ଯବନ ସହିତ ଲଢ଼େଇରେ ମାତିଲେ । ଆଡ଼େ ରାଜ୍ୟସାରା ଅଭାବ ପଡ଼ିଲା । ରାଜଭଣ୍ଡାର ଶୂନ୍ୟହୋଇଗଲା । ସମସ୍ତଙ୍କ କଣ୍ଠରୁ ଶୁଭିଲା ଦିଅ.. ........ଦିଅ........ । ଅନେକ ଅନାହାରରେ ଗଡ଼ିମଲେ । ପୁଣିଥରେ କପିଳେନ୍ଦ୍ରଙ୍କ ଶେଷଅଙ୍କରେ ଏମିତି ରଥ ଅଟକିଗଲା । ଗୃହଯୁଦ୍ଧରେ ରାଜବଂଶ କଳଂକିତ ହୋଇଉଠିଲା । ନ୍ୟାଯ୍ୟଦାବୀରୁ ହମାରଦେବ ବଂଚିତହେଲେ । ପୁରୁଷୋତ୍ତମ ରାଜା ହେଲେ । ସିଂହାସନ ବସୁନବସୁ କଣାକାଟି ଶୁଣାନାହିଁ ହଠାତ୍ କାଂଚି-କାବେରୀ ଆରମ୍ଭ ହୋଇଗଲା ।"

ଦଳଦଳହୋଇ ନାମଯଜ୍ଞରେ କିଛିପୂର୍ବରୁ ମଜ୍ଜିଯାଇଥିବା ସଂକୀର୍ତ୍ତନମଣ୍ଡଳୀ ଭାଗଭାଗହୋଇ ନିଜନିଜପାଇଁ ନିରାପଦ ଜାଗା ସ୍ଥାନ ଟିକେ ଖୋଜୁଥିଲେ । ତବେ ନଦିଆକୀର୍ତ୍ତନମଣ୍ଡଳୀ ଅଖଣ୍ଡ ନାମଯଜ୍ଞରୁ ବିରତହୋଇ ଘୋର ନିରାଶା ଭିତରେ କୁହାକୁହି ହେଉଥିଲେ—

"ମାୟାପୁରୁଷ ହଟନାଗର ଲୀଳାଧର ସେ, ମାୟାରିଆଣ କରିଛି ।"

—"ହଁ, ସେକଥା ପୁରାଣୁଁ ସତପରା । ଗୋପୀମାନଙ୍କୁ ଦିନେ ଅବେଳରେ ବଂଶୀସ୍ୱନରେ ଡ଼ାକିନେଇ । ସ୍ୱାମୀ, ସଂସାର, ସମାଜର ଭୟକୁ ପିଠିରେ ପକାଇନେଇ ସେମାନେ ଧାଇଁଲେ କଅଁଳା ବାଛୁରୀପରି ବୃନ୍ଦାବନକୁ । ଅଥଚ ନିଜେ ମୁରଲୀଧର। ବୃନ୍ଦାବନରେ ଶୂନ୍ୟ ହୋଇଗଲେ ।"

—ଶାଳିକ'ଣ ସେତିକି । ବିଶ୍ୱାବସୁ ଶବରକୁ ତା ସଙ୍ଗରେ ପୁଣି ରାଜା ଇନ୍ଦ୍ରଦ୍ୟୁମ୍ନକୁ । କ'ଣ କମ୍ ଗୋଟେ ହଇରାଣ ହରକତରେ ପକାଇଲ । ଦାରୁମୂର୍ତ୍ତିହେବ ବୋଲି ମନେମନେ ସ୍ଥିରକରିନେଇ ନୀଳକନ୍ଦରର ବାଘଗୁମ୍ଫାରୁ ଶୂନ୍ୟହୋଇଗଲ । ବିଚରା ବସୁଶବର, ରାଜାଇନ୍ଦ୍ରଦ୍ୟୁମ୍ନ ପରସ୍ପରକୁ ଅବିଶ୍ୱାସକରି-ବସିଲେ । ବଳପୂର୍ବକ ରାଜା ଶବରକୁ ବନ୍ଦୀଶାଳାରେ ରଖିଲେ । କି ମାୟାଟେ ଜନେଇ ସେତେବେଳେ । ଏବେ ବଡ଼ଦାଣ୍ଡରେ ନୂଆ ହଟଲଗାଇଛି ।"

ହଠାତ୍ ଜଣେ ରାମାନନ୍ଦୀମତାବଲମ୍ବୀ ମୃଦଙ୍ଗବାଦକ ହାତଠିକୁ ସ୍ଥିରରଖି ସମସ୍ତଙ୍କୁ ଚମତ୍କୃତକରି ବଡ଼ପାଟିରେ ଗର୍ଜନକରି ଉଠିଲେ—"ଦେଖ......ଦେଖ କାଷ୍ଠ କଳେବରରୁ ପରଂବ୍ରହ୍ମ ଶୂନ୍ୟହୋଇ ଯାଉଛନ୍ତି । ରଥ ଅଟଳ୍କୁ ଅଟଳ୍କୁ ଜ୍ୟୋତି-ବ୍ରହ୍ମଙ୍କର ଶ୍ରୀମୁଖ ଜ୍ୟୋତି ମଳିନ ପଡ଼ିଯାଉଛି କେମିତି !!!"

ସମବେତ ଜନତାଙ୍କର ଦୃଷ୍ଟି ଗୁଡ଼ିକ ସ୍ୱତଃ ରଥଉପରକୁ ଲାଗିଗଲା । ସମସ୍ତେ ଶ୍ରୀମୁଖଙ୍କର ଜ୍ୟୋତିହାନିକୁ ଅନୁଭବକରି ଏକ ନିଶ୍ଚିତ ଅଶୁଭକୁ ଅନୁମାନକରି ହଠାତ୍ ବିବର୍ଣ୍ଣ ହୋଇଗଲେ । ଆଖିର ଏକ ପଲକ ଭିତରେ ଗରିଆଡ଼େ ଗ୍ରହଗ୍ରାସ୍ତ ଚନ୍ଦ୍ରରଜନୀପରି ଚରମ ଶୀତଳତା ଖେଳିଗଲା । ହୁହୁଙ୍କେତ୍ରୀୟ ନୀରବତା ଭିତରେ ସାରା ବଡ଼ଦାଣ୍ଡ ବିରାଟ ଜନସମୁଦ୍ର ଭିତରେ କିଛି ନଥିଲାପରି ମନେହେଉଥିଲା । ପବନର ସ୍ପନ୍ଦନ ନଥିଲା, ସମୁଦ୍ରପରି ଗର୍ଜନ ନଥିଲା, ପକ୍ଷୀର ସ୍ୱର ନଥିଲା ; ସବୁ ନୀରସ, ନିଶ୍ଚଳ, ନୀରବ ।

(୨)

ଅଥଚ ଏତେବଡ଼ ମହୋତ୍ସବର ମହାରବ ହଠାତ୍ ଅଟକି ହୋଇଗଲା, ଏଥିପ୍ରତି ଲୋକଟିର ଆଦୌ ଖିଆଲ ନଥିଲା । ସମୁଦ୍ର ଲହରୀରେ ଭିଜି ଫେଣମିଶା ଅଂଜୁଳା ଅଂଜୁଳା ବାଲି ଆଣି ରଥ ତିଆରି କରିବାରେ ସେ ବ୍ୟସ୍ତଥିଲା । ସତରେ ଯେମିତି ନିଜର କର୍ମ, ଧର୍ମ, ବୟସପ୍ରତି ସେ ଆଦୌ ସଚେତନ ନଥିଲା । ଅନ୍ୟସାଥୀମାନଙ୍କଠାରୁ ଅଲଗାହୋଇ ଆସିଥିବା ଏକାକୀ ଶିଶୁଟିଏପରି ସେ ବାଲିରଥ ତିଆରିକରି ଖେଳୁଥିଲା ।

ଅଭିମାନରେ ତା'ଆଖିରୁ ଅଶ୍ରୁଝରି ପଡୁଥିଲା । ନାସିକାର କ୍ରନ୍ଦନର ଅସମଭାବେ ଫରି ଉଠୁଥିଲା । ଦକ୍ଷିଣରୁ ଦଣ୍ଡ ବ୍ୟବଧାନରେ କଣ୍ଠମୂଳରେ ତା'ର ତୀବ୍ରସ୍ପନ୍ଦନ ସୃଷ୍ଟି ହେଉଥିଲା । ମଝିରେ ମଝିରେ ଦୀର୍ଘଶ୍ୱାସ ଭିତରେ ଧଇଁ ସଇଁ ହୋଇ ଲୋକଟି ବାଲିରଥର ସାମ୍ନାରେ ପାଗଳଙ୍କପରି ଗଡ଼ିଯାଇ କହୁଥିଲା—

'ତୁ ଶୁଣିଆ କାଳିଆ, ତୁ ଶୁଣିଆ । ମୋ ଏ ବାଲିରଥ ଥରେ ମାତ୍ର ଶୁଣିଆ । ତୁ'ପରା ଗୋପୀମାନଙ୍କ ମାନରକ୍ଷା ଗୋବର୍ଦ୍ଧନ ଟେକିଥିଲୁ । ପାଣ୍ଡବଙ୍କପାଇଁ ଦୂତହୋଇ ପଦ୍ମା ମାଗିଯାଇଥିଲୁ । ଦାସିଆବାଉରୀ ହାତଦିଆ ହାତ ବଢ଼େଇ ନେଇଥିଲୁ । ଭକ୍ତ ଚକଛୁର ମାନର ଯାଇ ମଥାଉରି କେଶଧରିଥିଲୁ । ଆଜି ମୋପାଇଁ କରୁଣାକରି ପାରିବୁନି କାଳିଆ ???"

ବଡ଼ଦାଣ୍ଡ ଆଡ଼କୁ ପୁଣିଥରେ ଗହିଁଲା ସେ । ଦେ... ଗଛର କଅଁଳ ଡାହୁଙ୍ଗା ଉପରେ କଳାବାଦଲର ... ଆଉ ସେଇ ଛାଇଭିତରୁ କଳାକଳା ଚକାଡୋଳା ଦି... ଆଡକୁ ଲାଗି ଆସୁଛି । ଆଉ ନିଜକୁ ସଂଭାଳି ପାରିଲା... ବାଲିରଥ ଉପରେ ଚକାଆଖି ଦି ଟା ଆଂକିଦେଇ ବା... ସାଷ୍ଟାଙ୍ଗ ପଡ଼ିଯାଇ କୋହମିଶା କଣ୍ଠରେ କହୁଥିଲା—

"ମୋର ଦୋଷ କେଉଁଠି ରହିଲା କାଳିଆ । ... ଦେବଦାସୀର ଡାକକୁ କେମିତି ଫାଂକି ପାରିଥାନ୍ତି ... ତୁ'ତ ପୁଣି ଲକ୍ଷ୍ମୀଠାକୁରାଣୀଙ୍କୁ ଘଉଡ଼ିଦେଇ ପଠା... ଭୋଜନପାଇଁ ଧାଇଁ ପଡ଼ିଥିଲୁ । ସୋଇଲି ପୁଅ ବି... ସାଗପଖାଳ ଖାଇଥିଲୁ । କୁବୁଜାର ଅନ୍ତପୁରରେ ... କରିଥିଲୁ । ତୋ ଦେହରେତ ସେତେବେଳେ ଦୋଷ ... ହେଲେ ମୋଠାରେ ଏମିତି କେଉଁ ମହାଦୋଷର ଚିହ୍ନ ଦେ... ସେମାନେ ମୋତେ ରଥଉପରକୁ ଯିବାକୁ ବାରଣ... ଦେବଦାସୀ ମାଧବୀପୁରରେ ପାଦ ଦେଇଥିଲିବୋଲି... ବେଶ୍ୟାମଭ କହି ପ୍ରହରୀ ହାତରେ ଗଳା ଧକ୍କାଦେ... ଯାତ୍ରୀଙ୍କ ସାମ୍ନାରେ ଅପମାନଦେଇ ବଡ଼ଦାଣ୍ଡରୁ ବିଦାକ... ତୋରି ଆଖି ସାମ୍ନାରେ ସେମାନେ ମୋତେ ନିନ୍ଦାକଲେ... କ'ଣ ସୁଖିଲଗିଲା ।"

ଆଖିରୁ ଲୁହ ପୋଛିଲା ଲୋକଟି । କ'ଣ ଭାବିଲା... 'ବେଳାଭୂମିରେ ପଡ଼ିଥିବା ଧବଳ ଶାମୁକା, କଉଡ଼ି ... ମାଳାପରି ସେଇ ବାଲିରଥ ଉପରେ ବିଛାଇଦେଇ ... ପୁଣି କାନ୍ଦିଉଠିଲା । ହଠାତ୍ କାନ୍ଦ ବନ୍ଦକରି ସ୍ଥିରହୋଇ... ନୟନରେ ବଡ଼ଦାଣ୍ଡର ଶ୍ରୀମନ୍ଦିର ଚୂଡ଼ାକୁ ଗୁହିଁ . ଦୁ... ଛିଡ଼ାହୋଇଗଲା । ନିଜକୁ ରାଜସଭାର ଦୋଷୀ ... ପରି ଭାବି କହିଲାଗିଲା—

"ତୁ ପରା ସବୁ ଜାଣୁରେ କାଳିଆ । ତୁ... ସେତେବେଳେ ଆଉ କ'ଣ କରିପାରିଥାନ୍ତି । ... ତୋରି ସାମ୍ନାରେ ଗୀତ ଗୋବିନ୍ଦର ମୃଦୁ—ଲଳିତ ପ... ତାଳେ ତାଳେ ନୁପୁର ଖଚିତ ଅଳକ୍ତକ ପଦ ... କରୁଥିଲା, ମୁଁ ଯେମିତି ମନେ କଲି ତା'ରି ପାଦର ତ... ତୁ ନାଚି ନାଚି ମଧୁମଙ୍ଗଳକୁ ଶ୍ରୀକୃଷ୍ଣ ଡାକିଲାପରି... ଡାକୁଛୁ । ଚିରବସନ୍ତର ଲୀଳାଭୂମି ମାଧବୀର ... ଛାତିର ନୃତ୍ୟାୟିତ ଭଙ୍ଗୀକୁ ଦେଖିକରି ମୋ...

ମୁଁ ସ୍ଥିର ହୋଇପାରିଲିନି । ମୋତେ ଯେମିତି ମନେହେଲା ମାଧବୀର ଅଙ୍ଗରେ ଅଙ୍ଗରେ ତୋରି ଆଦେଶରେ ସୃଷ୍ଟିକର୍ତ୍ତା ସର୍ବ ଶୋଭିକାର ଲାବଣ୍ୟ ଏକତ୍ର ଠୁଳ କରିଦେଇଛି । ମୋର ହୃଦୟ ଭିତରେ କେହି ଯେମିତି ସତର୍କ କରାଇ ଦେଉଥିଲା– ମାଧବୀର ଲାବଣ୍ୟ କେବଳ ତୋରି ପାଇଁ, ତୁ ତା'ର ମୂଲଦେଇ ପାରିବୁ ।

ଏବଂ ମାଧବୀର ନୃତ୍ୟାୟିତ ଅବସ୍ଥାରେ ତା'ର ଚକ୍ଷୁରୁ ଝରିଆସିଥିଲା ଶତରାଧିକାର ଶତରାତ୍ରିର ବିରହଜ୍ୱାଳା । ଆଉ ସେହି ଜ୍ୱାଳାଭିତରେ ବି ସେ ଯେମିତି ମୋତେ କହୁଥିଲା– "ତୋ'ରି ପାଇଁ ମୋର ଏ ନୃତ୍ୟ, ଏ ଛନ୍ଦ ଏ ରୂପ ଆଉ ଏ ଜ୍ୱାଳା । ଆସ–ଆହେ ପତିତ ପାବନ, ମନ ସହିତ ମନ ମିଳାଇ ସହଜମାର୍ଗରେ ଏକାତ୍ମ ହୋଇଯିବା । ମହାଯୁଗଳଙ୍କ ଭିତରେ ଆମେ ଅପ୍ରାକୃତ ପ୍ରେମମୂର୍ତ୍ତି ପାଲଟି ଯିବା ।"

(୩)

ସତ କହିଲୁ କାଳିଆ ! ଦ୍ୱାପରରେ ରାଧା ତୋତେ କେତେ ସୁନ୍ଦରୀ ଦିଶୁ ନଥିଲେ । ଯମୁନାକୂଳ ଥରେ ସୁନ୍ଦରୀ ରାଧା କଳସୀଧରି ପାଣିଆଣିବା ପାଇଁ ଘାଟକୁ ପାଦବଢ଼ାଇବା ମାତ୍ରେ ତୋ ମୁରଲୀରେ ସ୍ପନ୍ଦନ ସୃଷ୍ଟି ହୋଇଯାଉଥିଲା । କୂଳ, ଗୋତ୍ର, ସମାଜ, ପଦବୀ ସବୁକୁ ପଛରେ ପକାଇଦେଇ ମାଳତୀ ଲତା ତଳେ ତଳେ ସ୍ୱେରିଣୀ ଶିଶୁଙ୍କ ପରି ଯମୁନା କୂଳକୁ । ସେତେବେଳେ ଯମୁନା ଢେଉରେ ଢେଉରେ ଫୁଟି ଉଠୁଥିଲା ଶତକନ୍ଦର୍ପର ଦୀପ୍ତି । ତୋ ନିଜ ଆୟତ୍ତରୁ ତୁ ଅଣାୟତ୍ତ ହୋଇଯାଉଥିଲୁ ।

ଠିକ୍ ସେହିପରି କାଳିଆ । ଗୀତ ଗୋବିନ୍ଦ ଗାଇ ମାଧବୀ ନୂପୁର ଶବ୍ଦ କରିବା ମାତ୍ରେ ମୁଁ ସମସ୍ତ ଚେତନା ହରେଇବସେ । ମୁଁ ଦୁର୍ବଳ ହୋଇଯାଏ । ମୁଁ ଭୁଲିଯାଏ ମାଧବୀ ଦେବଦାସୀ, ମୁଁ ଦେବତାଙ୍କର ଦାସାନୁଦାସ । ମୋ ଆଖି ସାମ୍ନାରେ କେବଳ ଗୋଟିଏ ସତ୍ୟ ଭାସିଉଠେ–ନୀଳବର୍ଣ୍ଣା ଯମୁନା, ଆଉ ତା'କୂଳରେ ବିରହିଣୀପରି ଗୁହାରିଛି ରାଧା ବେଶରେ ମାଧବୀ । ଶେଷରେ ମୁଁ ନିରୂପାୟ ହୋଇ ମାଧବୀକୁ ପ୍ରତିଶ୍ରୁତିର ପ୍ରତି ସଙ୍କେତ ଦେଲି ।

(୪)

ତୁ ବିଶ୍ୱାସ କର କାଳିଆ: ଏହା ସତ୍ତ୍ୱେବି ମୁଁ ତୋ'ର ରଥ ଯାତ୍ରାକଥା ଭୁଲିନଥିଲି । ମୁଁ ଭାବିଲି ମାଧବୀକୁ ଦେଇ ଥିବା ପ୍ରତିଶ୍ରୁତି ରଖି ମୁଁ ଠିକ୍ ସମୟରେ ଶୁଦ୍ଧପୂତ ହୋଇ ତୋ ରଥକୁ ଫେରିଯାଇ ପାରିବି ।

ମହାରାଣୀ ଗୁଣ୍ଡିଚାଙ୍କୁ ତୁ ପ୍ରତିଶ୍ରୁତି ଦେଇଥିଲୁ ବରଷକେ ଥରେ ଜନମବେଦୀ ବୁଲି ଆସିବୁ । ତୋ ପ୍ରତିଶ୍ରୁତି ରଖିବାକୁ ଯାଇ ପଣ୍ଡାପୂଜାରୀଙ୍କ ଗାଳିମନ୍ଦ, ଟେକାଢେଲା ଖାଇ ତ ରଥ ଉପରକୁ ବିଜେ ହୋଇଛୁ ।

"ମୁଁ ଯେମିତି ମାଧବୀକୁ ପ୍ରତିଶ୍ରୁତି ଦେଇଥିଲି । ଯାଇ-ନଥାନ୍ତି କେମିତି କହିଲୁ । ନଯାଇଥିଲେ ତା ପାଖରେ ମୋର ପୌରୁଷର ଦମ ରହିଥାନ୍ତା ? ହେଲେ ଏତିକିଟା ଭୁଲ୍ ହୋଇଗଲା ମୁଁ ଠିକ୍ ସମୟରେ ଶୁଦ୍ଧପୂତ ହୋଇ ଆସିପାରିଲିନି ।"

କେମିତି ଆସିଥାନ୍ତି ସେ............ମାଧବୀ ଘରେ ପହଞ୍ଚିବା ମାତ୍ରେ ତା'ର ତୁଳିତଳ୍ପ ଶଯ୍ୟା, କର୍ପୂର ସର୍ଶ, ମଧୁର ବ୍ୟବହାର ଅପେକ୍ଷା ତା'ର ବିରହ–କାହାଣୀ ମୋତେ ସେଠି ଅଟକାଇ ଦେଲାରେ । ମୁଁ ଭୁଲିଗଲି ସେବକମାନେ ତୋତେ ପହଣ୍ଡିବିକେ ନଦେଇ ନେବେଣି । ଦଇତାଙ୍କ ଘଣ୍ଟାକାହାଳୀର ଶବ୍ଦତରଙ୍ଗରେ ବଡଦାଣ୍ଡ ଉଛୁଳି ପଡିବଣି । ମୁଁ ତ ସାମାନ୍ୟ । ତୁ ବି ନିଜେ-ହୋଇଥିଲେ ଆଜି ତୋର ରଥଯାତ୍ରା ବୋଲି ପାଶୋରି ଦେଇଥାନ୍ତୁ ।

(୫)

ମାଧବୀ ଦେବ ଦାସୀ........ । ତଥାପି ସେ ରକ୍ତମାଂସର ନାରୀ । ତା'ର ହୃଦୟ ଅଛି, ମନ ଅଛି । ଯେମିତି ତା ପୁରରେ ପାଦଦେଲି ସ୍ୱତଃ ନୀର ପାଇବା ଭଳି ସେ ହର୍ଷ-ଚଞ୍ଚଳ ହୋଇ ଉଠିଲା । ସେ ଭୁଲିଗଲା ମୁଁ ନୀଚକୁଳ ସଂଭୂତ ଶୂଦ୍ର, ସେ ଦେବଦାସୀ । ପବିତ୍ର ମହୋଦଧି ଜଳରେ ମୋର ପାଦଧୋଇ ଦେଇ ଶ୍ରମ ଲାଘବ ପାଇଁ ମୋ ଆସନ ପାଖରେ ବସି ଶ୍ରମର କଲା । ଆଉ ତାପରେ ଆରମ୍ଭକଲା–କିପରି ଏତେଦିନ ଧରି ଧର୍ମ ନାଁ, ଆଦର୍ଶ ନାଁରେ କେବଳ ନିଜର ଆତ୍ମାକୁ ଦେହକୁ ଠକି ଆସୁଛି ।

ମାଧବୀ ତୋର ଦେବଦାସୀ । ତୁ ତା'ପାଇଁ ପୁରୁଷୋ–ତ୍ତମ ଜଗନ୍ନାଥ । ତୁ ତାର ଧ୍ୟାନ, ଧାରଣା, ଉପାସ୍ୟ, ସବୁକିଛି । ଗୀତଗୋବିନ୍ଦ ଗାଇ ଯେତେବେଳେ ତୋର ମନୋରଂଜନରେ ନିଜକୁ ସମର୍ପିଦିଏ ସେତେବେଳେ ଅପୂର୍ବ ଜାଗରଣ ତା'ର ପାଦରୁ କେଶଯାଏ ଶିହରିତ ହୋଇଯାଏ । ମାତ୍ର ଯେତେବେଳେ ସିଂହଦ୍ୱାର ଟପି ରାଜପଥରେ ପାଦଦିଏ ସେ ସାଧାରଣ ନାରୀଟିଏ ହୋଇଯାଏ । ସେ ଭଲଭାବରେ ଅନୁଭବକରେ ଅନେକଙ୍କ ଲୋଭିଲା ଆଖି ତାରି ଦିଗକୁ ଲାଗି ଆସନ୍ତି । ମାତ୍ର ତୋର ଦେବଦାସୀ ଜାଣି ଭୟରେ ସେମାନେ ଆଖି ଫେରେଇ ନିଅନ୍ତି । ଅଥଚ ମାଧବୀ ଅନ୍ତରରେ ଜଳିଉଠେ ଶତରାତ୍ରିର ଜ୍ୱାଳା । ତୁଳିତଳ୍ପ ଶଯ୍ୟା ବିଛୁଆଟି ପାଲଟିଯାଏ । ତା'ର ମନକଥା–"ସେ କଣ କେବଳ ଦେବଦାସୀ କାହାର ପ୍ରେୟସୀ ହୋଇପାରିନାହିଁ", ଅନେକଥର ତୋ ପାଖରେ ଜଣାଇ ନିରାଶରେ ଫେରିଆସିଛି ।

ହେଲେ ଗତରାତ୍ରିରେ—ଗୀତଗୋବିନ୍ଦର ପଙ୍‌କ୍ତି ଗାଇ ଗାଇ କେତେବେଳେ ଶୋଇ ଯାଇଛି । ସୁପ୍ତିଭିତରେ ତୁ

ତା' ପୂରକୁ ଯାଉଛୁ । ହାତରେ ବଂଶୀ, କପାଳରେ ଚନ୍ଦନ, ମଥାରେ ମୟୂର ଚନ୍ଦ୍ରିକା, ଦେହରେ ପୀତବସନ ପରିଧାନ । ତୁମ ପଛରେ ମଧୁମଙ୍ଗଳ ପରି ମୁଁ ହସିହସି ମାଧବୀ ପାହୋଟି ନେବାକୁ ଆସିବାମାତ୍ରେ ତୁ ମୋତେ ଦେଖାଇ ଫେରି ଆସିଛୁ । ତାପରେ ମାଧବୀ ଆଖିରେ ମୁଁ ନିତ୍ୟ କିଶୋର ରାସସୁନ୍ଦର ରୂପରେ ପରିଣତ ହୋଇ ଯାଉଛି । ସେଇ ସ୍ୱପ୍ନକୁ ସତ କରିବାକୁ ଯାଇ ମାଧବୀ ସଙ୍କେତରେ ତା ପୁରକୁ ଆମନ୍ତ୍ରିଥିଲା ।

ମୁଁ କାଣ ତାର ଆମନ୍ତ୍ରଣକୁ ଉପେକ୍ଷା କରିଥିଲେ ଭଲହୋଇ ଥାନ୍ତା । ତାଛଡା ମୋତେ କେମିତି ଜଣା ପଡିଲା ତାର ସଙ୍କେତ ଭିତରେ ତୋର ନିର୍ଦ୍ଦେଶ ରହିଛି । ଆଉ ଯେତେବେଳେ ଯାଇ ତାର ନିକଟବର୍ତ୍ତୀ ହୋଇଛି—ମୁଁ ଅନୁଭବ କରିଛି ଗୋଟେ ନାରୀ ମଣିଷ ଖୋଜୁଛି, ଜୀବନ ଖୋଜୁଛି, ଆତ୍ମା ଖୋଜୁଛି ତୁ ପରା ନିଜେ କହିଛୁ—"ଆତ୍ମା ସୁଖରେ ସର୍ବସିଦ୍ଧି" । ସେଇ ଆତ୍ମାକୁ ସୁଖ ଦେବାକୁ ଯାଇ, ଟିକିଏ ବିରହଜ୍ୱାଳାରୁ ମୁକ୍ତ ହେବା ପାଇଁ ମାଧବୀ ଆଜି ଦେବଦାସୀରୁ ଗଣିକା ହୋଇଯାଇଛି ।

ସତରେ କାଳିଆ ! ମାଧବୀ ଏ ସବୁ କହିବାବେଳେ ତା'ର ଚକ୍ଷୁରେ ମୁଁ ଦେଖୁଥିଲି ସେଦିନେ ମଣିଷ ଠାରୁ ଆତ୍ମୀୟ ସମ୍ବେଦନା ଗୁନ୍ଥିଛି । ମୁଁ ନିଜକୁ ଆଉ ସ୍ଥିର ରଖି ପାରିଲିନି । ଗୋଟିଏ ଆତ୍ମାକୁ ମୁଁ ଶାନ୍ତି ଦେଇପାରିବି ଏହି ଗର୍ବରେ ମୋର ପୌରୁଷତବଲି ଉଠିଲା । ମୁଁ ମାଧବୀକୁ ଆଶ୍ଳେଷିନେଲି । ଆଉ ସେଇ ମହାଆଶ୍ଳେଷଣ ଭିତରେ ମାଧବୀ ମହାଭାବ ଭିତରେ କେବଳ କହୁଥିଲା—"ରତିସୁଖେ ସାରେ ଗତମଭିସାରେ" ।

ତା'ର ଗୀତର ସ୍ୱର ହଠାତ୍ ବନ୍ଦ ହୋଇଗଲା । ମୋର ବାହୁପାଶରୁ ନିଜକୁ ମୁକ୍ତ କରିନେଇ ଚିତ୍କାର କରି ଉଠିଲା— "ଜୟଜଗନ୍ନାଥ" ।

ସତକୁସତ ତା'ର ସେଇପଦକରେ ମୋ ଭିତରକୁ ମୁଁ ଫେରିଆସିଲି । ବଡଦାଣ୍ଡରେ ଲୋକ ଗହଳି ସହିତ ଘଣ୍ଟ ଘଣ୍ଟା ମୃଦଙ୍ଗ ଶବ୍ଦରେ ଉଚ୍ଛୁଳି ପଡୁଥିଲା । ତାହୁକ ଏହିସମୟରେ ଡାକ ଦେଲା—ବିଜେ ଗଜପତି........

ରଥରେ ଛେରାପହରା ପାଇଁ ପାଟହାତୀରେ ଗଜପତି ବିଜେ ହେଉଛନ୍ତି । ସର୍ବାଙ୍ଗ ମୋର ଥରିଉଠିଲା । ଚତୁର୍ପାର୍ଶ୍ୱରୁ ଚୋର ଜଣା ଜଣା ଚକା ଡୋଳା ମୋତେ ଚାହିଁଥିଲା । ମୁଁ ସଂପୂର୍ଣ୍ଣ ଭୁଲିଗଲି ନାରୀ ସଂସର୍ଗ । ମୋର କାୟା ଅଶୁଦ୍ଧ । ମୋର ନରେନ୍ଦ୍ର ସ୍ନାନ ଆବଶ୍ୟକ । ମୋର ବସନ ପାଇଟତା ନିହାତି ଉଚିତ । ତୋରି ମହାଭାବରେ ମୁଁ ସବୁକିଛି ଭୁଲି ସିଂହଦ୍ୱାରକୁ ଧାଇଁଲି । ମୁଁ ପାଶୋରି ଦେଲି ମୋତେ ପ୍ରତ୍ୟକ୍ଷ ଦେଖି ଅନ୍ୟମାନେ ମାଧବୀକୁ ଗଣିକା ବୋଲି ଅଖ୍ୟାଦେବେ । ମୋତେ ବେଶ୍ୟାମଉ ବୋଲି ନିନ୍ଦା କରିବେ । ମୁଁ ଧାଇଁଲି । ଭକ୍ତ ଧାଇଁବ ଭଗବାନଙ୍କ ପାଖକୁ । ଏଥିରେ ଦୋଷ ରହିଲା କେଉଁଠି କାଳିଆ ???

୬

ତୁ ତ ଦେଖିଲୁ କାଳିଆ, ତୋରି ସାମ୍ନାରେ ...
ମୋର ଦୋଷ ଧରିଲେ । ରଥ ଉପରେ ଚଢୁ ନ ଚଢୁଣୁ ...
ସାମ୍ନାରେ ମୋତେ ବେଶ୍ୟାମଉ ଶୁଦ୍ର ବୋଲି ପୂଜାପ...
ଗାଳି ଦେଲେ । ରାଜାଙ୍କର ପ୍ରହରୀମାନେ ଗଳାଧକ୍କା ...
ବଡଦାଣ୍ଡ ପାରି କରିଦେଲେ ।

ସେଥିପାଇଁ ଜଗନ୍ନାଥ ମୁଁ ଆଜି ସମୁଦ୍ର...
ବାଲିରଥ ତିଆରି କରିଛି । ମୋତେ ସେମାନେ ଅପମାନି...
ମୁଁ ତୋର ଭକ୍ତ ନ ହୋଇ ସେମାନଙ୍କ ଆଖିରେ ବେ...
ଶୁଦ୍ର ହେଲି । ତୁ ମୋତେ ତୋ ଭକ୍ତର ସମ୍ମାନ ଫେରା...
ନନ୍ଦିଘୋଷ ଛାଡ଼ି ମୋ ବାଲିରଥରେ ବିଜେ କର କାଳିଆ ...

(୭)

ଶୁହୁଁ ଶୁହୁଁ ଲୋକଟିର ସର୍ବାଙ୍ଗ ସ୍ୱେଦମୟ ହୋଇ ...
ଭକ୍ତିରେ ମତ୍ତ ହୋଇ ସେ ଜଗନ୍ନାଥ ଜଗନ୍ନାଥ କହି ...
ସାମ୍ନାରେ କାକିସୀ ଲଗିବା ପରି ଗଡ଼ି ଗଡ଼ି ଲମ୍ବ ହୋଇ...
ତା' ପରେ କ୍ଷଣକ ପାଇଁ ସମୁଦ୍ର ନିସ୍ତବ୍ଧ ହୋଇଗଲା ।

ଉତ୍ତର ଡାକ ପବନରେ ସଞ୍ଚରିଗଲା । ଏତେବ...
ସେ ଡାକର ତରଙ୍ଗକୁ ବାଧାଦେଇ ପାରିଲେନି । କୃଷ୍ଣନ...
ଲଗିଲା । ରଥ ଦୋହଲି ଗଲା ।

ହଠାତ୍ ସବୁ ନୀରବି ଗଲା । ରଥର ଚକ ଅଖ ବ...
ଗଲା । ପଣ୍ଡା ପଡିଆରୀ ଭକ୍ତ ବୈଷ୍ଣବଙ୍କ ଗୁହାରି ବିପ...
କାଳିଆର ଶ୍ରୀମୁଖ ଜ୍ୟୋତି କଳାମେଘର ଛାଇରେ ସ...
ପରି ମହଜଣ ପଡ଼ିଗଲା । ସମସ୍ତଙ୍କ ମୁହଁରେ ଗୋଟି...
"ରାଇଜରେ ବିପଦ ପଡ଼ିବ" । ଅଥଚ ତାହୁକ...
ଶକ୍ତି ସଞ୍ଚୟକରି ଯେତେ ଡାକ ଦେଲେ ବି ରଥ ...
ଦୂରର କଥା ହଲିଲା ବି ନାହିଁ ।

ଶେଷକୁ ନିଜେ ବଡ଼ ପଣ୍ଡା ରାମାନନ୍ଦୀ ଭଜନ ଗ...
ଧରି ନଚିଆ ଆରମ୍ଭ କରିଦେଲେ । ଶୁଦ୍ଧମାର୍ଗୀ ବୈ...
ଭାବ ବିହ୍ୱଳ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଉଚ୍ଚାରଣ ...

"ଜଗନ୍ନାଥସ୍ୱାମୀ ନୟନପଥଗାମୀ ଭବତୁମେ ।"
ତଥାପି ମହାମେରୁ ପରି ରଥ ଅଟଳ ଅଚଳ ।

ସମସ୍ତେ ଆଶଙ୍କା କଲେ—କିଛି ଅନ୍ୟାୟ ନେଁ...
ଯାଇଛି । ମାତ୍ର ଅନ୍ୟାୟର ମୂଳବିନ୍ଦୁଟିକୁ କେହି ଚିହ୍ନ...
ନ ଥିଲେ ।

(୮)

ଭିଡ଼ ଠେଲିପେଲି କରି ଅର୍ଜ୍ଜୁଆଳି ଧରି ...
ମହାପାତ୍ର ରଥ ଆଡ଼କୁ ଦୌଡ଼ି ଦୌଡ଼ି ଆସୁଥିବାର ...
ଧରି ସଭି ହୋଇ ମହାପାତ୍ରେ ରାଜାଙ୍କ ହୁକୁମ୍ ଘୋଷ...

ମହାରାଜା ଗଜପତି ପ୍ରତାପରୁଦ୍ରଙ୍କୁ ଶୂନ୍ୟବାଣୀ ହୋଇଛି, ନିଜେ ମହାବାହୁ ସମୁଦ୍ର କୂଳରେ ମତ୍ତ ବଳରାମଙ୍କ ବାଲିରଥରେ ବିଜେ ହୋଇଛନ୍ତି । ମତ୍ତ ବଳରାମ ନ ଆସିଲେ ରଥ ଗଡ଼ିବନି । ତେଣୁ ପୂଜାପଣ୍ଡା ସଣ୍ଡାନ, ଭକ୍ତ, ବୈଷ୍ଣବ ସମସ୍ତେ ଭକ୍ତ ବଳରାମଙ୍କୁ ପାଛୋଟି ଆଣିବାକୁ ଗଲେ । ସ୍ୱୟଂ ଗଜପତି ପାଟହାତୀ ଧରି ବେଳାଭୂମିକୁ ବିଜେକରିବେ ।

ମୁହୂର୍ତ୍ତକ ଭିତରେ ବଡ଼ଦାଣ୍ଡର ବିରାଟ ଜନ ସମୁଦ୍ର ବେଳାଭୂମି ଦିଗକୁ ଧାଇଁଲା । ହରିବୋଲ ହୁଳ ହୁଳି ଧ୍ୱନିରେ ବେଳାଭୂମି ଉଚ୍ଛୁଳି ପଡ଼ିଲା । କୋଳାହଳ ଭିତରେ ମତ୍ତଭକ୍ତ ମହାନିଦ୍ରାରୁ ଉଠିଲାପରି ଉଠି ଭାବବିହ୍ୱଳ ହୋଇ କହି ଉଠିଲେ—"ମୁଁ ଜାଣେ କାଳିଆ । ତୁ ନିଶ୍ଚୟ ଆସିବୁ ।"

ଚତୁର୍ଦ୍ଦିଗରେ ଚନ୍ଦନ ଚର୍ଚ୍ଚିତ ବାସ୍ନାରେ ମତ୍ତ ଭକ୍ତ ଏତେବଡ଼ ଜନ ସମୁଦ୍ର, ସ୍ୱୟଂ ଗଜପତିଙ୍କ ବିଜେ ପ୍ରତି ଆଦୌ ନିଘା ନ ଥିଲା । ଜଗନ୍ନାଥଙ୍କୁ ଉଦ୍ଦେଶ୍ୟ କରି ଭାବବିହ୍ୱଳ ହୋଇ ସେ ଗାଇ ଉଠିଲ—

"ହରିହେ,
ତୁ ମୋତେ ବାନ୍ଧିଲୁ ରାଜାର ହାତେ
ମୁଁ ତୋତେ ବାନ୍ଧିଲି ମୋ ମନ ଗୁପତେ,
ନାଥ ତୁ ବନ୍ଧା ହେଲୁଟିକି କହ
ଏବେ ସନ୍ତୋଷ ହୋଇଲା ମୋ ଦେହ ।"

ସମୟ ବିଳମ୍ବ ନ କରି ଅର୍ଘ୍ୟଥାଳି ନିଜ ହାତରେ ଧରି ଗଜପତି ଧୀରେ ପାଦ ବଢ଼ାଇଲେ । ବିଚିତ୍ର ଦୃଶ୍ୟରେ ସମସ୍ତ ଜନତ ସ୍ତମ୍ଭିତ ହୋଇ ଚାହିଁଥିଲେ । ମତ୍ତ ଭକ୍ତଙ୍କୁ ଆଲିଙ୍ଗନ କରି ପାଟହାତୀ ଉପରକୁ ଉଠାଇନେଲେ ନିଜେ ଉତ୍କଳର ଗଜପତି ଶ୍ରୀ ଶ୍ରୀ ଶ୍ରୀ ପ୍ରତାପରୁଦ୍ର ଦେବ । ପାଟହାତୀ ବଡ଼ଦାଣ୍ଡ ଆଡ଼କୁ ମୁହାଁ କଲା । ସମସ୍ତଙ୍କ ମୁଖରେ ଗୋଟିଏ କଥା—ଜଗନ୍ନାଥ ରାଜାର, ପ୍ରଜାର, ପାପୀର, ପୁଣି ବେଶ୍ୟାମଣର ।

(୯)

ଚାହୁଁ ଚାହୁଁ ବଡ଼ ଦାଣ୍ଡରୁ କଳାବାଦଲର ଛାଇ ଅପସରି ଗଲା ! ତୁଆ ନେଳର ବାସ୍ନାରେ ନନ୍ଦିଘୋଷ ମହକି ଉଠିଲା । ଡାହୁକ ଡାକଦେଲା—ହୋ ଲଗଦେ ! ରଥ ଗଲା ଗଡ଼ି ଗଡ଼ି........

ଏବଂ ସମବେତ ଜନତା ରଥ ଉପରେ ଦେବଦାସୀ ମାଧବୀ ପାଖରେ ଯେଉଁ ମତ୍ତଭକ୍ତଙ୍କୁ ଦେଖିବାକୁ ଭିଡ଼ ଜମାଇଥିଲେ, ସେ ଥିଲେ ପରମ ଜଗନ୍ନାଥ ଉପାସକ ଓଡ଼ିଆ ରାମାୟଣର ମତ୍ତ ବଳରାମ ଦାସ ।

---

ଅଧ୍ୟାପକ ଓଡ଼ିଆ ବିଭାଗ,
ମାଣିକେଶ୍ୱରୀ ମହାବିଦ୍ୟାଳୟ,
ଗଡ଼-ଡୁମୁରିଆ, ସୁନ୍ଦରଗଡ଼-୨୪ ।

ଅପାଣି ପାଦୋ ଜବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁ ସ ଶୃଣୋତ୍ୟକର୍ଣ୍ଣଃ
ସ ବେତ୍ତି ବେଦ୍ୟମ୍ ନ ଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।

ତାଙ୍କର ହାତ ନାହିଁ, ପାଦ ନାହିଁ ଅଥଚ ସେ ସମସ୍ତଙ୍କୁ ଧରିଛନ୍ତି ଓ ସବୁଆଡ଼େ ଯାଉଛନ୍ତି । ତାଙ୍କର ଆଖି ନାହିଁ, କିନ୍ତୁ ସବୁ ସେ ଦେଖୁଛନ୍ତି । ତାଙ୍କର କାନ ନାହିଁ, ସବୁ ଶୁଣି ପାରୁଛନ୍ତି । ସେ ସମସ୍ତଙ୍କୁ ଜାଣୁଛନ୍ତି ଅଥଚ ତାଙ୍କୁ କେହି ଜାଣି ପାରୁ ନାହାନ୍ତି । ସେହି ତ' ପୁରୁଷୋତ୍ତମ !

'ଶ୍ୱେତାଶ୍ୱେତୋପନିଷଦ'



# ରୋଗନିରାକରଣେ
# ପ୍ରାର୍ଥନା
# ଏକ ଅଲୌକିକ ମହୌ

● ଶ୍ରୀ ଲକ୍ଷ୍ମୀନାରାୟଣ ବ

କାଳର କରାଳ ଗତିରେ ମଣିଷ ଆଜି ନିଷ୍ପେଷିତ । କାଳଜୟୀ ବିଶ୍ୱ ନିୟନ୍ତାଙ୍କ ଚରଣ ତଳେ ପରମଶାନ୍ତି ପ୍ରାପ୍ତି ପାଇଁ ଶରଣ ନେବା ମନୁଷ୍ୟର ଶ୍ରେଷ୍ଠ ପନ୍ଥା । ଆଜିର ଉଦ୍‌ଭ୍ରାନ୍ତ ମନୁଷ୍ୟ ସରଳ ଉପାୟ ତ୍ୟାଗ କରି ନିଜକୁ ଅସହାୟ ମନେ-କରୁଛି । କେବଳ ମାତ୍ର ମନୁଷ୍ୟର ଅହଂଭାବ ପରମେଶ୍ୱରଙ୍କ ଠାରୁ ତାକୁ ପୃଥକ୍ କରି ରଖିଛି । କୌଣସି ଚିନ୍ତାଶୀଳ ବ୍ୟକ୍ତି ଯଦି ପ୍ରତ୍ୟେକ ମନୁଷ୍ୟର ଜୀବନଧାରାକୁ ଅନୁଧ୍ୟାନ କରେ ତେବେ ସ୍ପଷ୍ଟ ଭାବରେ ନିୟତିର ଲୀଳାଖେଳା ବୁଝିପାରିବ । ସତେ ଯେପରି ଜୀବନର ସମସ୍ତ ଘଟଣାବଳୀ ବହୁ ଆଗରୁ ଲିପିବଦ୍ଧ ହୋଇରହିଛି । ଭକ୍ତ ଅଚ୍ୟୁତାନନ୍ଦ ତାଙ୍କ ମାଳିକାରେ ବହୁ ଘଟଣାବଳୀ ଘଟିବାର ବହୁ ଆଗରୁ ଲିପିବଦ୍ଧ କରିଥିଲେ । ଭକ୍ତ ଭୀମଭୋଇଙ୍କର ଜନ୍ମ ସଂକ୍ରାନ୍ତରେ ବହୁ ଆଗରୁ ସେ ଲିପିବଦ୍ଧ କରିଥିଲେ । ଆଶ୍ଚର୍ଯ୍ୟର କଥା ଏହି ଯେ ଏ ପୃଥିବୀର ସମସ୍ତ ଘଟଣାବଳୀ ନିୟତିର ନିର୍ଦ୍ଦେଶନାରେ ହିଁ ସଂପାଦିତ ହେଉଛି । ତେବେ ଏ କ୍ଷୁଦ୍ର ମନୁଷ୍ୟ ଅତ୍ୟଳ୍ପ ଶକ୍ତିସାମର୍ଥ୍ୟ ନେଇ ବୃଥା ଗର୍ବ କାହିଁକି କରିବ ? ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତି ପାଇବା ପାଇଁ ମୁନି-ଋଷିମାନେ ଅନେକ ପନ୍ଥା ସିରାନ୍ତ କରିଛନ୍ତି । ଅଧୁନା କଳି ଯୁଗରେ ପରମେଶ୍ୱରଙ୍କ ପାଖରେ ପ୍ରାର୍ଥନା ହିଁ ସର୍ବଶ୍ରେଷ୍ଠ ପନ୍ଥା । ରୋଗ ବିହୀନ ଶରୀର ନେଇ ବିଶ୍ୱାସ ସହିତ ଶ୍ରଦ୍ଧାଯୁକ୍ତ ମନରେ ପ୍ରାର୍ଥନା କରିବା ଅତ୍ୟନ୍ତ ଶାନ୍ତିପ୍ରଦ । ତେବେ ଅସଲ କଥା ହେଉଛି ରୋଗ କ'ଣ ମନୁଷ୍ୟକୁ ତ୍ୟାଗ କରି ପାରିଛି ନା ମନୁଷ୍ୟ ରୋଗକୁ ତ୍ୟାଗ କରି ପାରିଛି ! ଘରେ ଘରେ ରୋଗର ତାଣ୍ଡବ-ଲୀଳା ମନୁଷ୍ୟକୁ ଆଜି ବିମର୍ଷ କରି ଦେଇଛି । ରୋଗ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେଲେ ସହଜ ଓ ସରଳ ଉପାୟ-ମାନ ରହିଛି । କିନ୍ତୁ ଦୁଃଖର ବିଷୟ ଆମେ ସରଳ ଉପାୟ-ମାନ ଛାଡଛଡା କରି ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଛେ ।

ଅଧୁନା ନାନାପ୍ରକାର ଚିକିତ୍ସା ପଦ୍ଧତି ରୋଗ ସହ ତାଳ ଦେଇ ଆବିଷ୍କାର ହେଉଛି । କିନ୍ତୁ ପରିତାପର ବିଷୟ ଏହିକି ଯେ ଦିନକୁ ଦିନ ରୋଗ ଜଟିଳ ଆକାର ଧାରଣ
ନୂତନ ନୂତନ ରୋଗ ସୃଷ୍ଟି ହେବାରେ ଲାଗିଛି । ଆଜି
ଏହା ବିଷମ ସମସ୍ୟା ସୃଷ୍ଟି କଲଣି । ଏ ସମସ
ଅନୁଧ୍ୟାନ ନିତାନ୍ତ ଆବଶ୍ୟକ । ଔଷଧ ଶଶ୍ତଙ୍କ
ଅପ୍ରାକୃତିକ ଔଷଧର ସ୍ଥାନ ନାହିଁ । ଅପ୍ରାକୃତିକ ଔ
ସ୍ୱାସ୍ଥ୍ୟକୁ ନଷ୍ଟଭ୍ରଷ୍ଟ କରିଛି । ଯାହା ପ୍ରକୃତି ଦତ୍ତ, ଯ
ମହିମା ବଳରେ ସୃଷ୍ଟି ତାହାହିଁ ଆମ ପକ୍ଷରେ ଗ୍ର
ଅପ୍ରାକୃତିକ ଔଷଧ ମନୁଷ୍ୟକୁ ଏକ ରକମ ବିପଥଗ
ବିଜ୍ଞାନୀମାନେ ନାନାପ୍ରକାର ରଙ୍ଗ ବେରଙ୍ଗ ଔଷ
ରୋଗକୁ ଜଟିଳ କରି ସାରିଲେଣି । ଆମେମାନେ
ପ୍ରଚାରର ବଶବର୍ତ୍ତୀ ହୋଇ ଅପ୍ରାକୃତିକ ଔ
ପର୍ଯ୍ୟାଲୋଚନା ନ କରି ଏହାର ସୁନ୍ଦର ପ୍ୟାକିଙ୍ଗ୍‌ରେ ପ୍ର
ଅଛୁ । ଏହା ଆମ ସମସ୍ତଙ୍କୁ ଏକରକମ ସ
ରଖିଛି ।

ଅପ୍ରାକୃତିକ ଔଷଧ ଅନେକ କ୍ଷେତ୍ରରେ ଶ
ବିଷକ୍ରିୟା ସୃଷ୍ଟି କରିଥାଏ । ପ୍ରାଣ ଶକ୍ତିକୁ ଏହି ଅପ୍ର
ଅସମ୍ଭବ ଭାବେ ଦୁର୍ବଳ କରିଦିଏ । ଏହି ହେତୁ
ଔଷଧର ସହାୟତା ନେଇ ସାମୟିକ ରୋଗମୁକ୍ତ
ପରିଶ୍ରୟକ ନୁହେଁ ।

ଅପର ପକ୍ଷରେ ରୋଗ ସୃଷ୍ଟି ପାଇଁ ଆମ
ପରିବେଶ ଓ ଆମେ ନିଜେ ସମସ୍ତେ ଦାୟୀ । ଜୀ
ସ୍ତରରେ ସରଳତା ହରେଇ ସାରିଛି । ଜଟିଳ
ନେଇ ଶାନ୍ତିପ୍ରଦ ଜୀବନ ଯାପନ କରିବା କେବେବି
ନୁହେଁ । ଆମେ ନିଜକୁ ନିଜେ ପ୍ରତାରଣା କରି
ହୋଇଥାଉଁ । ଜଟିଳ ସ୍ୱଭାବହିଁ ଜଟିଳ ରୋ
ଏହାହିଁ କାଳର ବିଚିତ୍ର ଗତି । ମନୁଷ୍ୟ ଯେତେ
ଅଧିକାରୀ ହେବ, ଠିକ୍ ଛୋଟ ପିଲା ପରି, ଯେ

ରୋଗମୁକ୍ତ ହେବ । ଖାଦ୍ୟ ମନୁଷ୍ୟର ଶରୀରକୁ ଶକ୍ତି ଯୋଗାଇ-ଥାଏ । ମନ ଖାଦ୍ୟରୁ ସୃଷ୍ଟି । ଔଷଧ ମଧ୍ୟ ଏକପ୍ରକାର ଖାଦ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଔଷଧରୁ ମଧ୍ୟ ମନ ସୃଷ୍ଟି ହେବା ସ୍ୱାଭାବିକ । ମନରୁ ବୁଦ୍ଧି ଓ ବୁଦ୍ଧିରୁ ଅହଂକାରର ସୃଷ୍ଟି । ମନ ବୁଦ୍ଧି ଓ ଅହଂକାର ଏମାନଙ୍କର ଭୌତିକ ରୂପ ନାହିଁ । କିନ୍ତୁ ଭୌତିକ ପଦାର୍ଥରୁ ସୃଷ୍ଟି । ଏହି କାରଣରୁ ଔଷଧ ଓ ଖାଦ୍ୟ ମନୁଷ୍ୟ ପାଇଁ ଏପରି ହେବା ଉଚିତ୍ ଯାହାର ପ୍ରଭାବରେ ଉତ୍ତମ ଚରିତ୍ରର ସୃଷ୍ଟି ହୋଇପାରିବ ।

ରୋଗର ଯନ୍ତ୍ରଣାଦାୟକତା ଅନେକ ବହୁତେ ସମସ୍ତଙ୍କୁ ଜଣା । ଏହା ରୋଗୀକୁ ବିମର୍ଷ କରି ଦେଇଥାଏ । ରୋଗ ଯଦି ଅଧିକରୁ ଅଧିକ ସମୟ ଶରୀରରେ ଅବସ୍ଥାନ କରେ ଓ ସମସ୍ତ ପ୍ରକାର ଔଷଧ ଯଦି ବିଫଳ ହୁଏ ତେବେ ରୋଗୀ ଅସାମର୍ଥ୍ୟ ଉପଲବ୍ଧିକରି ନିଃସହାୟ ଭାବେ ବିଶ୍ୱନିୟନ୍ତାଙ୍କ ଚରଣ ତଳେ ଶରଣ ପଶି ଆକୁଳ ପ୍ରାର୍ଥନା କରେ । ଅନେକ ରୋଗୀ ମଧ୍ୟ ଶାରୀରିକ କଷ୍ଟ ସହ୍ୟ ନ କରି ପାରି ଆତ୍ମହତ୍ୟା କରିଥାନ୍ତି । ଆହୁରି ଅନେକ ରୋଗୀ ଅଛନ୍ତି ସେମାନେ ଶିବ ମନ୍ଦିରରେ ଧାରାପଡ଼ି ମଧ୍ୟ ରୋଗମୁକ୍ତ ହୋଇଛନ୍ତି । ଏପରି ଉଦାହରଣ କିଛି ବିରଳ ନୁହେଁ । ଭକ୍ତ ସାଲବେଗଙ୍କର କୁଷ୍ଠରୋଗରୁ ମୁକ୍ତ ହେବା ପାଇଁ ଆକୁଳ ପ୍ରାର୍ଥନା ବିଫଳ ଯାଇ ନ ଥିଲା । ଜଗନ୍ନାଥଙ୍କର ଅଶେଷ କରୁଣା ବଳରେ ସେ ତାଙ୍କ ପୂର୍ବ ଦୀପ୍ତିମାନ ଶରୀର ଫେରି ପାଇଥିଲେ । ଏହା ଥିଲା ପ୍ରାର୍ଥନାର ଏକ ଅଲୌକିକ ଶକ୍ତି । ଭକ୍ତ ସାଲବେଗ ଅନେକ ଜଣାଣ ଲେଖିଛନ୍ତି । ତନ୍ମଧ୍ୟରୁ ନିମ୍ନଲିଖିତ ଭଜନଟି ତାଙ୍କର ଥିଲା ଅତ୍ୟନ୍ତ ପ୍ରିୟ :

"ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ । ୦ ।

ଗଜରାଜ ଡାକଦେଲା ଗ୍ରାହ ଯୁଦ୍ଧ ବେଳେଣ
ଚକ୍ରପେଷି ନକ୍ରନାଶି କୃପା କଲ ଆପଣ । ୧ ।

ଦ୍ରୌପଦୀ ଯେ ଚିନ୍ତାକଲେ କୁରୁସଭା ତଳେଣ
କୋଟି ବସ୍ତ୍ର ଦେଇ ତାଙ୍କ ଲଜ୍ଜାକଲ ବାରଣ । ୨ ।

ହରିଣୀକି ଘୋର ବନେ ପଡ଼ିଥିଲା କଷଣ
ଡାକିବା ମାତ୍ରକେ ହରି ରକ୍ଷା କଲ ଆପଣ । ୩ ।

ରାବଣର ଭାଇ ବିଭୀଷଣ ଗଲା ଶରଣ
କେତେ କେତେ ବିପତ୍ତିରୁ ରଖିଅଛ ଆପଣ । ୪ ।

ଅଜାମିଳ ଡାକ ଦେଲା ଜୀବ ଯିବା ବେଳେଣ
କେଡ଼େ ବଡ଼ ପାପୀ ଗଲା ବଇକୁଣ୍ଠ ଭୁବନ । ୫ ।

କହେ ସାଲବେଗ ହୀନ ଜାତିରେ ମୁଁ ଯବନ
ଶ୍ରୀରଙ୍ଗ ଚରଣ ତଳେ ରଖ ମୋତେ ଶରଣ । ୬ ।

ଉପରୋକ୍ତ ଭଜନରେ ଭକ୍ତ ସାଲବେଗ ଶ୍ରୀ ଜଗନ୍ନାଥଙ୍କର ଅଲୌକିକ ମହିମା ବଖାଣି ନିଜକୁ ଦୀନହୀନ ମନେକରି ତାଙ୍କ କୃପାଭିକ୍ଷା କରିଛନ୍ତି । ସେ ମହାପ୍ରଭୁଙ୍କ ଚରଣତଳେ ଶରଣ ପଶିଥିଲେ । ଭଜନ ସମୟରେ ସାଲବେଗ ନିଜର ସତ୍ତା ଭୁଲି ଯାଉଥିଲେ । ଦିନ ରାତି ତାଙ୍କୁ ଲାଗୁଥିଲା ଏକାକାର । ସେ ଅତ୍ୟନ୍ତ ନିଃସହାୟ ହୋଇ ପଡ଼ିଥିଲେ । ଜାତିରେ ଯବନ ଥିବାରୁ କୁଷ୍ଠ ରୋଗରେ ପୀଡ଼ିତ ହୋଇ ନିଜକୁ ଅତ୍ୟନ୍ତ ଦୀନ ହୀନ ମନେ କରୁଥିଲେ । ତଥାପି ତାଙ୍କ ଭଜନ ଥିଲା ନିଷ୍କାମଧର୍ମୀ । କାରଣ ସେ କେବଳ କୁଷ୍ଠ ରୋଗରୁ ମୁକ୍ତ ହେବା ପାଇଁ ଭଜନ କରୁ ନଥିଲେ, ତାଙ୍କ ହୃଦୟରେ ପ୍ରଭୁଙ୍କ ଶ୍ରୀ ଚରଣ ସେବା ପାଇଁ ଥିଲା ଦୁର୍ବାର ବାସନା । ପାରିପାର୍ଶ୍ୱିକ ପରିସ୍ଥିତି ତାଙ୍କୁ ଅସହାୟ କରି ଦେଇଥିଲା । ତାଙ୍କର ଜଗନ୍ନାଥଙ୍କ ପାଖରେ ଥିଲା ଏତିକିମାତ୍ର ନିବେଦନ "ପ୍ରଭୋ—ମୁଁ ଜାତିରେ ଯବନ । ଏଣୁ ଶ୍ରୀ ମନ୍ଦିରରେ ଆପଣଙ୍କ ଦର୍ଶନ ସେବିବା ସୁଯୋଗରୁ ବଞ୍ଚିତ । କିନ୍ତୁ ମୋର ଏତିକି ପ୍ରାର୍ଥନା ସିଂହ ଦ୍ୱାରରେ ମୋ ଜୀବନ ଥିବା ପର୍ଯ୍ୟନ୍ତ ଦ୍ୱାରପାଳ ଭାବରେ ସେବା କରି ପାରିଲେ ଏ ଅକିଞ୍ଚନ ନିଜକୁ ପରମ ଭାଗ୍ୟବାନ ବୋଲି ମନେ କରିବ ।" ଶ୍ରୀ ଜଗନ୍ନାଥ କୃପା ପରବଶ ହୋଇ ସାଲବେଗଙ୍କର ଏହି ଅନୁରୋଧକୁ ସାଦରେ ମଞ୍ଜୁର କରିଥିଲେ ।

ଶ୍ରୀଚୈତନ୍ୟ ଜଗନ୍ନାଥ ଦାସ "ହରେରାମ କୃଷ୍ଣ" ଭଜନର ମହାତ୍ମ୍ୟ ବିଷୟରେ ଅବତାରଣା କରିଛନ୍ତି ।

ଯେ ପାପିନୋ ରୋଗଯୁତା ଭବନ୍ତି ଦୁଃଖାବିଭୂତଃ
ପରିତାପିତାଶ୍ଚ ହରେରାମ କୃଷ୍ଣେତି ଭଜନ୍ତି
ନିତ୍ୟଂ ନିରାମୟଂ ଭକ୍ତିସୁଖ ଲଭନ୍ତେ ।

ବୃନ୍ଦାବନଦାସ ଗୋସ୍ୱାମୀ ଏହାର ବ୍ୟାଖ୍ୟା ଅତି ସରଳ ଭାଷାରେ ଉପସ୍ଥାପନ କରେ :

ଯେ ପାପୀ ରୋଗରେ ପୀଡ଼ିତ ଦୁଃଖେ ହୁଅନ୍ତି ଅଭିଭୂତ
ତ୍ରିତାପ ଅନଳ ପାପରେ ପରିତାପିତ ନିରନ୍ତରେ
ହରେ ରାମକୃଷ୍ଣ ଭଜନ୍ତି ଦୁଃଖ ତରି ଭକ୍ତି ଲଭନ୍ତି ।

ପରଂବ୍ରହ୍ମ ଅତ୍ୟନ୍ତ ଦୟାଳୁ । ତାଙ୍କୁ ଦୃଢ଼ ଆଶ୍ରା କଲେ ରୋଗ ଶୋକରୁ ନିଶ୍ଚିତ ଭାବେ ରକ୍ଷାମିଳିଥାଏ । ପ୍ରାର୍ଥନାର ସ୍ୱରୂପ : ପ୍ରାର୍ଥନାରେ ଆକୁଳତା ପ୍ରକାଶ ନ ପାଇଲେ ଏହାର କୌଣସି ମୂଲ୍ୟ ନାହିଁ ।

କାତର ପ୍ରାର୍ଥନା ଈଶ୍ୱରଙ୍କ ସିଂହାସନକୁ ଦୋହଲାଇ ଦେଇପାରେ । ଏଣୁ ମାନ, ଅଭିମାନ, ପ୍ରେମ, ଆକୁଳତା ନିଃସହାୟତା ଏ ସମସ୍ତ ପ୍ରାର୍ଥନାର ଏକ ବିଶିଷ୍ଟ ଅଙ୍ଗ । ଭକ୍ତ ଭୀମ ଭୋଇ ଅଭିମାନଭରା କଣ୍ଠରେ ବ୍ରହ୍ମଙ୍କୁ ପ୍ରାର୍ଥନା କରିଥିଲେ—

ହେଉଅଛି ଯାହା ନ ଜାଣୁଛି ତାହା
ଅନ୍ତର୍ଯାମୀ ନାମ ବହି
ମତେ କୋପ କରି କି ଯଶ ଅର୍ଜିବୁ
ଭକତ ଜୀବନ ଖାଇ ।

ପୁନଶ୍ଚ ସେ ତାଙ୍କ ଭଜନରେ ମ୍ରିୟମାଣ ହୃଦୟରେ ଗାଉଛନ୍ତି–

ଘୋଟୁଛି ଦୁର୍ଦ୍ଦଶା ଯୋଗ ପଡୁଛି ଭୋଗରେ ରୋଗ
ଆର୍ତ୍ତ ଅଲେଖ ମହିମା ଶକତି
ମନୁଷ୍ୟ ପରାଏ ମୋତେ ଜାତ କଲେଣି କେମନ୍ତେ
ଦେଇ ନପାରିବ ଯେବେ ମୁକତି

ଧିକ ଧିକ ଏ ଜୀବନ ସ୍ନେହଲତା ଘୋରବନ
ଧିକ ପ୍ରାଣ ନ ଯୋଗାଏ ଯେ ପ୍ରୀତି
ଏବେ ପ୍ରଭୁ ଆଉ ମାୟା ମୋହେ ବାନ୍ଧି
ହେଉଅଛି ଦିବାନିଶି ଧନ୍ଦି ।

ଭୀମଭୋଇଙ୍କର ଭଜନ ଥିଲା ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ଭାଷାରେ ଥିଲା ଭାବପ୍ରବଣତା, କାତରତା ତଥା ପୁଞ୍ଜିଭୂତ ବେଦନାର ହୃଦୟ ଫଟା କୋହ । ତେଣୁ ସେ ଈଶ୍ୱରଙ୍କର କୃପା ଲାଭକରି ଅନ୍ଧତ୍ୱରୁ ମୁକ୍ତିଲାଭ କରିଥିଲେ । କିନ୍ତୁ ସେ ଭୌତିକ ଚକ୍ଷୁ ଈଶ୍ୱରଙ୍କୁ ଫେରାଇ ଦେଇ ଦିବ୍ୟ ଚକ୍ଷୁ ପ୍ରାପ୍ତି କରିଥିଲେ । ସେ ତାଙ୍କ ଦିବ୍ୟଚକ୍ଷୁ ବଳରେ ବ୍ରହ୍ମ ନିରୂପଣ ଗୀତା ସଙ୍କଳନ କରିଛନ୍ତି ଯେଉଁଥିରେ କି ଅତ୍ୟନ୍ତ ଗୋପନୀୟ କଥାମାନ ପ୍ରକାଶ ପାଇପାରିଛି । ସେହିପରି ଅନେକ ଭକ୍ତ ଯଥା ଅଚ୍ୟୁତାନନ୍ଦ, ଯଶୋବନ୍ତ ଦାଶ, ସନ୍ଥକବୀର, ସନ୍ଥ ଏକନାଥ ତାଙ୍କ ଭଜନରେ ଈଶ୍ୱରଙ୍କୁ ପ୍ରୀତ କରି ଅନେକ ଅଲୌକିକ କଥାମାନ ସଂପାଦନ କରି ପାରୁଥିଲେ ।

ଅନ୍ତଃକରଣରେ ନିର୍ମଳଭାବ, ଈଶ୍ୱରଙ୍କ ପ୍ରତି ଦୃଢ଼ ବିଶ୍ୱାସ ଶ୍ରଦ୍ଧା ଓ ଭକ୍ତି ମନୁଷ୍ୟକୁ ପ୍ରକୃତ ପ୍ରାର୍ଥନା ପାଇଁ ସହାୟକ ହୋଇଥାଏ । ପ୍ରାର୍ଥନା ଠିକ୍ ଛୋଟ ପିଲାର କ୍ରନ୍ଦନ ସ୍ୱରୂପ ହେବା ଉଚିତ୍ । ଏଥିରେ ବ୍ୟାକୁଳତା ନଥିଲେ ଏହାର ମୂଲ୍ୟବୋଧ ନିମ୍ନସ୍ତରର ହୋଇଥାଏ । ଈଶ୍ୱରଙ୍କର ଶରଣ ଓ ଆକୁଳ ନିବେଦନ ଦ୍ୱାରା ହିଁ ସବୁକିଛି ସମ୍ଭବ ଓ ପରମ ଶାନ୍ତିର ପରିଚାୟକ । ପ୍ରାର୍ଥନା ଦୁଇ ଶ୍ରେଣୀରେ ବିଭକ୍ତ । ଯଥା–ସକାମ ଧର୍ମୀ ଓ ନିଷ୍କାମ ଧର୍ମୀ ।

ସକାମ ଧର୍ମ ପ୍ରାର୍ଥନା ମନୁଷ୍ୟର ଦୁଃଖକୁ ଅବଶ୍ୟ ଲାଘବ କରି ପାରେ କିନ୍ତୁ ଚିରନ୍ତନ ସତ୍ୟକୁ ଉପଲବ୍ଧି ପାଇଁ ସହାୟକ ନୁହେଁ । ତେଣୁ ନିଷ୍କାମ ପ୍ରାର୍ଥନା ସର୍ବାଦୌ ଗ୍ରହଣୀୟ । ମନୁଷ୍ୟ ଯେତେବେଳେ ନିଜକୁ ଅସହାୟ ମନେ କରେ, ଯେତେବେଳେ ନିଜ ଉପରୁ ସମସ୍ତ ବିଶ୍ୱାସ ହରାଇ ବସେ ସେତେବେଳେ ସେ ବିଶ୍ୱନିୟନ୍ତାଙ୍କ ଶରଣାପନ୍ନ ହୁଏ । ତା ହୃଦୟରେ ବୈରାଗ୍ୟ ଭାବ ଉଦୟ ହୋଇ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ପ୍ରୟାସ କରେ । ତେବେ ପ୍ରାର୍ଥନା କରିବା କିଛି ସହଜ ବ୍ୟାପାର ନୁହେଁ । ଏଥିପାଇଁ ଦୃଢ଼ମନ ଓ ଜ୍ଞାନର ଆବଶ୍ୟକତା ରହିଛି । ଭକ୍ତି ଓ ଜ୍ଞାନ ପରସ୍ପର ପରିପୂରକ । ଭକ୍ତି ନଥିଲେ ଜ୍ଞାନ ମିଳିପାରେ ନାହିଁ । ଜ୍ଞାନ ନଥିଲେ ଭକ୍ତି ମଧ୍ୟ ମିଳେ ନାହିଁ । ଭକ୍ତି ହୃଦୟରେ ଏପରି ଏକ ଶକ୍ତି ଜାତ କରେ ତଦ୍ୱାରା ଅବିଦ୍ୟା ସମ୍ପୂର୍ଣ୍ଣ ଲୋପ ପାଇବା ସଙ୍ଗେ ସଙ୍ଗେ ଶରୀରରେ ଐଶୀଶକ୍ତିର ଅଭ୍ୟୁଥାନ ଘଟେ । ଏହି ଐଶୀଶକ୍ତିହିଁ ମନୁଷ୍ୟକୁ ରୋଗ...
ତୋଳେ । କୃଷ୍ଣ ପ୍ରେମ ଓ କୃଷ୍ଣଭକ୍ତି ମନୁଷ୍ୟ ଶ...
ଉପାଦାନରେ ପରିବର୍ତ୍ତନ ଆଣିଥାଏ । ଭକ୍ତ ଯଶୋ...
"ପ୍ରେମଭକ୍ତି ବ୍ରହ୍ମଗୀତା" ରେ-ଭକ୍ତି ରସ ବିଷୟରେ ...

ସର୍ବମଧୁଙ୍କ ମଧୁ ସାର
ଯେ ରସ ଶୂନ୍ୟରୁ ବାହାର

ଭକ୍ତି ଓ ପ୍ରେମରସ କେବଳ ମନୁଷ୍ୟର ଐଶୀ...
ପ୍ରବୃଦ୍ଧ କରେନାହିଁ, ତତ୍ ସଙ୍ଗେ ସଙ୍ଗେ ଶ...
ଉପାଦାନରେ ମଧ୍ୟ ଆଶୁ ପରିବର୍ତ୍ତନ ଆଣିଥା...
କାରଣ ହେଉଛି ବିଶ୍ୱ ବ୍ରହ୍ମାଣ୍ଡ ପ୍ରେମରୁ ହିଁ ...
ପୁରୁଷଙ୍କ ଆଜ୍ଞାବଳରେ ପ୍ରେମର ନିଦର୍ଶନ ସ୍ୱରୂପ ...
ଆତଯାତ ହେଉଛି । ଭକ୍ତ ଅରକ୍ଷିତ ଦାସ ...
ମଣ୍ଡଳ ଗୀତା"ରେ ଶୂନ୍ୟପୁରୁଷଙ୍କ ଆଜ୍ଞା ବିଷୟରେ...
କଲେ–

"ଏବେ ମୁଁ କହୁଅଛି ଶୁଣ
ଆଗେ ଆଜ୍ଞା ପଛେ ଜନମ
ସ୍ଥାବର ଜୀବଜନ୍ତୁ ଯେତେ
ଆଜ୍ଞାରୁ ଜନ୍ମିଲେ ସମସ୍ତେ ।"

ପୁନଶ୍ଚ କୃଷ୍ଣଙ୍କ ପ୍ରେମରେ ମନୁଷ୍ୟକୁ ସଦ୍...
ହୋଇଥାଏ । ଭକ୍ତ ଅଚ୍ୟୁତାନନ୍ଦ ଲେଖିଛନ୍ତି–

ପ୍ରେମରାଧ୍ୟ ପ୍ରେମକୃଷ୍ଣ ପ୍ରେମଭକ୍ତ...
ପ୍ରେମଭକ୍ତି ନିରାକାର ଷଡ଼ୈଶ୍ୱର୍ଯ୍ୟ ...

ମୀରାବାଈ କୃଷ୍ଣପ୍ରେମରେ ପାଗଳ ପ୍ରାୟ ହୋଇ...
ପ୍ରାର୍ଥନାରେ ଗଭୀର ପ୍ରେମଭାବର ଆଦାନ ...
ତାଙ୍କର ସବୁଠାରୁ ପ୍ରିୟ ପ୍ରାର୍ଥନା ଥିଲା "ମେରେ...
ଗୋପାଳ ଦୂସରାନ କୋଇ" । ଏହାର ଭାବ...
ଛଡ଼ା ମୋର ନିଜର ବୋଲି କେହି ନାହିଁ ।...
ସର୍ବସ୍ୱ ।

ମୀରାବାଈଙ୍କର ଦେହ ତ୍ୟାଗ ବିଷୟ ଏ...
ବୁଝ । ସେ ସ୍ୱଦେହରେ କୃଷ୍ଣଙ୍କ ଠାରେ ଲୀନ ...
ଏହା ଭକ୍ତି ଓ ପ୍ରେମର ଚରମ ପରାକାଷ୍ଠା । ...
ନିରାକାର ପରଂବ୍ରହ୍ମ ସ୍ୱରୂପ । ତେଣୁ ସାକାର ...
ଶରୀରର ସମସ୍ତ ଉପାଦାନ ପ୍ରେମ ଓ ଭକ୍ତିରେ ...
ପରଂବ୍ରହ୍ମଙ୍କ ଠାରେ ଲୀନ ହୋଇଥିଲା । ଏ...
ପରିବର୍ତ୍ତନ ଘଟିଛି ଅର୍ଥାତ ଅହଂକାରର ସଂପୂର୍ଣ୍ଣ ...
ଭୌତିକ ପଦାର୍ଥରୁ ସୃଷ୍ଟି ରୂପ ଅରୂପରେ ଲୀନ...
ଏହାହିଁ ଅଲୌକିକତା । ତେଣୁ ପ୍ରାର୍ଥନାର ...
ଏହା ପ୍ରେମ ଓ ଭକ୍ତିର ପ୍ରତୀକ । ପ୍ରାର୍ଥନା ...
ହୃଦୟରେ ଭାବାନ୍ତର ଆସେ "ହେ ପ୍ରଭୋ, ...
ଆପଣଙ୍କ ଚରଣରେ ଶରଣ ନେଲି । ଆପ...

ପରମ ପୁରୁଷ । ଏ ଶରୀର ଆପଣଙ୍କର । ଆପଣ ଏହାର ନିୟନ୍ତା । ମୁଁ ନିଃସହାୟ ଓ ଅପାରଗ । ମୋର ସମସ୍ତ ପାପମୋଚନ କରନ୍ତୁ । ମୋତେ ସଂସାରର ମାୟାରୁ ମୁକ୍ତି ଦିଅନ୍ତୁ । ଏହିପରି ବାରମ୍ବାର କାତର ପ୍ରାର୍ଥନା କରିବା ଦ୍ୱାରା ଭକ୍ତି ଓ ପ୍ରେମରସରେ ଶରୀର ପ୍ଳାବିତ ହୋଇ ଅହଂଭାବର ବିଲୀନ ଘଟେ ଓ ତତ୍ ସଙ୍ଗେ ସଙ୍ଗେ ଶରୀରରେ ଆବଶ୍ୟକୀୟ ରାସାୟନିକ ପରିବର୍ତ୍ତନ ଧୀରେ ଧୀରେ ହୋଇଥାଏ । ଏହା କଣ ଅଲୌକିକ ମହୌଷଧି ନୁହେଁ କି ?

କଳିଯୁଗରେ ରୋଗରୁ ମୁକ୍ତି ପାଇବାକୁ ହେଲେ ନାମକୀର୍ତ୍ତନ ହିଁ ଯଥେଷ୍ଟ । ଏହି ନାମରେ ସବୁକିଛି ନିହିତ ଅଛି । ଭକ୍ତ ଭୀମ ଭୋଇ ନାମ ମହିମା ବିଷୟରେ ଅବତାରଣା କଲେ :

ନାମକୁ ଭଜିଲେ ଚିହ୍ନି      ପାଷାଣ ହୁଅଇ ପାଣି<br>
କାଷ୍ଠ ପଲ୍ଲବନ୍ତି ଗୋ      କୁସୁମ ଫୁଟନ୍ତି<br>
ଥିଲେ ପୂର୍ବର ବାସନା      ଗୁଣ ତାର ପଡ଼େ ଚିହ୍ନା<br>
ମୂକ ଜଡ଼ା ଚାରିବେଦ କହନ୍ତି ଗୋ—

ଲଗାଇଲେ ତନୁମନ      ନାମ ବ୍ରହ୍ମେ ହେବ ଲୀନ<br>
ତେବେ ଏ ଜୀବକୁ ଅଛି କାରଣ ଗୋ ।

ଭବେ ହୋଇଛି ପୟର      ପ୍ରଭୁ ଭକ୍ତେ ଧର ଧର<br>
ହୃଦପଦ୍ମେ ଭାବି ରଖ ଯତନେ ଗୋ ।

ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ପ୍ରଦର୍ଶିତ ନାମ ସଂକୀର୍ତ୍ତନ ଓ ହରେକୃଷ୍ଣ ମନ୍ତ୍ର ଜପବିଧି କଳିଯୁଗ ପାଇଁ ସର୍ବୋତ୍ତମ ଓ ସରଳ ଅଟେ ।

ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍<br>
କଳୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ॥

କଳିଯୁଗରେ ନାମ କୀର୍ତ୍ତନ ଓ ପବିତ୍ର ନାମ ଉଚ୍ଚାରଣହିଁ ଏକମାତ୍ର ଧର୍ମ ଅଟେ । ଏହାଛଡ଼ା ଅନ୍ୟ କୌଣସି ସରଳ ମାର୍ଗ ନାହିଁ । ଶ୍ରୀମଦ୍ ଭାଗବତରେ ଦ୍ୱାଦଶସ୍କନ୍ଧ ତୃତୀୟ ଅଧ୍ୟାୟରେ ଶ୍ରୀ ଶୁକଦେବ ଗୋସ୍ୱାମୀ ମହାରାଜ ପରୀକ୍ଷିତଙ୍କୁ କହିଲେ, "କଳେର୍ଦୋଷନିଧେ ରାଜନ୍ ଅସ୍ତିହି ଏକୋ ମହାନ୍ ଗୁଣଃ ।" "ହେ ରାଜା ଯଦ୍ୟପି ଏ କଳିଯୁଗ ଦୋଷରେ ପୂର୍ଣ୍ଣ ତଥାପି ଏଥିରେ ଏକ ମହାନ୍ ଗୁଣ ଅଛି ତାହା କ'ଣ ? "କୀର୍ତ୍ତନାଦେବ କୃଷ୍ଣସ୍ୟ ମୁକ୍ତ ସଙ୍ଗଃ ପରଂ ବ୍ରଜେତ୍" କେବଳ ହରେକୃଷ୍ଣ ମନ୍ତ୍ର ଜପକଲେ ବ୍ୟକ୍ତି ମୁକ୍ତ ହୋଇ ପରମାତ୍ମା ପ୍ରାପ୍ତି ହେବ । ଭୀମଭୋଇ ମଧ୍ୟ ଏହି ନାମ ବ୍ରହ୍ମକୁ ଆଶ୍ରା କରିବାପାଇଁ ଦୃଢ଼ ଭାବରେ ତାଙ୍କ ଚଉତିଶା ମାଧ୍ୟମରେ ଅବତାରଣା କଲେ ;

ନାହିଁ ଦାନ ଧ୍ୟାନ      ନାହିଁ ଜପତପ<br>
ନାହିଁ ତୀର୍ଥବ୍ରତ କିଛି<br>
ନିତି ନାମ ବ୍ରହ୍ମେ      ବିହରି ପାରିଲେ<br>
ଏ ଜୀବକୁ ମୋକ୍ଷ ଅଛି ।

ବୈଜ୍ଞାନିକ ଭିତ୍ତି କୋଣ:—ପରମେଶ୍ୱରଙ୍କ ଶକ୍ତି ଅମାପ ଓ ଦୟା ମଧ୍ୟ ତଦନୁଯାୟୀ ଅସୀମ । ତାଙ୍କ ଠାରେ ଶରଣ ମାତ୍ରେହିଁ ତାଙ୍କ ଦିବ୍ୟ ଜ୍ୟୋତିର ଆଭାସ ମିଳିଥାଏ । ଏହି ଦିବ୍ୟଜ୍ୟୋତିରୁ ଜଗତର ସୃଷ୍ଟି । ଶ୍ରୀମଦ୍ ଭଗବତଗୀତାର ମହାମନ୍ତ୍ର ନାମ ବାରମ୍ବାର ଉଚ୍ଚାରଣ କରିବା ଦ୍ୱାରା ହୃଦୟରୁ ସମସ୍ତ ମଇଳା ଦୂର ହୋଇଥାଏ । ଜୀବନର ସମସ୍ତ ସମସ୍ୟାମାନ ମଧ୍ୟ ଅତି ଅଦ୍ଭୁତ ଭାବରେ ସମାଧାନ ହୋଇଥାଏ । ଶରୀରରେ ଏକପ୍ରକାର ଐଶୀ ଶକ୍ତିର ଅଭ୍ୟୁତ୍ଥାନ ଘଟିବାରୁ ଦୈନନ୍ଦିନ କାମ ମଧ୍ୟ ମନୁଷ୍ୟ ସୁରୁଖୁରୁରେ କରିପାରେ । ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରାର୍ଥନାର ମହତ୍ତ୍ୱ ବିଷୟରେ ଗାଇଛନ୍ତି—

ଯେଥାଏ ଥାକିସ୍ ହୋସନା ବେହୁସ<br>
କରତେ ସନ୍ଧ୍ୟା ପ୍ରାର୍ଥନା<br>
ହବିଇତାତେ କର୍ମ ନିପୁଣ<br>
ଶକ୍ତି ପାବେ ବର୍ଦ୍ଧନା ।'

ଓଡ଼ିଆ ଅନୁବାଦ—

ଯେ ଠାରୁ ଥିବୁ ହୁଅନା ବେହୋସ<br>
କରିବାକୁ ସନ୍ଧ୍ୟା ପ୍ରାର୍ଥନା<br>
ହେବୁହିଁ ସେଥିରେ କର୍ମ ନିପୁଣ<br>
ଶକ୍ତି ପାଇବୁ ବର୍ଦ୍ଧନା ।

ସମସ୍ତ ପ୍ରକାର ଚିକିତ୍ସାସତ୍ତ୍ୱେ ଯେତେବେଳେ ରୋଗ ଦୁରାରୋଗ୍ୟ ହୋଇପଡ଼େ ରୋଗୀ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବ୍ୟାକୁଳ ହୋଇପଡ଼େ । ତାପରେ ତାର ପ୍ରିୟଜନମାନେ ଐଶୀ ଶକ୍ତିର ସାହାଯ୍ୟ ଲୋଡ଼ିଥାନ୍ତି । ସମୂହ ପ୍ରାର୍ଥନା ଦ୍ୱାରା ଅନେକ ସମୟରେ ଅଲୌକିକ ଘଟଣାମାନ ଘଟି ଯାଇଛି । ବିଶିଷ୍ଟ ଚିକିତ୍ସାବିତ୍ Dr. ALEXIS CARREL ପ୍ରାର୍ଥନାର ଅଦ୍ଭୁତଶକ୍ତି ବିଷୟରେ ଲେଖିଛନ୍ତି—

Prayor is the most powerful from of energy one can generate. It is a force as well as terrestrial gravity. As a physician, I have seen men, after all other therapy had failed, lifted out of disease and melancholy by the severe efforts of prayer. Prayer like radium is a source of luminous, self—generating energy. In prayer, human beings seek to augment their finite energy by addressing themselves to the infinite source of all energy When we pray, we link ourselves with the inexhaustable motive power that spins the universe. We pray that a part of this power be apportioned to our

needs Even in asKing our human deficiencies are filled and we arise strengthened and repaired. Whenever we address God in fervent prayer, we change both soul and the body for the better. It would not happen that any man or woman could pray for a single moment without some good results.

Dr. Alexis Carrel, noted from The Indian Practitioner.

ସପ୍ତମ ଅଧ୍ୟାୟରେ ପରା ଓ ଅପରାଶକ୍ତି ସମ୍ବନ୍ଧରେ ବର୍ଣ୍ଣିତ ଅଛି । ପ୍ରାକୃତିକ ବସ୍ତୁ–କ୍ଷିତି (ପୃଥିବୀ), ଅଗ୍ନି, ଜଳ, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର ଏସବୁ ଈଶ୍ୱରଙ୍କ ଅପରା ପ୍ରକୃତି ବା, ଭୌତିକ ପ୍ରକୃତି ଅଟେ । କିନ୍ତୁ ପରା ଓ ଅପରାଶକ୍ତି ଉଭୟ ଈଶ୍ୱରଙ୍କର ଶକ୍ତି ଓ ଈଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ । ପରାଶକ୍ତିରୁ ଅପରାଶକ୍ତି ଓ ଅପରାଶକ୍ତିରୁ ମଧ୍ୟ ପରାଶକ୍ତି ଜାତ ହୋଇ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ଓ ବିଲୟ ସାଧନ ହୋଇଥାଏ । ଏହାର ତାତ୍ପର୍ଯ୍ୟ ହେଉଛି ଏହି ଯେ ଅପରାଶକ୍ତି ବା ଭୌତିକ ଶକ୍ତିର ଅନ୍ତର୍ଗତ ମନ ବୁଦ୍ଧି ଓ ଅହଂକାର ବିଲୟ ମାତ୍ରେହିଁ ପରାଶକ୍ତିକୁ ମନୁଷ୍ୟ ପ୍ରାପ୍ତ କରିଥାଏ । ତେଣୁ ଅପରାଶକ୍ତିର ରୂପାନ୍ତର ପରାଶକ୍ତି ଓ ସେହିପରି ପରାଶକ୍ତିର ରୂପାନ୍ତର ଅପରାଶକ୍ତି ।

ଯେହେତୁ ଶକ୍ତିର କ୍ଷୟନାହିଁ ଓ ଏହା ଅଚଳ, ପ୍ରାର୍ଥନା କରିବାଦ୍ୱାରା ଅପରାଶକ୍ତିରେ ପ୍ରବୃଦ୍ଧ ସାଧାରଣ ମନୁଷ୍ୟର ପରିବର୍ତ୍ତନ ହେବା ସ୍ୱାଭାବିକ । ଅହଂକାର ଧୀରେ ଧୀରେ ବିଲୁପ୍ତ ହେଲେ ଶରୀର ଉପରେ ତଦନୁରୂପ ପ୍ରଭାବ ବିସ୍ତାର କରି ଭୌତିକ ସ୍ତରରେ ମଧ୍ୟ ପରିବର୍ତ୍ତନ ଆଣେ । ନିରାକାରରୁ ସୃଷ୍ଟି ଯେଉଁ ନିୟମରେ ହୋଇଥାଏ ଏହା ମଧ୍ୟ ସେହି ପର୍ଯ୍ୟବେସିତ । ଏହାହିଁ ପ୍ରାର୍ଥନାର ଅଲୌକିକ ଶକ୍ତି ନିରାକରଣରେ ଅଲୌକିକ ମହୌଷଧି । ଏହି ମହୌଷଧିର ସେବନ ସହଜ ଓ ସରଳ । ସାମାନ୍ୟ ବିଶ୍ୱାସହିଁ ଏହି ମହୌଷଧିର ସେବନ ପାଇଁ ମନୁଷ୍ୟକୁ ଯୋଗାଇ ପାରିବ ।

ଆଚିର ଦୁର୍ଦ୍ଦିନରେ ହେ ମୋର ପ୍ରିୟ ... ଭଉଣୀମାନେ ଆସନ୍ତୁ ଏ ମହୌଷଧିର ସେବନ ... ନେବା ।

ଅନୁପାନ–(୧) ଦିନକୁ ଦୁଇଥର ଦୁଇଘଣ୍ଟା ଲେଖାଁ ... ସନ୍ଧ୍ୟା କାଳରେ ଶୁଦ୍ଧପୂତ ମନରେ ପରମେଶ୍ୱରଙ୍କ ...

(୨) ଅହଂକାରର ବିଲୟପାଇଁ ହରେକୃଷ୍ଣ ... ମହାମନ୍ତ୍ରର କୀର୍ତ୍ତନ ଅନ୍ତତଃ ଦିନକୁ ୧୦ ...

(୩) ଖାଦ୍ୟରୁ ମନ, ବୁଦ୍ଧି ଓ ଅହଂକାର ... ଏଣୁ ସାତ୍ତ୍ୱିକ ଗୁଣର ବୃଦ୍ଧି ପାଇଁ ସାତ୍ତ୍ୱିକ ଖା...

(୪) ଅନ୍ତଃକରଣରେ ନିର୍ମଳ ଓ ନିଷ୍ପା... ସଦାସର୍ବଦା ଅଭ୍ୟାସ ।

ନିର୍ବାହୀ ଯନ୍ତ୍ରୀ–ବିଦ୍ୟୁତ୍
ଭୁବନେଶ୍ୱର-୪


ଏକ ମହାନ୍ ଜାତିରୂପେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ଜାତିର ମହତ୍ତ୍ୱର ଗୁଣାବଳୀର ବିକାଶ କରିବାକୁ ହେବ । ନିଜକୁ ଅବହେଳିତ ଅବଜ୍ଞାତ ମନେକରି, ଅତୀତର ସେହି ହୀନାବସ୍ଥାର ଉପରକୁ ଉଠି ନ ପାରିଲେ ଓଡ଼ିଆ ଜାତି ସେହିପରି ପଡ଼ି ରହିଥିବ ।

**ଜାନକୀ ବଲ୍ଲଭ ପଟ୍ଟନାୟକ**


ଯାଜପୁର ରୋଡ ରେଳ ଓଭର ବ୍ରିଜର
ଭିତ୍ତି ପ୍ରସ୍ତର
ଓଡ଼ିଶାର ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ
ସ୍ଥାପିତ


STONE LAYING CEREMONY OF
OVERBRIDGE
JAJPUR ROAD









ମୃତ୍ତିକା ସଂରକ୍ଷଣ ସଂପର୍କରେ ପୁସ୍ତକ ଉନ୍ମୋଚନ



ସୂଚନା ଭବନରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଭୁବନେଶ୍ୱରସ୍ଥ ଗୋପବନ୍ଧୁ ଏକାଡେମୀରେ ବିଚାର ବିଭାଗୀୟ ଅଫିସରଙ୍କ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ (୧୩।୪।୮୭)



ଯାଜପୁରର ମାଳଆନନ୍ଦପୁରରେ ୧୫।୫।୮୭ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ




ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ପରାମର୍ଶଦାତା କମିଟି ବୈଠକରେ ଉଦ୍‌ବୋଧନ






ଯାଜପୁରର ମାଳଆନନ୍ଦପୁର ଗ୍ରାମରେ ଇନ୍ଦିରା ଆବାସ ଯୋଜନା ଗୃହ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀଙ୍କ ଭାଷଣ





ସଇଁତଳାରେ କଂପୋଜିଟ୍ ବୋର୍ଡ ଫ୍ୟାକ୍ଟ୍ରି ଉଦ୍‌ଘାଟନ



ଗରିବ ମହିଳାଙ୍କ ଅର୍ଥନୈତିକ ଉତ୍ଥାନ ପାଇଁ ପାଲଙ୍ଗରେ ସୂଚନା ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ନୂତନ ସୂତାକଟା କେନ୍ଦ୍ରର ଶିଳାନ୍ୟାସ


ମନ୍ଦାକିନୀ ସେତୁ


COUNCIL MEETING & CONFERENCE OF
THE ALL INDIA FEDERATION OF
DIPLOMA ENGINEERS






ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ



କ୍ୟାପିଟେଲ୍ ହାଇସ୍କୁଲରେ ରେଡକ୍ରସ ଦିବସ



ଚିଲିକାର ବନ୍ୟା ଦାଉରୁ ରକ୍ଷା ନିମନ୍ତେ ନିର୍ମିତ ହେଉଥିବା
''ଲୁଣା ଘେର ବନ୍ଧ''ରେ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ



# ଧର୍ମ ସଂସ୍କୃତିର ପ୍ରାଣ ପ୍ରଭୁ ଜଗନ୍ନାଥ

● ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ

ସଂସ୍କୃତିର ସଂଜ୍ଞା ଓ ସ୍ୱରୂପ ଖୁବ୍ ବ୍ୟାପକ । ଏହି ସଂସ୍କୃତି କୌଣସି ଜାତିର ଦିନ ଅଧିକର କାହାଣୀ ନୁହେଁ କିମ୍ବା କେଉଁବର୍ଷର ଅନୁଭୂତି ନୁହେଁ । ଅନେକ ବିଭିନ୍ନତା ମଧ୍ୟରେ ସଂହତି ଆଣିବା ସଂସ୍କୃତିର ଉଦ୍ଦେଶ୍ୟ । ପ୍ରତ୍ୟେକ ଜାତିର ସ୍ୱାତନ୍ତ୍ର୍ୟ ଓ ଆଦର୍ଶ ରହିଛି । ତେଣୁ ସଂସ୍କୃତି କହିଲେ ମୁଖ୍ୟତଃ ବୁଝିବାକୁ ହୁଏ ଗୋଟାଏ ଜାତିର ପୁରୁଷାନୁକ୍ରମିକ ଚେତଣି ଓ ଆଦର୍ଶ । ସଂସ୍କୃତି ସମାଜର ଭିତିଭୂମି । ବିକଶିତ ସଭ୍ୟତାରୁ ସଂସ୍କୃତିର ସୃଷ୍ଟି । ଫଳତଃ ସଭ୍ୟତା ସହିତ ସଂସ୍କୃତିର ନିବିଡ ସଂପର୍କ ଯୁଗେ ଯୁଗେ ବିଦ୍ୟମାନ ।

ଏହି ପରିପ୍ରେକ୍ଷୀରେ ବିଚାରକଲେ ଭାରତର ସଂସ୍କୃତି ଅତି ମହାନ । ସୁବିଶାଳ ତାର ପୃଷ୍ଠଭୂମି । ଏ ଦେଶର ସଂସ୍କୃତି ରାଜ୍ୟରେ ବହୁ ପରିବର୍ତ୍ତନର ସ୍ରୋତ ପ୍ରବାହିତ ହୋଇ ଯାଇଛି— ବିଭିନ୍ନ ଧର୍ମ ସଭ୍ୟତା ଓ ବହି ଆକ୍ରମଣର ସ୍ରୋତରେ— ଭାରତର ସଂସ୍କୃତି ତୁଙ୍ଗ ହିମାଳୟ ପରି ଅଟଳ, ଅଚଳ ଓ ପ୍ରଶାନ୍ତ ମହାସାଗର ପରି ଗମ୍ଭୀର ହୋଇ ରହିଛି । ଏ ସଂସ୍କୃତିର ତୁଳନା ପୃଥିବୀର ଅନ୍ୟ କୌଣସି ସଂସ୍କୃତି ସହ ହୋଇ ପାରେନା । କାରଣ ଏହାର ନିଜସ୍ୱ ରହିଛି । ଏ ସଂସ୍କୃତିର ଆଦର୍ଶ ତ୍ୟାଗ ଉପରେ ପ୍ରତିଷ୍ଠିତ— ଭୋଗରେ ନୁହେଁ । କର୍ମହିଁ ଭାରତୀୟ ସଂସ୍କୃତିର ପ୍ରାଣ ।

ପୁନଶ୍ଚ ପୁଣ୍ୟଭୂମି ଭାରତ ଧର୍ମ ଓ ଦର୍ଶନର ଦେଶ । ଏ ଦେଶରେ ବହୁଧର୍ମ, ଦର୍ଶନ, ମତବାଦର ସ୍ରୋତ ଉଠିଛି । କିନ୍ତୁ ସେସବୁ ମହାଭାରତୀୟ ସଂସ୍କୃତି ମଧ୍ୟରେ ନିଜର ଅସ୍ତିତ୍ୱକୁ ହରାଇ ବସିଛି । ଏ ସଂସ୍କୃତିର ପୃଷ୍ଠଭୂମି ଧର୍ମକର୍ମ ଉଦ୍ଭବ ପୁଣ୍ୟ ଓ ଆଧ୍ୟାତ୍ମିକତା ଉପରେ ପ୍ରତିଷ୍ଠିତ । ଏହି ଭୂମିରେ ସର୍ବ ପ୍ରଥମେ ଆତ୍ମାର ଅମରତ୍ୱ ଓ ସ୍ୱରୂପ ଉଦ୍ଘାଟିତ ହୋଇଥିଲା । ଏ ହେଉଛି ସେହି ଭୂମି— ଯେ ଶତାବ୍ଦୀ ଶତାବ୍ଦୀ ଧରି ନାନା ଘାତ ପ୍ରତିଘାତ ମଧ୍ୟରେ ଦର୍ପର ସହିତ ଦଣ୍ଡାୟମାନ । ଏହାର ସଭ୍ୟତା ଶହ ଶହ ଆକ୍ରମଣକାରୀଙ୍କ ଦ୍ୱାରା ପ୍ରଭାବିତ ଓ ବହୁ ଜାତି ନୀତି ଏହାର ଉପରେ ପ୍ରଭାବ ବିସ୍ତାର କରିବା ପାଇଁ ପ୍ରୟାସ କରି ଆସିଛନ୍ତି । ମାତ୍ର ସମସ୍ତେ ଆଜି ପରାଜିତ । ଏହାର ଅର୍ନ୍ତନିହିତରେ କୌଣସି ସଭ୍ୟତା କୌଣସି ପରିବର୍ତ୍ତନ ଆଣି ପାରିନାହିଁ । ଗ୍ରୀକ୍ ରୋମ ପ୍ରଭୃତି ପ୍ରାଚୀନ ସଂସ୍କୃତି ସଂପନ୍ନ ଦେଶମାନଙ୍କର ଯେତେବେଳେ ଅସ୍ତିତ୍ୱ ନଥିଲା ତଥା କଥିତ ସଭ୍ୟତାର ଚରମସୀମାରେ ଉପନୀତ ହୋଇଥିବା ବର୍ତ୍ତମାନର ପାଶ୍ଚାତ୍ୟ ଅଧିବାସୀମାନଙ୍କର ପୂର୍ବପୁରୁଷ ଯେତେବେଳେ ଘନଜଙ୍ଗଲରେ ବାସ କରୁଥିଲେ, ସେତେବେଳେ ମଧ୍ୟ ଭାରତରେ ଏକ ଉନ୍ନତ ସଂସ୍କୃତି ବିଦ୍ୟମାନ ଥିଲା ଓ ଭାରତ ସମଗ୍ର ପୃଥିବୀକୁ ନିଜର ସାଂସ୍କୃତିକ ଅଭୟବାଣୀ ଶୁଣାଇ ଥିଲା । ସେ ବାଣୀ ହେଉଛି ଆଧ୍ୟାତ୍ମିକତାର ବାଣୀ, ଶାନ୍ତି ଓ ମୈତ୍ରୀର ବାଣୀ ।

ଭାରତର ସଂସ୍କୃତି ସର୍ବଧର୍ମ ସମନ୍ୱୟର ସଂସ୍କୃତି । ଏହି ଧର୍ମ ଧାରଣା ଉପରେ ଆଧାରିତ ସଂସ୍କୃତି ଶତାବ୍ଦୀ ଶତାବ୍ଦୀ ଧରି ତାର ଅସ୍ମିତାଗତ । ପୁଣି ଆମର ଧର୍ମ ଅନ୍ୟଧର୍ମ ପ୍ରତି ଅସହିଷ୍ଣୁଭାବ ପୋଷଣ କରିନାହିଁ । ଉଦାର ଏହି ଧର୍ମରେ ସଂକୀର୍ଣ୍ଣତା ନାହିଁ । ତେଣୁ ରବୀନ୍ଦ୍ରନାଥ କହିଛନ୍ତି ''ଭାରତେର [illegible] ନାନା ବହୁ ଧର୍ମ ଓ ସଂସ୍କୃତିର ପାଶାପାଶି ରୟେଛେ'', କେଉ କାଉକେ ନିଃଶେଷ କରତେ ଚାୟନି । ଏମନଟି ଆର କୋଥାୟ କି ଦେଖାଯାୟ । ଅନ୍ୟ ସବ ଦେଶେ ପ୍ରବଳଧର୍ମ ଓ ସଂସ୍କୃତି ଦୁର୍ବଳକେ ନିଃଶେଷମେ ଆତ୍ମସାତ୍ କରେ ନିୟେଛେ । ଭାରତେ କିନ୍ତୁ ସେଟି କଖନୋ ଘଟେନି । ଏଇ ବୈଚିତ୍ର୍ୟେର ମଧ୍ୟେ ସୁର ସଂଗତିର ସାଧନାଇ ହଲ ଭାରତେର ବିଶେଷ ସାଧନା । ନାନା ବିରୋଧେର ମଧ୍ୟେ ସମନ୍ୱୟ ସାଧନଇ ଭାରତେର ବ୍ରତ'' । ଭାରତୀୟ ସଂସ୍କୃତିର ଏହି ଉଦାରଭାବ ଏ ଦେଶର ବହୁସାଧକଙ୍କ କାର୍ଯ୍ୟକଳାପରେ ପ୍ରତିଫଳିତ ହୋଇଛି । ଧର୍ମର ଉଦାରତା, ଧର୍ମସାଧନର ଉଦ୍ଦେଶ୍ୟ ଓ ପନ୍ଥା ମହତ ହୋଇଥିବାରୁ ଏ ସଂସ୍କୃତି ଅନ୍ୟାନ୍ୟ ସଂସ୍କୃତିକୁ ନିଜର କରିଛି ।

ଉପରୋକ୍ତ ଦୃଷ୍ଟି କୋଣରୁ ବିଚାରକଲେ ଏହା ପ୍ରମାଣିତ ତଥ୍ୟ ପ୍ରତିପାଦିତ ଯେ ଓଡ଼ିଶାର ସଂସ୍କୃତି ଭାରତୀୟ ସଂସ୍କୃତିରୁ ବିଚ୍ଛିନ୍ନ ନୁହେଁ— ବିଶେଷକରି ଭାରତୀୟ ସଂସ୍କୃତିକୁ ଓଡ଼ିଶାର ମହାନ ଅବଦାନ ଜଗନ୍ନାଥ ଧର୍ମ । ବସ୍ତୁତଃ ଏହି ଜଗନ୍ନାଥ ଧର୍ମ ଓଡ଼ିଶା ତଥା ଭାରତର ସଂସ୍କୃତିକୁ ଅତି ନିବିଡ ଭାବରେ ଆଲିଙ୍ଗନ କରି ଆସିଛି । ଓଡ଼ିଶା ବାହାରେ ଓଡ଼ିଶା କହିଲେ ଜଗନ୍ନାଥ ଦେଶକୁ ହିଁ ବୁଝାଏ । ଓଡ଼ିଶାର ସଭ୍ୟତା ଜଗନ୍ନାଥ ସଭ୍ୟତା । ଏ ଦେଶର ଦାରୁଦେବତା ଜଗନ୍ନାଥ ମହାପ୍ରଭୁଙ୍କର ପୂଜାର ସମସ୍ତ ବିଧିବିଧାନ ଐତିହାସିକ, ସଂସ୍କାର କରି ପ୍ରତ୍ୟେକଙ୍କୁ ଉଦବୁଦ୍ଧ କରେ । ଓଡ଼ିଶାର ସମସ୍ତ ସଂସ୍କୃତି ଏହି ଜଗନ୍ନାଥଙ୍କୁ କେନ୍ଦ୍ରକରି ଆଧାରିତ । ଏ ଦେଶର ବ୍ୟବହାର ରୀତିନୀତି ସମସ୍ତ ଜଗନ୍ନାଥ ସଂସ୍କୃତି ଦ୍ୱାରା ଅଭିବ୍ୟଞ୍ଜିତ । ତେଣୁ ଏକ କଥାରେ କହିଲେ ଜଗନ୍ନାଥ ହିଁ

ଓଡ଼ିଶା ଓ ଓଡ଼ିଶା ହିଁ ଜଗନ୍ନାଥ । ଭାରତର ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ସଂସ୍କୃତି ମହାନ ସଂସ୍କୃତି– କାରଣ ଜଗନ୍ନାଥ ହେଉଛନ୍ତି ଏହି ମହାନ ସଂସ୍କୃତିର ସମନ୍ୱୟ କର୍ତ୍ତା ।

ଯୁଗେ ଯୁଗେ ବିଭିନ୍ନ ଧର୍ମ ପ୍ରଚାରକମାନେ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ଶରଣ ରକ୍ଷଣ ମହାବାହୁ ଜଗନ୍ନାଥଙ୍କ ନିକଟରେ ଆଶ୍ରୟ ନେଇଛନ୍ତି । ଏ ଦେଶର ଜୈନ, ବୌଦ୍ଧ, ବୈଷ୍ଣବ, ଶାକ୍ତ ପ୍ରଭୃତି କେତେ ଧର୍ମବାଦର ବନ୍ୟା ପ୍ରବାହିତ ହେବା ସଙ୍ଗେ ସଙ୍ଗେ କେତେ କେତେ ଧର୍ମଗୁରୁ ସନ୍ଥନାନକ, କବୀର ଓ ବହୁମତସ୍ୱଗୁରୁଙ୍କ ସ୍ୱ ମତବାଦ ପ୍ରଚାର କରି ଯାଇଛନ୍ତି । ତଥାପି ଜଗନ୍ନାଥଙ୍କୁ କେହି ନିଜର କରି ପାରି ନାହାନ୍ତି ।

ତାଙ୍କୁ ପଥର କରି ପାରି ନାହାନ୍ତି କିମ୍ବା ରୂପରେ କୌଣସି ପରିବର୍ତ୍ତନ ଘଟାଇ ପାରି ନାହାନ୍ତି । ଯାହା କିଛି ନୂତନ, ଯାହା କିଛି ଗ୍ରାହ୍ୟ ବୋଲି ତତ୍‌କାଳୀନ ଜନତାର ମନରେ ଜାତ ହୋଇଛି ସେ ସବୁ ଜଗନ୍ନାଥଙ୍କ ପୂଜା ବିଧିରେ ସ୍ଥାନ ପାଇଛି । ଏଣୁ ପ୍ରାଚୀନତମ ଜୈନ ପରମ୍ପରାରୁ ଆରମ୍ଭ କରି ଶ୍ରୀ ଚୈତନ୍ୟଙ୍କ ପ୍ରେମଧର୍ମ ପର୍ଯ୍ୟନ୍ତ ସବୁଧର୍ମର ପୂଜାବିଧି ଜଗନ୍ନାଥଙ୍କ ପୂଜାରେ ପ୍ରଚଳିତ । ଦୁଇବାହୁ ପ୍ରସାରଣ ପୂର୍ବକ ଜଗନ୍ନାଥ ସମସ୍ତଧର୍ମ ଓ ସମସ୍ତ ଦର୍ଶନକୁ ଆଲିଙ୍ଗନ କରି ନିଜର କରିନେଇଛନ୍ତି । ଅଥଚ ନିଜେ ଅଟଳ ଅଚଳ ଭାବେ ନୀଳାଚଳରେ ପତିତପାବନ ବାନା ଉଡ଼ାଇ ରତ୍ନସିଂହାସନରେ ବିଜେ କରିଛନ୍ତି । ଏହି ଜଗନ୍ନାଥ ବୌଦ୍ଧମାନଙ୍କ ଦୃଷ୍ଟିରେ 'ବୁଦ୍ଧ' ଶାକ୍ତମାନଙ୍କ ଦୃଷ୍ଟିରେ ଭୈରବ, ଜୈନମାନଙ୍କ ଦୃଷ୍ଟିରେ ଜିନ, ବୈଷ୍ଣବମାନଙ୍କ ଦୃଷ୍ଟିରେ ନନ୍ଦନନ୍ଦନ ଶ୍ରୀକୃଷ୍ଣ ଓ ସନ୍ଥକବି ତୁଳସୀଦାସଙ୍କ ଦିବ୍ୟଚକ୍ଷୁରେ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ରୂପେ ଚିତ୍ରିତ ହେଲେ ମଧ୍ୟ ଏଥିରୁ ଅତଏବ ଏତିକି ପ୍ରମାଣିତ ହୁଏ ଯେ ଜଗନ୍ନାଥ ଏକ ସମନ୍ୱୟ ଧର୍ମ ସଂସ୍କୃତି ମୂର୍ତ୍ତିମନ୍ତ ବିଗ୍ରହ ।

କେହି କୁହନ୍ତି ଜଗନ୍ନାଥ ମୌଳିକ ଭାବରେ, ଜୈନ ସଂସ୍କୃତିରୁ ଉଦ୍ଭୁତ । ଜୈନମାନଙ୍କ ମନରେ ପ୍ରଥମ ତୀର୍ଥଙ୍କର ଗର୍ଭ ଉଦୟ ହୋଇଥିଲା ଆଷାଢ଼ ଦ୍ୱିତୀୟାରେ ଯାହାକି ସେମାନଙ୍କ ପାଇଁ ପବିତ୍ରତମ–ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଜୈନଧର୍ମର ପ୍ରତୀକ । ଜୈନଧର୍ମର ୨୨ ଜଣ ତୀର୍ଥଙ୍କର ସ୍ମୃତି ଅନୁଯାୟୀ ଶ୍ରୀମନ୍ଦିର ବାଇଶି ପାହାଚ । କେତେକଙ୍କ ମତରେ କୈବଲ୍ୟରୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଯାହାର ଅନ୍ୟନାମ କୈବଲ୍ୟର ଉତ୍ପତ୍ତି ।

ପୁନଶ୍ଚ ଜଗନ୍ନାଥଙ୍କୁ ଆଦି ବୁଦ୍ଧ ରୂପେ ପରିକଳ୍ପନା କରାଯାଇ ବୌଦ୍ଧ ସଂସ୍କୃତିର ତ୍ରିରତ୍ନ ପ୍ରତୀକ ରୂପେ ଗ୍ରହଣ କରାଯାଇଛି ବୌଦ୍ଧଧର୍ମର ତ୍ରିରତ୍ନ । ବୁଦ୍ଧଧର୍ମ ସଂଘର ସମନ୍ୱୟ ଘଟିଛି ପରମକାରୁଣିକ ଜଗନ୍ନାଥଙ୍କ ନିକଟରେ । ଏକଦା ଉତ୍କଳର ବହୁ ଅଞ୍ଚଳରେ ବୌଦ୍ଧଧର୍ମ ପରିବ୍ୟାପ୍ତ ଥିଲା । ବୌଦ୍ଧଧର୍ମର ମହାଯାନ ଶାଖା ସହିତ ହିନ୍ଦୁଧର୍ମର ସମନ୍ୱୟ ଘଟିଥିବାରୁ ଜଗନ୍ନାଥଙ୍କ ନିକଟରେ ବୁଦ୍ଧତ୍ୱ ଆରୋପ କରିବା ସହଜ ହେଲା । ଜଗନ୍ନାଥଙ୍କର ସାର୍ବଜନୀନତା ଓ ଉଦାରନୀତି ସେମାନଙ୍କୁ ସାହାଯ୍ୟ କଲା । ଏକପକ୍ଷରେ ଜଗନ୍ନାଥଙ୍କୁ ଯେପରି ବୌଦ୍ଧଧର୍ମର ଅଙ୍ଗୀଭୂତ କରାଯିବାର ଚେଷ୍ଟା କରାଗଲା ବୁଦ୍ଧ ମଧ୍ୟ ସେହିପରି ଜଗନ୍ନାଥଙ୍କର ବିଶାଳ ଗଣ୍ଡି ମଧ୍ୟରେ ସ୍ଥାନ ପାଇଲେ । କବି ଉଦ୍ଭୁତିକ ଜ୍ଞାନ ସିଦ୍ଧି ଗ୍ରନ୍ଥରେ ଜଗନ୍ନାଥହିଁ ବୁଦ୍ଧ ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତଂ
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମଂ

ଉତ୍କଳୀୟ କବି ଜୟଦେବଙ୍କ କେଶବଧୃତ ବୁଦ୍ଧ ଶରୀର ସହିତ ... ଆଦି ବୁଦ୍ଧର ପରିକଳ୍ପନା– ବୌଦ୍ଧଧର୍ମର ଶୂନ୍ୟବାଦ ପିଣ୍ଡ, ବ୍ରହ୍ମ... ବୁଦ୍ଧମାତା, କାଳଚକ୍ରମତ ଜଗନ୍ନାଥ ବାଦର ମୌଳିକ ନୀତିକୁ ପୁଷ୍ଟ ... ପ୍ରତିପାଦନ କରି ଆସିଅଛି । ଏଲୋରାର ବୁଦ୍ଧ ମୂର୍ତ୍ତିର ନାମ ... ଫାହିୟାନଙ୍କ ପ୍ରଦର୍ଶିତ ଖୋଟନାରେ ଦେଖିଥିବା ରଥଯାତ୍ରାର ... ଜଗନ୍ନାଥ ସଂସ୍କୃତି ଓ ବୌଦ୍ଧ ସଂସ୍କୃତିର ସୁସମନ୍ୱୟ ... ଗବେଷକମାନେ ମତବ୍ୟକ୍ତ କରନ୍ତି ।

ଏହାପରେ ଶଙ୍କରାଚାର୍ଯ୍ୟଙ୍କ ଶୈବ ମତରେ ପ୍ରଭାବ ମଧ୍ୟ ... ଉପରେ ପଡ଼ିଛି । ଜଗନ୍ନାଥଙ୍କ ବେଢ଼ା ମଧ୍ୟରେ ଶିବ ମ... ଯାଇଲା । ପୁଣି ପରିବର୍ତ୍ତୀ କାଳରେ ଶାକ୍ତମାନଙ୍କ ଦ୍ୱାରା ମଧ୍ୟ ... ଆଦିଦେବତା ରୂପେ ଗୃହୀତ ହେଲେ । "ବିମଳା ଭୈରବ... ଜଗନ୍ନାଥସ୍ତୁ ଭୈରବଃ ।" ଜଗନ୍ନାଥଙ୍କ ଭୋଗ ମହାପ୍ରସାଦ ହେ... ବିମଳାଙ୍କୁ ଅର୍ପଣ କରାଗଲା । ଜଗନ୍ନାଥଙ୍କ ପୂଜା ବିଧାନରେ ... ପ୍ରଚଳନ ହେଲା । ବୁଦ୍ଧ ଓ ଶିବଙ୍କ ତୁଲ୍ୟ ଶକ୍ତି ମଧ୍ୟ ଜଗ... ବିଶାଳ ଗଣ୍ଡି ମଧ୍ୟରେ ଆପଣାର ଆସନ ପ୍ରତିଷ୍ଠା କଲେ । ବୈଷ୍ଣବଧର୍ମ ଓ ଶାକ୍ତଧର୍ମ ମଧ୍ୟରେ ଏକ ମଧୁର ସମନ୍ୱ... ହେଲା । ପୁନଶ୍ଚ ମଧ୍ୟ ରାମାନୁଜ ଉତ୍କଳର ଏହ ପୁ... କ୍ଷେତ୍ରରେ ତାଙ୍କର ବୈଷ୍ଣବମତ ପ୍ରଚାର କଲେ । ଜଗନ୍ନାଥ ... ପରଉପସିତ ହେଲେ । ଯାହାଫଳରେ ସମଗ୍ର ଭାରତ ଦର୍... ରୂପରେ ଉପସ୍ଥିତ ହେଉଛନ୍ତି–ଷୋଡ଼ଶ–ଶତାବ୍ଦୀରେ ... ଚୈତନ୍ୟଙ୍କ ଉତ୍କଳ ଆଗମନ ଓ ଓଡ଼ିଶାର ଧର୍ମ ସଂସ୍କୃତି କ୍ଷେତ୍... ଏକ ଉଲ୍ଲେଖଯୋଗ୍ୟ ଘଟଣା । ଶ୍ରୀକୃଷ୍ଣଙ୍କ ପ୍ରେମଧର୍ମ ... ଚୈତନ୍ୟଙ୍କର ଆଭିମୁଖ୍ୟ ଥିଲା । ଫଳତଃ ଜଗନ୍ନାଥ ଗୌଡ଼... ଦର୍ଶନରେ ଅନେକାଂଶରେ ପ୍ରଭାବିତ ହେଲା । ଅନ୍ୟ ପକ୍ଷରେ ... ସନ୍ଥ ତୁଳସୀଦାସଙ୍କ ଦିବ୍ୟ ଚକ୍ଷୁରେ ଶ୍ରୀ ଜଗନ୍ନାଥଙ୍କ ... ରାମାଭିଷେକ ମୂର୍ତ୍ତି ପ୍ରତିଫଳିତ ହୋଇଛି ।

"ଦକ୍ଷିଣେ ଲକ୍ଷ୍ମଣଂ ଯସ୍ୟ ବାମେ ଚ ଜାନକୀସୁତା
ପୁରତୋ ମାରୁତିର୍ଯସ୍ୟ ତଂ ବନ୍ଦେ ରଘୁନନ୍ଦନମ୍"

ସର୍ବୋପରି ମହାଭାରତୀୟ ସଂସ୍କୃତିରେ ଜଗନ୍ନାଥ ସମ... ଏକପକ୍ଷରେ ବୌଦ୍ଧ, ଜୈନ, ବ୍ରାହ୍ମଣ, ବୈଷ୍ଣବ, ଶୈବ, ଶାକ୍ତ ... ଇତ୍ୟାଦି ଧର୍ମ ଗୋଷ୍ଠୀର ଯେପରି ପରିପୂରକ ସେହିପରି ଅ... ହିନ୍ଦୁ ମୁସଲମାନ୍ ଅଥବା ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କର ଆଦର୍ଶ ଭା... ଆଧାରିତ । ସର୍ବଧର୍ମ ସମନ୍ୱୟ କ୍ଷେତ୍ର ଶ୍ରୀ ନୀଳାଚଳ ... ସର୍ବଧର୍ମର ପରମ ଆଶ୍ରୟ ଦାତା । ଶ୍ରୀ ଜଗନ୍ନାଥଙ୍କ ଠାରେ ... ବିଲୀନ ହୋଇଛି । ଅପରପକ୍ଷରେ ଶ୍ରୀ ଜଗନ୍ନାଥ ଆଦରରେ ... ଭାବରେ ଏ ସବୁ ଧର୍ମକୁ ନିଜର ପାଦପାଣି ବିହୀନ ବାହୁ ଦେ... ଦେଇଛନ୍ତି । ଫଳତଃ ଯୁଗଯୁଗ ଧରି ସର୍ବଜନୀନ ମୈତ୍ରୀ ପ୍ରୀ... ପ୍ରତୀକ ରୂପେ ପରମକାରୁଣ୍ୟ ପ୍ରଭୁ ଜଗନ୍ନାଥ ମହା ଭାରତ... ଲୀଳାମନ୍ତ କରି ଆସିଛନ୍ତି । ତେଣୁ ଆଜି ମହାଭାରତୀ... ମୂଳାଧାର ହେଉଛନ୍ତି ପ୍ରଭୁ ଜଗନ୍ନାଥ–ଏହା ନିଃସନ୍ଦେହ ।

ଭାରତୀ ମହାରଣା, ପୁରୀ

"ତତ୍ରାସ୍ତେ ଭାରତବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ ।
ଓଡ୍ର ଦେଶ ଇତି ଖ୍ୟାତଃ ସ୍ୱର୍ଗ ମୋକ୍ଷ ପ୍ରଦାୟକଃ" ॥ (ବ୍ରହ୍ମପୁରାଣ)

# କଳିଯୁଗ ପାଇଁ ହରିନାମ ସଂକୀର୍ତ୍ତନ : ଏକ କିମ୍ବଦନ୍ତୀ



● କୁମାରୀ ସସ୍ମିତା

ଓଡ଼ିଶାରେ ସୂର୍ଯ୍ୟବଂଶୀୟ ମହାରାଜା ପ୍ରତାପରୁଦ୍ରଙ୍କ ରାଜତ୍ୱ ବେଳେ (ଖ୍ରୀ: ୧୪୯୭–୧୫୩୪) ନବଦ୍ୱୀପରୁ ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସି ଗୌଡ଼ୀୟ-ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ଦୀର୍ଘ ଅଠର ବର୍ଷ, ଅର୍ଥାତ୍ ଖ୍ରୀ: ୧୫୧୦–୧୫୨୮ ମଧ୍ୟରେ ସେ ଗଜପତି ମହାରାଜା ପ୍ରତାପରୁଦ୍ରଙ୍କୁ ଓ ରାମାନନ୍ଦ ରାୟଙ୍କ ପରି କେତେକ ଉଚ୍ଚ ରାଜକର୍ମଚାରୀଙ୍କୁ ତାଙ୍କର ଶିଷ୍ୟରୂପେ ଗ୍ରହଣ କରିଥିଲେ । ଚୈତନ୍ୟଙ୍କ ଧର୍ମ ପ୍ରଚାରର ମୂଳ ମନ୍ତ୍ରଥିଲା, "ହରି-ନାମ ସଂକୀର୍ତ୍ତନ" ।

ଶ୍ରୀ ନୀଳାଦ୍ରି- ଧାମ ଥିଲା ତାଙ୍କ କର୍ମକେନ୍ଦ୍ର । ମହୋଦଧି କୂଳରେ ଅବସ୍ଥିତ ଶ୍ରୀ ରାଧାକାନ୍ତ ମଠରେ ଯେଉଁ କ୍ଷୁଦ୍ର ପ୍ରକୋଷ୍ଠଟିରେ ବସି ସେ ଜପତପ, ନାମ ସ୍ମରଣ ଓ ବୈଷ୍ଣବ- ଗୁରୁମାନଙ୍କ ସଙ୍ଗେ ଧର୍ମତତ୍ତ୍ୱ ଆଲୋଚନା କରୁଥିଲେ, ତାହା ଅଦ୍ୟାପି "ଗମ୍ଭୀରା" ନାମରେ ପରିଚିତ । ସେଠାରେ ଶ୍ରୀଚୈତନ୍ୟଙ୍କ ସ୍ମୃତି ବହନ କରି ତାଙ୍କ ବ୍ୟବହୃତ କଠର ଓ କନ୍ଥା ରହିଛି । ଭକ୍ତମାନେ ପ୍ରତିଦିନ ସେହି ଗମ୍ଭୀରାକୁ ଯାଇ ତାହା ଦର୍ଶନ କରିଥାଆନ୍ତି ।

ପ୍ରଶ୍ନ ହୋଇପାରେ, ଶ୍ରୀ ଚୈତନ୍ୟ ବଙ୍ଗ ଦେଶରୁ ଆସି ଓଡ଼ିଶାରେ ଏତେ ଦୀର୍ଘ କାଳ କାହିଁକି ଅବସ୍ଥାନ କରିଥିଲେ ? ବୃନ୍ଦାବନ, ମଥୁରା, ଦ୍ୱାରକା ପରି ପ୍ରସିଦ୍ଧ ବୈଷ୍ଣବ– ଧର୍ମ– କେନ୍ଦ୍ରରେ ନରହି ଓଡ଼ିଶାରେ ସେ ଦୀର୍ଘ ୧୮ବର୍ଷ ରହିବା କାରଣ ସମ୍ଭବତଃ ତତ୍କାଳୀନ ଭାରତର ରାଜନୈତିକ, ବିପ୍ଳବ । ଭାରତର ପୂର୍ବୋତ୍ତର ଓ ମଧ୍ୟଭାଗରେ ସେତେବେଳେ ମୁସଲମାନ ରାଜାମାନଙ୍କ ଆଧିପତ୍ୟ ଏବଂ ଧର୍ମ ବିଦ୍ୱେଷର ତୀବ୍ରତା ହେତୁ ହିନ୍ଦୁମାନେ ଘୋର ଅତ୍ୟାଚାରର ଶରବ୍ୟ ହୋଇଥିଲେ । ନିର୍ମମ ଭାବେ ସେମାନଙ୍କୁ ହତ୍ୟା କରାଯାଉଥିଲା । ହିନ୍ଦୁମାନଙ୍କ ମଠ-ମନ୍ଦିର ଓ ଦେବ-ଦେବୀଙ୍କ ବିଗ୍ରହ ଭାଙ୍ଗି ଦେଇ ସେଠାରେ ମୁସଲମାନ ମସଜିଦ୍ ଗଠିତ ହେଉଥିଲା । ତେଣୁ ଚୈତନ୍ୟଙ୍କ ପରି ଭାରତର ବହୁ ଚିନ୍ତାଶୀଳ ମନୀଷୀ ଯେ ଅତ୍ୟନ୍ତ ବିବ୍ରତ ହୋଇଥିବେ, ଏଥିରେ ଆଦୌ ସନ୍ଦେହ ନାହିଁ । ଧର୍ମ ନାମରେ ମନୁଷ୍ୟର ପାଗଳାମି କିପରି ପ୍ରଶମିତ ହେବ, ଏ ଚିନ୍ତାରେ ଚୈତନ୍ୟ ଓ ଭାରତର ଧର୍ମପ୍ରାଣ ମନୀଷୀମାନେ ବ୍ୟାକୁଳ ହେଉଥିଲେ ।

ଏଠାରେ କହି ରଖିବା ଆବଶ୍ୟକ ଯେ, ବର୍ଣ୍ଣାଶ୍ରମ-ଧର୍ମକୁ ଆଶ୍ରୟ କରି ପ୍ରାଚୀନ ଯୁଗରୁ ଯେଉଁ ବୈଦିକ ରୀତି-ନୀତି ଭାରତରେ ପ୍ରତିଷ୍ଠା ଲାଭ କରିଥିଲା, ତଦନୁସାରେ ବ୍ରାହ୍ମଣମାନେ ହିଁ ହୋମ, ଯାଗ, ଦେବ-ଦେବୀଙ୍କ ଆରାଧନା, ମନ୍ତ୍ରପାଠ ପ୍ରଭୃତି ଧର୍ମ ସଂକ୍ରାନ୍ତ କାର୍ଯ୍ୟରେ ଲିପ୍ତ ହୋଇଥିଲେ । ନିମ୍ନଜାତିମାନେ ଧର୍ମ ମୂଳକ କ୍ରିୟାକଳାପରେ ଯୋଗଦେବା ଅଧିକାରରୁ ବଞ୍ଚିତ ଥିଲେ । ଏପରି ଏକ ସାମାଜିକ ନୀତି ମୁସଲମାନ ସମ୍ପ୍ରଦାୟକୁ ଅଧିକ ଉତ୍ସାହିତ କଲା । ସେମାନଙ୍କର ହିନ୍ଦୁ ଧର୍ମ ଉଚ୍ଛେଦ କାର୍ଯ୍ୟରେ ସାହାଯ୍ୟ କଲା ।

ସେମୂଳ ନିରାକରଣ କରିବାକୁ ଯାଇ ଚୈତନ୍ୟ ହିନ୍ଦୁଧର୍ମରେ ବିପ୍ଳବ ସୃଷ୍ଟି କଲେ । ବୈଷ୍ଣବଧର୍ମକୁ ଏକ ସାର୍ବଜନୀନ ଧର୍ମରେ ପରିଣତ କରାଇବା ଆକାଂକ୍ଷାରେ ପ୍ରଥମେ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ହରିନାମ-ସଂକୀର୍ତ୍ତନରେ ଯୋଗଦେବାର ସହଜ ପଦ୍ଧତି ଆବିଷ୍କାର କଲେ । ନୀଳାଚଳ କ୍ଷେତ୍ରରେ ପ୍ରତିଷ୍ଠିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଆଗରୁ ଯେଉଁ ସର୍ବଧର୍ମ-ସମନ୍ୱିତ- ଧର୍ମ" ପ୍ରଚଳିତ ହୋଇଥିଲା, ତାହା ଶ୍ରୀଚୈତନ୍ୟଙ୍କ ଧର୍ମ-ସଂସାରକୁ ଅଧିକ ଉତ୍ସାହିତ କଲା । ତେଣୁ ଓଡ଼ିଶାକୁ ସେ ତାଙ୍କର କର୍ମକ୍ଷେତ୍ର ରୂପେ ବାଛିନେଲେ । କିନ୍ତୁ ତାହା ସଫଳ କରିବାକୁ ହେଲେ ନାମ ସଂକୀର୍ତ୍ତନର ମାହାତ୍ମ୍ୟ ଓ ତା'ର ଶୁଭପରିଣତି ଲୋକେ ବୁଝି ବିଶ୍ୱାସ କରିବା ଆବଶ୍ୟକ । ତେଣୁ ଜଗାଇ, ମାଧାଇ, ହରିଦାସ ପ୍ରଭୃତି କେତେକ ଭିନ୍ନ ଧର୍ମାବଲମ୍ବୀ ଯବନଙ୍କୁ ଶିଷ୍ୟରୂପେ ଗ୍ରହଣ କରିବାରୁ 'ନାମ-ସଂକୀର୍ତ୍ତନ'ରେ ତାହାଙ୍କର ସହଯୋଗ ମଧ୍ୟ ଉଚ୍ଚ ଆଦର୍ଶ ରୂପେ ଗୃହୀତ ହେଲା ।

ଚୈତନ୍ୟଙ୍କ ସହଯୋଗୀଙ୍କ ମଧ୍ୟରେ ଯେଉଁ "ପଞ୍ଚସଖା" ଥିଲେ ସେମାନେ ହେଉଛନ୍ତି: ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଓ ଅନନ୍ତ ଦାସ । ଏମାନେ ଓଡ଼ିଆ ଭାଷାରେ ବହୁ ଗ୍ରନ୍ଥଲେଖି ଜାତି-ପ୍ରଥାର ବିଲୋପ ସାଧନ ଏବଂ ବେଦ, ଯଜ୍ଞାବଳୀ ପ୍ରଭୃତି ନିଷ୍ଠୁର କର୍ମ ପରିବର୍ତ୍ତେ ଦୟା, କ୍ଷମା, ଦାନ, ପ୍ରେମ ଇତ୍ୟାଦି କୋମଳ ଗୁଣହିଁ ଅର୍ଜନ କରିବା ଧର୍ମର ମାହାତ୍ମ୍ୟ ନୀତି ବୋଲି ପ୍ରଚାର ଚଳାଇଲେ । ଶ୍ରୀ ନୀଳାଚଳ ଧାମରେ ପ୍ରଚଳିତ 'ସର୍ବ-ସମନ୍ୱୟ-ଧର୍ମ' ଶ୍ରୀଚୈତନ୍ୟ ଓ ତାଙ୍କ ସଖାମାନଙ୍କୁ ଅଭିଷ୍ଟ ପଥରେ ପରିଚାଳିତ କଲା ।

ଶ୍ରୀଚୈତନ୍ୟଙ୍କ ପ୍ରସ୍ତାବିତ ଧର୍ମରେ ଗଜପତି ମହାରାଜା ପ୍ରତାପରୁଦ୍ର ଅନୁପ୍ରାଣିତ ହେଲେ । କେବଳ ପୁରୀକ୍ଷେତ୍ରରେ ନୁହେଁ, ଓଡ଼ିଶାର ପ୍ରତି

ମଧ୍ୟରେ ମଧ୍ୟ ନାମ ସଂକୀର୍ତ୍ତନ ସହିତ ସମ୍ପୂର୍ଣ୍ଣ ମିଳିମିଶି ବୈଷ୍ଣବ ଧର୍ମ ଗ୍ରହଣ କଲେ । ଜଗନ୍ନାଥ ଦାସଙ୍କ ପ୍ରଧାନ ଓଡ଼ିଆ 'ଭାଗବତ ପୁରାଣ' ଘରେ ଘରେ ପାଠ ହେଲା । ବୈଦିକ ଓ ବ୍ରାହ୍ମଣ ଧର୍ମାନୁଷ୍ଠାନ ଗୁଡ଼ିକ ସେଥିରେ ଘୋର ପ୍ରତିବାଦ କଲେ ମଧ୍ୟ ସମାଜରେ ତାଙ୍କ କ୍ଷୀଣସ୍ୱର ଶୁଣାଗଲା ନାହିଁ । ପତାପରୁଦ୍ର ଓ ଦରବାରରେ ଅବସ୍ଥିତ ତାଙ୍କ କର୍ମଚାରୀମାନେ, ବିଶେଷରେ ରାମାନନ୍ଦ ରାୟଙ୍କ ପରି ଶାସନ କର୍ତ୍ତାମାନେ ଯୁଦ୍ଧ ଓ ରକ୍ତପାତ ବନ୍ଦ କରି ବୈଷ୍ଣବ ଧର୍ମ ନୀତି ଗ୍ରହଣ କରିବା ଫଳରେ ଓଡ଼ିଶାର ସାମରିକ ଶକ୍ତିକ୍ରମେ କ୍ଷୟପ୍ରାପ୍ତ ହେଲା ।

ଏହି ସୁଯୋଗରେ କର୍ଣ୍ଣାଟକର ଅଧୀଶ୍ୱର କୃଷ୍ଣଦେବ ରାୟ ଖ୍ରୀ: ୧୫୧୨ ରୁ ଆରମ୍ଭ କରି ଓଡ଼ିଶାର ଦକ୍ଷିଣ ସୀମାରେ ଯୁଦ୍ଧ ଘୋଷଣା କରିବାରୁ ଚୈତନ୍ୟ ବିଜୟନଗର ଯାତ୍ରା କରିଥିଲେ । ଶେଷରେ କୃଷ୍ଣଦେବ ରାୟ ଏବଂ ଓଡ଼ିଶାର ଗଜପତି ଉଭୟ ହିନ୍ଦୁ ବୈଷ୍ଣବ ରାଜାଙ୍କ ମଧ୍ୟରେ ସନ୍ଧି ସ୍ଥାପିତ ହେଲା । ସେହି ରାଜନୈତିକ ବ୍ୟାପାରରେ ଶ୍ରୀଚୈତନ୍ୟଙ୍କ ପ୍ରଭାବ କିପରି କାର୍ଯ୍ୟକାରୀ ହୋଇଥିଲା, ତାହା ଅବଶ୍ୟ ଅଦ୍ୟାପି ପ୍ରମାଣିତ ହୋଇନାହିଁ ।

ହିନ୍ଦୁଧର୍ମର ସେହି ମହତ୍ତ୍ୱପୂର୍ଣ୍ଣ ଆଦର୍ଶ ତଥା ସାମାଜିକ ସଂସ୍କାର ଭାରତରେ ହିନ୍ଦୁ ବିଶ୍ୱାସୀ ଓ ଧର୍ମପ୍ରାଣ ମଣିଷଙ୍କୁ ପ୍ରଭାବିତ କଲା ।

ଏହି ପୃଷ୍ଠଭୂମିରେ ଗୋଟିଏ ପୁରୁଣା କିମ୍ବଦନ୍ତୀ ଏଠାରେ ଉଲ୍ଲେଖ କରାଗଲା, ଯାହାକି ଅଧିକ ଗବେଷଣା ସାପେକ୍ଷ :

ଏକଦା ଶ୍ରୀଚୈତନ୍ୟ 'ଗମ୍ଭୀରା'ରେ ବସି ନୀରବରେ ନୟନ ମୁଦି ଧ୍ୟାନମଗ୍ନ ରହିଥିଲେ । ସେତେବେଳେ ପଞ୍ଜାବରୁ ଶିଖ୍ ଶିଷ୍ୟଙ୍କ ସହ ମହାତ୍ମା ନାନକ ଶ୍ରୀ ରାଧାକାନ୍ତ ମଠକୁ ଆସି ଚୈତନ୍ୟଙ୍କ ସଂଗେ ଧର୍ମ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କଲେ । ମଠର ମହନ୍ତ ଓ ସେବକମାନେ ତାଙ୍କୁ ଉପଯୁକ୍ତ ଭାବେ ସମ୍ମାନିତ କରି ଗମ୍ଭୀରାକୁ ନେଇ ଯେଉଁଠି ଚୈତନ୍ୟ ନୀରବରେ ବସି ଜପ କରୁଥିଲେ ସେଠାରେ ଅନ୍ୟ ଏକ ଆସନରେ ନାନକଙ୍କୁ ବସାଇ ଦେଲେ । ଚୈତନ୍ୟ ଯେପରି ପଦ୍ମାସନରେ ବସି ଚକ୍ଷୁମୁଦ୍ରିତ କରି ଧ୍ୟାନମଗ୍ନ ହୋଇ ରହିଥିଲେ ନାନକ ମଧ୍ୟ ସେହିପରି ଧ୍ୟାନମଗ୍ନ ନୀରବରେ ନିଶ୍ଚଳ ହୋଇରହିଲେ । ଗମ୍ଭୀରାର ବାହାରେ ବସି ନାନକଙ୍କ ଶିଷ୍ୟମାନେ ଓ ମଠର ସେବକମାନେ ଧର୍ମ ଆଲୋଚନାର ସଂଳାପ ଶୁଣିବାକୁ ଆତୁର ହୋଇ ଅପେକ୍ଷା କରିଥାନ୍ତି ।

ସେତିକି ବେଳେ ମଠ ବାହାରେ କୋଳାହଳ ଶୁଭିଲା । ସମସ୍ତେ ଚକିତ ହୋଇ ଦେଖିଲେ ଯେ, ପୂର୍ବଭାରତରୁ ଆସାମର ଧର୍ମପ୍ରାଣ ଗୁରୁ ଶଙ୍କର ଦେବ ଓ ତାଙ୍କର ଶିଷ୍ୟମାନେ ମଠକୁ ଆସୁଛନ୍ତି । ତାଙ୍କୁ ଦେଖି ମହନ୍ତ ଓ ସେବକମାନେ ଅତି ଆନନ୍ଦରେ ମଠ ଭିତରକୁ ପାଛୋଟି ଆଣିଲେ । ଗମ୍ଭୀରାରେ ଚୈତନ୍ୟ ଓ ନାନକ ବସିଥିବା ସ୍ଥାନରେ ଶଙ୍କର ଦେବଙ୍କ ପାଇଁ ଅନ୍ୟ ଏକ ଆସନ ପକାଇଦେଲା । ସେଥିରେ ସେ ମଧ୍ୟ ଅନ୍ୟ ଦୁଇ ମହାତ୍ମାଙ୍କ ପରି ଚକ୍ଷୁମୁଦ୍ରିତ କରି ଧ୍ୟାନମଗ୍ନ ଅବସ୍ଥାରେ ବସି ରହିଲେ ।

ଭାରତର ସେହି ତିନିଜଣ ସୁପ୍ରସିଦ୍ଧ ଗୁରୁ ମିଳିତ ହୋଇ ସମାଜରେ କେଉଁ ଧର୍ମ ସଂସ୍ଥାପନ କରିବେ, ତାହା ଶୁଣି କର୍ଣ୍ଣ ପବି... ଶତ ଶତ ଭକ୍ତ ଓ ଶିଷ୍ୟମାନେ ବାହାରେ ଅପେକ୍ଷା କରି... କଣ ? ସମସ୍ତେ ନୀରବ ଓ ନିଶ୍ଚଳ । ଗମ୍ଭୀରାର ସେହି କ୍ଷୁ... ମଧ୍ୟରେ ଚୈତନ୍ୟ, ନାନକ ଓ ଶଙ୍କର ଦେବ ଚକ୍ଷୁମୁଦ୍ରିତ... ମଗ୍ନ ଧରି ନୀରବରେ ବସି ରହିଛନ୍ତି । କେହି ପଦେ ... କହିବାର ଶୁଣାଯାଉ ନାହିଁ ।

କିଛୁ ସମୟପରେ ପ୍ରଥମେ ଆସନରୁ ଉଠିଲେ ଚୈତନ୍ୟ; ଧ... ଶ୍ରୀରାଧାକୃଷ୍ଣଙ୍କ ଆଳତି ଦର୍ଶନ ପାଇଁ ଗମ୍ଭୀରାରୁ ବାହାରକୁ ଆସି... ପରେ ନାନକ ଓ ଶଙ୍କର ଦେବ ମଧ୍ୟ ଆସନରୁ ଉଠି ରାଧାକୃ... ଶେଷକରି ନିଜ ନିଜ ବାସସ୍ଥାନକୁ ଫେରିଗଲେ । ଶି... ଶିଷ୍ୟମାନେ ପଛରେ ଗୋଡ଼ାଇଥାନ୍ତି । ଯେତେବେଳେ ନ... ବାସସ୍ଥାନରେ ପହଞ୍ଚିଲେ, ଶିଷ୍ୟମାନେ ତାଙ୍କର ପାଦସେବ... ପଚାରିଲେ, "ଆପଣର ଚୈତନ୍ୟଙ୍କର ସହିତ ଧର୍ମାଳାପ... ଯାଇଥିଲେ, ଆମେ ଅପେକ୍ଷା କରିଥିଲୁ, କିଛି ଶୁଣିବୁ ... ଆପଣମାନେ ନୀରବରେ ସେଠି ବସିରହିଲେ ସିନା, ପ... କଥା କାହାରି ମୁହଁରୁ ଶୁଣାଗଲା ନାହିଁ; ଏପରି ଶୂନ୍ୟେ ଶୂନ୍ୟେ... ଫେରି ଆସିବା ଏକ ଅଦ୍ଭୁତ ଘଟଣା ବୋଲି ଆମେ ମନେ କରୁ...

ଶିଷ୍ୟମାନଙ୍କ ଠାରୁ ଏକଥା ଶୁଣି ସହାସ୍ୟ ମୁଖରେ ମ... ନାନକ ଦେବ "ମୁଁ ଓ ଶଙ୍କର ଦେବ ଚୈତନ୍ୟଙ୍କ ସହିତ ... ଆଲୋଚନା କରିଛୁ । ସର୍ବଶେଷରେ ଆମେ ତିନିଜଣ ସ୍ଥିର... ବର୍ତ୍ତମାନ ଏହି କଳିଯୁଗରେ ଚତୁର୍ଦ୍ଦିଗ ଯେପରି ଘୋର ଦୁର୍ନୀତି... ଦିନକୁ ଦିନ ବଢ଼ିଯାଉଛି, ଏତେବେଳେ ଗୋଟିଏ ମାତ୍ର ମାର୍ଗ... ଆମ ସମାଜରେ ପ୍ରଚଳିତ କରିବା ଆବଶ୍ୟକ । ସେ... "ହରି-ନାମ-ସଙ୍କୀର୍ତ୍ତନ ।"

ଶଙ୍କର ଦେବ ମଧ୍ୟ ତାଙ୍କ ଶିଷ୍ୟମାନଙ୍କୁ ସେହିକଥା ... 'ହରିନାମ-ସଙ୍କୀର୍ତ୍ତନ' ର ମହାତ୍ମ୍ୟ ସମସ୍ତ ଧର୍ମ ଅପେକ୍ଷା ଅଧି... ମା' ଉଚ୍ଚସ୍ଥାନରେ ଅବସ୍ଥିତ । ସଙ୍କୀର୍ତ୍ତନ ମାଧ୍ୟମରେ ଧା... ମାନେ କରିବା ସମ୍ଭବପର ବୋଲି ଭାରତର ତିନିଜଣ ସୁପ୍ରସି... କରିଥିଲେ ଗୋଟିଏ କ୍ଷୁଦ୍ର ପ୍ରକୋଷ୍ଠରେ ସେମାନଙ୍କ ଅପୂ... ସଂଳାପରେ । ସେହିଦିନଠାରୁ ଓଡ଼ିଶାରେ ପ୍ରତି ଦ... ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରରେ ଅଦ୍ୟାପି ରଥଯାତ୍ରା ଉତ୍ସବରେ ... ସମାଗମ ହୁଏ । ପୁଣି ନାମ ସଙ୍କୀର୍ତ୍ତନରେ ଜାତି ବର୍ଣ୍ଣ ... ବହୁଲୋକ ଯୋଗ ଦିଅନ୍ତି । ହରି ନାମ ଉଚ୍ଚାରଣ କରିବା ... ହିନ୍ଦୁ ଧର୍ମ ହରିନାମ ଶ୍ରବଣ କରିବା ମଧ୍ୟ ସେପରି ଏକ... ବୋଲି ହିନ୍ଦୁମାନେ ସ୍ଥିରକରି ଜାତୀୟ ଏକତା ଦୃଢ଼ କରି ପାରି...

ଡକ୍ଟର ସତ୍ୟନାରାୟଣ ରାଜଗୁରୁ
ଚିତ୍ରକାରଲେନ୍, ପାରଳାଖେମୁଣ୍ଡି, ଗଞ୍ଜାମ

ଅତିଶୟ ଉତ୍କଟ ବ୍ୟକ୍ତିଗତ ବିବାଦ ଓ ପରସ୍ପର ପ୍ରତି ଘୋର ଇର୍ଷା ଯୋଗୁଁ ଓଡ଼ିଶା ଆଗକୁ ଯାଇ ପାରୁନାହିଁ । ସମସ୍ତ ଆଦର୍ଶ, ସମସ୍ତ ବିପ୍ଳବର ପରିକଳ୍ପନା ଯେପରି ଏହି ମହା ପଙ୍କ ମଧ୍ୟରେ ପଡ଼ି ନିଜକୁ ହରାଇ ଦେଉଛି । ଏଥିରୁ ରକ୍ଷା ପାଇବା ପାଇଁ ଅଦମନୀୟ ମନୋବଳ, ଦରିଦ୍ର ଜନତାର ସେବାର ଭାବନା ଓ ଶ୍ରୀ ଜଗନ୍ନାଥଙ୍କ ... ଜରୁରୀ ଆବଶ୍ୟକ ।

କାଳନ୍ଦୀ ବଲ୍ଲଭ ପଟ୍ଟନାୟକ

# ଚିହ୍ନ ଦିଅ ନୀଳଗିରିବାସୀଙ୍କୁ

ମୁସ୍ତାର ରଜନୀ

ସେଦିନର କଥା ଓ କାହାଣୀ । ଭାରତର ପ୍ରବଳ ପ୍ରତାପୀ ବାଦଶାହା ସାହାଜାହାନ ରୋଗରୋଗାକ୍ରାନ୍ତ କ୍ରମଶଃ ଆରୋଗ୍ୟ ଲାଭ କରୁଥାଆନ୍ତି । ତଥାପି ତାଙ୍କର ଶରୀର ଶୀର୍ଣ୍ଣ ଓ ଦୁର୍ବଳ । ପାଦେ ଆଗକୁ ଚାଲିବାକୁ ଯେପରି ଶକ୍ତି ନାହିଁ । ସଭା ଗଲେଣି ଆସୁଛି—ହକିମ୍ (କବିରାଜ) ସାହେବ ଏଇ କିଛିକ୍ଷଣ ହେବ, ତାଙ୍କୁ ଔଷଧ ଖୁଆଇ ଚାଲି ଯାଇଛନ୍ତି । ବାଦଶାହା ସାହାଜାହାନ ଆରାମ ଚୌକିରେ ଶୋଇ ପଡ଼ିଛନ୍ତି ଓ ଗୋଲାପ ଫୁଲଟିକୁ ବାରମ୍ବାର ଆଘ୍ରାଣ କରି ଚାଲିଛନ୍ତି ଓ ଭାବରେ ବିଭୋର ହୋଇ ଗୁଣୁଗୁଣୁ ସ୍ୱରରେ ଯେଉଁ ପାରସୀ ପଦ୍ୟଟି ଆବୃତ୍ତି କରୁଥିଲେ, ତାହା ହେଉଛି :

"କାବେରା-କୁଦ୍‌ରତ୍ ତୁ-ଦାରୀ ହରଚେ-ଖାହି ଆ-କୁନୀ
ମୁର୍ଦାରା-ବାନେ-ତୁ ବକ୍ସୀ ଜିନ୍ଦା-ରା-ବେ-ଯାକୁନୀ
ଖାହେ ଗଦା-ରା-ରା-ମୁଲ୍କ-ବକ୍ସୀ-ଗାହେ-ଶାହାରା କୁ ଖଦା
ଅଜ-ବଖାଏ-ମୀନ ନାନେ ଦର-ବଦର-ହଏରାକୁନୀ"

ଅର୍ଥାତ୍ ହେ ସର୍ବଶକ୍ତିମାନ, ତୁମର ଶକ୍ତି ଅଛି । ଯାହା ଇଚ୍ଛା ତାହା କରିପାର । ତୁମେ ନିର୍ଜୀବକୁ ଜୀବନ ଦାନ କରୁଛ ଏବଂ ଜୀବିତକୁ ପ୍ରାଣହୀନ କରୁଛ । କେତେବେଳେ ତୁମେ ଭିକାରୀକୁ ରାଜସିଂହାସନ ଦାନ କରୁଛ, ପୁଣି କେତେବେଳେ ରାଜମୁକୁଟଧାରୀକୁ ଫକୀର ସାଜି ମୁଠାଏ ଅନ୍ନ ପାଇଁ ଦ୍ୱାରେ ଦ୍ୱାରେ ଭିକାରୀ କରୁଛ ।

ବାଦଶାହା ସାହାଜାହାନ ପୁଣି ଭାବିବାକୁ ଲାଗିଲେ- ଅଲୌକିକ ଖୋଦା ସବୁ କରିପାରନ୍ତି । ସେ ମୃତକୁ ଜୀବିତ ଓ ଜୀବିତକୁ ମୃତ କରି ପାରନ୍ତି । ମୋ ପରି ବାଦଶାକୁ ମୁଠାଏ ଅନ୍ନ ପାଇଁ ଦ୍ୱାରେ ଦ୍ୱାରେ ମଧ୍ୟ ବୁଲାଇ ପାରନ୍ତି ଆଉ ଦୀନ ଦରିଦ୍ର ଭିକାରୀକୁ ସେ ରାଜସିଂହାସନରେ ବସାଇ ପାରନ୍ତି । ମୋର ଯେଉଁ ରୋଗ ବ୍ୟାଧି ହୋଇଥିଲା, ଯଦି ଖୋଦାଙ୍କ ମେହେରବାନୀ (ଅନୁକମ୍ପା) ନ ହୁଅନ୍ତା, ତେବେ ଦୁନିଆର କୌଣସି ହକିମ୍ କୌଣସି ଡାକ୍ତର କିଛି କରି ପାରନ୍ତେ କି ? ଖୋଦାଙ୍କ ମେହେରବାନୀ, ସେଥିପାଇଁ ମୁଁ ଆଜି ଜୀବିତ । ନୋହିଲେ ଏତେବେଳକୁ ମୋର ଅସ୍ତିତ୍ୱ ଧୂଳିରେ ମିଶି ଯାଇଥାଆନ୍ତା । ଖୋଦା ଇଚ୍ଛାକଲେ ମୋତେ ମଧ୍ୟ ମୁଠାଏ ଭିକ୍ଷା ପାଇଁ ଦ୍ୱାରେ ଦ୍ୱାରେ ବୁଲାଇ ପାରନ୍ତି । ଏହାର ଦୃଷ୍ଟାନ୍ତ ତ ଇତିହାସରେ ବିରଳ ନୁହେଁ । ମନୁଷ୍ୟ ଦୁର୍ବଳମତି ଭ୍ରାନ୍ତ—ମୋହଗ୍ରସ୍ତ । ସେ ସାଂସାରିକ ମୋହ ବନ୍ଧନରେ ବାନ୍ଧି ହୋଇ ଖୋଦାଙ୍କୁ ଭୁଲି ଯାଉଛି ।

ବାଦଶାହା ସାହାଜାହାନ ଏଇ ଭଗବତ୍ ଚିନ୍ତାରେ ମଗ୍ନ ଥିବା ସମୟରେ ପାର୍ଶ୍ୱବର୍ତ୍ତୀ ଏକ କୋଠରୀରୁ ସାନ୍ଧ୍ୟ ଉପାସନାରେ ପଠିତ କୋରାନର ଗୋଟିଏ ପଂକ୍ତି ତାଙ୍କୁ ହଠାତ୍ ଶୁଣାଗଲା । ସେଇଟି ହେଲା—

"ଫମନ୍ ୟା ମଲ୍-ମିସ୍‌କାଲ-ଜର-ରତିନ୍-ଖଏରଇଁ ଏରା,
ଓ ମନ୍ ୟା-ମଲ୍-ମିସ୍‌କାଲ-ଦର-ରତିନ୍-ଶର୍ ରଇଁ ଏହା ।

ଅର୍ଥାତ୍ ଯେଉଁ ବ୍ୟକ୍ତି ଏ ଜୀବନରେ ଏକ ସୋରିଷ ପରିମାଣର ସତ୍‌କାର୍ଯ୍ୟ କରେ, ସେ ପର ଜୀବନରେ ମହା ନିଶ୍ଚିତ ରୂପରେ ସେ ତାହାର ସୁଫଳ ଭୋଗ କରେ ଏବଂ ଯେଉଁ ବ୍ୟକ୍ତି ଏ ଜୀବନରେ ଏକ ସୋରିଷ ପରିମାଣରେ ଦୁଷ୍କର୍ମ କରେ, ପରଜୀବନରେ ତାହାର କୁଫଳ ଭୋଗ କରିବାକୁ ହୁଏ । ମନୁଷ୍ୟ ସ୍ୱୀୟ କର୍ମଫଳ ଭୋଗିବାକୁ ହୋଇଥାଏ ।

ସାହାଜାହାନଙ୍କ ପ୍ରାଣ କମ୍ପି ଉଠିଲା । ସେ ପୁଣି ଚିନ୍ତା କରିବାକୁ ଲାଗିଲେ । ବାସ୍ତବିକ୍ ମହା ବିଚାର ଦିନ କି ବାଦଶା/କି ପ୍ରଜା/କି ଧନୀ/କି ଦରିଦ୍ର, ସମସ୍ତଙ୍କୁ ସ୍ୱୀୟ

କର୍ମର ହିସାବ ଦେବା ପାଇଁ ଖୋଦାଙ୍କ ସମ୍ମୁଖରେ ଉପସ୍ଥିତ ହେବାକୁ ହେବ ! ଆହା, ବାଦଶାହାର ଜୀବନ କି ବିଡ଼ମ୍ବନାମୟ ! କୋଟି କୋଟି ପ୍ରଜା ତାଙ୍କ ଅଧୀନରେ । ସର୍ବତ୍ର ସୁବସ୍ଥା କି ସମ୍ଭବପର ? କାହାରି ପ୍ରତି ଅଜାଣତରେ କିଛିଏ ଅନ୍ୟାୟ କରିବାକୁ ଗଲେ, ପରକାଳରେ ସେଥିପାଇଁ ଖୋଦାଙ୍କ ନିକଟରେ ଜବାବ୍ ଦେବାକୁ ପଡ଼ିବ । ହେ ଖୋଦା, ହେ ଖୋଦା, ରହେମାନ୍, ରହିମ୍ ମାଫ୍ କରନ୍ତୁ ।

ଭୟ ଥିଲା ସେ ଦିନ ଭାରତର ପ୍ରବଳ ପ୍ରତାପୀ ସମ୍ରାଟ ସାହାଜାହାନଙ୍କ ହୃଦୟରେ କରୁଣ କାକୁତି ମିନତି ଖୋଦାଙ୍କ ନିକଟରେ । ସେଦିନ ସେ ତାଙ୍କର ହୃଦୟର ଅର୍ଘ୍ୟ–ଅର୍ଚ୍ଚନାରେ ପରିଷ୍କାର ଜାଣିଲେ ଓ ଜଗତକୁ ଜଣାଇଲେ ଯେ ଖୋଦାଙ୍କ ଅନୁଗ୍ରହ/ଅନୁକମ୍ପା ବିନା ଏ ଜଗତରେ କିଛି ସମ୍ଭବ ନୁହେ, ଏପରିକି ବଞ୍ଚିବାରେ ମଧ୍ୟ । ପୁଣି ସେ ଅନୁଭବ କଲେ ପବିତ୍ର କୋରାନ୍‌ରେ ସେଇ ମହାବିଶ୍ୱର ଖୋଦାଙ୍କ ନିକଟରେ ସତ୍‌କର୍ମ ଓ ଅସତ୍ କର୍ମ ପାଇଁ । ଶେଷରେ ସେ ଖୋଦାଙ୍କ ଆଶୀର୍ବାଦ ଭିକ୍ଷାରେ ନିଜକୁ ସଂପୂର୍ଣ୍ଣ ସମର୍ପି ଦେଲେ । ଭୟତ ମୁହାରମ ସମ୍ରାଟ ସାହାଜାହାନଙ୍କ ସଂପର୍କରେ ।

ଏଇ ପ୍ରସଙ୍ଗରେ ଧର୍ମଗୁରୁ ନାନକଙ୍କର ଗୋଟିଏ ଦିନର ଆଖ୍ୟାୟିକା । ଦିନେ ସନ୍ଧ୍ୟା କାଳରେ ଆମ ଶ୍ରୀ ଜଗନ୍ନାଥ ମନ୍ଦିରରେ ବହୁ ଭକ୍ତ ବେଷ୍ଟିତ ହୋଇ ଗଭୀର କୋଳାହଳରେ ପ୍ରଭୁଙ୍କର ଆରତି ଆରମ୍ଭ ହେଲା । ସେତେବେଳେ ଗୁରୁନାନକ ସେଇ କୋଳାହଳ ମଧ୍ୟରେ ନରହି ଦୂରରେ ଥାଇ ଅଭୀଷ୍ଟ ଦେବଙ୍କ ପ୍ରତି ଗଭୀର ଭକ୍ତି ନିବେଦନ କରୁଥାଆନ୍ତି । ଜଣେ ପଣ୍ଡା ଏଇ ଭାବ ଦେଖି ନାନକଙ୍କୁ କହିଲେ–"ବର୍ତ୍ତମାନ ଆରତୀ (ଆଳତୀ) ହେଉଛି, ତୁମେ ବାହାରେ ରହିଛ କାହିଁକି?" ଏ କଥାର ଉତ୍ତର ଦେବାକୁ ଯାଇ ଗୁରୁନାନକ କହିଥିଲେ–ମୁଁ ବାହ୍ୟ ଆଡ଼ମ୍ବରରେ ଅର୍ପିତ ଆରତିକୁ ପ୍ରକୃତ ଆରତି ବୋଲି ମନେ କରେ ନାହିଁ, ଅନ୍ତରର ଗଭୀରତମ ପ୍ରଦେଶକୁ ଯେଉଁ ଆରତି କରାଯାଏ ତାହାହିଁ ପ୍ରକୃତ ଆରତି ସେଇ ନିରାକାର ବିଶ୍ୱବ୍ୟାପୀ ପରମେଶ୍ୱର ଜଗତର ନାଥଙ୍କୁ ଅନ୍ତରର ଗଭୀରତମ ଭକ୍ତି ଭାବ ଦ୍ୱାରା ତାଙ୍କର ଆରତି କରାଯାଉ ।" ଶ୍ରୀ ଜଗନ୍ନାଥଙ୍କ ବିଶାଳତା ଉପଲବ୍ଧି କରି ନାନକ ସେଇ ସମୟରେ ଗୋଟିଏ ସଙ୍ଗୀତ ଗାନ କରିଥିଲେ. ଯେଉଁ ସଙ୍ଗୀତରେ କି ମହାମହିମ ଭାବ ପ୍ରକଟିତ ହୋଇ ମହାଭୂମିରେ ଅପରିସୀମ ଗୁଣ ପ୍ରକାଶ କରୁଅଛି । ସେଇ ପ୍ରସିଦ୍ଧ ସଙ୍ଗୀତଟି ହେଲା–

ଗଗନ ମେଁ ଥାଳ ରବି ଚନ୍ଦ୍ର ଦୀପକ ବନେ,
ତାରକା ମଣ୍ଡଳ ଜନକ ମୋତି
ଧୂପ ମଲୟାନଲୋ ପବନ ଚଉରୋ କରୈ
ସକଳ ବନରାଇ ଫୁଲନ୍ତ ଜ୍ୟୋତି ।

କୈସି ଆରତି ହୋଇ ଭବ ଖଣ୍ଡନା ତେରି ଆରତି
ଅନହତା ଶବ୍ଦ ବାଜନ୍ତ
ସହସ ତବ ନୈନ ନନ ନୈନ ହହି ତୋହି କୋଇ
ସହସ ମୂରତ ନନା ଏ
ସହସ ପଦ ବିମଳ ନନା ଏକ ପଦ ଗନ୍ଧ ବିନ ସ
ଗନ୍ଧାଇବ ଚଳତ ମୋ
ସର ମହିଁ ଜ୍ୟୋତି ପରଗଟ ହୋଇ
ଯେତି ସୁରଦେ ସୁରତିଅ
ହରି ଚରଣ କମଳ ମକରନ୍ଦ ଲୋଭିତ ମନୋ
ମୋହି ଅହି ପିଆସ,
କୃପା ଜଳ ଦେହି ନାନକ ସାରଙ୍ଗ କହ ହୋଇ ଜ
ତରେ ନାହିଁ ବାସ

ଏଇ ଦୁଇଟି ଘଟଣା ଅବତାରଣା କରିବା
ହେଲ ଯେ, ମଣିଷ ଯାହା କହୁନା କାହିଁକି ଯା
କାହିଁକି–ଜୀବନର ଯେଉଁ ସ୍ତରରେ ଥାଉନା କାହିଁକି
ସତ୍ତା ( Divine Power )ରେ ନିଜକୁ
ମଜଗୁଲ୍ ନକଲେ ଏ ମଣିଷପ୍ରାଣଟା ତୁଚ୍ଛ, ଅକିଆ
ପାଲଟି ଯାଏ । ଜୀବନ ଆଉ ଜୀବନ ହୋଇ ର
'ପ୍ରତି ମୁହୂର୍ତ୍ତରେ ସେ ମରଣର ମର୍ମନ୍ତୁଦ ଯନ୍ତ୍ରଣାହିଁ ଅନୁ

ଅନ୍ୟ ପକ୍ଷରେ ମଣିଷ ଯେ ମରଣଶୀଳ
ସତ୍ୟ । ଏ କଥାରେ ତିଳେ ମାତ୍ର ମିଥ୍ୟା ବା ମିନି
କିନ୍ତୁ ଦୁଃଖରେ ମରିବ କି ସୁଖରେ ମରିବ, କି ଶା
ସେଇଟାହିଁ ବଡ଼ କଥା । ମରଣକୁ ଅମୃତ ସୋପାନ
ବିଷର ସୋପାନ କରିବ, ତାହାହିଁ ଦେଖି ଦେଖାଇ
ବୁଝି ବୁଝିବାର କଥା । ଯନ୍ତ୍ରଣାରେ ଛଟପଟ କଲ
ମରିବା ଅପେକ୍ଷା, ଠୋ ପଠାଦ୍ ପ୍ରାଣଟା ଛାଡ଼ି
ଆନନ୍ଦ ଓ ସୁଖଦାୟକ ନୁହେଁ ? ଯେହେତୁ ଅ
ବିଶ୍ୱର ଉପରି ଆନନ୍ଦରେ ହିଁ ବିଶ୍ୱର ଅବସ୍ଥାନ ଏବ
ବିଶ୍ୱର ଲୟ ସ୍ଥାନ । ଉପନିଷଦ ମଧ୍ୟ ସେଇ
ତାରଣା କରିଛନ୍ତି–"ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତ
ଆନନ୍ଦେନ ଜାତାନି ଜୀବନ୍ତି ଆନନ୍ଦ ମେବାରି
ତଦ୍ବି ଜିଜ୍ଞାସା ସ୍ୱତଦ୍ ବ୍ରହ୍ମ"–

ଏଣୁ ଏହି ଦୁଃଖମୟ ପରିବର୍ତ୍ତନଶୀଳ ଜ
ଶାଶ୍ୱତ ଓ ମହାନ୍ ସତ୍ୟ ରୂପେ ବର୍ତ୍ତମାନ, ସେ
ପ୍ରେମମୟ/ରସମୟ/ମଧୁମୟ, ତାଙ୍କଠାରେ ଚିର
ହିଁ ଏଇ ଅଶେଷ ଦୁଃଖ ଲକ୍ଷଣ ସଂସାର କି ମ
ଅନୁଭୂତ ହୁଏ । ଏହି ମଧୁମୟ/ରସମୟ/
ଆନନ୍ଦମୟ ଭଗବାନଙ୍କର ଉପାସନା ବିଶୁଦ୍ଧ ଆ
କ୍ରିୟା । ମୋହର ଆବରଣ ତିରୋହିତ ହେଲେ
ଓ ନିତ୍ୟ ଭକ୍ତ ବାତ୍ସଲ୍ୟ ଜଳଧି ସେଇ ଅଶେ

ଆଧାର ସଚ୍ଚିଦାନନ୍ଦ ଭଗବାନଙ୍କର ଚିନ୍ମୟୀ/ରସମୟୀ/ ପ୍ରେମମୟୀ ମୂର୍ତ୍ତି ସତ୍ୱର ମାନସ ହୃଦୟରେ ଉଦିତ ହୁଏ । ଅବିଦ୍ୟାର ଅନ୍ଧିମାନ୍ଦ୍ୟ ଅପସାରିତ ଓ ଉନ୍ମିଳିତ ହେଲେ ମଧୁମୟ/ ରସମୟ ଭଗବାନଙ୍କର ସର୍ବଦୁଃଖ ପ୍ରଶମନକାରିଣୀ ଉପାସନା ସ୍ପୃହା ସ୍ୱତଃ ହିଁ ବୃଦ୍ଧି ପାଏ ।

ସେତେବେଳେ ଚିର ସୁନ୍ଦର/ଚିର ମଧୁର/ଚିର ଦିନର ସାଥୀର ସାଥୀ, ହୃଦୟ ରଞ୍ଜନ ଚିର ସଖାର ଅନୁସନ୍ଧାନ ପାଇଁ ହୃଦୟ ବ୍ୟାକୁଳ ହୁଏ । ଏଇ ଜଗତର ପ୍ରତି ପରମାଣୁରେ ହିଁ ପ୍ରେମାସ୍ପଦ ଭଗବାନଙ୍କର ପ୍ରକାଶ-ସମ୍ଭୂତ ସ୍ୱପ୍ରକାଶ ଅନୁଭବ କରି ଭକ୍ତ କୃତାର୍ଥ ହୁଅନ୍ତି । ଏଇ ଜଗତରେ ଜୀବର ଅସଂଖ୍ୟ କର୍ତ୍ତବ୍ୟମାନଙ୍କ ମଧ୍ୟରେ ଭଗବାନଙ୍କର ପ୍ରୀତିମୟୀ ଉପାସନା ହିଁ ସର୍ବପ୍ରଧାନ କର୍ତ୍ତବ୍ୟ । ଏଇଥିରୁ ସନ୍ଥ ଭାବେପ୍ରତୀୟମାନ ସେ ଆନନ୍ଦରେ/ଆହ୍ଲାଦରେ ଲୀଳା ଖେଳା କରି ମଣିଷ ଏ ସଂସାରରୁ ବିଦାୟ ନେଉ । ଏ ସଂସାରରେ ଥିବା ଯାଏ ଓ ଏ ସଂସାରରୁ ମଧ୍ୟ ଯିବା ଯାଏ ତା ଅଗ ଗୋଡରେ କଣ୍ଟା ନ ଫୁଟୁ, ସେ ଉଦ୍‌ଭ୍ରାନ୍ତ ହୋଇ ହନ୍ତସନ୍ତ ନ ହେଉ ।

ଖାଲି କଥାରେ କହି ଦେଲେ ତ ହେବ ନାହିଁ, ଏଇଥିପାଇଁ କିଛି କର୍ମ କରିବାକୁ ପଡିବ । ତେବେ ସେ କର୍ମ କଣ ? ସେ କର୍ମ ହେଉଛି ପରାର୍ଥ ଓ ପରମାର୍ଥର ଚିନ୍ତା ଓ ଚିନ୍ତନ । ପରାର୍ଥ ଓ ପରମାର୍ଥ ଭିତରେ ନ ବୁଡ଼ିଲେ, ଜୀବନରେ ସବୁ କିଛି ବୁଡ଼ିଗଲା ବୋଲି ବୁଝିବାକୁ ହେବ, 'ସେବା' ଶବ୍ଦଟିକୁ ଓଲଟାଇ ପଢ଼ିଲେ, 'ବାସେ' ଶବ୍ଦ ଆସିବ । ଜୀବନର ମହକ ଛୁଟାଇ ଫୁଟାଇବାକୁ ହେଲେ ପରାର୍ଥ ସେବାରେ ହିଁ ନିଜକୁ ବାହେଲ କରିବାକୁ ହୋଇଥାଏ । ପୁଣି ଏ ଜୀବର ମାୟା- ବାରାଙ୍ଗନାର ନର୍ତ୍ତନ କରେ ନର୍ତ୍ତକୀ ସଦୃଶ । ତେଣୁ ନର୍ତ୍ତକୀ ସଦୃଶ ମାୟାକୁ କାଟିବାକୁ ହେଲେ ନର୍ତ୍ତକୀ ଶବ୍ଦକୁ ଓଲଟାଇଦେଲେ ତାହା କୀର୍ତ୍ତନ ହୋଇଯାଏ । ତେଣୁ ସେ କୀର୍ତ୍ତନ କାହାର କରିବାକୁ ପଡ଼ିବ ? ସେ କୀର୍ତ୍ତନ ଆଉ କିଛି ନୁହେଁ— ପରମାତ୍ମାଙ୍କ ପାଖରେ ଲୟ । ଏଇ ମର୍ମରେ ସେ ଦିନ ଭକ୍ତିର ସୂକ୍ତି ବାଢ଼ି ଦିଆଯାଇଥିଲା ।

"ଓ କାଣ୍ଟା ଭି ସେ ଖରାପ୍ ହେ
ଯିସ୍ ଫୁ ମେଁ ବୁ ନେହିଁ ।
ଓ ଦିଲ ବିରାନ୍ ହେ
ଯିସ୍ ଦିଲ୍ ମେଁ ତୁ ନେହିଁ ।"

ଅର୍ଥାତ୍ ସେ କଣ୍ଟାଠାରୁ ଆହୁରି ଖରାପ, ଯେଉଁ ଗୋଲାପରେ ଗନ୍ଧ ନାହିଁ, ସେହି ହୃଦୟ ପୁଣି ମରୁଭୂମି ସଦୃଶ ଯେଉଁ ହୃଦୟରେ ଭଗବାନ ନାହାନ୍ତି । ଅର୍ଥାତ୍ ଅନ୍ୟ ପକ୍ଷରେ ଯେଉଁ ହୃଦୟ ଭଗବାନଙ୍କୁ ଚିନ୍ତା କରେ ନାହିଁ— କି ସ୍ମରଣରେ ଆଣେ ନାହିଁ, ସେ ହୃଦୟ, ହୃଦୟ ନୁହେଁ, କେବଳ ମରୁଭୂମି । ସେଥିପାଇଁ ତ ସେଦିନ ଭକ୍ତ କବି ଭକ୍ତ ଚରଣ ଆତୁର ନିବେଦନ କରି ଚାହିଁ- ଥିଲେ—

"ଚର୍ମ ବେଢ଼ିଛି ସିନା ଚଉରାଶିକି
ଚିତ୍ତ କୁ ଦିଅ ନୀଳଗିରିବାସୀଙ୍କି ।"

ନୀଳଗିରିବାସୀଙ୍କି ଥରେ ଚିତ୍ତ ଲଗାଇଲେ, ଚଉରାଶି ବେଢ଼ା ଚର୍ମର କନ୍ଥା ସାର୍ଥକ ହୋଇଯାଏ । କିଛି କରିବା ଦରକାର ନାହିଁ, କେବଳ ମାତ୍ର ସ୍ମରଣ ଓ କୀର୍ତ୍ତନ ।

ସେଥିପାଇଁ ଭଗବତ୍ ବାଣୀ ବା ଭଗବାନଙ୍କ କଥା ସ୍ମରଣରେ ଅଣାଇବାକୁ ଯୁଗେ ଯୁଗେ ସାଧୁ-ସନ୍ଥ ଭଗବାନଙ୍କ ଅଂଶରେ ଆମ ନିକଟରେ ଜନ୍ମ ଗ୍ରହଣ କରି ଦେଖା ଦିଅନ୍ତି, ଆମକୁ ଦିବ୍ୟ ସନ୍ଦେଶ ଓ ଦିବ୍ୟ ଚେତନା ଦିଅନ୍ତି । ପୁଣି ଏହି ମାନବକୁ ମାଧବ କରିବା ପାଇଁ, ମାନବର ମାଙ୍କଡ଼ାମି ପ୍ରକୃତିକୁ ଦୂରକୁ ଦୂରକୁ ଓପାଡ଼ି ଫୋପାଡ଼ି ଦେଇ ରାମାୟଣର ଶ୍ରେଷ୍ଠ ପ୍ରବକ୍ତା ମୁରାରି ବାପୁ ହରିଆଣୀ କହିଛନ୍ତି—"ସନ୍ଥ ହେଉଛନ୍ତି ପ୍ରେମଦାତା—ଶାନ୍ତି ଦାତା । ସନ୍ଥଙ୍କ ସ୍ମରଣ ମଧ୍ୟ ପାପନାଶୀ । ସାଧୁ ସଙ୍ଗ ହିଁ ପରମାତ୍ମାଙ୍କ ନିକଟରେ ଆମକୁ ପହଞ୍ଚାଇଥାଏ । ସନ୍ଥ ନିଜ କାୟାକୁ କାଗଜ କରି —ଜିଭକୁ ଲେଖନୀ କରି—ମନକୁମାରି ସ୍ୟାହି କରି ହରିଗୁଣର ରଚନା କରିଥାଏ ।"

ଏ ସମସ୍ତ ସତ୍ତ୍ୱେ ଆମର ମନ ନୀଳକନ୍ଦରବାସୀ ଜଗତର ନାଥ ଜଗନ୍ନାଥଙ୍କ ଆଡ଼କୁ ଢଳୁଛି ତ ? ତାଙ୍କୁ ଆମେ ମନ ମୁକୁ ଦର୍ପଣରେ ଅଳ୍ପ ମାତ୍ର ସ୍ମରଣରେ ଆଣୁଛୁ ତ ? ଏହି ହେଉଛି ଏକ ବିରାଟ ପ୍ରଶ୍ନବାଚୀ । କାଳ ଆଗରେ ମୁଣ୍ଡ ଗେଡ଼ାଇଲେ, ଯେପରି ପାଣି— ସାଇଁ ଶୁଣେ, ଆମେ ସେହିପରି ହରିକଥା ପାଇଁ କଡ଼ ହୋଇଗଲୁଣି । କିନ୍ତୁ କଡ଼ ନ ହୋଇ ଯଦି ୮୯ ଚରଣ ହୋଇଥାନ୍ତୁ, ବୋଧହୁଏ କିଛି ଭାବିବାର ନ ଥିଲା ।

ଆଜି ଆମେ ଯେତିକି ଯେତିକି ହରିଗୁଣ ସ୍ମରଣରେ ଓ କୀର୍ତ୍ତନରୁ ନିଜକୁ ଦୂରେଇ ଦେଉଛୁ, ସେତିକି ସେତିକି ଆମେ ସଂସାର ଜଞ୍ଜାଳରେ ଘାଣ୍ଟି ଚକଟି ହେଉଛୁ । ମନ ବେଳକୁ ବେଳ ବିଶେଇ ଉଠୁଛି—ବିଷ ପିତା ହୋଇ ଉଠୁଛି । ବେଳକୁ ବେଳ ଦେହ ଝିମ୍ ଝିମ୍ ହୋଇ ଉଠୁଛି । ମୁଣ୍ଡ ବାଡୁଳା ହେଉଛି । ଖାଲି ଛାପ୍ ଚିପ୍‌ଣିଆ—ଚକ ଚକିଆ କଥାରେ ନାଚି ପତଙ୍ଗ ପରି ଅନଳ ପାଖକୁ ଆମେ ଅଣନିଃଶ୍ୱାସୀ ହୋଇ ଦୌଡ଼ୁଛୁ । ନାଁ ମିଳୁଛି ସୁଖ, ନାଁ ମିଳୁଛି ଶାନ୍ତି ? କଲବଲ ହୋଇ ମରିବା ହିଁ ଆମର ଶ୍ରେୟ ଓ ସାର ହେଉଛି ।

ଆମ ଜାତୀୟ ସଂସ୍କୃତିର ଇଷ୍ଟ ଦେବତା ତଥା ଇହକାଳ ପରକାଳର ଦେବତା ଏଇ ଜଗନ୍ନାଥଙ୍କୁ କିଏ କେତେ ରୂପରେ ଅର୍ଘ୍ୟ ଅର୍ଚ୍ଚନା ନ କରିଛନ୍ତି, କିନ୍ତୁ ଜଗନ୍ନାଥ, ସେହି ଜଗନ୍ନାଥ ରହିଗଲେ, ତାଙ୍କର କୌଣସି ରୂପାନ୍ତର ବା ପରିବର୍ତ୍ତନ ହେଇ- ନାହିଁ । ଜଗନ୍ନାଥଙ୍କ ପାଖରେ କଅଣ ଅଛି କେଜାଣି, କିମ୍ବା ସେ କି କିମିଆ ଜାଣିଛନ୍ତି କେଜାଣି, ସବୁ ସନ୍ଥ ସାଧୁ,, ଧର୍ମ ପ୍ରବକ୍ତା ଏଇଠି ଆସି ପୂର୍ଣ୍ଣ ହୋଇଛନ୍ତି, ଲୀନ ହୋଇଛନ୍ତି ଜଗନ୍ନାଥଙ୍କୁ ନିଜ

ଧର୍ମ ପ୍ରଗ୍ରରର ଗଣ୍ଡି ଭିତରକୁ ଟାଣି ନେବାକୁ । ନିଜ ପରିବାର-ଭୁକ୍ତ କରିବାକୁ । କିନ୍ତୁ ସର୍ବୋପରି ଆଶ୍ଚର୍ଯ୍ୟ, ସେ ଜାହା ପରିବାରଭୁକ୍ତ ହୋଇ ନାହାନ୍ତି, ସେ ବରଂ ସମସ୍ତଙ୍କୁ ନିଜ ପରିବାର-ଭୁକ୍ତ କରିଛନ୍ତି । 'ବସୁଧୈବ କୁଟୁମ୍ବକଂ'ର ମହତ୍ ଓ ମହିମା ପ୍ରତିପାଦନରେ । ସମସ୍ତେ ବାରମ୍ବାର ଉଦାର ଉଦ୍‌ଘୋଷଣା କରିଛନ୍ତି–ଧନ୍ୟ ଜଗନ୍ନାଥ, ଧନ୍ୟ ତୁମରି ମହିମା । ତୁମେ ଗହସ୍ୟର ରହସ୍ୟ । ତୁମକୁ ବୁଝିବାକୁ ଆମ ପକ୍ଷରେ କାଠିକର ପାଠ । ତେଣୁ ଶେଷକୁ ସମସ୍ତେ ନିଜକୁ ସମର୍ପଣ କରିଛନ୍ତି ତୁମରି ଚରଣପ୍ରାନ୍ତରେ ।

ଏଇପରି ଆମ ସଂସ୍କୃତିର ସେହି ଜଗନ୍ନାଥ, ସେ ଜଗତର ନାଥ ନ ହୋଇ କୌଣସି ଗୋଟିଏ ଧର୍ମ ସଂପ୍ରଦାୟର ନାଥ ହେବେ କିପରି ? ଏହାହିଁ ତ ଜଗନ୍ନାଥଙ୍କ ବୈଶିଷ୍ଟ୍ୟ । ସେଥିପାଇଁ କୁହାଯାଉଛି ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସାର୍ବଜନୀନ ଭ୍ରାତୃତ୍ୱ, ସାର୍ବଜନୀନ ମୈତ୍ରୀ ଓ ସାର୍ବଜନୀନ କରୁଣାର ପ୍ରତୀକ । "ଏକଂ ସତ୍ ବିପ୍ରାବହୁଧା ବଦନ୍ତି" ମନ୍ତ୍ର ଉପରେ ଆଧାରିତ 'ନାନାତ୍ ମଧ୍ୟରେ ଏକତ୍' ବୈଦିକ ଚିନ୍ତାଧାରା 'ସର୍ବଂ ଖଳୁ ଇଦଂ ବ୍ରହ୍ମ'" ମନ୍ତ୍ର ଉପରେ ଅବଲମ୍ବିତ ଔପନିଷଦିକ ଚିନ୍ତାଧାରା "ଅତୋଽସ୍ମି ଲୋକେ ଚ ପ୍ରଥିତଃ ପୁରୁଷୋତ୍ତମଃ" ଶ୍ଳୋକ ଉପରେ ଆଧାରିତ, ଭଗବତ୍ ଗୀତା ବର୍ଣ୍ଣିତ ପୁରୁଷୋତ୍ତମ ତତ୍ତ୍ୱ ଏବଂ ଐତିହାସିକ 'ତଥାଗତ ବୁଦ୍ଧଙ୍କର' 'ମହାମୈତ୍ରୀ ଓ ମହାକରୁଣା' ତଥ୍ୟ ଓ ତତ୍ତ୍ୱ ଶ୍ରୀ ଜଗନ୍ନାଥଙ୍କଠାରେ ଏକୀଭୂତ ହୋଇଛି ।


ପୁଣି ଜଗନ୍ନାଥଙ୍କ ସଂପର୍କରେ କୁହାଯାଉଛି–"ଜଗନ୍ନାଥ ସର୍ବ ଧର୍ମର । ସମନ୍ୱୟ ଜଗନ୍ନାଥ ସମସ୍ତଙ୍କର, ସବୁକାଳର, ସବୁ ଦେଶର । ଶୈବ, ଶାକ୍ତ, ବୈଷ୍ଣବ, ସୌର, ଗାଣପତ୍ୟ, ଜୈନ, ବୌଦ୍ଧ ଆଦି ବିଭିନ୍ନ ଧର୍ମର ସୁମଧୁର ସମନ୍ୱୟ ଘଟିଛି ଏହି ପୁରୁଷୋତ୍ତମ କ୍ଷେତ୍ରରେ । ପୁଣି ଅନ୍ୟ ପକ୍ଷରେ ଜଗନ୍ନାଥ ଆର୍ଯ୍ୟମାନଙ୍କର ଯେପରି ଉପାସ୍ୟ, ଅନାର୍ଯ୍ୟମାନଙ୍କର ସେପରି । ଏଥି ପାଇଁ ପବିତ୍ର ଉତ୍କଳ ଭୂମିରେ ସମସ୍ତ ଜାତି ଧର୍ମ, ସଂପ୍ରଦାୟ, ଧନୀ, ନିର୍ଦ୍ଧନୀ, ଉଚ୍ଚ, ନୀଚର ସମସ୍ତ ଭେଦଭାବ ଓ ସଂକୀର୍ଣ୍ଣତା ନିର୍ମୂଳ ହୋଇଯାଇଛି ।

ଏ ଜଗନ୍ନାଥ ଧାମରେ ସେଦିନ ଯୀଶୁ, ବୁଦ୍ଧ, ଚୈତନ୍ୟ, ନାନକ, କବୀର, ରାମାନୁଜ, ବଲ୍ଲଭାଚାର୍ଯ୍ୟ ତୁଳସୀଦାସ ପ୍ରଭୃତି ସମସ୍ତଙ୍କର ଧର୍ମମତ ମିଶି ହୋଇଯାଇଛି ।

ଧର୍ମ ଏଇପରି ଜଗତର ଠାକୁର, ଜଗତର ଗ... ମଧ୍ୟ ଅତର୍କିତ ଭାବରେ ବାରମ୍ବାର ଅରକ୍ଷିତ ପଡ଼ିଛି । ଇତିହାସ ପୃଷ୍ଠାରେ ରକ୍ତବାହୁ କଳାପାହାଡ଼, ... ଖାଁ, ଏକରାମ ଖାଁ, ମୁଦାଫରଦିନ ଓ ତକି ଖାଁ ... ଜଗନ୍ନାଥଙ୍କ ପ୍ରତି ଆକ୍ରମଣ, ଜଗନ୍ନାଥଙ୍କୁ କମ୍ ହଇରାଣ ... ପକାଇ ନାହିଁ । ସେ ଅରକ୍ଷିତ ହୋଇ ଗୋପ୍ୟ ... ବାର ତଥାର ଶୁଣି ପିଣ୍ଡା ହୋଇଛନ୍ତି । କମ୍ କଷ୍ଟ ... ଭୋଗିନାହାଁନ୍ତି । ତା'ର ପଟାନ୍ତର ନାହିଁ ।

ସମସ୍ତଙ୍କର ଦୁଃଖ ହରଣ କରିବାପାଇଁ ସେ ମର୍ତ୍ତ୍ୟ... ଜନ୍ମ ନେଇଥିବାରୁ ଏ ସମସ୍ତ କଦର୍ଥନା ଓ ଯାତନାକୁ ... ହସି ସହିଛନ୍ତି । ତଥାପି ସେ ଅନିର୍ବାଣ ଦୀପଶିଖା । ... ଯୁଗପାଇଁ ନିଜ ତେଜରେ ଜଳୁଛନ୍ତି ଓ ଜାଗତିକ ସ... ଦୁର୍ଭାବନା, ଦୁର୍ଯୋଗକୁ ମାଡ଼ି ଚକଟି ଆଶାର ... ଶୁଣାଇ ଗ୍ଲାନିଛନ୍ତି ମୈତ୍ରୀର ତାଳେ ତାଳେ ଯେନା ଘୋ... ମାଦକତାରେ, ତଥା ସ୍ନେହ ଓ ସଦିଚ୍ଛାରେ । ... ତମରି ଭଗବତ ଭାବରେ ଆଜିର ମଣିଷକୁ ମଣି... ସେ ମାନବବାଦର ପ୍ରୀତି ପ୍ରସ୍ରବଣରେ ଉବୁଟ... ହେଉ । ପ୍ରେମ ଧର୍ମର ତରୀରେ ଏ ସଂସାର ... ପାରିହେଉ । ତମଠାରେ ବିଶ୍ୱସ୍ତ ବିଶ୍ୱାସ ସ୍ଥାପନ ... ବିଶ୍ୱାସରେ ଆଜି ଯେପରି ବିଷ ନ ହେଉ । ତୁମରି ... ଓ ଆଧ୍ୟାତ୍ମିକ ଶରଧାବାଲିରେ ଆଜିର ମଣିଷ ... ପବିତ୍ର ତଥା ସାର୍ଥକ ହେଉ । ପରସ୍ପର ହିଂସା ... ପାଉ । କେହି କାହାରି ଉପରେ ଆଜି ହୋରି ଶେଜ ...

ଭଗତପୁର
କଟକ–୯



"ନିଜେ ନିରଞ୍ଜନ ଜଗତ ଶଣ୍ଡ...
ଧରିଣ ସୈନିକ ନବ କଳେବର
ଉତ୍କଳର ଯଶ ପତିଶ୍ରୀ ରତ୍ନ...
ବିଜେ କଲେ ଗୋଠ ଧାମର ପ୍ର...

# ମାୟାମଣ୍ଡଳର ପ୍ରତୀକ ଶ୍ରୀଜଗନ୍ନାଥ

• ଶ୍ରୀ ସୋମନାଥ ଖୁଣ୍ଟିଆ

ଶ୍ରୀ ଜଗନ୍ନାଥ ଯେପରି ଅବୋଧ୍ୟ ଏବଂ ତାଙ୍କର ତଥ୍ୟ ଓ ତତ୍ତ୍ୱ ଦୁର୍ବୋଧ୍ୟ । ଶ୍ରୀ ମନ୍ଦିର ନିର୍ମାଣ ସମ୍ବନ୍ଧରେ ଇତିହାସ ନୀରବ । ଏପରିସ୍ଥଳରେ ଜଗନ୍ନାଥଙ୍କ ସମ୍ବନ୍ଧରେ ଯେ ଯାହା ପାରିଲେ, କହିଲେ ଲେଖିଲେ ଏବଂ ବକ୍ତୃତାରେ ଉକ୍ତି ଅର୍ଘ୍ୟ ଦାନି ଜଗନ୍ନାଥଙ୍କ ଛବିକୁ ନେଇ ବ୍ୟବସାୟ କଲେ । ଗବେଷଣା ନାମରେ ପାଣ୍ଡିତ୍ୟର ପ୍ରକାଶ ହେଲା କିନ୍ତୁ ସେ ସବୁ ଅଳିକ ମାତ୍ର । ଶ୍ରୀ କ୍ଷେତ୍ର ହେଉଛି ବିଭିନ୍ନ ଧର୍ମାବଲମ୍ବୀମାନଙ୍କର ପୀଠସ୍ଥଳୀ । ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ବୌଦ୍ଧ, ଜୈନ, ବୈଷ୍ଣବ, ଶୈବ ଏବଂ ଶାକ୍ତମାନଙ୍କର ବିଭିନ୍ନ ସମୟରେ ପ୍ରଭାବ ଥିବାରୁ ସେମାନଙ୍କ ଧର୍ମତତ୍ତ୍ୱର ଏକ ଅପୂର୍ବ ସମନ୍ୱୟ ଘଟି ତ୍ରିମୂର୍ତ୍ତି ଉପାସନା ପରିକଳ୍ପନା କରାଯାଇଛି । ମୂଳଦେବ ଶ୍ରୀ ଜଗନ୍ନାଥ ମୁଖ୍ୟତଃ ବୌଦ୍ଧ ଓ ବୈଷ୍ଣବ ଧର୍ମର ପରମ ଆରାଧ୍ୟ ଦେବତା । ବଳଭଦ୍ର ମସ୍ତକରେ ସର୍ପ ଧାରଣ କରିଥିବାରୁ ସେ ସଦାଶିବ ଭାବରେ କଳ୍ପିତ ହୋଇ ଶୈବମାନଙ୍କ ଦ୍ୱାରା ଆଦୃତ ହୁଅନ୍ତି । ତେଣୁ ବଳଭଦ୍ର ଶୈବ ଧର୍ମର ଉପାସ୍ୟ ଦେବତା । ସେହିପରି ଦୁର୍ଗାଙ୍କର ନାମ ଭଦ୍ରା ଓ ସୁଭଦ୍ରା ହୋଇଥିବାରୁ ତାଙ୍କୁ ଶାକ୍ତ ଓ ଶୈବମାନେ ମଧ୍ୟ ସେମାନଙ୍କର ଉପାସ୍ୟ ଦେବୀ ବୋଲି ଗ୍ରହଣ କରି ନେଇଛନ୍ତି । ଶୈବମାନେ କହିଲେ ଜଗନ୍ନାଥ ଆମର ଏବଂ ଶାକ୍ତ, ସୌର, ଗାଣପତ୍ୟ, ବୁଦ୍ଧ, ଜୈନ, ବୈଷ୍ଣବମାନେ କହିଲେ କାଳିଆ ଆମ କଳାକାର । ଏବେ ପୁଣି ମୁସଲମାନ ଓ ଖ୍ରୀଷ୍ଟିଆନ କହୁଛନ୍ତି ଜଗନ୍ନାଥ ସେମାନଙ୍କର ଜାତି ।

ପୁଣି ଶବରମାନେ କହନ୍ତି ନୀଳମାଧବ ଏବଂ ବ୍ରାହ୍ମଣ କହନ୍ତି ନୀଳକନ୍ଦର ବାସୀ ଦାରୁବ୍ରହ୍ମ ଓଡ଼ିଶାର ନୁହେଁ ବରଂ ସମଗ୍ର ଭାରତର ସଂସ୍କୃତି । ଶବରମାନଙ୍କର ସେହି ଦାରୁ ସେତେବେଳେ ଏକକ ବିନା ଅନେକ ନ ଥିଲେ ବୋଲି ସ୍କନ୍ଦ ପୁରାଣର "ଏକ ଦାରୁ ସମ୍ପୂର୍ଣ୍ଣ ଚତୁର୍ଦ୍ଧା ସମ୍ଭବିଷ୍ୟତି" ଶ୍ଳୋକରୁ ପ୍ରମାଣ ମିଳେ । ଏହି ପୁରାଣରେ ବର୍ଣ୍ଣିତ ଯେଉଁ ନାଗ୍ରୋଧ ଦାରୁ ପୂଜା ପାଉଥିବାର ଜଣାଯାଏ ତାହା ମଧ୍ୟ ଚାରିଶାଖା ବିଶିଷ୍ଟ ଥିବାର ଜଣାଯାଏ । ତେଣୁ ଏହି ଏକକ ଦାରୁ ପରବର୍ତ୍ତୀ ସମୟରେ ଚାରି ମୂର୍ତ୍ତିରେ ପରିଣତ ହେଲେ ଯାହାକି ଏହି ସମୟରେ ଚତୁର୍ଦ୍ଧାମୂର୍ତ୍ତି ହୋଇପାରନ୍ତି ଏବଂ ଚାରି ଶାଖା ଯୋଗୁଁ ପରବର୍ତ୍ତୀ ସମୟରେ ବିଷ୍ଣୁଙ୍କୁ ଚତୁର୍ଭୁଜ ହେବାର କଳ୍ପନା ମଧ୍ୟ କରାଯାଇଥିବାର ସମ୍ଭବ । ତେବେ କଥା ଉଠେ ଆମ ଜଗନ୍ନାଥ କେତେ ପ୍ରାଚୀନ । ଋକ୍ ବେଦରେ ଜଗନ୍ନାଥ ବୋଲି କୌଣସି ଶବ୍ଦ ମିଳୁନଥିବାରୁ ପ୍ରାକ୍ ବୈଦିକ ଯୁଗରେ ଜଗନ୍ନାଥ ବୋଲି କୌଣସି ଦେବତାଙ୍କର ଉପାସନା ନ ଥିବାର ଜଣାଯାଏ ବା ଏହି ସମୟରେ କୌଣସି ମୂର୍ତ୍ତି ଉପାସନା ନ ଥିଲା ବୋଲି ବେଦରୁ ମଧ୍ୟ ପ୍ରମାଣ ମିଳେ । ତଥାପି ଏହି ସମୟରେ ଜଗନ୍ନାଥଙ୍କର ଅସ୍ତିତ୍ୱ ଦାରୁ ରୂପରେ ରହିଥିବାର ଜଣାଯାଏ, ଯାହା ହେଉଛି ଏବର ଜଗନ୍ନାଥଙ୍କର ପୂର୍ବ ଅବସ୍ଥା । କିନ୍ତୁ ଆମର ଜଗନ୍ନାଥ ସମସ୍ତଙ୍କର ନାଥ । ଧନୀ ନିର୍ଦ୍ଧନ, ପଣ୍ଡିତ, ମୂର୍ଖ, ଶିଶୁ ବୃଦ୍ଧ ସମସ୍ତଙ୍କର ଏ ନାଥ । ଏହି ନାଥ ଶବ୍ଦଟି ମଧ୍ୟ ଅର୍ଥଦ୍ୟୋତକ । ଜୈନ ଧର୍ମର ତୀର୍ଥଙ୍କରମାନଙ୍କୁ "ନାଥ" କୁହାଯାଉଥିବାରୁ ସେମାନେ ନୀଳମାଧବଙ୍କୁ ଏକାନ୍ତ ନିଜର କରିବାକୁ ଯାଇ ଶବରଙ୍କର "ଜଗନ୍ତ" ନାମ ସହିତ "ନାଥ" ଶବ୍ଦ ଯୋଗକରି ସେହି ଦାରୁଙ୍କୁ "ଜଗତନାଥ" ବା "ଜଗନ୍ନାଥ" ବୋଲି ଆଖ୍ୟା ଦେଲେ । ଏହି ସମୟରେ ମୂର୍ତ୍ତି ପୂଜାର ପ୍ରଚଳନ ନଥାଇ ସଂକେତ ପୂଜାର ପ୍ରଚଳନ ଥିଲା । ତେଣୁ ଜୈନମାନେ ତାହାଙ୍କ ଧର୍ମର ୨ଟି ସଂକେତ "ତ୍ରିରତ୍ନ-ଚକ୍ର" ଓ "ନନ୍ଦାପଦ"କୁ ଏକତ୍ର କରି ଜଗନ୍ନାଥଙ୍କର ରେଖାଚିତ୍ର କଳ୍ପନା କଲେ, ଯାହାକି ଏବର ଜଗନ୍ନାଥଙ୍କର ମୁଖର ଚିତ୍ର ଅଟେ । ତେଣୁ ଶବରମାନଙ୍କର ଜଗନ୍ନାଥଙ୍କର ମୁଖର ଚିତ୍ର ଅଟେ । ତେଣୁ ଶବରମାନଙ୍କର ଉଦ୍ଦେଶ୍ୟ କ୍ରମେ ନୀଳମାଧବରେ ପରିଣତ ହୋଇ ଜୈନ ଧର୍ମର ସଂକେତ ଏବଂ ଜଗନ୍ନାଥ ନାମ ବହନ କରି ହସ୍ତପଦ ହୀନ ଏକ ସାକାର ମୂର୍ତ୍ତିରେ ପରିଣତ ହୋଇ ଉପାସିତ

ହେବାକୁ ଲାଗିଲେ । ଜଗନ୍ନାଥ ସାକାର, ନିରାକାର, ପୂର୍ଣ୍ଣ, ଅପୂର୍ଣ୍ଣ, ରୂପହୀନ, ଅପରୂପ, ଆଦିମଧ୍ୟାନ୍ତ ହୀନ ସ୍ୱ ପ୍ରକାଶ କାରଣ ।

ତ୍ରିମୂର୍ତ୍ତି ଗଠନ ହୋଇଯିବାପରେ ଜଗନ୍ନାଥଙ୍କଠାରେ ଏକ ବିଷ୍ଣୁଶିଳା ବା ଶାଳଗ୍ରାମ ବା ଏକ ବ୍ରହ୍ମ ପଦାର୍ଥ ରଖାଯାଇ ଏହାଙ୍କୁ ଦାରୁବ୍ରହ୍ମ ବା ପୁରୁଷୋତ୍ତମ, ତଥା ମହାବିଷ୍ଣୁ ବୋଲି ଆଖ୍ୟା ଦିଆଯାଇ ଏହି କ୍ଷେତ୍ରକୁ ପୁରୁଷୋତ୍ତମ ଆଖ୍ୟା ଦିଆଗଲା । ୬ଷ୍ଠ ଶତାବ୍ଦୀ ସମୟକୁ ଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟ ଧର୍ମର ଦେବତା ଭାବରେ ଦୃଢ଼ଭାବରେ ପ୍ରତିଷ୍ଠିତ କରିବା ନିମନ୍ତେ ହରିବଂଶନ ମହାଭାରତ; ଭଗବଦ୍‌ଗୀତା; ବିଷ୍ଣୁ ସହସ୍ରନାମ ଆଦି ଗ୍ରନ୍ଥମାନ ରଚନା କରାଗଲା । କ୍ରମେ ବିନା ମନ୍ତ୍ରରେ ବନର ଫଳ ମୂଳକୁ ତ୍ୟାଗ କରି ଦେବାଳୟରେ ସ୍ଥାନ ପାଇ ନିଃସଂଖୁଡି ଦ୍ରବ୍ୟକୁ ଭୋଗ ରୂପେ ଗ୍ରହଣ କରି ମନ୍ତ୍ର ସହିତ ଷୋଡ଼ଶ ଉପଚାରରେ ପୂଜା ପାଇଲେ । ଏହି ଦେବତା ଶବର ଜାତିର ମୌଳିକ ଦେବତା ହୋଇଥିବାରୁ ଅନାର୍ଯ୍ୟ ଶବର ଏବଂ ଆର୍ଯ୍ୟ ବ୍ରାହ୍ମଣ ଉଭୟ ଏହାଙ୍କର ସେବା ପୂଜାର ଭାର ଗ୍ରହଣ କଲେ ମଧ୍ୟ ବ୍ରାହ୍ମଣଙ୍କର ପ୍ରାଧାନ୍ୟ ଯୋଗୁ ବ୍ରାହ୍ମଣମାନେ ଦେବତାଙ୍କୁ ମନ୍ଦିର ମଧ୍ୟରେ ଉପାସନା କରିବାର ଅଧିକାର ନେଇ ଶବରମାନଙ୍କୁ ସଂଭବତଃ ନୀଚ ବୋଲି ଚିନ୍ତା କରି ଦେବତା ମନ୍ଦିର ନାମରେ ଥିବା ସମୟରେ ଉପାସନା ଭାର ଦେଲେ ଯାହାରକି ସ୍ମୃତି ସ୍ୱରୂପ ଏବେ ଦଇତାମାନେ ସ୍ନାନ ପୂର୍ଣ୍ଣିମାଠାରୁ ବାହୁଡ଼ା ପର୍ଯ୍ୟନ୍ତ ଉପାସନା ଭାର ପାଇ ଆସୁଅଛନ୍ତି । ଭକ୍ତ ସବୁସମୟରେ ଭଗବାନଙ୍କଠାରୁ ବଡ଼ ବୋଲି ରଥଯାତ୍ରାର ସୃଷ୍ଟି ଏବଂ ଏହା ଶବରୀ ସଂସ୍କୃତି ଓ ବ୍ରାହ୍ମଣ୍ୟ ଦର୍ଶନର ଏକ ଅପୂର୍ବ ସମନ୍ୱୟାତ୍ମକ ପରିପ୍ରକାଶ । ତାହା ହୋଇନଥିଲେ ରଥଯାତ୍ରାର ଲକ୍ଷାଧିକ ଯାତ୍ରୀ ସମାବେଶ କ'ଣ ଏକ ଅଭିନୟ, କ'ଣ....... ଭକ୍ତମାନେ ? ସବୁ କଥା ଭୁଲି ଅର୍ଥାତ.................କଥା ଭୁଲି ସେମାନେ କହନ୍ତି :—

"ନ ଯାଚେ ବୈ ଶୀକ୍ୟଂ ନ ଚ କନକ ମାଣିକ୍ୟ ବିଭବଂ
ନ ଯାଚେ ଅହଂ ରମ୍ୟାଂ ସକଳ ଜନ କାମ୍ୟାଂ ବରବଧମ୍
ସଦା କାଳେ କାଳେ ପ୍ରମଥପତିନା ଚିତ ଚରିତୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।।
ହରତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ
ହରତ୍ୱଂ ପାପାନାଂ ବିତତିମ୍ପରାଂ ଯାଦବ ପତେ
ଅହୋ ଦୀନନାଥେ ନିହିତ ଚରଣୋ ନିଶ୍ଚିତ ମିଦଂ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।।

କାରଣ, ଜଗନ୍ନାଥଙ୍କ ପାଖରେ କେହି ରଜା ନାହାନ୍ତି କି ପ୍ରଜା ନାହାନ୍ତି । ସେ କେବଳ କୈବଲ୍ୟର ଅଧିକାରୀ । ସେ କେବଳ ସ୍ୱାମୀ, ଅନ୍ୟ ସମସ୍ତେ ସ୍ତ୍ରୀ । ଆମେ ସମସ୍ତେ ଉ, ଉସ, ରକ୍ଷା, ଅର୍ଘ୍ୟ ଦାନର ଅଧିକାରାଧିକା । ସେ ହେଉଛନ୍ତି

ଗୀସରାଜ କୃଷ୍ଣ । ସେପରି କିଛି କାରଣ ନଥିଲେ ସ
ସନ୍ଧ୍ୟା ପର୍ଯ୍ୟନ୍ତ........................ଲକ୍ଷ ଲକ୍ଷ ଉକ୍ତ....
ମନ୍ଦିରକୁ ଯାଆନ୍ତି । ତାଙ୍କରି ଆସ୍ଥାରେ ଓଡ଼ିଶାରେ
ହୁଏ । ଆମ୍ଭମାନେ ନ ଗଲେ କିଛି ସଂଭବ ନୁହେଁ ।
ବର୍ଷର ସବୁ ଦେବୀଦେବୀ ଜଗନ୍ନାଥଙ୍କର ମାଳ ମହାପ୍ରସା
ହୁଅନ୍ତି ଏବଂ ପୁରୀ ପଣ୍ଡା ଏହି ମାଳ ମହାପ୍ରସାଦ
କରି ସାରା ଭାରତବର୍ଷରେ ଜଗନ୍ନାଥ ତତ୍ତ୍ୱ ପ୍ରଚ
ଭାରତବର୍ଷର ବାହାରେ ମଧ୍ୟ ଜଗନ୍ନାଥ ମନ୍ଦିର ଅ
କେବଳ ପୁରୀରେ ନୁହେଁ ପୃଥିବୀର ଅନେକ
ଗେରୁଆ ପିନ୍ଧିଥିବା ସାହେବମାନେ ରଥଯାତ୍ରା କରି
ସଂସ୍କୃତିର ସାର୍ବଜନୀନ ତଥା ସର୍ବକାଳୀନ ଭାବଧାର
କରିଛନ୍ତି । ସେ ନିଜ ନାମର ସାର୍ଥକତା ପ୍ରତିପା
କେବଳ ପୁରୀ ନାଥ କିମ୍ବା ଭାରତ ନାଥ ନ ହୋଇ
ନାଥ ଜଗନ୍ନାଥ ହୋଇଛନ୍ତି । ତେଣୁ ନିର୍ମଳ ଓ ଅସୀ
ସଦୃଶ ହେ ପୁରୁଷୋତ୍ତମ ତୁମକୁ ନମସ୍କାର ।

"ନିର୍ମଳାଂବର ସଂକାଶ ନମସ୍ତେ ପୁରୁଷୋତ୍ତମ

ଆମେ କେହି ତାଙ୍କଠାରୁ ଭିନ୍ନ ନୋହୁ କିମ୍ବା
ଠାରୁ କେବେହେଲେ ଭିନ୍ନ ନୁହନ୍ତି । ଆମେ ତାଙ୍କରି
ସେ ଦାରୁବ୍ରହ୍ମ । ସ୍କନ୍ଦ ପୁରାଣ ଯଥାର୍ଥରେ କହିଛି :—

"ଜଗତେବଂ ଜଗନ୍ନାଥୋ ନାନ୍ୟଶ୍ଚପି ତ୍ କାରଣ
ଅହଂ ଚନ ତତୋଭିନ୍ନୋ ମତ୍‌ଅସୌନ ପୃଥକ ସ୍ଥି
ହାନଂ ବହିରୁପାଧୀନାଂ ପ୍ରେମୋତ୍‌କର୍ଷେଣ ଭାବ
ଦୁର୍ଲଭା ଭକ୍ତିରେଷା ହି ମୁକ୍ତିୟେଅଦ୍ୱୈତ ସଂଜ୍ଞ

ସେ କେବଳ ଯଦି କାଷ୍ଠ ବିଗ୍ରହ ତେବେ ପୁରା
କୀର୍ତ୍ତନ, ନୀତିରୀତି, ଉତ୍ସବ, ଭୋଗ, ଲଗାଣ,
ବୃଥା ହେବ । କ'ଣ ଅଛି ସେ ବିଗ୍ରହରେ ଯେ ଯେ
ସଜେଇବ, ସେ ସୁନ୍ଦର । ବେଶ ପରେ ବେଶ, ବେ
ଭୋଗ ଏପରି ବିଧି ବେଭାର ଅନ୍ୟ କେଉଁ ମନ୍ଦିରରେ
ନଥିବ । ଏବଂ ଏହାହିଁ ଓଡ଼ିଆ ଜାତିର ଶ୍ରେଷ୍ଠ
ଆଭିମୁଖ୍ୟ ।

ସବୁଠାରୁ ଆଶ୍ଚର୍ଯ୍ୟ ଶ୍ରୀ ଜଗନ୍ନାଥଙ୍କର ପୂଜ
ଧାରାବାହିକ କ୍ରମବିକାଶ । ଏ ସଂପର୍କରେ ବିଶେ
ପର୍ଯ୍ୟନ୍ତ ଲେଖା ହୋଇ ନାହିଁ କାରଣ ଏ ସମ୍ବନ୍ଧୀୟ
ଶ୍ରୀମନ୍ଦିର ସେବକମାନଙ୍କର ବଂଶାନୁକ୍ରମିକ ଅ
ସେମାନଙ୍କର ସହଯୋଗର ଅଭାବରେ ଏ ଧରଣର ପ୍ର
ସମ୍ଭବ ହେଲେ ମଧ୍ୟ ତାହା ସ୍ୱୟଂସଂପୂର୍ଣ୍ଣ ହେବ ନାହିଁ

କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ କେ
ନିତିବିଧାନ ସଂପର୍କରେ ଇଂରେଜୀ ଲେଖା ପ୍ରକାଶ
ତାହା ଭାରତ ବାହାରୁ ଆସୁଥିବା ଗବେଷକମାନେ

ରହସ୍ୟ ଭେଦ କରି ଅସାଧ୍ୟ ସାଧନ କରୁଛନ୍ତି ଅଥଚ ଆମମାନଙ୍କ ନିକଟରେ ସେ ସବୁ ଗୁପ୍ତ ଏବଂ ଅତ୍ୟନ୍ତ ଗୋପନୀୟ ରହୁଛି । ଏପରି ଏକ ବିବାଦମାନ ବିଷୟ ବର୍ତ୍ତମାନ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବା ଅସଂଗତ ନୁହେଁ । ତେଣୁ ପୂର୍ବରୁ କୁହାଯାଉଛି ଆମେ ମନଇଚ୍ଛା ଲେଖିଲେ କେବେ ଗବେଷକ ହେବା ନାହିଁ ଏବଂ ଯେତେ କାଳ୍ପନିକ ଭାବରେ ଲେଖିଲେ ମଧ୍ୟ ଶ୍ରୀଜଗନ୍ନାଥ ଆମ ନିକଟରେ ଚିର ରହସ୍ୟାବୃତ ହୋଇ ରହିବେ ।

ଜୁତାର ପଛରେ, ଖାଇବା ପ୍ଲେଟରେ, ବୈଠକ ଘରେ, କ୍ୟାଲେଣ୍ଡରରେ ତାଙ୍କ ଛବି ରଖିଲେ କିମ୍ବା ତାଙ୍କ ନାମରେ କ୍ଲବ ପାଠାଗାର, ହୋଟେଲ, ପାନ ଦୋକାନ କଲେ ସେ କେବେ ରହସ୍ୟ ମୁକ୍ତ ହେବେ ନାହିଁ ବରଂ ଏହା ଆମ ମୂର୍ଖତାର ପ୍ରମାଣ ହେବ । ଏପରି କାର୍ଯ୍ୟ ଅନ୍ୟ କେଉଁ ଧର୍ମରେ ହେଉଥିଲେ ଅବସ୍ଥା ଅସଂଗଳ ହୁଅନ୍ତା । ଧର୍ମ ନାମରେ ଏ ଧରଣର ଅପରିପକ୍ୱତା ଅଯଥା ଅନାସ୍ଥ ଭାବ ସୃଷ୍ଟି କରନ୍ତା । ମହାପ୍ରସାଦ ଯେପରି ଭାବରେ ଅସମ୍ମାନର ସମ୍ମୁଖୀନ ହେଉଛି ତାହା ନ ଲେଖିଲେ ଭଲ ।

ଯାହାକୁ ଆମେ କୈବଲ୍ୟ କହୁ, ଯାହା ଆମର ବିବାହ ବ୍ରତ ଏପରି କି ମୃତ୍ୟୁ ସମୟରେ ଆବଶ୍ୟକ ହୁଏ ତାହାର ଯେପରି ଅମର୍ଯ୍ୟାଦା ହୁଏ ତାହା ପୁରୀ ସମୁଦ୍ର କୂଳରେ ଅବସ୍ଥିତ ହୋଟେଲରୁ ଜାଣି ହେବ । ପରିତାପର ବିଷୟ ଏହି ଯେ ଶିକ୍ଷିତ ବ୍ୟକ୍ତି ମାନଙ୍କର ଭକ୍ତି ଟିକେ ମାତ୍ର ନାହିଁ ।

ଆଧୁନିକ ଯୁଗର ଶିକ୍ଷା ଆମକୁ କି ମନ୍ତ୍ର ଦେଉଛି କେଜାଣି ଆମେ ପୂଜ୍ୟ ପୂଜାକୁ ସମ୍ମାନ ଦେବାକୁ ଅନାଗ୍ରହୀ, ଅତୀତକୁ ସ୍ୱୀକାର କରିବାକୁ ଅନିଚ୍ଛୁକ ଏବଂ ଆମ ଇତିହାସର ଗାରିମା ପ୍ରତି ଆମେ ବିମୁଖ । ସେହି କାରଣରୁ ଆମେ ଜଗନ୍ନାଥଙ୍କ ନାମରେ ଯେତେ ସଭା କରୁ ସେଥିରେ ନିଷ୍ଠା ନ ଥାଏ । ଆମେ ଭାବୁ ଯୌବନ ସମୟରେ ଆମର ବିପଦ ଆସିବ ନାହିଁ । ମୃଚ୍ଛକଟିକ ନାଟକରେ କୁହାଯାଇଛି—

"ଗଗନ ତଳେ ପ୍ରତିବସନ୍ତୌ ଚନ୍ଦ୍ର ସୂର୍ଯ୍ୟାବପି ବିପତ୍ତିଂ ଲଭେତେ"

ଅର୍ଥାତ୍ ଆକାଶରେ ସୂର୍ଯ୍ୟ ଚନ୍ଦ୍ରକୁ ବିପତ୍ତି ରୂପକ ଗ୍ରହଣ ଗ୍ରାସ କରେ କିନ୍ତୁ ଆମେ ଛାର ମନୁଷ୍ୟ ଭାବୁ ଆମ ବାହୁ ବଳରେ ଆମେ ସମସ୍ତ ବିପଦକୁ ଅତିକ୍ରମ କରିଯିବା । ସାଧାରଣତଃ ଦେଖାଯିବ ଧନୀ ବ୍ୟକ୍ତି ଓ ଶିକ୍ଷିତ ଏମାନେ ଶ୍ରୀମନ୍ଦିରକୁ ଏକ ଉଦ୍ୟାନ ଭାବେ ବୁଲି ଯାଆନ୍ତି ଓ ବାଧ୍ୟ ହୋଇ ବିଗ୍ରହମାନଙ୍କୁ ପ୍ରଣାମ କରନ୍ତି ।

ଯେଉଁ ରୋଗୀ, ଦୁଃଖି ଗୁଣ୍ଡିଚା ମନ୍ଦିରରେ ଥିବା ଶ୍ରୀକୃଷ୍ଣଙ୍କୁ ଦର୍ଶନ କରନ୍ତି, ସେମାନଙ୍କର ରୋଗ, ଶୋକ, ସହସା ଦୂରୀଭୂତ ହୁଏ । ଯେଉଁ ଅପୁତ୍ରୀକ ଗୁଣ୍ଡିଚା ମଣ୍ଡପରେ ଦର୍ଶନ କରନ୍ତି ସେମାନେ ପୁତ୍ରଲାଭ କରନ୍ତି । ବିଦ୍ୟାର୍ଥୀ ଓ ଧନାର୍ଥୀ ଯଥାକ୍ରମେ ବିଦ୍ୟା ଓ ଧନ ଲାଭ କରନ୍ତି । ଯେଉଁମାନେ ଉତ୍ତମା ସ୍ତ୍ରୀ ପାଇବାକୁ ଇଚ୍ଛା କରନ୍ତି, ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସେମାନେ ଲକ୍ଷଣବତୀ ସ୍ତ୍ରୀ ପ୍ରାପ୍ତ ହୁଅନ୍ତି ଓ ମୁମୁକ୍ଷୁ ଲୋକମାନେ ମୋକ୍ଷ ଲାଭ କରନ୍ତି । ଯେଉଁ ରାଜନ୍ୟମାନେ ରାଜ୍ୟଭ୍ରଷ୍ଟ ହୋଇଥାଆନ୍ତି, ସେମାନେ ରାଜ୍ୟ ଲାଭ କରନ୍ତି । ଯେଉଁମାନେ ଶତ୍ରୁ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି ଗୁଣ୍ଡିଚା ମଣ୍ଡପରେ ଶ୍ରୀହରିଙ୍କୁ ଦର୍ଶନ କଲେ ସେମାନଙ୍କର ଶତ୍ରୁ ନାଶ ହୁଏ ।

କୌଣସି ଦେବା ଦେବୀ ଭକ୍ତମାନଙ୍କ ଠାରୁ ଭୋଗ ଇଚ୍ଛା କରନ୍ତି ନାହିଁ । କାରଣ ଭାବ ମିଛ ଦେବତା । ଭାବରୁ ନିକଟ ସେ ଅଭାବରୁ ଦୂର ।

ଭଗବତ୍ ବିଶ୍ୱାସ ଓ ଅନୁରକ୍ତି ଭକ୍ତ ହୃଦୟରେ ସୃଷ୍ଟି କରେ ଅନ୍ତହୀନ ଉଲ୍ଲାସ, ଭାବର ଉଚ୍ଛ୍ୱାସରେ ବିଗଳିତ ହୋଇଯାଏ ତାର ହୃଦୟ । ଜାଗତିକ କାମନା ବାସନାରୁ ସେ ହୁଏ ନିବୃତ୍ତ । ସାମାଜିକ ମାନ ଅପମାନକୁ ଭୁଲି ପୂର୍ଣ୍ଣ ପ୍ରାଣରେ ସେ ନିବେଦିତ କରିଦିଏ ଉପାସ୍ୟ ଦେବତାଙ୍କ ନିକଟରେ । ଦ୍ୱୈତବାଦୀ ସବୁ ବୈଷ୍ଣବ ଭକ୍ତମାନଙ୍କର ଏହାହିଁ ସାଧନା । ଭଗବାନ ଭକ୍ତ ହୃଦୟରେ ଏହି ଭାବ ତନ୍ମୟତାରେ ହିଁ ତୃପ୍ତ ହୁଅନ୍ତି । ଭକ୍ତର ଐଶ୍ୱର୍ଯ୍ୟ, ସାମାଜିକ ସମ୍ମାନ କ୍ଷମତା ଓ ପ୍ରତିପତ୍ତି ତାଙ୍କୁ ପରିତୃପ୍ତ କରିପାରେ ନାହିଁ । ଏହି ଭାବ ପୁଣି ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ଭେଦରେ ପଞ୍ଚବିଧ ମଧ୍ୟରୁ ମଧୁର ଭାବ ସର୍ବୋତ୍କୃଷ୍ଟ ବୋଲି ବୈଷ୍ଣବ ତତ୍ତ୍ୱ ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି ।

ଆମର କ'ଣ ଆବଶ୍ୟକ ? ଜୀବନରେ ଶାନ୍ତି, ଆନନ୍ଦ ! ରାମକୃଷ୍ଣଙ୍କ ମତରେ ଆନନ୍ଦ ତିନି ପ୍ରକାର—ବିଷୟାନନ୍ଦ, ଭଜନାନନ୍ଦ ବ୍ରହ୍ମାନନ୍ଦ ଯାହା ସର୍ବଦା ସମସ୍ତେ ଗ୍ରହଣ କରିଥାନ୍ତି । କାମିନୀ କାଞ୍ଚନ, ଆନନ୍ଦ, ତାହା ହେଉଛି ବିଷୟାନନ୍ଦ, ଈଶ୍ୱରଙ୍କ ନାମ ଗୁଣ ଗାନ କରି ଯେଉଁ ଆନନ୍ଦ ଲାଭ କରାଯାଏ, ତାର ନାମ ଭଜନାନନ୍ଦ ଏବଂ ଭଗବାନ ଦର୍ଶନରେ ଯେଉଁ ଆନନ୍ଦ ମିଳେ, ତାର ନାମ ବ୍ରହ୍ମାନନ୍ଦ । ବ୍ରହ୍ମାନନ୍ଦ ଲାଭ ପରେ ଋଷିମାନେ ସ୍ୱେଚ୍ଛାଚାରୀ ହୋଇଯାଆନ୍ତି ।

ଅନନ୍ତ, ଅସୀମ ଶକ୍ତିର ପରମ ସତ୍ତାରେ ଆମର ମିଳନ ହେଉଛି ତୁରୀୟାତୀତ ଆନନ୍ଦ । କିନ୍ତୁ ଆମର ଜ୍ଞାନ ଅତ୍ୟନ୍ତ ଭୌତିକ ଭାବଧାରା ଉପରେ ............... ଥିବାରୁ ଦୁଃଖର କାରଣ ଆସିଥାଏ । ଭଗବାନଙ୍କୁ ପାଇବାକୁ ହେଲେ ଚରମ ଧୈର୍ଯ୍ୟ ଆବଶ୍ୟକ । ଜଗନ୍ନାଥଙ୍କୁ ପାଇବାକୁ ହେଲେ ବ୍ୟାକୁଳତା ଦରକାର । ସାଧକ ରାମକୃଷ୍ଣ ଶିଷ୍ୟମାନଙ୍କୁ ବୁଝାଉଥିଲେ—

ଈଶ୍ୱରଙ୍କୁ ଯେ ଆନ୍ତରିକ ଜାଣିବାକୁ ଚାହିଁବ, ଈଶ୍ୱର ତାହାରହିଁ ହେବେ, ନିଶ୍ଚୟ ହେବେ । ଡେଇଁ ପଡ଼ିଲେ ସେ ନିଶ୍ଚୟ ତୁମର ହେବେ । ସୂର୍ଯ୍ୟୋଦୟ ଆଗରୁ ପୂର୍ବଦିଗ ନାଲି ଟହ ଟହ ହୋଇ ଉଠେ । ସେତେବେଳେ ବୁଝାଯାଏ ଯେ ସୂର୍ଯ୍ୟ ଉଦୟ ଆଉ ଡେରି ନାହିଁ । ସେହିପରି ଯଦି କାହାରି ଈଶ୍ୱରଙ୍କ ନିମିତ୍ତ ପ୍ରାଣ ବ୍ୟାକୁଳ ହେବାର ଦେଖାଯାଏ, ତେବେ ଭଲ ଭାବରେ ବୁଝାଯାଏ ଯେ ସେହି ବ୍ୟକ୍ତିର ଈଶ୍ୱର ଲାଭ ଆଉ ବେଶୀ ଡେରି ନାହିଁ ।

ସମସ୍ତେ ଜଗନ୍ନାଥଙ୍କର ଅଧୀନ । କେହି ଗର୍ବ କଲେ ପତିତପାବନ ତାହା ସହେ ନାହିଁ । ଯେହେତୁ ସେ ସାମ୍ୟ ମୈତ୍ରୀ, ପ୍ରେମ, କରୁଣା ଓ କ୍ଷମାର ଅଧିକାରୀ । ଆମର କିନ୍ତୁ ସେ ବିଷୟ ଅନୁଧ୍ୟାନ କରିବାର ବ୍ୟକ୍ତି ସାମର୍ଥ୍ୟ ନ ଥିବାରୁ ଆମର ଜୀବନ ସର୍ବଦା ସମସ୍ୟା କଣ୍ଟକିତ ହେଉଛି । କାନ ନ ଥିଲେ ମଧ୍ୟ ସେ ସବୁ ଶୁଣିପାରନ୍ତି । ହାତ ନଥିଲେ ମଧ୍ୟ ସେ ସବୁ କରି ପାରନ୍ତି । ଆଖି ନ ଥିଲେ ମଧ୍ୟ ସେ ସବ ଦେଖି-ପାରନ୍ତି । ସେ ଡାକ ଶୁଣନ୍ତି କିନ୍ତୁ ସେ ଡାକରେ ମାଟ୍ରିକ ପରୀକ୍ଷାରେ ପାଶ୍, ପ୍ରେମ କାରବାରରେ ସଫଳତା, ମୋକଦ୍ଦମାରେ ଜୟ ଲାଭ ନ ଥିଲେ ହେଲା । ଏ ପ୍ରକାର ମୂଲ୍ୟହୀନ ଅନୁରୋଧ ପ୍ରାର୍ଥନା ଚିତ୍କାରବାଣୀ, ମିନତୀକୁ ସେ ନ ଶୁଣିଲେ ଆମେ କହୁ ସେ ବଧିର ; ସାରା ଥରେ ଧୀବର କହିଥିଲ—ବସ୍ତୁତଃ ଧୀବର ପଥିକ ହୋଇ ପ୍ରଭୁଙ୍କୁ ବଧିର କହିବାରେ ଯେଉଁ ରହସ୍ୟ ଥିଲା ତାହାହିଁ ହେଲ ମାୟା ! ଆମ ଜଗନ୍ନାଥ ମାୟାମଣ୍ଡଳର ଅଧିକାରୀ । ସେଥିପାଇଁ ମାୟା ସ୍ୱରୂପିଣୀ ସୁଭଦ୍ରା ସିଂହାସନରୂପ ହୋଇଛନ୍ତି । ମାୟାର ହାତ ନାହିଁ । ତେଣୁ ସୁଭଦ୍ରା ଶ୍ରୀହସ୍ତହୀନା । କିଏ କହୁଛନ୍ତି ସେ ଏକାଂଶା ସମ୍ମେଶ୍ୱରୀ, ଶ୍ରୀ ରାଧା, ଏମିତି ସ୍ୱରୂପିଣୀ ନାରୀ ଜାତିକୁ ଉଚ୍ଚ ସ୍ଥାନ ଦେବା ହଜାର ହଜାର ବର୍ଷ ତଳେ ଭାରତୀୟ ସଂସ୍କୃତି ସେ ସୁଭଦ୍ରା !

ଶ୍ରୀ ଜଗନ୍ନାଥଙ୍କ ସଂପର୍କରେ କେତେକ ପ୍ରବନ୍ଧ ପ୍ରକାଶିତ ହୋଇଥିଲେ ମଧ୍ୟ ସୁଭଦ୍ରା ତତ୍ତ୍ୱ ସଂପର୍କରେ ଯଥାବିଧି ଗବେଷଣା ଏ ପର୍ଯ୍ୟନ୍ତ ହୋଇ ନଥିବା ଜଣାପଡ଼େ । ଜଣେ ତାନ୍ତ୍ରିକଙ୍କୁ ପ୍ରଶ୍ନ ହୋଇଥିଲା ସେ ତାଙ୍କ ଦରବାର ଦେବୀ କିଏ । ଉତ୍ତର ଆସିଥିଲା ସୁଭଦ୍ରା । ଓଡ଼ିଶାର କେତେକ ସ୍ଥାନରେ ହେଉଥିବା ରଥ-ଯାତ୍ରାରେ ସୁଭଦ୍ରା ରଥକୁ କେବଳ ମହିଳାମାନେ ଟାଣନ୍ତି ।

ସାଧାରଣତଃ ଦେଖାଯାଏ ଯେ ଶ୍ରୀ ମନ୍ଦିରକୁ ବିଭିନ୍ନ ପ୍ରକାର ଲୋକ ବିଭିନ୍ନ ସମୟରେ ଯାଉଥାଆନ୍ତି । ଯେ ଯେତେବେଳେ ଯାଉ ବିଗ୍ରହମାନେ ସୁନ୍ଦର ଦେଖାଯିବା ଅନୁଭୂତିର ବିଷୟ ଅର୍ଥାତ୍ ସକାଳର, ମଧ୍ୟାହ୍ନର, ସନ୍ଧ୍ୟା ଓ ରାତ୍ରିର ଜଗନ୍ନାଥ ଅଲଗା ଲାଗନ୍ତି । ବସନ ଭୂଷଣ, ବେଶ, ଫୁଲ, ସବୁ ଅଲଗା ।

ଶ୍ରୀମନ୍ଦିର ଇନ୍ଦ୍ରଦ୍ୟୁମ୍ନ ହେଉ କି ଗାଳମାଧବର ହେଉ ଏବଂ ସେଥିପାଇଁ ବ୍ରହ୍ମା ରାଣୀ ଥାଆନ୍ତୁ କି ନ ଥାଆନ୍ତୁ ସମସ୍ତେ ଭାବନ୍ତି ସେ ଜଗନ୍ନାଥ ତାଙ୍କର !

ଏହି ତିନିମୂର୍ତ୍ତି ନାନା ଜନଜାତିର ରୂପରେ ଉକ୍ତ ସମୟରେ ପ୍ରକଳିତ ହୁଅନ୍ତି । ସେମାନେ ଏହାଆଧାରରେ ବୁଦ୍ଧ-ଧର୍ମ-ସଂଘ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଶିବ, ଶକ୍ତି ବିଷ୍ଣୁ, ରାମ, ଲକ୍ଷ୍ମଣ, ସୀତା, ରାଧା-କୃଷ୍ଣ, ବଳରାମ, ମହାଦେବ,ସମେଶ୍ୱର, ମାର୍ତ୍ତଣ୍ଡ, ପ୍ରଭୃତି ରୂପରେ ଉପାସକଙ୍କ ଦ୍ୱାରା ବନ୍ଦିତ । ସେମାନେ ମନୁଷ୍ୟ ସହିତ ମନୁ-ଷ୍ୟୋଚିତ ଲୀଳା ପ୍ରଦର୍ଶନ କରନ୍ତି । ପରମାତ୍ମା ସହିତ ଜୀବାତ୍ମାର ସମ୍ବନ୍ଧ ଗଢିବା ଦୂ । ଦେବତା ଯେମିତି ଉଦେ ତୋ ଲିଭିଲେ ମୁଁ ଅଛି ଅଭ ମୋ ଭିତରେ ତୁ ମଧ୍ୟ ଅଛୁ । ଆମ ଭକ୍ତଙ୍କ ସଂପର୍କ ହେଉଥାଏ । ଏହାହିଁ ମୈତ୍ରୀ ଜଗନ୍ନାଥଙ୍କର ବୈଶିଷ୍ଟ୍ୟ । ସୃଷ୍ଟିର ଆଲିଙ୍ଗନ ଉଦାରତା ଆଉ କେଉଁ ପୀଠରେ କେଉଁ ଦେବ ଏଭଳି ପରିଲକ୍ଷିତ ହୁଏ ନାହିଁ ।

ନୀଳାଦ୍ରି ମହୋଦୟେ ମଧ୍ୟ ଠିକ ଅନୁରୂପ ଯେ—

"ଯେ ପଶ୍ୟନ୍ତି ନବୀନ ନୀରଦରୁଚି ଶ୍ୟାମାଭିରାମା
ବିକ୍ଷୋଭସ୍ୟ ପରାୟଣଃ ପରମାୟା ଭବ୍ୟାପି ନେତ୍ରୋତ୍ସ
ତେ ନୂନଂ ଭବସାଗରସ୍ୟ ସହସା ସଂତୀର୍ଯ୍ୟ ଲୋକୋତ
ସତକାରଂ ସୁବର୍ଣ୍ଣଭଂ ପଦମହୋତ୍ତମଦି ହେବେ

ଯେଉଁ ବ୍ୟକ୍ତି ଥରେ ଜଗନ୍ନାଥଙ୍କ ଆକର୍ଷଣରେ ପଡ଼ିଛି ତାହାକୁ ଭକ୍ତି କରିବା ଅସମ୍ଭବ ହେବ । ସବୁ ସ୍ୱୀମ ସମର୍ପଣ କରିଦେଲେ ଆଉ ଦୁଃଖ କାହିଁ ? କହିବ ସେ ଦୁଃଖ ଦିଅ କିନ୍ତୁ ଦୁଃଖ ସହିବାକୁ ଶକ୍ତି ଦିଅ । ଭକ୍ତିର ପ୍ରଥମ ଲକ୍ଷଣ ଜଗନ୍ନାଥଙ୍କୁ ଦର୍ଶନ କଲେ ଜାଣ ସେ କାନ୍ଦିବା ଅଭିମାନରୁ ଯାଇଁ ନୈବ । ମମତେ ଅଭିମାନ ଅଭିନୟ ହେଲେ ଅଭିଷ୍ଟ ସିଦ୍ଧି ହୁଏ ନାହିଁ ଜଗନ୍ନାଥଙ୍କର ସ୍ୱରୂପ ଯିଏ କଳ୍ପନା କଲା, ଯେଉଁ ରୂପ ଆକାର ପ୍ରଦାନ କଲା ସେ ମଧ୍ୟ କ'ଣ ଅଧିକାରୀ ହେବ ?

ଯିଏ ଏ ଈଶ୍ୱରର ରୂପ କଳ୍ପନା କରିଥିଲେ, ନୁହନ୍ତି, ଶୂନ୍ୟରୁ ଆସିଥିବା ଅପୌରୁଷେୟ ବିଶ୍ୱକର୍ମା, ବା ନାରାୟଣ । ଏହା ଏଇଥିପାଇଁ ସତ୍ୟ ମନେ ହୁ କୌଣସି ସ୍ଥପତି, ଚିତ୍ରକର, ଶିଳ୍ପୀ, ବୈଜ୍ଞାନିକ, ଏହାଠୁ ଅଧିକ କଳ୍ପନା କରନ୍ତେ ! ନିରାକାର ଈଶ୍ୱରଙ୍କୁ ସ କରାଯାଏ, ତାହା କେଉଁ ଭିତ୍ତିକନ ହେବ ? ଏ ଏକ ଅପେକ୍ଷାକୃତ ଭଲ ମୂର୍ତ୍ତି ସେ ଗଢିପାରିବ ନ ରୂପରେ ଅରୂପର ସନ୍ଧାନ ମିଳିଥରେ ଦେବତ୍ୱର ଭୟ, ଭକ୍ତି, ପ୍ରେମ, ଦଣ୍ଡ, ଦୃଷ୍ଟି, ଅଦୃଶ୍ୟ, ସାକାର, ସମାରୋହ । ବ୍ୟକ୍ତ, ଅବ୍ୟକ୍ତ, ନିର୍ଗୁଣ, ସଗୁଣର ବିଚିତ୍ର ସମ୍ରାଟ, ଠାକୁର, ଭକ୍ତ, ବାବାଜି, କାଳାନ୍ତକ ଯମ, ପୁଣି ଚକାଡୋଳା, ବିପନ୍ନ ବନ୍ଦିଯାଉଛି, ସର୍ବଦ୍ରଷ୍ଟା, ସର୍ବଭୋକ୍ତା । ପୁଣି ପୁଣି ଈଶ୍ୱର । ପରିବର୍ତ୍ତନଶୀଳ ନବ କଳେବର । ବିହୀନ ଜ୍ୟୋତି, ନ୍ୟାସ, ମନ୍ତ୍ର, ତନ୍ତ୍ର, ଯନ୍ତ୍ର । ପୁଣି କଦଳୀ ପୋଷଡ଼ା, ସହୁଥିବା ଶୁଣୁଥିବା ଦାରୁରୂପୀ ଠାକୁର, ପାଚନ, ଗନ୍ଧ, ମଣିଷର ଖିଆଲର ଖେଳନା ଜାତି ଧର୍ମ ସବୁ ଏକାକାର ।

ସବୁପ୍ରକାର ଅର୍ଥ ନୁହେଁ ଜଗନ୍ନାଥଙ୍କ ସହିତ ଆ ଭକ୍ତ ଓ ଭଗବାନ ଏକ ହୋଇଯିବା । ଏହାର

ହେଉଛି ଜଗନ୍ନାଥ ସଂସ୍କୃତିର ଆଖ୍ୟାନ, ବ୍ୟାଖ୍ୟାନର ଏତେ କଥା, ଗାଥା ଭିନ୍ନ ଭିନ୍ନ ସଂସ୍କୃତିର ମିଶ୍ରଣ, ସୃଜନ ମନ୍ଥନ, ଧର୍ମ ନିରପେକ୍ଷତା, ଧର୍ମ ସହାବସ୍ଥାନ, ଦ୍ୱୈତ, ଅଦ୍ୱୈତ ଦର୍ଶନ, ପୁରାଣ, ପରଂପରା, ଇତିହାସ, କିମ୍ବଦନ୍ତୀ ଏତେ ମାତ୍ରାରେ ପରସ୍ପର ପରସ୍ପର ଲେପି ହୋଇଯାଇଛି ଯେ କୌଣସି ପ୍ରତାପୀ ରାଜା ଶାସକ, ଅତ୍ୟାଚାରୀ, ଲୁଣ୍ଠନକାରୀ, ଐତିହାସିକ, ନାସ୍ତିକ, ବିଧର୍ମୀ ଏହାକୁ ଇଚ୍ଛା କରି ବଦଳେଇ ଦେଇ ପାରିନାହିଁ କି ପାରନ୍ତା ନାହିଁ ।

ମର୍ତ୍ତ୍ୟମଣ୍ଡଳରେ ଦେହ ବହି, ଦେବତା ହୋଇବେ ମରଇ"
ଏହି ନ୍ୟାୟରେ ମଣିଷ ପରି ଦେବତା ମଧ୍ୟ ଦେହତ୍ୟାଗ କରେ ।

ଶ୍ରୀ ଜଗନ୍ନାଥ ମୋଟଉପରେ ଦିଅଁ ନୁହନ୍ତି । ସେ ହେଉଛନ୍ତି ମଣିଷ ଭଳି ସେପରି ଆମ ପରିବାରର ଜଣେ ସଦସ୍ୟ ।

ମଣିଷ କଳେବର ପରିତ୍ୟାଗ କଲାବେଳେ ଆତ୍ମୀୟ ସ୍ୱଜନ ତାହାର ବିଳାପ କରନ୍ତି । ଯୋଡ଼ା ଆଷାଢ଼ ମାସରେ ସଂକ୍ରାନ୍ତି ଏବଂ ଅମାବାସ୍ୟା ଏକା ଦିନକରେ ପଡ଼ିଲେ ସେଦିନ ରାତ୍ରୀରେ ଶୂନ୍ୟ ପ୍ରାସାଦରୁ କ୍ରନ୍ଦନ ଧ୍ୱନି ଭାସି ଆସେ । ବେଢ଼ାରେ ଅଧିଷ୍ଠିତ ଦେବଗଣ ବିରହ କାନ୍ଦନ୍ତି । ଦେବତାମାନଙ୍କ ସହିତ ଅଷ୍ଟ ଦ୍ୱାରପାଳ, ରଥର ପାର୍ଶ୍ୱ ଦେବତା, ସମସ୍ତଙ୍କୁ ସଭିଙ୍କ ସହିତ ବିଦାୟ ଦିଆଯାଏ । ଆଷାଢ କୃଷ୍ଣପକ୍ଷରେ ଏହି ଅନ୍ତିମ ରାତ୍ର ପୁରୁଷୋତ୍ତମ କାଳ ରାତ୍ରି ।

ପୁରାତନ ସ୍ଥାନରେ ନୂତନ ଆତ୍ମପ୍ରକାଶ କରନ୍ତି । ମଣିଷ ହଜିଲା ଧନକୁ ଫେରି ପାଏ । ଭକ୍ତ ଦେଖେ ତାହାର ପ୍ରାଣର ପ୍ରିୟତମ ଦେବତା ତାହାରି ପାଖେ ପାଖେ ପ୍ରାଣେ ପ୍ରାଣେ ରହିଛି । ବହିଯାଏ ଝରିଯାଏ ପ୍ରେମାଶ୍ରୁ ।

ପୂର୍ବରୁ କୁହାଯାଉଛି ଯେଉଁମାନେ ଜଗନ୍ନାଥଙ୍କୁ ଦେଖି ପୁଲକିତ ହୁଅନ୍ତି ସେମାନେ ପ୍ରକୃତ ଭକ୍ତ । କିନ୍ତୁ ଆଧୁନିକ ଯୁଗରେ ଏହା ଅସଂଭବ ।

ପ୍ରାଚୀନ କାଳରେ ଆମ ରାଜ୍ୟରେ ଶ୍ରୀ ଜଗନ୍ନାଥ ଚେତନାରେ ଯେଉଁ ବିଦ୍ୟାନୁଭୂତି ଥିଲା ତାହା ଆଜି ନାହିଁ । ତଥ୍ୟାନୁଶୀଳନ ଓ ବିଦ୍ୟାନୁଭୂତି ପରିବର୍ତ୍ତେ ବାଗାଡ଼ମ୍ବର ଓ ଆତ୍ମ ବିଜ୍ଞପ୍ତିରେ ବୃଥାରେ ଆମେ କାଳକ୍ଷେପଣ କରିଚାଲିଛୁ । ଏକ ସମୟରେ ଏହି ରାଜ୍ୟର ନାମ ଥିଲା "ଶ୍ରୀ ଜଗନ୍ନାଥ ଦେଶ"-ଦେଶର ପ୍ରଧାନ ଗମନାଗମନ ରାସ୍ତାର ନାମ ଥିଲା "ଶ୍ରୀ ଜଗନ୍ନାଥ ସଡ଼କ" । ପ୍ରକୃତରେ ଦେଖିବାକୁ ଗଲେ ସେତେବେଳର ରାଜା କପିଳେନ୍ଦ୍ର ଦେବ ରାଜ୍ୟକୁ ଜଗନ୍ନାଥଙ୍କୁ ସମର୍ପଣ କରିଦେଇଥିଲେ: ମନେ ହୁଏ ସେଥିପାଇଁ ହିଁ ଶ୍ରୀ ଜଗନ୍ନାଥ ରାଜ୍ୟର ସବୁ ଲୋକଙ୍କର ସୁଖ ଦୁଃଖ ବୁଝୁଥିଲେ । ଗଜପତି ପୁରୁଷୋତ୍ତମ ଦେବଙ୍କର ସେହିପରି ଆତ୍ମସମର୍ପଣଭାବରେ ଅଲୌକିକ ଘଟଣା ଘଟିଲା । କାଞ୍ଚି ଅଭିଯାନରେ ଯେଉଁଠି ସେ, ପାଇକ ବେଶ ଧରି ରାଜାଙ୍କୁ ସାହାଯ୍ୟ କରିଥିଲେ । କ୍ରମେ ମଣିଷ ଆତ୍ମ କୈନ୍ଦ୍ରିକ ଓ ଅହଂ ସର୍ବସ୍ୱ ହୋଇପଡ଼ିଲା ଓ ତାର ବିଶ୍ୱାସ ଜଗନ୍ନାଥଙ୍କ ଠାରୁ ତୁଟିଗଲା । ତେଣୁ ଏହି ସ୍ୱାର୍ଥାନ୍ୱେଷି ମଣିଷ ଆଜି ନିଜେ କିଛି ସଂଭାଳି ପାରୁନାହିଁ ସବୁଥିରେ ଆସିଛି ତା'ର ହତାଶ ଭାବ ଓ ପରିଣାମ ଦୁଃଖ କଷ୍ଟ ।

ବସ୍ତୁତଃ ଆମ ମନରେ ନୈରାଶ୍ୟ ଆସିବା ଉଚିତ ନୁହେଁ କାରଣ "ଶ୍ରୀ ଜଗନ୍ନାଥ ଧର୍ମ" "ଏକାକାର ଧର୍ମ" ଭାବରେ କଥିତ । ଅବହମାନ କାଳରୁ ଶ୍ରୀ ଜଗନ୍ନାଥଙ୍କ ପାଇଁ ଶ୍ରୀକ୍ଷେତ୍ର ପୁଣ୍ୟଭୂମି-ପବିତ୍ର ଭୂମିଭାବରେ ଖ୍ୟାତ ଓ ଶ୍ରୀକ୍ଷେତ୍ର ନିମିତ୍ତ ଶ୍ରୀ ଜଗନ୍ନାଥ ଦେଶ ଭାରତ ଓ ଜଗତରେ ଖ୍ୟାତି ଲାଭ କରିଛି । "ପ୍ରଣ୍ଡ ଦରେ ଶେଷ ଯେତେ ସମ୍ପନ୍ନ ଲଳିତ, ତେସନେ ଉତ୍କଳ ଭୂମି ତୁମେ ବିରାଜ ଗରିୟସୀ" ପ୍ରଭୃତି କବିଙ୍କର ଉକ୍ତି ଶ୍ରୀ ଜଗନ୍ନାଥ କ୍ଷେତ୍ରକୁ ହିଁ ସୂଚିତ କରୁଛି । ଏହି ଦେଶର ଆତ୍ମା ରୂପେ ଶ୍ରୀ ଜଗନ୍ନାଥ ବହୁ ଆଦିମ କାଳରୁ ବିରାଜମାନ । ଶ୍ରୀ ଜଗନ୍ନାଥ ନଥିଲେ ଏ ଦେଶ ଯଥାର୍ଥରେ ହୋଇଥାନ୍ତା ଅରଣ୍ୟ ଅପନ୍ତରା ଅପବିତ୍ର ଦେଶ । ଏକ ସମୟରେ ଏହି ଦେଶ ଅପବିତ୍ର ଭୂମିଭାବରେ ଶାସ୍ତ୍ରରେ ଲିପିବଦ୍ଧ ହୋଇଥିଲା ଓ ଯେ କେହି ଲୋକ ଏ ଦେଶରେ ପାଦ ଦେଉଥିଲେ ନିଜ ଦେଶକୁ ଫେରିଗଲେ ତାଙ୍କୁ ଶୌଚ ହେବାକୁ ପଡୁଥିଲା ।

ଶ୍ରୀ ଜଗନ୍ନାଥଙ୍କର ପ୍ରତିଷ୍ଠା ପରେ ଏହି ପତିତ ରାଜ୍ୟ ପତିତପାବନଙ୍କର ରାଜ୍ୟ ହେଲା ଓ ପବିତ୍ର ରାଜ୍ୟଭାବରେ ପ୍ରସିଦ୍ଧି ଲାଭ କଲା ।

ଦେଶ ସିନା ପବିତ୍ର ହେଲା, ଆମେ ଅପବିତ୍ର ହେଲୁ କାରଣ ଆମେ ଭୁଲିଗଲୁ ଯେ ନୀଳାଚଳ ଏକ ପୁରାଣ ପ୍ରସିଦ୍ଧ ଧାମ । ଯେଉଁଠିରେ ପୁରୁଷୋତ୍ତମ କ୍ଷେତ୍ର ଅବସ୍ଥିତ । ଜଗନ୍ନାଥ ମହାପ୍ରଭୁଙ୍କର ଏହା ନିତ୍ୟ ନିବାସ ସ୍ଥଳ । ପୁରାଣମାନଙ୍କରେ କୁହାଯାଉଛି ଯେ—"ପ୍ରାସାଦ ପ୍ରତିମା ଭଂଗେ ନ ତ୍ୟଜାମି କଦାଚନ" । ଅର୍ଥାତ୍ ଭଗବାନ କହୁଛନ୍ତି—ଏହି କ୍ଷେତ୍ରରେ ମୋର ମନ୍ଦିର ଏବଂ ମୋର ପ୍ରତିମା ସମସ୍ତ ନଷ୍ଟ ହୋଇଗଲେ ମଧ୍ୟ ମୁଁ ଏ କ୍ଷେତ୍ର ଛାଡି ଯାଏ ନାହିଁ" । ସେହି ଜଗନ୍ନାଥ ମହାପ୍ରଭୁଙ୍କର ସଂପର୍କରେ ଆସୁଥିବା ବ୍ୟକ୍ତିମାନେ ଏ କ୍ଷେତ୍ରରେ ବାସ କରିଆସନ୍ତି । ପୂର୍ବେ ଏହି କ୍ଷେତ୍ରରେ ବାସିନ୍ଦାମାନେ କର ନ ଦେଇ ବାସ କରୁଥିଲେ ସେମାନଙ୍କୁ ରାଜା କର ଛାଡ଼ କରିଥିଲେ । କେବଳ ଜଗନ୍ନାଥଙ୍କ ସେବା କାର୍ଯ୍ୟ ପାଇଁ ଏହା ହୋଇଥିଲା । ଅର୍ଥାତ୍ ସାଧୁ ସନ୍ନ୍ୟାସୀ, ବ୍ରାହ୍ମଣ, ବୈଷ୍ଣବ ସେବାୟତ ଏବଂ ବ୍ରାହ୍ମଣେତର ବ୍ୟକ୍ତିମାନେ ସମସ୍ତେ ଜଗନ୍ନାଥଙ୍କର କିଛି ନା କିଛି ସେବା କାର୍ଯ୍ୟ କରୁଥିଲେ । ରାଜା ମଧ୍ୟ ସେହିପରି ଜଗନ୍ନାଥଙ୍କ ସେବାରେ ସର୍ବଦା ତତ୍ପର ଥିଲେ । ଭଗବାନ କହିଛନ୍ତି—"ମମ ପରିଜନା......ମନୁଜାଃ" । ଅର୍ଥାତ ମୋର ସେବା ପାଇଁ ଇନ୍ଦ୍ରାଦୀ ଦେବତାମାନେ କପଟରେ ମନୁଷ୍ୟ ଶରୀର ଧାରଣ କରି ଜନ୍ମଗ୍ରହଣ କରିଛନ୍ତି" । ତେଣୁ ଏହି କ୍ଷେତ୍ରର ବାସିନ୍ଦା ନିଶ୍ଚୟ ପୁଣ୍ୟାତ୍ମା ଅଟନ୍ତି ଏବଂ ସେମାନେ

କାୟିକ, ବାଚିକ ଏବଂ ମାନସିକ ଭାବରେ ଜଗନ୍ନାଥଙ୍କୁ ବିବିଧ ସେବା କରିବାପାଇଁ ସର୍ବଦା ତତ୍ପର ଥାଆନ୍ତି ।

ଶୁଣାଯାଏ, ପୂର୍ବେ ମଠାଧିଶ ଏବଂ ବ୍ରାହ୍ମଣ ସେବକମାନେ ଜଗନ୍ନାଥ ସକାଳ ଧୂପ ନ ସରିଲେ ଖିଆପିଆ କରନ୍ତି ନାହିଁ । କୌଣସି କାରଣବଶତଃ ଯଦି ଜଗନ୍ନାଥଙ୍କର ସକାଳ ଧୂପ ବିଳମ୍ବ ହୋଇଥାଏ, ତାହାହେଲେ, ସମସ୍ତେ ଅପେକ୍ଷା କରି ରହି ଥାଆନ୍ତି ।

କିନ୍ତୁ ସେ ଅବସ୍ଥା ଆଉ ନାହିଁ । ସମସ୍ତେ ମାୟାଜନ ଭୌତିକ ସୁଖ ସମୃଦ୍ଧିରେ ଆବଦ୍ଧ । ତେଣୁ ମାୟା ମଣ୍ଡଳର ଅଧିଶ୍ୱର, ଅଧିକାରୀ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ; କାହାରି ନୁହନ୍ତି । ସେହି କାରଣରୁ ପ୍ରତୀକ ଧର୍ମୀ ବିଗ୍ରହ ମାନଙ୍କର ଅର୍ଥ, ରୂପରଙ୍ଗ ଆକାର, ରୀତିନୀତି, ପୂଜା ପାର୍ବଣ, ଉତ୍ସବାନୁଷ୍ଠାନ ସବୁ ବିଚିତ୍ର, ରହସ୍ୟମୟ ଏବଂ ଗବେଷଣା ସାପେକ୍ଷ । ମାୟ...
ପ୍ରତୀକ ଶ୍ରୀ ଜଗନ୍ନାଥ ଏ ଜାତିକୁ ମାୟାମୁକ୍ତ କରନ୍ତୁ...

ମଣିକର୍ଣ୍ଣିକା ସାହି, ପୁରୀ

ସହାୟକ ପୁସ୍ତକ—
୧ । ଶ୍ରୀମନ୍ଦିର ପତ୍ରିକା
୨ । ଦାରୁଦେବତା—ଲେଖକ ଡକ୍ଟର ବେଣୀମାଧ...
୩ । ନବକଳେବର—ଲେଖକ ଶ୍ରୀ ସୋମନାଥ ଖୁଣ୍ଟିଆ...
୪ । ଶ୍ରୀଜଗନ୍ନାଥ ପତ୍ରିକା
୫ । The Saga of Jagannath—ଲେଖକ M...
Mansing.



ଶ୍ରୀ କୋଟିଦେ ଭାରତ ଖଣ୍ଡ ପୁଣ୍ୟ ...
ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ...
ଗୀର୍ବାଣ ମତେ ନିର୍ବାଣ ସାରୂପ୍ୟକୁ ଦେ...
ସାକ୍ଷୀ ପକ୍ଷୀ କରଟ ପ୍ରତିମା ରୂପେ ଥାଉ...
ଯେ ବ୍ରହ୍ମ ହତ୍ୟା ପାତକ ନିପାତକ ...
କପାଳ ମୋଚନ ତ୍ରିଲୋଚନ ସାକ୍ଷୀ ଯହିଁ
ଆସି କାଶୀଶ୍ୱର ବାସ କଲେ ଏହା ଜାଣି
ଅନ୍ୟ କ୍ଷେତ୍ର ସମସ୍ତଙ୍କ ଏ ମସ୍ତକ ମଣି
ଏଣୁ କ୍ଷେତ୍ର ନରେନ୍ଦ୍ର ପଦତ ସମ୍ଭାବିତ
ଭିନାଶେ ଭୁଜଙ୍ଗ ଦୋଷ ତାକୁ କେତେ...
ଅବିଦ୍ୟା ବିଷମ ଆଶୀବିଷଘାତୀ ଭ...
ଜନ୍ମାନ୍ତରେ ପରାଧୀନେ ଯେ ସ୍ଥାନ ଗମନେ...
ଶ୍ରୀ ମହାପ୍ରସାଦ ଗଦ ପଦ ଘଣ୍ଟ ଘୋ...
ଭକ୍ଷଣେ ଶ୍ରବଣେ ଯେ କିଲ୍ବିଷ ବିଷନା...
ଉଲତ ପ୍ରସାଦ ରାଜ ପତାକା ଉତାର
ଏ ପ୍ରଦେଶେ ସମବର୍ତ୍ତୀ ପଣ ନାହିଁ ନାହିଁ...
ବଟରାଜା ଶାଖାଯେନି ନିଗମ ସାକ୍ଷାତ...
ପାପତାପ ପଶୁନାହିଁ ସୁକର୍ମ ଉଦିତ ।
ସେ ଦୁର୍ଗ ପରୀକ୍ଷା ତୀର୍ଥରାଜ ଗର୍ଜନ...
କଦେ ଅବଗାହେ ପାପବ୍ୟୂହ ଦହନ...
ବହିସବୁ ବାତବରେ ଦେବ ଏ ପତା...
ଏ ଦରଦଶରୁ ଦୂର ଦୁରିତ ପବାଡ ।

(କୋଟିବ୍ରହ୍ମ...

# ରାଘବଦାସ ମଠ ଓ ଶ୍ରୀଜଗନ୍ନାଥ

● ଶ୍ରୀମତୀ ଜୟନ୍ତୀ ମିଶ୍ର

ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ନିତ୍ୟ ଅଧିଷ୍ଠାନ କ୍ଷେତ୍ର ଶ୍ରୀକ୍ଷେତ୍ର ବିଭିନ୍ନ ଧର୍ମସଂପ୍ରଦାୟ ନିକଟରେ ପରମ ପବିତ୍ର ତୀର୍ଥସ୍ଥାନରୂପେ ପରିଚିତ । ସମୟର ସ୍ରୋତରେ ବିଭିନ୍ନ ଧର୍ମାବଲମ୍ବୀମାନେ ନିଜ ନିଜର ଧର୍ମ ପ୍ରଚାର କରିବା ଉଦ୍ଦେଶ୍ୟରେ ଏହି ପବିତ୍ର କ୍ଷେତ୍ରକୁ ନିଜର କରିନେବା ସଙ୍ଗେ ସଙ୍ଗେ ଗୋଟିଏ ଲେଖାଏଁ ମଠ ସ୍ଥାପନ୍ କରି-ଯାଇଛନ୍ତି । ଏହି ମଠଗୁଡ଼ିକ ବୌଦ୍ଧଧର୍ମର 'ବିହାର' ଆଦର୍ଶରେ ଗଠିତ ହେଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିତ୍ୟନୈମିତ୍ତିକ ସେବା ପୂଜାରେ ନିଜକୁ ନିୟୋଜିତ କରିଥିବାରୁ ସ୍ୱଦେଶାଗତ ତଥା ବିଦେଶାଗତ ବହୁ ବଦାନ୍ୟ ଧର୍ମପ୍ରାଣ ବ୍ୟକ୍ତି ଓ ରାଜନ୍ୟବର୍ଗ ଏହି ମଠମାନଙ୍କ ମାର୍ଫତ୍‌ରେ ହଜାର ହଜାର ଏକର ଭୂ ସଂପତ୍ତି ଦାନ ଆକାରରେ ଦେଇଥିଲେ । ଫଳରେ ସେହି ଭୂରାଜସ୍ୱ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସୁବ୍ୟବସ୍ଥାରୂପେ ପରିଚାଳିତ ହେଉଥିଲା ।

କାଳକ୍ରମେ ଏହି ସଂପତ୍ତିର ଅପବ୍ୟୟ ତଥା ହସ୍ତାନ୍ତର ଦ୍ୱାରା ଶ୍ରୀମନ୍ଦିର ପରିଚାଳନାରେ ତଥା ଦୈନନ୍ଦିନ ସେବାରେ ଅନେକ ବିଭ୍ରାଟ ସୃଷ୍ଟି ହୋଇଛି । ଏ ସମ୍ବନ୍ଧରେ ବିଭିନ୍ନ ଆଲୋଚକେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ "ମଠାଧିପତିମାନେ ବର୍ତ୍ତମାନ ରାଜା ମହାରାଜାଙ୍କ ପରି ଭୋଗ ବିଳାସରେ କାଳଯାପନ କରୁଛନ୍ତି" ବୋଲି . ଗୋଟିଏ କମିଟି ତା୨୫-୩-୧୯୬୯ରେ ସରକାରଙ୍କ ପାଖରେ ଏକ ରିପୋର୍ଟ ଦାଖଲ କରିଥିଲେ । କିନ୍ତୁ ଏ ରିପୋର୍ଟ ଦ୍ୱାରା ଶ୍ରୀମନ୍ଦିରର ଆର୍ଥିକ ସମସ୍ୟା କେତେଦୂର ମାଧାନ ହେଲା ତାହା ସର୍ବସାଧାରଣଙ୍କୁ ଜଣା ।

ପୁରୀରେ ଥିବା ପ୍ରସିଦ୍ଧ ସାତସାହି ମଧ୍ୟରେ ପ୍ରାୟ ୧୨୩ ଗୋଟି ମଠଥିବାର ଜଣାଯାଏ । ଏହି ମଠଗୁଡ଼ିକ ବିଭିନ୍ନ ଧର୍ମ ସଂପ୍ରଦାୟର ଅନ୍ତର୍ଭୁକ୍ତ "ପୁରୀରେ ଥିବା ଶ୍ରୀ ରାମାନୁଜ ସଂପ୍ରଦାୟର ପନ୍ଦରଗୋଟି ମଠ ମଧ୍ୟରେ ଶ୍ରୀ ରାଘବଦାସ ମଠ ଅନ୍ୟତମ" ପ୍ରାୟ ଏହି ସଂପ୍ରଦାୟର ପ୍ରତ୍ୟେକ ମଠରେ 'ଶ୍ରୀ ଲକ୍ଷ୍ମୀନାରାୟଣ' ବିଗ୍ରହ ପୂଜା ପାଆନ୍ତି ।

ପୁରୀ ମନ୍ଦିରର ଦକ୍ଷିଣପୂର୍ବ କୋଣସ୍ଥ ବାଲିସାହିରେ ରାଘବଦାସ ମଠ ଅବସ୍ଥିତ । ଏହି ମଠଟି ଖ୍ରୀଷ୍ଟିୟ ପଞ୍ଚଦଶ ଶତାବ୍ଦୀରେ ପ୍ରତିଷ୍ଠା ଲାଭ କରିଥିବା କଥା ଡ଼କ୍ଟର କାହ୍ନୁ ଚରଣ ମିଶ୍ର ଉଲ୍ଲେଖ କରିଛନ୍ତି । ସେ ଏହି ମଠକୁ ଅର୍ଦ୍ଧିଲ ସଂପ୍ରଦାୟର ମଠରୂପେ ନିରୂପଣ କରିଥିଲେ ମଧ୍ୟ ଏହା ନିଶ୍ଚିତି ରୂପେ ରାମାନୁଜ ସଂପ୍ରଦାୟର ମଠ, ତାହା ଅନସ୍ୱୀକାର୍ଯ । ଏହି ମଠକୁ କେହି କେହି 'ରଘୁଅରକ୍ଷିତ ମଠ' ବୋଲି କହନ୍ତି । ଭକ୍ତକବି ରାମଦାସଙ୍କ ଦାର୍ଢ୍ୟତାଭକ୍ତିରସାମୃତର" ଅଷ୍ଟମ ଓ ନବମ ଅଧ୍ୟାୟରେ ବର୍ଣ୍ଣିତ "ରଘୁଅରକ୍ଷିତ ସମ୍ବାଦରୁ" ଜଣାଯାଏ ଯେ ବଙ୍ଗଦେଶର ହରିପୁରରେ କୃଷ୍ଣ ମହାପାତ୍ରଙ୍କ ପୁତ୍ରରୂପେ ରଘୁନାଥ (ରଘୁଅରକ୍ଷିତ) ଜନ୍ମଲାଭ କରିଥିଲେ । ପିତା କୃଷ୍ଣ ମହାପାତ୍ର ରଘୁନାଥଙ୍କୁ ବଙ୍ଗଦେଶର କଳାବତୀପୁରର ଗଙ୍ଗାଧରଙ୍କ କନ୍ୟା ଅନ୍ନପୂର୍ଣ୍ଣାଙ୍କ ସହିତ ବିବାହ କରାଇଥିଲେ । ବିବାହର କିଛିଦିନ ପରେ କୃଷ୍ଣ ମହାପାତ୍ରଙ୍କ ଭାଗ୍ୟର ବିପର୍ଯ୍ୟୟ ଘଟିଲା । ଦୁଃଖ ଓ କଷ୍ଟରେ କୃଷ୍ଣ ମହାପାତ୍ର ମୃତ୍ୟୁ ବରଣ କଲେ ଓ ପତ୍ନୀ କମଳା ମଧ୍ୟ ଅଗ୍ନିରେ ଡ଼ାସଦେଇ ପ୍ରାଣତ୍ୟାଗ କଲେ । ଫଳରେ ରଘୁନାଥ ଅନାଥ ହୋଇ ଶ୍ରୀ ଜଗନ୍ନାଥଙ୍କ ଧାମକୁ ଯାତ୍ରାକଲେ ଓ ମହାପ୍ରଭୁଙ୍କ ମହିମା କୀର୍ତ୍ତନକରି ସମୟ ଅତିବାହିତ କଲେ । ଏହିପରି କିଛିଦିନ ଚାଲିବାପରେ ଶ୍ୱଶୁର ଗଙ୍ଗାଧର ନିଜର ବନ୍ଧୁ ବାନ୍ଧବଙ୍କ ପ୍ରରୋଚନାରେ ନିଜର ଦୁହିତାକୁ ଅନ୍ୟତ୍ର ବିବାହ ଦେବାପାଇଁ ଠିକ୍‌କଲେ । ଏହିକଥା ଦୁହିତା ଜାଣିପାରି ନିଜର ପତି ଦେବତାଙ୍କ ପାଖକୁ ଗୁପ୍ତରେ ଖବର ପଠାଇଲେ । ରଘୁନାଥ ଏ ଖବରପାଇ ଶ୍ରୀଜଗନ୍ନାଥଙ୍କ ଛାମୁରେ ବିନମ୍ର ନିବେଦନ କଲେ ଭକ୍ତର ଭାବଗ୍ରାହୀ ଭଗବାନ ଶ୍ରୀଜଗନ୍ନାଥ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ରଘୁନାଥଙ୍କୁ ଶୂନ୍ୟମାର୍ଗରେ ଓ ରଘୁନାଥଙ୍କ ଅଜାଣତରେ କଳାବତୀପୁରରେ ପହଞ୍ଚାଇଲେ । ଶ୍ୱଶୁର ଶାଶୁ ଏହାଦେଖି ଆଶ୍ଚର୍ଯ୍ୟ ହେଲେ ଓ ରଘୁନାଥଙ୍କୁ ଜୀବନରେ ମାରିଦେବା-ପାଇଁ ମନ୍ତ୍ରଣାକରି ପିଠାରେ ବିଷଦେଲେ । କିନ୍ତୁ ଅନ୍ନପୂର୍ଣ୍ଣା ଏହା ଜାଣିପାରି ଗୋଟିଏ ପିଠା ମଧ୍ୟରେ ଚିଠିଟିଏ ଦେଇ ବିଷକଥା ରଘୁନାଥଙ୍କୁ ଜଣାଇଦେଲେ ରଘୁନାଥ ସମସ୍ତ ପିଠାକୁ ଭଗବାନଙ୍କ

ଉଦ୍ଦେଶ୍ୟରେ ଉହର୍ଗ କରିଦେବାପରେ ସେ ଚିଠି ପାଇଲେ । କିନ୍ତୁ ଭଗବାନଙ୍କ ବିଶ ଉହର୍ଗ କରିଥିବାରୁ ପ୍ରସାଦରୂପେ ତାକୁ ଆନନ୍ଦରେ ଗ୍ରହଣ କଲେ । ଭଗବାନଙ୍କ ଆଶୀର୍ବାଦରୁ ସେ ବିଶକ୍ରୀଆରୁ ରକ୍ଷାପାଇ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ଶ୍ରୀକ୍ଷେତ୍ରରେ ବହୁ ଦୁଃଖକଷ୍ଟ ଓ ଯନ୍ତ୍ରଣା ମଧ୍ୟରେ ସମୟ ଅତିବାହିତ କଲେ ମଧ୍ୟ ସେ କେବେହେଲେ ମହାପ୍ରଭୁଙ୍କ ଉପରୁ ଆସ୍ଥା ହରାଇନଥିଲେ । ତାଙ୍କର ବାସସ୍ଥାନ ପରେ ରାଘବଦାସ ମଠ ବା ରଘୁ ଅରକ୍ଷିତ ମଠ ନାମରେ ନାମିତ ହୋଇଥିଲା ।

ଏହି ମଠର ଭୂସଂପତ୍ତି ଜମିଦାରୀ ଉଚ୍ଛେଦ ଆଇନଦ୍ୱାରା ନଷ୍ଟଭ୍ରଷ୍ଟ ହୋଇଯାଇଥିଲେମଧ୍ୟ ମଠାଧୀଶ ଶ୍ରୀଜଗନ୍ନାଥଙ୍କ ସେବାପୂଜା ପାଇଁ ନିଜକୁ ସର୍ବଦା ଉହର୍ଗ କରିଛନ୍ତି । ଏହିମଠ ଠାକୁରଙ୍କ ବାହାର ବିଜେବେଳେ ପହଡ଼ ଟାହିଆ ଯୋଗାଏ । ଠାକୁର ସ୍ନାନପୂର୍ଣ୍ଣିମା ଦିନ ସ୍ନାନମଣ୍ଡପକୁ ବିଜେ କଲେ, ଶ୍ରୀଗୁଣ୍ଡିଚା ଓ ବାହୁଡ଼ାରେ ରଥକୁ ବିଜେ କରିବାବେଳେ ଓ ଏ ସମସ୍ତ ଯାତ୍ରାପରେ ମନ୍ଦିରକୁ ଫେରିବାବେଳେ ମହାପ୍ରଭୁଙ୍କପାଇଁ ଟାହିଆ (ଟାୟା) ଏହି ମଠ ଯୋଗାଇଥାଏ । କେବଳ ସେତିକିନୁହେଁ ସ୍ନାନପୂର୍ଣ୍ଣିମାଦିନ ହେଉଥିବା ହାତୀ ବେଶ-ପାଇଁ ପ୍ରତ୍ୟେକ ବର୍ଷ ରାଘବଦାସ ମଠ ତରଫରୁ ଶ୍ରୀଜଗନ୍ନାଥ ଓ ସୁଭଦ୍ରାଙ୍କ ପାଇଁ ବେଶ ଯୋଗାଯାଏ । ମହାପ୍ରଭୁ ସ୍ନାନମଣ୍ଡପରେ ହାତୀବେଶ ହେବା ପରେ ଭିତରଚ୍ଛୁ ମହାପାତ୍ର ଗୁଡ଼ା ମେକାପ-ଠାରୁ ଶାଢ଼ୀ ଆଣି ଦେଉଳକରଣ ଓ ତଢ଼ାଉକରଣଙ୍କ ଉପସ୍ଥିତିରେ ରାଘବଦାସ ମଠ ମହନ୍ତଙ୍କ ମୁଣ୍ଡରେ ଶାଢ଼ୀ ବାନ୍ଧନ୍ତି । ଭଣ୍ଡାର ମେକାପ ଏହି ସମୟରେ ତାଙ୍କ ଲଲାଟରେ ଚନ୍ଦନ ଛାପା ଦିଅନ୍ତି ।

ଏତିକିରେ ଏହିମଠର ସେବାକାର୍ଯ୍ୟ ସରେନାହିଁ । ଠାକୁର ସ୍ନାନ-ମଣ୍ଡପକୁ ବିଜେକଲାପରେ, ଏହି ମଠଦ୍ୱାରା ଅଣସର ପିଣ୍ଡିରେ ଗୋଟିଏ ଗୋଟିଏ କାଠ କନକମୁଣ୍ଡି ଓ ପ୍ରଭା ନିର୍ମାଣ କରାଯାଏ । ମହାପ୍ରଭୁ ସ୍ନାନବେଦୀରୁ ଫେରିବାପରେ ସ୍ନାନପୂର୍ଣ୍ଣିମାଠାରୁ ଆଷାଢ଼-ମାସ ଅମାବାସ୍ୟା ପର୍ଯ୍ୟନ୍ତ ଏହି ଅଣସର ପିଣ୍ଡିରେ ରହନ୍ତି । ଏହି ସମୟରେ ରାଘବଦାସ ମଠ ନିଜର ଖର୍ଚ୍ଚା ମୁତାବକ ଚକଟା ଭୋଗ ନିୟମିତ ଦିଅନ୍ତି । ଏହି ଭୋଗରେ ଧୂଆମୁଗ ଓ ପଣସ ଇତ୍ୟାଦି ମଧ୍ୟ ଦିଆଯାଏ । ଏହି ଭୋଗ ଅଣସର ବେଳେ ପ୍ରତାପାଉଥିବା ଦଶାବତାର ଠାକୁରଙ୍କ ରାତ୍ର ବଡ଼ସିଂହାର ଭୋଗପରେ ଓ ପହୁଡ଼ ପୂର୍ବରୁ ଅଣସର ଘରେ ଠାକୁରଙ୍କୁ ଦିଆଯାଏ । ଏହାକୁ ଅଣସର ଠାକୁରଙ୍କର 'ମେଲମଭୋଗ' ବା 'ଚକଟାଭୋଗ' କହନ୍ତି ।

ଅଣସର ଏକାଦଶୀ ଦିନ ରାଘବଦାସ ମଠ ସାଢ଼େ ସାତ ସେର ଚନ୍ଦନ କାଠ ଯୋଗାଏ । ଏହି ଚନ୍ଦନ ସହ ମନ୍ଦିର ଅଫିସରୁ ଚନ୍ଦନ ମିଶାଯାଇ ଶୁଦ୍ଧପୂତ ଭାବରେ ଅଣସର ଠାକୁରଙ୍କୁ ଓ ଦଶାବତାର ଠାକୁରଙ୍କୁ ଲଗାଯାଏ । ଏହିଦିନ ମଠ ଭିତର ଭୋଗ ନିମନ୍ତେ ଅଭ, କଦଳୀ, ପଣସ, ଆମ୍ବ, ଓ କୋରା ଆଦି ଯୋଗାଏ ।


ଆଷାଢ଼ ମାସ ଅମାବାସ୍ୟା ବା ନେତ୍ରୋତ୍ସବ ଦି... ଦାସ ମଠ ଦ୍ୱାରା ଦିଆଯାଇଥିବା ଶୁକ୍ଳସଜକୁ ମହା... ହେବା ପରେ ମହାପ୍ରଭୁଙ୍କର ଆଳତୀ ହୁଏ । ଶୁକ୍ଳ... ତୁକି ୨ଟି, ମାର୍କିନ କନା ୨୦ ଗଜ, ଶୁକ୍ଳ ମୁଠି ମାଠ... ଶୁକ୍ଳ ଗୁଦର ୬ ଖଣ୍ଡ, ୧୨।୧୪ ହାତ ଲମ୍ବର ସେନାପଟା... ୪୨ ଖଣ୍ଡ, କାନ୍ଆସି ପଡ଼ା ୯ ଖଣ୍ଡ, କୁସୁମି ଗୁଦର ୬ ଖ... କୁସୁମି ୨ ଖଣ୍ଡ ବ୍ୟବହୃତ ହୁଏ । ନବମୀ ବା ସଂଧ... ଦିନ ରାତିରେ ଏହି ମଠ ପୁନର୍ବାର ଦେବା ଶୁକ୍ଳ ସଜକୁ... ଲାଗି ହୁଅନ୍ତି ।

କେବଳ ସେତିକି ନୁହେଁ ମହାପ୍ରଭୁଙ୍କ ବାହୁଡ଼ା ଯ... ଅଧରପଣା ଭୋଗ ଦିନ ଏହି ମଠ ତରଫରୁ ସାଟି, ... କଦଳୀଆଦି ମଧ୍ୟ ସାମଗ୍ରୀ ଯୋଗାଯାଏ । ଏହ... ଶ୍ରୀଜଗନ୍ନାଥ ଓ ଶ୍ରୀଜଗନ୍ନାଥଙ୍କ ବିଜେ ଠାକୁରଙ୍କ... ମଧ୍ୟ ବିଭିନ୍ନ ସମୟରେ ଏହି ମଠ ତରଫରୁ ପକ୍ତି ଭୋଗ ... ବିଶେଷ କରି ବାହାର ଚନ୍ଦନ ୨୧ ଦିନ, ବୈଶାଖ ଶୁକ୍ଳ... ନୃସିଂହ ଜନ୍ମ ଦିନ, ଚଂପକ ଦ୍ୱାଦଶୀ ଦିନ, ଦେବସ୍ନା... ଦିନ, ଗୁଣ୍ଡିଚା, ଆଡ଼ପ ବିଜେ ବା ଧୂଳିଆ ଗୁଣ୍ଡିଚା, ହେ... ବାହୁଡ଼ା ଯାତ୍ରା, ଶ୍ରାବଣ ଶୁକ୍ଳ ନବମୀ ବାଢ଼ି ନୃସି... ଦିନ, କାଳୀୟ ଦଳନ ଏକାଦଶୀ ଦିନ, ରାଧାଷ୍ଟମୀ ଦିନ... କୁମାର ପୂର୍ଣ୍ଣମୀ, ଦେବ ଦୀପାବଳୀ, ମାଘଦୁଧ ମେଲ... ପଞ୍ଚମୀ, ଗ୍ରେରୀ ବେଶ ବେଳେ ଅର୍ଥାତ୍ ଫାଲ୍‌ଗୁନ ... ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ଅଗ୍ନ୍ୟୁତ୍ସବ, ଚୈତ୍ରକୃଷ୍ଣ... ରାମନବମୀଠାରୁ ରାବଣ ବଧ ପର୍ଯ୍ୟନ୍ତ, ପୁଷ୍ୟା ନକ୍ଷତ୍ର... ଏହି ମଠ ଦ୍ୱାରା ପକ୍ତି ଭୋଗ କରାଯାଏ ।

ଏଥିପାଇଁ ଏହି ମଠ ଅନେକ ସଂପତ୍ତି ମଧ୍ୟ ... ଜମିଦାରୀ ଉଚ୍ଛେଦ ଆଇନ, ଭୂ ସଂପତ୍ତିର ଅପବ... ହସ୍ତାନ୍ତର ଦ୍ୱାରା ମଠର ଆର୍ଥିକ ମେରୁଦଣ୍ଡ କ୍ରମେ ଦୁର୍ବ... ଗଲା । ଫଳରେ ଶ୍ରୀଜଗନ୍ନାଥ ମନ୍ଦିରର ସେବା ... ଏମାନଙ୍କର ସାହାଯ୍ୟ ଓ ସହଯୋଗ ମଧ୍ୟ କ୍ରମେ ... ଦ୍ୱାରା ଶ୍ରୀମନ୍ଦିରର ନୀତିରେ ଅନେକ ବିଭ୍ରାଟ ପରି... ବିହିର ଆର୍ଥିକ ଅନଟନର ସମ୍ମୁଖୀନ ହେଲେ ମଧ୍ୟ ଏ... ଏବେ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ନିୟୋଗ ... ଏହା ବାସ୍ତବିକ୍ ପ୍ରଶଂସା ଯୋଗ୍ୟ । ଯଦି ମଠଗୁଡ଼ିକ... ସ୍ୱଚ୍ଛଳ କରାଯାଇ ସେହି ଅର୍ଥର ସଦୁପଯୋଗ ... ତେବେ ତାହା ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିଚାଳନା... ସହାୟ ହୋଇ ପାରନ୍ତା ।

ମାର୍ଫତ୍ କବିରାଜ ଶ୍ରୀ ଗ...
ସୁଆର ସାହି, ପୁରୀ

ଦଶାକୁ ବ୍ରାହ୍ମଣ ଖାଏ କିଆ ଭୋଇ ହେବେ
ସମସ୍ତେ ଖାଇଣ ଉଚ୍ଛେ ହସ୍ତ ନ ଧୋଇବେ ।
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ" ।



## ଲଘୁ ଉଦ୍ୟୋଗରେ ନୂଆ ରେକର୍ଡ

ଜିଲ୍ଲା ଶିଳ୍ପ କେନ୍ଦ୍ରର ହିସାବ ଅନୁଯାୟୀ ସୁନ୍ଦରଗଡ଼ରେ ୧୯୮୬–୮୭ ଆର୍ଥିକ ବର୍ଷର ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଗତ କାରିଗରୀ ଓ ଧନ୍ଦାମୂଳକ କାର୍ଯ୍ୟାବଳୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁ ଆଗୁଆ ହୋଇପାରିଛି । ମୁଖ୍ୟ ତିନୋଟି ଉପାୟରେ,ଯଥା– ଲଘୁ ଉଦ୍ୟୋଗ, କୁଶଳୀ କାରିଗର ଓ ଆତ୍ମ ନିଯୁକ୍ତି ଜରିଆରେ ଲୋକମାନଙ୍କୁ ଥଇଥାନ କରାଯାଇଥାଏ ।

ଲଘୁ ଉଦ୍ୟୋଗରେ ଲକ୍ଷ୍ୟ ଧାର୍ଯ୍ୟ ଥିଲା ୮୦ ୟୁନିଟ୍ । ସେଥିପାଇଁ ଆନୁଷଙ୍ଗିକ ଖର୍ଚ୍ଚ ୧୨୦ ଲକ୍ଷ ଟଙ୍କା ଓ ଶତକଡ଼ା ୪୦ ନିଯୁକ୍ତିର ସମ୍ଭାବନା କରାଯାଇଥିଲା । ତନ୍ମଧ୍ୟରୁ ଲକ୍ଷ୍ୟଧାର୍ଯ୍ୟରୁ ଟପି ୮୨ ୟୁନିଟ୍ କାର୍ଯ୍ୟକାରୀ କରାଯାଇ ୧୯୩.୯୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ଓ ଏଥିମାଧ୍ୟମରେ ୮୮୫ ଜଣ ଲୋକଙ୍କୁ ସାହାଯ୍ୟ କରାଯାଇ ପାରିଛି ।

କୁଶଳୀ କାରିଗର ସୃଷ୍ଟି ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିଲା ୧୯୦୦ ୟୁନିଟ୍ । ଏଥିପାଇଁ ଏକକୋଟି ଟଙ୍କା ବ୍ୟୟ ବରାଦ କରାଯାଇ ୩୮୦୦ କୁଶଳୀ କାରିଗର ସୃଷ୍ଟି କରିବା ଏହି ସିମ୍ରରେ ଲକ୍ଷ୍ୟ ରଖାଯାଇଥିଲା । ଏହାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରି ଦେଖାଗଲା ଯେ ଲକ୍ଷ୍ୟଧାର୍ଯ୍ୟଠାରୁ ବହୁ ଅଧିକ, ଅର୍ଥାତ୍ ୨୬୯୨ ୟୁନିଟ୍ କାର୍ଯ୍ୟକାରୀ ହୋଇପାରିଛି । ସେଥିପାଇଁ ୬୦ ଲକ୍ଷ ୩୩ ହଜାର ଟଙ୍କା ଖର୍ଚ୍ଚ ହୋଇ ମୋଟ ୪୬୯୨ ଜଣ କୁଶଳୀ କାରିଗର ସୃଷ୍ଟି ହୋଇପାରିଛନ୍ତି ।

ଆତ୍ମ ନିଯୁକ୍ତି ଯୋଜନାରେ ମୁଖ୍ୟତଃ ତିନିପ୍ରକାର ସାହାଯ୍ୟ କରାଯାଇଥାଏ, ଯଥା—ଲଘୁ ଉଦ୍ୟୋଗପାଇଁ ଜଣ ପିଛା ୩୫ ହଜାର ଟଙ୍କା, ମରାମତି କେନ୍ଦ୍ର ସ୍ଥାପନ ପାଇଁ ଜଣପିଛା ୨୫,୦୦୦ ଟଙ୍କା ଓ ଦୋକାନ ବା ଧନ୍ଦାମୂଳକ କାମ କରିବା ପାଇଁ ଜଣ ପିଛା ୧୫,୦୦୦ ଟଙ୍କା ହିସାବରେ ସାହାଯ୍ୟ ଦିଆଯାଇଥାଏ । ଏହି ସିମ୍ରରେ ଲକ୍ଷ୍ୟଧାର୍ଯ୍ୟ ଥିଲା ୨୭୦ । ବର୍ଷ ଶେଷରେ ସମୀକ୍ଷାରୁ ଜଣାଗଲା ଯେ ମୋଟ ୨୬୬ ଜଣଙ୍କୁ ବିଭିନ୍ନ ଧନ୍ଦାରେ ଥଇଥାନ କରାଯାଇ ୬୦ ଲକ୍ଷ ୩ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ମୋଟାମୋଟି ଦେଖିବାକୁ ଗଲେ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ଯତ୍‌ପରୋନାସ୍ତି ଚେଷ୍ଟା କରି ପ୍ରକୃତ ଲକ୍ଷ୍ୟ ଉପଲବ୍ଧି କରିପାରିଛି ।

## ବିଦ୍ୟୁତ୍ ସ୍ନାତ ବୌଦ୍ଧପୀଠ

କଟକ ଜିଲ୍ଲା ଅନ୍ତର୍ଗତ ପ୍ରଖ୍ୟାତ ବୌଦ୍ଧପୀଠ ଲଳିତଗିରି ପାହାଡ଼ରେଥିବା ମିୟୁଜିୟମକୁ ଗତ ୧୩ତାରିଖ ବୁଦ୍ଧପୂର୍ଣ୍ଣିମାଦିନ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଯାହାଫଳରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ ସମସ୍ତଙ୍କପାଇଁ ମିୟୁଜିୟମରେ ଉତ୍ଖନନରୁ ମିଳିଥିବା ବିଭିନ୍ନ ମୂର୍ତ୍ତି, ପାତ୍ର, ମୁଦ୍ରା ଓ ପ୍ରାଚୀନ ସ୍ଥାପତ୍ୟ ଭାସ୍କର୍ଯ୍ୟ, କଳା ଇତ୍ୟାଦି ଦେଖିବାକୁ ସୁବିଧାହେବ ।

## ଅସହାୟଙ୍କୁ ସରକାରୀ ସହାୟତା

କୋରାପୁଟ ଜିଲ୍ଲା ମାଲକାନଗିରି ସବଡ଼ିଭିଜନରେ ବର୍ତ୍ତମାନ ୧୨୮୦ଜଣ ଅସହାୟଲୋକ ଓ ନିରାଶ୍ରୟା ବିଧବା ଭତ୍ତା ପାଉଛନ୍ତି । ବାର୍ଦ୍ଧକ୍ୟଭତ୍ତା ପାଉଥିବା ଲୋକମାନଂକ ମଧ୍ୟରେ ମାଲକାନଗିରି ତହସିଲରେ ୮୬ଜଣ, ମୋଟୁ ତହସିଲରେ ୨୫୭ଜଣ ଓ ଚିତ୍ରକୋଣ୍ଡା ତହସିଲରେ ୨୮୫ଜଣ ଅନ୍ତର୍ଭୁକ୍ତ । ସେହିପରି ଯେଉଁମାନେ ବିଧବାଭତ୍ତା ପାଉଛନ୍ତି,ସେମାନଂକ

ମଧ୍ୟରୁ ମାଲକାନଗିରିରେ ୪୧୧ଜଣ, ମୋଟୁରେ ୨୧୬ଜଣ ଓ ଚିତ୍ରକୋଣ୍ଡାରେ ୨୫ଜଣ ଅନ୍ତର୍ଭୁକ୍ତ ବୋଲି ସଂପ୍ରତି ରାଜସ୍ୱମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ କରିଥିବା ଏକ ସମୀକ୍ଷାରୁ ପ୍ରକାଶ । ଏଠାରେ ଉଲ୍ଲେଖନୀୟ ଯେ ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ୧ ଲକ୍ଷ ୫୦ ହଜାରରୁ ଅଧିକ ଦରିଦ୍ର ଲୋକଙ୍କୁ ବାର୍ଦ୍ଧକ୍ୟଭତ୍ତା ପ୍ରଦାନ କରାଯାଉଛି । ପ୍ରଚଳିତ ବାର୍ଦ୍ଧକ୍ୟଭତ୍ତା ପରିକଳ୍ପନାକୁ ଆହୁରି ଅଧିକ ବ୍ୟାପକ କରାଯାଇ ନିରାଶ୍ରୟା ବିଧବାମାନଙ୍କୁ ଏହାର ପରିସରଭୁକ୍ତ କରାଯାଉଛି । ବାର୍ଦ୍ଧକ୍ୟ-ଭତ୍ତା ପାଇଁ ସର୍ବନିମ୍ନ ବୟସସୀମା ୬୫ବର୍ଷ ରଖାଯାଇଥିବାବେଳେ ଅସହାୟା ବିଧବାମାନଙ୍କପାଇଁ ଏହାକୁ ୫୦ବର୍ଷ ରଖାଯାଉଛି ।

## ବିକଳାଙ୍ଗଙ୍କ ପାଇଁ ଭତ୍ତା

କୋରାପୁଟ ଜିଲ୍ଲା ମାଲକାନଗିରି ସବ୍‌ଡିଭିଜନରେ ୧୦୬ଜଣ ବିକଳାଙ୍ଗ ଲୋକଙ୍କୁ ବିକଳାଙ୍ଗଭତ୍ତା ପ୍ରଦାନ କରାଯାଉଛି । ସେଥିମଧ୍ୟରେ ମାଲକାନଗିରି ବିଜ୍ଞାପିତ ଅଞ୍ଚଳରେ ୬ଜଣ, ମାଲକାନଗିରି ବ୍ଲକ୍ ଅଂଚଳରେ ୧୧ ଜଣ, କୋଡ଼ାକୋଣ୍ଡା ବ୍ଲକ୍‌ରେ ୨୩ଜଣ, କୁଡ଼ୁମୁଲଗୁମ୍ମା ବ୍ଲକ୍‌ରେ ୧୮ଜଣ, ଖୋଇରିପୁଟ ବ୍ଲକ୍‌ରେ ୭ଜଣ, ବାଲିମେଳା ବ୍ଲକ୍‌ରେ ୧୯ଜଣ, ପୋଡ଼ିଆବ୍ଲକ୍‌ରେ ୧୨ଜଣ ଓ ମାଥିଲି ବ୍ଲକ୍‌ରେ ୧୮ଜଣ ବିକଳାଙ୍ଗବ୍ୟକ୍ତି ଅନ୍ତର୍ଭୁକ୍ତ ବୋଲି ସଂପ୍ରତି ରାଜସ୍ୱମନ୍ତ୍ରୀ କରିଥିବା ଏକ ସମୀକ୍ଷାରୁ ଜଣାପଡ଼ିଛି ।

## ନବନିର୍ମିତ ପଞ୍ଚାୟତ ଭବନ

କଳାହାଣ୍ଡି ଜିଲ୍ଲା ନରଲା ବ୍ଲକ୍‌ର ଭୀମକେଲ୍ ଗ୍ରାମପଞ୍ଚାୟତର ନବନିର୍ମିତ କାର୍ଯ୍ୟାଳୟ ଗୃହ ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଗତ ୧୨ ତାରିଖ ଦିନ ଉଦ୍‌ଘାଟନ କରିଛନ୍ତି ।

ଏହି ଉପଲକ୍ଷେ ଆୟୋଜିତ ଏକ ଜନସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ ଭୀମକେଲ ଗ୍ରାମପଞ୍ଚାୟତରେ ୧୯୮୪ରେ ଏହାର ଗଠନ ପରେ କରାଯାଇଥିବା ବିକାଶ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ । ଏଠାରେ କେତେକ ମୁଖ୍ୟ ରାସ୍ତା ଘାଟ, ନୂତନ ବିଦ୍ୟାଳୟ ଗୃହ ଓ ବଳପଦର ଜଳାଶୟ ଏହି ସମୟ ମଧ୍ୟରେ ନିର୍ମିତ ହୋଇଛି । ପଳସା ପଦା-ଭୀମକେଲ ରାସ୍ତା ଓ ପାନୀୟ ଜଳ ଯୋଗାଣ ଲାଗି ତିନିଗୋଟି ନୂତନ ନଳକୂପ ପ୍ରତିଷ୍ଠା କାର୍ଯ୍ୟ ଶେଷ ହେବାକୁ ଯାଉଥିବା ବିଷୟ ଶ୍ରୀ ସିଂହ ପ୍ରକାଶ କରିଥିଲେ ।

ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ ୯୬ ଜଣ ଗରିବ ଚାଷୀଙ୍କୁ ୫ କିଲୋ ଓଜନର ଉତ୍ତମ ଧାନ ବିହନ ପୁଡ଼ିଆ ଗୋଟିଏ ଲେଖାଏଁ ପ୍ରଦାନ କରିଥିଲେ । ପଞ୍ଚାୟତ ଗୃହ ନିର୍ମାଣରେ ବ୍ୟୟ କରାଯାଇଥିବା ମୋଟ୍ ୧୬ ହଜାର ଟଙ୍କା ମଧ୍ୟରୁ ଏନ : ଆର : ଇ : ପି : ମାଧ୍ୟମରେ ୧୩ ହଜାର ଟଙ୍କା ଓ ପଞ୍ଚାୟତର ନିଜସ୍ୱ ପାଣ୍ଠିର ୩ ହଜାର ଟଙ୍କା ଅନ୍ତର୍ଭୁକ୍ତ ।

୨୫ ହଜାର ଲୋକସଂଖ୍ୟା ବିଶିଷ୍ଟ ନରଲା ବ୍ଲକ୍‌ର ଏକ ବଡ଼ ଗ୍ରାମ ।

ଉକ୍ତ ଅବସରରେ ବିଧାୟକ ଶ୍ରୀ କୁମରମଣି ଶ[illegible] ଭାଷଣରେ କହିଲେ ଯେ ଗତ ୩୫ ବର୍ଷ ଭିତରେ [illegible] ନୂଆ କାମ ହୋଇପାରି ନ ଥିବାବେଳେ ଏବେ ୧୯[illegible] ଏତେଦିନର ସଞ୍ଚିତ ଆବଶ୍ୟକତା ହଠାତ୍ ପୂ[illegible] ପାରିବା ସମ୍ଭବ ନୁହେଁ । ପୂର୍ବରୁ ଶ୍ରୀ ସିଂହ [illegible] ଟକରଲ, ଗିଗନା, ତମପଦର, କୁମରା, ଖଇରୁ[illegible] ଏବଂ ଉର୍ଲୁକୁପା ଗ୍ରାମଗୁଡ଼ିକରେ ଆୟୋଜିତ ଜନ[illegible] ଉଦ୍‌ବୋଧନ ଦେଇ କହିଥିଲେ ଯେ କଳାହା[illegible] ବିଭିନ୍ନ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଚଳିଆରେ[illegible] ଲକ୍ଷରୁ ଅଧିକ ଲୋକଙ୍କୁ ଦୈନିକ ମାଗଣା ଖାଦ୍ୟ[illegible] ଦେବାର ବ୍ୟବସ୍ଥା କରାଯାଉଛି । ଫସଲ ହା[illegible] ଦୁର୍ଦ୍ଦଶାରେ ପଡ଼ିଥିବା ୪୫ ହଜାର ଲୋକଙ୍କୁ ଦୈ[illegible] ଜୀବନ ସାହାଯ୍ୟ ଦିଆଗଲେ ମଧ୍ୟ ନାନା ପର୍ଯ୍ୟାୟ[illegible] ଏବେ ଏହା ୯୦ ହଜାର ବ୍ୟକ୍ତିଙ୍କୁ ଦିଆଯାଉ[illegible] ବ୍ୟତୀତ ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଖାଦ୍ୟ [illegible] ବିଭିନ୍ନ କାର୍ଯ୍ୟକ୍ରମରେ ଆହୁରି ୨ ଲକ୍ଷରୁ ଅଧିକ ଲୋ[illegible] ଜିଲ୍ଲାରେ ମାଗଣାରେ ଦୈନିକ ଖାଦ୍ୟ ପାଉଛନ୍ତି । [illegible] ୬୩ଟି ଏସ୍. ଆର. ପି. ବ୍ଲକ୍ ମଧ୍ୟରୁ କଳାହ[illegible] ବ୍ଲକ୍‌ର ୧୦ ହଜାର ଚାଷୀଙ୍କୁ ୫ କିଲୋ ଓଜନର [illegible] ଦିଆଯିବ । ଖଇରୁଆ ଗ୍ରାମର ମହିଳା [illegible] କେନ୍ଦୁପତ୍ର ତୋଳି ଫରେଷ୍ଟ କର୍ପୋରେସନକୁ [illegible] ଦୁଇ ହଜାର ପତ୍ର ପିଛା ୩ ଟଙ୍କା ମଜୁରୀ [illegible] ରାଷ୍ଟ୍ରମନ୍ତ୍ରୀଙ୍କୁ ଜଣାଇଥିଲେ ।

## ରାଜସ୍ୱ ମନ୍ତ୍ରୀଙ୍କ ସୀମାନ୍ତ ଗସ[illegible]

ବାଲିମେଳା ଜଳଭଣ୍ଡାରର ଅପରପାର୍ଶ୍ୱ[illegible] କୋରାପୁଟ ଜିଲ୍ଲାର ୧୫୧ ଟି ଗ୍ରାମକୁ ଗମନାଗମ[illegible] ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଗୁରୁପ୍ରି[illegible] ଉପରେ ପୋଲ ନିର୍ମାଣ କାର୍ଯ୍ୟ ଶୀଘ୍ର କରାଯିବ ବୋ[illegible] ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନା[illegible] କରିଛନ୍ତି ।

କୋରାପୁଟ ଜିଲ୍ଲା ମାଲକାନଗିରି ସବ୍‌ଡିଭି[illegible] ଚିତ୍ରକୋଣ୍ଡା ତହସିଲର ବାଲିମେଳା ଜଳଭଣ୍ଡାରର ଅ[illegible] ଆନ୍ଧ୍ର ସୀମାରେ ଥିବା ଓଡ଼ିଶାର ୧୫୧ ଟି ବିଚ୍ଛିନ[illegible] ଅଞ୍ଚଳକୁ ରାଜସ୍ୱ ଓ ଅର୍ଥମନ୍ତ୍ରୀ ଶ୍ରୀ ଯୁଗଳ କିଶୋର[illegible] ସଂପ୍ରତି ଗସ୍ତରେ ଯାଇଥିଲେ । ତାଙ୍କ ସହିତ ରା[illegible] ଓ ଆଦିବାସୀ କଲ୍ୟାଣ ଉପମନ୍ତ୍ରୀ ଶ୍ରୀମତୀ ପର[illegible] ମଧ୍ୟ ଯାଇଥିଲେ । ଗସ୍ତକାଳରେ ସେ ଜାନବାଇ[illegible]

ମୁଡାମା ଓ ଯନ୍ତାପାର ଗ୍ରାମ ପରିଦର୍ଶନକରି ସ୍ଥାନୀୟ ଲୋକଙ୍କ ବିଭିନ୍ନ ଅଭାବ ଅସୁବିଧା ସଂପର୍କରେ ଅନୁଧ୍ୟାନ କରିଥିଲେ । ରାଜସ୍ୱ ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଯନ୍ତାପାରଠାରେ ଏକ ସାଧାରଣ ସଭା କୁଡୁମୁଲଗୁମ୍ମା ପଞ୍ଚାୟତସମିତି ଚେୟାରମାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜସ୍ୱ ମନ୍ତ୍ରୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଉଥିବା ଏ ଅଞ୍ଚଳର ସମ୍ବାଦର ସତ୍ୟାସତ୍ୟ ଜାଣିବାପାଇଁ ସେ ନିଜେ ଏଠାକୁ ଆସିଛନ୍ତି । ଗମନାଗମନର ସୁବିଧାପାଇଁ ଏ ଅଞ୍ଚଳରେ ବିଭିନ୍ନ ନଦୀ-ନାଳ ଉପରେ ଯେପରି ପୋଲ ଓ କଲଭର୍ଟ ଶୀଘ୍ର ନିର୍ମାଣ ହୋଇପାରିବ ସେଥିପାଇଁ ବିଭାଗୀୟ କର୍ମକର୍ତ୍ତାମାନେ ତୁରନ୍ତ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ । ଜଳଭଣ୍ଡାରର ଅପରପାର୍ଶ୍ୱରୁ ଯିବାଆସିବା କରିବା ପାଇଁ ପରୀକ୍ଷାମୂଳକ ଭାବେ ଚାଲୁ କରାଯାଉଥିବା ଫେରିବ୍ୟବସ୍ଥାକୁ ଚାଲୁ ରଖିବାପାଇଁ ସେ କହିଥିଲେ । ଚିତ୍ରକୋଣ୍ଡା-ମାଇକାନାଗ ରାସ୍ତାର ଗୁରୁପ୍ରିୟା ନଦୀ ପର୍ଯ୍ୟନ୍ତ ଜଳସେଚନ ବିଭାଗ ତରଫରୁ କରାଯାଉଥିବା ମାଟି ରାସ୍ତାକୁ ଶୀଘ୍ର ମରାମତି କରିବା ପାଇଁ ସେ ସଂପୃକ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଗୁରୁପ୍ରିୟା ନଦୀର ପୋଲ ନିର୍ମାଣ ହେବା ପର୍ଯ୍ୟନ୍ତ ନଦୀ ଆରପାରିକୁ ଜିନିଷପତ୍ର ତଥା ଯିବା ଆସିବା କରିବା ପାଇଁ ଡଙ୍ଗାର ବନ୍ଦୋବସ୍ତ କରିବାକୁ ଜିଲ୍ଲାପାଳଙ୍କୁ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଜାନବାଇଠାରେ ବିଭିନ୍ନ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ମାଧ୍ୟମରେ ଉପକୃତ ହେବାପାଇଁ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆର୍ଥିକ ସାହାଯ୍ୟ ବଣ୍ଟନ କରିଥିଲେ । ଚିତ୍ରକୋଣ୍ଡାଠାରେ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ୩୨୨ ଟି ପଟ୍ଟା ଓ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବାମାନଙ୍କୁ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଅନୁଯାୟୀ ୩୪ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା ।

ରାଜସ୍ୱ ମନ୍ତ୍ରୀ ଉକ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସମୀକ୍ଷାରୁ ପ୍ରକାଶ ଯେ ଉକ୍ତ ବିଚ୍ଛିନ୍ନାଞ୍ଚଳରେ ବର୍ତ୍ତମାନ ୩୦ ଟି ସ୍କୁଲରେ ୬୪୦ ଜଣ ଛାତ୍ର ଅଧ୍ୟୟନ କରୁଛନ୍ତି ଏବଂ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଯୋଡ଼ାମ୍ବଠାରେ ଏକ ଅତିରିକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ଜାନବାଇଠାରେ ଦୁଇଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇ ଚାଉଳ, ଗହମ, ଚିନି ଓ କିରାସିନି ଯୋଗାଇଦେବାର ବନ୍ଦୋବସ୍ତ କରାଯାଇଛି । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ମୋଟ୍ ୫୪୮ ଜଣ ଉପକୃତ ହୋଇଛନ୍ତି । ଗ୍ରାମ୍ୟ ଦରିଦ୍ର ଲୋକଙ୍କ ଅର୍ଥନୈତିକ ଉତ୍ଥାନ ଯୋଜନାରେ ଅଦ୍ୟାବଧି ଉପକୃତ ହୋଇଥିବା ମୋଟ୍ ୧୧୭ ଟି ପରିବାର ମଧ୍ୟରୁ ୧୦୯ ଟି ଆଦିବାସୀ ଓ ୮ ଟି ହରିଜନ ପରିବାର ଅନ୍ତର୍ଭୁକ୍ତ । କ୍ଷୁଦ୍ର ବ୍ୟବସାୟ କରିବା ପାଇଁ ୨୬୨ ଜଣ ଆଦିବାସୀ ଓ ୮ ଜଣ ହରିଜନ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନାରେ ମୋଟ୍ ୧୨୫ ଟି ଆଦିବାସୀ ପରିବାର ଉପକୃତ ହୋଇଥିବା ବେଳେ ଜଣେ ଗୋତି ଶ୍ରମିକଙ୍କୁ ମୁକ୍ତି ଦିଆଯାଇଛି ।

ଦରିଦ୍ର ଲୋକଙ୍କୁ କାମଧନ୍ଦା ଯୋଗାଇବାପାଇଁ ଜଙ୍ଗଲ ବିଭାଗ ତରଫରୁ ୩୫୦ ହେକ୍ଟର ଜମିରେ ବନ ରୋପଣ କରାଯାଇଛି । ପାନୀୟଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଆର.ଡି.ଡି.ଏ. ତରଫରୁ ୧୧ ଟି ପାନୀୟ ଜଳ କୂପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଏହାଛଡ଼ା ଜାତୀୟ କର୍ମଯୋଗାଣ କାର୍ଯ୍ୟକ୍ରମ ଓ ଆର. ଏଲ୍.ଇ.ଜି.ପି. ରେ ଯଥାକ୍ରମେ ୯ ଟି କୂପ ଓ ୨ ଟି ପୁଷ୍କରିଣୀର କାର୍ଯ୍ୟ ଶେଷ ହେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କାର୍ଯ୍ୟ ଚାଲୁ ରହିଛି ।

## ପ୍ରଗତି ପଥେ ଆଇ.ଆର୍.ଡ଼ି

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ମୋଟ୍ ୩୧୯୭ ଜଣ ଉପକୃତ ହୋଇଛନ୍ତି । ଗତ ମାସରେ ଉପରୋକ୍ତ ହିତାଧିକାରୀମାନଙ୍କ ମଧ୍ୟରୁ ୨୨୩୩ ଜଣଙ୍କୁ ନୂତନ ଭାବେ ଏହି ଯୋଜନାରେ ପରିସରଭୁକ୍ତ କରାଯାଇଥିବା ବେଳେ ୯୮୪ ଜଣ ପୁରାତନ ହିତାଧିକାରୀ ଦାରିଦ୍ର୍ୟ ସୀମାରେଖାର ଉପରକୁ ଆସିପାରି ନ ଥିବାରୁ ସେମାନଙ୍କୁ ପୁନର୍ବାର ସାହାଯ୍ୟ ପ୍ରଦାନ କରାଯାଇଛି । ନୂତନ ଭାବେ ଉପକୃତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୪୯୬ ଜଣ ତଫସିଲଭୁକ୍ତ ଜାତି ଓ ୫୪୧ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ସେହିପରି ପୁନର୍ବାର ସାହାଯ୍ୟ ପ୍ରଦାନ କରାଯାଇଥିବା ହିତାଧିକାରୀଙ୍କ ମଧ୍ୟରେ ୨୫୯ ଜଣ ତଫସିଲଭୁକ୍ତ ଜାତି ଓ ୧୬୧ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

## ଗୋତି ଶ୍ରମିକ ଥଇଥାନ

ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ରାଜ୍ୟରେ ୩୧ ଜଣ ଗୋତିଶ୍ରମିକଙ୍କ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୮ ଜଣ ତଫସିଲଭୁକ୍ତ ଜାତି ଓ ୨୧ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଥଇଥାନ ହୋଇଥିବା ଉପରୋକ୍ତ ଶ୍ରମିକଙ୍କୁ ମିଶାଇ ଅପ୍ରେଲ ମାସ ସୁଦ୍ଧା ରାଜ୍ୟରେ ୩୭,୦୧୫ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଗଲାଣି । ସେମାନଙ୍କ ମଧ୍ୟରେ ତଫସିଲଭୁକ୍ତ ଜାତିର ସଂଖ୍ୟା ୧୦,୬୯୪ ଓ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସଂଖ୍ୟା ୧୩,୨୫୮ ।

## ବିହାରରେ ଓଡ଼ିଆଙ୍କ ସମସ୍ୟା

ବିହାରରେ ବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷି ଜନସାଧାରଣଙ୍କ ବିଭିନ୍ନ ଶିକ୍ଷା ସମ୍ପର୍କୀୟ ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ଓ ବିହାରର ଶିକ୍ଷା ମନ୍ତ୍ରୀଙ୍କର ଏକ ବୈଠକ ଡକାଇବା ପାଇଁ ନିକଟରେ ଓଡ଼ିଶାର

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀ ବିନ୍ଦେଶ୍ୱରୀ ଦୁବେଙ୍କ ନିକଟକୁ ଏକ ପତ୍ର ଲେଖି ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କର ଅନୁରୋଧ କ୍ରମେ ଚଳିତମାସ ୧୬ ଓ ୧୭ ତାରିଖରେ ଜାମସେଦପୁରଠାରେ ଉଭୟ ରାଜ୍ୟର ଶିକ୍ଷାମନ୍ତ୍ରୀଙ୍କର ଏକ ବୈଠକ ଅନୁଷ୍ଠିତ ହେଉଛି । ଏହି ବୈଠକରେ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶ ମହାପାତ୍ର ଓ ବିହାରର ଶିକ୍ଷା ମନ୍ତ୍ରୀ ଶ୍ରୀ ଏଲ. ଏନ. ଝା ଯୋଗ ଦେଉଛନ୍ତି । ଏହାଛଡ଼ା ଉଭୟ ରାଜ୍ୟର ଶିକ୍ଷା ସଚିବ, ଡି. ପି. ଆଇ. ଓ ଅନ୍ୟାନ୍ୟ ସଂପୃକ୍ତ ଉଚ୍ଚ ପଦସ୍ଥ କର୍ମକର୍ତ୍ତା ମଧ୍ୟ ଏହି ବୈଠକରେ ଯୋଗ ଦେବେ ।

## ଗ୍ରାମାଞ୍ଚଳ ଦରିଦ୍ରଙ୍କ ପାଇଁ ସାତ ଲକ୍ଷ ଶ୍ରମ ଦିବସ ସୃଷ୍ଟି

ଚଳିତ ଆର୍ଥିକ ବର୍ଷର କେବଳ ପ୍ରଥମ ମାସରେ ଗ୍ରାମାଞ୍ଚଳ ଭୂମିହୀନ ନିଯୁକ୍ତି ନିର୍ଭରତା ଯୋଜନା ଓ ଜାତୀୟ ଗ୍ରାମ୍ୟ ନିଯୁକ୍ତି ଯୋଜନା ଅନୁଯାୟୀ ରାଜ୍ୟର ଶ୍ରମଜୀବୀମାନଙ୍କ ପାଇଁ ସମୁଦାୟ ୭ ଲକ୍ଷ ୨୮ ହଜାର ଶ୍ରମଦିବସ ସୃଷ୍ଟି କରାଯାଇଛି । ଏଥିମଧ୍ୟରେ ଆର. ଏଲ. ଇ. ଜି. ପି. ଅନୁଯାୟୀ ୩ ଲକ୍ଷ ୫୪ ହଜାର ଓ ଏନ. ଆର. ଇ. ପି. ଅନୁଯାୟୀ ୩ ଲକ୍ଷ ୭୪ ହଜାର ଶ୍ରମ ଦିବସ ଅନ୍ତର୍ଭୁକ୍ତ ।

ଗତ ମାସରେ ଗ୍ରାମାଞ୍ଚଳ ଭୂମିହୀନ ନିଯୁକ୍ତି ନିର୍ଭରତା କାର୍ଯ୍ୟକ୍ରମ ଅନୁଯାୟୀ ସୃଷ୍ଟି କରାଯାଇଥିବା ମୋଟ ୩ ଲକ୍ଷ ୫୪ ହଜାର ଶ୍ରମ ଦିବସ ମଧ୍ୟରୁ ତଫସିଲଭୁକ୍ତ ଜାତିର ଶ୍ରମିକଙ୍କ ପାଇଁ ୯୧ ହଜାର ଶ୍ରମଦିବସ, ତଫସିଲଭୁକ୍ତ ସମ୍ପ୍ରଦାୟ ଲୋକଙ୍କ ପାଇଁ ୯୫ ହଜାର ଶ୍ରମ ଦିବସ ଓ ଅନ୍ୟ ଶ୍ରମିକମାନଙ୍କ ପାଇଁ ୧ ଲକ୍ଷ ୬୩ ହଜାର ଶ୍ରମଦିବସ ସୃଷ୍ଟି କରାଯାଇଛି । ଏହା ବ୍ୟତୀତ ଭୂମିହୀନଙ୍କ ପାଇଁ ୯୫ ହଜାର ଓ ମହିଳା ଶ୍ରମିକଙ୍କ ପାଇଁ ୫୩ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି ।

ଏହି କାର୍ଯ୍ୟକ୍ରମ ଦ୍ୱାରା ଏହି ମାସରେ ଖାଦ୍ୟଶସ୍ୟ ସମେତ ମଜୁରି ବାବଦରେ ୩୮ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ହୋଇଛି ଓ ଅଣମଜୁରି ବାବଦରେ ୨୭ ଲକ୍ଷ ୯୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏହି ମାସରେ ଶ୍ରମିକମାନଙ୍କୁ ୨୧୫.୭୪ ମେଟ୍ରିକ ଟନ ଚାଉଳ ଓ ୫୬୭.୬୨ ମେଟ୍ରିକ ଟନ ଗହମ ଦିଆଯାଇଛି ।

ସେହିପରି ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନାରେ ଗତ ମାସରେ ସୃଷ୍ଟି କରାଯାଇଥିବା ୩ ଲକ୍ଷ ୭୪ ହଜାର ଶ୍ରମଦିବସ ମଧ୍ୟରୁ ତଫସିଲଭୁକ୍ତ ଜାତିର ଶ୍ରମିକଙ୍କ ପାଇଁ ୧ ଲକ୍ଷ ୨୩ ହଜାର, ତଫସିଲଭୁକ୍ତ ସମ୍ପ୍ରଦାୟର ଶ୍ରମିକଙ୍କ ପାଇଁ ୧ ଲକ୍ଷ ୪୮ ହଜାର ଓ ଅନ୍ୟାନ୍ୟ ଶ୍ରମିକଙ୍କ ପାଇଁ ୧ଲକ୍ଷ ୩ ହଜାର ଶ୍ରମଦିବସ ସୃଷ୍ଟି କରାଯାଇ ସେମାନ... ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । ଏହାଦ୍ୱାର... ହଜାର ଶ୍ରମଦିବସରେ ଭୂମିହୀନ ଓ ୩୫ ହଜାର ଶ୍ରମ ... ମହିଳାଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା ।

ଜାତୀୟ ଗ୍ରାମ୍ୟ ନିଯୁକ୍ତି ଯୋଜନା ଦ୍ୱାରା ଏହି ... ଖାଦ୍ୟଶସ୍ୟ ସମେତ ମଜୁରି ବାବଦରେ ୨୭ ଲକ୍ଷ ୮... ଟଙ୍କା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୧୬ ଲକ୍ଷ ୧୯ ହଜ... ବ୍ୟୟ ହୋଇଛି । ଖାଦ୍ୟଶସ୍ୟ ହିସାବରେ ଶ୍ରମି... ୩୪୩.୬୬ ମେଟ୍ରିକ ଟନ ଚାଉଳ ଓ ୪୫୬.୪୩ ... ଟନ ଗହମ ଯୋଗାଇ ଦିଆଯାଇଥିଲା ।

## ଦୁର୍ଗତ ବସଯାତ୍ରୀଙ୍କୁ ସାହାଯ୍ୟ

ଗତ ୧୩ ତାରିଖରେ ଓ: ଆର: ବି: ୭୩୮... 'ମୁସାଫିର' ନାମକ ଯାତ୍ରୀବାହୀ ବସଟି ବାଲେଶ୍ୱର... ହଳଦୀପଦା ନିକଟସ୍ଥ ପଦାବଡ଼ଗାଁ ଠାରେ ... ସମ୍ମୁଖୀନ ହୋଇ ସମ୍ପୂର୍ଣ୍ଣ ଭାବରେ ପୋଡ଼ି... ଗତକାଲି ସକାଳ ସୁଦ୍ଧା ସମୁଦାୟ ୬ ଜଣ ଯାତ୍ରୀ... ହରାଇବା ସଙ୍ଗେ ସଙ୍ଗେ ୧୩ ଜଣ ଯାତ୍ରୀ ବାଲେଶ୍ୱ... ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ମୃତ ମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଏବଂ ଆହତମାନଙ୍କ ବାବଦରେ ଯଥାକ୍ରମେ ୧,୫୦୦ ଟଙ୍କା ଏବଂ ୫... ଲେଖାଏ ସାହାଯ୍ୟ ଦେବାପାଇଁ ତୁରନ୍ତ ... ନିଆଯାଇଛି ।

ଶ୍ରମମନ୍ତ୍ରୀ ଗୋଠଗାଡ଼ିଆ ଯାଇ ମୃତ ... ଗୋଲକଚନ୍ଦ୍ର ଏବଂ ହଳଦୀପଦା ଯାଇ ମୃତ ସୁରେ... ଓ ଶ୍ରୀନିବାସ ସାହୁଙ୍କ ଶୋକ ସନ୍ତପ୍ତ ପରିବାର... ସାନ୍ତ୍ୱନା ଦେଇ ହାର୍ଦ୍ଦିକ ସମବେଦନା ଜ୍ଞାପନ କରିଛନ୍ତି ।

## ସମନ୍ୱିତ ଗ୍ରାମ ଉନ୍ନୟନ

ଗତ ଆର୍ଥିକ ବର୍ଷରେ ଫେବ୍ରୁଆରୀ ଶେଷସୁଦ୍ଧା ... ଜିଲ୍ଲାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାର... ଜଣ ହରିଜନ, ୧,୫୨୮ ଜଣ ଆଦିବାସୀ ଓ ୨,୦... ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କ ସମେତ ମୋଟ ... ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ... ଜଣ ମହିଳା ଅନ୍ତର୍ଭୁକ୍ତ ।

## ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ

ଚଳିତ ବର୍ଷ ପାଇଁ ରାଜ୍ୟରେ ଖାଦ୍ୟଶସ୍ୟ ଉ... ଲକ୍ଷ ୫୦ ହଜାର ଟନ୍ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କ...

ଗତ ବର୍ଷର ଉତ୍ପାଦନ ଅଟକଳଠାରୁ ଏହା ପ୍ରାୟ ସାଢ଼େ ୪ ଲକ୍ଷ ଟନ୍ ଅଧିକ । ଚଳିତ ବର୍ଷ ମଧ୍ୟ ତୈଳବୀଜ ଓ ଆଖୁ ଉତ୍ପାଦନ ଯଥାକ୍ରମେ ୨ ଲକ୍ଷ ୩୮ ହଜାର ଟନ୍ ଓ ୩୮ ଲକ୍ଷ ୫୦ ହଜାର ଟନ୍ ହେବ ବୋଲି ଆଶାକରାଯାଏ । ଏହାବ୍ୟତୀତ ରାଜ୍ୟରେ ଡ଼ାଲି ଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି କରିବା ପାଇଁ ବ୍ୟାପକ ଉଦ୍ୟମ କରାଯିବା ସଙ୍ଗେ ସଙ୍ଗେ ସୋୟାବିନ୍ ଉନ୍ନୟନ ଏବଂ ଆଦିବାସୀ ଅଞ୍ଚଳରେ ଏକ ନୂତନ କେନ୍ଦ୍ରୀୟ ପ୍ରବର୍ତ୍ତିତ ପରିକଳ୍ପନା କାର୍ଯ୍ୟକାରୀ କରାଯିବା ପାଇଁ ପ୍ରସ୍ତାବ ରହିଛି ।

## ବିଂଶସୂତ୍ରୀ ସମୀକ୍ଷା

ସଂଶୋଧିତ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କୋରାପୁଟ ଜିଲ୍ଲାରେ ବେଶ୍ ତତ୍ପରତାର ସହିତ ହେଉଛି । ଗତ ମାର୍ଚ୍ଚ ଶେଷ ସୁଦ୍ଧା ୪,୮୪୫ ଟି ପରିବାର ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାରେ ଉପକୃତ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରବର୍ତ୍ତିତ ଗ୍ରାମ୍ୟ ଭିତ୍ତିକ ଅଭ୍ୟୁତ୍ଥାନ ଯୋଜନାରେ ୨,୭୩୦ ଟି ହରିଜନ ଓ ୭,୬୩୮ ଟି ଆଦିବାସୀ ପରିବାର ହିତାଧିକାରୀ ଭାବେ ଘୋଷିତ ହେଉଛନ୍ତି । କେନ୍ଦ୍ରର ସ୍ୱତନ୍ତ୍ର ଅନୁଦାନରେ ସମନ୍ୱିତ ହରିଜନ ଓ ଆଦିବାସୀ ପ୍ରକଳ୍ପ ଜରିଆରେ ୯,୫୯୪ ଟି ଆଦିବାସୀ ଓ ୨,୦୭୧ ଟି ହରିଜନ ପରିବାରଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଇଛି । ୫୬୮.୨୭ ହେକ୍ଟର ଜମିକୁ କ୍ଷୁଦ୍ର ଜଳସେଚନ ଓ ୪୦୮ ହେକ୍ଟର ଜମିକୁ ଉଠାଜଳସେଚନ ଦ୍ୱାରା ଜଳସେଚିତ କରାଯାଇଛି । ଏହିପରି ଜଳସେଚନ ବ୍ୟବସ୍ଥାରେ ମୋଟ ୯୭୬.୨୭ ହେକ୍ଟର ଜମିକୁ ଉନ୍ନତ ଉପଯୋଗ କରାଯାଇଛି । ଅଧିକ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ୧୪୩.୭୯୩ ହଜାର ହେକ୍ଟର ଜମିକୁ ତୈଳବୀଜ ଏବଂ ୧୪୪.୨୦୧ ହଜାର ହେକ୍ଟର ଜମିକୁ ଅଧିକ ଶସ୍ୟ ପାଇଁ ନିଆଯାଉଛି । ମିଶ୍ରିତ ଶୁଷ୍କ କ୍ଷେତ୍ରରେ ୮,୫୦୭ ହଜାର ହେକ୍ଟର ଜମିକୁ ଚିହ୍ନଟ କରାଯାଇଛି ଏବଂ ୪୧୩.୧୩ ଏକର ଉଦ୍‌ବୃତ୍ତ ଜମିକୁ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ୭୭୦.୨୮୯ ଏକର ସିଲିଂ ବହିର୍ଭୂତ ଜମିକୁ ଚିହ୍ନଟ କରାଯାଇଛି । ଜାତୀୟ ଗ୍ରାମ୍ୟଭିତ୍ତିକ ନିୟୋଜନ ଯୋଜନା ସାହାଯ୍ୟରେ ୧୯ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ଗ୍ରାମାଞ୍ଚଳରେ ଶ୍ରମିକଶ୍ରେଣୀ ପାଇଁ କର୍ମ ଯୋଗାଣ ସୃଷ୍ଟି କରାଯାଇଛି । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମାଞ୍ଚଳରେ ୯୧୦ଟି ନଳକୂପ ଯୋଗାଇ ଦିଆଯାଇଛି । ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଚିକିତ୍ସା ସରଞ୍ଜାମ ସହ ୩୪୬ ଜଣ ସ୍ୱାସ୍ଥ୍ୟ ସହାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଚକ୍ଷୁରୋଗୀଙ୍କର ୪୧୬ଟି ଚକ୍ଷୁରେ ଅସ୍ତ୍ରୋପଚାର ଏବଂ ୧,୩୩୩ ନୂତନ କର୍କଟ ରୋଗୀଙ୍କୁ ଚିକିତ୍ସା କରାଯାଇଛି । ଦୁଇ ସନ୍ତାନ ନୀତିର ରୂପାୟନ ପାଇଁ ୧୭,୩୭୮ ଜଣଙ୍କୁ ଅସ୍ତ୍ରୋପଚାର ଏବଂ ୨,୪୪୯ ଜଣଙ୍କୁ ଗର୍ଭ ନିରୋଧ ବଟିକା ଯୋଗାଇ ଦିଆଯାଇଛି । ଶିକ୍ଷାର ସଂପ୍ରସାରଣ ଉଦ୍ଦେଶ୍ୟରେ ଜିଲ୍ଲାରେ ୧୩୯ଟି ଅଣ-ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର କାର୍ଯ୍ୟକାରୀ ହୋଇଛି ଏବଂ ୫୦୦ଟି ପ୍ରୌଢ଼ଶିକ୍ଷା କେନ୍ଦ୍ର ଖୋଲ-ଯାଇଛି । ୪୨ ଟି ନୂତନ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକରୁଛି । ୩,୨୭୨ ଟି ଆଦିବାସୀ ପରିବାରଙ୍କୁ ବାସଗୃହ ପାଇଁ ଜମି ଯୋଗାଇ ଦିଆଯାଇଛି । ଅନୁସୂଚିତ ଜାତି ଓ ସଂପ୍ରଦାୟର ଲୋକଙ୍କ ପାଇଁ ବିଭିନ୍ନ ଅର୍ଥନୈତିକ ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୧୪,୩୨୦ ଜଣ ଆଦିବାସୀ ଓ ହରିଜନ ଉପକୃତ ହୋଇଛନ୍ତି । ୯ ଟି ହରିଜନ ବସ୍ତିକୁ ବିଦ୍ୟୁତ୍‌କରଣ କରାଯାଇଛି । ବସ୍ତି ଅଞ୍ଚଳ ଉନ୍ନୟନ କ୍ଷେତ୍ରରେ ୬୭୬ ଜଣ ଉପକୃତ ହୋଇଛନ୍ତି । ପରିବେଶ ସୁରକ୍ଷା ପାଇଁ ୨,୧୯୨ ହେକ୍ଟର ଜମିରେ ସମାଜ ବନୀକରଣ ଓ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି । ଗ୍ରାମ୍ୟାଞ୍ଚଳକୁ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ୧୯୦ ଟି ଆଦିବାସୀ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ କରାଯାଇଛି । ସକ୍ରିୟ ପ୍ରଶାସନ କ୍ଷେତ୍ରରେ ୨୬୫ଟି ବିକ୍ରୀକର ଫାଙ୍କି, ୧୬ ଟି ଜଙ୍ଗଲ ଅପରାଧ, ୫୦୩ ଟି ଓଜନ ଠକେଇ, ୬୪ ଟି ଖାଦ୍ୟ ଅପମିଶ୍ରଣ, ୩,୯୨୩ଟି ମୋଟର ଯାନ ଅପରାଧ ଏବଂ ଅତ୍ୟାବଶ୍ୟକ ଦ୍ରବ୍ୟ କ୍ଷେତ୍ରରେ ୩୮ ଟି ମାମଲା ରୁଜୁ କରାଯାଇଛି ।

## କର୍ମ ଯୋଗାଣରେ କମ୍ପ୍ୟୁଟର

ଚଳିତ ଆର୍ଥିକ ବର୍ଷରେ ଭୁବନେଶ୍ୱର ଓ କଟକ କର୍ମଯୋଗାଣ ସଂସ୍ଥାରେ କଂପ୍ୟୁଟର ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି । ଏଥିନିମନ୍ତେ ଆବଶ୍ୟକ ପଡୁଥିବା ୪ ଲକ୍ଷ ୫୦ ହଜାର ଟଙ୍କା ମଧ୍ୟରୁ କେନ୍ଦ୍ର ସରକାର ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବେ ଏବଂ ଅବଶିଷ୍ଟ ୨ ଲକ୍ଷ ୫୦ ହଜାର ଟଙ୍କା ରାଜ୍ୟ ସରକାର ବ୍ୟୟ କରିବେ ।

## ସରୋବର ସଂସ୍କାର

ଭୁବନେଶ୍ୱର ସହରର ବିନ୍ଦୁ ସାଗର ଓ ପୁରୀର ମାର୍କଣ୍ଡେଶ୍ୱର, ନରେନ୍ଦ୍ର ଓ ଇନ୍ଦ୍ରଦ୍ୟୁମ୍ନ ପରି ପବିତ୍ର ସରୋବରଗୁଡ଼ିକର ସଂସ୍କାର ଓ ରକ୍ଷଣାବେକ୍ଷଣ କରିବା, ପୁରୀ ସହରରୁ ଦୂଷିତ ଜଳ ନିଷ୍କାସନ କରି ପରିବେଶର ଉନ୍ନତି ଘଟାଇବା ଓ ଭାର୍ଗବୀ ନଦୀର ବନ୍ୟାକୁ ନିୟନ୍ତ୍ରଣ କରିବା ଇତ୍ୟାଦି ସଂପର୍କରେ ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ବିନ୍ଦୁସାଗର ଜଳ କ୍ରମଶଃ ବ୍ୟବହାର ଅନୁପଯୋଗୀ ହେଉଥିବାରୁ ନିକଟବର୍ତ୍ତୀ କେନାଲରୁ ପରିଷ୍କାର ଜଳ ଏହା ମଧ୍ୟକୁ ପ୍ରବେଶ କରାଇବା ଓ ଏଥିରୁ ଉଦ୍‌ବୃତ୍ତ ଜଳନିଷ୍କାସନ କରି ପାର୍ଶ୍ୱବର୍ତ୍ତୀ ଜମିକୁ ଜଳସେଚିତ କରାଯିବ ବୋଲି ସ୍ଥିର ହୋଇଛି ।

ଏହି ସରୋବରକୁ ନିର୍ମଳ ରଖିବାପାଇଁ ଏଥିମଧ୍ୟରେ ଦୁଇଟି ପୁଆରା ତଥା ଝରଣକରି ଜଳକୁ ଆବର୍ତ୍ତମାନ କରିପାରିଲେ, ଏହାର ଜଳ ରାଶି ସର୍ବଦା ନିର୍ମଳ ଓ ପରିଷ୍କାର ରହିପାରିବ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ସପ୍ତମ ଯୋଜନାରେ ବନ୍ଦୋବସ୍ତ

୭ମ ଯୋଜନାରେ ରାଜ୍ୟର ମୋଟ୍ ୧୮,୧୬୪ ଟି ଗ୍ରାମରେ ରାଜସ୍ୱ ବିଭାଗ ତରଫରୁ ସର୍ବେକ୍ଷଣ ଓ ବନ୍ଦୋବସ୍ତ କାର୍ଯ୍ୟ ହାତକୁ ନିଆଯିବା ପାଇଁ ସ୍ଥିର କରାଯାଇଛି । ତନ୍ମଧ୍ୟରୁ ଗତ ଜାନୁଆରୀ ଶେଷ ସୁଦ୍ଧା ମୋଟ ୧,୭୯୫ଟି ଗ୍ରାମରେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ସଂପୂର୍ଣ୍ଣ କରାଯାଇଥିବା ଗ୍ରାମମାନଙ୍କ ମଧ୍ୟରେ ୭ମ ଯୋଜନାର ପ୍ରଥମ ବର୍ଷ ୧,୨୮୬ଟି ଓ ଦ୍ୱିତୀୟ ବର୍ଷରେ ୪୦୯ଟି ଗ୍ରାମ ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ଅଞ୍ଚଳରେ ଏହି କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ବଲାଙ୍ଗୀର ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ଚାଲୁଛି ।

ଉକ୍ତ କାର୍ଯ୍ୟକୁ ସୁରକ୍ଷା ରୂପେ ସମାପନ କରିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମୋଟ୍ ୨୦୮ଟି ବନ୍ଦୋବସ୍ତ କ୍ୟାମ୍ପ୍ କାର୍ଯ୍ୟ କରୁଛି । ତନ୍ମଧ୍ୟରେ କଟକ ଜିଲ୍ଲାରେ ୪୬ଟି, ପୁରୀ ଜିଲ୍ଲାରେ ୧୧ଟି, ବାଲେଶ୍ୱର ଜିଲ୍ଲାରେ ୩୮ଟି, କେନ୍ଦୁଝର ଜିଲ୍ଲାରେ ୬ଟି, ଗଂଜାମ ଜିଲ୍ଲାରେ ୧୭ଟି, ମୟୂରଭଂଜ ଜିଲ୍ଲାରେ ୧୪ଟି, ସମ୍ବଲପୁର ଜିଲ୍ଲାରେ ଗୋଟିଏ, କଳାହାଣ୍ଡି ଜିଲ୍ଲାରେ ୩୬ଟି, ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ, ଢେଙ୍କାନାଳ ଜିଲ୍ଲାରେ ୭ଟି, କୋରାପୁଟ ଜିଲ୍ଲାରେ ୨୧ଟି ଓ ଫୁଲବାଣୀ ଜିଲ୍ଲାରେ ୧୦ଟି ଅନ୍ତର୍ଭୁକ୍ତ ।

ସମଗ୍ର ରାଜ୍ୟରେ ୫୧,୯୦୯ଟି ଗ୍ରାମ ମଧ୍ୟରୁ ୩,୨୮୫ଟି ଗ୍ରାମ ଚକବନ୍ଦୀ କାର୍ଯ୍ୟକ୍ରମ ପାଇଁ ଛାଡି ଅବଶିଷ୍ଟ ୪୮,୬୨୪ଟି ଗ୍ରାମ ବନ୍ଦୋବସ୍ତ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଛି । ପଞ୍ଚମ ଓ ଷଷ୍ଠ ଯୋଜନା କାଳ ମଧ୍ୟରେ ୪୨,୩୯୧ଟି ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।

## ଇତିହାସ, ସାହିତ୍ୟ ଗବେଷଣା

ଓଡିଶାର ଇତିହାସ ଓ ଓଡ଼ିଆ ସାହିତ୍ୟର ଗବେଷଣା ପାଇଁ ନିଷ୍ଠାପର ଉଦ୍ୟମ କରାଗଲେ ସେ କ୍ଷେତ୍ରରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି ।

୩ଇ ୧ତାରିଖ ସଂଧ୍ୟାରେ ଭୁବନେଶ୍ୱରଠାରେ ପ୍ରଖ୍ୟାତ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ସାହିତ୍ୟିକ ସ୍ୱର୍ଗତ କେଦାର ନାଥ ମହାପାତ୍ରଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧ ଅବସରରେ ତାଙ୍କର ସ୍ମୃତି ରକ୍ଷାର୍ଥେ ସ୍ଥାପିତ କେଦାରନାଥ ଗବେଷଣା ପ୍ରତିଷ୍ଠାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି ଉପଲକ୍ଷେ ଆୟୋଜି
ଜନ ସମାବେଶରେ ମୁଖ୍ୟମନ୍ତ୍ରୀ ଓଡିଶାର ଇତିହାସ (
ସାହିତ୍ୟର ଗବେଷଣା ଉପରେ ଗୁରୁତ୍ୱ ଦେବା ସ
ଏ ଦିଗରେ ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କର
ଅତୁଳନୀୟ ବୋଲି ପ୍ରକାଶ କରିଥିଲେ ।

## ମେହେନ୍ତର ମୁକ୍ତି ଯୋଜନା

ଓଡ଼ିଶାର ସହରାଞ୍ଚଳରେ ଥିବା କଞ୍ଚା ପାଇଖାନ
ସଫେଇ କରିବା କାର୍ଯ୍ୟରେ ନିୟୋଜିତ ମେ
ମାନଙ୍କୁ ସେଥିରୁ ମୁକ୍ତ କରିବା ଲାଗି ୧୯
ମସିହାଠାରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା
ଯୋଜନାର ଅଗ୍ରଗତି ସଂପର୍କରେ ଆଜି
ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଏହି ବୈ
ଅଧ୍ୟକ୍ଷତା କରିଥିଲେ ।

ମୁଖ୍ୟମନ୍ତ୍ରୀ ମେହେନ୍ତରମାନଙ୍କ ଲାଗି ଉଦ୍ଦିଷ୍ଟ ଯୋ
ଅତ୍ୟନ୍ତ ଉପାଦେୟ ବୋଲି ମତବ୍ୟକ୍ତ କରି କହିଲେ
ଜଳମୁଦ ପାଇଖାନା ବ୍ୟବହାର କରିବା ସ୍ୱାସ୍ଥ୍ୟ ପକ୍ଷେ
ଯୋଗୀ । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା
ରାଜ୍ୟ ସରକାର ୫୦ ଭାଗ ଖର୍ଚ୍ଚ ବହନ କରିବାକୁ
ଅଛନ୍ତି ବୋଲି ସୂଚନା ଦେଇ ସେ ସବୁ ସହର
ପାଇଖାନାଗୁଡ଼ିକୁ ଆସନ୍ତା ୩ ବର୍ଷ ମଧ୍ୟରେ ଉନ୍ନ
ଜଳମୁଦ ପାଇଖାନାରେ ପରିବର୍ତ୍ତନ କରିବା ଲାଗି
ସରକାରଙ୍କୁ ଅନୁରୋଧ କରାଯିବ ବୋଲି କହି
ଏହା ବ୍ୟତିତ ସରକାରୀ କ୍ୱାଟର ଓ କାର୍ଯ୍ୟାଳୟ
ଥିବା ଶୁଷ୍କ ତଥା କଞ୍ଚା ପାଇଖାନାଗୁଡ଼ିକୁ ପର୍ଯ୍ୟାୟ କ୍ରମେ
୩ ବର୍ଷ ମଧ୍ୟ ଜଳମୁଦ ପାଇଖାନାରେ ପରିଣତ
ସେ ନିର୍ଦ୍ଦେଶ ଦେଇଥିଲେ ।

## ଗ୍ରାମ ବିକାଶ

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଗତ
ବର୍ଷର ଫେବୃଆରୀ ଶେଷ ସୁଦ୍ଧା ଢେଙ୍କାନାଳ ଜିଲ୍ଲାରେ
ମହିଳାଙ୍କ ସମେତ ୫,୯୮୪ ଜଣ ଉପକୃତ ହୋଇଛନ୍ତି ।
ମଧ୍ୟରେ ୧,୨୫୦ ଜଣ ତଫସିଲଭୁକ୍ତ ଜାତି ଓ ୨୯
ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଆଇ. ଆର. ଡି. କାର୍ଯ୍ୟକ୍ରମ ନଗି ଜିଲ୍ଲାରେ ୧ କୋଟି
୯୯ ହଜାର ଟଙ୍କାର ବ୍ୟୟ ବ୍ୟବସ୍ଥା ଥିଲା । ଏଥି ମଧ୍ୟରେ
୩୬ ହଜାର ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ଓ ରାଜ୍ୟ
ଯୋଗାଇଥିବା ୭୨ ଲକ୍ଷ ୧୬ ହଜାର ଟଙ୍କା ଅନ୍ତର୍ଭୁକ୍ତ ।

# ସଙ୍କଟ ଜାଲରେ ସାଗର

ଡାକ୍ତର ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ

ଯୁଗ ଯୁଗ ଧରି ମାନବର ଜୀବନଯାତ୍ରା, ସଂସ୍କୃତି ରାଜନୀତି, ଅର୍ଥନୀତି ଇତ୍ୟାଦି ସାଗର ସହିତ ଓତଃପ୍ରୋତ ଭାବେ ଜଡ଼ିତ । ପୁରାଣ ଯୁଗରୁ ଆଜିଯାଏଁ କେତେବେଳେ ହେଲେ ଏ ସଂପର୍କରେ ବ୍ୟତିକ୍ରମ ଘଟିନାହିଁ । ଏ ଆଣବିକ ଯୁଗରେ ମଧ୍ୟ ପ୍ରତି କ୍ଷେତ୍ରରେ ସାଗରର ଗୁରୁତ୍ୱ ଅଧିକରୁ ଅଧିକ ଉପଲବ୍ଧି କରାଯାଉଛି । କିନ୍ତୁ ଏହି ଗୁରୁଭାର ତୁଳାଇବାକୁ ଆଜିର ସାଗର ସକ୍ଷମ ତ ? ଆପଣମାନେ ତାହା ବିଚାର କରନ୍ତୁ । ଯଦି ନୁହେଁ, ସେଥିପାଇଁ ଦାୟୀ କିଏ ? ମୋ ବିଚାରରେ ମାନବ ସମାଜ ହିଁ ଦାୟୀ । ଦିନଥିଲା ସାଗର ରତ୍ନାକର ଆଖ୍ୟା ପାଇଥିଲା । ପ୍ରକୃତରେ ଲୋକେ ସାଗର ଗର୍ଭରୁ ରତ୍ନ ଚୋରି ଆଣୁଥିଲେ । କିନ୍ତୁ ଆଜିର ଦୂଷିତ ବାୟୁମଣ୍ଡଳ ସାଗରକୁ ଏପରି ଦୂଷିତ କରି ଦେଲାଣି ଯେ ସାଗର ତାର ରତ୍ନାକର ନାଁ ହରାଇବାକୁ ବସିଛି । ସାଗର ଦୂଷିତ ହେବାର କାରଣ ଓ ଏହାର ଭୟାବହ ଫଳ ସମ୍ବନ୍ଧରେ ଆଜି ପ୍ରତ୍ୟେକ ନାଗରିକ ସଚେତନ ରହିବା ଜରୁରୀ ବୋଲି ମୋର ଧାରଣା । ତେଣୁ ନିମ୍ନରେ କେତେକ ଜ୍ଞାତବ୍ୟ ବିଷୟ ଦିଆଗଲା:—

୧ । ପୃଥିବୀର ସାଗର ଗୁଡ଼ିକ ଦୂଷିତ ହେବା ପାଇଁ ଖଣିଜ ତୈଳ ମୁଖ୍ୟତଃ ଦାୟୀ । ଆଜିକାଲି ସାଗର ପୃଷ୍ଠରେ ହଜାର ହଜାର ଜାହାଜ ଯାତାୟାତ କରୁଛି । ତହିଁରୁ ନିର୍ଗତ ପୋଡ଼ାତେଲ ସାଗରରେ ପଡ଼େ । ଆହୁରି ତୈଳବାହୀ ଜାହାଜଗୁଡ଼ିକ ବେଳେ ବେଳେ ଦୁର୍ଘଟଣାର ସମ୍ମୁଖୀନ ହେବା ଦ୍ୱାରା ତହିଁରେ ଥିବା ତୈଳ ସାଗର ଗର୍ଭରେ ଲୀନ ହୁଏ । ପୁନଶ୍ଚ ସାଗର ଗର୍ଭରେ ଅନେକ ତୈଳ ଖଣିଥିବା ଜାଣି ବିଭିନ୍ନ ଦେଶରେ ସାଗରରୁ ତୈଳ ଉତ୍ତୋଳନ କାର୍ଯ୍ୟ ଚାଲିଛି । ବେଳେ ବେଳେ ଉତ୍ତୋଳନ ପାଇପରୁ ଲିକ୍ ହୋଇ ତୈଳ ସାଗର ଜଳରେ ମିଶେ ।

ଗୋଟିଏ ସମୀକ୍ଷାରୁ ଜଣାଯାଏ ବାର୍ଷିକ ହାରାହାରି କୋଟିଏ ଲକ୍ଷ ଟନ୍ ତୈଳ ସାଗର ଗର୍ଭରେ ପତିତ ହେଉଛି ।

ଏଠି ଭାରତ ଓ ଭାରତ ମହାସାଗରର ପରିସ୍ଥିତି ସମ୍ବନ୍ଧରେ ସାମାନ୍ୟ ସୂଚନା ଦେବା ଉଚିତ ମନେ କରୁଛି । ଭାରତ ମହାସାଗରର ଅନ୍ୟାନ୍ୟ ମହାସାଗର ତୁଳନାରେ ଛୋଟ । ମାତ୍ର ତୈଳ ଉତ୍ପାଦନକାରୀ ଦେଶମାନଙ୍କରୁ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କୁ ସାଧାରଣତଃ ଭାରତ ମହାସାଗର ଦେଇ ଯାତାୟାତ କରିବା ସ୍ୱାଭାବିକ । ତେଣୁ ଅନ୍ୟାନ୍ୟ ମହାସାଗର ତୁଳନାରେ ଭାରତ ମହାସାଗର ତୈଳ ଦ୍ୱାରା ଦୂଷିତ ହେବାର ଆଶଙ୍କା ବେଶୀ ଓ ତାର କୁପ୍ରଭାବ ଭାରତ ସମେତ ଏହି ମହାସାଗର ଉପକୂଳବର୍ତ୍ତୀ ଅନ୍ୟାନ୍ୟ ଚବିଶଟି ରାଷ୍ଟ୍ରରେ ବସବାସ କରୁଥିବା, ପୃଥିବୀର ଏକ ତୃତୀୟାଂଶ ଜନସଂଖ୍ୟା ଉପରେ ପଡୁଛି ।

ତୈଳର କୁପ୍ରଭାବ :—ତୈଳ ପାଣିରେ ଭାସିବା ଏକ ସ୍ୱାଭାବିକ ଗୁଣ । ପୁନଶ୍ଚ ସମୁଦ୍ର ପାଣି ଲୁଣିଆ । ପରୀକ୍ଷା କରି ଜଣାଯାଇଛି ଯେ ସମୁଦ୍ର ପାଣିରେ ହାରାହାରି ହଜାର ଭାଗରେ ପଇଁତିରିଶ ଭାଗ ଲୁଣ ଅଛି । ତେଣୁ ସମୁଦ୍ର ପାଣିର ସାନ୍ଦ୍ରତା ବେଶୀ । ତଦ୍ୱାରା ସମୁଦ୍ର ପୃଷ୍ଠରେ ତୈଳ ଏକ ପତଳା ସ୍ତର ପକାଇଦିଏ । ପରୀକ୍ଷା କରି ବୈଜ୍ଞାନିକ ମାନେ ଦେଖିଛନ୍ତି ଯେ ଗୋଟିଏ ଟନ୍ ତୈଳ ସମୁଦ୍ର ପୃଷ୍ଠରେ ପ୍ରାୟ ବାରବର୍ଗ କିଲୋମିଟର ଜାଗା ପତଳା ସ୍ତର ଦ୍ୱାରା ଢାଙ୍କି ରଖେ । ଏକ ହିସାବରୁ ଆହୁରି ଜଣାପଡ଼ିଛି ଯେ ମହାସାଗର ମାନଙ୍କର ସମୁଦାୟ ପୃଷ୍ଠଭାଗର ଶତକଡ଼ା କୋଡ଼ିଏ ଭାଗ ତୈଳ ସ୍ତର ଦ୍ୱାରା ଆବୃତ ହୋଇ ରହିଛି । ଏହାଦ୍ୱାରା ବାଷ୍ପୀୟ କରଣ ବାଧାପ୍ରାପ୍ତ ହୁଏ । ବାଷ୍ପୀୟ କରଣ ବାଧାପ୍ରାପ୍ତ ହେଲେ ବାୟୁ ଯଥେଷ୍ଟ ଜଳୀୟବାଷ୍ପ ଗ୍ରହଣ କରି ପାରେ ନାହିଁ । ଫଳତଃ ବୃଷ୍ଟିର ଅନୁପାତ କମିଯାଏ ।

ବୈଜ୍ଞାନିକ ପରୀକ୍ଷା ଦ୍ୱାରା ଜଣାପଡ଼ିଛି ଯେ ସାମୁଦ୍ରିକ ଜୀବମାନଙ୍କ ଉପରେ ତୈଳର ଅନେକ ପ୍ରକାର କୁପ୍ରଭାବ ଅଛି ।

୧ । ଆଧୁନିକ କୃଷି ପ୍ରଣାଳୀରେ ବିଭିନ୍ନ ରୋଗ ବିରୁଦ୍ଧରେ ଭିନ୍ନ ଭିନ୍ନ ପ୍ରକାର ବିଷାକ୍ତ ଔଷଧ ପ୍ରୟୋଗ କରାଯାଏ ।

ସେହିପରି ମଶା, ମାଛି ଇତ୍ୟାଦିଙ୍କୁ ନିୟନ୍ତ୍ରଣ କରିବାକୁ ମଧ୍ୟ ବିଷାକ୍ତ ଔଷଧ ବ୍ୟବହାର ହୁଏ । ଗୋଟିଏ ହିସାବରୁ ଜଣାପଡ଼ିଛି ଯେ ୧୯୭୦ ମସିହା ସୁଦ୍ଧା ପୃଥିବୀ ପୃଷ୍ଠରେ କେବଳ ଡି. ଡି. ଟି. ୭୦ ଲକ୍ଷ ଟନ୍ ବ୍ୟବହାର କରାଯାଇଛି । ଏ ପ୍ରକାର ଔଷଧରେ ଥିବା ବିଭିନ୍ନ ଉପାଦାନ ଗୁଡ଼ିକର କ୍ଷୟ ବା ପରିବର୍ତ୍ତନ ହୁଏ ନାହିଁ । ତେଣୁ ବ୍ୟବହାର ହୋଇଥିବା ସମସ୍ତ ଡି. ଡି. ଟି. ଅପରିବର୍ତ୍ତିତ ଅବସ୍ଥାରେ ସାଗର ଗର୍ଭରେ ପଡ଼ି ରହିଛି । ଏହା ଅନେକ ବର୍ଷ ପର୍ଯ୍ୟନ୍ତ କ୍ଷତି କରୁଥିବ । ସମୁଦ୍ର କୂଳେ କୂଳେ ସାଧାରଣତଃ ବିଭିନ୍ନ ପ୍ରକାର ଶିଳ୍ପ ଗଢ଼ି ଉଠେ । ଏହି ଶିଳ୍ପ ତଥା କଳ କାରଖାନାର ଯାବତୀୟ ଆବର୍ଜନା ଅଧିକାଂଶ କ୍ଷେତ୍ରରେ ସମୁଦ୍ର ଗର୍ଭକୁ ଛାଡ଼ି ଦିଆଯାଏ । ତଦ୍ୱାରା ସାମୁଦ୍ରିକ ଜୀବମାନଙ୍କର ପ୍ରଭୂତ କ୍ଷତି ଘଟେ ।

୩ । ବିଗତ ଦଶନ୍ଧିରେ ସାମୁଦ୍ରିକ ଜୀବମାନଙ୍କ ପ୍ରତି ନୂଆ ନୂଆ ବିପଦ ଦେଖା ଦେଇଛି । ଆଜିକାଲି ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପ୍ରକାର ମାରଣାସ୍ତ୍ର ପ୍ରସ୍ତୁତି ଚାଲିଛି । ଏଗୁଡ଼ିକ ସାଧାରଣତଃ ଗଭୀର ସମୁଦ୍ର ଜଳରେ ପରୀକ୍ଷା କରାଯାଏ । ଆହୁରି ବିଭିନ୍ନ ଆଟମିକ୍ ରିଆକ୍ଟରର ଆବର୍ଜନା ସମୁଦ୍ରକୁ ଛାଡ଼ି ଦିଆଯାଏ । ଏହା ମଧ୍ୟ ସାମୁଦ୍ରିକ ଜୀବମାନଙ୍କ ପ୍ରତି କ୍ଷତି କାରକ । କାରଣ ଏହି ଆବର୍ଜନା ତେଜସ୍କ୍ରିୟ ଦ୍ରବ୍ୟରେ ପରିପୂର୍ଣ୍ଣ ହୁଏ ।

ଏ ସବୁକୁ ଛାଡ଼ି ଦେଲେ ବିଭିନ୍ନପ୍ରକାର ପ୍ଲାଷ୍ଟିକ ଦ୍ରବ୍ୟ ଓ ନାଇଲନ ଜାଲ ଇତ୍ୟାଦି ସାମୁଦ୍ରିକ ଜୀବମାନଙ୍କ ପ୍ରତି ଏକ ବଡ଼ ସଙ୍କଟ ରୂପେ ଦେଖାଦେଇଛି । ବ୍ୟବହାର ପାଇଁ ଅନୁପଯୁକ୍ତ ଛିଣ୍ଡାନେକଡ଼ା ଜାଲ ଗୁଡ଼ାକୁ ମାଛ ଧରାଳିମାନେ ସାଧା… ସମୁଦ୍ର ଭିତରକୁ ନିକ୍ଷେପ କରନ୍ତି । ଜାଲ ଗୁଡ଼ିକ ନାଇ… ପ୍ରସ୍ତୁତ ହୋଇଥିବାରୁ ଏହାର ବିଶେଷ କ୍ଷୟ କ୍ଷତି ଘଟେ … ଏହି ଜାଲରେ ବେଳେ ବେଳେ ବଡ଼ ବଡ଼ ମାଛ ଓ ଅ… ସାମୁଦ୍ରିକ ଜୀବମାନେ ଛନ୍ଦି ହୋଇ ଅକାଳ ମୃତ୍ୟୁ ବରଣ … ତେଣୁ ନାଇଲନ ଜାଲ ସାମୁଦ୍ରିକ ଜୀବମାନଙ୍କ ପାଇଁ ବେ… ସଙ୍କଟ ପରିସ୍ଥିତି ଉପୁଜେଇଛି ।

ନିକଟରେ ହାୱାଇ ବିଶ୍ୱବିଦ୍ୟାଳୟରେ ପ୍ରାୟ … ବୈଜ୍ଞାନିକ ଏକ ସଭାରେ ବସି ଏହାର ପ୍ରତିକାର ପାଇଁ ଆ… କରିଥିଲେ । ସେତିକିବେଳେ ଗୋଟିଏ ହିସାବରୁ ଜଣା… ପୃଥିବୀରେ ପ୍ରାୟ ୫୨ ନିୟୁତ ପାଉଣ୍ଡ ପ୍ଲାଷ୍ଟିକ ଦ୍ରବ୍ୟ … ନିୟୁତ ପାଉଣ୍ଡ ନାଇଲନ୍ ଜାଲ, ଦଉଡ଼ି ଓ ଅନ୍ୟାନ୍ୟ ପ୍ଲାଷ୍ଟି… ପ୍ରତିବର୍ଷ ସମୁଦ୍ର ଗର୍ଭରେ ପତିତ ହେଉଅଛି । ଏହି… ଗୁଡ଼ିକର ବିଶେଷ କିଛି କ୍ଷୟକ୍ଷତି ନ ହୋଇ ଯୁଗ ଯୁଗ ଧ… ରହିବାଦ୍ୱାରା ବିଭିନ୍ନ ପ୍ରକାରରେ ସାମୁଦ୍ରିକ ଜୀବମାନଙ୍କ… ଘଟାଏ ।

ବୈଜ୍ଞାନିକମାନଙ୍କ ମତରେ ଏହାର ପ୍ରତିକାର … ଆବଶ୍ୟକ । ତା ନ ହେଲେ ସାଗର ଆଉ ରତ୍ନାକର ହୋ… ନାହିଁ, ପାଲଟିବ ମରୁସାଗର ।

---


ରେଞ୍ଜ ଇନ୍‌ଭେଷ୍ଟିଗେସନ ଅଫିସର,
କୁଁନିକାଲ ଇନ୍‌ଭେଷ୍ଟିଗେସନ ଲାବରେଟୋରୀ,
(କେନ୍ଦ୍ରାଞ୍ଚଳ) ଖପୁରିଆ, କଟକ–୧୦

ପଣ୍ଡିତ ଜବାହାରଲାଲଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ହୋଇ ଭାରତ ବର୍ଷ ଏକ ହେଲା । ପ୍ରଥମ ହୋଇ ଭାରତ ବର୍ଷ ଜାତୀୟ କ୍ଷେତ୍ରରେ ଓ ଶାସନ କ୍ଷେତ୍ରରେ ଏକ ରାଷ୍ଟ୍ରରେ ପରିଣତ ହେଲା ଏବଂ ଏ ରାଷ୍ଟ୍ରର ଚାରୋଟି ନିର୍ଦ୍ଦିଷ୍ଟ ନୀତି ରହିଲା । ତାହା ହେଲା; ଜାତୀୟତା, ଧର୍ମ ନିରପେକ୍ଷତା, ଗଣତନ୍ତ୍ର ଓ ସମାଜବାଦ । ଜାତୀୟତାର ସ୍ତମ୍ଭ ଉପରେ ଭାରତୀୟ ସମ୍ବିଧାନର ସୌଧ ନିର୍ମାଣ କରାଯାଇଛି । ଜାତୀୟତାର ସ୍ତମ୍ଭ ଦୋହଲି ଗଲେ ସମଗ୍ର ଭାରତବର୍ଷ ଦୋହଲି ଯିବ । ଜାତୀୟତା ବିପନ୍ନ ହେଲେ ଧର୍ମ ନିରପେକ୍ଷତା ଓ ଗଣତନ୍ତ୍ର ରହିବ ନାହିଁ । ଜାତୀୟତା ବିପନ୍ନ ହେଲେ ସମାଜବାଦ କଦାପି ସମ୍ଭବ ନୁହେଁ । ସମସ୍ତଙ୍କ ମନରେ, ଧ୍ୟାନରେ ଏବଂ କାର୍ଯ୍ୟରେ ଜାତୀୟତାଭାବ ରହିବା ଆବଶ୍ୟକ ।

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**



# ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା




Vol. XLIII No. 11 UTKAL PRASANGA Regd No. O-05/
Licence No. C. R. N. P. 5—Licensed to post without Pre-Payment



ପୁରୀ ସାହି-ଯାତ୍ରାର ମହାଦେବ ବେଶ ....

PRINTED AT ORISSA GOVERNMENT PRESS, CUTTACK-10



ଉତ୍କଳ ପ୍ରସଙ୍ଗ
ବିଶେଷାଙ୍କ